# ଧରିତ୍ରୀ
DHARITRI

ଶନିବାର, ଏପ୍ରିଲ ୧୧/୨୦୨୦ (୨୪ ପୃଷ୍ଠା) | Saturday, April 11/2020

୪୬ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅନ୍‌ଲାଇନ୍‌ରେ ବ୍ଲିଜ୍ ଖେଳୁଛନ୍ତି ସାଇନା ସାଲୋନିକା**
କୋଭିଡ୍-୧୯ ପାଇଁ ଲକ୍‌ଡାଉନ୍ ଚାଲିଥିବାରୁ ଘରେ ରହି ଅନ୍‌ଲାଇନ୍‌ରେ ବ୍ଲିଜ୍ ଟୁର୍ନାମେଣ୍ଟ ଖେଳୁଛନ୍ତି ଚେସ୍ ଖେଳାଳି ସାଇନା ସାଲୋନିକା । ୨୪

୦୮ **ରୋଷେଇ ଜାଣିଥିବା ବ୍ୟକ୍ତି ୟାମିଙ୍କ ପସନ୍ଦ**
ଯିଏ ଭଲ ରୋଷେଇ ଜାଣିଥିବେ ଓ ଭଲ ଆନନ୍ଦଦାୟକ କଥା କହିପାରୁଥିବେ ସେମିତି ଜୀବନସାଥି ମୋର ପସନ୍ଦ ବୋଲି ବଲିଉଡ୍ ବିୟୁଟି ୟାମି ଗୌତମ କହିଛନ୍ତି ।



# ଦୁଇ ଶିଶୁକନ୍ୟା କରୋନା ଆକ୍ରାନ୍ତ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

ଭାଇରସ୍ କୋଭିଡ୍-୧୯ ସାଧାରଣତଃ ଅଧିକ ବୟସର ବ୍ୟକ୍ତିଙ୍କଠାରେ ସର୍ବାଧିକ ଠାବ କରାଯାଇଥିବାବେଳେ ଯୁବକ ଓ ଏବେ ଶିଶୁଙ୍କୁ ସଂକ୍ରମଣ ହୋଇଛି। ପ୍ରଥମଥର ରାଜ୍ୟର ୨ଜଣ ଶିଶୁକନ୍ୟା କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଗୁରୁବାର ଓଡ଼ିଶାର ୬ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମେ ୨ଜଣଙ୍କ ସଂକ୍ରାନ୍ତରେ ତଥ୍ୟ ଦିଆଯାଇଥିବାବେଳେ ଶୁକ୍ରବାର ଅନ୍ୟ ୪ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି କରିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ଏମାନଙ୍କ ମଧ୍ୟରୁ ଜଣେ କଳାହାଣ୍ଡିର ହୋଇଥିବାବେଳେ ଅନ୍ୟ ତିନିଜଣ ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ଦୁଇ ଶିଶୁକନ୍ୟା ଓ ଜଣେ ମହିଳା ରହିଛନ୍ତି। ଜଣେ ଶିଶୁର ବୟସ ୫ ଓ ଅନ୍ୟଜଣଙ୍କର ୯ ବର୍ଷ। ସେହିଭଳି ଉକ୍ତ ପରିବାରର ମହିଳାଙ୍କ ବୟସ ୩୭ବର୍ଷ ହୋଇଥିବାବେଳେ ଏମାନେ ଝାରପଡ଼ାରୁ ପ୍ରଥମ ଚିହ୍ନଟ ହୋଇଥିବା ୪୨ ନଂ. ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆକ୍ରାନ୍ତମାନଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଅନୁସାରେ, ସମ୍ପୃକ୍ତ ଶିଶୁ କନ୍ୟାଙ୍କ ସହ ମହିଳା ଜଣକ ୨୨ ମାର୍ଚ୍ଚରୁ ୩ ଏପ୍ରିଲ୍ ଯାଏ ଝାରପଡ଼ା ଆକ୍ରାନ୍ତଙ୍କ ସହ ଘରେ ରହିଥିଲେ। ଏପ୍ରିଲ ୪ ଓ ୫ରେ ଡାକ୍ତରୀ ପରୀକ୍ଷା ପାଇଁ ତାଙ୍କ ସହ ଏମ୍ସ ଯାଇଥିଲେ। ପରେ ୬ରୁ ୯ ତାରିଖ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ୮ ତାରିଖରେ କଣ୍ଟାକ୍ଟ ଟ୍ରେସିଂରେ ସେମାନଙ୍କ ନମୁନା ପରୀକ୍ଷଣ ପାଇଁ ନିଆଯାଇଥିଲା। ୯ ତାରିଖରେ ନମୁନା ପଜିଟିଭ୍ ଆସିବାପରେ ୧୦ ତାରିଖରେ ସେମାନଙ୍କୁ କିମ୍ସ କୋଭିଡ୍-୧୯ ହସ୍ପିଟାଲକୁ ପଠାଇ ଦିଆଯାଇଛି।

**ରାଜ୍ୟର ପ୍ରଥମ ଘଟଣା**

- **୪ କରୋନା ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଜାରିକଲା ସ୍ୱାସ୍ଥ୍ୟ ବିଭାଗ**
- **ଝାରପଡ଼ା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ପରିବାରର ୩ଜଣ**
- **କଳାହାଣ୍ଡିର ପ୍ରଥମ ଆକ୍ରାନ୍ତଙ୍କ ସହ ମିଶିଥିଲେ ୨୦ବର୍ଷୀୟ ଯୁବକ**

ସେହିପରି କଳାହାଣ୍ଡିର ଦ୍ୱିତୀୟ ତଥା ରାଜ୍ୟର ୪୫ ନଂ. ଆକ୍ରାନ୍ତ ହେଉଛନ୍ତି ଗୋଲ୍‌କୁଣ୍ଡାର ଜଣେ ୨୦ବର୍ଷୀୟ ଯୁବକ। ସେ ଗତ ମାର୍ଚ୍ଚ ୨୦ ଓ ୨୧ ଅପରାହ୍ନରେ ବେହେରାଗୁଡ଼ା ଗ୍ରାମରେ ସାଙ୍ଗମାନଙ୍କ ସଂସ୍ପର୍ଶରେ ଆସିଥିଲେ। ମାର୍ଚ୍ଚ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଘରେ ଥିଲେ। ୨୫ ତାରିଖରେ ଗାଁରେ ଥିବା ଗ୍ରସେରି ଦୋକାନକୁ ଯାଇଥିଲେ। ମାର୍ଚ୍ଚ ୨୬ରୁ ୩ ଏପ୍ରିଲ୍ ଯାଏ ସେ କୁଆଡେ ବି ଯାଇ ନ ଥିଲେ। ତେବେ କଳାହାଣ୍ଡିର ପ୍ରଥମ କରୋନା ଆକ୍ରାନ୍ତ ତଥା ବାହାରିନ୍‌ରୁ ଆସିଥିବା ଯୁବକଙ୍କ



ସଂସ୍ପର୍ଶରେ ଆସିଥିଲେ। ଏହା ଜଣାପଡିବା ପରେ ଗତ ୫ ତାରିଖରେ ଶୋସିଆସ୍ଥିତ ଇନ୍‌ଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ଏହି ସମୟରେ ତାଙ୍କର ନମୁନା ପରୀକ୍ଷଣ ପାଇଁ ନିଆଯାଇଥିଲା। ୯ ତାରିଖରେ ରିପୋର୍ଟ ପଜିଟିଭ୍ ଆସିବା ପରେ ୧୦ ତାରିଖରେ ତାଙ୍କୁ କଟକ ଅଶ୍ୱିନୀ କୋଭଡ୍-୧୯ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଟ୍ରାଭେଲ୍ ହିଷ୍ଟ୍ରିରୁ ଜଣାପଡ଼ିଛି।

## ୧୩ରୁ ଏମ୍‌କେସିଜି, ୧୫ରୁ ଭିମ୍‌ସାରରେ କରୋନା ନମୁନା ପରୀକ୍ଷା

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

ରାଜ୍ୟରେ ଅଧିକ କୋଭିଡ୍-୧୯ ପରୀକ୍ଷା କ୍ଷମତା ବୃଦ୍ଧି ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ କୋଭିଡ୍ ପରୀକ୍ଷା ପାଇଁ ଆଇସିଏମ୍ଆର୍‌ର ଅନୁମୋଦନ ମିଳିଛି। ଏଠାରେ ଆସନ୍ତା ୧୩ ତାରିଖରୁ ପରୀକ୍ଷଣ ଆରମ୍ଭ ହେବ। ପ୍ରାଥମିକ ପର୍ଯ୍ୟାୟରେ ଦିନକୁ ୨୫ ନମୁନା ପରୀକ୍ଷଣର ବ୍ୟବସ୍ଥା ହୋଇଛି। କଟକ ଏସ୍‌ସିବି ପରେ ଏହା ରାଜ୍ୟର ଦ୍ୱିତୀୟ କୋଭିଡ ନମୁନା ପରୀକ୍ଷଣ ଥିବା ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ। ବିଶେଷକରି ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏଠାରେ ପରୀକ୍ଷଣ ସୁବିଧା ଉପଲବ୍ଧ ହେବ। ସେହିପରି ବୁର୍ଲା ଭିମ୍‌ସାରରେ ଆସନ୍ତା ୧୫ ତାରିଖରୁ ନମୁନା ପରୀକ୍ଷଣ ଆରମ୍ଭ ହେବ। ଏଠାରେ ମଧ ୨୫ ନମୁନା ପରୀକ୍ଷଣ ବ୍ୟବସ୍ଥା ରହିଛି ବୋଲି ସୂଚନା ଓ ଲୋକ ସମ୍ପର୍କ ସଚିବ ସଞ୍ଜୟ ସିଂ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ କରୋନା ମୁକାବିଲା ପାଇଁ ରାଜ୍ୟ ☞ପୃଷ୍ଠା-୪

- **ଆର୍‌ଏମ୍‌ଆର୍‌ସିରେ ସ୍ଥାପନ ହେଲା ଅତ୍ୟାଧୁନିକ କୋବାସ୍ ମେଶିନ**
- **ଦିନକୁ ୧୧୨୫କୁ ବୃଦ୍ଧି ପାଇଲା ନମୁନା ପରୀକ୍ଷା କ୍ଷମତା**
- **ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସକୁ ମଧ ମିଳିଛି ଅନୁମତି**

## ଆଉ ୨ କରୋନା ସଂକ୍ରମିତ ଚିହ୍ନଟ, ସୁସ୍ଥ ହେଲେ ୧୦

ଭୁବନେଶ୍ୱର, ୧୦।୪

ରାଜ୍ୟରେ ଶୁକ୍ରବାର ଆଉ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରେ ପହଞ୍ଚିଛି। ନୂଆ ୨ ସଂକ୍ରମିତଙ୍କ ସମ୍ପର୍କରେ କୌଣସି ତଥ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇନାହିଁ। ଅପରପକ୍ଷରେ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ସଂକ୍ରମିତଙ୍କ ମଧ୍ୟରୁ ଶୁକ୍ରବାର ୧୦ଜଣ ସୁସ୍ଥ ହୋଇଛନ୍ତି। ସେମାନଙ୍କ ନମୁନା ରିପୋର୍ଟ ନେଗେଟିଭ୍ ରହିଛି। ସୁସ୍ଥ ବ୍ୟକ୍ତିଙ୍କ ମଧ୍ୟରେ ଭୁବନେଶ୍ୱରର ୫ଜଣ ଥିବାବେଳେ ଭଦ୍ରକର ୨, କଟକ, ଯାଜପୁର ଏବଂ ପୁରୀର ଜଣେ ଲେଖାଏ ଅଛନ୍ତି। କରୋନା ସଂକ୍ରମିତଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ସରକାର ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଯେ, ପୂର୍ବରୁ ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ସୁସ୍ଥ ହୋଇ ପୂର୍ବରୁ ଘରକୁ ଫେରିଥିଲେ।

## ଘରୋଇ ସ୍କୁଲ ଫି କମାଅ ନଚେତ୍ ସ୍ଥଗିତ ରଖ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

କରୋନା ପାଇଁ ସାରା ବିଶ୍ୱ ସଙ୍କଟ ଦେଇ ଗତି କରୁଛି। ଲକ୍‌ଡାଉନ୍ ଯୋଗୁ ଲୋକେ କାମଧନ୍ଦା ବନ୍ଦ କରି ଘରେ ରହୁଛନ୍ତି। ଦୋକାନ, ବଜାର, କଳକାରଖାନା ସହ ଅର୍ଥ ଉପାର୍ଜନର ସବୁ ବାଟ ଏବେ ବନ୍ଦ ହୋଇଯାଇଛି। ଏହି ପରିସ୍ଥିତିରେ ପିଲାଙ୍କ ସ୍କୁଲ୍ ଫିଂକୁ ନେଇ ଅଭିଭାବକଙ୍କ ଚିନ୍ତା ବଢ଼ିଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ସହାନୁଭୂତି ଦେଖାଇବାକୁ କହିଛନ୍ତି। ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ପିଲାଙ୍କ ସ୍କୁଲ ଫି କମାଅ ନଚେତ୍ ସ୍ଥଗିତ ରଖ ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଅପିଲ୍ କରିଛନ୍ତି। କରୋନା ପାଇଁ ସାରା ଦେଶର ଆର୍ଥିକ ଅବସ୍ଥା ଦୋହଲି ଯାଇଥିବାବେଳେ ଏପରି ନିଷ୍ପତ୍ତି ଆର୍ଥିକ କ୍ଷତି ସହୁଥିବା ଅଭିଭାବକଙ୍କୁ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟ୍ୱିଟ୍ ଯୋଗେ କୁହାଯାଇଛି। କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ଯଥାସମ୍ଭବ ପଦକ୍ଷେପ ନେଉଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କରୋନା ଲଢ଼େଇର ଆଗରେ ବାବୁ**

# ଆତଙ୍କବାଦୀ ଶିବିରକୁ ସେନାର ଟାର୍ଗେଟ

- **ଏଲ୍‌ଓସିରେ ପ୍ରତିଶୋଧ ନେଲେ ଯବାନ**
- **ଜବାବୀ କାର୍ଯ୍ୟାନୁଷ୍ଠାନରେ ଲଞ୍ଚପ୍ୟାଡ୍ ଧ୍ୱଂସ**



ଭାରତୀୟ ସେନା ପକ୍ଷରୁ ଜାରି ଆତଙ୍କବାଦୀଙ୍କ ଧ୍ୱସ୍ତବିଧ୍ୱସ୍ତ ଲଞ୍ଚପ୍ୟାଡ୍‌ର ଦୃଶ୍ୟ ।

ନୂଆଦିଲ୍ଲୀ,୧୦।୪

ଘାତକ ମହାମାରୀ କରୋନା ବିରୋଧରେ ଦେଶବାସୀ ଲଢ଼େଇ କରୁଥିବାବେଳେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଅନୁପ୍ରବେଶ ଉଦ୍ୟମ ମହଙ୍ଗା ପଡ଼ିଛି। ଭାରତୀୟ ସେନା ଶୁକ୍ରବାର ଜମ୍ମୁ-କଶ୍ମୀରର କୁପଓ୍ୱାଡ଼ା ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା(ଏଲ୍‌ଓସି)ରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଏଥିରେ କେରାନ ସେକ୍ଟରସ୍ଥିତ ଏକାଧିକ ଲଞ୍ଚପ୍ୟାଡ୍ ଓ ଅସ୍ତ୍ରଶସ୍ତ୍ର ମହଜୁଦ ସ୍ଥାନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ତେବେ ସେନାର ଏହି ଜବାବୀ କାର୍ଯ୍ୟାନୁଷ୍ଠାନରେ କେତେ ଆତଙ୍କବାଦୀ ନିହତ ହୋଇଛନ୍ତି ସେନେଇ କିଛି ସ୍ପଷ୍ଟ ହୋଇନାହିଁ।

କେରାନ ସଂଲଗ୍ନ ଏଲ୍‌ଓସିରେ ଗତ ଶନିବାର ଆତଙ୍କବାଦୀମାନେ ଅନୁପ୍ରବେଶ ଉଦ୍ୟମ କରିଥିଲେ। ଦୁଇଦିନ ଧରି ଚାଲିଥିବା ଗୁଳି ବିନିମୟ ବେଳେ ୯ ଆତଙ୍କବାଦୀ ନିହତ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୫ ଯବାନ ଶହୀଦ ହୋଇଥିଲେ। ଇତିମଧ୍ୟରେ ପାକିସ୍ତାନୀ ସେନା ମଧ୍ୟ ଗୁଳିଗୋଳା ବର୍ଷଣ ଜାରି ରଖି ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ଏହାର ଜବାବ ଦେବାକୁ ଯାଇ ଭାରତୀୟ ସେନା ଶୁକ୍ରବାର ସକାଳେ ଆତଙ୍କବାଦୀଙ୍କ ଶିବିର ଉପରେ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରିଛି। ଏଥିରେ ଅନ୍ୟୂନ ଗୋଟିଏ ଲଞ୍ଚପ୍ୟାଡ୍ ଧ୍ୱଂସ ହୋଇଯାଇଛି।

# ଗୁରୁତର ସଙ୍କଟରେ ଆମେରିକାର ଖବରକାଗଜ ଶିଳ୍ପ

ନ୍ୟୁୟର୍କ,୧୦।୪

କରୋନା ଭାଇରସ୍ ସଂକ୍ରମଣ ଖବର ସାଉଁଟିବାକୁ ପ୍ରବଳ ଆଗ୍ରହ ଦେଖାଉଥିବା ଆମେରିକା ସାମ୍ବାଦିକଙ୍କ ପାଇଁ ଏବେ ବିପଦ ଘନେଇ ଆସିଛି। ଏହା ଖବରକାଗଜ ଶିଳ୍ପ ପ୍ରତି ଏକ ବଡ଼ ବିଡ଼ମ୍ବନା ବୋଲି କୁହାଗଲାଣି। ବର୍ତ୍ତମାନ ପରିପ୍ରେକ୍ଷୀରେ ପାଠିକାପାଠକଙ୍କ ନିକଟରେ ଖବରଦାତାଙ୍କ ରିପୋର୍ଟ ପଢ଼ିବାର ଚାହିଦା ବଢ଼ିଯାଇଥିଲେ ହେଁ ଖବରକାଗଜ ଶିଳ୍ପ ଆର୍ଥିକ ଦୁର୍ଦ୍ଦିନରେ ପଡ଼ିଯାଇଛି। ଗଣମାଧ୍ୟମର ମୁଖ୍ୟ ଆୟର ଉତ୍ସ ବିଜ୍ଞାପନ କମିଯାଇଥିବାରୁ ଏଭଳି ଅବସ୍ଥା ଦେଖାଦେଇଛି ବୋଲି ରିପୋର୍ଟ ପ୍ରକାଶ ପାଇଛି।

କରୋନା ଭୂତାଣୁ ସମଗ୍ର ବିଶ୍ୱକୁ କବଳିତ କରିଥିବାରୁ ପାଠିକାପାଠକ ଏ ସଂକ୍ରାନ୍ତ ଖବର ଜାଣିବା ସକାଶେ ଖବରକାଗଜ ଓ ନ୍ୟୁଜ୍ ସାଇଟ୍ ଉପରେ ନିର୍ଭର କରୁଛନ୍ତି। ହେଲେ ଗଣମାଧ୍ୟମର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡ଼ିଥିବାରୁ ସଂସ୍ଥାଗୁଡ଼ିକ ସାମ୍ବାଦିକଙ୍କୁ ଛଟେଇ କରୁଛନ୍ତି, ଫଳରେ ସେମାନଙ୍କ ଜୀବିକା ପ୍ରତି ବିପଦ ଦେଖାଦେଇଛି।



- **କରୋନା ମାଡ଼ରେ ସାମ୍ବାଦିକଙ୍କ ଜୀବିକା ବିପନ୍ନ**
- **ବିଜ୍ଞାପନ ହ୍ରାସ ଚିନ୍ତା ବଢ଼ାଇଛି**
- **ଅନ୍‌ଲାଇନ୍ ଖବର ପ୍ରତି ବଢ଼ୁଛି ଆଗ୍ରହ**

ଏପରି କି ନାମକରା ଖବରକାଗଜଗୁଡ଼ିକ ସେମାନଙ୍କ ପ୍ରିଣ୍ଟିଂ ବନ୍ଦ କରିଦେଇ ଡିଜିଟାଲ ମଞ୍ଚକୁ ଆବୋରି ନେଲେଣି। ଖର୍ଚ୍ଚ ଅସମ୍ଭାଳ ହୋଇପଡ଼ିଛି। କାରଣ ବିଜ୍ଞାପନ ଦ୍ରୁତଗତିରେ କମିଯାଇଛି। ମୁଦ୍ରଣ କରିବା ଲାଗି ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହେଉଥିବାରୁ ପ୍ରିଣ୍ଟ ମିଡିଆ ସଙ୍କଟ ଦେଇ ଗତିକଲାଣି।

କରୋନା ଭୂତାଣୁ ଆମେରିକାର ଲୁଇସିଆନା ପ୍ରଦେଶରେ ଘୋର ବିପତ୍ତି ଆଣିଥିବାରୁ ସେଠାକାର 'ଦି ଟାଇମ୍ସ ପିକାୟୁନ୍' ତା'ର ୪୦୦ କର୍ମଚାରୀଙ୍କ ମଧ୍ୟରୁ ୧୦ ପ୍ରତିଶତଙ୍କୁ ଛୁଟି ଦେଇଦେଇଛି। ଅନ୍ୟମାନଙ୍କୁ ସପ୍ତାହରେ ୪ ଦିନ କାମ କରିବାକୁ କହିଛି। ସେହିପରି ଓହିଓ ପ୍ରଦେଶର କ୍ଲେଭେଲାଣ୍ଡସ୍ଥିତ ଦୈନିକ ଖବରକାଗଜ 'ଦି ପ୍ଲେନ୍ ଡିଲର' ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖବର ସଂଗ୍ରହ କରୁଥିବା ଖବରଦାତାଙ୍କ ସମେତ ନ୍ୟୁଜରୁମ୍‌ରେ କାମ କରୁଥିବା ୨୨ ଜଣ କର୍ମଚାରୀଙ୍କୁ ଛଟେଇ କରିଦେଇଛି। ଅନୁରୂପ ଭାବେ ସିଆଟେଲ୍‌ର 'ଦି ଉଇକ୍‌ଲି ଷ୍ଟ୍ରେଞ୍ଜର' ପତ୍ରିକା ତା'ର ୧୮ ଜଣ କର୍ମଚାରୀଙ୍କୁ ସାମୟିକ ଭାବେ ବିଦା କରିଦେବା ପରେ ପ୍ରକାଶନକୁ ବନ୍ଦ କରିଦେଇଛି। କେତେକ ସ୍ଥାନୀୟ ଖବରକାଗଜ ସଂସ୍ଥାର ମାଲିକମାନେ କହିଲେଣି ଯେ, କରୋନା ଯୋଗୁ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଆହୁରି ଭାଙ୍ଗିପଡ଼ିଛି। ସେମାନେ ଖବରକାଗଜ କିମ୍ବା ପତ୍ରିକା ବାହାର କରିବାକୁ ଅସମର୍ଥ ହୋଇପଡ଼ିଛନ୍ତି। ଏପରି କି କେତେକ ବିଶେଷଜ୍ଞ ମତ ଦେଲେଣି ଯେ, ଆଗକୁ ପରିସ୍ଥିତିରେ ସୁଧାର ଆସିବ ବୋଲି ସେମାନେ ଅନୁମାନ ଲଗାଇପାରୁ ନାହାନ୍ତି। ଆସନ୍ତା ଦିନଗୁଡ଼ିକରେ ପ୍ରିଣ୍ଟମିଡିଆ ଡଜନ୍ ନୁହେଁ, ଶହ ଶହ ସଂଖ୍ୟାରେ ବନ୍ଦ ହେବ ବୋଲି ଆଶଙ୍କା ଉପୁଜିଲାଣି। ପ୍ରଖ୍ୟାତ ସାମ୍ବାଦିକ, ଲେଖିକା ତଥା ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନାର ଜର୍ନାଲିଜିମ୍ ଆଣ୍ଡ୍ ଡିଜିଟାଲ ମିଡିଆ ଇକୋନମିକ୍ସର ନାଇଟ୍ ଚେୟାର ଥିବା ପେନି ଏବର୍ନାଥି ଭବିଷ୍ୟବାଣୀ କଲେଣି ଯେ, ମିଡିଆ ଉପରେ ଘୋର କଳାବାଦଲ ଦେଖାଦେଲାଣି ଏବଂ ଆଗକୁ ଅନେକ ଖବରକାଗଜ ଓ ୱେବ୍‌ସାଇଟ୍ ବନ୍ଦ ହୋଇଯିବ।

ବିଶେଷଜ୍ଞମାନେ ଆକଳନ କଲେଣି ଯେ ଆର୍ଥିକ ବୋଝରେ ନଇଁପଡ଼ିଥିବା ଛୋଟ ମିଡିଆ ହାଉସ୍ ପ୍ରଥମେ ଲୋପ ପାଇଯିବେ। କରୋନା ଭାଇରସ୍‌ର ପ୍ରଭାବ ପଡ଼ିବା ପୂର୍ବରୁ ମଧ ଗଣମାଧ୍ୟମ ଶିଳ୍ପ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରିଆସୁଛି। ଆମେରିକାରେ ୨୦୦୪ରୁ ୨୦୧୮ ☞ପୃଷ୍ଠା-୪

# ମୃତ୍ୟୁସଂଖ୍ୟା ଲକ୍ଷେ ଟପିଲା

ୱାଶିଂଟନ/ରୋମ୍/ ଲଣ୍ଡନ,୧୦।୪

**ବିଶ୍ୱରେ ୧୬.୫୦ ଲକ୍ଷ କରୋନା ସଂକ୍ରମିତ**

କରୋନା ଭୂତାଣୁ ଯୋଗୁ ବିଶ୍ୱବ୍ୟାପୀ ମୃତ୍ୟୁସଂଖ୍ୟା ଲକ୍ଷେ ଟପିଛି। ୧୬.୫୦ ଲକ୍ଷ ଲୋକ ଏହି ଭୂତାଣୁ କବଳରେ ଅଛନ୍ତି। ଶୁକ୍ରବାର ମୋଟ ୪,୫୭୦ ଲୋକଙ୍କ ଜୀବନ ଯାଇଥିବା ବେଳେ ୪୪ ହଜାର ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଆମେରିକାରେ କେବଳ ୪.୭୮ ଲକ୍ଷ ବ୍ୟକ୍ତି ଆକ୍ରାନ୍ତ ଥିବା ବେଳେ ଏଠାରେ ମୃତ୍ୟୁସଂଖ୍ୟା ୧୯,୯୨୦କୁ ବୃଦ୍ଧିପାଇଛି। ମାତ୍ର ୨୪ ଘଣ୍ଟାରେ ଏଠାରେ ୧୦ ହଜାର ସଂକ୍ରମିତ ହୋଇଥିବା ବେଳେ ୧,୨୨୮ ଲୋକଙ୍କ ମୁଣ୍ଡ ଗଡ଼ିଛି। ସ୍ପେନ୍‌ରେ ଅଦ୍ୟାବଧି ୧୫,୯୭୦ ଜୀବନ ଯାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧.୫୭ ଲକ୍ଷରେ ପହଞ୍ଚିଛି। ଇଟାଲୀରେ ୧୮,୮୫୦ ଜଣଙ୍କ ମୃତ୍ୟୁ ଘଟିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୧.୪୭ ଲକ୍ଷ ଉପରେ ରହିଛି। ସ୍ପେନ୍ ଓ ଇଟାଲୀରେ ୨୪ ଘଣ୍ଟା ମଧ୍ୟରେ ହଜାରେରୁ ଅଧିକ ଜୀବନ ଯାଇଛି। ଫ୍ରାନ୍ସରେ ୧୨, ୨୧୦ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧.୧୭ ଲକ୍ଷରୁ ଊର୍ଦ୍ଧ୍ୱରେ ରହିଛି। ଜର୍ମାନୀରେ ୧.୨୦ ଲକ୍ଷ କରୋନା ଆକ୍ରାନ୍ତ ହୋଇଥିବା ବେଳେ ୨,୬୦୭ ଜୀବନ ଗଲାଣି। ଚାଇନାରେ ୮୧ ହଜାର ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ୩,୩୩୬ ରହିଛି। ଇରାନରେ ୬୮ ହଜାର ଆକ୍ରାନ୍ତ ରହିଥିବା ବେଳେ ମଲେଣି ୪,୨୩୨। ବ୍ରିଟେନ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ଏଠାରେ ମୃତ୍ୟୁସଂଖ୍ୟା ବଢ଼ି ୮,୯୫୮ ରହିଛି। ସଂକ୍ରମିତଙ୍କ ସଂଖ୍ୟା ୭୦ ହଜାର ଉପରେ ରହିଛି। ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ବେଲଜିୟମରେ ୩,୦୧୯, ତୁର୍କୀରେ ୯୦୮, ନେଦରଲାଣ୍ଡରେ ୨,୫୧୧, ବ୍ରାଜିଲରେ ୯୭୫, ସ୍ୱିଡେନରେ ୮୭୦ ମୁଣ୍ଡ ଗଡ଼ିଲାଣି। ୨୦୯ ଦେଶକୁ କରୋନା ଭୂତାଣୁ କବଳିତ କରି ରଖିଥିବା ବେଳେ ପରିସ୍ଥିତି ବିଷମୟ ହୋଇପଡ଼ିଛି। ସାମାଜିକ ଦୂରତ୍ୱ ରକ୍ଷା ସହ ଲକ୍‌ଡାଉନ୍ କଟକଣା ମାନିବାକୁ ପରାମର୍ଶ ଦିଆଯାଇଛି।

ଧରିତ୍ରୀ
DHARITRI
ଶନିବାର, ୧୧ ଏପ୍ରିଲ, ୨୦୨୦

**ସାର୍କ କରୋନା ପାଣ୍ଠିକୁ ଅର୍ଥ ଦେବାରେ ପାକ୍‌ର ବିଳମ୍ବ**

କୋଭିଡ୍-୧୯ ମୁକାବିଲା ଲାଗି ଗଠିତ ସାର୍କ ଜରୁରୀ ପାଣ୍ଠିକୁ ଅର୍ଥ ପ୍ରଦାନ କରିବାରେ ପାକିସ୍ତାନ ବିଳମ୍ବ କରୁଥିବାରୁ ଭାରତ ଏହାର ସମାଲୋଚନା କରିଛି। ୩ ନିୟୁତ ଡଲାର ଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ଇସ୍‌ଲାମାବାଦ ଏପର୍ଯ୍ୟନ୍ତ ତାହା ପୈଠ କରିନାହିଁ। ପାକ୍‌ର ବ୍ୟବହାରରୁ କରୋନା ମୁକାବିଲା କ୍ଷେତ୍ରରେ ଏହାର ଗମ୍ଭୀରତା ସ୍ପଷ୍ଟ ହେଉଛି ବୋଲି ନୂଆଦିଲ୍ଲୀ କହିଛି।



# ସର୍ଭିଲାନ୍ସ ଜରିଆରେ ପ୍ରିଭେସି ଉଲ୍ଲଂଘନ

## କରୋନା ବିରୋଧୀ ଲଢ଼େଇ ପାଇଁ ଟେକ୍ନୋଲୋଜି ପ୍ରୟୋଗ




ଅଦୃଶ୍ୟ ରାକ୍ଷସ କରୋନା ବିଶ୍ୱର ୨୦୯ ରାଷ୍ଟ୍ରକୁ କବଳିତ କରିଛି। ଏହି ଘାତକ ଭୂତାଣୁ ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ଦେଶ ଭିନ୍ନ ଭିନ୍ନ ପନ୍ଥା ଆପଣାଇବାରେ ଲାଗିଛନ୍ତି। ଏହି କ୍ରମରେ ୨୫ଟି ଦେଶର ସରକାର କରୋନା ମୁକାବିଲା ଲାଗି ଅସ୍ଥାୟୀ କିମ୍ବା ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରୟାସ ଚଳାଇଛନ୍ତି। ସଂକ୍ରମିତଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ଭୂତାଣୁମୁକ୍ତ କରାଯାଉଥିବା ବେଳେ ଦେଶଗୁଡ଼ିକ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସେମାନଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ନ୍ୟୂନ କରିଦେଉଛି। କନ୍‌ଟେଣ୍ଟମେଣ୍ଟ ରଣନୀତି ପ୍ରସ୍ତୁତି ଓ କେଉଁ ଅଞ୍ଚଳକୁ ଫୋକସ୍ କରାଯିବ ତାହା ସ୍ଥିର କରିବା ପାଇଁ ସରକାରମାନଙ୍କୁ ସୂଚନା ଦରକାର। ଏଭଳି ସମୟରେ ସରକାରମାନେ ଏପରି ଏକ ପଦ୍ଧତି ଆପଣାଉଛନ୍ତି, ଯାହା ସଂକ୍ରମିତଙ୍କ ପ୍ରିଭେସିକୁ ବିପନ୍ନ କରୁଛି। ଉଦାହରଣସ୍ୱରୂପ ୯/୧୧ ଆକ୍ରମଣ ପରେ ଆମେରିକା ପାଟ୍ରିୟଟ ଆକ୍ଟ, ୨୦୦୧ ପ୍ରଣୟନ କରିଥିଲା। ଏହି ଆଇନ ସେଠାକାର ସରକାରୀ କର୍ତ୍ତୃପକ୍ଷଙ୍କୁ ସର୍ଭିଲାନ୍ସ କ୍ଷମତା ପ୍ରଦାନ କରିଥିଲା। ଉକ୍ତ ଆଇନ ବଳରେ କୋର୍ଟଙ୍କ ବିନା ଅନୁମତିରେ କୌଣସି ବ୍ୟକ୍ତିଙ୍କୁ ତାଙ୍କର ବ୍ୟକ୍ତିଗତ ତଥ୍ୟ ଦାବି କରାଯାଇପାରିବ। ୨୦ ବର୍ଷ ପରେ ମଧ୍ୟ ଏହି ଆଇନ ବଳବତ୍ତର ରହିଛି। ମହାମାରୀ କରୋନା ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ସର୍ଭିଲାନ୍ସ ଉପାୟର ତଥ୍ୟାବଳୀ ପ୍ରସ୍ତୁତ କରିବା ସକାଶେ ଅନ୍ତର୍ଜାତୀୟ ସଂସ୍ଥା 'ୱାନ୍ ଜିରୋ' ପକ୍ଷରୁ ୨୫ରୁ ଊର୍ଦ୍ଧ୍ୱ ଦେଶରୁ ସଂଗୃହୀତ ତଥ୍ୟକୁ ସଙ୍କଳିତ କରାଯାଇଛି, ଯେଉଁଠି ନାଗରିକଙ୍କ ପ୍ରିଭେସି ସହ ସାଲିସ କରାଯାଉଥିବା ଆଶଙ୍କା ସୃଷ୍ଟି ହୋଇଛି।

### ଆର୍ଜେଣ୍ଟିନା

ଆର୍ଜେଣ୍ଟିନାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଦେଶକୁ ପ୍ରବେଶ କରୁଥିବା ଲୋକଙ୍କ ପାଇଁ ଏକ ଆପ୍ ବିକଶିତ କରିଛି। ସେମାନଙ୍କୁ ଉକ୍ତ ଆପ୍ ଇନ୍‌ଷ୍ଟଲ୍ କରି ୧୪ ଦିନ ପାଇଁ ମୋବାଇଲରେ ରଖିବା ଲାଗି ବାଧ୍ୟ କରାଯାଉଛି। ୟୁଜର୍ସମାନଙ୍କ ଲୋକେଶନ ଡାଟା ଏଥିରୁ ମିଳିପାରୁଛି। ସେହି ଅବସ୍ଥିତି ତଥ୍ୟରୁ ସରକାର ଲୋକଙ୍କୁ ସକ୍ରିୟ ଭାବେ ଟ୍ରାକିଂ କରୁଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ସାଣ୍ଟା ଫେ ପ୍ରଦେଶରେ କ୍ୱାରାଣ୍ଟାଇନ୍ ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କୁ ସେମାନଙ୍କ ଅବସ୍ଥିତି ଜାଣିବା ପାଇଁ ଏହାକୁ ଡାଉନ୍‌ଲୋଡ୍ କରିବା ପାଇଁ ବାଧ୍ୟ କରାଯାଉଛି।

### ଅଷ୍ଟ୍ରେଲିଆ



କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ପାଇଥିବା ଲୋକେ ନିଜ ନିଜ ଘରେ ସରକାରୀ ସର୍ଭିଲାନ୍ସ ଡିଭାଇସ୍ ରଖିବେ। ନଚେତ୍ ସେମାନଙ୍କୁ ଇଲେକ୍ଟ୍ରୋନିକ୍ ସର୍ଭିଲାନ୍ସ ଉପକରଣ ପିନ୍ଧିବାକୁ ବାଧ୍ୟ କରାଯିବ ବୋଲି ୱେଷ୍ଟର୍ନ ଅଷ୍ଟ୍ରେଲିଆରେ ଏକ ନୂଆ ଆଇନ ପ୍ରଣୟନ କରାଯାଇଛି। ତେବେ ଅଷ୍ଟ୍ରେଲିଆ ସରକାର ସେଲ୍‌ଫୋନ୍‌ଭିତ୍ତିକ ଲୋକେଶନ ଟ୍ରାକିଂରୁ ସଂଗୃହୀତ ତଥ୍ୟକୁ ବ୍ୟବହାର ନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

### ଅଷ୍ଟ୍ରିଆ

ଏହିଦେଶରଏକଟେଲିକମ୍‌କମ୍ପାନୀଦୁଇଦିନଅବଧିରଅନାମୀକୃତଅବସ୍ଥିତି ତଥ୍ୟ ସରକାରଙ୍କୁ ପ୍ରଦାନ କରୁଛି। ସରକାର ତାକୁ ଦେଶ ଭିତରେ ଲୋକଙ୍କ ଗତିବିଧି ଉପରେ ବିଶ୍ଳେଷଣ ଲାଗି ବ୍ୟବହାର କରୁଛନ୍ତି। ୨୦ ଜଣରୁ କମ୍ ଗୋଷ୍ଠୀର ତଥ୍ୟ ବିଶ୍ଳେଷଣ କରିବାକୁ ଏହି ତଥ୍ୟ ଅକ୍ଷମ ଥିବା କୁହାଯାଉଛି।

### ବେଲ୍‌ଜିୟମ୍

ବେଲ୍‌ଜିୟମ୍‌ର ୩ଟି ଟେଲିକମ୍ ଡାଲବର୍ଗ ଡାଟା ଇନ୍‌ସାଇଟ୍ ନାମକ ଏକ କମ୍ପାନୀକୁ ତଥ୍ୟ ଦେଉଛନ୍ତି। ଉକ୍ତ କମ୍ପାନୀ ସେଗୁଡ଼ିକୁ ବିଶ୍ଳେଷଣ କରି ଦେଶବ୍ୟାପୀ ଗତିବିଧିର ଧାରା ଉପରେ ନଜର ରଖୁଛି।




### ବ୍ରାଜିଲ

ସାରା ବ୍ରାଜିଲର ସ୍ଥାନୀୟ ସରକାରମାନେ ନାଗରିକମାନଙ୍କ ସ୍ମାର୍ଟଫୋନ୍‌କୁ ଟ୍ରାକିଂ କରି ଅବସ୍ଥିତି ତଥ୍ୟ ନେଉଛନ୍ତି। କେବଳ ରେସିଫ୍ ସହରରେ ୭ ଲକ୍ଷ ଲୋକଙ୍କ ବ୍ୟକ୍ତିଗତ ଡିଭାଇସ୍ ଜରିଆରେ ସେମାନଙ୍କ ଲୋକେଶନଗୁଡ଼ିକୁ ଠାବ କରାଯାଉଛି। ଆମ ପାଖରେ ଏପରି କେତେକ ନିର୍ଦ୍ଦିଷ୍ଟ ବ୍ୟବହାରର ଦୃଶ୍ୟମାନତା (ଭିଜିବିଲିଟି) ରହିଛି, ଯାହା ଅନ୍ୟ ଟେକ୍ନୋଲୋଜି ଦ୍ୱାରା ସଂଗ୍ରହ କରାଯାଇପାରିବ ନାହିଁ। ଜଣେ ବ୍ୟକ୍ତି ତାଙ୍କ ଘରୁ ବାହାରିଲେ ତାକୁ ମାତ୍ର କେଇ ସେକେଣ୍ଡ ମଧ୍ୟରେ ଚିହ୍ନଟ କରାଯାଇ ପାରୁଛି ବୋଲି ଏକ ବ୍ରାଜିଲିୟନ୍ ଫାର୍ମ ସିଇଓ ସୂଚନା ଦେଇଛନ୍ତି।

### ଚାଇନା



କରୋନା ଭାଇରସ୍‌ର ସଂକ୍ରମଣ ଆରମ୍ଭ ହୋଇଥିବା ଚାଇନା ସର୍ଭିଲାନ୍ସ ପାଇଁ ଯଥାସମ୍ଭବ ଅଧିକ ଟ୍ରାକିଂ ସିଷ୍ଟମ୍ ବ୍ୟବହାର କରୁଛି। ଅଧିକାରୀମାନେ ବିଭିନ୍ନ ସ୍ଥାନରେ ସଂଯୋଗ କରାଯାଇଥିବା କ୍ୟାମେରାକୁ ଖୋଲାଖୋଲି ଭାବେ ଟ୍ୟାପିଂ ପାଇଁ କାମରେ ଲଗାଉଛନ୍ତି। ନାଗରିକଙ୍କ ଫୋନ୍‌ରୁ ସେମାନଙ୍କ ଅବସ୍ଥିତି ଠାବ କରାଯାଉଛି। ସେହିପରି ସରକାରୀ ନିର୍ଦ୍ଦେଶକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ଡ୍ରୋନ୍ ବ୍ୟବହାର କରାଯାଉଛି। ଚାଇନାର ୨୦୦ ସହରରେ ଲୋକଙ୍କ ଉପରେ କଡ଼ା ନଜର ରଖି ସେମାନଙ୍କୁ ସବୁଜ, ହଳଦିଆ ଓ ଲାଲ ରଙ୍ଗ ଭାବେ ବର୍ଗୀକୃତ କରିବା ପାଇଁ ଏକ ସ୍ମାର୍ଟଫୋନ୍ ବ୍ୟବହାର କରାଯାଉଛି। ଏହି ଆପ୍ ପୋଲିସକୁ ଲୋକଙ୍କ ତଥ୍ୟ ପ୍ରେରଣ କରୁଛି। ଏପରିକି ମହାମାରୀର ମୁକାବିଲା ଆଳରେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଦେବା ପାଇଁ କମ୍ପାନୀଗୁଡ଼ିକୁ ଚାଇନା ବାଧ୍ୟ କରୁଛି।

### ଦୁବାଇ

ଏଠାରେ ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଲୋକଙ୍କୁ ଧରିବା ପାଇଁ ବ୍ୟବହୃତ କ୍ୟାମେରା ଏବେ ଡ୍ରାଇଭରଙ୍କ ଲାଇସେନ୍ସ ପ୍ଲେଟକୁ ଅନୁଧ୍ୟାନ କରୁଛି। ସମ୍ପୃକ୍ତ ଚାଳକଙ୍କୁ ଅତ୍ୟାବଶ୍ୟକ କର୍ମୀ ଭାବେ ପରିଗଣିତ କରାଯିବ କି ନାହିଁ ତାହା ଏଥିରୁ ସ୍ଥିର କରାଯାଉଛି।

### ଇକ୍ୱେଡର

ଇକ୍ୱେଡରରେ ଦେଶବ୍ୟାପୀ କରୋନା ଭାଇରସ୍ ବିସ୍ତାର ରୋକିବା ଲାଗି ସେଲ୍‌ଫୋନ୍‌ଗୁଡ଼ିକର ଲୋକେଶନକୁ ଟ୍ରାକ୍ କରାଯାଉଛି। ରାତି ୯ଟା ପର୍ଯ୍ୟନ୍ତ ଜାରି କର୍ଫ୍ୟୁକୁ ମଧ୍ୟ ସୁନିଶ୍ଚିତ କରିବାରେ ଏହା ସହାୟକ ହେଉଛି।

### ଜର୍ମାନୀ

ଜର୍ମାନ ଟେଲିକମ୍ କମ୍ପାନୀ ଟେଲିକମ୍ ଗ୍ରାହକଙ୍କ ଲୋକେଶନ ଡାଟା ଦେଶରେ କରୋନା ଭାଇରସ୍ ବିରୋଧରେ ଜାତୀୟ



କାର୍ଯ୍ୟାନୁଷ୍ଠାନର ସମନ୍ୱୟ ରକ୍ଷାକାରୀ ସଂସ୍ଥା ରବର୍ଟ କୋଚ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଦେଉଛି। ଦେଶରେ ଖୁବ୍‌ଶୀଘ୍ର ଏକ ବ୍ଲୁଟୁଥ୍‌ଭିତ୍ତିକ ଆପ୍ ଲଞ୍ଚ କରାଯିବ। ଏଥିରେ ସିଙ୍ଗାପୁର ଓ ଇଣ୍ଡୋନେସିଆ ଭଳି ଲୋକଙ୍କ ବ୍ୟକ୍ତିଗତ ଗତିବିଧି ଓ କଣ୍ଟାକ୍ଟକୁ ଟ୍ରାକ୍ କରାଯାଇପାରିବ।

### ହଂକଂ

ଏଠାରେ କ୍ୱାରାଣ୍ଟାଇନ୍‌ରେ ରହୁଥିବା ଲୋକଙ୍କୁ ଏକ ବୈଦ୍ୟୁତିକ ଉପକରଣକୁ କଟିବନ୍ଧରେ ପିନ୍ଧିବାକୁ କୁହାଯାଉଛି। ଏହା ସେମାନଙ୍କ ଅବସ୍ଥିତିକୁ ଟ୍ରାକ୍ କରି ଅଧିକାରୀମାନଙ୍କୁ ତଥ୍ୟ ପ୍ରେରଣ କରୁଛି।

### ଇଣ୍ଡୋନେସିଆ

ଇଣ୍ଡୋନେସିଆ ସରକାର ଏକ ଆପ୍ ବିକଶିତ କରିଛନ୍ତି, ଯାହା ନିକଟସ୍ଥ ବ୍ଲୁଟୁଥ୍ ଡିଭାଇସ୍ ସହ ଯୋଗସୂତ୍ର ସ୍ଥାପନ କରି ଲୋକଙ୍କ ସ୍ମାର୍ଟଫୋନରୁ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିବାରେ ସକ୍ଷମ।

### ଇରାନ

ଇରାନ ସରକାରଙ୍କ ପକ୍ଷରୁ ବିକଶିତ ଏକ ଆପ୍ କେତେକ ସଂକ୍ଷିପ୍ତ ପ୍ରଶ୍ନ ଜରିଆରେ ଲକ୍ଷ ଲକ୍ଷ ୟୁଜର୍ସଙ୍କ ଅବସ୍ଥିତିକୁ ଠାବ କରିପାରୁଛି। ଏଥିରୁ ଲୋକଙ୍କ ସଂକ୍ରମଣ ଆଶଙ୍କା ନେଇ ତଥ୍ୟ ମିଳିପାରୁଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ୩.୫ ନିୟୁତ ନାଗରିକ ସେମାନଙ୍କ ଲୋକେଶନ୍ ଶେୟାର କରିଥିବା ଇରାନର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ଇସ୍ରାଏଲ

ଇସ୍ରାଏଲ ସରକାର ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକରୁ ଲକ୍ଷ ଲକ୍ଷ ନାଗରିକଙ୍କ ତଥ୍ୟ ନେଉଛନ୍ତି। ଏଥିରୁ ସମ୍ଭାବ୍ୟ ସଂକ୍ରମିତ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସମ୍ପର୍କରେ ସୂଚନା ମିଳିପାରୁଛି। କ୍ୱାରାଣ୍ଟାଇନ୍‌ନିୟମଉଲ୍ଲଂଘନକାରୀଙ୍କୁ୬ମାସପର୍ଯ୍ୟନ୍ତଜେଲପଠାଯାଉଛି।

### ଇଟାଲୀ



ଇଂଲିଶ ଟେଲିକମ୍ କମ୍ପାନୀ ଭୋଡାଫୋନ୍ ଇଟାଲୀ ସରକାରଙ୍କୁ ମୋବାଇଲ୍ ଫୋନ୍ ୟୁଜର୍ସଙ୍କ ଲୋକେଶନର ହିଟ୍‌ମ୍ୟାପ୍ ପ୍ରଦାନ କରୁଛି। ଲୋମ୍ବାର୍ଡେରେ ପ୍ରଥମକରି ଏହାକୁ ବ୍ୟବହାର କରାଯାଇଛି। ଅତ୍ୟଧିକ ବୁଲାବୁଲି କରୁଥିବା ୪୦% ଲୋକଙ୍କୁ ଏଥିରୁ ଠାବ କରାଯାଇଛି।

### କେନିଆ

ଏଠାରେ ଏକ ୨୪ ଘଣ୍ଟିଆ ଏରିଆଲ୍ ସର୍ଭିଲାନ୍ସ ପ୍ରତିଷ୍ଠା କରାଯାଉଛି। ସୀମାରେ ଲୋକଙ୍କ ବେଆଇନ ଅନୁପ୍ରବେଶ ଓ ସାମଗ୍ରୀ ପରିବହନକୁ ଏହା ଠାବ କରିପାରୁଛି।

### ନରୱେ

ନରୱେଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲ୍‌ଥ ଓ ଟେକ୍ କମ୍ପାନୀ ସିମୁଲା ଏକ ଆପ୍ ବିକଶିତ କରୁଛନ୍ତି, ଯାହା ଜିପିଏସ୍, ବ୍ଲୁଟୁଥ୍ ଡାଟା ଆଦିକୁ ଟ୍ରାକ୍ କରି ୩୦ ଦିନ ପର୍ଯ୍ୟନ୍ତ ଷ୍ଟୋର କରି ରଖିପାରିବ।

### ପାକିସ୍ତାନ

ଲୋକେଶନ ସର୍ଭିଲାନ୍ସ ଓ ମାସ୍ ଟେକ୍ସ ଜରିଆରେ ପାକିସ୍ତାନ ସରକାର କରୋନା ସଂକ୍ରମିତଙ୍କୁ ଟ୍ରାକ୍ କରୁଛନ୍ତି।

### ପୋଲାଣ୍ଡ

ଏହି ଦେଶରେ ହୋମ୍‌କ୍ୱାରାଣ୍ଟାଇନ୍ ନାମକ ଏକ ଆପ୍ ବିକଶିତ କରାଯାଇଛି, ଯାହା କ୍ୱାରାଣ୍ଟାଇନ୍‌ରେ ଥିବା ଲୋକଙ୍କ ସମ୍ପର୍କରେ ଯାଞ୍ଚ କରୁଛି। ଏଥିରେ ସଂକ୍ରମିତ ନିଜ ଫଟୋକୁ ୨୦ ମିନିଟ ଭିତରେ ନ ପଠାଇଲେ ଜରିମାନା କରାଯାଉଛି।

### ରୁଷିଆ



ରାଜଧାନୀ ମସ୍କୋରେ ୧,୦୦,୦୦୦ କ୍ୟାମେରା ସଂଯୋଗ କରାଯାଇଛି। ସରକାର ଏଗୁଡ଼ିକୁ ମୁହଁ ଚିହ୍ନଟୀକରଣ ପାଇଁ ବ୍ୟବହାର କରୁଛନ୍ତି। ଫୋନ୍‌ରୁ ଲୋକେଶନ ଟ୍ରାକିଂ କରାଯାଇ କ୍ୱାରାଣ୍ଟାଇନ୍‌ରେ ଥିବା ୟୁଜର୍ସଙ୍କୁ ଅନୁଧ୍ୟାନ କରାଯାଉଛି।

### ସିଙ୍ଗାପୁର

ସିଙ୍ଗାପୁର ସରକାର ଟ୍ରେସ୍ ଟୁଗେଦର ନାମକ ଏକ ଆପ୍ ଜାରି କରିଛନ୍ତି। ଏହା ନିକଟସ୍ଥ ସ୍ମାର୍ଟଫୋନ୍‌ଗୁଡ଼ିକୁ ବ୍ଲୁଟୁଥ୍ ଜରିଆରେ ଟ୍ରାକ୍ କରି ୩୦ ମିନିଟ ମଧ୍ୟରେ ୬.୫ ଫୁଟ୍ ନିକଟତର ହୋଇଥିବା ଲୋକଙ୍କୁ ଧରିବାରେ ସକ୍ଷମ। ଏହି ତଥ୍ୟ ୨୧ ଦିନ ପର୍ଯ୍ୟନ୍ତ ଷ୍ଟୋର କରି ରଖାଯାଇ ପାରୁଛି।

### ଦକ୍ଷିଣ ଆଫ୍ରିକା

ଟେଲିକମ୍ କମ୍ପାନୀଗୁଡ଼ିକ ମହାମାରୀର ମୁକାବିଲା ପାଇଁ ସେଲ୍‌ଫୋନ୍ ଜରିଆରେ ଲୋକେଶନ ଡାଟା ସଂଗ୍ରହ କରୁଛନ୍ତି। ଅଦ୍ୟାବଧି ୧,୫୦୦ ଲୋକଙ୍କ ତଥ୍ୟ ଏଥିରୁ ମିଳିପାରିଛି।

### ଦକ୍ଷିଣ କୋରିଆ

କରୋନା ସଂକ୍ରମିତ ହୋଇଥିବା ନିଶ୍ଚିତ ମାମଲାଗୁଡ଼ିକୁ ଦକ୍ଷିଣ କୋରିଆରେ କ୍ରେଡିଟ୍‌କାର୍ଡ ଓ ସ୍ମାର୍ଟଫୋନ୍ ଜରିଆରେ ଟ୍ରାକିଂ କରାଯାଉଛି। ସିସିଟିଭି ଫୁଟେଜ୍ ମଧ୍ୟ ଫେସିଆଲ୍ ରିକଗ୍ନିଶନରେ ସହାୟକ ହେଉଛି।

### ସୁଇଜରଲାଣ୍ଡ

ସୋସିଆଲ ଡିଷ୍ଟାନ୍ସିଂକୁ କାର୍ଯ୍ୟକାରୀ କରିବା ଲାଗି ଟେଲିକମ୍ କମ୍ପାନୀ ସୁଇସ୍‌କମ୍ ସଂଘୀୟ ସରକାରଙ୍କୁ ତଥ୍ୟ ପ୍ରଦାନ ପାଇଁ ଯୋଜନା କରୁଛି। ୧୦୦ ବର୍ଗ ମିଟର ମଧ୍ୟରେ ୨୦ରୁ ଅଧିକ ଫୋନ୍ ଥିଲେ ଏହା ଅଧିକାରୀମାନଙ୍କୁ ଆଲର୍ଟ କରାଇବ।

### ତାଇୱାନ

ସର୍ଭିଲାନ୍ସ ଟେକ୍ନୋଲୋଜି ଆପଣାଇଥିବା ଅଭିଯୋଗକୁ ସରକାର ଖଣ୍ଡନ କରିଥିଲେ ହେଁ ତାଇୱାନ ନାଗରିକମାନଙ୍କ ଗତିବିଧି ଟ୍ରାକିଂ କରୁଛି। ସେଲ୍ ଟାୱାର ଜରିଆରେ ସେଲ୍‌ଫୋନ୍‌ର ଅବସ୍ଥିତିକୁ ଠାବ କରାଯାଉଛି।

### ବ୍ରିଟେନ



ଏଠାକାର ଟେଲିକମ୍ କମ୍ପାନୀଗୁଡ଼ିକ ନାଗରିକଙ୍କ ଲୋକେଶନ ଡାଟା ଟ୍ରାକ୍ କରୁଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ ପାଲାଣ୍ଟିର୍ ସହିତ ମିଶି କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଉଦ୍ୟମ ଆରମ୍ଭ କରିଛି।

### ଥାଇଲାଣ୍ଡ

ଥାଇଲାଣ୍ଡର ଅତି ବିପଜ୍ଜନକ ଅଞ୍ଚଳରେ ପହଞ୍ଚୁଥିବା ଲୋକଙ୍କୁ ଏକ ସିମ୍ କାର୍ଡ ଦିଆଯିବ। ଏହା ସମ୍ପୃକ୍ତ ବ୍ୟକ୍ତିଙ୍କ ଗତିବିଧି ସମ୍ପର୍କରେ ୧୪ ଦିନ ଧରି ସରକାରଙ୍କୁ ତଥ୍ୟ ପ୍ରେରଣ କରିବ।

### ଆମେରିକା



କରୋନା ଭାଇରସ୍ ସଂକ୍ରମଣରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଶକ୍ତିଶାଳୀ ଆମେରିକା। ଏଥିଯୋଗୁ ନାଗରିକଙ୍କ ଗତିବିଧିକୁ ଟ୍ରାକ୍ କରିବା ପାଇଁ ମୋବାଇଲ୍ ଆଡ୍ ଇଣ୍ଡଷ୍ଟ୍ରି ସମ୍ପ୍ରତି ସ୍ଥାନୀୟ, ପ୍ରାଦେଶିକ ଓ ସଂଘୀୟ ସରକାରଙ୍କୁ ତଥ୍ୟ ପ୍ରଦାନ କରୁଛି। ୱେଷ୍ଟ ଭର୍ଜିନିଆରେ କରୋନା ପଜିଟିଭ ବାହାରିଥିବା ବ୍ୟକ୍ତି କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ମନା କଲେ ତାଙ୍କୁ ଜିପିଏସ୍ ମନିଟର ଧାରଣ କରିବାକୁ ବାଧ୍ୟ କରାଯାଉଛି।

## ଲକ୍‌ଡାଉନ୍ ବେଳେ ଗୁଡ୍ ଫ୍ରାଇଡେ




କୋଲ୍‌କାତାର ଶିଶୁମାନେ ଶୁକ୍ରବାର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ମାସ୍କ ପିନ୍ଧି ଯିଶୁଖ୍ରୀଷ୍ଟଙ୍କ ଫଟୋ ଧରିଛନ୍ତି।

### ଭାରତ



ଭାରତୀୟ ଅଧିକାରୀମାନେ ଡିଜିଟାଲ ଓ ଆନାଲଗ୍ ଜରିଆରେ ନାଗରିକଙ୍କୁ ଟ୍ରାକିଂ କରିବା ବଢ଼ାଇଦେଇଛନ୍ତି। ଲୋକେଶନ ଡାଟା ଏବଂ ସିସିଟିଭି କ୍ୟାମେରା ଫୁଟେଜ୍‌କୁ ଦକ୍ଷିଣ ଭାରତୀୟ ରାଜ୍ୟ କେରଳରେ ବ୍ୟବହାର କରାଯାଉଥିବା ନେଇ ରଏଟର୍ସରେ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ପଶ୍ଚିମାଞ୍ଚଳ ରାଜ୍ୟଗୁଡ଼ିକର ବିମାନବନ୍ଦରରେ ପହଞ୍ଚୁଥିବା ଯାତ୍ରୀଙ୍କ ହାତରେ ଷ୍ଟାମ୍ପ ଚିହ୍ନ ଦିଆଯାଉଛି। ସଂକ୍ରମିତଙ୍କ ହାତରେ ଅଲିଭା କାଳିରେ ଉଲ୍ଲେଖ ରହୁଛି ଯେ ସେ କେତେଦିନ ଧରି କ୍ୱାରାଣ୍ଟାଇନରେ ରହିବେ। ପର୍ସନାଲ ଟ୍ରାକିଂ ବ୍ୟତୀତ ଭାରତୀୟ ଅଧିକାରୀମାନେ ଏୟାରଲାଇନ୍ସ ଓ ରେଳରୋଡ୍ କମ୍ପାନୀଗୁଡ଼ିକଠାରୁ ମଧ୍ୟ ଯାତ୍ରୀଙ୍କ ତଥ୍ୟ ନେଉଛନ୍ତି। ଏବେ ଫିଙ୍ଗରପ୍ରିଣ୍ଟ ସ୍କାନର ଭଳି ସ୍ପର୍ଶଭିତ୍ତିକ ପ୍ରମାଣୀକରଣ କରାଯାଉଛି। ଲୋକଙ୍କୁ ଏକ ସାଧାରଣ ପୃଷ୍ଠ (କମନ୍ ସର୍ଫେସ)କୁ ଛୁଇଁବାକୁ ଓ ମୁହଁ ଚିହ୍ନଟୀକରଣ ଦେଇ ଗତି କରିବାକୁ କୁହାଯାଉଥିବାରୁ ଏହାକୁ ବିପଜ୍ଜନକ ବୋଲି ବିବେଚନା କରାଯାଉଛି। ସିକ୍ୟୋରଆଇ ନାମକ ଏକ ଟେଲିକମ୍ କମ୍ପାନୀ ଅଫିସ୍ ଓ ହୋଟେଲ ଭଳି ୬୦୦ ସିକ୍ୟୁରିଟି ଚେକ୍ ପଏଣ୍ଟରେ ଯାଞ୍ଚ କରୁଥିବା ଜଣାପଡ଼ିଛି।

## ମୋଦିଙ୍କୁ ଅନୁସରଣ କଲା ହ୍ୱାଇଟହାଉସ୍

**ୱାଶିଂଟନ,୧୦।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଥିବା ସୁସମ୍ପର୍କ କାହାକୁ ଅଛପା ନାହିଁ। ହେଲେ ବିଶ୍ୱନେତା ଭାବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ କାର୍ଯ୍ୟାଳୟ ହ୍ୱାଇଟହାଉସ୍ ଟୁଇଟର ଯୋଗେ ମୋଦିଙ୍କୁ ଅନୁସରଣ କରିବା ଏବେ ଲୋକଲୋଚନକୁ ଆସିଛି। ମୋଦିଙ୍କ ୩ ଟୁଇଟର ଆକାଉଣ୍ଟ, ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଟୁଇଟର ଆକାଉଣ୍ଟକୁ ମିଶାଇ ମୋଟ ୧୯ ଆକାଉଣ୍ଟକୁ ହ୍ୱାଇଟ ହାଉସ ଅନୁସରଣ କରୁଥିବା ଜଣାପଡ଼ିଛି। ଭାରତରେ ଥିବା ଆମେରିକା ଦୂତାବାସ, ଆମେରିକାରେ ଥିବା ଭାରତୀୟ ଦୂତାବାସ, ଆମେରିକାରେ ଭାରତୀୟ ମିଶନ, କୋବିନ୍ଦଙ୍କ ସେକ୍ରେଟାରିଏଟ୍‌ର ଟୁଇଟର ଆକାଉଣ୍ଟକୁ ହ୍ୱାଇଟ ହାଉସ ଅନୁସରଣ କରୁଛି। ମୋଦି ବିଶ୍ୱର ତୃତୀୟ ନେତା, ଯାହାଙ୍କ ଟୁଇଟରରେ ସର୍ବାଧିକ ଫଲୋୟର୍ସ ଅଛନ୍ତି। ଟ୍ରମ୍ପ, ପୋପ୍ ଫ୍ରାନ୍‌ସିସ୍‌ଙ୍କ ପରେ ମୋଦିଙ୍କ କ୍ରେଜ୍ ବଢ଼ିବାରେ ଲାଗିଛି।

## ଉଷ୍ମ ଜଳବାୟୁରେ କମିବନି ସଂକ୍ରମଣ

**ନିର୍ଣ୍ଣାୟକ ନୁହେଁ ପୂର୍ବ ରିପୋର୍ଟ**

ଗ୍ରୀଷ୍ମଋତୁ ଆସିଲେ ଭାରତରେ କରୋନା ସଂକ୍ରମଣ କମିବା ନେଇ ଯାହା ଆଶା କରାଯାଉଥିଲା ତାହା ଠିକ୍ ନୁହେଁ ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଋତୁ ପରିବର୍ତ୍ତନ ସହ କରୋନା ସଂକ୍ରମଣ ଭୟାବହତା ହ୍ରାସ ପାଇବା ନେଇ ଯଥେଷ୍ଟ ପ୍ରମାଣ ନ ଥିବା ସେମାନେ କହିଛନ୍ତି। ବିଜ୍ଞାନ, ଇଞ୍ଜିନିୟରିଂ ଓ ମେଡିସିନ୍‌ର ଜାତୀୟ ଏକାଡେମୀ ଲାବରେଟୋରିରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି, ଉଚ୍ଚ ତାପମାତ୍ରା ଓ ଆର୍ଦ୍ରତା ସ୍ତର ସହ ସଂକ୍ରମଣର ସମ୍ପର୍କ ରହିଛି। ଉତ୍ତାପ ଓ ଆର୍ଦ୍ରତା ବଢ଼ିଲେ କରୋନା ଭୂତାଣୁ ସାର୍ସ-ସିଓଭି-୨ ତିଷ୍ଠି ରହିବା ସମୟ ହ୍ରାସ ପାଇଥାଏ। ତେବେ ଏହି ରିପୋର୍ଟ ନିର୍ଣ୍ଣାୟକ ନୁହେଁ। କାରଣ ପରିବେଶ ତାପମାତ୍ରା ଓ ଆର୍ଦ୍ରତା ବ୍ୟତୀତ ଅନ୍ୟ କେତେକ କାରକ ମଧ୍ୟ ରହିଛି ଯାହା ଭୂତାଣୁକୁ ବଞ୍ଚାଇ ରଖିବା ଓ ସଂକ୍ରମଣ ବୃଦ୍ଧିର କାରଣ। ସଂକ୍ରମଣ ସହ ଋତୁର ସମ୍ପର୍କକୁ ନେଇ ବିଜ୍ଞାନସମ୍ମତ ନୀତି ବାହାର କରିବା ଲାଗି ଏପ୍ରିଲ ୭ରେ ରାପିଡ୍ ଏକ୍ସପର୍ଟ କନ୍‌ସଲ୍‌ଟେଶନ ରିପୋର୍ଟ ପ୍ରସ୍ତୁତ ହୋଇଥିଲା। କେତେକ ଅଧ୍ୟୟନରେ ଭୂତାଣୁ ଟିସୁ କଲ୍‌ଚର ମାଧ୍ୟମରେ ବୃଦ୍ଧି ପାଇଥାଏ ବୋଲି ମଧ୍ୟ ଜଣାପଡ଼ିଛି।



## 'ଭାରତରେ ନାହିଁ ଗୋଷ୍ଠୀ ସଂକ୍ରମଣ'

**ନୂଆଦିଲ୍ଲୀ,୧୦।୪**

ବିଭିନ୍ନ ଦେଶରେ କରୋନା ଭୂତାଣୁ ସଂକ୍ରମଣ ସମ୍ପର୍କିତ 'ସ୍ଥିତି ରିପୋର୍ଟ'ରେ ତ୍ରୁଟି ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ୱୀକାର କରିଛି। ପୂର୍ବରୁ ପ୍ରକାଶିତ ଏହି ରିପୋର୍ଟରେ ଭାରତରେ କରୋନା ଗୋଷ୍ଠୀ ସଂକ୍ରମଣର ରୂପ ନେଇଥିବା ପ୍ରକାଶ ପାଇଥିଲା। ଏହି ତ୍ରୁଟିକୁ ସଂଶୋଧନ କରିଛି ଡବ୍ଲ୍ୟୁଏଚ୍‌ଓ। ଭାରତରେ ଅନେକ ମାମଲା ସାମ୍ନାକୁ ଆସିଥିଲେ ହେଁ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ଏଥିରେ କୁହାଯାଇଛି। କୋଭିଡ୍-୧୯ ପ୍ରଥମେ ଆରମ୍ଭ ହୋଇଥିବା ଚାଇନାରେ ମଧ୍ୟ ମାମଲା ସମୂହ ବୋଲି ଦର୍ଶାଯାଇଛି। ଭାରତରେ କରୋନାରେ ୨୦୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୭୬୧ ଜଣ ଏଥିରେ ସଂକ୍ରମିତ ହୋଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୩୭ ଜଣଙ୍କ ଜୀବନ ନେଇଛି ଏହି ଭୂତାଣୁ। ସଂକ୍ରମଣ ରୋକିବା ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିବା ସହ ସାମାଜିକ ଦୂରତ୍ୱ କଟକଣାକୁ କଡ଼ାକଡ଼ି ପାଳନ କରୁଥିବାରୁ ଏହା ଗୋଷ୍ଠୀ ସଂକ୍ରମଣ ସ୍ତରକୁ ଯାଇ ନ ଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ କହିଛନ୍ତି।



ଲକ୍‌ଡାଉନ୍ ବେଳେ ନଏଡାସ୍ଥିତ ଏକ ହାଉସିଂ ସୋସାଇଟି ବାହାରେ ସଂକ୍ରମଣ ରୋକିବା ପାଇଁ କେମିକାଲ ସ୍ପ୍ରେ କରୁଛନ୍ତି ଜଣେ ପୋଲିସ କର୍ମଚାରୀ।

## କନ୍ଧାଉଛି କରୋନା

**ଭାରତରେ ମୃତ୍ୟୁସଂଖ୍ୟା ୨୪୬କୁ ବୃଦ୍ଧି, ୭,୩୪୭ ସଂକ୍ରମିତ**

**ନୂଆଦିଲ୍ଲୀ,୧୦।୪**

ଦିନକୁ ଦିନ ଭାରତରେ କରୋନା ଭୂତାଣୁ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଶୁକ୍ରବାର ମୃତ୍ୟୁସଂଖ୍ୟା ୨୪୬କୁ ବୃଦ୍ଧି ପାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୭,୩୪୭ରେ ପହଞ୍ଚିଛି। ଯଦିଓ ୬୯୭ ରୋଗୀ ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି ଗୋଟିଏ ଦିନରେ ୬୧୮ ରୋଗୀ ଚିହ୍ନଟ ହୋଇଛନ୍ତି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ମହାରାଷ୍ଟ୍ର। ଏଠାରେ ମୃତ୍ୟୁସଂଖ୍ୟା ୧୦୮ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧,୩୬୪ ଛୁଇଁଛି। ତାମିଲନାଡୁରେ ୯ ମୁଣ୍ଡ ଯାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୯୧୧ରେ ପହଞ୍ଚିଛି। ରାଜଧାନୀ ଦିଲ୍ଲୀରେ ୯୦୩ ସଂକ୍ରମିତ ଥିବା ବେଳେ ୧୪ ଜଣଙ୍କ ଜୀବନ ଯାଇଛି। ମଧ୍ୟପ୍ରଦେଶରେ ୩୬ ମୁଣ୍ଡ ଯାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୪୫୧ରେ ପହଞ୍ଚିଛି। ରାଜସ୍ଥାନରେ ୫୨୦ ରୋଗୀ ଥିବାବେଳେ ତେଲଙ୍ଗାନାରେ ୪୮୭, ୟୁପିରେ ୪୩୩, ଆନ୍ଧ୍ରପ୍ରଦେଶରେ ୩୮୧, ଗୁଜରାଟରେ୨୮, କେରଳରେ ୩୬୪, ଜମ୍ମୁ-କଶ୍ମୀରରେ ୨୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ କରୋନା ଭୂତାଣୁ କାୟାବିସ୍ତାର କରିବାରେ ଲାଗିଛି। ପରିସ୍ଥିତି ଜଟିଳ ହେବାରେ ଲାଗିଥିବା ବେଳେ କେତେକ ରାଜ୍ୟରେ ଲକ୍‌ଡାଉନ୍ ସମୟ ସୀମା ବୃଦ୍ଧି କରାଯାଇଛି।

## ସଂକ୍ଷେପରେ

### କରୋନା ମୁକାବିଲା: ଆଜି ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବେ ନବୀନ

ଭୁବନେଶ୍ୱର,୧୦।୪(ବ୍ୟୁରୋ): କରୋନା ମୁକାବିଲା ନେଇ ଆଗକୁ କିପରି ରଣନୀତି କରାଯିବ, ସେ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥାବାର୍ତ୍ତା ହେବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ)ରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏଥିରେ ଭାଗ ନେବେ। ରାଜ୍ୟ ପକ୍ଷରୁ ଏକାଧିକ ଦାବି ତଥା ପ୍ରସ୍ତାବ ମଧ୍ୟ ରଖିବେ। ପୂର୍ବ ଆଲୋଚନା ମୁତାବକ ରାଜ୍ୟରେ ଟେଷ୍ଟିଂ କିଟ୍ ସଂଖ୍ୟାରେ ବୃଦ୍ଧି ଆସିଛି। ପ୍ରାରମ୍ଭରୁ ହାତଗଣତି ନମୁନା ପରୀକ୍ଷା ହେଉଥିବା ବେଳେ ଦୈନିକ ୪୦୦ରୁ ଅଧିକ ରିପୋର୍ଟ ଆସିପାରୁଛି।

କେନ୍ଦ୍ର ସରକାର ନିଜ ଆଡୁ ଲକ୍‌ଡାଉନ ବୃଦ୍ଧି ଘୋଷଣା କରିବା ପୂର୍ବରୁ ରାଜ୍ୟ ସରକାର ଗୁରୁବାର ଏପ୍ରିଲ ୩୦ ଯାଏ ବୃଦ୍ଧି ନେଇ ଆଗୁଆ ଘୋଷଣା କରିସାରିଛନ୍ତି। ଏକାଧିକ ରାଜ୍ୟ ମଧ୍ୟ ସାରା ଦେଶରେ ଲକ୍‌ଡାଉନ ଅବଧି ବୃଦ୍ଧି ସପକ୍ଷରେ ମତ ରଖିଛନ୍ତି। ତେଣୁ ଶନିବାର ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦି ପରବର୍ତ୍ତୀ ଆଭିମୁଖ୍ୟ ନେଇ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ସେହିଭଳି ସାଧାରଣ ଖାଉଟିଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ଏବଂ ବିଭିନ୍ନ ଭତ୍ତା ବାବଦକୁ କେନ୍ଦ୍ରୀୟ ଅନୁଦାନ ଅଂଶ ରାଜ୍ୟକୁ ଦେବା ପାଇଁ ଓଡ଼ିଶା ପକ୍ଷରୁ ଦାବି କରାଯିବ।

### ଜେଲରୁ ମୁକୁଳିଲେ ୨୯୬୩ କଏଦୀ

ଭୁବନେଶ୍ୱର,୧୦।୪ (ବ୍ୟୁରୋ): ଜେଲ୍ ବିଭାଗକୁ ଘାରିଛି କରୋନା ଭୟ। ଏପଟେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସାମାଜିକ ଦୂରତ୍ୱ ରକ୍ଷା ଓ ସଂକ୍ରମଣ ଏଡ଼ାଇବା ପାଇଁ ରାଜ୍ୟର ବିଭିନ୍ନ ଜେଲରେ ବନ୍ଦୀ ଜୀବନ କାଟୁଥିବା ୨୯୬୩ ଜଣ କଏଦୀଙ୍କୁ ଛାଡ଼ି ଦିଆଯାଇଛି। ମାର୍ଚ୍ଚ ୨୦ରୁ ଏପ୍ରିଲ ୯ ମଧ୍ୟରେ ରାଜ୍ୟର ୯୦ କାରାଗାରରୁ ଏହି କଏଦୀ ଓ ବିଚାରାଧୀନ ଅଭିଯୁକ୍ତଙ୍କୁ ଖଲାସ କରାଯାଇଥିବା ରାଜ୍ୟ କାରାଗାର ଏଡିଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ୯ ଜଣ ପାରୋଲରେ ଓ ୨୬୬୧ ଜଣ ଜାମିନରେ ପଠାଇ ଦିଆଯାଇଥିବାବେଳେ ୨୯୩ ଜଣଙ୍କ ଜେଲ ଅବଧି ଶେଷ ହେବାରୁ ସେମାନେ ମୁକୁଳିଥିବା ଉପାଧ୍ୟାୟ କହିଛନ୍ତି।

### ୨ଲକ୍ଷ ରାପିଡ୍ ଟେଷ୍ଟିଂ ପାଇଁ ଚାଲିଛି କିଟ୍ ସଂଗ୍ରହ

ଭୁବନେଶ୍ୱର,୧୦।୪(ବ୍ୟୁରୋ): ରାଜ୍ୟରେ କରୋନା ମୁକାବିଲା ପାଇଁ ୨ଟି ପ୍ରମୁଖ ଅସ୍ତ୍ର ରହିଛି। ଗୋଟିଏ ହେଉଛି ସତର୍କତା ଏବଂ ଅନ୍ୟଟି ହେଉଛି ନମୁନା ପରୀକ୍ଷା କରି ଆକ୍ରାନ୍ତଙ୍କୁ ଚିହ୍ନଟ କରିବା। ଏହି ୨ଟିକୁ ଯଦି ଆମେ ସତର୍କତାର ସହ ପାଳନ କରିବା ତେବେ କରୋନା ସଂକ୍ରମଣକୁ ରୋକିବାରେ ସଫଳ ହୋଇପାରିବା ବୋଲି ଶୁକ୍ରବାର ଡିଏମ୍ଇଟି ପ୍ରଫେସର ସି.ବି.କେ ମହାନ୍ତି କହିଛନ୍ତି। କରୋନା ମୁକାବିଲା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଆମେ ଯେତିକି ସଂଖ୍ୟାରେ ନମୁନା ପରୀକ୍ଷା କରିପାରିବା, ସେତିକି ଭଲ ହେବ। ଖୁବ୍‌ଶୀଘ୍ର ୨ଲକ୍ଷ ରାପିଡ ଟେଷ୍ଟିଂ ପାଇଁ କିଟ୍ ସଂଗ୍ରହ କରାଯାଉଛି ବୋଲି ମହାନ୍ତି କହିଛନ୍ତି।

### କରୋନା ମୁକାବିଲା ପାଇଁ ଖର୍ଚ୍ଚ ହେଉ ଓଡିଆର୍‌ପି ପାଣ୍ଠି

■ କେନ୍ଦ୍ରକୁ ପ୍ରସ୍ତାବ ଦେଲା ରାଜ୍ୟ

ଭୁବନେଶ୍ୱର,୧୦।୪(ବ୍ୟୁରୋ)-କରୋନା ମୁକାବିଲା ପାଇଁ ପାଣ୍ଠି ସଂଗ୍ରହ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଉଭୟେ ସ୍ୱତନ୍ତ୍ର ଭାବେ ପାଣ୍ଠି ସଂଗ୍ରହ ପାଇଁ ବ୍ୟବସ୍ଥା କରିବା ସହ ବିଭିନ୍ନପ୍ରକାର ଖର୍ଚ୍ଚକାଟ୍ ବ୍ୟବସ୍ଥା କରିଛନ୍ତି। କେତେକ ପାଣ୍ଠିକୁ ମଧ୍ୟ କରୋନା ମୁକାବିଲା ଖର୍ଚ୍ଚ କରାଯାଇଛି। ସେହିକ୍ରମରେ ଓଡ଼ିଶା ଡିଜାଷ୍ଟର ରିକଭରି ପ୍ରୋଜେକ୍ଟ(ଓଡିଆର୍‌ପି) ପାଣ୍ଠିକୁ ବ୍ୟବହାର କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଆରପି ଅଧୀନରେ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚଳିତ ବର୍ଷ ଜୁନ୍ ୩୦ ଯାଏ ବୃଦ୍ଧି କରାଯାଇଛି। ହେଲେ ସାମ୍ପ୍ରତିକ ସ୍ଥିତିରେ କରୋନା ମୁକାବିଲା ପ୍ରାଥମିକତା ହେଉଥିବାରୁ ଏହାର ଅବଧିକୁ ଆସନ୍ତା ବର୍ଷ ମାର୍ଚ୍ଚ ଯାଏ ବୃଦ୍ଧି କରିବାକୁ ରାଜ୍ୟ ପକ୍ଷରୁ କୁହାଯାଇଛି। ହେଲେ ବିଶ୍ୱବ୍ୟାଙ୍କ୍ ଆସନ୍ତା ମାର୍ଚ୍ଚ ପରିବର୍ତ୍ତେ କେବଳ ୩ ମାସ ବୃଦ୍ଧି ସପକ୍ଷରେ ମତ ରଖୁଛନ୍ତି। ରାଜ୍ୟ ସରକାରଙ୍କ ଅନୁରୋଧ ପରେ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ଏଥିପାଇଁ ବିଶ୍ୱବ୍ୟାଙ୍କର ଅନୁମତି ଲୋଡ଼ିବ। ଯଦି ବିଶ୍ୱବ୍ୟାଙ୍କ୍ ସମ୍ମତି ପ୍ରକାଶ କରେ, ତେବେ ଏହି ଅର୍ଥ କରୋନା ମୁକାବିଲାରେ ଖର୍ଚ୍ଚ ହୋଇପାରିବ।

# ନ୍ୟୁୟର୍କରେ ସର୍ବାଧିକ ସଂକ୍ରମିତ




**ଅନ୍ୟ ସବୁ ଦେଶଠାରୁ ଟପିଲା ଆମେରିକାର ଏହି ପ୍ରଦେଶ**

ନ୍ୟୁୟର୍କ,୧୦।୪

କରୋନା ଭାଇରସ୍ ସଂକ୍ରମିତଙ୍କ ସଂଖ୍ୟାରେ ବିଶ୍ୱର ସମସ୍ତ ଦେଶଠାରୁ ଆମେରିକାର ନ୍ୟୁୟର୍କ ପ୍ରଦେଶ ଟପିଯାଇଛି। କେବଳ ନ୍ୟୁୟର୍କରେ ଗୁରୁବାର ୧୦,୩୩୩ ଜଣ ସଂକ୍ରମିତ ହେବା ସହ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୬୦ ହଜାର ଛୁଇଁଛି। ଏହି ସମୟରେ ସ୍ପେନରେ ୧ ଲକ୍ଷ ୫୩ ହଜାର ଏବଂ ଇଟାଲୀରେ ୧ ଲକ୍ଷ ୪୩ ହଜାର ଜଣ ସଂକ୍ରମିତ ହୋଇଛନ୍ତି। ବିଶେଷକରି କରୋନାର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଚାଇନାରେ ଗୁରୁବାର ସୁଦ୍ଧା ୮୧,୮୬୫ ଜଣ ସଂକ୍ରମିତ ହୋଇଛନ୍ତି। ଏହି ଦିନ ସମଗ୍ର ଆମେରିକାରେ ୩୩,୫୩୬ଜଣ ସଂକ୍ରମିତ ହୋଇଥିବାବେଳେ ୧୯୦୦ କରୋନା ପୀଡ଼ିତ ଆଖିବୁଜିଛନ୍ତି। ଏହାସାଙ୍ଗକୁ ଆମେରିକାରେ ମୋଟ ସଂକ୍ରମିତ ସଂଖ୍ୟା ୪ ଲକ୍ଷ ୬୮ ହଜାର ଟପିଯିବା ସହ ୧୬ ହଜାର ୬୯୧ଜଣଙ୍କ ପ୍ରାଣହାନି ଘଟିଛି। ନ୍ୟୁୟର୍କ ପରେ ନ୍ୟୁଜର୍ସି ଆମେରିକାର ଦ୍ୱିତୀୟ କରୋନା ହଟସ୍ପଟ। ଏହି ପ୍ରଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ୫୧ ହଜାର ଟପିଯାଇଛି। ସାରା ବିଶ୍ୱକୁ ଦେଖିଲେ ଗୁରୁବାର ସୁଦ୍ଧା ସଂକ୍ରମିତ ସଂଖ୍ୟା ୧୬ ଲକ୍ଷ ଏବଂ ମୃତ୍ୟୁସଂଖ୍ୟା ୯୫ ହଜାର ପାର କରିଯାଇଛି।

ନ୍ୟୁୟର୍କରେ ଗୁରୁବାର ମୋଟ ମୃତ୍ୟୁସଂଖ୍ୟା ୭ ହଜାର ଟପିଯାଇଥିଲା, ଯାହାକି ଚାଇନାର ମୃତ୍ୟୁସଂଖ୍ୟା(୩,୩୩୫)ଠାରୁ ଦୁଇଗୁଣରୁ ଅଧିକ। ଏହି ସମୟ ମଧ୍ୟରେ ସର୍ବାଧିକ ମୃତ୍ୟୁ ଇଟାଲୀ(୧୮,୨୭୯)ରେ ଘଟିଥିବାବେଳେ ଦିନେ କିମ୍ବା ୨ ଦିନ ମଧ୍ୟରେ ଆମେରିକା ଏହି ସଂଖ୍ୟାକୁ ଟପିଯାଇପାରେ। କାରଣ ଗତ ସପ୍ତାହର ସ୍ଥିତି ଅନୁଧ୍ୟାନ କଲେ ଆମେରିକାରେ ଗତ ଶୁକ୍ରବାର ୧୦୪୬, ଶନିବାର ୧୩୩୦, ରବିବାର ୧୧୬୫, ସୋମବାର ୧୨୫୮, ମଙ୍ଗଳବାର ୧୯୭୧, ବୁଧବାର ୧୯୪୦ ଓ ଗୁରୁବାର ୧୯୦୦ ଲୋକଙ୍କ ପ୍ରାଣହାନି ଘଟିଛି। ବିଶେଷ କରି ଏପ୍ରିଲ ୧ରୁ ୯ ତାରିଖ ଯାଏ ୧୨ ହଜାର ୬୩୧ଜଣଙ୍କ ମୃତ୍ୟୁ ଘଟିଲାଣି। ଏବେ ନ୍ୟୁୟର୍କର ଶ୍ମଶାନ ବିଶେଷକରି ବ୍ରୋନକ୍ସ ନିକଟ 'ହାର୍ଟ ଦୀପ'ରେ ଗଣସମାଧି ଦିଆଯିବାର ଦୃଶ୍ୟ ଦେଖିବାକୁ ମିଳୁଛି। ହାର୍ଟ ଦୀପ ହେଉଛି ଏକ ଐତିହାସିକ ସ୍ଥାନ, ଯେଉଁଠି ୧୫୦ ବର୍ଷ ଧରି ମୃତକଙ୍କୁ କବର ଦିଆଯାଉଛି। କେହି ସମ୍ପର୍କୀୟ ନ ଥିବା କିମ୍ବା ଅକ୍ଷମ ପରିବାର ପାଇଁ ସ୍ଥାନୀୟ ସରକାର ପକ୍ଷରୁ ସେଠାରେ କରୋନା ମୃତକଙ୍କୁ କବର ଦିଆଯାଉଛି। ସାଧାରଣତଃ ରାଇକର୍ସ ଦ୍ୱୀପର ବନ୍ଦୀମାନେ କବର ଦେବା କାର୍ଯ୍ୟ କରିଥାନ୍ତି। ଏବେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଥିବାରୁ ଠିକାଦାରଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ କରାଯାଉଛି। ନ୍ୟୁୟର୍କ ସିଟି ମେୟର ବିଲ୍ ଡି ବ୍ଲାସିଓ ସୂଚନା ଦେଇଛନ୍ତି ଯେ, ସହରର ସର୍ବସାଧାରଣ ଶ୍ମଶାନକୁ କରୋନା ମହାମାରୀ ସମୟରେ କବର ଦେବା ପାଇଁ ବ୍ୟବହାର କରାଯାଇପାରେ। ହ୍ୱାଇଟ୍ ହାଉସ୍‌ର କରୋନା ଭାଇରସ୍ ଟାସ୍କଫୋର୍ସ ପ୍ରମୁଖ ସଦସ୍ୟ ଡ. ଆଣ୍ଟୋନୀ ଫଉସି ଗୁରୁବାର ଏନ୍‌ବିସି ନ୍ୟୁଜ୍ କହିଛନ୍ତି ଯେ, କୋଭିଡ-୧୯ରେ ୬୦ ହଜାରରୁ ଊର୍ଦ୍ଧ୍ୱ ଆମେରିକୀୟଙ୍କ ମୃତ୍ୟୁ ଘଟିପାରେ। କିନ୍ତୁ ମାର୍ଚ୍ଚ ଶେଷ ସପ୍ତାହରେ ଆଣ୍ଟୋନୀଙ୍କ ଏହି ଆକଳନ ଥିଲା ୧ଲକ୍ଷରୁ ୨ଲକ୍ଷ।


ନ୍ୟୁୟର୍କ ସହର ନିକଟ ହାର୍ଟ ଦୀପରେ ଗଣସମାଧି ଦିଆଯାଉଛି।

# ବାଇଗଣରେ ପୋକ ଥାଉ, ଭୂତାଣୁ ନ ଥାଉ: ବାଗ୍‌ଚୀ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

ରାଜ୍ୟରେ କରୋନା ସ୍ଥିତିକୁ ନେଇ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ପ୍ରତିଦିନ ସୂଚନା ପ୍ରଦାନ କରୁଛନ୍ତି। ଶୁକ୍ରବାର ମଧ୍ୟ ଜନସାଧାରଣଙ୍କୁ ଦୁଇଟି ପରାମର୍ଶ ଦେଇଛନ୍ତି। ଗୋଟିଏ ଉଦାହରଣରେ ସେ ବାଇଗଣର କଥା କହିଥିବାବେଳେ ଅନ୍ୟଟିରେ ମାସ୍କ ପିନ୍ଧିବା କେତେ ଜରୁରୀ ସେନେଇ ବୁଝାଇଛନ୍ତି। ସେ କହିଛନ୍ତି, ବଜାରକୁ ଗଲେ ସାମାଜିକ ଦୂରତ୍ୱକୁ ବଜାୟ ରଖୁଛୁ। କିନ୍ତୁ ଆମର ପୁରୁଣା ଅଭ୍ୟାସ ରହିଛି ଯେ, ଆମେ ପରିବା କିଣିବାକୁ ଗଲାବେଳେ ପ୍ରତି ପରିବାକୁ ନିଜେ ବାଛି ବାଛି ଆଣୁ। ପରିବାକୁ ଘାଣ୍ଟିବା ଦ୍ୱାରା ସଂକ୍ରମଣର ଅଧିକ ଆଶଙ୍କା ଥାଏ। ତେଣୁ ବର୍ତ୍ତମାନ ସମୟରେ ବାଇଗଣରେ ପୋକ ପଛେ ଥାଉ ହେଲେ ଭୂତାଣୁ ନ ଥାଉ ବୋଲି ବାଗ୍‌ଚୀ କହିଛନ୍ତି। ପୋକ ଥିଲେ ସେଥିରୁ କିଛି କାଟି ଫୋପାଡି ପାରିବା। ହେଲେ ଭୂତାଣୁ ଥିଲେ ନିଜ ସହ ସାରା ପରିବାର ବିପଦଗାମୀ ହୋଇପଡ଼ିବ। ତେଣୁ ପରିବା ବେପାରୀ ଯାହା ବାଛିକି ଦେବେ ତାହାକୁ ସମ୍ମାନ ଦେଇ କିଣି ଆଣିବାକୁ ସେ ଅନୁରୋଧ କରିଛନ୍ତି।



ସୁବ୍ରତୋ ବାଗ୍‌ଚୀ

ଅନ୍ୟପକ୍ଷରେ ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି)ର ସୂଚନାକୁ ଆଧାରକରି ବାଗ୍‌ଚୀ ୨୦୧୫ର ଏକ ଆନ୍ତର୍ଜାତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଥିଲେ। ପ୍ରତିଦିନ ଆମେ ଘଣ୍ଟାକୁ ହାରାହାରି ୨୩ଥର ମୁହଁରେ ହାତ ଲଗାଉ। ତେଣୁ ଏଠାରେ କୋଭିଡ୍ ୧୯ ସଂକ୍ରମଣର ଆଶଙ୍କା ଅଧିକ ରହିଛି। ସେଥିପାଇଁ ମାସ୍କ ପିନ୍ଧିବାକୁ ରାଜ୍ୟ ସରକାର ବାରମ୍ବାର କହୁଛନ୍ତି। ମାସ୍କ ପିନ୍ଧିଲେ ମୁହଁକୁ ହାତ ଆଉ ଯିବନି ଏବଂ ସଂକ୍ରମଣର ଆଶଙ୍କା କମ୍ ରହିବ ବୋଲି ସେ ପରାମର୍ଶ ଦେଇଛନ୍ତି।

**ଦୁଇଚକିଆ ଗାଡ଼ି କଟକଣା ନେଇ ସ୍ପଷ୍ଟ କଲେ ହାଇକୋର୍ଟ**

# କେବଳ ବରିଷ୍ଠ ନାଗରିକ, ଭିନ୍ନକ୍ଷମଙ୍କୁ ଅନୁମତି

କଟକ ଅଫିସ୍,୧୦।୪

ଲକ୍‌ଡାଉନ୍ ବେଳେ କିଏ ଦୁଇ ଚକିଆ ଯାନ ଚଳାଇବେ ଏବଂ କିଏ ଚଳାଇପାରିବେ ନାହିଁ, ସେନେଇ ହାଇକୋର୍ଟ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ବଜାରକୁ ସଉଦା କିଣିବା ପାଇଁ ସମସ୍ତେ ଗାଡ଼ି ବ୍ୟବହାର କରିପାରିବେ ନାହିଁ, କେବଳ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମଙ୍କୁ ହିଁ ଏହି ଅନୁମତି ଦିଆଯିବ ବୋଲି ହାଇକୋର୍ଟ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ୍(ଏଜି)ଦାଖଲ କରିଥିବା ଏକ ଆବେଦନର ବିଚାର କରି କାର୍ଯ୍ୟକାରୀ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଏବଂ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।



■ ୩ଥର ଅଣ୍ଡରଟେକିଂ ଲେଖି ଯାଇପାରିବେ

■ କଟକଣା ସମ୍ପୂର୍ଣ୍ଣ ଉଚ୍ଛେଦ ହେବ ନାହିଁ

■ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଛାଡ଼ ପାଇବେ

ଲକ୍‌ଡାଉନ ସମୟରେ ଗାଡ଼ି ବ୍ୟବହାର କରିବା ନେଇ ଆଗତ ଏକ ଜନସ୍ୱାର୍ଥ ମାମଲାର ବିଚାରକରି ଗୁରୁବାର ହାଇକୋର୍ଟଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ପାଦଚଲା ଦୂରତାରେ ଆବଶ୍ୟକ ସାମଗ୍ରୀ ମିଳୁ ନ ଥିବା ଯୋଗୁ ଗାଡ଼ି ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ମାଲିକଙ୍କଠାରୁ ଅଣ୍ଡରଟେକିଂ ଲେଖାଇ ଜବତ ଗାଡ଼ିଗୁଡ଼ିକୁ ଛାଡ଼ି ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଶୁକ୍ରବାର ରାଜ୍ୟବ୍ୟାପୀ ଖୁଲମ୍‌ଖୁଲା ଲୋକମାନେ ଦୁଇଚକିଆ ଯାନ ବ୍ୟବହାର କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ ପୋଲିସ ମଧ୍ୟ ସେମାନଙ୍କୁ ଧରି ନ ଥିଲା। ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶରେ ସ୍ପଷ୍ଟତା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜା ଏବଂ ଅତିରିକ୍ତ ସରକାରୀ ଓକିଲ ଡି.କେ. ମହାନ୍ତି ଏକ ମେମୋ ଦାଖଲ କରିଥିଲେ। କାର୍ଯ୍ୟକାରୀ ବିଚାରପତି ଜଷ୍ଟିସ ପଣ୍ଡା ଏବଂ ଜଷ୍ଟିସ୍ ରଥ ଏହାର ଶୁଣାଣି କରିଥିଲେ। ଶୁଣାଣି ପରେ ନିର୍ଦ୍ଦେଶରେ କୁହାଯାଇଛି ଯେ, ହାଇକୋର୍ଟଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ ଏବଂ କଟକ ମହାନିଗମ ତରଫରୁ ଆବଶ୍ୟକତା ଅନୁଯାୟୀ ଭେଣ୍ଡିଂଜୋନ୍ ଖୋଲାଯାଇଛି। ସହରବାସୀ ପାଦଚଲା ଦୂରତାରେ ସଉଦା, କ୍ଷୀର ଏବଂ ପରିବା ପାଇପାରୁଛନ୍ତି। ଏଣୁ ସମସ୍ତେ ଗାଡ଼ି ଧରି ବଜାରକୁ ଯିବା ଜରୁରୀ ନାହିଁ। ସାମାଜିକ ଦୂରତା ପାଳନ ହେବନାହିଁ। କେବଳ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମମାନେ ହିଁ ଶାରୀରିକ ଅକ୍ଷମତା ଯୋଗୁ ବଜାରକୁ ଗାଡ଼ି ଧରି ଯାଇପାରିବେ। କିନ୍ତୁ ସେମାନଙ୍କୁ ମଧ୍ୟ ୩ଟି ସୁଯୋଗ ଦିଆଯିବ। ତିନି ଥର ଅଣ୍ଡରଟେକିଂ ଲେଖି ସେମାନଙ୍କୁ ଛାଡ଼ି ଦିଆଯାଇ ପାରିବ। ସେହିଭଳି ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ପରିଚୟ ପତ୍ର ଦେଖାଇ ଗାଡ଼ି ଚଳାଇପାରିବେ। କଟକଣାକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

# ସରକାରୀ ତଥ୍ୟକୁ ଭରସା କର

**କରୋନା ଭୟରେ ଚାଲିଛି ଅନ୍‌ଲାଇନ୍ ଠକେଇ**

କଟକ ଅଫିସ୍,୧୦।୪

**ସତର୍କ କଲା କ୍ରାଇମବ୍ରାଞ୍ଚ**

■ 'ୱାର୍କ ଫ୍ରମ୍ ହୋମ୍' ବେଳେ ପ୍ରାଇଭେସିକୁ ଗୁରୁତ୍ୱ

■ ଆଣ୍ଟି-ଭାଇରସ୍, ଆଣ୍ଟି-ମାଲୱାର୍ ପାଇଁ ପରାମର୍ଶ

କରୋନା ଭୂତାଣୁ ସଂକ୍ରମଣକୁ ନେଇ ଏବେ ସାରା ବିଶ୍ୱରେ ଭୟ ଦେଖାଦେଇଛି। ଏହି ଭୟ ଦେଖାଇ ଅନ୍‌ଲାଇନ୍‌ରେ ଠକେଇ ମଧ୍ୟ ଚାଲିଛି। ବିଭିନ୍ନ ପ୍ରକାର ଲୋଭନୀୟ ଉପହାର ପ୍ରଲୋଭନ ଦେଖାଇ ଲୋକମାନଙ୍କ ତଥ୍ୟ ସଂଗ୍ରହ କରାଯାଉଛି। ସେ ତଥ୍ୟ ବ୍ୟବହାର କରି ଆକାଉଣ୍ଟରୁ ଟଙ୍କା ଗାଏବ୍ ହେଉଛି। ସେହିଭଳି କରୋନା ଭୂତାଣୁକୁ ନେଇ ଅନ୍‌ଲାଇନ୍‌ରେ ଅନେକ ପ୍ରକାର ବିଭ୍ରାନ୍ତିକର ତଥ୍ୟ ଦିଆଯାଉଛି। କେବଳ ବିଶ୍ୱସ୍ତ ଏବଂ ସରକାରୀ ତଥ୍ୟକୁ ହିଁ ଭରସା କରିବାକୁ ଶୁକ୍ରବାର ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

ଏଡିଜି(ସିଆଇଡି-କ୍ରାଇମ୍ ବ୍ରାଞ୍ଚ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କ ତରଫରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି, କରୋନା ଭୂତାଣୁ ଭୟ ଦେଖାଇ ଠକେଇ ହେଉଥିବା ଦୃଷ୍ଟିକୁ ଆସିଛି। ବିଶ୍ୱସ୍ତ ସୂତ୍ର ଯଥା ସରକାରୀ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନାମରେ ସ୍ୱାସ୍ଥ୍ୟ ଉପଦେଷ୍ଟା, କୋଭିଡ-୧୯ ରେସ୍‌ପନ୍ସ ଡକ୍ୟୁମେଣ୍ଟ, ଇ-ବୁକ ଇତ୍ୟାଦି ନକଲି ଦସ୍ତାବିଜ ଲୋକଙ୍କ ପାଖକୁ ପଠାଯାଉଛି। କରୋନା ଭୂତାଣୁ ସମ୍ପର୍କିତ ମୋବାଇଲ୍ ଆପ୍ ଏବଂ ୱେବ୍‌ସାଇଟ୍ ଖୋଲାଯାଇ ମାସ୍କ, ସାନିଟାଇଜର ଓ ଟିକା ଇତ୍ୟାଦି ବିକ୍ରୟ କରାଯାଉଛି। 'କରୋନା ସ୍ୱତନ୍ତ୍ର ଅଫର୍' ନାମରେ ନକଲି ସାମଗ୍ରୀ ବିକ୍ରି ହେଉଛି। ଏପରିକି ଫେକ୍ ନିଉଜ୍ ପୋର୍ଟାଲ୍ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ କରୋନା ଭୂତାଣୁ ସମ୍ପର୍କିତ ତଥ୍ୟ ଦେଇ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରାଯାଉଛି। ସାଧାରଣ ଲୋକମାନେ ଏସବୁ ଅଫର୍ ଏବଂ ତଥ୍ୟ ଉପରେ ବିଶ୍ୱାସ କରି ନିଜର ସମସ୍ତ ଗୋପନୀୟ ତଥ୍ୟ ଦେଇ ପରବର୍ତ୍ତୀ ସମୟରେ ଅନ୍‌ଲାଇନ୍ ଠକେଇର ଶିକାର ହେଉଛନ୍ତି।

ଏଣୁ ଜନସାଧାରଣ ଏହି ସମୟରେ ସତର୍କ ରହିବା ଆବଶ୍ୟକ। କରୋନା ବିଷୟରେ ଜାଣିବା ପାଇଁ କେବଳ ସରକାରୀ ୱେବ୍‌ସାଇଟ୍ କିମ୍ବା ବିଶ୍ୱସ୍ତ ସୂତ୍ରକୁ ହିଁ ଭରସା କରାଯାଉ। ପ୍ରଲୋଭନରେ ପଡ଼ି ବ୍ୟକ୍ତିଗତ କିମ୍ବା ଆର୍ଥୀକ ତଥ୍ୟ ଦିଅନ୍ତୁ ନାହିଁ। କେବଳ ଅଫିସିଆଲ ଆପ୍ ଷ୍ଟୋରରୁ ମୋବାଇଲ ଆପ୍ ଡାଉନଲୋଡ କରନ୍ତୁ। ଇନ୍‌ଷ୍ଟଲ୍ ବେଳେ ଅନାବଶ୍ୟକ ଅନୁମତିରୁ ଦୂରେଇ ରୁହନ୍ତୁ। କୌଣସି ଫଣ୍ଡକୁ ଦାନ ଦେବା ବେଳେ ସମ୍ପୃକ୍ତ ସଂସ୍ଥାର ସତ୍ୟତା ଯାଞ୍ଚ କରନ୍ତୁ। ଇ-ମେଲ୍‌ରେ ଆସିଥିବା ଲିଙ୍କ୍ ଖୋଲିବା ବେଳେ ସତର୍କ ରୁହନ୍ତୁ। ପ୍ରେରକ ଅଚିହ୍ନା ହୋଇଥିଲେ ଖୋଲନ୍ତୁ ନାହିଁ। ସଂସ୍ଥାଗୁଡ଼ିକ ଯଦି କର୍ମଚାରୀଙ୍କୁ ଘରୁ କାମ କରିବାକୁ ସୁଯୋଗ ଦେଉଛନ୍ତି, ତେବେ ରିମୋଟ୍ ଆସେସ୍ ଟେକ୍ନୋଲୋଜିକୁ ସୁରକ୍ଷିତ କରନ୍ତୁ। 'ୱାର୍କ ଫ୍ରମ୍ ହୋମ'ରେ ବ୍ୟକ୍ତିଗତ ତଥ୍ୟ ପ୍ରଦାନ ବେଳେ କର୍ମଚାରୀମାନେ ସତର୍କ ରହିବା ସହ ଡାଟା ପ୍ରାଇଭେସିକୁ ଗୁରୁତ୍ୱ ଦେବା ଆବଶ୍ୟକ। ନିଜ କମ୍ପ୍ୟୁଟର୍‌ରେ ସର୍ବଦା ଆଣ୍ଟି-ଭାଇରସ୍ ଏବଂ ଆଣ୍ଟି-ମାଲୱାର୍ ସଫ୍ଟୱେର୍ ଅପ୍‌ଟୁଡେଟ୍ ରଖିବାକୁ ଏଡିଜି (ସିଆଇଡି-କ୍ରାଇମ ବ୍ରାଞ୍ଚ)ପ୍ରିୟଦର୍ଶୀ ପରାମର୍ଶ ଦେଇଛନ୍ତି।

**ବିସ୍ଫୋରକ ରୂପ ନେଲା କାଜୁ ଜଙ୍ଗଲ ବିବାଦ**

# ସଂଘବଦ୍ଧ ଆକ୍ରମଣରେ ୨ ଆଦିବାସୀ ନିହତ





ଆହତମାନେ ।


ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଆଦିବାସୀଙ୍କ ଧାରଣା।

■ ୨୫ ଆହତ, ୬ ଗୁରୁତର

■ ରାଇପଡ଼ାରେ ଉତ୍ତେଜନା, ପୋଲିସ ମୁତୟନ

■ ସରପଞ୍ଚଙ୍କ ସମେତ ୪୦ ଜଣଙ୍କ ନାଁରେ ମାମଲା

ନୟାଗଡ ଅଫିସ/ରଣପୁର,୧୦।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ରାଇପଡାସ୍ଥିତ କାଜୁ ଜଙ୍ଗଲକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଶୁକ୍ରବାର ବିସ୍ଫୋରକ ରୂପ ନେଇଛି। ରାଇପଡା ନୂଆସାହି ଲୋକଙ୍କ ସଂଘବଦ୍ଧ ଆକ୍ରମଣରେ ଆଦିବାସୀ ସାହିର ଦୁର୍ଗା ପ୍ରଧାନ (୫୦) ଓ ବିରଞ୍ଚି ପ୍ରଧାନ (୫୫) ନିହତ ହୋଇଛନ୍ତି। ଏହି ଆକ୍ରମଣରେ ୨୫ ଆଦିବାସୀ ଆହତ ହୋଇଥିବାବେଳେ ୬ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥାରେ ଉନ୍ନତି ନ ଆସିବାରୁ ୬ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଶରଣକୁଳ ଏସ୍‌ଡିପିଓ ଏସ୍. ଟପୋ, ଚାନ୍ଦପୁର ଆଇଆଇସି ଧନେଶ୍ୱର ନାହାକ, ସବ୍‌ଇନ୍ସପେକ୍ଟର ଏସ୍.ଏସ୍. ହରୋ ପହଞ୍ଚି ତଦନ୍ତ କରିଥିଲେ। ଉତ୍ତେଜନା ଲାଗିରହିଥିବାରୁ ଗାଁରେ ୧ସେକ୍ସନ ପୋଲିସ ମୁତୟନ ଅଛନ୍ତି। ନୟାଗଡ଼ ଏସ୍‌ପି ଚାନ୍ଦପୁର ଥାନାକୁ ଯାଇ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରି ଫେରିଛନ୍ତି। ହେଲେ ସେ ଘଟଣାସ୍ଥଳକୁ ଯାଇନାହାନ୍ତି। ଆଦିବାସୀ ସାହିର ବେଣୁଧର ପ୍ରଧାନଙ୍କ ଅଭିଯୋଗ ଅନୁସାରେ ରାଇପଡା ସରପଞ୍ଚ ବ୍ରହ୍ମଚାରୀ ମାଝି, ନୂଆସାହିର ଅଶୋକ ଭଞ୍ଜ, କେଲୁ ବେହେରା, ସୁର ମାଝି, ହାଡିଆ ବେହେରା, ଧନୁ ବେହେରା, ହାଡିଆ ପଲେଇଙ୍କ ସମେତ ୪୦ ଜଣଙ୍କ ନାଁରେ ୩୭/୨୦ରେ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଗା ପ୍ରଧାନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ହେଲେ ଆଦିବାସୀମାନେ ସରପଞ୍ଚ ଓ ଅନ୍ୟମାନଙ୍କ ଗିରଫ ସହ କ୍ଷତିପୂରଣ ଦାବିରେ ମୃତଦେହ ନ ଛାଡି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ରଖି ଆନ୍ଦୋଳନ ଚଳାଇଛନ୍ତି।

ଅଭିଯୋଗ ଅନୁସାରେ ଆଦିବାସୀ ସାହିର ବେଣୁଧର ପ୍ରଧାନ ୩ବର୍ଷ ପାଇଁ ୧୬ଲକ୍ଷ ୫୦ ହଜାର ଟଙ୍କାରେ ରାଇପଡା କାଜୁ ଜଙ୍ଗଲକୁ ୨୦୧୯ରେ ଓଡ଼ିଶା କାଜୁ ଉନ୍ନୟନ ନିଗମ ଲିମିଟେଡ୍‌ରୁ ନିଲାମ ନେଇଥିଲେ। ପ୍ରଥମ ବର୍ଷ ପାଇଁ ୫ ଲକ୍ଷ ଟଙ୍କା ଡିପୋଜିଟ୍ କରି ନିଜ ଗାଁ ସମେତ ଆଖପାଖ ଅଞ୍ଚଳର ଆଦିବାସୀମାନଙ୍କୁ ନେଇ କାଜୁ ଜଙ୍ଗଲର ସୁରକ୍ଷା ଦେଇଆସୁଥିଲେ। ଶୁକ୍ରବାର ପୂର୍ବାହ୍ନରେ ଆଦିବାସୀ ମହିଳାପୁରୁଷଙ୍କୁ ନେଇ ବେଣୁଧର କାଜୁ ଜଙ୍ଗଲରୁ କାଜୁ ମଞ୍ଜି ସଂଗ୍ରହ କରୁଥିଲେ। ଏହି ସମୟରେ ସରପଞ୍ଚ ବ୍ରହ୍ମଚାରୀ ମାଝିଙ୍କ ନେତୃତ୍ୱରେ ୩୫ରୁ ୪୦ ଲୋକ ଠେଙ୍ଗା, ଭୁଜାଲି, କଟୁରି ଆଦି ମାରଣାସ୍ତ୍ର ଧରି କାଜୁ ଜଙ୍ଗଲରେ ପଶିଥିଲେ। ପରେ ମିଳିତ ଭାବେ ଆଦିବାସୀଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ କରିଥିଲେ। ଏଥିରେ ଆହତ ହୋଇଥିବା ଆଦିବାସୀମାନେ ଛତ୍ରଭଙ୍ଗ ଦେଇଥିଲେ। ଆକ୍ରମଣକାରୀ ପଳାଇଯିବା ପରେ ଆଦିବାସୀମାନେ ଦୁର୍ଗା ପ୍ରଧାନ, ବିରଞ୍ଚି ପ୍ରଧାନ, ଗଙ୍ଗା ବେହେରା, ବସନ୍ତ ନାୟକ, ରାଜୁ ପ୍ରଧାନ, ସତ୍ୟ ନାୟକ, ସଞ୍ଜୁ ନାୟକ, ବୈଷ୍ଣବ ନାୟକ, ସୁକାନ୍ତି ନାୟକ, ସୁନିତା ପ୍ରଧାନ, ଶାନ୍ତି ନାୟକ, ଶାନ୍ତି ପ୍ରଧାନ, ଟୁକୁନି ନାୟକ, ଶଙ୍କର ସାମନ୍ତରାୟ ପ୍ରମୁଖ ୨୫ ଆହତଙ୍କୁ ପ୍ରଥମେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଦୁର୍ଗାଙ୍କ ମୃତ୍ୟୁ ଘଟିଥିଲା। ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର ହୋଇଥିବା ୬ଜଣଙ୍କ ମଧ୍ୟରୁ ଚିକିତ୍ସାଧୀନ ଥିବା ବିରଞ୍ଚି ପ୍ରାଣ ହରାଇଛନ୍ତି। ୨ଜଣଙ୍କ ମୃତ୍ୟୁ ପରେ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାପୁରୁଷ କିଭଳି ପରିସ୍ଥିତିକୁ ସାମ୍ନା କରିବେ ସେ ନେଇ ଗାଁ ପାଖ ମନ୍ଦିରରେ ଆଲୋଚନା ଜାରି ରଖିଛନ୍ତି।

**ଆଜିର ମନ୍ତବ୍ୟ**

ଲକ୍‌ଡାଉନ୍ ଜନିତ ପରିସ୍ଥିତିର ସମାଧାନ ଲାଗି ସରକାର ଉପଯୁକ୍ତ ଯୋଜନା ଆଣିବା ଆଶା କରୁଛୁ।
**-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**

## ସଂକ୍ଷେପରେ

### ମେ'୧ ଯାଏ ଲକ୍‌ଡାଉନ ବଢ଼ାଇଲା ପଞ୍ଜାବ

■ **ଓଡ଼ିଶା ପରେ ଦ୍ୱିତୀୟ ରାଜ୍ୟ**

ନୂଆଦିଲ୍ଲୀ,୧୦।୪: ଓଡ଼ିଶା ପରେ ଦ୍ୱିତୀୟ ରାଜ୍ୟ ଭାବେ ପଞ୍ଜାବ ଲକ୍‌ଡାଉନ୍ ସମୟସୀମାକୁ ମେ' ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି। କୋଭିଡ୍-୧୯ ସଂକ୍ରମଣ ରୋକିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୨୩ରେ ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିଥିଲେ। ଏହାର ସମୟସୀମା ଏପ୍ରିଲ ୧୪ରେ ଶେଷ ହେବାକୁ ଯାଉଥିବାବେଳେ ଏହାକୁ ଆହୁରି ବଢ଼ାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରସ୍ତାବ ଦେଇଥିଲେ। ଶନିବାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଘୋଷଣା କରିପାରନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗଣମାଧ୍ୟମକୁ ସମ୍ବୋଧିତ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି, କୋଭିଡ୍-୧୯ ପଜିଟିଭ୍ ସଂଖ୍ୟା ବଢ଼ିଚାଲିଥିବାରୁ ଲକ୍‌ଡାଉନ ଓ କର୍ଫ୍ୟୁ ବଢ଼ିବା ଆବଶ୍ୟକ ବୋଲି ସେ ଅନୁଭବ କରୁଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ କରୋନା ମୁକାବିଲାରେ ଆମେ ଅଧିକ ସମର୍ଥ ହୋଇପାରିଛୁ। ତଥାପି ଏହା ମାଡ଼ିଚାଲିଛି। ସାମାଜିକ ଦୂରତ୍ୱ ରକ୍ଷା ଲାଗି ଲକ୍‌ଡାଉନ୍ ଜରୁରୀ ବୋଲି ସେ କହିଛନ୍ତି। ଏପ୍ରିଲ ୧୪ ପରେ ଲକ୍‌ଡାଉନ ଜାରି ରଖିବା ଲାଗି ଉତ୍ତରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, କର୍ଣ୍ଣାଟକ ସମେତ ଅନେକ ରାଜ୍ୟ ପ୍ରସ୍ତାବ ଦେଇଥିଲେ।

### ଧର୍ମୀୟ ସମାବେଶକୁ ଅନୁମତି ଦିଅନାହିଁ

■ **ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ**

ନୂଆଦିଲ୍ଲୀ,୧୦।୪: ଆଗକୁ ଇଷ୍ଟର, ବୈଶାଖୀ, ବୋହାଗ ବିହୁ, ବିଷୁବ ଆଦି ଉତ୍ସବ ଥିବାରୁ ସାମାଜିକ କିମ୍ବା ଧର୍ମୀୟ ସମାବେଶକୁ ଅନୁମତି ନ ଦେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କ କରାଇଦେଇଛନ୍ତି। ରବିବାର ଇଷ୍ଟର ପଡୁଥିବାବେଳେ ୧୩ରେ ବୈଶାଖୀ ଓ ୧୫ରେ ବିହୁ ତଥା ବିଷୁବ ସଂକ୍ରାନ୍ତି ପଡୁଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଧର୍ମୀୟ ସମାବେଶ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କଡ଼ା ନିର୍ଦ୍ଦେଶନାମା ଜାରି କରିଛି। ଓଡ଼ିଶା ଓ ପଞ୍ଜାବ ଲକ୍‌ଡାଉନ ସମୟସୀମା ବଢ଼ାଇସାରିଥିବାବେଳେ ଦେଶବ୍ୟାପୀ ଏହାକୁ ବଢ଼ାଇବା ନିଷ୍ପତ୍ତି ଦିନେ ଦୁଇଦିନ ମଧ୍ୟରେ ନିଆଯାଇପାରେ। ଲକ୍‌ଡାଉନ୍ ନିୟମ ଅନୁଯାୟୀ ସାମାଜିକ/ସାଂସ୍କୃତିକ/ଧର୍ମୀୟ ଉତ୍ସବ କିମ୍ବା ସମାବେଶ କରାଯାଇପାରିବ ନାହିଁ। ସେହିପରି ସୋସିଆଲ ମିଡିଆରେ କୌଣସି ପ୍ରକାର ଆପତ୍ତିଜନକ ଖବର ପ୍ରସାରଣ ଉପରେ ସତର୍କ ଦୃଷ୍ଟି ଦେବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି।

# ଲକ୍‌ଡାଉନ୍ ଦେଖାଉଛି ଜଳବାୟୁ ସଙ୍କଟର ସମାଧାନ ବାଟ





ନୂଆଦିଲ୍ଲୀ,୧୦।୪: କରୋନା ମହାମାରୀ ଯୋଗୁ ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟିହୋଇଛି। ଏହି ଭୂତାଣୁ ୨୦୯ ଦେଶକୁ କବଳିତ କରି ଲକ୍ଷ ଲକ୍ଷ ଲୋକଙ୍କୁ ମରଣ ମୁହଁକୁ ଠେଲିଥିବା ବେଳେ ବାୟୁମଣ୍ଡଳରେ ବ୍ୟାପିବାର ଆଶଙ୍କା ମଧ୍ୟ ରହିଛି। ଆପାଦମସ୍ତକ ସଂକ୍ରମଣ ହେବାର ଭୟ ସଞ୍ଚାର ହୋଇଛି। ଚାଇନାର ଉହାନ୍ ସହରରୁ ପ୍ରଥମେ ଏହି ଭୂତାଣୁ ଜଣେ ମହିଳାଙ୍କୁ ଆକ୍ରାନ୍ତ କରିବା ପରେ ଏବେ ସାରା ବିଶ୍ୱକୁ ଗ୍ରାସ କରିବାରେ ଲାଗିଛି। ଅଦ୍ୟାବଧି ୯୭ ହଜାର ମୁଣ୍ଡ ନେବା ସହ କରୋନା ଭୂତାଣୁ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆକ୍ରାନ୍ତ କରିଲାଣି। ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଲାଣି। ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଲକ୍‌ଡାଉନ୍ ଯୋଗୁ ଏବେ ସମସ୍ତେ ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ଫଳରେ ପରିବେଶ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଛି। ଯାନବାହନ ଚଳାଚଳ ଠାରୁ ଆରମ୍ଭ କରି ବିଭିନ୍ନ କଳ କାରଖାନା ବନ୍ଦହେବା ପରେ ଏବେ ପରିବେଶ ସୁଧୁରିଥିବା ଦେଖିବାକୁ ମିଳିଛି। ଦୁର୍ଘଟଣାର ମାତ୍ରା କମିବା ସହ ସହରଗୁଡ଼ିକରେ ପ୍ରଦୂଷଣର ମାତ୍ର ମଧ୍ୟ ଯଥେଷ୍ଟ କମିଛି। ବାୟୁର ମାନରେ ବେଶ୍ ଉନ୍ନତି ପରିଲକ୍ଷିତ ହୋଇଥିବାରୁ ଆଜ୍‌ମା, ଫୁସ୍‌ଫୁସ୍ ରୋଗୀଙ୍କ ଲାଗି ଏହା ବରଦାନ ସାବ୍ୟସ୍ତ ହୋଇଛି। ଏଭଳି ସ୍ଥିତି କେବଳ ଭାରତ ନୁହେଁ ଚାଇନା, ଆମେରିକା, ଇଟାଲୀ, ଜର୍ମାନୀ, ବ୍ରିଟେନ ଭଳି ଶିଳ୍ପସମୃଦ୍ଧ ଦେଶଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳିଛି। ଜୀବାଶ୍ମ ଇନ୍ଧନ ବିନା ମାନବଜାତି କିପରି ବଞ୍ଚିପାରିବ, ସେନେଇ ଏକ ସୁଯୋଗ ସୃଷ୍ଟିହୋଇଛି ବୋଲି ଅନେକ ବିଶେଷଜ୍ଞ ମତ ଦେଇଛନ୍ତି। ସ୍ୱଳ୍ପ ସମୟ ପାଇଁ ନୁହେଁ ବରଂ ଦୀର୍ଘମିଆଦି ସୂତ୍ରରେ ପରିବେଶକୁ ସୁରକ୍ଷା ଦେଇ କିପରି ଜୀବଜଗତ ସମ୍ଭବ ହୋଇପାରିବ, ସେନେଇ କରୋନା ଭୂତାଣୁ ଶିକ୍ଷା ଦେଇଛି। ରାଜନେତାମାନେ ମଧ୍ୟ ଏଥିରୁ ଶିକ୍ଷାଲାଭ କରି ସୂତ୍ର ବାହାର କରିବାର ସମୟ ଆସିଛି। ଭୂତାଣୁ ଆସିବା ପୂର୍ବର ସ୍ଥିତିଠାରୁ ଏବେକାର ପାରିପାର୍ଶ୍ୱିକ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏବେ ବିଶ୍ୱ ଏକ୍‌ଦମ୍ ଶାନ୍ତ। ପ୍ରଦୂଷଣର ମାତ୍ରା କମିବା ସହ ମୁକ୍ତ ଓ ନିର୍ମଳା ବାୟୁ ମିଳିପାରୁଛି। ଜୀବାଶ୍ମ ଇନ୍ଧନ ବିନା ଜନଜୀବନ ଠପ୍ ହୋଇଯାଇ ଥିଲେ ମଧ୍ୟ ପରିବେଶରେ ସୁଧାର ସମ୍ଭବ ହୋଇପାରିଛି। ପରିବେଶ ସୁରକ୍ଷା ଲାଗି କିଭଳି ଦ୍ରୁତ ପଦକ୍ଷେପ ଗ୍ରହଣ କରାଯିବ, ସେନେଇ କରୋନା ଭୂତାଣୁ ମାନବଜାତିକୁ ଶିଖାଇ ଦେଇଛି। ସାମ୍ପ୍ରତିକ ସ୍ଥିତିକୁ ନେଇ ପରିବେଶବିତ୍ ଏବଂ ବିଶେଷଜ୍ଞମାନେ ଭିନ୍ନ ଭିନ୍ନ କଥା ଉଲ୍ଲେଖ କରିଛନ୍ତି। ପ୍ରଦୂଷଣର ମାତ୍ରା ବଢ଼ିଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ପରିବେଶକୁ କ୍ଷତି ପହଞ୍ଚାଇଲେ ଜୀବଜଗତ କେବେହେଲେ ବେଶିଦିନ ତିଷ୍ଠି ରହିପାରିବନି ବୋଲି ଜଣାଥିଲେ ବି କେହି ଏହାକୁ ମାନିବାକୁ ନାରାଜ୍। ହେଲେ ଲକ୍‌ଡାଉନ୍‌ର ଏଇ କିଛିଦିନ ଆମକୁ ବହୁଶିକ୍ଷା ଦେଇଛି। ଆମକୁ ବାସ୍ତବବାଦୀ ହୋଇ କାମ କରିବାକୁ ପଡ଼ିବ। ପରିବେଶ ସୁରକ୍ଷା ସମ୍ବକୁ ରାଜନୈତିକ ଇଚ୍ଛାଶକ୍ତି ମାଧ୍ୟମରେ ସଜାଡ଼ିବାକୁ ପଡ଼ିବ। ମାନବଜାତି ଏକ ହୋଇ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ହେବ। ଏଭଳି ଶିକ୍ଷା ମଣିଷ ମନରେ ଜାଗ୍ରତ କରିଛି ଏହି ଭୂତାଣୁ। ଏବେଠାରୁ ସତର୍କ ହେବାର ବେଳ ଆସିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

# କରୋନା ମୁକାବିଲା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା

## ଅଧିକ ଅନୁଦାନ ଦାବିକଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

କରୋନା ମୁକାବିଲା କରିବା ଲାଗି କେନ୍ଦ୍ର ସରକାର ଓଡ଼ିଶାକୁ ୪୬.୩୫କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ହେଲେ ଏହା ଯଥେଷ୍ଟ ନୁହେଁ, ଅଧିକ ଅନୁଦାନ ଦେବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ନିକଟରେ ଦାବି କରିଛନ୍ତି। କରୋନା ସଂକ୍ରମଣ ରୋକିବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଜଣାଇଛନ୍ତି। ଶୁକ୍ରବାର ହର୍ଷବର୍ଦ୍ଧନ ସବୁ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଥିବା ବେଳେ ଏହି ଅବସରରେ ରାଜ୍ୟ ପକ୍ଷରୁ ଅଧିକ ଅନୁଦାନ ଲାଗି ଦାବି କରାଯାଇଛି।

ଏହି ଅବସରରେ ମନ୍ତ୍ରୀ ଦାସ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଲକ୍‌ଡାଉନ ଅବଧି ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ତେଣୁ ଏହାକୁ ଲାଗୁ କରାଯାଉ। ହାଇଡ୍ରୋ କ୍ଲୋରୋକୁଇନ ଟାବଲେଟ, ଏନ୍-୯୫ ମାସ୍କ, ଭିଟାମିନ ସି ତୁରନ୍ତ ରାଜ୍ୟକୁ ପଠାଯାଉ। କରୋନା ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ୫ଲକ୍ଷ ପିପିଇ ଯୋଗାଇ ଦିଆଯାଉ। କରୋନା ଆକ୍ରାନ୍ତଙ୍କ ରକ୍ତ ପରୀକ୍ଷା ପାଇଁ ଏହା ଅତ୍ୟନ୍ତ ଜରୁରୀ ଆର୍‌ଟିପିସିଆର୍ କିଟ୍ ଆବଶ୍ୟକ ମୁତାବକ ରାଜ୍ୟ ପାଖରେ ନାହିଁ, ତାହା ମଧ୍ୟ ଆବଶ୍ୟକ। ବର୍ତ୍ତମାନ ଓଡ଼ିଶାରେ ୩୦୦ ଆର୍‌ଏନ୍‌ଏସ୍ ରହିଛି ଆହୁରି ୫ ହଜାର ଆବଶ୍ୟକ। ଏସବୁ ଜିନିଷ ଯୋଗାଣକୁ ସୁନିଶ୍ଚିତ କରାଯାଉ। ଅନୁସୂଚିତ ଜାତି ଓ ଜନଜାତି ବହୁଳ ଅଞ୍ଚଳଗୁଡିକରେ ଆଗୁଆ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଦାଶ ଅନୁରୋଧ କରିଛନ୍ତି। ରାଜ୍ୟରେ ଅନେକ ସମୟରେ ବିପର୍ଯ୍ୟୟ ଲାଗି ରହୁଥିବାରୁ ସ୍ୱତନ୍ତ୍ର କୋଭିଡ୍ ପାଣ୍ଠି ଆର୍ଥିକ ସହାୟତା ଦିଆଯାଉ। ସେହିପରି ଭିମ୍‌ସାର ବୁର୍ଲା, ବ୍ରହ୍ମପୁର ଏମ୍‌କେସିଜି, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ହସ୍ପିଟାଲରେ କରୋନା ରକ୍ତ ପରୀକ୍ଷା ଲାଗି ନିର୍ଦ୍ଦେଶ ଦିଆଯାଉ। ଏଥିସହ ବାଲେଶ୍ୱର ଏମ୍‌ସ ସାଟେଲାଇଟ ହସ୍ପିଟାଲକୁ କରୋନା ହସ୍ପିଟାଲ କରିବାକୁ ନିଷ୍ପତ୍ତି ନିଅନ୍ତୁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି।

# ୬୪ ବିଦେଶୀ ତବଲିଘି ଜମାତ୍‌ଙ୍କ ବିରୋଧରେ ମାମଲା

ଭୋପାଳ,୧୦।୪

ଦିଲ୍ଲୀ ନିଜାମୁଦ୍ଦିନରେ ଅନୁଷ୍ଠିତ ଧର୍ମସଭା ଭାରତରେ କରୋନା ସଂକ୍ରମଣର ହଟ୍‌ସ୍ପଟ ପାଲଟିଛି। ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିଥିବା ୬୪ ବିଦେଶୀ ତବଲିଘି ଜମାତ୍‌ଙ୍କ ବିରୋଧରେ ମଧ୍ୟପ୍ରଦେଶ ପୋଲିସ ମାମଲା ରୁଜୁ କରିଛି। ଲକ୍‌ଡାଉନ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ୫୭ ମାମଲା ରୁଜୁ ହୋଇଥିବାବେଳେ ବିଦେଶରୁ ଆସି ମରକଜ୍ ଧର୍ମସଭାରେ ଯୋଗଦେଇଥିବା ୬୪ ଜମାତ୍‌ଙ୍କ ବିରୋଧରେ ୭ ମାମଲା ରୁଜୁ ହୋଇଛି। ସେହିପରି ଦେଶର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା ୧୦ ଜଣ ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ୧୩ ଜଣଙ୍କ ବିରୋଧରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜମାତ୍‌ମାନଙ୍କ ବିରୋଧରେ ବିଦେଶୀ ଆଇନ ଓ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଥିବା ଜୋନ୍-୧ର ଏଏସ୍‌ପି ରଜତ ସକ୍ଲେଚା କହିଛନ୍ତି।

# ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଗାୟିକା ଶାନ୍ତି ହୀରାନନ୍ଦଙ୍କ ପରଲୋକ



ନୂଆଦିଲ୍ଲୀ,୧୦।୪(ପି.ଟି): ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଶାନ୍ତି ହୀରାନନ୍ଦ ଚାୱ୍ଲାଙ୍କର ଶୁକ୍ରବାର ସକାଳେ ଗୁରୁଗ୍ରାମ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ଅସୁସ୍ଥତା କାରଣରୁ ରବିବାରଠାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାବେଳେ ଗୁରୁବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା ବୋଲି ପୁଅ ନିଶ୍ଚିନ୍ତ ଚାୱ୍ଲା କହିଛନ୍ତି। ସେ ଲାହୋର, ଇସ୍‌ଲାମାବାଦ, ଟରଣ୍ଟୋ,ବୋଷ୍ଟନ, ନ୍ୟୁୟର୍କ, ୱାଶିଂଟନ ସମେତ ବିଶ୍ୱର ବିଭିନ୍ନ ମଞ୍ଚରେ ସଙ୍ଗୀତ ପରିବେଷଣ କରି ଖ୍ୟାତି ଅର୍ଜନ କରିଥିଲେ। କିମ୍ବଦନ୍ତୀ ଗଜଲ ଗାୟକ ବେଗମ୍ ଅଖତରଙ୍କ ପରିବେଷଣ ଢାଞ୍ଚାକୁ ସେ ନିଜ ସଙ୍ଗୀତ ମାଧ୍ୟମରେ ଉଜ୍ଜୀବିତ କରି ରଖିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଭଲ ନୁହେଁ ଚକର ଚକର**
**ଅତି ଭଲ ନୁହେଁ ଚୁପ୍**
**ଅତି ଭଲ ନୁହେଁ ବରଷା ବାଦଲ**
**ଅତି ଭଲ ନୁହେଁ ଧୂପ।**

ଅତିର ବ୍ୟବହାର ଅତ୍ୟନ୍ତ ହାନିକାରକ। ଅତି ବକ୍‌ବକ୍ ହେବା କି ଚୁପ୍ ରହିବା ଯେମିତି ଭଲ ହୋଇ ନ ଥାଏ ସେମିତି ଅତି ବରଷା କି ଖରା ଭଲ ଲାଗି ନ ଥାଏ। ଅତି ସର୍ବତ୍ର ଗର୍ହିତମ। ଅତି ଲେମ୍ବୁ ଚିପୁଡ଼ିଲେ ପିତା ଲାଗିବା ଭଳି ଅତିର ମାତ୍ରା ସବୁବେଳେ ସବୁଠି ଖରାପ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଅଜା ଜାଣି ନାତି**
**ମାଛ ଜାଣି କାତି।**

ବଂଶର ଗୁଣ ଅନୁସାରେ ପିଲାର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। ଅଜା ବା ଜେଜେଙ୍କର ଗୁଣ ସ୍ୱଭାବ ତଥା ପ୍ରକୃତି ସ୍ଥଳ ବିଶେଷରେ ନାତିଠାରେ ପରିଲକ୍ଷିତ ବା ପ୍ରତିଫଳିତ ହୋଇଥାଏ। ଉତ୍ତରାଧିକାର ସ୍ୱତ୍ୱରେ ନାତିର ଗୁଣଗ୍ରାମ ଅଜା ବା ଜେଜେଙ୍କ ସହ ମେଳ ଖାଇଥାଏ। ସେହିପରି କାତି ଦେଖି ଏହା କେଉଁ ପ୍ରଜାତିର ମାଛ ସହଜରେ ଜାଣି ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ.ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ଭୁବନେଶ୍ୱରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଜଣେ ବାଳକ ରାସ୍ତା ପାର୍ଶ୍ୱରେ ଥିବା ଏକ ଟାଙ୍କିରୁ ପାଣି ପିଇ ତୃଷା ମେଣ୍ଟାଉଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୧୩ରୁ ଏମ୍‌କେସିଜି, ...

ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ଅଧିକରୁ ଅଧିକ କୋଭିଡ୍-୧୯ ପରୀକ୍ଷଣ ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଅନୁସନ୍ଧାନ କେନ୍ଦ୍ର (ଆର୍‌ଏମ୍‌ଆର୍‌ସି)ରେ ଅତ୍ୟାଧୁନିକ କୋବାସ୍ ମେଶିନ୍ ସ୍ଥାପନ କରାଯାଇଛି। ଏହାଦ୍ୱାରା ଆର୍‌ଏମ୍‌ଆର୍‌ସିର କୋଭିଡ୍ ପରୀକ୍ଷଣ କ୍ଷମତା ୧୦୦୦କୁ ବୃଦ୍ଧି ପାଇଥିବାବେଳେ ଏଣିକି ରାଜ୍ୟରେ ବର୍ତ୍ତମାନ ଦିନକୁ ୧୧୨୫ ନମୁନା ପରୀକ୍ଷଣ ହୋଇପାରିବ। ଅନ୍ୟଦୁଇ କେନ୍ଦ୍ର ଯଥା ଏମ୍‌ସରେ ଦିନକୁ ୭୫ ଓ ଏସ୍‌ସିବିରେ ୫୦ ନମୁନା ପରୀକ୍ଷଣ କରାଯାଉଛି ବୋଲି ସଚିବ ସିଂ କହିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ରାଜ୍ୟରେ ଆର୍‌ଏମ୍‌ଆରସି, ଭୁବନେଶ୍ୱର ଏମ୍‌ସ ଓ କଟକ ଏସ୍‌ସିବି ମେଡିକାଲରେ କୋଭିଡ୍-୧୯ର ନମୁନା ପରୀକ୍ଷଣ ହେଉଛି। ଏଥିସହ ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲଏସ୍)ରେ ମଧ୍ୟ ପରୀକ୍ଷଣ ପାଇଁ ଅନୁମତି ମିଳିଛି।

### ଘରୋଇ ସ୍କୁଲ ଫି କମାଅ ...

ଏ କ୍ଷେତ୍ରରେ ମଧ୍ୟ ବେସରକାର ଶିକ୍ଷାନୁଷ୍ଠାନ ଓ ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ସହଯୋଗର ହାତ ବଢ଼ାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ନେଇ ଟୁଇଟ୍ କରି କହିଛନ୍ତି, ସମସ୍ତ ବେସରକାରୀ ଶିକ୍ଷା ଅନୁଷ୍ଠାନ ଏହାକୁ ଗୁରୁତର ଭାବେ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ଏହା ଅଭିଭାବକଙ୍କୁ ଆର୍ଥିକ କ୍ଷେତ୍ରରେ ବିଶେଷ ସହଯୋଗ କରିବ ବୋଲି ସେ କହିଛନ୍ତି। ଏଥିପାଇଁ ଓଡ଼ିଶା ଅଭିଭାବକ ସଂଘ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଚାଲିଥିବାବେଳେ ସମସ୍ତ ଘରୋଇ ସ୍କୁଲ ଫି ଆଦାୟ କରିବା ଅନ୍ୟାୟ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଦାବି କରି ବୁଧବାର ୭ଘଣ୍ଟିଆ ଧାରଣା ଦେଇଥିଲା। ରାଜ୍ୟର ୧୫ ଜିଲାର ଅଭିଭାବକ ଉକ୍ତ ଧାରଣାରେ ସାମିଲ୍ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଫି ହ୍ରାସ ପାଇଁ ଅନୁରୋଧ କରିଥିଲେ।

### ଗୁରୁତର ସଙ୍କଟରେ ...

ମଧ୍ୟରେ ପ୍ରାୟ ୧,୮୦୦ ଖବରକାଗଜ ବନ୍ଦ ହୋଇଯାଇଥିଲା। କାରଣ ପାଠିକାପାଠକମାନେ ଏସବୁ କିଣିବା ଲାଗି ଆଗ୍ରହ ଦେଖାଉନାହାନ୍ତି। ଅନ୍ୟପକ୍ଷରେ ଡିଜିଟାଲ ଯୁଗରେ ସମସ୍ତେ ଅନ୍‌ଲାଇନ୍, ଗୁଗଲ୍, ଫେସ୍‌ବୁକ୍ ପ୍ରତି ଆକୃଷ୍ଟ ହେଉଛନ୍ତି। ତେଣୁ ବିଜ୍ଞାପନଦାତାମାନେ ଏସବୁ ମାଧ୍ୟମ ବା ମଞ୍ଚ ପ୍ରତି ଆଗ୍ରହ ଦେଖାଇବା ସ୍ୱାଭାବିକ। ଏମିତି ଦେଖିଲେ ଗଣମାଧ୍ୟମକୁ ଏକ ଶକ୍ତିଶାଳୀ ଶିଳ୍ପ ଭାବେ ଗଣାଯାଇ ନ ଥାଏ। ଏଭଳି ସ୍ଥଳେ କରୋନା ଭାଇରସ୍‌ର ପ୍ରଭାବ ଏହାକୁ ମୋଡିମକଚି ଦେଲାଣି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରବି ରେବତୀ ନକ୍ଷତ୍ରରେ ରହିଥିବାରୁ ଦ୍ୱିଜା ଓ କୃତ୍ତିକା ନକ୍ଷତ୍ରଙ୍କ ମିତ୍ରତା ବୃଦ୍ଧି ଘଟିବ। କୌଣସି ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ପାଇବା ସାଙ୍ଗକୁ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ। ଆନୁଷ୍ଠାନିକ କାମରେ ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ** ଆନୁଷ୍ଠାନିକ କାମ ସକାଶେ ରୋହିଣୀ ନକ୍ଷତ୍ର ସକାଶେ ବିଶେଷ ଭାବେ ଧାଁ ଧପଡ କରିବାକୁ ପଡିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ପୁରାତନ ରୋଗର ପୀଡ଼ା ଅନୁଭବ କରିପାରନ୍ତି। ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବାର ସମ୍ଭାବନା ରହିଛି ।

**ମିଥୁନ** ଅଷ୍ଟମଭାବସ୍ଥ ମଙ୍ଗଳ ସୁରଗୁରୁଙ୍କ ସାନ୍ନିଧ୍ୟରେ ଥିବାରୁ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ବିଭିନ୍ନ ସୂତ୍ରରୁ ଧାର,କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡା ନିୟନ୍ତ୍ରଣ ମଧ୍ୟରେ ରହିବ । ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**କର୍କଟ** ଭାଗ୍ୟସ୍ଥାନରେ ବୁଧାଦିତ୍ୟ ଯୋଗ ଆତ୍ମୀୟମାନଙ୍କ ସହଯୋଗରେ କାର୍ଯ୍ୟସାଧନ ପୂର୍ବକ ସାମାଜିକ ସମ୍ମାନ ପାଇବେ। ହଜିଲା ଦିନର ଅଭୁଲା ସମୟଗୁଡ଼ିକୁ ମନେ ପକାଇ ଭାବ ବିଭୋର ହୋଇପାରନ୍ତି। କର୍ମକ୍ଷେତ୍ରର କେତେକ ଅବ୍ୟବସ୍ଥା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିପାରେ। ଖାପଛଡା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ** ବୃହସ୍ପତି ଷଷ୍ଠଭାବରେ ନୀଚସ୍ଥ ଯୋଗୁଁ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହେବ। ବହୁ ପୂର୍ବରୁ ଚିନ୍ତା କରିଥିବା କାମକୁ ପୂର୍ଣ୍ଣାଙ୍ଗ କରି ଶାନ୍ତିରେ ନିଃଶ୍ୱାସ ମାରିବେ। ସାମୟିକ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ ।

**କନ୍ୟା** ଶନିଙ୍କ ସୁପ୍ରଭାବରେ ବିବାଦର ଅବସାନ ଘଟିବ କିନ୍ତୁ ପରିବାରରେ କଥା କଟାକଟି ଅଶାନ୍ତ ପରିବେଶ ସୃଷ୍ଟି କରିପାରେ। ଆପଣଙ୍କ କାମ ସୁବିଧାରେ ସମ୍ପନ୍ନ ହେବା ଦିଗରେ ଜଣେ ବିଜାତୀୟ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ନିଜ ପରିବାରର ବ୍ୟକ୍ତିଙ୍କ ଅସହଯୋଗ ମନୋଭାବରୁ ବ୍ୟଥିତ ହେବେ।

**ତୁଳା** ନବମସ୍ଥ ରାହୁ ନିକଟ ସମ୍ପର୍କୀୟମାନଙ୍କ ସହ କଳହର କାରଣ ହୋଇପାରେ। କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ।

**ବିଛା** ମୁଖଭାବରେ କେତୁ ଆପଣଙ୍କ ବ୍ୟବହାରରେ କୌଣସି ବ୍ୟତିକ୍ରମ ସମ୍ପର୍କକୁ ନଷ୍ଟ କରିପାରେ। ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ଦୀର୍ଘ ଦିନର ସୁସମ୍ପର୍କରେ ଭଙ୍ଗା ପଡିଯିବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ବଦଳରେ ନିମ୍ନାଭିମୁଖୀ ହେବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧିପାଇବ।

**ଧନୁ** ମୁଣ୍ଡ ନ ଥିବା ଗ୍ରହ ରାଶିରେ ରହିଥିବାରୁ ଆପଣଙ୍କ ବିକୃତ ଚିନ୍ତାଧାରା ମନକୁ ଅସ୍ଥିର କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ, ଏହିଭଳି କାମରୁ ଅନ୍ୟମାନଙ୍କର ଭଲ ଧାରଣା କ୍ରମଶଃ ବଦଳି ଯିବ। ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅବହେଳା କରିପାରିବେ ନାହିଁ।

**ମକର** ରବି ଓ ବୁଧଙ୍କ ସହିତ ଶୁକ୍ରଙ୍କ ଅନୁକୂଳ ସ୍ଥିତି ଆପଣଙ୍କ ମନକୁ ଉତ୍‌ଫୁଲ୍ଲିତ କରିରଖିବ। ଅନ୍ୟ ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି। ଅନ୍ୟମାନଙ୍କ ଉପରେ ଭରସା କରି କିଛି କରିପାରିବେ ନାହିଁ ।

**କୁମ୍ଭ** ଶୁକ୍ର ଓ ଚନ୍ଦ୍ରଙ୍କ ସମସପ୍ତକ ଦୃଷ୍ଟି ଆପଣଙ୍କ ପରିବାର ଓ କର୍ମକ୍ଷେତ୍ରକୁ ସରସ ସୁନ୍ଦର କରିବ। କିନ୍ତୁ ଶତଭିଷା ନକ୍ଷତ୍ର ଯାହାକୁ ନିଜର ବୋଲି ମନେକରିବେ ସେ ହିଁ ଧୋକା ଦେବାର ବହୁ ସମ୍ଭାବନା ରହିଛି । ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର ନ କରିବା ବଡ ଭୁଲ୍ ହୋଇପାରେ। ପୁରାତନ ରୋଗ ମୁଣ୍ଡବ୍ୟଥାର କାରଣ ପାଲଟିଯିବ।

**ମୀନ** ମୁଖଭାବ ପ୍ରତି କ୍ରୁରଗ୍ରହ ମଙ୍ଗଳଙ୍କ ଦୃଷ୍ଟିଜନିତ ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମସ୍ୟା ଉପୁଜିପାରେ। ଘରେ ହେଉ କିମ୍ବା ବାହାରେ ହେଉ ମୁହଁରେ ନ କହିଲେ ମଧ୍ୟ କିଏ ଭଲ ପାଇବେ ନାହିଁ। ନିକଟ ଅତୀତରେ ବହୁତ ଗୁଡାଏ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ।

ଆଜି ବୈଶାଖ କୃଷ୍ଣ ଚତୁର୍ଥୀ ଶନିବାର,ଏପ୍ରିଲ ୧୧ ତାରିଖ, ଇଷ୍ଟର ଶନିବାର, ନିରାପଦ ମାତୃତ୍ୱ ଦିବସ, ରାଶି ନକ୍ଷତ୍ର- ଅନୁରାଧା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୯.୪୩ମି.ଗତେ ଘ.୦୧.୦୨ମି.ମଧ୍ୟେ, ରାତ୍ରି ଘ.୦୮.୧୯ମି.ଗତେ ଘ.୧୦.୩୭ମି.ମଧ୍ୟେ, ଘ.୧୨.୧୦ମି.ଗତେ ଘ. ୦୧.୪୩ମି.ମଧ୍ୟେ, ଘ.୦୨.୨୯ମି.ଗତେଘ.୦୪.୦୧ମି.ମଧ୍ୟେ ଅମୃତବେଳା। ମାହେନ୍ଦ୍ରବେଳା ନାସ୍ତି। ସକାଳ ଘ.୦୮.୪୧ମି.ଗତେ ଘ.୧୦.୧୪ମି.ମଧ୍ୟେ ରାହୁକାଳ।

# କରୋନାରେ ଅଧିକ ମରୁଛନ୍ତି ଅଣଶ୍ୱେତାଙ୍ଗ ଆମେରିକୀୟ

ୱାଶିଂଟନ,୧୦।୪




ମହାମାରୀ କରୋନା ସଂକ୍ରମଣରେ ଯୁକ୍ତରାଷ୍ଟ୍ର ଆମେରିକା ସର୍ବାଧିକ ପ୍ରଭାବିତ ହୋଇଛି। ସେଠାରେ ସଂକ୍ରମିତଙ୍କ ସଂଖ୍ୟା ୪,୬୮,୮୯୫ରେ ପହଞ୍ଚିଥିବାବେଳେ ୧୬ ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ସାଧାରଣତଃ ରୋଗ କେବେ ଜାତି,ଧର୍ମ, କଳା ଗୋରା ଭେଦଭାବ ଦେଖି ନ ଥାଏ। କିନ୍ତୁ ଆମେରିକାରେ କରୋନା ସଂକ୍ରମଣରେ ଅଧିକ ସଂଖ୍ୟାରେ ଅଣଶ୍ୱେତାଙ୍ଗଙ୍କ ମୃତ୍ୟୁ ଘଟୁଥିବା ଏକ ରିପୋର୍ଟରୁ ଜଣାପଡିଛି। ବିଶେଷକରି ଏହି ଦେଶର କେତେକ ବଡ଼ ସହର ଯଥା ନ୍ୟୁଓର୍‌ଲିନ୍ସ, ଶିକାଗୋ, ଡେଟ୍ରୋଇଟରେ ଆଫ୍ରିକୀୟ-ଆମେରିକୀୟଙ୍କ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ରହିଛି। ଏହି ସହରଗୁଡ଼ିକରେ ଅଧିକ ସଂଖ୍ୟାରେ ଆଫ୍ରିକୀୟ- ଆମେରିକୀୟ ରହିଛନ୍ତି।

ଆମେରିକାରେ ଚତୁର୍ଥ ସର୍ବାଧିକ କୋଭିଡ୍-୧୯ ମାମଲା ଲୁଇଜିଆନାରେ ରହିଥିବାବେଳେ ନ୍ୟୁଓରଲିନ୍ସରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ଅଞ୍ଚଳରେ ଅଣଶ୍ୱେତାଙ୍ଗ ମୋଟ ଜନସଂଖ୍ୟାର ୬୦ ପ୍ରତିଶତ। ଲୁଇଜିଆନାରେ କରୋନା ମୃତକଙ୍କ ମଧ୍ୟରୁ ୭୦ ପ୍ରତିଶତରୁ ଅଧିକ ଆଫ୍ରିକୀୟ-ଆମେରିକୀୟ ବୋଲି ରାଜ୍ୟ ଗଭର୍ନର ଜନ୍ ବେଲ୍ ଏଡ୍‌ୱାର୍ଡ୍ସ କହିଛନ୍ତି। ସେହିପରି ମଧ୍ୟପଶ୍ଚିମ ସହର ଡେଟ୍ରୋଏଟ୍, ଶିକାଗୋ ଏବଂ ମିଲ୍‌ୱକିରେ ମଧ ସଂକ୍ରମଣରେ ତାରତମ୍ୟ ବୃଦ୍ଧି ପାଇଥିବା ଦେଖାଯାଇଛି। ମିଚିଗାନ ରାଜ୍ୟର ଡେଟ୍ରଏଟରେ ୮୦ ପ୍ରତିଶତ ଅଣଶ୍ୱେତାଙ୍ଗ ରହୁଛନ୍ତି। ରାଜ୍ୟରେ ମୋଟ କରୋନା ମୃତ୍ୟୁର ୪୦ ପ୍ରତିଶତ ଏହି ସହରରେ ଘଟିଛି। ସେହିପରି ଶିକାଗୋରେ କରୋନା ସଂକ୍ରମିତ ଅଣଶ୍ୱେତାଙ୍ଗଙ୍କ ସଂଖ୍ୟା ସହରର ମୋଟ ସଂକ୍ରମଣର ୭୦ ପ୍ରତିଶତ। ରାଜ୍ୟର ଯେତେଜଣଙ୍କର ଏହି ରୋଗରେ ମୃତ୍ୟୁ ଘଟିଛି, ତାହାର ଅର୍ଦ୍ଧାଧିକ ହେଉଛନ୍ତି ଏହି ଅଣଶ୍ୱେତାଙ୍ଗ।

ଆଫ୍ରିକୀୟ-ଆମେରିକୀୟମାନଙ୍କ ପ୍ରତି ଭୂତାଣୁ ସଂକ୍ରମଣ ଆଶଙ୍କା ଅଧିକ ହେବାର କାରଣ ହେଲା ସହରାଞ୍ଚଳରେ ଏମାନଙ୍କର ଘନତ୍ୱ ଅଧିକ। ଏହାବ୍ୟତୀତ ସେମାନେ ଜରୁରୀ ଶିଳ୍ପସଂସ୍ଥାରେ କାର୍ଯ୍ୟ କରିଥାନ୍ତି। ମାତ୍ର ୨୦ ପ୍ରତିଶତ ଅଣଶ୍ୱେତାଙ୍ଗ ଘରୁ ରହି କାର୍ଯ୍ୟ କରିବାକୁ ଅନୁମତି ପାଉଥିବାବେଳେ ୩୦ ପ୍ରତିଶତ ଶ୍ୱେତାଙ୍ଗଙ୍କୁ ଏହି ସୁବିଧା ମିଳୁଛି। କରୋନାରେ ଅଧିକ ସଂଖ୍ୟାରେ ଅଣଶ୍ୱେତାଙ୍ଗ ବୃଦ୍ଧଙ୍କ ଜୀବନ ଯାଉଛି। ଏହାବ୍ୟତୀତ ମେଦବହୁଳତା, ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡ଼ିତ ଅଣଶ୍ୱେତାଙ୍ଗ ଆମେରିକୀୟଙ୍କ କ୍ଷେତ୍ରରେ ସଂକ୍ରମଣର ଅଧିକ ବିପଦ ଥିବା ଏକ ଗବେଷଣାରୁ ଜଣାପଡ଼ିଛି।

ସମାଲୋଚକଙ୍କ ମତରେ ସ୍ୱାସ୍ଥ୍ୟସେବାରେ ବର୍ଣ୍ଣବୈଷମ୍ୟତା ଏହାର କାରଣ ବୋଲି କୁହାଯାଇଛି। ଏଠାରେ ଅଣଶ୍ୱେତାଙ୍ଗମାନଙ୍କୁ ମେଡିକେଡ୍ ଏବଂ ମେଡିକେୟାର ଭଳି ଜନସ୍ୱାସ୍ଥ୍ୟ ବୀମା ଯୋଜନାରେ ଶ୍ୱେତାଙ୍ଗଙ୍କ ଭଳି ସମାନ ସୁବିଧା ମିଳିନଥାଏ। ଉପଯୁକ୍ତ ସ୍ୱାସ୍ଥ୍ୟସେବା ସୁବିଧା ନ ଥିବା ଅଞ୍ଚଳରେ ଏମାନେ ରହିଥାନ୍ତି, ଯେଉଁଠି ପ୍ରାଥମିକ ଯତ୍ନ ଦୁର୍ଲଭ କିମ୍ବା ବ୍ୟୟସାପେକ୍ଷ। ଅଣଶ୍ୱେତାଙ୍ଗ ରହୁଥିବା ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ନିମ୍ନମାନର ସେବା ଦେଇଥାନ୍ତି ବୋଲି ସେଞ୍ଚୁରୀ ଫାଉଣ୍ଡେଶନ ଜାଣିବାକୁ ପାଇଛି।

# ଶତାଧିକ ନିରାଶ୍ରୟଙ୍କୁ ଜଳଖିଆ ଦେଲା ବିଏମ୍‌ସି

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ଶୁକ୍ରବାର ସକାଳେ ସହରରେ ଥିବା ନିରଶ୍ରୟଙ୍କୁ ଜଳଖିଆ ପ୍ରଦାନ କରାଯାଇଛି। ମାଷ୍ଟରକ୍ୟାଣ୍ଟିନ୍ ଓ ରାମ ମନ୍ଦିର ପାର୍ଶ୍ୱରେ ଥିବା ୫୦୦ ନିରାଶ୍ରୟଙ୍କୁ ଜଳଖିଆ ଦିଆଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେଣ୍ଟର ଫର୍ ସୋସିଆଲ୍ ସର୍ଭିସ ଆଣ୍ଡ ଡେଭଲପ୍‌ମେଣ୍ଟ (ସିଏସ୍‌ଏସଡି) ବିଏମ୍‌ସି ସହଯୋଗରେ ମାଷ୍ଟର୍‌କ୍ୟାଣ୍ଟିନ୍‌ସ୍ଥିତ ସିଟି ବସଷ୍ଟାଣ୍ଡ ଏବଂ ରାମ ମନ୍ଦିର ଠାରେ ଜଳଖିଆ ବାଣ୍ଟିଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଲକ୍‌ଡାଉନ୍ ସରିବା ଯାଏ ଜାରି ରହିବ ବୋଲି ଏନ୍‌ଜିଓ ସିଏସ୍‌ଏସଡି କହିଛି। ଏହାବ୍ୟତୀତ ବିଏମସି ଏବଂ ସହଯୋଗୀ ଅନୁଷ୍ଠାନଗୁଡିକ ତରଫରୁ ସହରରେ ଥିବା ନିରାଶ୍ରୟଙ୍କୁ ୨୪ ଶହ ଭୋଜନ ଓ ୨୫୦ ଲୋକଙ୍କ ପାଇଁ ୧୦ଦିନର ରାଶନ ଦିଆଯାଇଥିବା ଜଣାପଡ଼ିଛି। ବଣ୍ଟନ ସମୟରେ ସଂସ୍ଥାର ପ୍ରତିନିଧିଙ୍କ ସହ ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ, ସହକାରୀ କମିଶନର ଲୁଇନ୍ ସାହୁ ପ୍ରମୁଖ ଉପସ୍ଥିତ ରହୁଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।



# ଲକ୍‌ଡାଉନ ବେଳେ ସାମାଜିକ, ଧାର୍ମିକ କାର୍ଯ୍ୟକ୍ରମ ଉପରେ ନଜର ରଖ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

## ରାଜ୍ୟକୁ କେନ୍ଦ୍ରର ପରାମର୍ଶ

ସମଗ୍ର ଦେଶରେ କରୋନା(କୋଭିଡ-୧୯)ର ସଂକ୍ରମଣ ବେଳକୁ ବେଳ ଭୟଙ୍କର ହେବାରେ ଲାଗିଛି। ରାଜ୍ୟ ସରକାର ମାର୍ଚ୍ଚ ୨୪ ତାରିଖରୁ ଜାରି ରହିଥିବା ଲାକଡାଉନ ଅବଧିକୁ ଏପ୍ରିଲ ୩୦ ତାରିଖ ଯାଏ ବୃଦ୍ଧି କରିଛନ୍ତି। କେନ୍ଦ୍ର ସରକାର ସମଗ୍ର ଦେଶରେ ଲଗାଇଥିବା ଲକ୍‌ଡାଉନ ଅବଧିକୁ ଆହୁରି ବଢ଼ାଇବେ ବୋଲି ସଙ୍କେତ ଦେଇ ସାରିଲେଣି। ଲକ୍‌ଡାଉନ ଅବଧି ବଢିବା ଜାଣି ଲୋକମାନଙ୍କ ଧୈର୍ଯ୍ୟଚ୍ୟୁତ ହେଲାଣି। କେତେକ ସ୍ଥାନରେ ଲୁଚାଛପି ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ଖବର ମିଳିଲାଣି। ଏଥିଯୋଗୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଆହୁରି ବଢିଯିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଲକ୍‌ଡାଉନବେଳେ ଯେପରି କୌଣସି ପ୍ରକାର ସାମାଜିକ କିମ୍ବା ଧାର୍ମିକ ଉତ୍ସବର ଆୟୋଜନ ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଚଳ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛି। ସ୍ଥାନୀୟ ପ୍ରଶାସନ ଲକ୍‌ଡାଉନକୁ କଡ଼ାକଡ଼ି ପାଳନ କରିବା ସହ ଉଲ୍ଲଂଘନକାରୀଙ୍କ ବିରୋଧରେ ଭାରତୀୟ ପିଙ୍ଗଳକୋଡ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦିଆଯାଇଛି। ନୂଆଦିଲ୍ଲୀର ନିଜାମୁଦ୍ଦିନଠାରେ ଅନୁଷ୍ଠିତ ଧର୍ମସଭା ଯୋଗୁ ଦେଶରେ କରୋନା ସଂକ୍ରମଣ ବହୁ ମାତ୍ରାରେ ବଢି ଯାଇଛି। ଆଗାମୀ ଦିନରେ ଯେପରି ସେହିଭଳି ଘଟଣାର ପୁନାରବୃତ୍ତି ନ ହେବ ସେଥିଲାଗି ସତର୍କ ରହିବାକୁ କୁହାଯାଇଛି।

# ଡାକ୍ତରୀ ଉପକରଣ ଉପରେ ଲାଗିବନି କେନ୍ଦ୍ରୀୟ ଶୁଳ୍କ, ମେଡିକାଲ ସେସ୍

ଭୁବନେଶ୍ୱର,୧୦।୪(ବ୍ୟୁରୋ)

କରୋନା(କୋଭିଡ୍-୧୯) ମହାମାରୀ ସମଗ୍ର ବିଶ୍ୱକୁ ଥରହର କରିଛି। ଏହି ମହାମାରିକୁ ମୁକାବିଲା କରିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପୁରା ଦମ୍‌ରେ ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟସରକାର ଦେଶବିଦେଶରୁ ସ୍ୱାସ୍ଥ୍ୟ ଉପକରଣ କିଣିବାକୁ ନିଷ୍ପତି ନେଇଛନ୍ତି। ରାଜ୍ୟସରକାର ଯଦି କୋଣସି ସ୍ୱାସ୍ଥ୍ୟ ଉପକରଣ ବିଦେଶରୁ ଆମଦାନୀ କରିବେ ତେବେ କେନ୍ଦ୍ର ସରକାର ଏହା ଉପରେ କୌଣସି ଆମଦାନୀ ଶୁଳ୍କ କିମ୍ବା ହେଲ୍‌ଥ ସେସ୍ ନେବେ ନାହିଁ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ଭେଣ୍ଟିଲେଟର, ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ), କୋଭିଡ୍ ଟେଷ୍ଟିଂ କିଟ୍, ସର୍ଜିକାଲ ମାସ୍କ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉପକରଣ କ୍ରୟ ଉପରେ ଉକ୍ତ ଶୁଳ୍କ ଛାଡ଼ କରାଯିବ ବୋଲି କେନ୍ଦ୍ରସରକାର ଘୋଷଣା କରିଛନ୍ତି।

# ସହାୟତା ନେଇ ଦ୍ୱନ୍ଦ୍ୱରେ ଜନତା

ଭୁବନେଶ୍ୱର,୧୦।୪(ବ୍ୟୁରୋ)

କରୋନାକୁ ପ୍ରତିହତ କରିବାକୁ ସାରା ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଲକ୍‌ଡାଉନ ଥିବାରୁ ସାଧାରଣ ଭାବେ ବଜାରରୁ ସାମଗ୍ରୀ କ୍ରୟ କରିବା ସମ୍ଭବ ହେଉନାହିଁ। ତେଣୁ ରାଜ୍ୟର ଏକ ବୃହତ୍ତବର୍ଗଙ୍କୁ ଆବଶ୍ୟକ ମୌଳିକ ସାମଗ୍ରୀ ଯୋଗାଇ ଦେବା ପାଇଁ ସମସ୍ତ ଚେଷ୍ଟା କରାଯାଇଛି। ଆଗୁଆ ହିତାଧିକାରୀମାନଙ୍କୁ ରାସନ ଆଦି ପ୍ରଦାନ କରାଯାଉଛି। ଏ ସବୁ ନିଷ୍ପତ୍ତି ପ୍ରଶାସନର ଶୀର୍ଷସ୍ତରରେ ସ୍ଥିରୀକୃତ ହେଉଛି। ହେଲେ କେତେକ ଅଞ୍ଚଳରେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ଏପରି ଜନତାଙ୍କ ମନରେ ସରକାରୀ ଘୋଷଣା ନେଇ କେତେକ ଦ୍ୱନ୍ଦ୍ୱ ରହୁଛି।

ଯେପରି କି ହିତାଧିକାରୀ ଅଥବା କାର୍ଡ ପାଇଥିବା ବ୍ୟକ୍ତିଙ୍କୁ ୧୦୦୦ ଟଙ୍କାର ସହାୟତା ନେଇ ଘୋଷଣା କରାଯାଇଛି। ଯେଉଁମାନେ ସହାୟତା ପାଇବାକୁ ଯୋଗ୍ୟ ହେଲେ କାର୍ଡରୁ ବଞ୍ଚିତ ହୋଇ ଛନ୍ତି। ସେମାନଙ୍କୁ କିପରି ଏବଂ କେତେ ପରିମାଣର ସହାୟତା ପ୍ରଦାନ କରାଯିବ। ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ଭାବେ କୌଣସି ଘୋଷଣା କରିନାହାନ୍ତି। ଅତୀତରେ ଫନୀ ସମୟରେ ସମସ୍ତଙ୍କୁ ସହାୟତା ପ୍ରଦାନ କରାଯିବାର ନଜିର ରହିଛି। ତେଣୁ କରୋନା ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସମସ୍ତ ଜନତାଙ୍କୁ ବିଚାର କରାଯାଉ ବୋଲି କେତେକ ଦାବି କରୁଛନ୍ତି। ଚଳିତ ମାସରେ ହିତାଧିକାରୀ/ବ୍ୟକ୍ତି ପିଛା କେତେ ପରିମାଣର କିରୋସିନ ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବ କୋଟା ସହ ଅତିରିକ୍ତ ମିଳିବା ନେଇ ନିଷ୍ପତ୍ତି ହୋଇଛି କି ନାହିଁ, ସେ ସମ୍ପର୍କରେ ସରକାର ସ୍ପଷ୍ଟ କରନ୍ତୁ ବୋଲି ପୁରୀ ଜିଲା ଡେଲାଙ୍ଗ ବ୍ଲକର ଶତାଧିକ ଲୋକ ମତ ରଖିଛନ୍ତି। ପିଲାଙ୍କୁ ମଧ୍ୟାହ୍ନଭୋଜନ ବାବଦକୁ ପ୍ରଦାନ କରାଯିବାକୁ ଥିବା ଚାଉଳ କେତେ ପରିମାଣରେ, କେବେ ମିଳିବ ସେ ନେଇ ମଧ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ସାଧାରଣରେ ଦାବି ହେଉଛି। କେନ୍ଦ୍ର ସରକାର ମାଗଣା ଚାଉଳ ପ୍ରଦାନ ନେଇ ଘୋଷଣା କରିଛନ୍ତି। ହେଲେ ଏହା ଦ୍ୱାରା କେଉଁମାନଙ୍କୁ, କେତେ ପରିମାଣରେ ଏବଂ ମାସ ପାଇଁ ସହାୟତା ଦିଆଯିବ ତାହା ସ୍ପଷ୍ଟ ହୋଇନାହିଁ। କେତେକ ସହାୟତା ପ୍ରଦାନ ନେଇ ସ୍ପଷ୍ଟ ମାର୍ଗଦର୍ଶିକା ଥିବା ସତ୍ତ୍ୱେ ତାର ଅନୁପାଳନ ତୃଣମୂଳସ୍ତରେ ହେଉନାହିଁ। ତେଣୁ ସମସ୍ତ କେନ୍ଦ୍ରରେ ମାର୍ଗଦର୍ଶିକା ବଡ ବଡ ଅକ୍ଷରରେ ଲେଖିବାକୁ ଦାବି ଉଠିଛି।

# ସହଯୋଗ ଲାଗି ଭାରତ ପ୍ରସ୍ତୁତ: ମୋଦି

ନୂଆଦିଲ୍ଲୀ,୧୦।୪(ପି.ଟି.)

କରୋନା ମହାମାରୀ ବିରୋଧୀ ଲଢ଼େଇରେ ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ଯଥାସମ୍ଭବ ସହାୟତା ଯୋଗାଇଦେବା ଲାଗି ଭାରତ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରାଜିଲ୍ ଓ ଇସ୍ରାଏଲକୁ କହିଛନ୍ତି। କରୋନା ଚିକିତ୍ସାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବ୍ୟବହାର କରାଯାଉଛି। ଏହି ମ୍ୟାଲେରିଆ ନିରାକରଣ ଔଷଧ ଏବଂ ଏଥିପାଇଁ ଆବଶ୍ୟକ କଞ୍ଚାମାଲ ରପ୍ତାନି ପାଇଁ ଭାରତ ଅନୁମତି ଦେଇଥିବାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସୋନାରୋ ନୂଆଦିଲ୍ଲୀକୁ ଧନ୍ୟବାଦ ଜଣାଇଥିଲେ। ମହାମାରୀ ବିରୋଧରେ ଏକାଠି ଲଢ଼ିବାକୁ ହେବ। ଏହି ଲଢ଼େଇରେ ସହାୟତା ଯୋଗାଇବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି ଟୁଇଟ୍ କରି ଜଣାଇଛନ୍ତି।

# ରାଜ୍ୟର ସ୍ଥିତି ସମ୍ପର୍କରେ ସୋନିଆଙ୍କ ସହ କଥାହେଲେ ନିରଞ୍ଜନ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଦେଶରେ ମହାମାରୀ କରୋନା ଭୂତାଣୁ(କୋଭିଡ-୧୯) ସଂକ୍ରମଣ ବଢ଼ିବାରେ ଲାଗିଛି। ଜନସାଧାରଣଙ୍କ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲକ୍‌ଡାଉନ ଅବଧିକୁ ଏପ୍ରିଲ ୩୦ଯାଏ ମଧ ବୃଦ୍ଧି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କରୋନା ସ୍ଥିତି ସମ୍ପର୍କରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। କଂଗ୍ରେସ ପକ୍ଷରୁ କିପରି ଗରିବ, ନିରାଶ୍ରୟଙ୍କୁ ସହଯୋଗ କରାଯାଉଛି ସେନେଇ କଥା ହୋଇଥିଲେ। ଏହାସହ ଲୋକମାନଙ୍କୁ ଖାଦ୍ୟ ଏବଂ ମାସ୍କ ବଣ୍ଟନରେ କରି ସାହାଯ୍ୟ କରୁଛି ସେ ବିଷୟରେ ମଧ ଜଣାଇଥିଲେ। କଂଗ୍ରେସ ରାଜ୍ୟରେ କୃଷି ସଙ୍କଟର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଓ ସରକାରଙ୍କୁ ଅନୁରୋଧ କରିଛି। ମାରାତ୍ମକ କରୋନା ଭାଇରସର ବିସ୍ତାରକୁ ମୁକାବିଲା କରିବା ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ପରୀକ୍ଷଣ କରାଯାଉ ନ ଥିବାରୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି ବୋଲି କଂଗେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ପିସିସି ସଭାପତି ପଟ୍ଟନାୟକ ଅବଗତ କରିଛନ୍ତି।



# ଚାଇନାରୁ ସ୍ଥାନାନ୍ତର ପାଇଁ ଜାପାନୀ କମ୍ପାନୀ ପାଇବେ ଆର୍ଥିକ ସହାୟତା

ନୂଆଦିଲ୍ଲୀ,୧୦।୪

ଜାପାନ ଏବେ ତା'ର କମ୍ପାନୀଗୁଡ଼ିକର ଉତ୍ପାଦନ କାର୍ଯ୍ୟକୁ ଚାଇନାରୁ ସ୍ଥାନାନ୍ତର କରିବାକୁ ଚାହୁଁଛି। କରୋନା ମହାମାରୀ ଯୋଗୁ ଉତ୍ପାଦନ ବାଧାପ୍ରାପ୍ତ ହେଉଥିବାରୁ ଏଭଳି ଚିନ୍ତା କରିବାକୁ ଜାପାନ ବାଧ ହେଉଛି ବୋଲି ବାଣିଜ୍ୟ ଓ ମାର୍କେଟ୍ ରିସର୍ଚ୍ଚ ସମ୍ପର୍କିତ ନ୍ୟୁଜ୍ ସଂସ୍ଥା 'ବ୍ଲୁମ୍‌ବର୍ଗ' ରିପୋର୍ଟରୁ ଜଣାପଡ଼ିଛି। ଚାଇନାରୁ ଉତ୍ପାଦନ ୟୁନିଟ୍ ସ୍ଥାନାନ୍ତର ପାଇଁ ଜାପାନ ସରକାର ୨.୨ ବିଲିୟନ ଡଲାରର ଅର୍ଥନୈତିକ ରିଲିଫ୍ ପ୍ୟାକେଜ୍‌ର ବ୍ୟବସ୍ଥା କରିଛନ୍ତି। ଯେଉଁ କମ୍ପାନୀଗୁଡ଼ିକ ଚାଇନାରୁ ଜାପାନକୁ ଉତ୍ପାଦନ ୟୁନିଟ୍ ସ୍ଥାନାନ୍ତର କରିବାକୁ ଚାହିଁବେ ସେମାନଙ୍କ ପାଇଁ ରିଲିଫ୍ ପ୍ୟାକେଜ୍‌ରୁ ୨୨୦ ବିଲିୟନ ୟେନ୍ (୨ ବିଲିୟନ ଡଲାର) ଧାର୍ଯ୍ୟ ହୋଇଛି। ଆଉ ଯେଉଁ କମ୍ପାନୀ ଅନ୍ୟ ଦେଶକୁ ଉତ୍ପାଦନ ୟୁନିଟ୍ ସ୍ଥାନାନ୍ତର କରିବେ ସେମାନଙ୍କ ପାଇଁ ୨୩.୫ ବିଲିୟନ ୟେନ୍ ଧାର୍ଯ୍ୟ କରାଯାଇଛି।

ଜାପାନ ପାଇଁ ଚାଇନା ହେଉଛି ସବୁଠାରୁ ବଡ଼ ବାଣିଜ୍ୟ ଭାଗୀଦାରି। କିନ୍ତୁ ଲକ୍‌ଡାଉନ୍ ଯୋଗୁ ଫେବୃୟାରୀରେ ଚାଇନାରୁ ଆମଦାନୀ ୫୦% ହ୍ରାସ ପାଇଛି। ଜାପାନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ଅର୍ଥନୀତିଜ୍ଞ ଶିନିଚି ସେକି କହିଛନ୍ତି ଯେ, ଆଗାମୀ ଦିନରେ ଜାପାନ କମ୍ପାନୀଗୁଡିକ



ଚାଇନାରୁ ସ୍ଥାନାନ୍ତର ହେବେ। ଏହାପୂର୍ବରୁ ସେମାନେ ଚାଇନା ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଚେଷ୍ଟା କରୁଥିଲେ। ଏଭଳି ପରିସ୍ଥିତିରେ ସରକାରଙ୍କଠାରୁ ସହାୟତା ପାଇବା ସେମାନଙ୍କ ପାଇଁ ଏକ ଉତ୍ତମ ସୁଯୋଗ। ଏଥିସହ ସେ କହିଛନ୍ତି ଯେ, ଚାଇନାର ଘରୋଇ ବଜାର ପାଇଁ ଉତ୍ପାଦନ କରୁଥିବା କାର ନିର୍ମାତା ଏବଂ ଅନ୍ୟାନ୍ୟ କମ୍ପାନୀ ସେଠାରେ ରହିବେ। ଭବିଷ୍ୟତରେ ପୁଞ୍ଜି ବିନିଯୋଗ ପାଇଁ ଉର୍ଦ୍ଦିଷ୍ଟ ଜାପାନର ଏକ ସରକାରୀ ପ୍ୟାନେଲ ଗତ ମାସରେ ଆଲୋଚନା କରିଥିଲା ଯେ, ଉଚ୍ଚମୂଲ୍ୟଯୁକ୍ତ ସାମଗ୍ରୀ ଉତ୍ପାଦନ ୟୁନିଟ୍ ଜାପାନ ସ୍ଥାନାନ୍ତର ହେବା ଆବଶ୍ୟକ। ଅନ୍ୟ ସାମଗ୍ରୀ ଉତ୍ପାଦନ ୟୁନିଟ୍ ଦକ୍ଷିଣ ଏସୀୟ ଦେଶଗୁଡ଼ିକୁ ସ୍ଥାନାନ୍ତର କରାଯାଇପାରେ।

ଏକ ଅନୁସନ୍ଧାନ ଅନୁଯାୟୀ, ଚାଇନାରେ କାର୍ଯ୍ୟ କରୁଥିବା ୨୬୦୦ ଜାପାନୀ କମ୍ପାନୀ ମଧ୍ୟରୁ ୩୭ ପ୍ରତିଶତ କମ୍ପାନୀ କରୋନା ଭାଇରସ୍‌ଜନିତ ସଙ୍କଟ ଯୋଗୁ ଚାଇନାରୁ ବାହାରକୁ ଯିବାକୁ ଚାହୁଁଛନ୍ତି। ତେବେ ଜାପାନର ଉପରୋକ୍ତ ନୀତି ଉଭୟ ଦେଶର ସମ୍ପର୍କକୁ କ୍ଷତି ପହଞ୍ଚାଇପାରେ। ବିଶେଷକରି ଚାଇନା ସହିତ ସମ୍ପର୍କ ଫେରାଇ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଦୀର୍ଘବର୍ଷର ପ୍ରୟାସକୁ ପ୍ରଭାବିତ କରିପାରେ। ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଚଳିତମାସରେ ଜାପାନ ଗସ୍ତ କରିବା କାର୍ଯ୍ୟକ୍ରମ ଥିଲା। କରୋନା ସଂକ୍ରମଣ ଯୋଗୁ ଏହି ଗସ୍ତ ବାତିଲ କରାଯାଇଥିଲା।

# ଆଇପିଏସ୍ ଅଧିକାରୀଙ୍କୁ ବାଧତାମୂଳକ ଛୁଟି

ମୁମ୍ବାଇ,୧୦।୪

## ଲକ୍‌ଡାଉନ୍ ଉଲ୍ଲଂଘନରେ ୱାଧାୱନ ପରିବାରଙ୍କୁ ସହାୟତା

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ହେଲେ ଏହି ନିୟମକୁ କେତେକ ଲୋକ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଏପରିକି ପୋଲିସ ଏଥିରେ ଲୋକଙ୍କୁ ସହାୟତା କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗରେ ମହାରାଷ୍ଟ୍ରର ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ବାଧତାମୂଳକ ଛୁଟି ଦିଆଯାଇଛି। ସୂଚନାଯୋଗ୍ୟ, ଲକ୍‌ଡାଉନ୍ ସମୟରେ ମୁମ୍ବାଇର ନାମୀଦାମୀ ବ୍ୟବସାୟୀ ତଥା ଡିଏଚ୍‌ଏଫ୍‌ଏଲ୍‌ର ପ୍ରମୋଟର୍ସ କପିଲ ୱାଧାୱନ, ଧୀରଜ ୱାଧାୱନ ଓ ତାଙ୍କ ପରିବାରର ୨୦ଜଣ ସଦସ୍ୟଙ୍କୁ ନିୟମ ଉଲ୍ଲଂଘନ କରିବାରେ ବରିଷ୍ଠ ଆଇପିଏସ୍ ଅଧିକାରୀ ଅମିତାଭ ଗୁପ୍ତା ସହାୟତା କରିଥିଲେ। ଏହି ମାମଲାର ଯାଞ୍ଚ ସରିବା ଯାଏ ଅମିତାଭଙ୍କୁ ବାଧତାମୂଳକ ଛୁଟି ଦିଆଯାଇଛି। ଏନେଇ ମହାରାଷ୍ଟ୍ରର ଗୃହମନ୍ତ୍ରୀ ଅନିଲ ଦେଶମୁଖ ଟୁଇଟ୍ କରି ସୂଚନା ଦେଇଛନ୍ତି। ସୂଚନା ମୁତାବକ କପିଲ ଓ ଧୀରଜଙ୍କ ନାଁରେ ଅନେକ ଠକେଇ ମାମଲା ରହିଛି। ଏହା ସତ୍ତ୍ୱେ ଉକ୍ତ ପୋଲିସ ଅଧିକାରୀ ତାଙ୍କୁ ପାସ୍ ଦେଇଥିଲେ। ୱାଧାୱନ ପରିବାରବର୍ଗଙ୍କୁ ମୁମ୍ବାଇରୁ ୨୫୦ କିଲୋମିଟର ଦୂରରେ ଥିବା ମହାବଳେଶ୍ୱରକୁ ଯିବା ପାଇଁ ଅମିତାଭ ଲକ୍‌ଡାଉନ୍ ନିୟମରୁ ଛାଡ଼ ପାଇବା ପାଇଁ ଏକ ପାସ୍ ଜାରି କରିଥିଲେ। ବୁଧବାର ସେମାନେ ପରିବାର ଲୋକଙ୍କ ସହ ମହାବଳେଶ୍ୱରରେ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ଲୋକ ସେମାନଙ୍କୁ ବିରୋଧ କରିବା ସହ ଏନେଇ ପୋଲିସକୁ ଜଣାଇଥିଲେ। ପୋଲିସ ସେମାନଙ୍କୁ ଟ୍ରାକ୍ କରି ଉକ୍ତ ଫାର୍ମହାଉସ୍‌ରେ ଠାବ କରିଥିଲା। ଏହାପରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସେଠାରେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ଜଣାପଡ଼ିଛି।

**Indian Red Cross Society, Odisha State Branch**

**Short Tender Call Notice**

Indian Red Cross Society, Odisha State Branch, Bhubaneswar invites quotations from registered manufacturer / Authorized dealers / Supplier having valid GST registration and clearance for supply of emergency medical supplies (2,000pcs. N-95 Mask, 20,000 pcs. 3 ply Mask, 30,000 pcs. Chlorine surface cleaning disinfectant 2mg. tablets, 20,000 pcs. non sterile latex gloves, 500 sets of PPE kit, hand sanitizers of different pack, 10 infrared thermometer and 5,000 family hygiene kit consisting of (4 pcs. of lifebuoy soap, 8 pcs. of Wheel OK soap, 1 lit. Gonile phenyl, 1 100 ml. Savlon, 1 kg bleaching powder). The last date for submission of Tender Papers is 15th April 2020 till 2.00 pm. The Tender documents containing the details may be seen from the official website www.odisharedcross.org. Any further clarification can be answered through official mail iresosb@gmail.com.

Honorary Secretary

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**

**(District Central Store)**

**SHORT TENDER CALL NOTICE**

**NOTIFICATION NO.CDM & PHO/EIF/IAP-MCL/2020-21-01**

Sealed tenders are invited from registered Firms/suppliers/Manufacturers/ authorized distributors for supply of instrument, Equipments, Furniture & other Logistics to the undersigned. Details regarding items with terms and conditions may be downloaded from District website www.nuapada.nic.in. The tenders should reach the office of the undersigned by date-20.04.2020 up to 05.00 PM through Speed Post/ Registered Post/ Courier Services/Hand only. The Tender paper cost is mentioned in the term & conditions of the tender. The tender will be opened on date 21.04.2020 at 11.00AM in th DTU of the undersigned.

The undersigned reserves the right to reject any or all the tenders without assigning any reason thereof.

**Sd./-**

**Chief District Medical & Public Health Officer**
**Nuapada**

> କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। –ଶ୍ରୀମା

# କରୋନା ଲଢ଼େଇର ଆଗରେ ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କରୋନା ମହାମାରୀ ବିରୁଦ୍ଧ ଲଢେଇରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ସମେତ ଦେଶର ବାବୁମାନେ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛନ୍ତି । ସେମାନେ କେବଳ ଖବରରେ ରହୁନାହାନ୍ତି, ବରଂ ଏହି ଅଭୂତପୂର୍ବ ସ୍ୱାସ୍ଥ୍ୟ ସଂକଟକୁ ଆୟତ୍ତ କରିବା ପାଇଁ ପରଦା ପଛରେ ରହି କାର୍ଯ୍ୟ କରୁଛନ୍ତି। ବାବୁମାନେ କମ୍ ଦରମା ନେଇ ନୂଆ କରି ପ୍ରକାଶ ପାଇଥିବା ଭୟାନକ କରୋନା ଭାଇରସ୍ ସଂକ୍ରମଣକୁ ପ୍ରତିରୋଧ କରିବାକୁ ଚେଷ୍ଟା କରିବା ସହ ଅନ୍ୟ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଏହି ଲଢ଼େଇର ନେତୃତ୍ୱ ନେଇ ପ୍ରଶାସକମାନଙ୍କ ସଂଘଗୁଡ଼ିକ ସିଭିଲ ଆସୋସିଏଶନସ୍ ରିଚ୍ ଟୁ ସପୋର୍ଟ ନ୍ୟାଚୁରାଲ ଡିଜାଷ୍ଟର୍ସ(ସିଏଆର୍‌ଏସ୍‌ଏନ୍‌ଏ) ନାମକ ଏକ ମଞ୍ଚ ପ୍ରତିଷ୍ଠା କରିଛନ୍ତି। କରୋନା ପ୍ରତିରୋଧି ସଂଗ୍ରାମରେ ସରକାରଙ୍କ ପଦକ୍ଷେପକୁ ସମର୍ଥନ ଜଣାଇବା ଲାଗି ଏହା ଏକ ସମ୍ମିଳିତ ପ୍ରୟାସ। ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ବ୍ୟତୀତ ଆଇଟି ପ୍ରଫେଶନାଲସ୍,ଉଦ୍ୟୋଗପତି ଏବଂ ବେସରକାରୀ ସଂସ୍ଥାଗୁଡିକ ଏହାର ପ୍ରତିନିଧିତ୍ୱ କରୁଛନ୍ତି। ପ୍ରଶାସକମାନେ ଦେଶର ସବୁଆଡେ ରହିଛନ୍ତି ଏବଂ ସଂକ୍ରମିତଙ୍କ ଭ୍ରମଣ ସମ୍ପର୍କିତ ତଥ୍ୟ ଆଧାରିତ ସୂଚନା ପ୍ରସ୍ତୁତ କରିବା, ଚିକିତ୍ସା ଉପକରଣ, ଭେଣ୍ଟିଲେଟର,ମାସ୍କ, ଅତ୍ୟାବଶ୍ୟକୀୟ ଯୋଗାଣ, ମାନବ ସଂସାଧନ ବୃଦ୍ଧି କରିବା,ଯୋଗାଣ ବ୍ୟବସ୍ଥାକୁ ସୁଗମ କରିବା, ଖବର ପ୍ରଚାର କରିବା, ଜନ ସଚେତନତା ଏବଂ କଲ୍ୟାଣକାରୀ ପଦକ୍ଷେପ ଆଦି ଗ୍ରହଣ କରି ସରକାରଙ୍କ ପ୍ରୟାସକୁ ସହଯୋଗ ତଥା ପୂରା କରିବାକୁ ଏହି ଆଦର୍ଶ ମଞ୍ଚ ପ୍ରତିଷ୍ଠା କରାଯାଇଛି ବୋଲି ସୂତ୍ରରୁ ଜଣାପଡିଛି।

### ନୂଆ ଜଙ୍ଗଲ ସଂରକ୍ଷକ

ଆଇଏଏସ୍ ଓ ଆଇପିଏସ୍ ଭଳି ଏତେ ଜଣାଶୁଣା ନ ହେଲେ ମଧ୍ୟ ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ୍( ଆଇଏଫ୍‌ଏସ୍) ବି ଏକ ସେବା। ଏହା ଅଧିକାରୀମାନଙ୍କର ଏକ ସମର୍ଥ ଓ ପ୍ରେରଣାଦାୟକ କ୍ୟାଡର, ଯେଉଁଥିରେ ବିପଦରେ ଥିବା ଆମ ଜଙ୍ଗଲ ଓ ଜଙ୍ଗଲୀ ଜୀବଙ୍କ ସଂରକ୍ଷଣର ଗୁରୁ ଦାୟିତ୍ୱ ନିହିତ। ପ୍ରକୃତି ତା' ସୁରକ୍ଷା ପାଇଁ ଏବେ କରୋନାଠାରୁ ସହଯୋଗ ପାଇଛି, କିନ୍ତୁ ସେମାନଙ୍କ ଦାୟିତ୍ୱ ଭାରି କଠିନ ଓ ବହୁ ସମୟରେ ବିପଜ୍ଜନକ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ପରିବେଶଗତ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହି ସେବା ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଜଣେ ଟପ୍ ଫରେଷ୍ଟର ବା ଶୀର୍ଷ ବନପାଳ ଭାବେ ୧୯୮୪ ବ୍ୟାଚ୍ ବନସେବା ଅଧିକାରୀ ସଞ୍ଜୟ କୁମାର ଏହି ଚ୍ୟାଲେଞ୍ଜ ଗ୍ରହଣ କରିବା ସୁନିଶ୍ଚିତ। ଝାଡ଼ଖଣ୍ଡ କ୍ୟାଡର୍‌ର କୁମାରଙ୍କୁ ସିଦ୍ଧାନ୍ତ ଦାସଙ୍କ ସ୍ଥାନରେ ଡାଇରେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ବା ବନ ମହାନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀ ଦାସ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ରେ ଯୋଗ ଦେଇଛନ୍ତି। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଗଠିତ ସର୍ଚ୍ଚ-କମ୍ ସିଲେକ୍‌ସନ କମିଟି ତିନିଜଣଙ୍କ ନାମ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଚାର କରିବା ଲାଗି ପଠାଇଥିଲା ବୋଲି ଜଣାପଡିଛି। ଏଥିରେ କୁମାରଙ୍କ ସହ ଫରେଷ୍ଟର ଡ. ସବିତା ଏବଂ ଡ.ଦିନେଶ କୁମାର ଶର୍ମାଙ୍କ ନାମ ସାମିଲ ଥିଲା। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କୁମାରଙ୍କୁ ପସନ୍ଦ କରିଥିଲା। ତେବେ ଏହି ପ୍ରତିଦ୍ୱନ୍ଦ୍ୱିତା ପୂରା ପାଖାପାଖି ଥିବା କୁହାଯାଉଛି। ଗତବର୍ଷ ଘୋଷଣା କରାଯାଇଥିବା ନ୍ୟୁ ନ୍ୟାଶନାଲ ଫରେଷ୍ଟ ପିଲିସି ବା ନୂତନ ରାଷ୍ଟ୍ରୀୟ ବନ ନୀତି ବନ ପ୍ରଶାସକଙ୍କୁ ଅଧିକ ସଶକ୍ତ କରିଛି। କିନ୍ତୁ କୁମାର ଏବଂ ତାଙ୍କ ସାଥୀ ବନ ଅଧିକାରୀମାନଙ୍କୁ ଜଙ୍ଗଲ ଏବଂ ଜଙ୍ଗଲରେ ରହୁଥିବା ଆଦିବାସୀଙ୍କ ଅଧିକାର ସୁରକ୍ଷା ଓ ଅର୍ଥନୈତିକ ବିକାଶର ଅସନ୍ତୁଳିତ ଆବଶ୍ୟକତା ମଧ୍ୟରେ ଠିକ୍ ଭାବେ ଚାଲିବାକୁ ହେବ।

### ସଂସ୍କାର ବିମୁଖ ବାବୁ

୨୦୧୭ରେ ଅରବିନ୍ଦ ପାନଗାରିୟା ସରକାରଙ୍କ ବିଶେଷଜ୍ଞମଣ୍ଡଳୀ କୁହାଯାଉଥିବା ନୀତି ଆୟୋଗର ଉପାଧ୍ୟକ୍ଷ ପଦ ଛାଡ଼ିଥିଲେ । ଏହାର ସମ୍ପର୍କ କେନ୍ଦ୍ରର ଆର୍ଥିକ ନୀତି ପରିବର୍ତ୍ତନ ସହ ମେଳ ଖାଉଛି। ଯଦିଓ ସେ ଏହାକୁ ଅସ୍ୱୀକାର କରିଥିଲେ,ତେବେ ସେ ପଦ ଛାଡ଼ିବା ସମୟରେ ଅନେକ ସମୀକ୍ଷକ ଅନୁଭବ କରିଥିଲେ ଯେ,ମୋଦି ସରକାର ଯେଉଁ ପରିବର୍ତ୍ତନ ଆଣିଥିଲେ ସେଥିରେ ଏହି ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ଏକମତ ହୋଇ ନ ଥିଲେ ଓ ସେହି କାରଣରୁ ସେ ପଦ ଛାଡିଥିଲେ। ଏବେ କିନ୍ତୁ ସେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ପଢ଼ାଉଛନ୍ତି। ସେ ତାଙ୍କ ନୂଆ ବହିରେ କହିଛନ୍ତି ଯେ, ସୁଧାରରେ ମନ୍ଥରତା ପାଇଁ ଅମଲାତନ୍ତ୍ରୀ ହିଁ ଦାୟୀ। 'ଇଣ୍ଡିଆ ଅନ୍‌ଲିମିଟେଡ୍– ରିକ୍ଲେମିଂ ଦି ଲଷ୍ଟ ଗ୍ଲୋରୀ' ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି, ଭାରତୀୟ ବାବୁମାନେ ଲଗାତର ସୋସିଆଲ ହ୍ୟାଙ୍ଗଓଭର୍‌ର ଶିକାର ହେଉଛନ୍ତି, ଯାହାଦ୍ୱାରା ମୋଦି ସରକାର ଲାଗୁ କରୁଥିବା ସଂସ୍କାର ପ୍ରକ୍ରିୟାର ଗତି ଧିମା ପଡିଯାଇଛି। ପାନଗାରିୟା ଦୃଢ ଭାବେ କହିଛନ୍ତି ଯେ, ଅନେକ ପବ୍ଲିକ୍ ସେକ୍ଟର ୟୁନିଟସ୍( ପିଏସ୍‌ୟୁଏସ୍)ର ଘରୋଇକରଣ କରିବାକୁ ସରକାର ପଦକ୍ଷେପ ନେଇଥିଲେ ମଧ୍ୟ ତାହା ବହୁଦିନ ବନ୍ଦ ରହିଥିଲା । ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପିଏସ୍‌ୟୁଏସ୍‌ର ତାଲିକା ପାଇଁ କ୍ୟାବିନେଟ ଅନୁମୋଦନ ପାଇବାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରୟାସ ସତ୍ତ୍ୱେ ଏହା ବନ୍ଦ ହୋଇଥିଲା। ଅନ୍ୟ ଏକ ଘଟଣାକ୍ରମରେ ସେ ପ୍ରଶାସନିକ ସ୍ତରରେ ଶୀର୍ଷ ପଦରେ ବାହାରୁ ପ୍ରବେଶ ପାଇଁ ମୋଦିଙ୍କ ପଦକ୍ଷେପ ଉପରେ ଉଲ୍ଲେଖ କରିଛନ୍ତି । ତାଙ୍କ ଅନୁସାରେ ବାବୁମାନେ ଏହି ପ୍ରକ୍ରିୟାକୁ ଧିମା କରିଦେଲେ । ସେ ଏଥିରେ ଆହୁରି ଅନେକ ଉଦାହରଣ ଦେଇଛନ୍ତି । ସେ ବିଶ୍ୱାସ କରନ୍ତି ଯେ, ଏହାର ମୁଖ୍ୟ କାରଣ ହେଉଛି ଅଧିକାଂଶ ବାବୁ ଭାରତୀୟ ବିଶ୍ୱବିଦ୍ୟାଳୟରେ ପଢିଛନ୍ତି, ଯେଉଁଠି ଏବେ ସୁଦ୍ଧା ଅଧ୍ୟାପକ ମଣ୍ଡଳୀ ବ୍ୟାପାର ବିରୋଧୀ ଓ ବଜାର ବିରୋଧୀ ବିଚାରଧାରକୁ ଗ୍ରହଣ କରିଛନ୍ତି। ଅବଶ୍ୟ ପାନଗାରିୟାଙ୍କ ଯୁକ୍ତିକୁ ବିରୋଧ କରାଯିବା ଦରକାର। କିନ୍ତୁ ଭାରତୀୟ ବିଶ୍ୱବିଦ୍ୟାଳୟ ଶିକ୍ଷିତ ବାବୁମାନେ ଏହା କେବେ ବି କରିବେ ନାହିଁ।

Email: dilipcherian@gmail.com

# କରୋନାରେ ଦାଦନ ଶ୍ରମିକ



ସତୀଶ ବିଶ୍ୱାଳ

ନାଁଟି ତା'ର ଚିତା ସାହୁ। ବୟସ ୭୦ ପାଖାପାଖି। ଘର ଯାଜପୁର ଜିଲାର ଧର୍ମଶାଳା ବ୍ଲକ ମଧୁପୁରଗଡ (କୁକୁଡାଖାଳି)। କାହିଁ କେବେଠାରୁ ସ୍ୱାମୀ ଆରପାରିକୁ ଚାଲିଗଲେଣି। ଚିତାର ସାହା ଭରସା କହିଲେ ତା'ର ଦୁଇ ପୁଅ। ଜମିବାଡି ସେମିତି ବି କିଛି ନାହିଁ। ପୁଅ ଖଟିଲେ ଆର ବକତକ ପାଇଁ ଚୁଲି ଜଳେ। ତା'ର ପୁଅ ଦାଦନ ଖଟିବାକୁ ଯାଇଛି ସୁଦୂର ହାଇଦ୍ରାବାଦ। କରୋନା କ'ଣ, କି ପ୍ରକାର ରୋଗ, ଏହାର ପ୍ରଭାବରେ ଦେଶରେ ଏମିତି ଗୋଟିଏ ଲକ୍‌ଡାଉନ ଅବସ୍ଥା ହେବ ବୋଲି ତା'ର ହାଇଦ୍ରାବାଦରେ ଥିବା ୨୫ ବରଷର ପୁଅ ବାଇଧର ବୁଝିବା ପୂର୍ବରୁ ସବୁ ଠପ୍ ହୋଇଗଲା। ଯିଏ ଯୋଉଠି ସେଇଠି ଅଟକିଗଲେ।

ଚିତା କହିବା ଅନୁସାରେ ୪ କୋଡି ବୟସ ଅତିକ୍ରାନ୍ତ କରିଛି, ହେଲେ କରୋନା ପରି ମହାମାରୀ କିମ୍ବା ଦୁରବସ୍ଥା ଆଗରୁ ଦେଖି ନ ଥିଲା କି ଶୁଣି ନ ଥିଲା। ତା' ପୁଅ ତା' ପାଇଁ ଅନ୍ଧର ଲଉଡି। ସେଇ ପୁଅ ମୁହଁ ଚାହିଁ ସେ ବଞ୍ଚି ଯାଉଥିଲା। ଅଭିଆଡି ପୁଅ। କେବଳ ପେଟ ଚାଖଣ୍ଡକ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛି। ସରକାରଙ୍କ ଏତେ ସବୁ ଯୋଜନା କିନ୍ତୁ ବାଇଧରଙ୍କ ପରି ଯୁବକକୁ ନିଜ ମାଟିରେ ଆତ୍ମନିଯୁକ୍ତି ଦେବାର ସଳଖ ବାଟଟିଏ ଦେଖାଇ ପାରିନାହିଁ। ନ ହେଲେ କିଏ ବା କାହିଁକି ଦାଦନ ଖଟିବାକୁ ନିଜ ଗାଁ ମାଟି ଛାଡି ଯାଆନ୍ତା ଯେ ? ଲୋକେ ଯେ ଗାଁ ଛାଡୁ ନାହାନ୍ତି ତାହା ନୁହେଁ। ଅନେକ ସମୟରେ କୋଟିପତି ହେବାର ମୋହ ହେଉ କିମ୍ବା ଅଧିକ ଧନଶାଳୀ ହେବାର ଲୋଭରେ ଲୋକେ ଗାଁ ଛାଡିଥାନ୍ତି। କେହି କେହି ସହରର ଚାକଚକ୍ୟର ଲାଳସାରେ ବି ଗାଁ ଛାଡିଥାନ୍ତି। ଅନେକେ ଉଚ୍ଚ ବେତନରେ ସରକାରୀ କିମ୍ବା ବେସରକାରୀ ଉଦ୍ୟୋଗରେ ଚାକିରି ପାଇଁ ଗାଁ ଛାଡିଥାନ୍ତି। ହେଲେ ଏଭଳି ଅଭାବ ଅନଟନରେ ପଡି କେବଳ ପେଟ ଚାଖଣ୍ଡକ ପାଇଁ ପରିସ୍ଥିତିର ବାଧ୍ୟ ବାଧକତାରେ ନିଜ ଗାଁ, ମାଟି ଓ ମମତାକୁ ଛାଡି ରାଜ୍ୟ ବାହାରକୁ ଯିବାର ଅନ୍ତଃବେଦନା କେବଳ ଅନୁଭବୀ ହିଁ ବୁଝିପାରେ।

ସନ୍ଧ୍ୟାରେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ଡିଏମ୍‌ୟୁ ଟ୍ରେନ୍‌ରେ ଯିଏ ଆସିଥିବ ସେଥିରେ ଗୋଟିଏ କଥା ଲକ୍ଷ୍ୟ ରଖିଥିବ ଯେ, ଦୈନନ୍ଦିନ ବିଭିନ୍ନ କାର୍ଯ୍ୟରେ ଘର ଛାଡି ଯାଉଥିବା ମଣିଷର ଆବେଗ। ସେହି ଆବେଗଟି ହେଉଛି– କେମିତି ଶୀଘ୍ର ନିଜ ଷ୍ଟେଶନରେ ଗାଡି ଅଟକିଲେ ଯାତ୍ରିଟି ନିଜ ଘରେ ପହଞ୍ଚିବ। ଦୈନିକ ନିଜର କାମ ସାରି ଘରକୁ ଫେରୁଥିବା ମଣିଷର ଯେତେବେଳେ ଏଭଳି ଅବସ୍ଥା, ସେତିକିବେଳେ ବର୍ଷ ବର୍ଷ ଘର ଛାଡି ରହୁଥିବା ଦାଦନ ଶ୍ରମିକଟିଏ ମାନବଜାତି ପ୍ରତି ଏଭଳି ଭୟଙ୍କର ବିପତ୍ତି ସମୟରେ ନିଜ ଘରକୁ ଫେରିବାର କେତେ ଆବେଗ, ଆଗ୍ରହ ଥିବ ତାହା କଳନା କରାଯାଇ ନ ପାରେ। ଏଣେ ଦାଦନ ଶ୍ରମିକଟିର ପେଟକୁ ଦାନା ନାହିଁ କିମ୍ବା ରହିବାକୁ କରୋନାର ମୁକାବିଲା କଲା ଭଳି ଘରଟିଏ ନାହିଁ। ସେମାନେ ରହୁଥିବା ଘରେ ସାମାଜିକ ଦୂରତା ରକ୍ଷା ସମ୍ଭବ ନୁହେଁ ବୋଲି ସରକାର ବି ଜାଣନ୍ତି। ଏବେ ଚିତା ସାହୁର ପୁଅ ପରି ଲକ୍ଷାଧିକ ଦାଦନଙ୍କର ଭଗବାନ ଭରସା। ଚିତା ସାହୁର ଗାଁ ମଧୁପୁରଗଡ କେବଳ ଦେଶର ଶିଳ୍ପନଗର କଳିଙ୍ଗନଗର ନିକଟବର୍ତ୍ତି ନୁହେଁ ବରଂ ରାଜ୍ୟ ଓ ରାଜ୍ୟ ବାହାରକୁ ଏହି ଅଞ୍ଚଳରୁ ଯାଉଥିବା କଳାପଥରରେ ସରକାରଙ୍କର ବ୍ୟାପକ ଉନ୍ନୟନ କାର୍ଯ୍ୟ ହୋଇଥାଏ। ଗୋଟିଏ ପରେ ଗୋଟିଏ ପାହାଡ ମାଟିରେ ମିଶେ। ଶହ ଶହ କ୍ରଶରର ପ୍ରଦୂଷଣରେ ଅଞ୍ଚଳ ପ୍ରଦୂଷିତ ହୁଏ। ବିକାଶ ପାଇଁ ଲୋକେ ବି ଏଠାରେ ସ୍ଥାନୀୟ ସ୍ଥାୟୀ ନେତୃତ୍ୱ ସପକ୍ଷରେ ବାରମ୍ବାର ମତ ଦେଇଛନ୍ତି। ହେଲେ ଏଠାକାର ବହୁ ଯୁବକ କିନ୍ତୁ ପେଟ ପୋଷିବାକୁ ଦାଦନ ଖଟିବାକୁ ଯାଇଛନ୍ତି । ତେବେ ଗତ ୨୮ ମାର୍ଚ୍ଚରେ ସରକାରଙ୍କୁ ଏହି ଦାଦନମାନଙ୍କୁ ମୁକୁଳାଇ ଆଣିବାକୁ ନିବେଦନପତ୍ର ଦିଆଗଲା। ଦାଦନ ଶ୍ରମିକ ମାନେ ଗାଁକୁ ଫେରିବାକୁ ଆକୁଳ ନିବେଦନ ଥିବା ଭିଡିଓ ବି ପ୍ରଦାନ କରାଗଲା। ସେମାନେ କରୋନାରେ ଆକ୍ରାନ୍ତ ହୋଇ ନାହାନ୍ତି। ତେଣୁ ସେମାନଙ୍କୁ ନିଜ ରାଜ୍ୟକୁ ନିଆଯାଇ ସେଠାରେ ସରକାରଙ୍କ ସମସ୍ତ ବିଧି ବ୍ୟବସ୍ଥା ଅନୁସାରେ ପରୀକ୍ଷା ନିରୀକ୍ଷା ପରେ ଘରକୁ ଫେରାଇ ନେବାକୁ ଅନୁରୋଧ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳିଲା ନାହିଁ । ଏହାପରେ ବି ଗାଁ ଲୋକେ ନିଜସ୍ୱ ଉଦ୍ୟମରେ ଗାଡି ଠିକ କରି ଏହି ଦାଦନମାନଙ୍କୁ ଗାଁକୁ ଫେରାଇ ଆଣିବାକୁ ସରକାରଙ୍କଠାରୁ ଅନୁମତି ମାଗିବାକୁ ମାନବିକତା ଦୃଷ୍ଟିରୁ ପ୍ରସ୍ତୁତ ହେଉଥିଲେ। ହେଲେ ମାନ୍ୟବର ଓଡିଶା ହାଇକୋର୍ଟ ଶେଷକୁ ଘରବାହୁଡା ଶ୍ରମିକଙ୍କୁ ସୀମାରେ ରଖିବାକୁ ନିର୍ଦ୍ଦେଶ ଦେଲେ। ଏହାପରେ ସବୁ ଆଶା ଓ ସମ୍ଭାବନା ମଉଳି ଗଲା।

ତଥାପି ପରିବାରର ଲୋକମାନେ ରାଜ୍ୟ ବାହାରେ ଥିବା ଦାଦନ ଶ୍ରମିକଟିର ମନରେ ଆଶା ସଞ୍ଚାର କରିବାକୁ ପ୍ରତିଶ୍ରୁତିଟିଏ ଦେଉଥିଲେ। ଆମ ସରକାର ତୁମ ପାଇଁ ଖାଇବା, ରହିବା ଏବଂ ଔଷଧର ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀ ଏଥିପାଇଁ ବଡ଼ ଚିନ୍ତା ପ୍ରକଟ କରିଛନ୍ତି। ନିଯୁକ୍ତିଦାତା ଦରମା କାଟିବ ନାହିଁ, ଘରବାଲା ଘରଭଡା ମାଗିବ ନାହିଁ ଇତ୍ୟାଦି ଇତ୍ୟାଦି। ଓଡିଆ ଶ୍ରମିକମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଆମ ମୁଖ୍ୟମନ୍ତ୍ରୀ ଚିଠି କରିଛନ୍ତି। ଏଥିନେଇ ବିଭିନ୍ନ ରାଜ୍ୟ ପାଇଁ ନୋଡାଲ ଅଫିସର ମାନେ ନିଯୁକ୍ତି ପାଇଛନ୍ତି। ଏମାନଙ୍କ ଚାକିରି ନେଇ ଉକ୍ତ ଦାଦନ କିମ୍ବା ସରକାରଙ୍କ ପାଖରେ କ'ଣ ପ୍ରମାଣ ରହିଛି ସେ କଥା ସମସ୍ତେ ଜାଣନ୍ତି। ସେଭଳି ଅବସ୍ଥାରେ ଦାଦନଙ୍କ ଦରମା କାଟିଲେ ବି କିଏ କ'ଣ କରିପାରିବ?

ଦେଶର ସଙ୍କଟକୁ ଅତି ନିବିଡତା ଓ ଆତ୍ମୀୟତାର ସହ ମୁକାବିଲା କରୁଥିବା ଆମ ପ୍ରଧାନମନ୍ତ୍ରୀ ଏବଂ ଓଡିଶା ମୁଖ୍ୟମନ୍ତ୍ରୀ ସର୍ବଦା ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖି ପଦକ୍ଷେପ ମାନ ନେଉଛନ୍ତି। ଜନତା କର୍ଫ୍ୟୁର ଅଦ୍ଭୁତ ସଫଳତା ପରେ ଦେଶରେ ଲକ୍‌ଡାଉନ୍ ଘୋଷଣା ବ୍ୟତୀତ ଅନ୍ୟ ରାସ୍ତା ନ ଥିଲା। ଉତ୍ତର ପ୍ରଦେଶ ସରକାର ଦାଦନମାନଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବାକୁ କେତୋଟି ବସ ସେବାରେ ଲଗାଇଥିଲେ। ଓଡ଼ିଶାର ଦାଦନ ଶ୍ରମିକ ମାନଙ୍କୁ ଅଣାଯାଇ ଆମ ରାଜ୍ୟରେ ରଖିବାକୁ ବାତ୍ୟା ଆଶ୍ରୟ ସ୍ଥଳ, ସ୍କୁଲ, କଲେଜର ତ ଅଭାବ ନାହିଁ। ସେଠାରେ ସେମାନଙ୍କୁ ରଖାଯାଇ ପରୀକ୍ଷା ନିରୀକ୍ଷା କରାଯାଇ ପାରିଥାନ୍ତା। ଆମ ରାଜ୍ୟର ବୁଲା ବିକାଳିଙ୍କ ପର୍ଯ୍ୟନ୍ତ ଚିନ୍ତା କରାଯାଇ ସେମାନଙ୍କୁ ତିନି ହଜାର ପର୍ଯ୍ୟନ୍ତ ଟଙ୍କା ସହାୟତା ଘୋଷଣା କରାଗଲା। ସବୁଠାରୁ ଅଧିକ ଦୁଃଖ ଓ ଦୁର୍ଦ୍ଦିନରେ ନିଜ ଗାଁ ଛାଡି ରହୁଥିବା ଏଇ ଦାଦନମାନଙ୍କ କଥା ସବା ପଛକୁ ରହିଗଲା। ଏଭଳି ମହାବିପତ୍ତି ସମୟରେ ଦୁଃଖରେ ଥିବା ଏବଂ ଭୋକରେ ଥିବା ମଣିଷ ପାଖରେ ସରକାରଙ୍କ ସହାୟତା ପ୍ରଥମେ ପହଞ୍ଚିବା ଏକ ଜନମଙ୍ଗଳ ରାଷ୍ଟ୍ରର ସରକାରର ସର୍ବପ୍ରଥମ କାର୍ଯ୍ୟ । ହେଲେ ଚିତା ସାହୁ ପରି ଅସହାୟ ମା'ମାନଙ୍କ କୋହ ଭିତରୁ ଦାଦନ ଶ୍ରମିକଙ୍କ କ୍ଷେତ୍ରରେ ତା'ର ବ୍ୟତିକ୍ରମ ହୋଇଥିବାର ଅଭିଯୋଗ ସ୍ପଷ୍ଟ ବାରି ହୋଇପଡୁଥିଲା।

ଭୁବନପୁର, ଗଡ଼ମଧୁପୁର, ଯାଜପୁର
ମୋ–୯୪୩୭୦୧୯୧୧୭

# ଶ୍ରୀରାମ ଓ ଆମେ



ସୁଧିରାଜ ରାଉତ

ଜଣେ ବନ୍ଧୁଙ୍କ ପ୍ରଶ୍ନଟିଏ ମନେପଡୁଛି "ପ୍ରକୃତରେ ଶ୍ରୀରାମ ଜନ୍ମ ହୋଇଥିଲେ କି? " କହିଲି, ଏହାର ସପକ୍ଷରେ ଓ ବିପକ୍ଷରେ ଅନେକ ବିଦ୍ୱାନ୍ ବହୁ ଉତ୍ତର ଦେଇଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ଉତ୍ତରଟି ଏଇଭଳି – ଆଲେକଜାଣ୍ଡର, ଚେଙ୍ଗିଜ ଖାଁ, ନେପୋଲିଅନ ମୋ ପାଇଁ ସତ୍ୟ ଅବା ଇତିହାସ ନୁହେଁ, ଯଦି ତାହା ମଣିଷକୁ ଜୀବନ ବଞ୍ଚିବାକୁ ଶକ୍ତି ଦେଉନାହିଁ, ବିଶ୍ୱାସ, ଭରସା ଦେଉନାହିଁ। ମୋ ପାଇଁ ତାହା ସତ୍ୟ ଏବଂ ତାହା ଇତିହାସ, ଯାହା କୋଟି କୋଟି ମଣିଷଙ୍କୁ ବଞ୍ଚିବା ପାଇଁ ଶକ୍ତିଦିଏ, ବିଶ୍ୱାସ ଦିଏ, ରାହା ଦିଏ, ରାସ୍ତା ଦେଖାଏ। ତେଣୁ ମୋ ପାଇଁ ଶ୍ରୀରାମ, ଶ୍ରୀକୃଷ୍ଣ ଇତିହାସ ଅଟନ୍ତି ଏବଂ ଲିଖିତ ଇତିହାସ ନାୟକଙ୍କଠାରୁ ଅଧିକ ମହାନାୟକ ଅଟନ୍ତି। "ଆଜି କୋଟି କୋଟି ମଣିଷ ଶ୍ରଦ୍ଧାରେ ଶ୍ରୀରାମଙ୍କ ଜନ୍ମଦିନ ପାଳନ କରୁଥିବା ବେଳେ ମୋତେ ବିବେକାନନ୍ଦଙ୍କ ଉକ୍ତି ଅଧିକ ମନେ ପଡୁଥିଲା ଏବଂ ମନେପଡୁଥିଲା ଶ୍ରୀରାମ କହିଲେ, ଜଣେ ଭାରତୀୟ ପାଇଁ କ'ଣ ଏବଂ ତା'ର ଚେତନ ଅବଚେତନରେ ଏହାର ପ୍ରଭାବ କେତେ ଜୀବନ୍ତ ଏବଂ କେତେ ବ୍ୟାପ୍ତ। ଦୁଇ ବର୍ଷ ତଳେ ମୋ ଘରେ ଘଟିଥିବା ଏକ ଘଟଣା ଆଜି ମନେପଡୁଛି। ମୋ ପଢ଼ା ଲେଖା ଟେବୁଲ ସମ୍ମୁଖ କାନ୍ଥରେ ଶ୍ରୀଅରବିନ୍ଦଙ୍କ ଏକ ସୁନ୍ଦର ବୃହତ ଫଟୋଟିଏ ଟାଙ୍ଗିଥାଏ, ଫଟୋଟିକୁ ଗୋଲଡେନ ରେଶମ କନାରେ ସଜେଇଥାଏ। ହଠାତ ଦିନେ ସକାଳୁ ଦେଖିବା ବେଳକୁ କନାଟି ଚିରି ଚାରିଖଣ୍ଡ ହୋଇପଡ଼ିଛି। ମନେ ମନେ ଖୁବ୍ ବିରକ୍ତ ହେଲି, କାରଣ ଶ୍ରୀଅରବିନ୍ଦ ମୋ ପାଇଁ ଶ୍ରେଷ୍ଠ ପୂର୍ଣ୍ଣାଙ୍ଗ ଋଷି, ନବ ଚେତନାର ନୂଆ ପୃଥିବୀର ଭଗୀରଥ । ନିଜକୁ ନିଜେ କହିଲି ଆଜି ନିଶ୍ଚେ ବିଷ ଆଣି ମୂଷାଙ୍କୁ ମାରିବି। ଫଟୋଟିକୁ ଟିକେ ଟେକିଲି, ଗୋଟିଏ ଗୁଣ୍ଡୁଚିମୂଷା ଘରଟିଏ କରି ମୋତେ ଚାହିଁଛି , ହଠାତ ମୋ ଭିତରୁ ମୋ ସମସ୍ତ ବିରକ୍ତିଭାବ ତତ୍କାଳ ଅନ୍ତର୍ଦ୍ଧାନ ହୋଇଗଲା ଏବଂ ମୁଁ ହସି ପତ୍ନୀକୁ କହିଲି, "ଦେଖ ଏ ଦୁଷ୍ଟକୁ କେଉଁଠି ଜାଗା ମିଳିଲା ନାହିଁ ଏଇଠି ଘର କରିଛି।" ମୂଲ୍ୟବାନ କପଡ଼ା ଖଣ୍ଡ ଖଣ୍ଡ ପଡ଼ିଥିବା ସତ୍ତ୍ୱେ ଗୁଣ୍ଡୁଚିମୂଷା ନାଁ ଶୁଣି ପତ୍ନୀ ମୁହଁ ଅଧିକ ହସ ହସ ଦିଶିଲା, ଏହାର ସର୍ବମୋଟ କାରଣ ଆମର ଅବଚେତନରେ ଗୁଣ୍ଡୁଚିମୂଷା ପ୍ରତି ରହିଛି ଅସରନ୍ତି ଭଲ ପାଇବା ଆଉ ଏ ଭଲ ପାଇବାର ଆଧାର ହେଉଛନ୍ତି ଶ୍ରୀରାମ। ଶ୍ରୀରାମଙ୍କୁ ଇଏ ସାହାଯ୍ୟ କରିଥିଲା। ଶ୍ରୀରାମ ଏହାର ପିଠି ଆଉଁସି ଦେଇଥିଲେ। ବାସ୍ ଏତିକି ତ କଥା। ଗୁଣ୍ଡୁଚି ପ୍ରତି ଏ ଭଲ ପାଇବା ଏହା ପ୍ରମାଣ କରୁଛି ଆମ ଅଜାଣତରେ ଆମ ରକ୍ତ ରକ୍ତରେ, ଆମ ଚେତନ ଅଚେତନରେ କିଭଳି ଶ୍ରୀରାମଙ୍କ ପ୍ରତି ରହିଛି ଗଭୀର ଶ୍ରଦ୍ଧା ଆସ୍ଥା ଭଲପାଇବା। ଏଇ ଅଳ୍ପଦିନ ତଳର କଥା ଘର ଆଗ ପ୍ରଧାନ ରାସ୍ତାରେ ଗହଳି ଦେଖିଲି। ନିକଟକୁ ଯାଇ ଜାଣିଲି ଏକ ମୋଟରସାଇକେଲରେ ଗୁଣ୍ଡୁଚିମୂଷାଟିଏ ବାଡ଼େଇ ହୋଇ ଅସୁସ୍ଥ ହୋଇ ପଡ଼ିଛି। ଦେଖୁ ଦେଖୁ ତିରିଶ, ଚାଳିଶ ଲୋକଙ୍କ ଭିଡ଼। ସମସ୍ତଙ୍କ ମୁହଁରେ ଦୁଃଖ ଏବଂ ପାଟିରେ ଆହା ଶବ୍ଦ, ସମସ୍ତେ ତା'ର ଆରୋଗ୍ୟ କାମନା କରୁଥାନ୍ତି, ମୁଁ ଦୁଃଖ ଅନୁଭବ କଲି। ହସିଲି ମନେ ମନେ ଆମେ ସମସ୍ତେ ଆମ ଅଜାଣତରେ ରାମମୟ। ଏଇ କଥା ଲେଖି ଗଲାବେଳେ କିଛିବର୍ଷ ତଳେ ନୂଆବର୍ଷ ପିକ୍‌ନିକ୍ କଥା ମନେପଡୁଛି, ପିକ୍‌ନିକ୍ ସ୍ଥାନଟି ବିଶାଳ ବିଶାଳ ପଥର , ଝରଣା, ବୃକ୍ଷ ସବୁଜିମାରେ ଅତୀବ ମନୋହର। ୧୦, ୧୨ରୁ ଅଧିକ ଦଳ ଭୋଜି କରୁଥାନ୍ତି ସେଠି। ହଠାତ ଛୋଟିଆ ପ୍ରପାତରୂପୀ ଝରଣା ଉପରେ ଏକ ବଡ଼ ପକ୍ଷୀଟିଏ ଉଡ଼ିବା ଦିଶିଲା, କି ପକ୍ଷୀ କି ପକ୍ଷୀ କଥା ହେଉଥାନ୍ତି ଲୋକମାନେ। କେହିଜଣେ ଚିହ୍ନିଥିବା ଭଳି କହିଲା ଏଇଟା ଜଟାୟୁ ପକ୍ଷୀ। ତା' ପରର ଦୃଶ୍ୟପଟ ଥିଲା ଅବର୍ଣ୍ଣନୀୟ। ସବୁ ଦଳରୁ ଅଧିକାଂଶ ଲୋକ ହାତଯୋଡ଼ି ଉକ୍ତ ପକ୍ଷୀକୁ ନମସ୍କାର କରୁଥାନ୍ତି । ଜଣେ ବୁଢ଼ୀ ତ ଦିହଁ ଆଗରେ ଦଣ୍ଡବତ ହେବାଭଳି ସେ ପଥର ଚଟାଣରେ ପକ୍ଷୀ ଆଡ଼େ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲା– ଆଖି ଧନ୍ୟ ହୋଇଗଲା ଆଜି। ମୁଁ ନୀରବଦ୍ରଷ୍ଟା ହୋଇ ଏ ଦୃଶ୍ୟ ଦେଖି ଭାବୁଥାଏ ୧୫୦୦ ରୁ ଅଧିକ ବର୍ଷ ଗୋଟିଏ ଜାତି ଗୋଟିଏ ଦେଶ ପରାଧୀନ ହୋଇ ବି ଅତ୍ୟାଚାରୀ ଧର୍ମାନ୍ଧଙ୍କ ଦ୍ୱାରା ଶାସିତ ହୋଇବି ଏଠି ୮୫ % ଲୋକ ଆଜି ବି ହିନ୍ଦୁ ଅଟନ୍ତି କାହିଁକି? କାରଣ ହିନ୍ଦୁ ଏକ ଧର୍ମ ନୁହେଁ, ଏକ ଦର୍ଶନ ନୁହେଁ ଏକ ଜୀବନ, ଯାହାର ପ୍ରତିଟି ଜୀବକୋଷ ରାମ, କୃଷ୍ଣ କୋଷାଣୁରେ ସୃଷ୍ଟ।

ହେ ମୋର ବନ୍ଧୁ! ଆତ୍ମୀୟ ! ଏସବୁ ସତ୍ତ୍ୱେ ଆଜି ଶ୍ରୀରାମଙ୍କ ବିଷୟରେ କିଛି ଆଲୋଚନା କରିବାକୁ ଇଚ୍ଛା ହେଉଛି। ମୁଁ ଜାଣେ ଏ ଦେଶରେ ତାଙ୍କୁ ନେଇ ଆଲୋଚନା ଗ୍ରନ୍ଥର ଅଭାବ ନାହିଁ , ମୁଁ ଏହାବି ଜାଣେ ମୁଁ ତାଙ୍କୁ ଆଲୋଚନା କରିବାକୁ କେତେ ଅସମର୍ଥ,ତଥାପି ଇଚ୍ଛା ହେଉଛି ଦୁଇପଦ ଲେଖିବାକୁ। ଆଜି ଭାବୁଛି ମୋ ପତ୍ନୀ ଯଦି କୋଳି ଚାଖିଚାଖି ଖଣ୍ଡିଆ କରି ମୋତେ ଦେବ ମୁଁ କେତେ ସହଜରେ ତାହା ଖାଇ ପାରିବି! କୁବ୍‌ଜୀ ବୁଢ଼ୀ, ମୁହଁ ସାରା ଭାଉଡ଼ି, ପଚପଚ ନାଳବୁହା ପାଟିରେ ଚାଖି, ଖଣ୍ଡିଆ କରି ବଢ଼େଇ ଦେଉଛି ଅଇଁଠା କୋଳି ଆନନ୍ଦରେ, ଆହ୍ଲାଦରେ ତଲ୍ଲିନ ହୋଇ ଖାଇନେଇଛି ଯିଏ ସେ ମୋ ଠାରୁ କେତେ ସହସ୍ର ଯୋଜନ ଦୂର। ଏହି ଦୂରତା ହିଁ ପ୍ରମାଣ କରୁଛି ଆମେ ତାଙ୍କୁ ଭଲ ପାଇବା ସତ୍ତ୍ୱେ ତାଙ୍କଠାରୁ, ତାଙ୍କ ଭଳି ହୋଇ ଉଠିବାଠାରୁ ବହୁ ବହୁ କୋଷ ଦୂର। ରାମରାଜ୍ୟ ଆସିବ କିଭଳି? ଆସିବ – ଆମ ମଧ୍ୟରେ ରାମର ପରିପ୍ରକାଶ ଘଟିଲେ, ଆମ ଆଉ ରାମ ମଧ୍ୟରେ ଏଇ ଯୋଜନ ଯୋଜନ ଦୂରତା କମିଗଲେ। ଯିଏ ଅସୀମ ଶକ୍ତିଶାଳୀ ଥିଲେ ନିଜ ଶକ୍ତିକୁ ମୁହୂର୍ତ୍ତେ ଅପବ୍ୟବହାର କରି ନ ଥିଲେ, ଯିଏ ଜ୍ଞାନର ଶତ ସୂର୍ଯ୍ୟ ଥିଲେ ଋଷି ମୁନି ଯାହାଙ୍କ ପଦିଏ ଶବ୍ଦକୁ ଚାହିଁ ରହୁଥିଲେ ସେ ସମଗ୍ର ଜୀବନ ତମାମ ପଦଟିଏ ଅଧିକ ଶବ୍ଦକହି ନାହାନ୍ତି, ପଦଟିଏ କାହାକୁ ଉପଦେଶ ଦେଇନାହାନ୍ତି ବରଂ ଛୋଟ ଭାଇ ଲକ୍ଷ୍ମଣଙ୍କୁ ଶତ୍ରୁ ରାବଣ ପାଖକୁ ଉପଦେଶ ପାଇଁ ପଠାଇଛନ୍ତି। ସେହି ଶ୍ରୀରାମ ଥିଲେ ଅନନ୍ତଶକ୍ତିର ଅଧିକାରୀ, ତା'ଠାରୁ ଅଧିକ ନମ୍ର ଥିଲେ, ତାଠାରୁ ଅଧିକ ଅହଂଶୂନ୍ୟ ଥିଲେ, ତା'ଠାରୁ ଅଧିକ ନିଜକୁ ତେଜିଁ ସଭିଙ୍କ ପାଇଁ ବଞ୍ଚିପାରୁଥିଲେ। ସେଥିଲେ ବେଦ ପୁରାଣ ଦର୍ଶନର ଜୀବନ୍ତ ଉଦାହରଣ। ସେ ଚାଲୁଥିଲେ ତ ତାଙ୍କ ସହ ସର୍ଗ ଚାଲୁଥିଲା , ତାଙ୍କ କାର୍ଯ୍ୟରେ ବେଦ, ଦର୍ଶନ ପ୍ରକାଶିତ ହେଉଥିଲା ତାଙ୍କର ଏଇ ଶୁଭ ଜନ୍ମ ଦିନରେ ତାଙ୍କୁ ପ୍ରଚଣ୍ଡ ଭଲ ପାଉଥିବା ତାଙ୍କ ଦାୟାଦମାନଙ୍କଠାରୁ ଆଜି ସମୟ ଚାହୁଁଛି ତାଙ୍କୁ ଭଲ ପାଇବା ସହ ତାଙ୍କ ଭଳି ହୋଇ ଉଠିବାକୁ। ଏହା ଆଜି ଜୀବନର ଦାବି, ଭାରତବର୍ଷର ଦାବି, ଏହା ଆଜି ବିଶ୍ୱର ଦାବି। ଆସ ଆମେ ତାଙ୍କର ଯଥାର୍ଥ ଦାୟାଦ ହୋଇଉଠିବା। ଦେଖ ଆମ ସଭିଙ୍କୁ ସେ ଆଶୀର୍ବାଦ କରୁଛନ୍ତି, କରୁଣାର ନୟନରେ ଚାହିଁ ରହିଛନ୍ତି।

ଇନ୍ଦ୍ରାବତୀ, ନବରଙ୍ଗପୁର
ମୋ – ୯୪୩୭୬୪୧୪୧୩

## ଏଇ ଭାରତରେ

କରୋନାର ମୁକାବିଲା କରିବାରେ ଉତ୍ତରାଖଣ୍ଡର ଯୁବକ ଗଣେଶ ଭଟ୍ଟଙ୍କ ଯୋଗଦାନ ପ୍ରଶଂସନୀୟ। ଟେହରି ଜିଲା ଦେବପ୍ରୟାଗରେ ରହୁଥିବା ଗଣେଶ ଲକ୍‌ଡାଉନ ସମୟରେ କାର୍‌କୁ ଆମ୍ବୁଲାନ୍ସ ଭାବେ ବ୍ୟବହାର କରୁଛନ୍ତି। ସେ ଦୁର୍ଗମ ପାହାଡିଆ ଅଞ୍ଚଳରୁ ରୋଗୀମାନଙ୍କୁ ହସ୍ପିଟାଲରେ ପହଞ୍ଚାଉଛନ୍ତି। ଲକ୍‌ଡାଉନ ସମୟରେ ୧୦୮ ଆମ୍ବୁଲାନ୍ସକୁ କଲ୍ କଲେ ତାହା ସବୁବେଳେ ବ୍ୟସ୍ତ ରହିବା ଯୋଗୁ ଲୋକମାନେ – ମୁଖ୍ୟତଃ ଗର୍ଭବତୀ ମହିଳା, ହୃଦରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଥିବା ବରିଷ୍ଠ ନାଗରିକମାନେ ବେଶି ଅସୁବିଧାରେ ପଡିବା ଲକ୍ଷ୍ୟ କରିଥିଲେ ଗଣେଶ। ପରେ ସେ ତାଙ୍କ କାର୍‌ରେ ରୋଗୀମାନଙ୍କୁ ହସ୍ପିଟାଲରେ ପହଞ୍ଚାଇବାରେ ଲାଗିଛନ୍ତି। ଏଥିଲାଗି ତାଙ୍କୁ ପୋଲିସ ଓ ପ୍ରଶାସନ ମଧ୍ୟ ସହଯୋଗ କରୁଛି। ଦୈନିକ ସେ ହାରାହାରି ୪ ଜଣଙ୍କୁ ଜରୁରିକାଳୀନ ସେବା ଯୋଗାଇ ଦେଉଛନ୍ତି। ଆମ୍ବୁଲାନ୍ସ ପାଲଟିଥିବା ଗଣେଶଙ୍କ ନୀଳ ରଙ୍ଗର ଟାଟା ନାନୋର ଆଗ ଓ ପଛରେ ତାଙ୍କ ଯୋଗାଯୋଗ ନମ୍ବର ବି ଲେଖି ଦେଇଛନ୍ତି। ଦିନରାତି ସେ ଜିଲାର ସବୁଆଡେ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି। ୨୧ ମାର୍ଚ୍ଚ ୨୦୨୦ରେ ସେ ତାଙ୍କ ଫେସ୍‌ବୁକରେ ଯୋଗାଯୋଗ ନମ୍ବର ପୋଷ୍ଟ କରିବା ସହ ଜରୁରୀ ସେବା ଲାଗି ତାଙ୍କୁ କଲ୍ କରିବା ପାଇଁ ନିବେଦନ କରିଥିଲେ। ପରେ ସେ ପ୍ରଥମେ ଜଣେ ଗର୍ଭବତୀ ମହିଳାଙ୍କଠାରୁ କଲ୍ ପାଇବା ପରେ ତାଙ୍କ ହସ୍ପିଟାଲରେ ପହଞ୍ଚାଇଥିଲେ । ପରେ ହାତ ଭାଙ୍ଗିଯାଇଥିବା ଜଣେ ଶିଶୁ ଥିଲା ତାଙ୍କୁ ଦ୍ୱିତୀୟ ରୋଗୀ। ସେ ଲୋକମାନଙ୍କୁ ଔଷଧ ଓ ଆବଶ୍ୟକ ସାମଗ୍ରୀ ମଧ୍ୟ ଯୋଗାଇଦେଉଛନ୍ତି। ଦିନକୁ ଦିନ କଲ୍ ସଂଖ୍ୟା ବୃଦ୍ଧି ପାଇବାରୁ ଗଣେଶଙ୍କୁ ଏହି କାର୍ଯ୍ୟରେ ଏକ ସ୍ୱେଚ୍ଛାସେବୀ ଦଳ ସାହାଯ୍ୟ କରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଏପ୍ରିଲ ୧୯୯୫

- ବିଶିଷ୍ଟ ଗାନ୍ଧିବାଦୀ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କର ଆଜି ପରଲୋକ ହୋଇଯାଇଛି।
- ରାଜ୍ୟ ଯୋଗାଣ ନିଗମରୁ ୩୦ କୋଟି ଟଙ୍କା ଅଣାଯାଇ ଓଡ଼ିଶାର ୧୪୩ଟି ଆଦିବାସୀ ଅଧ୍ୟୁଷିତ ବ୍ଲକ୍‌ରେ କିଲୋଗ୍ରାମ ପିଛା ୨ ଟଙ୍କା ମୂଲ୍ୟରେ ଚାଉଳ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।

## ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସମ୍ଭୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା–ସହଚରୀ କିବା ଲେଖଇ ଅଳତା
ପକ୍ଷୀକଣ୍ଠୁଁ ମୁଖରଇ କି ମଙ୍ଗଳ କଥା !

(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | | | | 1 | | | | D | | | | E |
| | 8 | | | | B | | | 0 | | 7 | | 9 | | D |
| | | | | 1 | 6 | E | | | 8 | | | A | | |
| 3 | 7 | 5 | | | E | C | | | | | | | 1 | |
| C | | B | | | 4 | | | | E | | | | 8 | |
| | | 1 | | 2 | | B | | | | | | | 6 | A |
| | | 8 | D | | | | 6 | 9 | | | | | E | 3 |
| | 5 | | | | 8 | D | 7 | | | 6 | B | | 2 | |
| | | 4 | | | | | | | 9 | 5 | | 7 | | B |
| 7 | B | | | | | A | E | | | | | 4 | C | |
| | | A | | 5 | | | | | | | 6 | | | 1 |
| | 3 | | E | | | 0 | | | 7 | C | D | | | |
| | 9 | | | 8 | D | | 1 | A | | | | C | | |
| 0 | 2 | | | A | | | 8 | | | | 9 | | | |
| | E | | 7 | 9 | 2 | | | | B | | 0 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | D | 0 | 5 | A | C | 3 | E | 9 | 6 | 1 | 8 | 7 | B |
| 8 | 0 | 6 | 9 | B | 1 | D | 4 | 5 | A | 7 | 3 | 2 | E | C |
| 1 | 3 | C | 8 | 7 | 4 | 2 | B | 6 | E | 0 | D | A | 9 | 5 |
| E | 7 | B | D | 6 | C | A | 8 | 9 | 5 | 4 | 2 | 1 | 0 | 3 |
| 9 | 5 | A | 3 | E | 2 | 0 | 7 | 1 | B | C | 8 | D | 4 | 6 |
| C | 9 | 1 | 7 | 8 | 0 | B | E | 2 | 3 | 5 | A | 4 | 6 | D |
| 3 | 2 | 5 | A | 1 | D | 4 | 0 | 8 | 6 | 9 | 7 | B | C | E |
| D | E | 7 | B | 2 | 6 | 1 | A | 3 | 4 | 8 | C | 9 | 5 | 0 |
| 6 | 8 | 4 | C | 9 | E | 7 | 5 | D | 0 | 2 | B | 3 | 1 | A |
| A | B | 0 | 5 | 4 | 3 | 9 | 6 | C | 1 | D | E | 7 | 2 | 8 |
| 7 | C | 3 | 1 | A | 5 | 8 | 2 | 0 | D | E | 9 | 6 | B | 4 |
| B | D | 2 | E | 3 | 7 | 5 | 1 | 4 | C | A | 6 | 0 | 8 | 9 |
| 4 | 6 | 8 | 2 | 0 | 9 | E | D | A | 7 | B | 5 | C | 3 | 1 |
| 0 | A | E | 6 | C | B | 3 | 9 | 7 | 8 | 1 | 4 | 5 | D | 2 |
| 5 | 1 | 9 | 4 | D | 8 | 6 | C | B | 2 | 3 | 0 | E | A | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରତ୍ନଚିରା ଆଜି ମୃତପ୍ରାୟ

ମହାଶୟ,

ଐତିହ୍ୟ ସତ୍ୟବାଦୀ ପଞ୍ଚସଖାଙ୍କର ସାଧନା ପୀଠ। ପଞ୍ଚସଖା କାବ୍ୟ ସାହିତ୍ୟର ପ୍ରମୁଖ ନଦୀ। 'ରତ୍ନଚିରା' ଆଜି ମୃତପ୍ରାୟ। ଜଳସେଚନ ବିଭାଗ ନଥିପତ୍ରରେ 'ରତ୍ନଚିରା' ଏକ ଖଲାସି ନାଳ ବୋଲି ଲେଖାଅଛି। କିନ୍ତୁ ସତ୍ୟବାଦୀ (ସାକ୍ଷୀଗୋପାଳ)ର ଜନସାଧାରଣଙ୍କ ପାଇଁ ରତ୍ନଚିରା ଏକ ଚଳଚଞ୍ଚଳ ଚିରସ୍ରୋତା ନଦୀ। କେଉଁ ମଣିଷଟି ତା ବିଲକୁ ଜଳ ନେଇ ଶସ୍ୟ ଉତ୍ପାଦନ କରେ ତ କିଏ ନଈରେ 'ବଜା' ବସେଇ ମାଛ ଧରି ତା'ର ପରିବାର ପ୍ରତିପୋଷଣ କରେ। ଗ୍ରୀଷ୍ମ ପ୍ରବାହ ସମୟରେ 'ରତ୍ନଚିରା' ଏକ ଜୀବନ ରକ୍ଷାକାରୀରେ ପରିଣତ ହୁଏ। ସେଇ ଚିରସ୍ରୋତା ନଦୀ ଆଦି ଜବରଦଖଲରେ। ତା' ଶଯ୍ୟା ଆଜି ମୃତପ୍ରାୟ। ରାଜ୍ୟ ସରକାରଙ୍କର ଏଥିପ୍ରତି ନିଘା ନାହିଁ। ରତ୍ନଚିରା ଶଯ୍ୟାକୁ ଲାଗି ବାସ କରୁଥିବା କିଛି ଲୋକ ନିଜ ଅକ୍ତିଆରରେ ନଦୀର ସ୍ରୋତକୁ ବଦଳେଇ ଦେବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଏହି ନଦୀ ଯଦି କେରଳ ରାଜ୍ୟରେ ଥାଆନ୍ତା ଏକ ପର୍ଯ୍ୟଟନ କ୍ଷେତ୍ର ଓ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଥାନ୍ତା।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଘରୋଇ ବ୍ୟାଙ୍କ କେତେ ନିରାପଦ

ଧରିତ୍ରୀ (୬।୩)ର 'ୟେସ୍ ବ୍ୟାଙ୍କ....'ଶୀର୍ଷକରେ ଆର୍ଥିକ ଅନିୟମିତତା ଯୋଗୁ ଆରବିଆଇ ଘରୋଇ ୟେସ୍ ବ୍ୟାଙ୍କର ପରିଚାଳନା ବୋର୍ଡକୁ ଭାଙ୍ଗି ଦେଇ ଏସବିଆଇର ଜଣେ ପଦସ୍ଥ ଅଫିସରଙ୍କୁ ଏହାର ପରିଚାଳକ ରୂପେ ନିଯୁକ୍ତି ଦେବାର ଖବର ପ୍ରକାଶ ପାଇଛି। ଆସନ୍ତା ଏପ୍ରିଲ ୩ ତାରିଖ ଯାଏ ମୋରାଟୋରିୟମ ଲାଗୁ କରାଯାଇ ମାସିକ ଉଠାଣ ସୀମା ୫୦,୦୦୦ ଟଙ୍କାରେ ସୀମିତ ରଖାଯାଇଛି। ଦେଶରେ ବହୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଜନତାର ଆସ୍ଥାଭାଜନ ହୋଇ ଆର୍ଥିକ ସେବା ଯୋଗାଇ ଦେଉଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେକ ରୁଗ୍‌ଣ ହୋଇଥିବା ଯୋଗୁ ସମୁଦାୟ ୪ଟି ବ୍ୟାଙ୍କରେ ଅବଶିଷ୍ଟଙ୍କୁ ମିଶାଇଦେବାର ନିଷ୍ପତ୍ତି ହୋଇଛି। ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଆର୍ଥିକ ଅବସ୍ଥା ଯେତେବେଳେ ଏପରି ସେଥିରେ ଘରୋଇ ବ୍ୟାଙ୍କର ଅବସ୍ଥା କେତେବେଳେ କ'ଣ ହେବ ତାହା ପୂର୍ବାନୁମାନ କରିବା କଷ୍ଟକର। ଏପରି ତ ଅତୀତରେ କେତେକ ଘରୋଇ ବ୍ୟାଙ୍କ, ସମବାୟ ବ୍ୟାଙ୍କ ସମେତ ଦେବାଳିଆ ହୋଇ ଫାଟକରେ ତାଲା ଝୁଲାଇଦେବା ଦେଖାଯାଇଥିଲା। ତେଣୁ ଜମାକାରୀମାନେ ନିଜ ନିଜର ସଞ୍ଚିତ ଅର୍ଥ ଓ ସୁନାଗହଣା ଆଦି ଉଠାଣ କଟକଣାର ସମ୍ମୁଖୀନ ହୋଇ ଘୋର ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଦେଶର ବ୍ୟାଙ୍କଗୁଡିକର ଏପରି ପରିସ୍ଥିତିରୁ ଲୋକମାନେ କ'ଣ କିଛି ଶିକ୍ଷା କରୁନାହାନ୍ତି, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ବର୍ତ୍ତମାନ ୟେସ୍ ବ୍ୟାଙ୍କର ଯେଉଁ ଦୁରବସ୍ଥା ହେଲା ଓ ପରିଚାଳନା ବୋର୍ଡ ଭାଙ୍ଗିଦିଆଯାଇ ଉଠାଣରେ କଟକଣା ଜାରି କରାଗଲା, ଜମାକାରୀମାନେ ପ୍ରଭାବିତ ହେବା ନିଶ୍ଚିତ। ଗ୍ରାହକ ଭୟଭିତ ହୋଇ ନିଜ ଟଙ୍କା ବୁଡିବା ଆଗରୁ ବ୍ୟାଙ୍କରେ ଧାଡିରେ ରହି ନିଜ ଅର୍ଥକୁ ବ୍ୟାଙ୍କରୁ ଉଠାଣ କରିବା ଯୋଗୁ ଏଥିରେ ତାଲା ଝୁଲିବା ବିଚିତ୍ର ନୁହେଁ। ସାଧୁ ସାବଧାନ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# 'ଟିକା ବାହାରିବା ଯାଏ ନ ହଟୁ ଲକ୍‌ଡାଉନ୍'




ନୂଆଦିଲ୍ଲୀ,୧୦।୪

ଲକ୍‌ଡାଉନ୍ ହଟାଇବାକୁ ଯୋଜନା କରୁଥିବା ଦେଶଗୁଡ଼ିକ ପାଇଁ ଏକ ନୂତନ ଅଧ୍ୟୟନ ଚେତାବନୀ ଆଣିଛି। ଚାଇନାରେ କରୋନା ସଂକ୍ରମଣ ବ୍ୟାପିବା ଉପରେ ଆଧାରିତ ଏହି ଅଧ୍ୟୟନରେ କୁହାଯାଇଛି ଯେ, ଯେପର୍ଯ୍ୟନ୍ତ କରୋନା ଭୂତାଣୁ ପ୍ରତିଷେଧକ ଟିକା ପ୍ରସ୍ତୁତ ନ ହୋଇଛି ସେ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଭଳି କଠୋର ପଦକ୍ଷେପ ବଳବତ୍ତର ରହୁ। ଉଲ୍ଲେଖନୀୟ କଥା ହେଉଛି, ଉହାନରୁ ଏହି ଭୂତାଣୁ ଅନ୍ୟ ଅଞ୍ଚଳକୁ ନ ବ୍ୟାପିବା ପାଇଁ ଚାଇନା ୨୩ ଜାନୁୟାରୀରୁ ଲକ୍‌ଡାଉନ୍ ଆରମ୍ଭ କରିଥିଲା। ତେବେ ଫେବୃୟାରୀ ୧୬ରୁ ଚାଇନା ତାହାର କେତେକ ପ୍ରଦେଶରୁ ପ୍ରତିବନ୍ଧକକୁ ଧୀରେ ଧୀରେ ହଟାଇଥିଲା। ଗତ ବୁଧବାର ଉହାନରେ ଲକ୍‌ଡାଉନ ଶେଷ ହୋଇଛି।

ହଂକଂର ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, ଯଦି ସରକାରମାନେ ଶୀଘ୍ର ଲକ୍‌ଡାଉନ୍ ହଟାଇବା ଆରମ୍ଭ କରନ୍ତି କିମ୍ବା ସେମାନେ ଅସାବଧାନତା ଅବଲମ୍ବନ କରନ୍ତି, ତେବେ ଅବସ୍ଥା ଆହୁରି ଖରାପ ହୋଇପାରେ। କୋଭିଡ୍-୧୯ ସଂକ୍ରମଣର ଦ୍ୱିତୀୟ ଲହର ସୃଷ୍ଟି ହେବା ଆଶଙ୍କା ରହିଛି। 'ଦ ଲାନସେଟ ମେଡିକାଲ' ଜର୍ନାଲରେ ଏହି ଅଧ୍ୟୟନ ପ୍ରକାଶ ପାଇଛି, ଯାହା ଚାଇନାର ୧୦ଟି ପ୍ରଦେଶର କୋଭିଡ୍-୧୯ ସମ୍ବନ୍ଧୀୟ ତଥ୍ୟ ଓ ବହୁସଂଖ୍ୟକ ସଂକ୍ରମିତ ମାମଲା ଉପରେ ପର୍ଯ୍ୟବସିତ। ଚାଇନାରେ ଦୈନନ୍ଦିନ ଜୀବନ ଉପରେ କଟକଣା ଲଗାଯିବା ଦ୍ୱାରା କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥିଲା। କିନ୍ତୁ ସରକାର ପ୍ରତିବନ୍ଧକ କୋହଳ କରିବାରୁ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦେଖାଗଲା।

ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, ସେମାନଙ୍କର ଅନୁସନ୍ଧାନ ଲକ୍‌ଡାଉନର ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଦେଶଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ। ଉଲ୍ଲେଖନୀୟ ଯେ, ବ୍ରିଟେନରେ ଲକ୍‌ଡାଉନ୍ ୪ର୍ଥ ସପ୍ତାହରେ ପହଞ୍ଚିଛି। ପ୍ରମୁଖ କର୍ମଚାରୀମାନଙ୍କୁ ଯଥାସମ୍ଭବ ଘରେ ରହି କାମ କରିବାକୁ ପରାମର୍ଶ ଦିଆଯାଇଛି ଏବଂ ଅଧିକାଂଶ ଦୋକାନବଜାର ବନ୍ଦ ରହିଛି। ଭାରତରେ ଲକ୍‌ଡାଉନ ଅବଧି ୧୪ ଏପ୍ରିଲରେ ଶେଷ ହେବ। ଅବଶ୍ୟ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହା ବଢ଼ିବା ପ୍ରାୟ ନିଶ୍ଚିତ ମନେହେଉଛି। ଏପରିସ୍ଥଳେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ଭାବେ ଲକ୍‌ଡାଉନ୍ ଅବଧିକୁ ଏପ୍ରିଲ ୩୦ ଯାଏ ବୃଦ୍ଧି କରିଛି।

# ଦୂର ହୋଇପାରୁନି ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ,୧୦।୪



କରୋନା ସଂକ୍ରମଣ

ସାରା ବିଶ୍ୱରେ ଆତଙ୍କ ଖେଳାଇଛି ମହାମାରୀ କରୋନା ବା କୋଭିଡ୍-୧୯। ଏହା କେଉଁଠାରୁ ଏବଂ କିଭଳି ବ୍ୟାପିଲା ସେନେଇ କାହା ପାଖରେ ଠିକ୍ ତଥ୍ୟ ନାହିଁ। ଏପରି କି ଏହାର ପ୍ରତିକାର ନିମନ୍ତେ କୌଣସି ଔଷଧ ମଧ୍ୟ ଏଯାବତ୍ ପ୍ରସ୍ତୁତ ହୋଇପାରି ନାହିଁ। ସାରା ବିଶ୍ୱ ଯେପରି କରୋନା ଆଗରେ ଅସହାୟ ହୋଇପଡ଼ିଛି। ଦିନକୁ ଦିନ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟୁଥିଲେ ସୁଦ୍ଧା ଏହାକୁ ରୋକିବାକୁ କାହାପାଖରେ ଦମ୍ ନାହିଁ। ଆମେରିକା, ସ୍ପେନ, ଇଟାଲୀ, ଜର୍ମାନୀ, ଫ୍ରାନ୍ସ ଓ ଚାଇନା ଭଳି ରାଷ୍ଟ୍ରଗୁଡ଼ିକରେ ଏହି ସଂକ୍ରମଣର ଭୟାବହତା ଅଧିକ ରହିଛି। ୨୦୧୯ ଶେଷଭାଗ ଆଡ଼କୁ ଏହି କରୋନା ଭୂତାଣୁର ସଂକ୍ରମଣ ପ୍ରଥମେ ଚାଇନାର ହୁବେଇ ପ୍ରଦେଶରୁ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଏହି ସଂକ୍ରମଣ ବିଶ୍ୱର ପ୍ରାୟ ୨୧୦ଦେଶକୁ ବ୍ୟାପିଥିବାବେଳେ ୯୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହା ପ୍ରଥମେ ବାଦୁଡ଼ିଙ୍କଠାରୁ ବ୍ୟାପିଥିବା ବିଶେଷଜ୍ଞମାନେ ମତ ଦେଇଥିଲେ। ପରେ ଏହା ବଜ୍ରକାପ୍ତା ମାଧ୍ୟମରେ ମଣିଷ ଶରୀରରେ ପ୍ରବେଶ କରିଥିବା କୁହାଯାଉଛି। ତେବେ ଏହାର ସତ୍ୟାସତ୍ୟ ନେଇ ବିଶେଷଜ୍ଞ ଏବଂ ପରିବେଶ୍‌ବିତ୍‌ମାନେ ଅଧିକରୁ ଅଧିକ ଗବେଷଣା ଜାରି ରଖିଛନ୍ତି। ମେଲ୍‌ବୋର୍ଣ୍ଣ ମୋନାସ ବିଶ୍ୱବିଦ୍ୟାଳୟର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଷ୍ଟିଫେନ୍ ଟର୍ନରଙ୍କ ମତରେ କୋଭିଡ-୧୯ ଭୂତାଣୁ ପ୍ରଥମେ ବାଦୁଡ଼ିଙ୍କଠାରେ ବ୍ୟାପି ଥିଲା ଏବଂ ତାହା ସେହି ବାଦୁଡ଼ିଙ୍କଠାରେ ହିଁ ସମାପ୍ତ ହୋଇଥିଲା। ଅନ୍ୟ କେତେକଙ୍କ ମତରେ ଚାଇନାର ଉହାନରେ ଜୀବନ୍ତ ଜନ୍ତୁ(ଲାଇଭ ଆନିମଲ୍) ବଜାରରେ ମଣିଷ ଏବଂ ଜୀବଜନ୍ତୁଙ୍କ ମଧ୍ୟରେ ହେଉଥିବା ଚଳପ୍ରଚଳରୁ ଏହି ଭୂତାଣୁ ବ୍ୟାପିଥିଲା। ମାତ୍ର ଏହି ତଥ୍ୟ ବିଶ୍ୱାସଯୋଗ୍ୟ ହେଉନାହିଁ ବୋଲି ଟର୍ନର କହିଛନ୍ତି। ତାଙ୍କ କହିବା ହେଲା ଏଭଳି ଭୂତାଣୁ ସବୁବେଳେ ପ୍ରାୟ ପ୍ରାଣୀଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ। ନ୍ୟୁୟର୍କର ଏକ ଚିଡ଼ିଆଖାନାରେ ଏକ ବାଘୁଣୀ କରୋନା ସଂକ୍ରମିତ ହେବା ପରେ ଏହା ସବୁଆଡ଼େ ବ୍ୟାପିପାରେ ବୋଲି ସେ କହିଛନ୍ତି। ଅନ୍ୟ କେତେକଙ୍କ ମତରେ ଏହା କୌଣସି ପୋଷା ଜୀବ କିମ୍ବା ଯେଉଁ ଜୀବଙ୍କ ସହ ମଣିଷର ଚଳପ୍ରଚଳ ରହିଛି ତା'ମାଧ୍ୟମରେ ବ୍ୟାପିଥାଇ ପାରେ। କାରଣ ୨୦୦୨ ସିଭିୟର ଆକ୍ୟୁଟ ରେସ୍ପିରେଟୋରୀ ସିଣ୍ଡ୍ରୋମ(ଏସ୍‌ଏଆର୍‌ଏସ୍) ଘଟଣାକୁ ଯଦି ଆମେ ମନେ ପକାଇବା ଉକ୍ତ ଭୂତାଣୁ ମଧ୍ୟ ପ୍ରଥମେ ବାଦୁଡ଼ି ଏବଂ ପରେ ବିଲେଇ ଦ୍ୱାରା ସଂକ୍ରମଣ ହୋଇ ମଣିଷଙ୍କୁ ସଂକ୍ରମିତ ହୋଇଥିଲା। ଇଣ୍ଟରନ୍ୟାଶନାଲ ୟୁନିୟନ ଫର କନ୍‌ଜରଭେଶନ ଅଫ୍ ନେଚର ମତରେ ବାଦୁଡ଼ି ଏବଂ ମଣିଷ ମଧ୍ୟରେ କରୋନା ଭୂତାଣୁ ସଂକ୍ରମଣ ବ୍ୟାପିବାରେ ବଜ୍ରକାପ୍ତାର ଭୂମିକାକୁ ଏଡ଼ାଇ ଦିଆଯାଇ ନ ପାରେ। କାରଣ ବଜ୍ରକାପ୍ତାର ମାଂସ ଅଧିକ ସ୍ୱାଦଯୁକ୍ତ ହୋଇଥିବାବେଳେ ଏହାର କାତିରେ ଅନେକ ଔଷଧୀୟ ଗୁଣ ରହିଛି। ତେଣୁ ସବୁଆଡ଼େ ଏହାର ଚୋରାଚାଲାଣ ଅଧିକମାତ୍ରାରେ ହୋଇଥାଏ। ଜଙ୍ଗଲରେ ବୁଲୁଥିବାବେଳେ ବାଦୁଡ଼ିର ସଂସ୍ପର୍ଶରେ ବଜ୍ରକାପ୍ତା ଆସିଥାନ୍ତି। ପରେ ବଜ୍ରକାପ୍ତା ମଣିଷ ସଂସ୍ପର୍ଶରେ ଆସି ଭୂତାଣୁ ସଂକ୍ରମଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଉକ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି। ଏଭଳିସ୍ଥିତିରେ କରୋନା ସଂକ୍ରମଣ କେଉଁଠୁ ଏବଂ କିପରି ବ୍ୟାପିଲା ସେନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ବିଭିନ୍ନ ସଂସ୍ଥା ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ସେମାନଙ୍କ ଗବେଷଣା ଜାରି ରଖିଥିବା ଜଣାପଡ଼ିଛି।

# ମାସ୍କ ନାହିଁ ତ ପେଟ୍ରୋଲ ନାହିଁ

**ଭୁବନେଶ୍ୱର,୧୦।୪(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର କଟକଣା ଲଗାଉଛନ୍ତି। ଏପରି କି ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ମାସ୍କ ପିନ୍ଧିବା ସରକାର ବାଧ୍ୟତାମୂଳକ କରିଛନ୍ତି। ଯେଉଁମାନେ ମାସ୍କ ନ ପିନ୍ଧି ଘରୁ ବାହାରକୁ ବାହାରୁଛି ସେମାନଙ୍କଠାରୁ ୨ ଶହରୁ ୫ଶହ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ସମର୍ଥନ କରିଛି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ। ମାସ୍କ ପିନ୍ଧିବା ନିୟମକୁ କଡାକଡ଼ି ଲାଗୁ କରିଛି ସଂଘ। ଏଣିକି ମାସ୍କ ନ ପିନ୍ଧିଲେ ପେଟ୍ରୋଲ ପମ୍ପରେ ପେଟ୍ରୋଲ ମିଳିବନି ବୋଲି ସଂଘ ପକ୍ଷରୁ କୁହାଯାଇଛି। ପେଟ୍ରୋଲ ପମ୍ପ କର୍ମଚାରୀ ଓ ଗ୍ରାହକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏପରି ନିଷ୍ପତ୍ତି ନିଆଯାଇଥିବା ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ ସୂଚନା ଦେଇଛନ୍ତି। ଏପରି କି ପେଟ୍ରୋଲ ପମ୍ପ ମାଲିକମାନେ ସେମାନଙ୍କ କର୍ମଚାରୀଙ୍କୁ ତଗିଦ୍ ମଧ୍ୟ କରୁଛନ୍ତି। ଯେଉଁମାନେ ମାସ୍କ ନ ପିନ୍ଧି ଗାଡି ଆଣି ପେଟ୍ରୋଲ ପକାଇବାକୁ ଆସୁଛନ୍ତି ସେମାନଙ୍କୁ ପେଟ୍ରୋଲ ଦେବାକୁ ସିଧା ମନା କରିବାକୁ କର୍ମଚାରୀଙ୍କୁ କୁହାଯାଇଥିବା ଲାଠ୍ ସୂଚନା ଦେଇଛନ୍ତି।



**ପରିବା ବେପାରୀଙ୍କୁ କରୋନା ଭୟ**

# ଆମଦାନୀ ହେଉନି, ବଢୁଛି ଦର

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

କଟକ ଓ ଭୁବନେଶ୍ୱରରେ ପନିପରିବା ଦର ହୁ ହୁ ହୋଇ ବଢୁଛି। ୪୦ଟଙ୍କା ତଳକୁ କୌଣସି ପନିପରିବା ମିଳୁ ନାହିଁ। ଆଳୁ ପିଆଜଠାରୁ ଆରମ୍ଭ କରି ଅଦା, ରସୁଣ, ପନିପରିବା ସବୁ କିଛି ମହଙ୍ଗା ହୋଇଛି। ଅଦା କିଲୋ ୧୫୦ ଟଙ୍କା ହୋଇଥିବାବେଳେ ରସୁଣ କିଲୋ ୧୬୦ରୁ ୨୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି କଞ୍ଚା ପରିବା ଦର ୪୦ଟଙ୍କାରୁ ଆରମ୍ଭ ହୋଇ ୧୦୦ଟଙ୍କାକୁ ଛୁଇଁଲାଣି। ଖୁଚୁରା ବେପାରୀଙ୍କ ଗୋଟିଏ କଥା ରାଜ୍ୟ ବାହାରୁ କିଛି ଆମଦାନୀ ହେଉନି। ଆମେ ଅଧିକ ଦରରେ କିଣୁଥିବାରୁ ଅଧିକ ଦାମରେ ବିକ୍ରି କରୁଛୁ। ଚଢ଼ା ଦର ହେଲେ ମଧ୍ୟ ଲୋକମାନେ ବାଧ୍ୟ ହୋଇ କିଣୁଛନ୍ତି। କାମଧନ୍ଦା ବନ୍ଦ ସାଙ୍ଗକୁ ଖର୍ଚ୍ଚ ବଢି ଯାଇଛି। ଉଚ୍ଚ ଆୟବର୍ଗଙ୍କ ପାଇଁ ଅସୁବିଧା ହେଉ ନ ଥିବାବେଳେ ଦିନ ମଜୁରିଆ, ଶ୍ରମିକ, ନିମ୍ନ ଆୟବର୍ଗଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ହୋଇଛି। ଲକ୍‌ଡାଉନ୍ ଅବଧିକୁ ରାଜ୍ୟ ସରକାର ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଲକ୍‌ଡାଉନ ଯୋଗୁ ସବୁ ଗର୍ବର ଲୋକେ ଏବେ ଘରେ ବନ୍ଦ ହୋଇ ରହିଛନ୍ତି। ଭୁବନେଶ୍ୱର ଆଦିମାତା ବସ୍ତିରେ ରହୁଥିବା ରାଜମିସ୍ତ୍ରି ସନିଆ ସାହୁ କହିଛନ୍ତି ଯେ, ୧୫ଦିନ ହେଲାଣି କାମ ଧନ୍ଦା ବନ୍ଦ। ଘରେ ଟଙ୍କା ପଇସା କିଛି ନାହିଁ। ଚାଉଳ ଗଣ୍ଡାକ ମିଳିଥିଲେ ମଧ୍ୟ ହାଟ ସଉଦା ପାଇଁ ପାଖରେ ପଇସା ନାହିଁ। କେବେ କ'ଣ ହେବ ଆମ ସଂସାର ପୁଣି ଚାଲିବ ତାହା ଭଗବାନଙ୍କୁ ଜଣା। ମଞ୍ଚେଶ୍ୱର ରେଳବାଇ କଲୋନୀ ନିକଟରେ ପରିବା ବିକ୍ରି କରିବାକୁ ବାରଙ୍ଗରୁ ଆସୁଥିବା ସନାତନ ବେହେରା କହିଛନ୍ତି ଯେ, ମୋ ବୟସ ୬୫ ହେଲାଣି। ଘରେ ୫ ପ୍ରାଣୀ। ଆଖପାଖରୁ ପନିପରିବା ଆଣି ବିକ୍ରିକରି ଦି' ପଇସା ପାଏ। ହେଲେ କରୋନା ଭୂତାଣୁର ଭୟ ଆସିବା ଦିନଠାରୁ ମୋ ବେପାର ମାନ୍ଦା। ସ୍ତ୍ରୀ ସହରକୁ ଯିବାକୁ ଆକଟ କରୁଛି। ୫ଦିନ ଘରେ ବସିବା ପରେ ଆଜି କିଛି ପରିବା ଆଣି ବଡ଼ି ଭୋରରୁ ଆସିଥିଲି। ହାତମୁହଁକୁ ଗାମୁଛାରେ ଘୋଡ଼େଇ ହୋଇ ବସିଛି। ଘରେ କେତେଦିନ ବସି ରହିବି। ସଂସାର କେମିତି ଚଳିବ। ଆମ ଜନ୍ମରୁ ଏମିତି ଅବସ୍ଥା କେବେ ଦେଖି ନ ଥିଲେ ବୋଲି ସନାତନ କହିଛନ୍ତି। ରାଜଧାନୀରେ ଅନେକ ପରିବା ବ୍ୟବସାୟୀ କୋଭିଡ-୧୯ ଭୟରେ ଘରୁ ଆସିବାକୁ ଭୟ କରୁଥିବାବେଳେ ଆଉକେତେକ ପୋଲିସ ମାଡ଼ ଭୟରେ ଆସୁ ନାହାନ୍ତି। ଭୁବନେଶ୍ୱର-କଟକ ପୋଲିସ କମିଶନର ବେପାରିଙ୍କୁ ଆଶ୍ୱାସନା ଦେଲେ ମଧ୍ୟ ବାରଙ୍ଗ, ଖୁଣ୍ଟୁଣି, ବାଙ୍କୀ, ଖୋର୍ଦ୍ଧାରୁ ପରିବା ପୋରି ଆସୁ ନାହାନ୍ତି। ଯେଉଁମାନେ ପରିବା ଆଣି ସହରକୁ ଆସୁଛନ୍ତି ତାଙ୍କୁ ଗାଁରେ ବାସନ୍ଦ କରାଯାଉଛି। ଆଉ ଏହାର ଫାଇଦା ନେଉଛନ୍ତି କେତେଜଣ ଅସାଧୁ ବ୍ୟବସାୟୀ। କଳାବଜାର ରୋକିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଢାଯାଇଥିଲେ ମଧ୍ୟ ସବୁ ବ୍ୟବସାୟୀଙ୍କୁ ଆକଟ କରିବା ସମ୍ଭବ ହେଉ ନାହିଁ। କରୋନା ଯୋଗୁ ଲୋକମାନଙ୍କ ଜୀବନଜୀବିକା ଉପରେ ଶକ୍ତ ଆଘାତ ହୋଇଛି। ସାମାଜିକ, ଅର୍ଥନୈତିକ ସବୁକିଛି ଉଜୁଡ଼ି ଯାଇଛି। ଭବିଷ୍ୟତରେ ପରିସ୍ଥିତି ସୁଧୁରିବ କି ଆହୁରି ବିଗିଡ଼ିବ ତାହା ଲକ୍‌ଡାଉନ ହଟିବା ପରେ ଜଣାପଡ଼ିବ ବୋଲି ଲୋକମାନେ ମତପ୍ରକାଶ କରୁଛନ୍ତି।



**ଉଜୁଡ଼ିଲାଣି ଜୀବିକା, ଚିନ୍ତାରେ ଶ୍ରମଜୀବୀ**

# କରୋନା ମୁକାବିଲାରେ ହିରୋ ସାଜିଥିବା ଆଇଏଏସ୍ ଅଫିସର

ନୂଆଦିଲ୍ଲୀ, ୧୦।୪(ଆଇଏଏନ୍‌ଏସ୍)



କଟକ ଜିଲାପାଳ ଭବାନୀଶଙ୍କର ଚଇନି



କ୍ୟାବିନେଟ ସଚିବ ରାଜୀବ ଗୌବା

କରୋନା ମହାମାରୀକୁ ନେଇ ଦେଶ ଏବେ ଅଭୂତପୂର୍ବ ସଙ୍କଟ ଦେଇ ଗତି କରୁଥିବାବେଳେ ଏହାର ମୁକାବିଲାରେ କେତେଜଣ ଆଇଏଏସ୍ ଅଫିସର ହିରୋ ସାଜିଛନ୍ତି। ସଂକ୍ରମଣ ରୋକିବା ଦିଗରେ ସେମାନଙ୍କର ଉଦ୍ୟମ ତଥା ଉତ୍ସର୍ଗୀକୃତ ସେବା ମନୋଭାବ ରହିଛି। ସଙ୍କଟଜନକ ସ୍ଥିତିରେ ଦେଶର ପ୍ରଶାସନ, ଅର୍ଥ, ସ୍ୱାସ୍ଥ୍ୟସେବା, କୋଭିଡ୍-୧୯ ପରୀକ୍ଷା,ଗବେଷଣା ଓ ଚିକିତ୍ସା ବିଭାଗଗୁଡ଼ିକର ଉପଯୁକ୍ତ ପରିଚାଳନାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ ଅଛନ୍ତି କ୍ୟାବିନେଟ ସଚିବ ରାଜୀବ ଗୌବା। ୧୯୮୨ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସରଙ୍କର ସଙ୍କଟ ପରିଚାଳନାରେ ପ୍ରମୁଖ ଭୂମିକା ରହିଛି। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବ ପ୍ରୀତି ସୂଦନ ଏହି ଲଢ଼େଇରେ ସବୁବିଭାଗକୁ ଏକାଠି କରିଛନ୍ତି। ୧୯୮୩ ବ୍ୟାଚର ଆନ୍ଧ୍ରପ୍ରଦେଶ କ୍ୟାଡରର ଏହି ଆଇଏଏସ୍ ଅଫିସର ବିଳମ୍ବିତ ରାତିରେ ନିର୍ମାଣ ଭବନସ୍ଥିତ ତାଙ୍କ ଅଫିସରୁ କାର୍ଯ୍ୟ ସାରି ଘରକୁ ଫେରିଥାନ୍ତି। ଚାଇନାର ଉହାନରୁ ୬୪୫ ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା।

ସେହିପରି ସ୍ୱରାଷ୍ଟ୍ର ସଚିବ ଥିବା ୧୯୮୪ ବ୍ୟାଚ୍‌ର ଆସାମ-ମେଘାଳୟ କ୍ୟାଡର ଆଇଏଏସ୍ ଅଫିସର ଅଜୟ କୁମାର ଭାଲ୍ଲା ଅତ୍ୟାବଶ୍ୟକ ସାମଗ୍ରୀ ଯେପରି ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲାପାଳ ଭବାନୀଶଙ୍କର ଚଇନି ଉତ୍ସର୍ଗୀକୃତ ସେବା ମନୋଭାବର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ବାପାଙ୍କ ପରଲୋକ ସତ୍ତ୍ୱେ ସେ ଛୁଟି ନ ନେଇ କୋଭିଡ୍-୧୯ ମୁକାବିଲା କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖିଛନ୍ତି। ଲୋକଙ୍କ ଘରେ ତଟକା ପରିବା ପହଞ୍ଚାଇବାରେ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ପାଲଟିଛନ୍ତି ନାଗାଲାଣ୍ଡର ଡେପୁଟି କମିଶନର ଏସ୍. ଥାଭାସିଲାନ। ଭିଲୱାରାରେ କରୋନା ମୁକାବିଲାରେ ରାଜସ୍ଥାନର ଅତିରିକ୍ତ ମୁଖ୍ୟ ସଚିବ ରୋହିତ କୁମାର ସିଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସେହିପରି ଉତ୍ତରପ୍ରଦେଶ ମୁଖ୍ୟ ସଚିବ ଆର୍.କେ. ତିୱାରୀ, ଗୌତମବୁଦ୍ଧ ନଗର ଜିଲାପାଳ ସୁହାସ ଏଲ୍.ୱାଇ କରୋନା ମୁକାବିଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି।

**ଭୋକର ଦାଉ**

# ହିଂସ୍ର ହେଉଛନ୍ତି ବୁଲାଜନ୍ତୁ

**ଅଲ୍‌ମୋଡ଼ା/ଅଯୋଧ୍ୟା,୧୦।୪:** ପେଟ ପାଇଁ ଯେତେସବୁ ସଂଘର୍ଷ। କୋଭିଡ୍-୧୯ ଲାଗି ସାରା ଦେଶ ଲକ୍‌ଡାଉନ୍‌ରେ ଥିବାବେଳେ ଭୋକର ବିକଳ ଚିତ୍ର ସାମ୍ନାକୁ ଆସିଛି। ମଣିଷ ପାଇଁ ସରକାରୀ, ବେସରକାରୀସ୍ତରରେ କିଛି ନା କିଛି ବ୍ୟବସ୍ଥା କରାଯାଇଥିବାବେଳେ ଖାଲି ପେଟରେ ଆଉଟୁପାଉଟୁ ହେଉଛନ୍ତି ବୁଲାପ୍ରାଣୀ। ଉତ୍ତରାଖଣ୍ଡର ଆଲ୍‌ମୋଡା ଜିଲାରୁ ଏପରି ଏକ ଚିତ୍ର ପଦାକୁ ଆସିଛି। ଭୋକର ଦାଉ ବୁଲାଜନ୍ତୁଙ୍କୁ ଅଧିକ ହିଂସ୍ର କରୁଥିବାବେଳେ ସେମାନେ ଏବେ ପଥଚାରୀଙ୍କ ଉପରେ ଆକ୍ରମଣ କରୁଛନ୍ତି, ଯାହା ଚିନ୍ତାର କାରଣ ପାଲଟିଛି।

କରୋନା ଲକ୍‌ଡାଉନ ପାଇଁ ମଣିଷ ଗୃହବନ୍ଦୀ ହୋଇ ରହିବାକୁ ବାଧ୍ୟ ହେଉଛି। ଅନ୍ୟପଟେ ବାହାରେ ଭୋକ ବିକଳରେ ଛଟପଟ ହେଉଛନ୍ତି ବୁଲାପ୍ରାଣୀ। ଖାଦ୍ୟ ମିଳୁ ନ ଥିବାରୁ ସେମାନେ ଉତ୍ତେଜିତ ହୋଇ ଲୋକଙ୍କୁ କ୍ଷତାକ୍ତ କରୁଛନ୍ତି। ଏପରି ଘଟଣା ପଦାକୁ ଆସିବା ପରେ ଭୋକିଲା ପ୍ରାଣୀଙ୍କ ପେଟକୁ ଦାନା ଦେବାକୁ ଆଗେଇ ଆସିଛି ଅଲ୍‌ମୋଡ଼ାର ବିଶ୍ୱ ହିନ୍ଦୁ ସଙ୍ଗଠନ। ବୁଲା କୁକୁର, ଗୋରୁ, ମାଙ୍କଡ଼ଙ୍କୁ ସଙ୍ଗଠନର ସଦସ୍ୟମାନେ ଖାଦ୍ୟ ଦେବା ଆରମ୍ଭ କରିଛନ୍ତି। ସାଧାରଣ ଦିନରେ ବଜାର, ଗଳିକନ୍ଦିରୁ ଏହି ବୁଲା ପ୍ରାଣୀମାନେ ଖାଦ୍ୟ ଖାଇ ବଞ୍ଚୁଥିଲେ। ଏବେ ଲକ୍‌ଡାଉନ ପରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ହୋଇଯାଇଛି। ସେମାନଙ୍କୁ ଲାଗି ଖାଦ୍ୟ ସଙ୍କଟ ବଢ଼ିବାରେ ଲାଗିଛି।

ଅଯୋଧ୍ୟାରେ ମଧ୍ୟ ଅନୁରୂପ ସମସ୍ୟା ଦେଖିବାକୁ ମିଳିଛି। ଏଠାରେ ମଧ୍ୟ ଲକ୍‌ଡାଉନ ବୁଲାପ୍ରାଣୀଙ୍କ ପେଟରେ ପ୍ରହାର କରିଛି। ବିଶେଷ କରି ହଜାର ହଜାର ସଂଖ୍ୟାରେ ମାଙ୍କଡ଼ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ପୂର୍ବରୁ ଏଠାକୁ ଆସୁଥିବା ଶ୍ରଦ୍ଧାଳୁ, ପର୍ଯ୍ୟଟକମାନେ ସେମାନଙ୍କୁ ଖାଇବାକୁ ଦେଉଥିଲେ। ଏବେ ତାହା ବନ୍ଦ ହୋଇଯାଇଛି। ତେଣୁ ମାଙ୍କଡ଼ଙ୍କ ମଧ୍ୟରେ ହିଂସ୍ର ପ୍ରବୃତ୍ତି ବଢ଼ିବାରେ ଲାଗିଛି। ସେମାନେ ସାଧାରଣ ଲୋକଙ୍କୁ କାମୁଡ଼ି କ୍ଷତବିକ୍ଷତ କରି ପକାଉଛନ୍ତି। ଏହି କାରଣରୁ ସ୍ଥାନୀୟ ହସ୍ପିଟାଲରେ ଏବେ ମାଙ୍କଡ଼ କାମୁଡ଼ା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦିନକୁ ଏପରି ୪୦ରୁ ୫୦ ମାମଲା ଆସୁଛି, ଯାହା ସ୍ୱାସ୍ଥ୍ୟ ବିଭାଗ ସମେତ ଜନସାଧାରଣଙ୍କ ଚିନ୍ତା ବଢ଼ାଇଛି।



# ସାମାଜିକ ଦୂରତ୍ୱ ପାଳନ୍ତି ପିମ୍ପୁଡ଼ି, ମାଙ୍କଡ଼, ବାଦୁଡ଼ି

ନ୍ୟୁୟର୍କ, ୧୦।୪

କୋଭିଡ-୧୯ର ମୁକାବିଲା ପାଇଁ ସାମାଜିକ ଦୂରତ୍ୱ ରକ୍ଷାକରିବା ସମାଜ ଉପରେ ଗଭୀର ପ୍ରଭାବ ପକାଉଛି। ଏହାକୁ ନେଇ ଏବେ କେତେକଙ୍କ ମନରେ ପ୍ରଶ୍ନ ଉଠୁଛି ଏହା କ'ଣ ସତରେ କାମ କରିବ? ପ୍ରକୃତି ପାଖରେ ଏହାର ଉତ୍ତର ରହିଛି ବୋଲି କହୁଛନ୍ତି ପରିବେଶବିତ ତଥା ଡିଜିଜ୍ ଇକୋଲୋଜିଷ୍ଟ। ମାଙ୍କଡ଼, ଚିଙ୍ଗୁଡି, କୀଟପତଙ୍ଗ ଓ ପକ୍ଷୀମାନଙ୍କ ମଧ୍ୟରେ ସେମାନଙ୍କ ପ୍ରଜାତିର କେହି ସଦସ୍ୟ ଯଦି ରୋଗଗ୍ରସ୍ତ ହୁଅନ୍ତି ତେବେ ସେମାନେ ଏହା ଜାଣିପାରିବା ସହ ସେମାନଙ୍କଠାରୁ ଦୂରେଇ ରୁହନ୍ତି ବୋଲି କୁହାଯାଏ। ଏଠାରେ ପ୍ରଶ୍ନ ଉଠୁଛି କାହିଁକି ବିଭିନ୍ନ ପ୍ରାଣୀ(ପଶୁପକ୍ଷୀ)ଙ୍କ ମଧ୍ୟରେ ଏଭଳି ସାଂସାରିକ ଜ୍ଞାନସମ୍ପନ୍ନ ବ୍ୟବହାର ଦେଖାଯାଇଥାଏ। କାରଣ ସାମାଜିକ ଦୂରତା ଏମାନଙ୍କୁ ଜୀବିତ ରଖିବାରେ ସାହାଯ୍ୟ କରିଥାଏ। ବିବର୍ତ୍ତନ ଅନୁଯାୟୀ, ପ୍ରାଣୀମାନେ ଯେତେବେଳେ ସାମାଜିକ ଦୂରତା ରକ୍ଷା କରନ୍ତି ସେତେବେଳେ ସେମାନେ ସୁସ୍ଥ ରହିବା ସହ ଅଧିକ ସନ୍ତାନ ପ୍ରଜନନ କରିବାର କ୍ଷମତା ମଧ୍ୟ ରଖନ୍ତି। ତେଣୁ ଏମାନେ ରୋଗର ସମ୍ମୁଖୀନ ହେଲେ ମଧ୍ୟ ସାମାଜିକ ଦୂରତା ବଜାୟ ରଖନ୍ତି। ସଂକ୍ରମଣରୁ ଦୂରେଇ ରହିବା ଲାଗି ପ୍ରାଣୀମାନେ ଯେଉଁଭଳି ଆଚରଣ ପ୍ରଦର୍ଶନ କରନ୍ତି ତାକୁ ନେଇ ଅଧ୍ୟୟନ କରାଯାଇଥାଏ। ଏପରିକି ରୋଗ ସଂକ୍ରମଣ ଲାଗି ସେମାନଙ୍କର ଆଚରଣ କାହିଁକି ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନ ସମୟରେ ତାହା ଉପରେ ବିଶେଷ ଦୃଷ୍ଟି ଦିଆଯାଇଥାଏ। ସେଥିପାଇଁ ପରିବେଶ ବିଜ୍ଞାନୀମାନେ କୁହନ୍ତି, ପ୍ରାଣୀମାନେ ବିଭିନ୍ନ ପ୍ରକାର ଆଚରଣ ପ୍ରଦର୍ଶିତ କରିଥାଆନ୍ତି ଯାହା ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରିଥାଏ। ତେବେ ଏକାଠି ବା ଗୋଷ୍ଠୀ ଭିତରେ ରହୁଥିବା ଜୀବମାନଙ୍କ ମଧ୍ୟରେ ସଂକ୍ରମଣ ସମସ୍ୟା ବାରମ୍ବାର ଦେଖାଯାଇଥାଏ। ଯାହା ଆମକୁ ଶିକ୍ଷା ଦେଇଥାଏ କି ସାମାଜିକ ଦୂରତା ପାଳନ ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ। କୁହାଯାଏ ପିମ୍ପୁଡ଼ି ମଧ୍ୟରେ କେହି ଯଦି ରୋଗଗ୍ରସ୍ତ ହୁଏ ତେବେ ଉଭୟ ସୁସ୍ଥ ଓ ଅସୁସ୍ଥ ପିମ୍ପୁଡି ଶୀଘ୍ର ସେମାନଙ୍କର ବ୍ୟବହାରରେ ପରିବର୍ତ୍ତନ କରିଥାଆନ୍ତି। ଯାହା ରୋଗ ସଂକ୍ରମଣକୁ କମାଇବାରେ ସାହାଯ୍ୟ କରିଥାଏ। ଏହି ସମୟରେ ସେମାନେ ପରସ୍ପର ମଧ୍ୟରେ ସମ୍ପର୍କକୁ ହ୍ରାସ କରନ୍ତି ବୋଲି କୁହାଯାଏ।





ହେଲେ ମାଣ୍ଡ୍ରିଲ ପ୍ରଜାତିର ମାଙ୍କଡ଼ କେବଳ ନିଜ ପରିବାରର ଅସୁସ୍ଥ ସଦସ୍ୟଙ୍କ ଯତ୍ନ ନେଉଥିବା ବେଳେ ଅପରିଚିତଙ୍କୁ ଏମାନେ ପାଖରେ ପୂରାଇ ଦେଇ ନ ଥାଆନ୍ତି।

ରୋଗର ଉପସ୍ଥିତିରେ ମନୁଷ୍ୟର ଆଚରଣ ମଧ୍ୟ ବିବର୍ତ୍ତନର ସ୍ୱାକ୍ଷର ବହନ କରେ। ଏହା ସୂଚନା ଦିଏ ଯେ ଆମର ପୂର୍ବ ପୁରୁଷମାନେ ମଧ୍ୟ ସଂକ୍ରାମକ ରୋଗକୁ ନେଇ ସମାନ ଚାପର ସମ୍ମୁଖୀନ ହେଉଥିଲେ, ଯାହା ଆଜି ଆମେ ସାମ୍ନା କରୁଛୁ। ପିମ୍ପୁଡ଼ି ପରି ଆମେ ମଧ୍ୟ ଆମ ସମାଜର ସବୁଠାରୁ ଅସୁରକ୍ଷିତ ସଦସ୍ୟଙ୍କୁ କୋଭିଡ-୧୯ ସଂକ୍ରମଣଠାରୁ ରକ୍ଷା କରୁଛୁ। ଯେମିତିକି ବୟସ୍କ ବ୍ୟକ୍ତି ଓ ପୂର୍ବରୁ ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ସମ୍ଭାବ୍ୟ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଉଛି। ମାଙ୍କଡ଼ ଓ ବାଦୁଡି ପରି ଆମେ ମଧ୍ୟ ସାମାଜିକ ଦୂରତା ବଜାୟ ରଖିବାକୁ ଅଭ୍ୟାସ କରୁଛୁ। ଅସୁସ୍ଥ ପରିବାର ସଦସ୍ୟଙ୍କ ପାଇଁ ଅତ୍ୟାବଶ୍ୟକ ଯତ୍ନ ନେଉଥିବା ବେଳେ ଆବଶ୍ୟକ ସାମାଜିକ ସମ୍ପର୍କକୁ ହ୍ରାସ କରିବାକୁ ଚେଷ୍ଟା କରୁଛୁ। ପ୍ରକୃତିରୁ ଏହା ସ୍ପଷ୍ଟ ହୋଇଛି ଯେ ସଂକ୍ରମଣକୁ ହ୍ରାସ କରିବା ଲାଗି ସାମାଜିକ ଦୂରତା ପାଳନ ଏକ ପ୍ରଭାବଶାଳୀ ଉଦ୍ୟମ। ଏହା ମଧ୍ୟ ଏକ ସାଧନ ଯାହା ପ୍ରାୟ ଅନ୍ୟମାନଙ୍କ ତୁଳନାରେ ଅଧିକ ଦ୍ରୁତ ଓ ବିଶ୍ୱବ୍ୟାପୀ କାର୍ଯ୍ୟକାରୀ ହୋଇପାରିବ। ଟିକାକରଣ ଓ ଔଷଧ ପରି ଆଚରଣଗତ ପରିବର୍ତ୍ତନକୁ ନେଇ ପରୀକ୍ଷଣର ଆବଶ୍ୟକତା ନ ଥାଏ। ତେଣୁ କୋଭିଡ-୧୯ ସହ ଲଢିବାକୁ ହେଲେ ସାମାଜିକ ଦୂରତାର ଆବଶ୍ୟକତା ଗୁରୁତ୍ୱ ରଖେ ବୋଲି କୁହାଯାଉଛି।



ଦିଲ୍ଲୀର କଲ୍ୟାଣ ବିହାର ଡିଡିଏ ଫ୍ଲାଟର ମହିଳା ମନୁ ସିଂହ ଏକ ଆହତ ବୁଲା କୁକୁରକୁ ଦେଖି ଗୁଗଲ ମାଧ୍ୟମରେ ଏକ ହସ୍ପିଟାଲ ନମ୍ବରରେ ଫୋନ କରିଥିଲେ। ଜଣେ ଯୁବକ ପ୍ରଥମେ ଟୋକନ ମନି ଡାକ୍ତରଖାନା ପେଟିଏମ ମାଧ୍ୟମରେ ପଠାଇବାକୁ କହିଥିଲେ। ଏଥିପାଇଁ ତାଙ୍କୁ ଏକ ଆପ୍ ଡାଉନ୍ ଲୋଡ୍ କରିବାକୁ ସେ କହିଥିଲେ। ତେବେ ମନୁ ଏହି ଆପ୍ ଡାଉନ୍‌ଲୋଡ୍ କରିବା ମାତ୍ରେ ତାଙ୍କ ମୋବାଇଲକୁ ହ୍ୟାକ୍ କରି ପେଟିଏମ୍ ମାଧ୍ୟମରେ ସଙ୍ଗେ ସଙ୍ଗେ ୭୩ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଏଭଳି ଠକାମୀର ଶିକାର ହୋଇଥିବା ଜାଣିବା ପରେ ମନୁ ସାଇବର ସେଲ୍‌ରେ ଅଭିଯୋଗ କରିଛନ୍ତି।

# ଗଛ ଉପରେ ଜୀବନ




**ହାପୁଡ଼:** କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ସମସ୍ତଙ୍କୁ ସୋସିଆଲ୍ ଡିଷ୍ଟାନ୍ସ ବା ସାମାଜିକ ଦୂରତା ଉପରେ ଜୋର ଦେବାକୁ କୁହାଯାଉଛି। ଦେଶର ବିଭିନ୍ନ ଅଞ୍ଚଳରେ ଲୋକେ ବି ନିଜେ ନିଜେ ସତର୍କ ହୋଇ ସାମାଜିକ ଦୂରତା ରକ୍ଷା କରୁଛନ୍ତି। ସାମାଜିକ ଦୂରତା ପାଳନକରିବା ପାଇଁ ଉତ୍ତରପ୍ରଦେଶର ଜଣେ ଓକିଲଙ୍କ ଉପାୟ ଏବେ ସବୁଆଡେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟର ହାପୁଡ଼ ଜିଲାର ଅଶୋଡ଼ା ଗାଁରେ ରହୁଥିବା ଓକିଲ ମୁକୁଲ ତ୍ୟାଗୀ ସୋସିଆଲ୍ ଡିଷ୍ଟାନ୍ସ ପାଳନ କରିବା ପାଇଁ ଘରଛାଡ଼ି ଚାଲିଯାଇଥିଲେ ଏକ ଗଛ ଉପରକୁ। ଘର ପାଖରେ ଥିବା ଏକ ବଡ଼ଗଛ ଉପରେ ହିଁ ସେ ନିଜ ପାଇଁ ରହିବାର ବ୍ୟବସ୍ଥା କିରଛନ୍ତି। ମୁକୁଲଙ୍କ କହିବା ଅନୁସାରେ ସୋସିଆଲ୍ ଡିଷ୍ଟାନ୍ସ ପାଳନ କରିବା ପାଇଁ ସେ ଘରଛାଡି ଗଛ ଉପରକୁ ପଳାଇ ଆସିଛନ୍ତି। କିନ୍ତୁ ଏଠାରେ ରହିବା ପାଇଁ ତାଙ୍କୁ ବେଶ୍ ଆରାମ ଲାଗୁଛି ଓ ଲକ୍‌ଡାଉନ ସମୟରେ ସେ ଏକ ଭିନ୍ନ ଅନୁଭବ କରିପାରୁଛନ୍ତି। ଗଛ ଉପରେ ରହିବା ପାଇଁ ସେ ଏଭଳି ବ୍ୟବସ୍ଥା କରିଛନ୍ତି ଯେ, ସେଠାରେ ଆରାମରେ ସବୁକାମ କରିପାରୁଛନ୍ତି। ଗଛ ଉପରେ ରହିବା ଫଳରେ ସେ ପ୍ରାକୃତିକ ପରିବେଶରେ ରହିବା ଭଳି ଅନୁଭବ କରୁଛନ୍ତି। ଏହା ସହିତ ଗଛର ତଳ ଆଡକୁ ସେ ଏକ ଝୁଲାରେ ନିଜର ଆବଶ୍ୟକ ସାମଗ୍ରୀ ସବୁ ରଖିଛନ୍ତି। ମଝିରେ ମଝିରେ ଗଛ ତଳକୁ ଆସି ସେ ବିଶ୍ରାମ କରିଥାନ୍ତି।

# ସୁନାଠୁ ବି ମୂଲ୍ୟବାନ୍ ଔଷଧ



ହିମାଳୟ ଅଞ୍ଚଳରେ ଏକ ବିଶେଷ ପ୍ରକାରର ଔଷଧ ମିଳିଥାଏ। ଅନ୍ତର୍ଜାତୀୟ ବଜାରରେ ଏହା କିଲୋଗ୍ରାମ ପ୍ରତି ୬୦ ଲକ୍ଷ ଟଙ୍କା ମୂଲ୍ୟରେ ବିକ୍ରି ହେଉଛି। ଏହି ଔଷଧ ଭାରତ, ନେପାଳ ଏବଂ ଚାଇନାର କେତେକ ଅଞ୍ଚଳରେ ମିଳିଥାଏ। ଏହା ହିମାଳୟରେ ସ୍ୱାସ୍ଥ୍ୟ ବୃଦ୍ଧିକାରୀ ଔଷଧ ଭାବରେ ମଧ୍ୟ ଜଣାଶୁଣା। ଭାରତ ବ୍ୟତୀତ ଏହା ବିଶ୍ୱର ଅନ୍ୟାନ୍ୟ ଦେଶରେ କ୍ୟାପରପିଲ ଫଙ୍ଗସ୍ ଭାବରେ ମଧ୍ୟ ଜଣାଶୁଣା।

ଭାରତ ଏବଂ ଚାଇନାର ଲୋକେ କୁହନ୍ତି, ଏହି ଔଷଧ ଏକ କୀଟରୁ ପ୍ରସ୍ତୁତ ହୋଇଥାଏ। ଯାହା ଶକ୍ତିହୀନତାକୁ ଦୂର କରିଥାଏ। ଏହା ଚା' କିମ୍ବା ସୁପ୍ ତିଆରିରେ ବ୍ୟବହୃତ ହୁଏ। କିନ୍ତୁ ବିଜ୍ଞାନ ଏହାକୁ ସତ୍ୟ ବୋଲି ଗ୍ରହଣ କରି ନାହିଁ। କୁହାଯାଏ, ଏହି ଔଷଧ କିଡ୍‌ନୀ ଏବଂ ଶ୍ୱାସରୋଗ ପାଇଁ ବହୁ ଲାଭଦାୟକ। ଯଦିଓ ୨୦୦୧ ମସିହାରେ ନେପାଳରେ ଏହି ଔଷଧକୁ ନିଷେଧ କରାଯାଇଥିଲା। ଏହି କୀଟ ଶୀତଦିନେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଉଦ୍ଭିଦ ରସରୁ ବାହାରିଥାଏ। ଯାହା ମେ-ଜୁନ୍‌ରେ ଶେଷ ହୁଏ। ଏହା ଛଅ ମାସ ପର୍ଯ୍ୟନ୍ତ ଚାଲିଥାଏ। ଏହି କୀଟପତଙ୍ଗମାନେ ମରିବା ପରେ ପାହାଡ଼ରେ ଥିବା ଘାସ ଏବଂ ଉଦ୍ଭିଦ ମଧ୍ୟରେ ରହିଥାନ୍ତି। ଚାଇନାରେ ଏହି ଔଷଧର ଚାହିଦା ସର୍ବାଧିକ।

# ରୋଷେଇ ଜାଣିଥିବା ବ୍ୟକ୍ତି ୟାମିଙ୍କ ପସନ୍ଦ



**ମୁମ୍ବାଇ:** ବଲିଉଡ୍ ବିୟୁଟି ୟାମି ଗୌତମ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ତାଙ୍କ ପ୍ରଶଂସକଙ୍କ ସହ କଥା ହେଉଥିବା ବେଳେ ଏମିତି କିଛି କଥା କହିଛନ୍ତି ଯାହା ଏବେ ଚର୍ଚ୍ଚାକୁ ଆସିଛି। ବିଶେଷ ଭାବେ ଏହି ଇଣ୍ଟରାକ୍ସନ ସମୟରେ ସେ କହିଛନ୍ତି, ତାଙ୍କୁ କେମିତିକା ଜୀବନସାଥି ପସନ୍ଦ। ଯିଏ ଭଲ ରୋଷେଇ ଜାଣିଥିବେ ଓ ଭଲ ଆନନ୍ଦଦାୟକ କଥା କହିପାରୁଥିବେ ୟାମିଙ୍କୁ ସେମିତି ଜୀବନସାଥି ପସନ୍ଦ ବୋଲି ସେ କହିଛନ୍ତି। ଜଣେ ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତରରେ ୟାମି ଏହା କହିଛନ୍ତି। ଏହାସହ ତାଙ୍କ ଜୀବନସାଥି ଜଣେ ଭଲ ହୃଦୟର ବ୍ୟକ୍ତି ହୋଇଥିବା ଜରୁରୀ ବୋଲି ୟାମି କହିଛନ୍ତି। କରୋନା ଭାଇରସ୍ ପାଇଁ ସାରା ଦେଶ ଲକ୍‌ଡାଉନ୍ ଥିବାବେଳେ ୟାମି ବର୍ତ୍ତମାନ କେମିତି ସମୟ କାଟୁଛନ୍ତି ତାହା ମଧ୍ୟ ସେ ଶେୟାର କରିଛନ୍ତି। ଘରେ ରହି ୟାମି ଯୋଗକରିବା ସହ ରୋଷେଇ କରୁଛନ୍ତି, ପାଠ ପଢୁଛନ୍ତି, ଫିଲ୍ମ ଦେଖୁଛନ୍ତି ଓ ପରିବାର ଲୋକଙ୍କୁ ମନେ ପକାଉଛନ୍ତି ବୋଲି କହିଛନ୍ତି। ୨୮ ନଭେମ୍ବର ୧୯୮୮ରେ ହିମାଚଳ ପ୍ରଦେଶର ବିଳାସପୁରରେ ଜନ୍ମ ହୋଇଥିବା ୟାମି ଗୌତମ ବଲିଉଡ୍‌ର ସୁପରହିଟ୍ ଫିଲ୍ମ 'ବିକ୍କି ଡୋନର' ମାଧ୍ୟମରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଏହା ପୂର୍ବରୁ ସେ ଚଣ୍ଡିଗଡ଼ରେ ଆଇନରେ ଡିଗ୍ରୀ କରିଛନ୍ତି। ଆଇଏଏସ୍ ହେବାକୁ ଚାହୁଁଥିବା ୟାମି ସମୟକ୍ରମେ ଅଭିନେତ୍ରୀ ହୋଇଯାଇଛନ୍ତି ବୋଲି କୁହନ୍ତି।

# କ୍ୱାରାଣ୍ଟାଇନ୍ ହାଉସ୍ ଚ୍ୟାଲେଞ୍ଜ



**ନୂଆଦିଲ୍ଲୀ:** କରୋନା ଭାଇରସ୍‌ରୁ ରକ୍ଷାପାଇବା ପାଇଁ ଏବେ ଅନେକଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଉଛି। କିନ୍ତୁ କ୍ୱାରାଣ୍ଟାଇନ୍ ହାଉସ୍ ନାଁରେ ଏବେ ଏକ ଚ୍ୟାଲେଞ୍ଜ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଏକଥା ଶୁଣି ଲୋକେ ଅବଶ୍ୟ ହଠାତ୍ ଆଶ୍ଚର୍ଯ୍ୟ ହୋଇ ପଡୁଛନ୍ତି। କିନ୍ତୁ ପ୍ରକୃତରେ ଏହା ହେଉଛି ଏକ ପ୍ରକାରର ଅନ୍‌ଲାଇନ୍ ଗେମ୍।

ଏହି ଅନ୍‌ଲାଇନ୍ ଖେଳର ନାଁ ରହିଛି 'ଚୁଜ୍ ଇୟୋର କ୍ୱାରାଣ୍ଟାଇନ୍ ହାଉସ୍'। ଏହି ଖେଳର ନିୟମ ଅନୁସାରେ ଜଣେ ଅନ୍ୟଜଣଙ୍କୁ ଗୋଟିଏ ଘର ନେବା ପାଇଁ ଚାଲେଞ୍ଜ କରିବ ଏବଂ କେଉଁ ଆଧାରରେ କାହା ପାଇଁ କ୍ୱାରାଣ୍ଟାଇନ୍ ଘର ନେବାକୁ ହେବ, ସେନେଇ ତଥ୍ୟ ରଖିବାକୁ ପଡ଼ିବ। କେବଳ ମଜା କରିବା ଉଦେଶ୍ୟରେ ଅନ୍‌ଲାଇନ୍‌ରେ ଏଭଳି ଏକ ଗେମ୍ ଆରମ୍ଭ ହୋଇଛି। ମଜା କଥା ହେଉଛି ଏହି ଗେମ୍‌ରେ ଏବେ ବହୁ ସେଲିବ୍ରିଟି ମଧ୍ୟ ଯୋଡ଼ି ହୋଇଛନ୍ତି। କିଏ ନିଜ ପାଇଁ ତଥା ନିଜ ସମ୍ପର୍କୀୟଙ୍କ ପାଇଁ ଅଧିକ କ୍ୱାରାଣ୍ଟାଇନ୍ ହାଉସ ନେବାକୁ ଚାହୁଁଛନ୍ତି ତ ପୁଣି କିଏ ରାପର୍‌ମାନଙ୍କ ପାଇଁ ଏହି ଘର ନେବାକୁ ଇଛା କରିଛନ୍ତି। ତେବେ ଲୋକଙ୍କର ମଜାଳିଆ ଉତ୍ତର ଖେଳକୁ ବେଶ୍ ଆନନ୍ଦଦାୟକ କରିପାରୁଛି।

# ଲାଠି ଧରି ଗୋଡ଼ାଇଲେ ଡାକ୍ତର

**କ୍ୱାରାଣ୍ଟାଇନ୍‌କୁ ଅମାନ୍ୟର ଫଳ**

**ଜୟପୁର:** ବାହାରୁ ଆସିଥିବା ଜଣେ ଯୁବକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଥିଲେ ହେଁ ଏହାକୁ ନ ମାନିବାରୁ ଜଣେ ଡାକ୍ତର ତାଙ୍କୁ ଲାଠି ଧରି ଗୋଡାଇବା ଘଟଣା ରାଜସ୍ଥାନ ମକରାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ଅଞ୍ଚଳର ୩୮ ବର୍ଷର ଜଣେ ଯୁବକ ବାହାରୁ ଘରକୁ ଆସିବା ପରେ ତାଙ୍କୁ ହୋମ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ଗୁରୁବାର ଡାକ୍ତର ଆବିଦ ହୁସେନଙ୍କ ଏକ ଟିମ୍ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ସେଠାରେ ପହଞ୍ଚିଥିଲେ। ସେତେବେଳେ ଯୁବକ ଜଣକ ଘରୁ ବାହାରକୁ ବାହାରି ଆସିଥିଲେ। ଡାକ୍ତର ଆବିଦ ତାଙ୍କ ନିକଟକୁ ଯାଇ ଘରେ ରହିବାକୁ ପରାମର୍ଶ ଦେଇଥିଲେ। ବୁଝାଇବା ସତ୍ତ୍ୱେ ଯୁବକ ଜଣକ ଘରକୁ ଯାଇ ନ ଥିଲେ। ସେହି ସମୟରେ ଆଖପାଖର ଲୋକେ ମଧ୍ୟ ସେଠାରେ ଜମା ହୋଇଯାଇଥିଲେ। ଫଳରେ ଡାକ୍ତର ବେକରୁ ଷ୍ଟେଥୋସ୍କୋପ କାଢି ନିଜ କାରରେ ରଖିଥିବା ଏକ ଲାଠି ବାହାର କରିଥିଲେ ଏବଂ ଯୁବକଙ୍କୁ ଘରକୁ ଯିବାକୁ କହି ତାଙ୍କ ପଛରେ ଗୋଡ଼ାଇଥିଲେ। ପରେ ଯୁବକ ଜଣକ ଭୟରେ ତାଙ୍କ ଘରେ ପଶି ଭିତରୁ କବାଟ ବନ୍ଦ କରିଦେଇଥିଲେ। ଏ ସମ୍ପର୍କରେ ଡାକ୍ତର ହୁସେନ କହିଛନ୍ତି, ଅବହେଳା ଯୋଗୁ କରୋନା ସଂକ୍ରମଣର ଆଶଙ୍କା ବଢୁଛି। ଡାକ୍ତରମାନେ ବହୁ ପରିଶ୍ରମ କରି ସମସ୍ତଙ୍କୁ ସୁସ୍ଥ ରଖିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଲୋକେ ସେମାନଙ୍କୁ ସହଯୋଗ କରିବା ଆବଶ୍ୟକ। ଏହା ଦ୍ୱାରା ଲୋକଙ୍କୁ କରୋନା ସଂକ୍ରମଣରୁ ରୋକାଯାଇ ପାରିବ।



# ଲକ୍‌ଡାଉନରେ କୁଇଜ୍ ପ୍ରତିଯୋଗିତା

**ପ୍ୟାରିସ୍:** ସବୁ ଦେଶରେ ଏବେ କରୋନାକୁ ହରାଇବା ପାଇଁ ଏକମାତ୍ର ଉପାୟ ଭାବେ ପାଳନ କରାଯାଉଛି ଲକ୍‌ଡାଉନ୍। ସେଥିପାଇଁ ଲୋକେ ଏବେ ଘର ଭିତରେ ସବୁବେଳେ ରହୁଛନ୍ତି। ତେବେ ପୂରାଦିନ ଘରେ ବସି ବସି ଅନେକ ବୋର୍ ହୋଇ ଯାଉଛନ୍ତି। କିନ୍ତୁ ଲକ୍‌ଡାଉନରେ ବୋର୍ ନହେବା ପାଇଁ ଏକ ଭିନ୍ନ ପନ୍ଥା ବାହାର କରିଛନ୍ତି ସ୍ୱିଡେନର କମେଡିଆନ୍ ନୋଆମ୍ କାର୍ଗୁଜୁ। ନୋଆମ୍ ତାଙ୍କ ପ୍ୟାରିସ୍ ଆପାର୍ଟମେଣ୍ଟରେ ବାଲ୍‌କୋନିକୁ ଆସି ଅନ୍ୟ ଘରର ଲୋକଙ୍କ ସହ ବାଲ୍‌କୋନିରେ ରହି କୁଇଜ୍ ପ୍ରତିଯୋଗିତା କରୁଛନ୍ତି। ଆପାର୍ଟମେଣ୍ଟର ସବୁ ପରିବାର ଏବେ ବାଲ୍‌କୋନିକୁ ଆସି କୁଇଜ୍ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ସବୁଠୁ ବଡ଼ କଥା ହେଉଛି କାର୍ଗୁଜୁଙ୍କ ଏହି କୁଇଜ୍ ପ୍ରତିଯୋଗିତା ଏବେ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ସିରିଜ୍ ଶୋ'ଭାବେ ପ୍ରଦର୍ଶିତ ହେଉଛି। କାର୍ଗୁଜୁଙ୍କ ଏହି ପ୍ରତିଯୋଗିତାରେ ଲୋକଙ୍କୁ ବିଭିନ୍ନ ପ୍ରକାରର ମନୋରଞ୍ଜନ ବି ହେଉଛି। କରୋନା ଭାଇରସ୍ ସଂକ୍ରମଣ ଭୟରେ ଲୋକେ ଆତଙ୍କିତ ନ ହୋଇ ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ। କାର୍ଗୁଜୁଙ୍କ ଏହି କାର୍ଯ୍ୟକ୍ରମ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ସହ ଲୋକଙ୍କୁ ବେଶ୍ ପ୍ରଭାବିତ କରିପାରିଛି।



# ବିନା ଦର୍ଶକରେ ହେବ 'କପିଲ ଶର୍ମା ଶୋ'

**ମୁମ୍ବାଇ:** କରୋନା ପାଇଁ ସାରାଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ସେଥିଲାଗି ସବୁକିଛି ଏକପ୍ରକାର ବନ୍ଦ ହୋଇଯାଇଛି। ସେଥିରୁ ବାଦ୍‌ପଡ଼ିନି ଟିଭି ଶୋ। ସବୁପ୍ରକାର ଶୁଟିଂ ମଧ୍ୟ ସ୍ଥଗିତ କରାଯାଇଛି। ଲୋକେ ଘରେ ରହି ଏକପ୍ରକାର ବୋର୍ ହୋଇଗଲେଣି। ନା ବାହାରକୁ ଯାଇ ହେଉଛି ନା ମନୋରଞ୍ଜନ କରି ହେଉଛି। କିନ୍ତୁ କମେଡି କିଙ୍ଗ କପିଲ ଶର୍ମା ଜନତାଙ୍କ ପାଇଁ ଏକ ଖୁସିଖବର ଦେବାକୁ ଯାଉଛନ୍ତି। ସେ ଲୋକଙ୍କ ମନୋରଞ୍ଜନ ପାଇଁ କିଛି ଯୋଜନା ପ୍ରସ୍ତୁତ କରିଛନ୍ତି। ସେ ଘରେ ଥାଇ 'ଦ କପିଲ ଶର୍ମା ଶୋ'ର ସୁଟିଂ କରିବାକୁ ଯାଉଛନ୍ତି। ସୂଚନାଥାଉ କି, ଏହି ଶୋ'ର ପ୍ରଯୋଜକ ଦର୍ଶକଙ୍କ ବିନା ପ୍ରଥମ ଥର ପାଇଁ ସୁଟିଂ କରିବାକୁ ଯାଉଛନ୍ତି। ଏହା ଏକ ବଡ଼ ପଦକ୍ଷେପ। କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ କପିଲଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ଏପରି ଦର୍ଶକଙ୍କ ବିନା ଶୋ କରିବା ସମ୍ଭବ ମଧ୍ୟ। ତେବେ ଗତ କିଛିଦିନ ହେବ ଆମେରିକାରେ କରୋନା ଭୂତାଣୁ ଭୟଙ୍କର ସ୍ଥିତି ଧାରଣ କରିଛି। ସେଥିଲାଗି ସେଠାରେ ତାଙ୍କ ଟିଭି ତାରକା ଏବଂ ଟକ୍ ଶୋ' ହୋଷ୍ଟ ଜିମି ଫୈଲନ, ଜିମି କିମଲ ଏବଂ ଏଲନ ଡିଜେନେରସ୍ ବିନା ଦର୍ଶକରେ ନିଜର ଶୋ'ର ସୁଟିଂ କରୁଛନ୍ତି। ତେବେ କପିଲ କାହିଁକି ପାରିବେନି। ସେ ଘରେ ରହି କରୋନାକୁ ହରାଇବେ ବୋଲି ତାଙ୍କ ଫ୍ୟାନମାନଙ୍କୁ ଜଣାଇବା ସହିତ ଶୋ' ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ପ୍ରକାଶ କରିଛନ୍ତି।




# 'ମୁସ୍କୁରାଏଗା ଇଣ୍ଡିଆ' ଗୀତକୁ ପ୍ରଶଂସା

**ମୁମ୍ବାଇ:** କରୋନା ଭାଇରସ୍‌ର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଭୂତାଣୁ ସହ ଲଢ଼େଇ କରିବା ଲାଗି ସରକାରଙ୍କ ସହ କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି ବଲିଉଡ୍ ତାରକାମାନେ। ସରକାରଙ୍କୁ ଆର୍ଥିକ ସହାୟତା ଦେବାସହ ଏମାନେ ଜନସାଧାରଣଙ୍କୁ ବିଭିନ୍ନ ଉପାୟରେ ମଧ୍ୟ ସଚେତନ କରୁଛନ୍ତି। ନିକଟରେ ଦେଶବାସୀଙ୍କ ମନୋବଳକୁ ବଢ଼ାଇବା ପାଇଁ ବଲିଉଡ ଅଭିନେତା ଅକ୍ଷୟ କୁମାର ଏବଂ ନିର୍ଦ୍ଦେଶକ ଜ୍ୟାକି ଭାଗନାନି ଏକ ଗୀତ ରିଲିଜ୍ କରିଥିଲେ। ଏହି ଗୀତର ନାଁ ହେଉଛି 'ମୁସ୍କୁରାଏଗା ଇଣ୍ଡିଆ' ତେବେ ଦେଶବାସୀଙ୍କୁ ଆଶାର କିରଣ ଦେଖାଉଥିବା ଏହି ଗୀତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ଭିଡିଓଟିକୁ ସୋସିଆଲ ମିଡିଆରେ ଶେୟାର କରିମୋଦି କହିଛନ୍ତି, 'ପୁଣି ଥରେ ହସିବ ଭାରତ, ପୁଣି ଜିତିବ ଭାରତ, ଭାରତ ଲଢ଼ିବ ଏବଂ ଜିତିବ ମଧ୍ୟ। ଏହା ଆମ ଫିଲ୍ମ ତାରକାମାନଙ୍କ ବହୁତ ପ୍ରଶଂସନୀୟ ପ୍ରୟାସ ବୋଲି ମୋଦି କହିଛନ୍ତି।



ଧରିତ୍ରୀ
DHARITRI
ଶନିବାର, ୧୧ ଏପ୍ରିଲ, ୨୦୨୦



## ସଂକ୍ଷେପରେ

### କରୋନା ମୁକାବିଲା ପାଇଁ 'ସିଟିଜେନ୍ ଆକ୍ସନ ଗ୍ରୁପ୍'

ଭୁବନେଶ୍ୱର, ୧୦।୪(ବ୍ୟୁରୋ): ରାଜ୍ୟରେ ବଢୁଥିବା କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ସହ ବେସରକାରୀ ସଂସ୍ଥା ଓ ଜନସାଧାରଣ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏପରିସ୍ଥଳେ କେତେଜଣ ବ୍ୟକ୍ତିବିଶେଷ ଓ ସାମାଜିକ ଅନୁଷ୍ଠାନ ଦ୍ୱାରା ଗଠିତ ହୋଇଛି 'ସିଟିଜେନ୍ ଆକ୍ସନ ଗ୍ରୁପ୍ ଅନ୍ କୋରୋନା'। ତୃଣମୂଳ ସ୍ତରର ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା ସହ ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସହଯୋଗ କରିବାକୁ ପ୍ରସ୍ତାବ ଦେବା ସମାଜର ଅତି ଗରିବ ତଥା ସମ୍ବେଦନଶୀଳ ବର୍ଗଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସହଯୋଗ କରିବା ଓ ରିଲିଫ୍ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ମୂଳ ଲକ୍ଷ୍ୟ ବୋଲି ଗ୍ରୁପ୍‌ର ଆବାହକ ମାନସ ରଞ୍ଜନ ମିଶ୍ର କହିଛନ୍ତି। ସାମାଜିକ ଅନୁଷ୍ଠାନ, ପଞ୍ଚାୟତ ପ୍ରତିନିଧି, ତୃଣମୂଳସ୍ତରର କର୍ମୀ ଓ ଜନସାଧାରଣଙ୍କ ମତାମତକୁ ସରକାରଙ୍କ ପାଖରେ ପହଞ୍ଚାଇବା ସହ ସମସ୍ତଙ୍କ ସହଭାଗିତାରେ ରାଜ୍ୟରେ ନୀତି ନିର୍ଦ୍ଧାରଣ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଏହି ଗ୍ରୁପ୍ ତ୍ୱରାନ୍ୱିତ କରିବ। ଗ୍ରୁପ୍‌ର ପରାମର୍ଶଦାତା ରାଜେଶ ମହାପାତ୍ର ଓ ଅନ୍ୟତମ ପରାମର୍ଶଦାତା ତଥା ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ କହିଛନ୍ତି, ଓଡିଶାରେ କୋଭିଡ୍-୧୯ ପରବର୍ତ୍ତୀ ସାମାଜିକ ତଥା ଅର୍ଥନୈତିକ ବିକାଶର ନକ୍ସା ପ୍ରସ୍ତୁତି ଏବଂ ରାଜ୍ୟକୁ ପ୍ରଗତିମୁଖୀ କରିବାରେ ଏହି ଟିମ୍ ସହଯୋଗ କରିପାରିବ।

### ବଡ଼ଗଡ଼ରେ ୨ ହଜାର ମାସ୍କ, ୧୨୫୦ ରାଶନ ପ୍ୟାକେଟ ବଣ୍ଟନ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ):** ରାଜ୍ୟର ପ୍ରଥମ କରୋନା ଚିହ୍ନଟ ହୋଇଥିବା ଭୁବନେଶ୍ୱରର ବଡ଼ଗଡ଼ ଗ୍ରାମରେ ମାସ୍କ ଓ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ସ୍ଥାନୀୟ ଏସ୍ଏଚ୍‌ଜି ମହିଳାଙ୍କ ସହଯୋଗରେ ନେତାଜୀ ଯୁବକ ସଂଘ ପକ୍ଷରୁ ୨ହଜାର ଲୋକଙ୍କୁ ମାସ୍କ ଓ ୩ କିଲୋ ଆଳୁ ସହ ୨ କେଜି ପିଆଜ ଥିବା ୧୨୫୦ ରାଶନ ପ୍ୟାକେଟ ପ୍ରଦାନ କରାଯାଇଛି। ବଡ଼ଗଡ ଥାନା, ଆର୍‌ଆଇ ଅଫିସ, ବିଏମ୍‌ସି ପରିମଳ କର୍ମଚାରୀ, ଦୋକାନୀ, ଘରୋଇ ଅନୁଷ୍ଠାନ, ବସ୍ତି ଓ ଅନ୍ୟ ଲୋକଙ୍କୁ ମାସ୍କ ବଣ୍ଟାଯାଇଥିବା ଯୁବକ ସଂଘ ସଭାପତି ସନ୍ତୋଷ କୁମାର ସିଂହ କହିଛନ୍ତି।

### ଆବଣ୍ଟାଞ୍ଚଳର ୩୨୧ ହିତାଧିକାରୀଙ୍କୁ ମିଳିଲା ପିଡିଏସ୍ ସାମଗ୍ରୀ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ):** ଭୁବନେଶ୍ୱରର ୫ ଆବଣ୍ଟାଞ୍ଚଳରେ ବସବାସ କରୁଥିବା ହିତାଧିକାରୀଙ୍କ ଘର ଦୁଆର ମୁହଁରେ ପିଡିଏସ୍ ସାମଗ୍ରୀ ବଣ୍ଟନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ ଖାଉଟି ବିଭାଗର କର୍ମଚାରୀମାନେ ପ୍ରଥମ ଦିନରେ ଆଜାଦନଗରର ୪୫ଜଣ, ଯଦୁପୁରର ୫୬, ସୂର୍ଯ୍ୟନଗରର ୨୨୦ଜଣଙ୍କୁ ମିଶାଇ ସମୁଦାୟ ୩୨୧ ହିତାଧିକାରୀଙ୍କୁ ସାମଗ୍ରୀ ପ୍ରଦାନ କରିଛନ୍ତି। ଶନିବାରଠାରୁ ବମିଖାଲ ସମେତ ଅନ୍ୟ ଅଞ୍ଚଳରେ ସାମଗ୍ରୀ ଦିଆଯିବ ବୋଲି ସୂଚନା ଦିଆଯାଇଛି।

### ଓଡିଏମ୍ ପକ୍ଷରୁ ସିଏମ୍‌ଆର୍‌ଏଫ୍‌କୁ ସହାୟତା ରାଶି ପ୍ରଦାନ

ଭୁବନେଶ୍ୱର, ୧୦।୪(ବ୍ୟୁରୋ): କରୋନା ପାଇଁ ଦେଶ ତଥା ରାଜ୍ୟରେ ଆର୍ଥିକ ଓ ସାମାଜିକ ସ୍ଥିତି ଦୁର୍ବଳ ହୋଇଛି। ମୁକାବିଲା ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି। ଏପରିସ୍ଥିତିରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି(ସିଏମ୍‌ଆର୍‌ଏଫ୍)କୁ ସହାୟତା ରାଶି ପ୍ରଦାନ କରିଛି। ଏହାର ପ୍ରତିଷ୍ଠାତା ତଥା ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟମାନେ ୧୫ ଦିନର, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଏକ ଦିନର ଦରମା ପ୍ରଦାନ କରିଛନ୍ତି। ଡ. ମୀନକେତନ କହିଛନ୍ତି, କରୋନା ମୁକାବିଲା ପାଇଁ ସରକାର ବ୍ୟାପକ ଅର୍ଥ ବ୍ୟୟ କରୁଛନ୍ତି। ଏହି ସମୟରେ ସମସ୍ତେ ସରକାରଙ୍କ ସହାୟତା ଲାଗି ଆଗେଇ ଆସିବା ନିହାତି ଆବଶ୍ୟକ। ଏଥିସହ ଏକ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ୍ କର୍ମଚାରୀ ତଥା ଜରୁରୀକାଳୀନ ସେବା ପ୍ରଦାନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସେ କୃତଜ୍ଞତା ଜଣାଇବା କରିବା ସହ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି।

# ବଦଳିଗଲାଣି ସହରୀ ଜୀବନଶୈଳୀ

**ମହାମାରୀ କରୋନା ସଂକ୍ରମଣ ରୋକିବା ପାଇଁ ୧୪ ତାରିଖରେ ଶେଷ ହେଉଥିବା ୨୧ ଦିନିଆ ଲକ୍‌ଡାଉନ୍‌କୁ ରାଜ୍ୟ ସରକାର ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଲୋକଙ୍କୁ ଘର ଭିତରେ ରହିବାକୁ କୁହାଯିବା ସହ ସହରଠୁ ଗାଁ ସବୁଠି କଡ଼ା କଟକଣା ଲାଗୁ କରାଯାଇଛି। ଫଳରେ ପ୍ରତିଦିନ କାର୍ଯ୍ୟବ୍ୟସ୍ତତା ଭିତରେ ଅଭ୍ୟସ୍ତ ଥିବା ସହରର ଲୋକଙ୍କ ପାଇଁ ଏବେ ଘର ଭିତରେ ରହିବା କଷ୍ଟକର ହୋଇପଡୁଛି। ଯାହା ହେଉନା କାହିଁକି ନିଜକୁ ଓ ନିଜ ପରିବାରକୁ ଘାତକ କୋଭିଡ୍-୧୯ କବଳରୁ ସୁରକ୍ଷିତ ରଖିବାକୁ ଲୋକେ ଘରେ ରହିବାକୁ ଉଚିତ ମଣୁଛନ୍ତି। ପ୍ରଥମେ ପରିବାର ଓ ପିଲାଛୁଆଙ୍କ ସହ ପୂରା ସମୟ ବେଶ୍ ଭଲରେ କଟିଗଲା। ହେଲେ ଏତେ ଦିନ ଘର ଭିତରେ ଦିନରାତି ବସି ରହିବା ଅସହ୍ୟ ହୋଇପଡିଲାଣି। ଏଭଳି ଅହସ୍ୟବୋଧକୁ ଦୂର କରିବାକୁ ଲୋକେ ଜୀବନଶୈଳୀକୁ ମଧ ବଦଳାଇ ଦେଇଛନ୍ତି। ଆଗଭଳି କର୍ମ ଜଞ୍ଜାଳ ଜୀବନ ଭିତରେ ମାର୍କେଟ ବୁଲିବା, ସପିଂ କରିବା, ମିଳିମିଶି ଖଟି ଓ ଖିଆପିଆ କରିବା ସମ୍ଭବ ହେଉ ନ ଥିଲେ ବି ଘରେ ସମସ୍ତେ ଏକାଠି ବସି ବିଭିନ୍ନ ଖେଳ ଖେଳୁଛନ୍ତି। ମନଖୋଲି ଖୁସି ମଜା କରିବା ସହ ଭିନ୍ନ ଢଙ୍ଗ ଓ ନିଆରା ଜୀବନ ଶୈଳୀକୁ ଆପଣାଇଛନ୍ତି ସହରବାସୀ।**

- ରିପୋର୍ଟ: ସସ୍ମିତା ପାଇକରାୟ, ଭୁବନେଶ୍ୱର


ଅଭିନେତ୍ରୀ ଭୂମିକା ଦାଶ

## ଖଟିର ସ୍ଥାନ ନେଇଛି ନେଟ୍‌ଫ୍ଲିକ୍ସ

ଆଉ ଦେଖିବାକୁ ମିଳୁନି ଚା' ଦୋକାନ, ଅଫିସ, କଲେଜ, ଟ୍ୟୁଶନ ସେଣ୍ଟର ଆଗରେ ଏକାଠି ହୋଇ ଖଟି କରିବା। ସବୁଆଡେ ଶୂନ୍‌ଶାନ୍। କରୋନା ଛଡ଼ାଇ ନେଇଛି ବୁଲାବୁଲି ଓ ଖଟି ମଜାର ଅଧିକାର। ଘର ଭିତରେ ମୋବାଇଲ୍, କମ୍ପ୍ୟୁଟର ଓ ଟେଲିଭିଜନ ସ୍କ୍ରିନ୍‌କୁ ଚାହିଁ ଚାହିଁ ଦିନ କଟୁଛି। ବିଶେଷକରି ଯୁବପିଢ଼ିଙ୍କ ପାଇଁ ସମୟ ଅତିବାହିତ କରିବାର ପ୍ରମୁଖ ମାଧ୍ୟମ ପାଲଟିଛି ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍ ଓ ହଟ୍‌ଷ୍ଟାର୍ ଭଳି ଭିଡ଼ିଓ ଷ୍ଟ୍ରିମିଂ ଆପ୍ଲିକେଶନ। ଖଟିରସ୍ଥାନ ନେଇଛି ନେଟ୍‌ଫ୍ଲିକ୍ସ। ବିଭିନ୍ନ ସ୍ୱାଦର ଫିଲ୍ମ, ୱେବ୍ ସିରିଜ୍, ଡକ୍ୟୁମେଣ୍ଟାରୀ ଗୋଟିଏସ୍ଥାନରେ ଦେଖିହେଉଛି। ଲକ୍‌ଡାଉନ୍ ସମୟରେ ଏହି ଭିଡ଼ିଓ ଷ୍ଟ୍ରିମିଂ ସାଇଟ୍‌ଗୁଡ଼ିକ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ପାଲଟିଥିବାବେଳେ ଫିଲ୍ମ ଓ ୱେବ୍‌ସିରିଜ ନିର୍ମାତାମାନେ ନୂଆ ଫିଲ୍ମ ଓ ଟିଭି ସିରିଜର ଅନ୍‌ଲାଇନ ରିଲିଜ୍ କରୁଛନ୍ତି। ନିକଟରେ ବହୁ ପ୍ରତୀକ୍ଷିତ ବଲିଉଡ୍ ଫିଲ୍ମ 'ଅଂରେଜୀ ମିଡିୟମ୍' ଥିଏଟର ପରିବର୍ତ୍ତେ ହଟ୍ ଷ୍ଟାର୍ ଭିଆଇପି ଓ ଡିଜ୍‌ନୀ ପ୍ଲସ୍ ଭଳି ଡିଜିଟାଲ ପ୍ଲାଟଫର୍ମରେ ରିଲିଜ ହୋଇଥିବାବେଳେ 'ଏମା', 'ଦି ହଣ୍ଟ', 'ଦି ଇନ୍‌ଭିଜିବିଲ୍‌ମ୍ୟାନ୍', 'ଅନ୍‌ୱାର୍ଡ', 'ବ୍ଲଡ୍‌ଶଟ୍' ଭଳି ବହୁ ହଲିଉଡ୍ ଫିଲ୍ମ ମଧ ଡିଜିଟାଲ ଷ୍ଟ୍ରିମିଂ ସାଇଟ୍‌ରେ ରିଲିଜ ହୋଇଛି।




## ଗାର୍ଡେନ୍, କିଚେନ୍‌ରେ କଟୁଛି ସମୟ

ବଡ଼ବଡ଼ିଆଙ୍କ ପାଇଁ ସମୟ କାଟିବାର ଏବେ ପ୍ରମୁଖ ମାଧ୍ୟମ ହୋଇଛି ଗାର୍ଡେନିଂ ଓ କୁକିଂ। ମନ୍ତ୍ରୀ, ନେତାଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀ ଓ ବଡ଼ବଡ଼ ବ୍ୟବସାୟୀ, ଅଧିକାଂଶ ଗଛ ଲଗାଇବା ଓ ଗାର୍ଡେନରେ ବୁଲାବୁଲି କରୁଥିବା ଦେଖିବାକୁ ମିଳୁଛି। ସେହିଭଳି ରୋଷେଇରେ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି। ଡୁ ଇଟ୍ ୟୋର୍‌ସେଲ୍ଫ ଅର୍ଥାତ୍ ନିଜେ ନିଜର ସମୟ କାଟିବା ପାଇଁ ବିଭିନ୍ନ ମାଧ୍ୟମକୁ ଆପଣାଉଛନ୍ତି ଲୋକେ। ସେହିଭଳି ଜିମ୍ ଯାଇ ପାରୁ ନ ଥିବା ଲୋକେ ଏବେ ଅନ୍‌ଲାଇନ୍ ୱାର୍କଆଉଟ୍ କରୁଛନ୍ତି। ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ବିଧାୟକ ପ୍ରଦୀପ ମହାରଥୀ, ଅଭିନେତ୍ରୀ ଭୂମିକାଙ୍କଠାରୁ ଯାତ୍ରା ସୁପରଷ୍ଟାର୍ ଦୈତାରୀ ପଣ୍ଡାଙ୍କ ପର୍ଯ୍ୟନ୍ତ ବହୁ ନେତା, ମନ୍ତ୍ରୀ ଓ ସେଲିବ୍ରିଟିଙ୍କ ରୋଷେଇ ଓ ଗାର୍ଡେନିଂ ଭିଡ଼ିଓସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ସେହିଭଳି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଜଣେ ଆଇଏଏସ୍ ଅଧିକାରୀ ଗୀଟାର ବଜାଇ ସମୟ କାଟୁଥିବା ଦେଖିବାକୁ ମିଳୁଛି।


ଯାତ୍ରା କଳାକାର ଦୈତାରୀ ପଣ୍ଡା

## ଆଉଟ୍‌ଡୋର୍ ନୁହେଁ, ଇନ୍‌ଡୋର୍ ଗେମ୍

ପାର୍କ ହେଉ କି ଆପାର୍ଟମେଣ୍ଟ ସୋସାଇଟି ଲନ୍, ବୃଦ୍ଧାବୃଦ୍ଧଙ୍କୁ ଆଉ ଇଭିନିଂ ଅବା ମର୍ନିଂ ୱାକ୍‌ରେ ଯିବା ଦେଖିବାକୁ ମିଳୁନି। କରୋନା ସଂକ୍ରମଣ ଆଶଙ୍କା ବୟସ୍କଙ୍କଠାରେ ଅଧିକ ଦେଖିବାକୁ ମିଳୁଥିବାରୁ ଭୟରେ ସେମାନେ ବାହାରକୁ ବାହାରୁନାହାନ୍ତି। କେବଳ ବୟସ୍କ ନୁହନ୍ତି, କୁନିକୁନି ପିଲାଙ୍କ କ୍ଷେତ୍ରରେ ମଧ ସମାନ ଭୟ। ତେଣୁ କ୍ରିକେଟ୍ ଓ ଅନ୍ୟାନ୍ୟ ଆଉଟ୍‌ଡୋର୍ ଗେମ୍ ପରିବର୍ତ୍ତେ ଏବେ ଘରେ ରହି ଇନ୍‌ଡୋର୍ ଗେମ୍‌ରେ ନିଜକୁ ସାମିଲ୍ କରିଛନ୍ତି। ଲୁଡୁ, ଚେସ୍, ଉନୋ, କାର୍ଡ, କ୍ୟାରମ୍ ଆଦି ବହୁ ଇନ୍‌ଡୋର୍ ଗେମ୍‌ରେ ଉଭୟ ପିଲା ଓ ବୟସ୍କମାନେ ସମୟ ଅତିବାହିତ କରୁଛନ୍ତି। ବିଶେଷକରି ସନ୍ଧ୍ୟା ହେଲେ ବିଭିନ୍ନ ଘର ଓ ବାଲ୍‌କୋନିରେ ଖେଳ ଜମୁଛି।

## 'ହୋମ୍ ଡେଲିଭରି'ର ନୂଆ କନ୍‌ସେପ୍ଟ

ବଡ଼ବଡ଼ ସପିଂ ମଲ୍‌ରେ ବୁଲି ବୁଲି କିଣାକିଣି କରିବା, ଫୁଡ୍‌କୋର୍ଟରେ ସାଙ୍ଗସାଥିଙ୍କ ସହ ବସି ସୁସ୍ୱାଦୁ ଖାଦ୍ୟର ମଜା ନେବାର ସମୟ ଆଉନାହିଁ। ଏବେ ସବୁକିଛି ହୋମ୍ ଡେଲିଭରିରେ ଚଳୁଛି। ତାହାପୁଣି ନୂଆ ଧାରା ଅର୍ଥାତ୍ 'ନୋ ଟଚ୍ ଡେଲିଭରି'ର ପରିଚୟ ପାଇଛି। କରୋନା ସଂକ୍ରମଣ ଆଶଙ୍କା ଦୂର କରିବା ପାଇଁ ସାମଗ୍ରୀ ଡେଲିଭରି କରୁଥିବା ସଂସ୍ଥା ଯଥାସମ୍ଭବ ସ୍ପର୍ଶ ନ କରି ସାମଗ୍ରୀ ଘରେ ପହଞ୍ଚାଉଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଯଥା କ୍ଷୀର, ଦହିରୁ ଆରମ୍ଭକରି ପନିପରିବା, ଗ୍ରସେରି ପର୍ଯ୍ୟନ୍ତ ସବୁକିଛି ଫୋନ୍ ଯୋଗେ ଅର୍ଡର କଲେ ମିଳିଯାଉଛି। ପୂର୍ବରୁ ଲୋକେ ନିଜେ ବଜାର ଯାଇ କିଣାକିଣି କରିବାକୁ ପସନ୍ଦ କରୁଥିବାରୁ ହୋମ୍ ଡେଲିଭରି କରୁଥିବା ରାଜଧାନୀର ଏକାଧିକ ଷ୍ଟାର୍ଟଅପ୍‌ର ବେପାର ମାନ୍ଦା ପଡ଼ିଥିଲା। ଏବେ ସେସବୁ ବେଶ୍ ସକ୍ରିୟ ହୋଇ ଉଠିଥିବା ଜଣାପଡ଼ୁଛି।

## ଦେଖିବାକୁ ମିଳୁଛି ନିଆରା ଭାଇଚାରା

ସହରର ପୁରୁଣା ଗାଁ ଓ କଲୋନୀକୁ ଛାଡ଼ିଦେଲେ ପ୍ରାୟତଃ ଅଧିକାଂଶ ସହରିଆଙ୍କ ମଧ୍ୟରେ ସେପରି ମିଳାମିଶା ନ ଥାଏ। କାରଣ ସମସ୍ତେ ନିଜ କାମ ଓ ପରିବାରରେ ବ୍ୟସ୍ତ। ଆଗରୁ ନିଜ ପଡ଼ୋଶୀଙ୍କୁ ଚିହ୍ନି ନ ଥିବା ସହରବାସୀ ଏବେ ପରସ୍ପର ସହ କଥା ହୋଇ ଭାବର ଆଦାନ ପ୍ରଦାନ କରୁଛନ୍ତି। ଘରୁ ରାସ୍ତାକୁ ବାହାରି ପାରୁ ନ ଥିଲେ ମଧ ଗେଟ୍ ନିକଟରେ ହେଉ ଅବା ଛାତ ଉପରେ ପଡୋଶୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ମନକୁ ହାଲ୍‌କା କରୁଛନ୍ତି। ଯାହା ପରୋକ୍ଷରେ ସହରିଆଙ୍କ ମଧ୍ୟରେ ନିଆରା ଭାଇଚାରା ସୃଷ୍ଟି କରିଛି।


ମନ୍ତ୍ରୀ ସମୀର ରଞ୍ଜନ ଦାଶ


ଜଣେ ମହିଳା ସ୍କୁଟି ଚାଳକଙ୍କୁ ପୋଲିସ ମାସ୍କ ପ୍ରଦାନ କରୁଛି।

## ରାଜଧାନୀରେ ବିଭିନ୍ନ ସ୍ଥାନରେ ମାସ୍କ ଯାଞ୍ଚ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ବାୟୁରେ କୋଭିଡ୍-୧୯ ସଂକ୍ରମଣ ସମ୍ଭାବନା ଥିବାରୁ ମାସ୍କ ବ୍ୟବହାରକୁ ଗୁରୁବାରଠାରୁ ବାଧ୍ୟତାମୂଳକ କରାଯାଇଛି। ତେବେ ପ୍ରଥମ ଦିନରେ କମିଶନରେଟ ପୋଲିସ ଲୋକଙ୍କୁ ସଚେତନ କରିବା ସହ ମାସ୍କ ବାଣ୍ଟିଥିଲା। ଦ୍ୱିତୀୟ ଦିନ ଅର୍ଥାତ୍ ଶୁକ୍ରବାରଠାରୁ ଯାଞ୍ଚକୁ କଡାକଡି କରାଯାଇଛି। ଏଣକି ୩ଥର ପର୍ଯ୍ୟନ୍ତ ବିନା ମାସ୍କରେ ଧରାପଡିଲେ ୨ଶହ ଓ ଏହାଠାରୁ ଅଧିକ ନିୟମ ଉଲ୍ଲଂଘନ କଲେ ୫ଶହ ଲେଖାଏ ଜରିମାନା କରାଯାଇଛି। ତେଣୁ ପୋଲିସ ରାଜଧାନୀର ବିଭିନ୍ନ ସ୍ଥାନ ଯଥା ମାଷ୍ଟରକ୍ୟାଣ୍ଟିନ, ରାଜମହଲ, ଶିଶୁଭବନ ଛକ, ଏଜି ଛକ, କଳ୍ପନା ଛକ, ପଟିଆ ଛକରେ ମାସ୍କ ଯାଞ୍ଚ କରିଥିଲା। ହେଲେ ପ୍ରାୟତଃ ସବୁଲୋକ ମାସ୍କ କିମ୍ବା କପଡ଼ାରେ ମୁହଁକୁ ଢାଙ୍କି ଯାତାୟାତ କରୁଥିବା ଦେଖୁବାକୁ ମିଳିଥିଲା। କିଏ ଗାମୁଛା, ରୁମାଲ ତ ଆଉ କିଏ ଅନ୍ୟକିଛି କପଡାକୁ ମୁହଁରେ ଭିଡିଥିଲେ। ଯେଉଁ କେତେଜଣ ମାସ୍କ ନ ପିନ୍ଧି ଧରା ପଡ଼ିଥିଲେ ସେମାନଙ୍କ ପୂରା ପରିଚୟ ଓ ଠିକଣା ଆଦି ତଥ୍ୟ ପୋଲିସ୍ ରଖି ଛାଡ଼ିଥିଲା। ଆଗକୁ ଧରାପଡିଲେ ଜରିମାନା ଦେବାକୁ ମଧ ଚେତାବନୀ ଦେଇଥିଲା। ଅନ୍ୟପକ୍ଷରେ ପୋଲିସ କେତେକ ସ୍ଥାନରେ ମାସ୍କ ବାଣ୍ଟି ସଚେତନ କରିଥିବା ମଧ ଦେଖାଯାଇଥିଲା।

## ୟୁନିଟ୍-୧ ମାର୍କେଟରୁ ହୋମ୍ ଡେଲିଭରି ସୁବିଧା

**ଭୁବନେଶ୍ୱର, ୧୦।୪(ବ୍ୟୁରୋ):** ଖୁଚୁରା ବେପାରୀ ଅଧିକ ଦର ନେଉଥିବା ଅଭିଯୋଗ ପରେ ବିଏମ୍‌ସି ଭୁବନେଶ୍ୱରବାସୀଙ୍କ ପାଇଁ ନୂଆ ବ୍ୟବସ୍ଥା କରିଛି। ୟୁନିଟ୍-୧ ହୋଲ୍‌ସେଲ୍ ମାର୍କେଟରୁ ସିଧାସଳଖ ସାମଗ୍ରୀ ଲୋକଙ୍କ ଘରେ ପହଞ୍ଚିବ। ଏନେଇ କେତେଜଣ ବ୍ୟବସାୟୀ ହୋମ୍ ଡେଲିଭରି ପାଇଁ ଆଗ୍ରହ ପ୍ରକାଶ କରିବା ପରେ ବିଏମ୍‌ସି ସେମାନଙ୍କୁ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ହୋମ୍ ଡେଲିଭରି ଭାବେ ଲୋକେ ପନିପରିବା, କ୍ଷୀର, ଫଳ, ଗ୍ରସେରୀ, ମାଛ ଓ ଅଣ୍ଡା ଅର୍ଡର କରିପାରିବେ। ଏଥିପାଇଁ ୱେବ୍‌ସାଇଟ୍ (ୟୁନିଟ୍୧ମାର୍କେଟ.କମ୍) ଓ ଦୁଇଟି ମୋବାଇଲ୍ ଫୋନ୍ (ନଂ.+୯୧୬୩୭୨୮୯୩୦୦୫ ଓ ୭୯୯୧୦୩୯୧୭୧) କିମ୍ବା ଏହି ନମ୍ବର ସହ ସଂଯୁକ୍ତ ହ୍ୱାଟ୍‌ସଆପ୍‌ରେ ଅର୍ଡର ଦେବା ପାଇଁ କୁହାଯାଇଛି।

## ଭଡ଼ାଟିଆଙ୍କୁ ୬୨ ହଜାର ଛାଡ଼ କଲେ ଘର ମାଲିକ

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଆଉଜଣେ ଘର ମାଲିକ ବଦାନ୍ୟତା ଦେଖାଇଛନ୍ତି। ସେ ମାସକର ଘର ଭଡ଼ା ବାବଦକୁ ୬୨ ହଜାର ଟଙ୍କା ଛାଡ କରିଛନ୍ତି। ଘର ମାଲିକ ଜଣକ ହେଲେ ରସୁଲଗଡ଼ର ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ। ତାଙ୍କର ଏହି ନିଷ୍ପତ୍ତି ବହୁ ଭଡାଟିଆଙ୍କୁ ଆଶ୍ୱସ୍ତି ଦେଇଛି। ପ୍ରଶାନ୍ତଙ୍କର ୨୬ଟି ଘର ସମେତ ଟ୍ରକ୍, ଦୋକାନ ଓ ହୋଟେଲ ଭଡାକୁ ଲାଗିଛି। ତାଙ୍କ ଘରେ କେତେଜଣ ଛାତ୍ରଛାତ୍ରୀ ଓ ଚାକିରିଆ ଭଡ଼ାରେ ରହୁଛନ୍ତି। କରୋନା ପାଇଁ ଏପ୍ରିଲ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରାଯାଥିବାବେଳେ ଭଡ଼ାଟିଆମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏନେଇ ପ୍ରଶାନ୍ତ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ଶୁଣିବା ପରେ ମୁଁ ଘରଭଡ଼ା ଛାଡ଼ କରିଛି। ଆଗକୁ ଏହି ସ୍ଥିତି ଜାରି ରହିଲେ ଆଉ ଗୋଟିଏ ମାସର ଭଡ଼ା ଛାଡ଼ କରିବି ବୋଲି ପ୍ରଶାନ୍ତ କହିଛନ୍ତି। ଏପରିକି ସେ ମଧ ଅନ୍ୟ ଘର ମାଲିକଙ୍କୁ ଏଭଳି ଭଡାଟିଆଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି। ପୂର୍ବରୁ ପଳାଶୁଣିର ଜଣେ ଘର ମାଲିକ ଭଡ଼ା ଛାଡ଼ କରିବା ପାଇଁ ଘୋଷଣା କରିଥିଲେ।

## ଘରେ 'ଗୁଡ୍ ଫ୍ରାଇଡେ' ସେଲିବ୍ରେଶନ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

କରୋନା କଟକଣା ପାଇଁ ସମଗ୍ର ଦେଶରେ ପୂଜାପାଠ, ପର୍ବପର୍ବାଣି ସବୁକିଛି ପ୍ରଭାବିତ ହୋଇଥିବାବେଳେ ମନ୍ଦିରରୁ ଆରମ୍ଭକରି ଚର୍ଚ୍ଚ ଓ ମସ୍‌ଜିଦ୍ ସବୁଠି ତାଲା ଝୁଲୁଛି। ଭୁବନେଶ୍ୱରର ୟୁନିୟନ୍ ଚର୍ଚ୍ଚ ସମେତ ରାଜ୍ୟର ଅନ୍ୟ ସମସ୍ତ ଚର୍ଚ୍ଚ ବନ୍ଦ ରହିଥିବାବେଳେ ପୂଜାପାଠକୁ ମଧ ବନ୍ଦ ରଖାଯାଇଛି। ତେଣୁ ଚଳିତ ବର୍ଷ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ବଡ଼ପର୍ବ ଗୁଡ୍ ଫ୍ରାଇଡେ ଚର୍ଚ୍ଚରେ ପାଳନ ହୋଇପାରିନି। ଶୁଭ ଶୁକ୍ରବାର ଭାବେ ପରିଚିତ ଏହିଦିନରେ ଖ୍ରୀଷ୍ଟିଆନମାନେ ବିଭିନ୍ନ ଚର୍ଚ୍ଚରେ ଏକାଠି ହୋଇ ବାଇବେଲ୍ ପାଠ କରିବା ସହ ପରସ୍ପରକୁ ପବିତ୍ର ଦିନର ଶୁଭେଚ୍ଛା ଜଣାଇଥାନ୍ତି। ସାମୂହିକ ପ୍ରାର୍ଥନା ମାଧ୍ୟମରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ସ୍ମରଣ କରିଥାନ୍ତି। ହେଲେ ଲକ୍‌ଡାଉନ୍ ଯୋଗୁ ସମସ୍ତ ଚର୍ଚ୍ଚ ବନ୍ଦ ଥିବାରୁ ଘର ଭିତରେ ପରିବାର ସଦସ୍ୟଙ୍କ ସହିତ ଗୁଡ୍ ଫ୍ରାଇଡେ' ପାଳନ କରି ଲୋକେ ଏହି ମହାନ ଦିବସକୁ ସ୍ମରଣ କରିଛନ୍ତି। ତେଣୁ ଲୋକେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ସୋସିଆଲ ମିଡ଼ିଆରେ ପରସ୍ପରକୁ ଏହି ଦିନର ଶୁଭେଚ୍ଛା ଜଣାଇଛନ୍ତି। ମଣିଷ ସମାଜର ଉଦ୍ଧାର ପାଇଁ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ତ୍ୟାଗ, ବଳିଦାନକୁ ସ୍ମରଣ କରି ତାଙ୍କ ୭ଟି ବାଣୀକୁ ମାର୍ଗଦର୍ଶକ ଭାବେ ଗ୍ରହଣ କରିଛନ୍ତି। କରୋନା କବଳରୁ ସମଗ୍ର ବିଶ୍ୱକୁ ମୁକ୍ତ କରିବାକୁ ପ୍ରାର୍ଥନା କରିଛନ୍ତି। ଏହାସହ କରୋନା ଯୁଦ୍ଧରେ ଯୋଦ୍ଧାଭାବେ ଆଗଧାଡ଼ିରେ ଲଢୁଥିବା ସ୍ୱାସ୍ଥ୍ୟକର୍ମୀ, ପୋଲିସ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇବା ସହ ତାଙ୍କ ମଙ୍ଗଳ କାମନା କରିଛନ୍ତି ଖ୍ରୀଷ୍ଟ ଧର୍ମାବଲମ୍ବୀ।






## ଲକ୍‌ଡାଉନ୍ ପାଇଁ ସମସ୍ୟାରେ ବରିଷ୍ଠ ନାଗରିକ

**ଭୁବନେଶ୍ୱର,୧୦।୪ (ବ୍ୟୁରୋ):** କରୋନା ସଂକ୍ରମଣ ରୋକିବା ପାଇଁ ସରକାର ଏପ୍ରିଲ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ୍‌କୁ ବୃଦ୍ଧି କରିଛନ୍ତି। ଏବେ ଏହି ଲକ୍‌ଡାଉନ୍ ପାଇଁ ଅଧିକ ସମସ୍ୟା ଭୋଗୁଛନ୍ତି ବରିଷ୍ଠ ନାଗରିକ। ଅନେକ ବରିଷ୍ଠ ନାଗରିକଙ୍କ ପୁଅ, ବୋହୂ ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଲକ୍‌ଡାଉନ୍ ଯୋଗୁ ବାହାର ରାଜ୍ୟରେ ଫସି ରହିଛନ୍ତି। ସେମାନେ ମା'ବାପାଙ୍କୁ ସହଯୋଗ କରିବାକୁ ଚାହିଁଲେ ମଧ ଆସିପାରୁ ନାହାନ୍ତି। ଲକ୍‌ଡାଉନ ଯୋଗୁ ବରିଷ୍ଠ ନାଗରିକମାନେ ଘରକୁ ପରିବା, ମେଡିସିନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ କ୍ରୟ କରିପାରୁନାହାନ୍ତି। ସେମାନେ ଗୋଟିଏ ଘର ଭିତରେ ରହି ଭୋକରେ ଛଟପଟ ହେଉଛନ୍ତି। ଏଭଳି ଏକ ବିପଦ ସମୟରେ ଦେବଦୂତ

### ଘରକୁ ଯାଇ ସହଯୋଗ କରୁଛି ପୋଲିସ

ସାଜି ଛିଡ଼ା ହୋଇଛନ୍ତି ପୋଲିସ କର୍ମଚାରୀ। ବରିଷ୍ଠ ନାଗରିକ ଫୋନ୍ କଲେ ଘରେ ଯାଇ ସମସ୍ତ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛନ୍ତି। କମିଶନରେଟ ପୋଲିସରେ ପୂର୍ବରୁ ଖୋଲାଯାଇଥିବା ବରିଷ୍ଠନାଗରିକ ସେଲ୍ ଏବେ କାର୍ଯ୍ୟରେ ଆସୁଛି। ଏହି ସେଲ୍‌ରେ ଥିବା ଜଣେ ନୋଡାଲ ଅଫିସର ବରିଷ୍ଠ ନାଗରିକ ରହୁଥିବା ଘରକୁ ଯାଇ ସମସ୍ୟା ପଚାରି ବୁଝୁଛନ୍ତି। ଏପରିକି ପରିବା ,ଫଳ ଏବଂ ଡାଲି,ଚାଉଳ ଦେଉଥିବା ଦେଖିବାକୁ ମିଳୁଛି।

ଧରିତ୍ରୀ
DHARITRI
ଶନିବାର, ୧୧ ଏପ୍ରିଲ, ୨୦୨୦



# ସାହିଗଳିରେ ବୁଲି ପରିବା ବିକୁଛନ୍ତି ମହିଳା




ପୁରୀ ସହରରେ ବିଭିନ୍ନ ଗଳିରେ ଏସ୍‌ଏଚ୍‌ଜିର ମହିଳାମାନେ ଟ୍ରଲିରେ ପରିବା ବିକ୍ରି କରୁଛନ୍ତି।

**କରୋନା ବିରୋଧୀ ଲଢ଼େଇରେ ଏସ୍‌ଏଚ୍‌ଜି**

**ପୁରୀ ଅଫିସ,୧୦।୪**

ବିଶ୍ୱମହାମାରୀ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଦେଶବ୍ୟାପୀ ୨୧ଦିନିଆ ଲକ୍‌ଡାଉନ ଚାଲିଛି। ଗଡୁନି ଗାଡ଼ି, ଖୋଲୁନି ଦୋକାନ ବଜାର। ବାହାରକୁ ନ ବାହାରିବା ଲାଗି ଜନସାଧାରଣଙ୍କୁ ସଚେତନ କରାଯାଉଛି। ତେବେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଲୋକେ ବାହାରକୁ ବାହାରୁଥିବାରୁ ଅନେକ ସମୟରେ ସାମାଜିକ ଦୂରତା ରକ୍ଷା କରାଯାଇ ପାରୁନାହିଁ। ତେଣୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ବିଶେଷକରି ପନିପରିବା କିଣିବା ପାଇଁ ହାଟ, ବଜାରରେ ଭିଡ଼କୁ ଦୃଷ୍ଟିରେ ରଖି କିପରି ଲୋକଙ୍କ ଘର ପାଖରେ ଏହା କିପରି ପହଞ୍ଚା ଯାଇପାରିବ ସେ ଦିଗରେ ବ୍ୟବସ୍ଥା ହୋଇଛି। ଆଉ ପ୍ରଶାସନକୁ ଏଭଳିସ୍ଥିତିରେ ସହଯୋଗ ପାଇଁ ଆଗେଇ ଆସିଛନ୍ତି ମିଶନ ଶକ୍ତି ଅଧୀନ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି) ମହିଳା। କରୋନା ବିରୋଧୀ ଲଢେଇରେ ଏମାନେ ବି ସାଜିଛନ୍ତି ଯୋଦ୍ଧା। ଟ୍ରଲିରେ ପରିବା ଲଦି ବିଭିନ୍ନ ୱାର୍ଡରେ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଶୁକ୍ରବାର ପୁରୀ ସହରର ଏକାଧିକ ୱାର୍ଡରେ ଏସ୍‌ଏଚ୍‌ଜି ମହିଳାମାନେ ପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଛି।

ପୁରୀ ଜିଲାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଅଧିକ ସତର୍କ ହୋଇଯାଇଛି ଜିଲା ପ୍ରଶାସନ। କରୋନା ବିରୋଧୀ ଲଢେଇର ପ୍ରମୁଖ ଅସ୍ତ୍ର ହେଉଛି ଘରୁ ନ ବାହାରିବା ଏବଂ ସାମାଜିକ ଦୂରତା ରକ୍ଷା କରିବା। ଯଦିବି କେହି ଅତ୍ୟାବଶ୍ୟକ କାମରେ ବାହାରୁଛନ୍ତି ତେବେ ସାମାଜିକ ଦୂରତା ରକ୍ଷା କରିବା ଲାଗି ସଚେତନ କରୁଛି ପ୍ରଶାସନ। କିନ୍ତୁ ଅଧିକାଂଶ ସମୟ ପରିବା ମାର୍କେଟରେ ଗହଳି ହେଉଥିବାରୁ ପ୍ରଶାସନ ସହରର ପ୍ରମୁଖ ତିନୋଟି ପରିବା ବଜାରକୁ ବନ୍ଦ କରିଦେଇଛି। ଗତ ରବିବାରଠାରୁ ବଡ଼ଶଙ୍ଖ, ମାର୍କେଟ ଛକ ଏବଂ ଲକ୍ଷ୍ମୀବଜାର ପରିବା ମାର୍କେଟକୁ ବନ୍ଦ ରଖାଯାଇଛି। ପରିବା ବ୍ୟବସାୟୀମାନେ ଚାହିଁଲେ ଗଳିକନ୍ଦିରେ ଠେଲା ଗାଡ଼ିରେ ପରିବା ବିକ୍ରି କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ମାତ୍ର କେଉଁଠୁ ଖୁଚୁରା ବ୍ୟବସାୟୀ ପରିବା କିଣି ବିକ୍ରି କରିବେ ତାକୁ ନେଇ ଯେଉଁ ସମସ୍ୟା ଥିଲା ତାହାକୁ ଦୂର କରିଛି ପ୍ରଶାସନ। ମଙ୍ଗଳାଘାଟ-ଷ୍ଟର୍ଲିଂ ବାଇପାସ୍ ରାସ୍ତାରେ ହୋଲ୍‌ସେଲ ପରିବା ମାର୍କେଟ ବସିବା ଲାଗି ବୁଧବାର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଶୁକ୍ରବାରଠାରୁ ଏହି ହୋଲ୍‌ସେଲ ପରିବା ମାର୍କେଟ ଖୋଲିଛି। ଏଠାରୁ ରିଟେଲରମାନେ ପରିବା ନେଇ ବିଭିନ୍ନ ସାହିଗଳିରେ ବିକ୍ରି କରିପାରିବାର ବ୍ୟବସ୍ଥା ହୋଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେତେକ ଏସ୍‌ଏଚ୍‌ଜିକୁ ପ୍ରଶାସନ ଦାୟିତ୍ୱ ଦେଇଛି। ମହିଳାମାନେ ହୋଲ୍‌ସେଲ୍ ପରିବା ମାର୍କେଟରୁ କିଣି ଏହାକୁ ସହରର ବିଭିନ୍ନ ୱାର୍ଡ ଏବଂ ଜିଲାର ବିଭିନ୍ନ ଅଞ୍ଚଳରେ ବୁଲି ବିକ୍ରି କରୁଛନ୍ତି।

ଶୁକ୍ରବାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଙ୍ଗଳାଘାଟ-ଷ୍ଟର୍ଲିଂ ବାଇପାସ୍ ରାସ୍ତାରେ ହୋଲ୍‌ସେଲ ପରିବା ମାର୍କେଟରୁ ବିଭିନ୍ନ ପ୍ରକାର ସତେଜ ପରିବା ସୁଲଭ ମୂଲ୍ୟରେ କିଣିଥିଲେ। ଏହାକୁ ଟ୍ରଲି ଏବଂ ଠେଲାଗାଡ଼ିରେ ଆଣି ବିଭିନ୍ନ ୱାର୍ଡରେ ବିକ୍ରି କରୁଥିଲେ। ପୁରୀ ପୌରସଂସ୍ଥା ୧୯ ନଂ. ୱାର୍ଡର ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଟ୍ରଲିରେ ପରିବା ବିକ୍ରି କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟ ଏସ୍‌ଏଚ୍‌ଜି ସଦସ୍ୟା ସହରର ବିଭିନ୍ନ ୱାର୍ଡରେ ପରିବା ବିକ୍ରି କରୁଥିଲେ। ଲୋକମାନେ ଘର ନିକଟରେ ନଗଦ ପରିବା ପାଇଁ ବେଶ୍ ଖୁସିବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା।

୧୯ ନଂ. ୱାର୍ଡର ଗୃହିଣୀ ପିଙ୍କି ଦାସ କହିଥିଲେ, ବଡ଼ଶଙ୍ଖ ପରିବା ମାର୍କେଟ ବନ୍ଦ ହେବା ପରେ ସାହିକୁ ଠେଲାଗାଡ଼ିରେ ଆସୁଥିବା ପରିବା ବ୍ୟବସାୟୀଙ୍କୁ ଅପେକ୍ଷା କରୁଥିଲୁ। ସମାନେ ବି ଯେଉଁ ପରିବା ଆଣୁଥିଲେ ଏତେଟା ସତେଜ ରହୁ ନ ଥିଲା। ମାତ୍ର ଏସ୍‌ଏଚ୍‌ଜି ମହିଳାମାନେ ଯେଉଁ ପରିବା ଆଣୁଛନ୍ତି ତାହା ସତେଜ ରହିଛି। ଦାମ୍ ବି ଅଧିକ ନ ଥିଲା। କରୋନା ଯୋଗୁ ଏବେ ଘରୁ ବାହାରକୁ ଯିବାକୁ ଚାହୁଁନୁ। ଏସ୍‌ଏଚ୍‌ଜି ମହିଳା ଏବେ ଘର ପାଖରେ ପରିବା ଆଣି ପହଞ୍ଚାଉଥିବା ନିଶ୍ଚିତ ପ୍ରଶାସନର ଏକ ଭଲ ପଦକ୍ଷେପ। ପରିବା ଭଳି ସେମାନଙ୍କୁ ଯଦି ରାଶନ ସାମଗ୍ରୀ ବିକ୍ରିକରିବାର ଅନୁମତିଦିଆଯାଆନ୍ତା ତେବେ ଭଲ ହୁଅନ୍ତା ବୋଲି ପିଙ୍କି କହିଛନ୍ତି।

## ଘର ଘର ବୁଲି ପରିବା ବିକିଲା ମହିଳା ମହାସଂଘ

ନିମାପଡା ୧୦।୪ (ଡି.ଏନ.ଏ) ମହାମାରୀ କରୋନା ମୁକାବିଲା ପାଇଁ ଗୁରୁବାର ରାଜ୍ୟ ସରକାର ଲକଡାଉନ ଅବଧି ଏପ୍ରିଲ ୩୦ ଯାଏ ବୃଦ୍ଧି କରିଛନ୍ତି। ନିମାପଡା ଲକଡାଉନକୁ ପାଳନ କରାଯାଉଥିବା ବେଳେ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୫ ଦିନ ପାଇଁ ପନିପରିବା ଓ ମାଛ ମାର୍କେଟକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି। ଏଭଳି ସମୟରେ ଲୋକେ ଘରୁ ପଦାକୁ ବାହାରୁ ନ ଥିବାବେଳେ ନିମାପଡା ସୁରକ୍ଷା ପ୍ରକଳ୍ପ ସ୍ତରୀୟ ମହିଳା ମହାସଂଘର ମହିଳାମାନେ ଘର ଘର ବୁଲି ପନିପରିବା ବିକ୍ରି କରିବା ସହ ସଚେତନତା ବାର୍ତ୍ତା ଦେଉଛନ୍ତି। ମହାସଂଘର ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟଙ୍କ ନେତୃତ୍ୱରେ ମହିଳାମାନେ ଏକ ଠେଲା ଗାଡିରେ ପନିପରିବା ନେଇ ଗାଁ ଗାଁ ଯାଇ ଲୋକଙ୍କୁ ସୁଲଭ ମୂଲ୍ୟରେ ପରିବା ଯୋଗାଉଛନ୍ତି। କରୋନାକୁ ଭ୍ରୂକ୍ଷେପ ନ କରି ମହିଳାମାନଙ୍କ ଏଭଳି ସେବା କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଲକଡାଉନ ବ୍ୟବସ୍ଥା ଥିବା ପର୍ଯ୍ୟନ୍ତ ସଂଘ ପକ୍ଷରୁ ଏହି କାର୍ଯ୍ୟ ଜାରି ରହିବ ବୋଲି ସଭାନେତ୍ରୀ ବେହେରା କହିଛନ୍ତି।

## ମିଶନ ଶକ୍ତି ପକ୍ଷରୁ ପନିପରିବା ଯୋଗାଣ

କୋଣାର୍କ,୧୦।୪(ଡି.ଏନ.ଏ)-କୋଣାର୍କ ଏନ୍‌ଏସି ଅଧୀନ ୪ନମ୍ବର ୱାର୍ଡ କରମଙ୍ଗା ଓ ବାଲିସାହି ଗ୍ରାମରେ ମିଶନଶକ୍ତି ସହାୟତାରେ ଗୋପ ବ୍ଲକ ମହିଳା ମହାସଂଘ ପକ୍ଷରୁ ଶ୍ରୀ ଚୈତନ୍ୟ ମହିଳା ସଂୟ ସହାୟକ ଗୋଷ୍ଠୀ ପକ୍ଷରୁ ଭ୍ରାମ୍ୟମାଣ ଗାଡ଼ି ଯୋଗେ ସୁଲଭ ମୂଲ୍ୟରେ ଜନସାଧାରଣଙ୍କୁ ପନିପରିବା ଯୋଗାଣ ଆରମ୍ଭ କରାଯାଇଛି। ବ୍ଲକ ମହିଳା ମହାସଂଘର ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କ ନେତୃତ୍ୱରେ ଘରକୁ ଘର ବୁଲି ପନିପରିବା ବିକ୍ରି କରାଯାଉଛି। ଏଥିଯୋଗୁ ବର୍ତ୍ତମାନ ଲକ୍‌ଡାଉନ ସମୟରେ ଲୋକେ ଉପକୃତ ହୋଇପାରୁଛନ୍ତି। ସମସ୍ତ ୱାର୍ଡରେ ଏଭଳି ବ୍ୟବସ୍ଥା କରାଯିବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ କହିଛନ୍ତି।

## ସଂକ୍ଷେପରେ

### ମତ୍ସ୍ୟଜୀବୀଙ୍କୁ ମିଳିଲା ପାସ୍

ବ୍ରହ୍ମଗିରି, ୧୦। ୪(ଡି.ଏନ.ଏ): ଲକଡାଉନ ସମୟରେ ହାତବାନ୍ଧି ବସିଛନ୍ତି ମତ୍ସ୍ୟଜୀବୀ। ଦିନକୁ ଦୁଇଓଳି ଖାଦ୍ୟ ଯୋଗାଡ଼ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ମତ୍ସ୍ୟ ବିଭାଗ ତରଫରୁ ମତ୍ସ୍ୟଜୀବୀମାନଙ୍କୁ ପାସ୍ ବଣ୍ଟନ କରାଯାଇଛି। କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ବ୍ଲକରେ ୩୯ ଜଣ ମତ୍ସ୍ୟଜୀବୀଙ୍କୁ ପାସ୍ ଦିଆଯାଇଛି। ଏଣିକି ସେମାନେ ଚିଲିକାରୁ ମାଛ ମାରି ବ୍ୟବସାୟ କରିପାରିବେ ବୋଲି ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ପାସ୍ ବଣ୍ଟନ କାର୍ଯ୍ୟକ୍ରମରେ ମତ୍ସ୍ୟ ବିଭାଗ ଡିଏଫ୍‌ଓ ଦେବେନ୍ଦ୍ର ବେହେରା, ଏଣ୍ଟଓ ନିଗମ କୁମାର ଉପସ୍ଥିତ ଥିଲେ।

### ପୋଷ୍ଟମ୍ୟାନଙ୍କୁ ଗାଁରେ ପୂରାଇ ଦେଲେନି ଲୋକେ

କୃଷ୍ଣପ୍ରସାଦ,୧୦।୪(ଡି.ଏନ.ଏ.): କରୋନା ମୁକାବିଲା ପାଇଁ ଗାଁ ଗାଁରେ ଲକ୍‌ଡାଉନ। ଗାଁ ମୁଣ୍ଡରେ ବାଉଁଶ ବତାରେ ବାଡ଼ ବାନ୍ଧି କୌଣସି ଲୋକଙ୍କୁ ଗାଁ ଭିତରକୁ ପ୍ରବେଶ କରାଇ ଦେଉନାହାନ୍ତି। ଏପରିକି ଅତି ଜରୁରୀ କାର୍ଯ୍ୟ କରୁଥିବା ପୋଷ୍ଟମ୍ୟାନଙ୍କୁ ମଧ ଗାଁରେ ପ୍ରବେଶ ପାଇଁ ଅନୁମତି ଦେଉନାହାନ୍ତି। ଏଥିଯୋଗୁ ପୋଷ୍ଟମ୍ୟାନଙ୍କୁ ହଇରାଣ ହେବାକୁ ପଡୁଛି। ଏଭଳି ଘଟଣା ଘଟିଛି ମାଲୁଦ ଶାଖା ଡାକଘର କର୍ମଚାରୀଙ୍କ କ୍ଷେତ୍ରରେ। ମାଲୁଦ ଶାଖାର କର୍ମଚାରୀ ହମ୍‌ସର ଖାନ୍ ଏକ ଜରୁରୀ ଚିଠି ନେଇ ମାଲୁଦ ପଞ୍ଚାୟତ ଅଧୀନ ନଳିତାକୁଦି ଗାଁକୁ ଯାଇଥିଲେ। ଗ୍ରାମବାସୀ ଗାଁ ମୁଣ୍ଡରେ ବାଡ଼ ବାନ୍ଧି ଜଗି ରହିଥିବା କେତେଜଣ ଲୋକ ତାଙ୍କୁ ଗ୍ରାମକୁ ପ୍ରବେଶ କରାଇ ଦେଇ ନ ଥିଲେ। ଫଳରେ ସେ ଫେରିଯିବାକୁ ବାଧ ହୋଇଥିଲେ।

### ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ

ପିପିଲି, ୧୦।୪(ସ୍ୱ.ପ୍ର.): ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତର ନିର୍ମଳା ଗ୍ରାମରେ ପ୍ରଶାସନ ପକ୍ଷରୁ କରୋନା ସହାୟତା ବାବଦ ପ୍ରତ୍ୟେକ ରାଶନକାର୍ଡ ହିତାଧିକାରୀ ପରିବାରକୁ ୧ହଜାର ଟଙ୍କା ଏବଂ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ସାହୁ, ଜିଆର୍‌ଏସ୍ ପ୍ରକାଶ ଚନ୍ଦ୍ର ଦାଶ, ଶିକ୍ଷକ ମଳୟ କୁମାର ମହାନ୍ତି ପ୍ରମୁଖ ଘର ଘର ବୁଲି ୨୧୦ ରାଶନକାର୍ଡ ହିତାଧିକାରୀ ପରିବାରକୁ ୧ହଜାର ଟଙ୍କା ଏବଂ ୨୦ଜଣ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଏହି ଅବସରରେ ସମିତିସଭ୍ୟ ଧରଣୀଧର ସାହୁଙ୍କ ଉପସ୍ଥିତ ଥିଲେ।

### ଖାଲି ପଡ଼ିଛି ମୁଖ୍ୟ ପ୍ରାଣୀ ଚିକିତ୍ସକ ପଦବୀ

କଣାସ, ୧୦।୪(ସ୍ୱ.ପ୍ର): ପୁରୀ ଜିଲା କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଦୀର୍ଘଦିନ ହେଲା ମୁଖ୍ୟ ପଦବୀ ଖାଲିପଡ଼ିଛି। ଫଳରେ ଉପଯୁକ୍ତ ସେବା ମିଳୁନାହିଁ। ଏଠାରେ ଥିବା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋରୁ, ଛେଳି, ମେଣ୍ଢା, କୁକୁର ଆଦି ଗୃହପାଳିତ ପ୍ରାଣୀଙ୍କର ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟ ଚିକିତ୍ସକଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିଲେ ମଧ ତାଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ଜଣେ ମାତ୍ର ଅତିରିକ୍ତ ଚିକିତ୍ସକ ନିଯୁକ୍ତି ପାଇଥିବାବେଳେ ସେ ଅଫିସ୍ କାମରେ ଏଣେତେଣେ ଯାଉଛନ୍ତି। ଫଳରେ ନିଜ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ପାଇଁ ଆଣିଥିବା ଲୋକେ ନିରାଶରେ ଫେରୁଛନ୍ତି। ଏ ସମ୍ପର୍କରେ କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଅତିରିକ୍ତ ପ୍ରାଣୀ ଚିକିତ୍ସକ ସାଗର କୁମାର ସାମଲ କହିଛନ୍ତି, ମୋତେ ସବୁ ଦାୟିତ୍ୱ ତୁଲାଇବାକୁ ପଡୁଛି। ମୁଖ୍ୟ ପ୍ରାଣୀ ଚିକିତ୍ସକ ପଦବୀ ପୂରଣ ପରେ ସମସ୍ୟା ଦୂର ହୋଇପାରିବ।

### ମହିଳାଙ୍କ ମୃତଦେହ ଉଦ୍ଧାର

କୋଣାର୍କ,୧୦।୪(ଡି.ଏନ.ଏ): କୋଣାର୍କ-ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ସାହୁଖଣତା ବେଳାଭୂମିରୁ ଗୁରୁବାର ସକାଳେ ଜଣେ ଅଜଣା ମହିଳାଙ୍କ ମୃତଦେହକୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଉଦ୍ଧାର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଛି। ମୃତକଙ୍କ ଡାହାଣ ହାତରେ ଚୁଡ଼ି ଓ ଡାହାଣ ଗୋଡ଼ରେ ପାଉଞ୍ଜି ଥିବା ବେଳେ ନାକରେ ସୁନା ନାକଫୁଲ ରହିଥିଲା। କେତେଜଣ ଧୀବର ମାଛ ଧରିବାକୁ ଯାଇଥିବା ବେଳେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ନିଳିମା ପଟ୍ଟନାୟକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଗ୍ରାମାଞ୍ଚଳରେ ୩,୦୫୯ ଏବଂ ସହରାଞ୍ଚଳରେ ୧,୫୫୨ ଶଯ୍ୟା ପ୍ରସ୍ତୁତ

**ପୁରୀ ଅଫିସ,୧୦।୪**

କରୋନା ମୁକାବିଲା ନିମନ୍ତେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଦ୍ୱରିତ୍ୱ ପଦକ୍ଷେପ ଗ୍ରହଣ କରାଯାଉଛି। ଜରୁରୀକାଳୀନସ୍ଥିତିରେ କରୋନା ଚିକିତ୍ସା ନିମନ୍ତେ ଗ୍ରାମାଞ୍ଚଳରେ ୨୭୧ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ରକୁ ପ୍ରସ୍ତୁତ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ୩୦୫୯ଶଯ୍ୟା ପ୍ରସ୍ତୁତ କରାଯାଇଛି। ଏହି ଚିକିତ୍ସା କେନ୍ଦ୍ରଗୁଡ଼ିକ ୫୨ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ, ୧୯୦ ବିଦ୍ୟାଳୟ ଏବଂ ଅନ୍ୟଗୁଡ଼ିକ ବିଭିନ୍ନ ଗ୍ରାମପଞ୍ଚାୟତ ଓ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଖୋଲାଯାଇଛି। ସମସ୍ତ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ସହ ସମ୍ପୃକ୍ତ ବିଡ଼ିଓ ଓ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ସେହିପରି ସହରାଞ୍ଚଳରେ ୩୫ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ରରେ ୧୫୫୨ଟି ଶଯ୍ୟା ପ୍ରସ୍ତୁତ କରାଯାଇଛି। ଜିଲାପାଳ ବଲୱନ୍ତ ସିଂ ଓ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବ୍ଲକ ଗସ୍ତ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବିଭିନ୍ନ ରାଜ୍ୟ ଓ ବିଦେଶରୁ ଆସିଥିବା ଜିଲାର ୭,୪୮୩ଜଣଙ୍କୁ ସେମାନଙ୍କ ଘରେ ସଂଗରୋଧ କରି ରଖାଯାଇଛି। ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୩,୧୭,୬୭୧ ପରିବାରକୁ ପ୍ରତ୍ୟେକ ୧ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ପଞ୍ଜୀକୃତ ୩୨,୪୨୨ ନିର୍ମାଣ ଶ୍ରମିକଙ୍କୁ ୪କୋଟି ୮୬ଲକ୍ଷ ୩୩ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇସାରିଲାଣି। ସେହିପରି ଲକ୍‌ଡାଉନ ଯୋଗୁ ଅଟକି ରହିଥିବା ବିଭିନ୍ନ ଜିଲା ଓ ରାଜ୍ୟର ବ୍ୟକ୍ତି ଏବଂ ଶ୍ରମିକ, ଜିଲା ମଧ୍ୟରେ ଥିବା ଅସହାୟ ପରିବାରକୁ ଶୁଖିଲା ଖାଦ୍ୟ ସାମଗ୍ରୀ ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କୁଶଭଦ୍ରା ନଦୀପଠାରୁ ଖଣ୍ଡବିଖଣ୍ଡିତ ଶିଶୁ ମୃତଦେହ ଉଦ୍ଧାର

**ନିମାପଡ଼ା, ୧୦।୪(ଡି.ଏନ.ଏ)**

ଝାମ୍ପୁଲାକୁଦ କୁଶଭଦ୍ରା ନଦୀପଠାରୁ ଏକ ନବଜାତ ଶିଶୁର ମୃତଦେହକୁ ନିମାପଡ଼ା ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଶନିବାର ଚାରିଛକ ମେଡିକାଲକୁ ପଠାଯିବ ବୋଲି ପୋଲିସ କହିଛି। ନଦୀପଠାରେ ପଡ଼ିଥିବା ଶିଶୁ ମୃତଦେହର ଅଣ୍ଟା ତଳୁ ବାକି ଶରୀର ନ ଥିବାରୁ ଶିଶୁଟି ପୁତ୍ର କି କନ୍ୟା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ତେବେ ଶିଶୁଟିର ଅଧାଅଂଶକୁ କୁକୁର ଭିଣି ଖାଉଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ମୃତଦେହରେ ନାଡ଼ା ଲାଗିଥିବାରୁ ଶିଶୁଟି ଗୁରୁବାର ରାତିରେ କିମ୍ବା ଶୁକ୍ରବାର ଭୋର ସମୟରେ ଜନ୍ମ ହୋଇଥିବା ଆଲୋଚନା ହେଉଛି। ଅନ୍ୟପଟେ ମୃତ ଶିଶୁ ଜନ୍ମ ହେବାରୁ କେହି ଏଠାରେ ଫିଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ଏ ନେଇ ପୋଲିସ ନଂ.୬/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଟ୍ରେନ୍ ବଗିରେ ଆଇସୋଲେଶନ ୱାର୍ଡର ପ୍ରସ୍ତୁତି

**ପୁରୀ ଅଫିସ,୧୦।୪**

**କରୋନା ବିରୋଧୀ ଲଢେଇ**

କରୋନା ବିରୋଧରେ ଲଢ଼େଇ ପାଇଁ ଏବେ ସବୁସ୍ତରରେ ଉଦ୍ୟମ ଚାଲିଛି। ତଥାପି ଆୟତ୍ତକୁ ଆସୁନାହିଁ ବିଶ୍ୱ ମହାମାରୀ କରୋନା। ଦିନକୁ ଦିନ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ବିଭାଗ ମଧ କରୋନା ବିରୋଧୀ ଲଢେଇରେ ସାମିଲ ହୋଇଛି। ବିଭିନ୍ନ ଟ୍ରେନ ବଗିରେ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ କରାଯାଉଛି। ପୂର୍ବତଟ ରେଳର ପୁରୀ ଷ୍ଟେଶନରେ ୩୯ଟି ବଗିରେ ଏହି କାମ ଦ୍ରୁତଗତିରେ ଆଗେଇ ଚାଲିଛି। କୋଚିଂ ଡିପୋରେ ଚାଲିଥିବା ଏହି କାମ ବର୍ତ୍ତମାନ ସୁଦ୍ଧା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେବଳ ଡାକ୍ତରଙ୍କ ପରାମର୍ଶକ୍ରମେ ଭିତରେ ଯେଉଁସବୁ ଯନ୍ତ୍ରପାତି ରହିବା କଥା ତାହା ରଖାଯିବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କୋଭିଡ୍ ହସ୍ପିଟାଲ ବାଦ୍ ଯଦି ଆକ୍ରାନ୍ତଙ୍କ ପାଇଁ ଆହୁରି ବେଡ୍ ଦରକାର ପଡେ ଏବଂ ସରକାର ଯଦି ଚାହାନ୍ତି ତେବେ ତେବେ ରେଲୱେ ପକ୍ଷରୁ ଏହାର ସୁବିଧା ଉପଲବ୍ଧ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କୋଭିଡ୍ ହସ୍ପିଟାଲରେ ଯେଉଁଭଳି କରୋନା ଆକ୍ରାନ୍ତଙ୍କ ପାଇଁ ବ୍ୟବସ୍ଥା ରହିଛି ଏଠାରେ ମଧ ସେହିଭଳି ସୁବିଧା ମିଳିବ ବୋଲି ଜଣାପଡିଛି।




ରେଳ ବଗିକୁ ଆଇସୋଲେଶନ ୱାର୍ଡ କରିବା ପାଇଁ ପ୍ରସ୍ତୁତି ଚାଲିଛି।

## ସହରରେ ବାଇକ୍ ପାଟ୍ରୋଲିଂ ଆରମ୍ଭ



**ପୁରୀ ଅଫିସ,୧୦।୪:** କରୋନା ପାଇଁ ପୁରୀରେ ଆରମ୍ଭ ହୋଇଛି ବାଇକ୍ ପାଟ୍ରୋଲିଂ। କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ଲାଗି ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ପୁରୀ ସହରର ବିଭିନ୍ନ ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀ, ଗ୍ରାହକ ଏବଂ ଜନସାଧାରଣ ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ବିଭିନ୍ନ ଗଳିକନ୍ଦିରେ ବି ଲକ୍‌ଡାଉନ ନିୟମକୁ ଉଲ୍ଲଂଘନ କରାଯାଉଛି। ସବୁ ଜାଗାକୁ ପୋଲିସ ପାଟ୍ରୋଲିଂ ଗାଡ଼ି ଯାଇପାରୁ ନାହିଁ। ତେଣୁ ପୁରୀ ପୋଲିସ ପକ୍ଷରୁ ଶୁକ୍ରବାର ବାଇକ୍ ପାଟ୍ରୋଲିଂ ଆରମ୍ଭ ହୋଇଛି। ୪ଟି ବାଇକ୍‌କୁ ଏଥିରେ ନିୟୋଜିତ କରାଯାଇଛି। ଏସମ୍ପର୍କରେ ଟ୍ରାଫିକ୍ ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ବାଇକ୍ ପାଟ୍ରୋଲିଂ ଚାଲିବ। ୪ଟି ବାଇକ୍‌ରେ ୮ଜଣ ପୋଲିସ ସହରର ବିଭିନ୍ନ ସ୍ଥାନକୁ ପାଟ୍ରୋଲିଂରେ ଯିବେ। ଗୋଟିଏ ବାଇକ୍ ମେଡିକାଲ ଛକରୁ ମଙ୍ଗଳାଘାଟ ଯିବ। ଦ୍ୱିତୀୟଟି ବାଇକ୍ ପେଣ୍ଠକଟାରୁ ସୁବାଷ ବୋଷ ଛକ, ସିବିଚ୍ ଥାନା, ଦିଗବାରିଣୀ ଛକ ଦେଇ ବଳିଆପଣ୍ଡା ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ତୃତୀୟ ବାଇକ୍ ମେଡିକାଲ ଛକରୁ ବାହାରି ଅଠରନଳା, ଚାରିନଳା, ବାଟଗାଁ ମଧ୍ୟରେ ଚଳାଚଳ କରିବ। ଚତୁର୍ଥ ବାଇକ୍ ଟାଉନ ହଲ୍ ଛକରୁ ବାହାରି ଦୋଳମଣ୍ଡପ, ଗାଣ୍ଡୁଆଚଉରା ଛକ, ଲୋକନାଥ ରୋଡ ଦେଇ ଓଁକାରେଶ୍ୱର ପର୍ଯ୍ୟନ୍ତ ଯିବ। ଗୋଟିଏ ବାଇକ୍‌ରେ ଦୁଇଜଣ ପୋଲିସ କର୍ମଚାରୀ ରହିବେ। କଣ୍ଟ୍ରୋଲ ରୁମ୍‌ଠାରୁ ସୂଚନା ପାଇ ବିଭିନ୍ନ ଗଳିକନ୍ଦିକୁ ମଧ ଯିବେ। ବିଶେଷକରି ଯେଉଁସବୁ ଜାଗାକୁ ଚାରିଚକିଆ ପାଟ୍ରୋଲିଂ ଗାଡ଼ି ଯାଇପାରୁନି ସେହି ଅଞ୍ଚଳ ଉପରେ ଅଧିକ ଫୋକସ ରହିବ। କୌଣସି ଜାଗାରେ ଯେପରି ଲକ୍‌ଡାଉନ ନିୟମ ଉଲ୍ଲଂଘନ ନ ହେବ ଏବଂ ଲୋକମାନେ ସାମାଜିକ ଦୂରତା ରକ୍ଷା କରିବେ ତାକୁ ଦୃଷ୍ଟିରେ ରଖି ଏହି ବାଇକ୍ ପାଟ୍ରୋଲିଂ ଆରମ୍ଭ କରାଯାଇଛି ବୋଲି ଟ୍ରାଫିକ ଆଇଆଇସି ଦାଶ ସୂଚନା ଦେଇଛନ୍ତି।



କରୋନା ସତର୍କତା ଯୋଗୁଁ ଶୁଭ ଶୁକ୍ରବାର ଅବସରରେ ପୁରୀସ୍ଥିତ ଚର୍ଚ୍ଚରେ ସମୂହ ପ୍ରାର୍ଥନାକୁ ବାତିଲ କରାଯାଇଛି। ସାମାଜିକ ଦୂରତା ରକ୍ଷାକରି ଅଳ୍ପ କେତେଜଣ ଶ୍ରଦ୍ଧାଳୁ ପ୍ରାର୍ଥନା କରୁଛନ୍ତି।



ଶ୍ରୀମନ୍ଦିରରେ ଚାଲିଥିବା ରାମଲୀଳାର ଶୁକ୍ରବାର ଜଗନ୍ନାଥ ବଲ୍ଲଭ ମଠରେ ଅନୁଷ୍ଠିତ ସେତୁବନ୍ଧ ନୀତିରେ ସାମିଲ ହୋଇଥିବା ରାବଣ ବେଶଧାରୀ।

## ସଂକ୍ଷେପରେ

### ଦେଢ଼ଲକ୍ଷ ଟଙ୍କାର କାଠ ଜବତ

ଖୁଣ୍ଟୁଣୀ,୧୦।୪(ଡି.ଏନ.ଏ.)- ଆଠଗଡ ବନ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଗ୍ରାମରେ ଗୁରୁବାର ରାତିରେ ଚାଉ କରି ଜଣେ ବ୍ୟକ୍ତିଙ୍କ ବାରିରୁ ୧୫୦ଶହ ସିପ୍ଟ କଟାଯାଇଥିବା ସାଇଜ ପଟା ଜବତ କରାଯାଇଛି। ଯାହାର ମୂଲ ପ୍ରାୟ ଦେ ଲକ୍ଷ ଟଙ୍କା ହେବ ବୋଲି ଆଠଗ ବନାଞ୍ଚଳ ଅଧିକାରୀ ଆୟେଶା ଅକ୍ତାରୀ ନିଶା କହିଛନ୍ତି। ଏହି ଅଞ୍ଚଳରେ ବେଆଇନ ଭାବେ ପଣସ ଓ ଆମ୍ବ ଗଛ କଟାଯାଇ ସାଇଜ ପଟା କରି ଖଟ, ପଲଙ୍କ ଓ ଅନ୍ୟାନ୍ୟ ଫର୍ନିଚର ସାମଗ୍ରୀ ତିଆରି କରାଯାଉଥିଲା। ତେବେ କୌଣସି ସୂତ୍ରରୁ ଖବରପାଇ ଆଠଗ ଡିଏଫଓ ସସ୍ମିତା ଲେଙ୍କାଙ୍କ ନିର୍ଦ୍ଦେଶରେ ବନାଞ୍ଚଳ ଅଧିକାରୀ ନିଶା ଓ ଫରେଷ୍ଟର ବିପିନ ସେଠୀ ମିଳିତ ଭାବେ ଚାଉ କରି ବ୍ୟକ୍ତିଙ୍କ ବାରିରୁ କାଠ ଜବତ କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ଯେ, ଏଭଳି ଚୋରା କାରାବାର ଚାଲିଥିଲେ ସୁଦ୍ଧା ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରା ନ ଯାଇ କେବଳ ବୁଝାଶୁଝା କରି ଛା ଦିଆଯାଇଛି। ପୂର୍ବରୁ ମଧ ପୋଲିସଙ୍କ ଏଭଳି କହୋଳ ମନୋଭାବ ଥିବାରୁ ଆଠଗ ବନାଞ୍ଚଳରେ ଘରେ ଘରେ ଚୋରା କାଠ ବେପାର ଚାଲିଛି।

### ଆର୍‌ଆର୍‌ଟି ପକ୍ଷରୁ ଜନସଚେତନତା

ବାଲିଅନ୍ତା,୧୦।୪(ଡି.ଏନ.ଏ.): ବାଲିଅନ୍ତା ବ୍ଲକର ଗ୍ରାମାଞ୍ଚଳରେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଗଠିତ ରାପିଡ ରେସପଣ୍ଡ ଟିମ ଶୁକ୍ରବାର କାର୍ଯ୍ୟ ଆରମ୍ଭ କରିଛି। ତଳସ୍ତରରେ ବସବାସ କରୁଥିବା ଲୋକଙ୍କୁ ସଚେତନ କରିବା ସହ ଆବଶ୍ୟକ ପରାମର୍ଶ ଦିଆଯାଇଛି। ଭୁବନପୁର ଗ୍ରାମର ବିଭିନ୍ନ ସାହି ବୁଲି ଟିମର କର୍ମକର୍ତ୍ତାମାନେ ଲୋକଙ୍କୁ ମାସ୍କ ପିନ୍ଧିବାକୁ କହିବା ସହ ସାମାଜିକ ଦୂରତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ବାବୁଲି ଖଟୁଆଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀ ଲକ୍ଷ୍ମୀପ୍ରିୟା ପଣ୍ଡା, ଆଶାକର୍ମୀ ମିନାକ୍ଷୀ ପଣ୍ଡା ଓ ୱାର୍ଡ ସଭ୍ୟ କାହ୍ନୁଚରଣ ସାହୁ ପ୍ରମୁଖ ଗ୍ରାମର ୬୦ଟି ପରିବାରଙ୍କୁ ଭେଟି ସଚେତନ କରିଥିଲେ। ଥଣ୍ଡା, କାଶ, ଜ୍ୱର ନ କମିଲେ ତୁରନ୍ତ ଆଶାକର୍ମୀଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ।

### ରାଶନ କାର୍ଡ ନ ଥିବା ୭୫ ଜଣଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ

ବାଲିଅନ୍ତା,୧୦।୪(ଡି.ଏନ.ଏ.): ଲକ୍‌ଡାଉନ ଯୋଗୁ ବହୁ ଗରିବ ଶ୍ରେଣୀ ଲୋକ, ନିରାଶ୍ରୟ, ଦିନମଜୁରିଆ କାମଧନ୍ଦାକୁ ନ ଯାଇପାରି ଘରେ ବସି ରହିଛନ୍ତି। ସରକାର ରାଶନ କାର୍ଡଧାରୀଙ୍କୁ ୩ମାସର ଚାଉଳ ଓ ନଗଦ ୧ ହଜାର ଟଙ୍କା ସହାୟତା ଦେଉଛନ୍ତି। କିନ୍ତୁ ରାଶନ କାର୍ଡ ନ ଥିବା ବହୁ ଗରିବ ପରିବାର ଏହି ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ରାଶନ କାର୍ଡ ନ ଥିବା ବାଲିଅନ୍ତା ପଞ୍ଚାୟତ ଅଧୀନ ବାଲିଅନ୍ତା ବଜାରରେ ରହୁଥିବା ୫ଟି ପରିବାରର ୪୦ଜଣ ଓ ଅନ୍ୟ ୩୫ ଜଣଙ୍କୁ ପଞ୍ଚାୟତ ପକ୍ଷରୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ବିଡିଓ ଆଦିକନ୍ଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରମୋଦ କୁମାର ମହାପାତ୍ର ସମ୍ପୃକ୍ତ ଶ୍ରମିକ ଶ୍ରେଣୀର ପରିବାରଙ୍କୁ ୭ ଦିନ ପାଇଁ ଚାଉଳ, ଚୁଡା, ଚିନି, ବିସ୍କୁଟ, ଆଳୁ, ପିଆଜ ଓ ଶୁଖିଲା ଖାଦ୍ୟ ଆଦି ଯୋଗାଇ ଦେଇଛନ୍ତି।

### ମୋବାଇଲ ଫୋନ୍, ପର୍ସ ଚୋରି

**କଟକ ଅଫିସ,୧୦।୪:** କଟକ ଯୋବ୍ରା ଅଞ୍ଚଳରେ ଜଣେ ବ୍ୟକ୍ତି ଘରେ ଶୋଇଥିବା ବେଳେ ତାଙ୍କ ମୋବାଇଲ ଫୋନ୍ ଏବଂ ପର୍ସ ଚୋରି ହୋଇଯାଇଛି। ଏ ନେଇ ମଙ୍ଗଳାବାଗ ପୋଲିସ ଏକ ମାମଲା (ନଂ. ୧୦୯/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଯୋବ୍ରାରେ ଥିବର ବୋଷ କ୍ୟାମ୍ପସ ପରିସରରେ ଅଶାନ୍ତ ରେଡ୍ଡି ନିଜ ପରିବାର ସହ ରହୁଛନ୍ତି। ଗୁରୁବାର ରାତିରେ ସେ ଖାଇସାରି ଶୋଇବାକୁ ଯାଇଥିଲେ। ମୋବାଇଲ ଫୋନ ଓ ପର୍ସକୁ ମୁଣ୍ଡ ପାଖରେ ରଖିଥିଲେ। ଶୁକ୍ରବାର ସକାଳୁ ଉଠି ଦେଖିବା ବେଳକୁ ମୋବାଇଲ ଫୋନ୍ ଓ ପର୍ସ ନାହିଁ। ଘର ଲୋକଙ୍କୁ ପଚାରିବାରୁ ସେମାନେ ଜାଣି ନ ଥିବା କହିଥିଲେ। ଏହାପରେ ସେ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି। ପର୍ସରେ ୪ହଜାର ଟଙ୍କା ସହ କିଛି ଜରୁରୀ କାଗଜପତ୍ର ଥିଲା ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

# ଚାଷୀଙ୍କୁ ଘାରିଛି ଫସଲ ଅମଳ, ବିକ୍ରି ଚିନ୍ତା



**ଜଟଣୀ,୧୦।୪(ଡି.ଏନ.ଏ)**

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ପାଇଁ ସରକାର ଲକ୍‌ଡାଉନ୍ ସହ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏଥିଯୋଗୁ ଚାଷୀ ପ୍ରଭାବିତ ହୋଇଛନ୍ତି। ବିଭିନ୍ନ ଫସଲ ଓ ପନିପରିବା ଚାଷ କରି ଲୋକଙ୍କ ପେଟକୁ ଦାନା ଯୋଗାଉଥିବା ଚାଷୀଙ୍କ ସମସ୍ୟା ଅଣଦେଖା କରାଯାଉଛି। ଜଟଣୀ ବ୍ଲକର ଅନେକ ଚାଷୀ କ୍ଷୋଭ ଭରା କଣ୍ଠରେ ଏଭଳି ଅଭିଯୋଗ ଆଣିଛନ୍ତି। ଆବଶ୍ୟକ ସମୟରେ ସାର, କୀଟନାଶକ ଅଭାବ ସାଙ୍ଗକୁ ଏବେ କୃଷି ଅଧିକାରୀ ବା କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ସେମାନେ କହିଛନ୍ତି। ଏକର ଏକର ଜମିରେ ହୋଇଥିବା ପନିପରିବା ଚାଷରେ ପୋକ ଲାଗି ନଷ୍ଟ ହେବାରେ ଲାଗିଛି। ଯାହା ବି ଅମଳ ହେଉଛି ତାହା ମଧ ଲକ୍‌ଡାଉନ୍ ଯୋଗୁ ବିକ୍ରି କରିବାରେ ସମସ୍ୟା ହେଉଛି। ଏବେଠାରୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ଆଗକୁ ବର୍ଷାଦିନିଆ ଚାଷ କିପରି କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

ଜଟଣୀ ବ୍ଲକ କନ୍ତିଆ ଗ୍ରାମର ଚାଷୀ ପଦ୍ମଚରଣ ସୁବୁଦ୍ଧି କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ସାରଦୋକାନ ବନ୍ଦ ଥିବା ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଦୋକାନ ଖୋଲିଥିଲା। ହେଲେ ସେତେବେଳକୁ ଚାଷ ହୋଇଥିବା ଅନେକ ପନିପରିବା ନଷ୍ଟ ହୋଇ ସାରିଥିଲା। ୬ ଏକର ଜମିରେ ଏକଲକ୍ଷ ଟଙ୍କାର ତରଭୁଜ ମଞ୍ଜି ଓ ୪୫ ହଜାର ଟଙ୍କାର କଖାରୁ ମଞ୍ଜି କ୍ରୟ କରି ସେ ଚାଷ କରିଥିଲେ। ତେବେ ଏଥିରୁ ଅଧାରୁ ଅଧିକ ପୋକ ଲାଗି ନଷ୍ଟ ହୋଇଯାଇଛି। ବାରମ୍ବାର ଅଭିଯୋଗ ପରେ ବି ଦିନଟିଏ କୃଷି ବିଭାଗର କେହି ଅଧିକାରୀ ଓ କର୍ମଚାରୀ ଆସିଲେ ନାହିଁ। ଏପରି ସମୟରେ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ବୁଲି ଚାଷୀଙ୍କୁ ବିଭିନ୍ନ ପରାମର୍ଶ ଦେବା କଥା। ମାତ୍ର କାହାର ଦେଖାନାହିଁ। ସେହିପରି ଚାଷୀ ଚକ୍ରଧର ପ୍ରଧାନ କହିଛନ୍ତି, ମୁଁ ଭେଣ୍ଡି, କଖାରୁ, ଜହ୍ନି ଚାଷ କରିଛି। ପୋକ ଲାଗି ଯାହା ତ ନଷ୍ଟ ହୋଇଛି, ଆଉ ଯାହା ଅମଳ ହୋଇଛି ତାହା ବିକ୍ରୟ କରିବାରେ ସମସ୍ୟା ଦେଖାଦେଇଛି। ଅନ୍ୟ ଉପାୟ ନ ଥିବାରୁ ମଧ୍ୟସ୍ଥଙ୍କ ଦ୍ୱାରା ଏହା ଦେବାକୁ ପଡୁଛି। କ୍ଷତି ସହୁଥିଲେ ମଧ ମଧ୍ୟସ୍ଥ ସ୍ଥିର କରୁଥିବା ଦରରେ ପନିପରିବା ବିକ୍ରୟ କରିବାକୁ ବାଧ ହେଉଛି। ସରକାର ସମବାୟ ସମିତି ବା ଅନ୍ୟ କୌଣସି ମାଧ୍ୟମରେ ଅମଳ ପନିପରିବା ବିକ୍ରି ସୁବିଧା କଲେ ଚାଷୀ ଉପକୃତ ହୋଇପାରନ୍ତେ।

# କରୋନା ମୁକାବିଲା ପାଇଁ ସାହି ଏକଜୁଟ

**କଟକ ଅଫିସ,୧୦।୪**



**ଗୋପେଶ୍ୱର ବିହାରରେ ସଚେତନତାର ଚିତ୍ର**

ଏକଜୁଟ ହୋଇଛି ସାହି। ପ୍ରତ୍ୟେକ ଘର ଲୋକଙ୍କୁ କରୋନା ମୁକାବିଲାରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି। ନିୟମିତ ଭାବେ ପ୍ରତ୍ୟେକ ଘର ଲୋକଙ୍କ ସହ ଯୋଗାଯୋଗ କରାଯାଉଛି। କେଉଁ ପରିବାରରେ କ'ଣ ସମସ୍ୟା ରହିଛି ତାହାକୁ ସାହି ବାସିନ୍ଦା ଏକଜୁଟ ହୋଇ ସମାଧାନ କରିବାକୁ ଆଗେଇ ଆସୁଛନ୍ତି। କଟକ ଦରଘାପାଟଣା ଅନ୍ତର୍ଗତ ଗୋପେଶ୍ୱର ବିହାରରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। କରୋନା ଭାଇରସ ସମଗ୍ର ବିଶ୍ୱକୁ ଚିନ୍ତାରେ ପକାଇଥିବା ବେଳେ କଟକର ଗୋପେଶ୍ୱର ବିହାର ବାସିନ୍ଦାଙ୍କ ଏଭଳି କାର୍ଯ୍ୟକ୍ରମ ଅନ୍ୟମାନଙ୍କୁ ଭଲ ବାର୍ତ୍ତା ଦେବ। ଦରଘାପାଟଣା ଅନ୍ତର୍ଗତ ଗୋପେଶ୍ୱର ବିହାରରେ ୪୦ରୁ ଊର୍ଦ୍ଧ୍ୱ ପରିବାର ରୁହନ୍ତି। ବ୍ୟବସାୟୀ, ସରକାରୀ ଚାକିରିଆ ଅଧିକ ମାତ୍ରାରେ ଏହି ଯାଗାର ଅଧିବାସୀ। ଏହି ଅଞ୍ଚଳ କଟକ ମହାନଗର ନିଗମ(ସିଏମ୍‌ସି)ର ୱାର୍ଡ ନଂ-୫୭ରେ ରହିଛି। ତେବେ କରୋନା ଭାଇରସ ସଂକ୍ରମଣ ଯୋଗୁ ଲକଡାଉନ ଘୋଷଣା ହେବା ପରଠାରୁ ସ୍ଥାନୀୟ ବାସିନ୍ଦା ନିଜସ୍ୱ ଶୈଳୀରେ ସଚେତନ ହୋଇଛନ୍ତି। ଅଞ୍ଚଳକୁ କେହି ବାହାରୁ ଆସୁନାହାନ୍ତି ବୋଲି ବାସିନ୍ଦା ପ୍ରସନ୍ନ ମହାନ୍ତି କହିଛନ୍ତି। ପ୍ରତ୍ୟେକ ପରିବାରକୁ ସାନିଟାଇଜର ବଣ୍ଟାଯିବା ସହ ନିଜସ୍ୱ ଉଦ୍ୟମରେ ରାସ୍ତାଘାଟ ବିଶୁଦ୍ଧୀକରଣ କରାଯାଉଛି। ଶରତ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଶ୍ୱଜିତ ମହାପାତ୍ର, ପୀତବାସ ସ୍ୱାଇଁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ନେତୃତ୍ୱ ନେଉଛନ୍ତି।

# ହାଟରେ ମାସ୍କ ବାଣ୍ଟି ସଚେତନତା



ଲୋକଙ୍କୁ ମାସ୍କ ବାଣ୍ଟି ସଚେତନତା କରାଯାଉଛି।

**ଖୋର୍ଦ୍ଧା ଅଫିସ,୧୦।୪**

ମେଲଣ ପଡ଼ିଆ ପରିବା ହାଟରେ ଶୁକ୍ରବାର ଗୁରୁଜଙ୍ଗ ଗ୍ରାମ୍ୟ କମିଟି ପକ୍ଷରୁ ମାସ୍କ, ଡେଟଲ, ସାନିଟାଇଜର ଆଦି ବଣ୍ଟାଯିବା ସହ କରୋନା ଭୂତାଣୁ ସମ୍ପର୍କରେ ସଚେତନ କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାସ୍କ, ସାବୁନ, ଡେଟଲ, ସାନିଟାଇଜର ବଣ୍ଟାଯାଇଛି। ମାସ୍କ ପିନ୍ଧି ଘରୁ ବାହାରିବା ସହ ହାତକୁ ବାରମ୍ବାର ସାବୁନରେ ଧୋଇବାକୁ ପରାମର୍ଶ ଦିଆଯାଇଛି। ବଜାରରେ ଜିନିଷପତ୍ର ଓ ପରିବା କିଣିବା ବେଳେ ସାମାଜିତ ଦୂରତା ରକ୍ଷା କରିବାକୁ ସଚେତନ କରାଯାଇଛି। ପର୍ଯ୍ୟାୟ କ୍ରମେ ଏହି ଅଭିଯାନ ଜାରି ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ସଞ୍ଜୟ ସିଂ, ସମ୍ପାଦକ ଜିତେନ୍ଦ୍ର ସାହୁ, ପ୍ରଫୁଲ୍ଲ ବଳିୟାର ସିଂ, ପଦ୍ମଚରଣ ସାହୁ, ବିଷ୍ଣୁ ମହାପାତ୍ର, ମଳୟ ପ୍ରଧାନ, ସଞ୍ଜୟ ସୁନ୍ଦରାୟ, ପ୍ଲାବନ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ। ସେହିପରି କରୋନା ଭୂତାଣୁ ସଂକ୍ରମଣକୁ ଭୟ ନ କରି ପୌର କର୍ମଚାରୀ ବିଭିନ୍ନ କାର୍ଯ୍ୟରେ ଲାଗିଛନ୍ତି। ସେମାନେ ଘର ଘର ବୁଲି ଜନତାଙ୍କୁ ସଚେତନ କରିବା ସହ ସାମାଜିକ ଦୂରତା ରକ୍ଷା, ବାରମ୍ବାର ହାତ ଧୋଇବା, ମାସ୍କ ପିନ୍ଧିବା ଓ ପରିବେଶ ସ୍ୱଚ୍ଛ ରଖିବା ପାଇଁ ବୁଝାଉଛନ୍ତି।

# ବାଇକ୍ ଚୋର ଗିରଫ, ୫ ବାଇକ୍ ଜବତ

**ଖୁଣ୍ଟୁଣୀ, ୧୦।୪(ଡି.ଏନ.ଏ.):** ଖୁଣ୍ଟୁଣୀ ପୋଲିସ ଜଣେ ଆନ୍ତଃଜିଲା ବାଇକ ଚୋରଙ୍କୁ ଶୁକ୍ରବାର ଗିରଫ କରିବା ସହ ୫ଟି ବାଇକ ଜବତ କରିଛି । ଗିରଫ ବ୍ୟକ୍ତିଜଣକ ହେଲେ ଏହି ଥାନା ଅନ୍ତର୍ଗତ ଖଣ୍ଡବନ୍ଧ ଗ୍ରାମର ଜିତୁ ବେହେରା। ପୂର୍ବରୁ ଏକ ବାଇକ ଚୋରି ନେଇ ଗୋଲେଇ ଛକର ଜଣେ ଦୋକାନୀ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ନଂ.୨୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ସକାଳୁ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଗୋଲେଇ ବଜାର ନିକଟରେ ଥିବା ୫୫ନଂ ଜାତୀୟ ରାଜପଥ ଉପରେ ଜିତୁ ବୁଲୁଥିବାବେଳେ ପୋଲିସ ଗିରଫ କରିଥିଲେ। ଗତ ଫେବୃୟାରୀ ୨୫ ତାରିଖ ରାତିରେ ଗୋଲେଇ ଛକରେ ଥିବା ଏକ ଫାଷ୍ଟଫୁଡ ଦୋକାନ ସମ୍ମୁଖରୁ ଏକ ବାଇକ ଜିତୁ ଚୋରି କରିନେଇଥିବା ନେଇ ଦୋକାନୀ ଜଣକ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଜିତୁଙ୍କୁ ପଚରାଉଚୁରାବେଳେ ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରିଥିବା ସେ ସ୍ୱୀକାର କରିଥିଲେ।



ଶୁଭ ଶୁକ୍ରବାର ଅବସରରେ କଟକ ସେଲ୍‌ଟର ଛକ ସ୍ଥିତ ଏକ ପରିବାରର ସଦସ୍ୟ ବାଇବେଲ ପଢୁଛନ୍ତି।

# ଅସ୍ଥାୟୀ କ୍ୟାମ୍ପ ଦ୍ୱାରା ଗୋଖାଦ୍ୟ ଯୋଗାଯାଉ

**କଟକ ଅଫିସ,୧୦।୪**

କରୋନା ମୁକାବିଲା ପାଇଁ ଦେଶରେ ଲକଡାଉନ ଜାରି ରହିଛି। ଦୋକାନ ବଜାର ବନ୍ଦ। ଦୁଗ୍ଧଜାତୀୟ ଦ୍ରବ୍ୟ ବିକ୍ରି ହେଉ ନ ଥିବାରୁ ରୋଜଗାର ହରାଇ ଗୋପାଳକମାନେ ଘରେ ବସିଛନ୍ତି। ପରିବାର ପ୍ରତିପୋଷଣ କରିବା ସହ ଗୋରୁଙ୍କୁ ବଞ୍ଚାଇ ରଖିବା କଷ୍ଟକର ହୋଇପଡୁଛି। କେତେକ ବ୍ୟବସାୟୀ ଅଧିକ ଦରରେ ଗୋଖାଦ୍ୟ ବିକ୍ରି କରୁଛନ୍ତି। ଫଳରେ ସମସ୍ତ ଗୋପାଳଙ୍କ ପକ୍ଷେ ଗୋଖାଦ୍ୟ କିଣିବା ସମ୍ଭବ ହୋଇପାରୁନାହିଁ। ତେଣୁ ବିଭିନ୍ନ ୱାର୍ଡରେ ଅସ୍ଥାୟୀ କ୍ୟାମ୍ପ କରି ସୁଲଭ ମୂଲ୍ୟରେ ଗୋଖାଦ୍ୟ ଯୋଗାଇ ଦେବାକୁ କଟକ ନଗର ବିଶ୍ୱନାଥ ଗୋପାଳ ସମିତି ଦାବି କରିଛି। ଏ ନେଇ ସମିତି ପକ୍ଷରୁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି।

# ଦୋକାନରେ ରେଟ୍ ଚାର୍ଟ ଲଗାଇଲା ପ୍ରଶାସନ

**ପିପିଲି, ୧୦।୪(ସ୍ୱ.ପ୍ର)**

ପିପିଲି ପ୍ରଶାସନ ତରଫରୁ ରାଶନ ସାମଗ୍ରୀର ରେଟ୍ ଚାର୍ଟ ସ୍ଥିରୀକୃତ ହୋଇଛି। ପିପିଲି ବ୍ୟବସାୟୀ ସଂଘ, ତହସିଲଦାର ଓ ଯୋଗାଣ ନିରୀକ୍ଷକଙ୍କ ମିଳିତ ଆଲୋଚନାରେ ଏହି ଦର ନିର୍ଦ୍ଧାରଣ କରାଯାଇଛି। ୧୮ଟି ସାମଗ୍ରୀର ପାଇକାରୀ ଓ ଖୁଚୁରା ଦର ନିର୍ଦ୍ଧାରଣ ହୋଇଛି। ହରଡ ଡାଲି କିଲୋ ପ୍ରତି ୯୨ ଟଙ୍କା, ମୁଗ ଡାଲି ୧୦୫ ଟଙ୍କା, ବୁଟ ଡାଲି ୬୮, ବିରି ଡାଲି ୯୬, ଅଟା ୩୧ ଟଙ୍କା ୫୦ ପଇସା, ରିଷ୍ଟା ଅଟା ୩୪, ଆଶୀର୍ବାଦ ଅଟା ୩୭, ମଇଦା ୩୨, ସୁଜି ୩୩, ଚିନି ୪୨, ଚୁଡା ୩୦, ଲୁଣ ୯, ଟାଟା ସଲ୍ଟ ୧୯ ଟଙ୍କା ରଖାଯାଇଛି। ସେହିପରି ସୋରିଷ ତେଲ ଲିଟର ପିଛା ୧୧୭ ଟଙ୍କା, ପାମ୍ ଅଏଲ୍ ଲିଟର ପିଛା ୮୬ ଟଙ୍କା, ଆଳୁ କେଜି ପିଛା ୧୯, ପିଆଜ ୨୯ ଓ ଟମାଟୋ ୨୦ ଟଙ୍କାରେ ବିକ୍ରି କରିବାକୁ ଖୁଚୁରା ଦର ଧାର୍ଯ୍ୟ କରାଯାଇଛି। ପିପିଲି ଯୋଗାଣ ନୀରିକ୍ଷକ ଦିପ୍ତୀରଞ୍ଜନ ଇନ୍ଦ୍ରସିଂ ବିଭିନ୍ନ ବଜାର ବୁଲି ଦୋକାନରେ ରେଟ୍ ଚାର୍ଟ ଲଗାଇବା ସହ ଏହି ଦର ଠାରୁ ଅଧିକ ଦାମ୍‌ରେ ସାମଗ୍ରୀ ବିକିଲେ ଜଣାଇବାକୁ ପିପିଲିବାସୀଙ୍କୁ ଅନୁରୋଧ କରିଛନ୍ତି। କରୋନା ଭଳି ବିପତ୍ତି ସମୟରେ ସମସ୍ତ ବ୍ୟବସାୟୀ ସହଯୋଗର ହାତ ବଢ଼ାଇବାକୁ ତହସିଲଦାର ସପନ କୁମାର ନନ୍ଦ ନିବେଦନ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ



ଖୋର୍ଦ୍ଧା ଜିଲା ମିନି ଟ୍ରକ ସଂଘ ପକ୍ଷରୁ ଏସ୍‌ପିଙ୍କୁ ସହାୟତା ଚେକ୍ ପ୍ରଦାନ କରାଯାଉଛି।

**ଖୋର୍ଦ୍ଧା ଅଫିସ,୧୦।୪**

କରୋନା ମୁକାବିଲା ପାଇଁ ଖୋର୍ଦ୍ଧା ଜିଲା ମିନି ଟ୍ରକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ସଂଘର ଆଇନ ପରାମର୍ଶଦାତା ନରେନ୍ଦ୍ର ପୃଷ୍ଟି, କୋଷାଧ୍ୟକ୍ଷ ମାନସ ରଞ୍ଜନ ବୈରୀଗଞ୍ଜନ ପ୍ରମୁଖ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କୁ ଏହି ଅର୍ଥ ପ୍ରଦାନ କରିଥିଲେ। ସେହିପରି ସାମାଜିକ କର୍ମୀ ରମେଶ ବଡଜେନା ମଧ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦୦୧ ଟଙ୍କାର ଏକ ଚେକ୍ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ।

# ରାଜଧାନୀ ଉପକଣ୍ଠରେ ଆରମ୍ଭ ହେଲା ସ୍କ୍ରିନିଂ

**ଭୁବନେଶ୍ୱର,୧୦।୪ (ବ୍ୟୁରୋ)**

ଗଞ୍ଜାମରେ ଯେପରି ଘରେ ଘରେ ସ୍କ୍ରିନିଂ କରିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି ସେହିପରି ରାଜଧାନୀ ଉପକଣ୍ଠ ପଟିଆ ଓ ରଘୁନାଥପୁର ପଞ୍ଚାୟତରେ ଶୁକ୍ରବାରଠାରୁ ଘରେ ଘରେ ସ୍କ୍ରିନିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ସ୍ୱାସ୍ଥ୍ୟକର୍ମୀମାନେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ବିଭିନ୍ନ ସାହିରେ ପହଞ୍ଚିଥିଲେ। ଏହାପରେ ଘର ଘରକୁ ଯାଇ କରୋନା ପାଇଁ ସ୍କ୍ରିନିଂ କରିବା ସହ ସର୍ଭେ ଆରମ୍ଭ କରିଥିଲେ। ଯେଉଁମାନଙ୍କୁ ସାମାନ୍ୟ ଜ୍ୱର, ଥଣ୍ଡା, କଫ କିମ୍ବା ଦେହ ଘୋଳାବିନ୍ଧା ହେଉଥିବା ଲକ୍ଷଣ ଦେଖାଯାଉଛି ସେମାନଙ୍କ ସ୍ୱତନ୍ତ୍ରଭାବେ ଶରୀରର ତାପମାତ୍ରା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଯାଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଗ୍ରାମବାସୀ ସ୍ୱାଗତ କରିଥିଲେ।

# ୨ବାଇକ୍ ଜବତ, ୩ ମାମଲା ରୁଜୁ

**ପୁରୀ ଅଫିସ,୧୦।୪**

କରୋନା ମୁକାବିଲା ପାଇଁ ୨୧ ଦିନିଆ ଲକ୍‌ଡାଉନ ଚାଲିଛି। ଗାଡ଼ିମୋଟର ଚଳାଚଳକୁ ବନ୍ଦ କରାଯାଇଛି। କୌଣସି ଜରୁରୀ କାମ ନ ଥିଲେ ଘରୁ ନ ବାହାରିବା ଲାଗି ଜନସାଧାରଣଙ୍କୁ ସଚେତନ କରାଯାଉଛି। ଯଦି ବି କେହି ଜରୁରୀ କାମରେ ବାହାରୁଛନ୍ତି ତେବେ ମୁହଁରେ ମାସ୍କ ଏବଂ ସାମାଜିକ ଦୂରତା ରକ୍ଷା କରିବା ଲାଗି ପରାମର୍ଶ ଦିଆଯାଇଛି। ହେଲେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ କୌଣସି କାମ ନ ଥାଇ ବାହାରେ ଗାଡ଼ି ଧରି ବୁଲୁଛନ୍ତି। ଏମିତି କି ଲକ୍‌ଡାଉନ ନିୟମକୁ ଉଲ୍ଲଂଘନ କରୁଛନ୍ତି। ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ଏଭଳି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ପୋଲିସ। ଶୁକ୍ରବାର ଲକ୍‌ଡାଉନ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ପୁରୀ ପୋଲିସ ୩ଟି ମାମଲା ରୁଜୁ କରିବା ସହ ୨ଟି ବାଇକ୍ ଜବତ କରିଛି।

# ଭାସ୍କର୍ଯ୍ୟ ମାଧମରେ ସଚେତନତା ବାର୍ତ୍ତା

**ଶିଳ୍ପୀ ରବିନାରାୟଣଙ୍କ ନିଆରା ପ୍ରୟାସ**

**କଟକ ଅଫିସ,୧୦।୪**

କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ମୁଖ୍ୟ ଅସ୍ତ୍ର ହେଉଛି ସାମାଜିକ ଦୂରତ୍ୱ। ଲୋକେ ଅନେକ ସମୟରେ ସାମାଜିକ ଦୂରତ୍ୱକୁ ମାନୁନାହାନ୍ତି। ଫଳରେ କରୋନା ଭୂତାଣୁ ସଂକ୍ରମଣର ଆଶଙ୍କା ରହୁଛି। ଲୋକଙ୍କୁ ସଚେତନ କରିବା ପାଇଁ ଅଭିନବ ପ୍ରୟାସ କରିଛନ୍ତି ଶିଳ୍ପୀ ରବିନାରାୟଣ ରଥ। ସେ ନିଜ ଭାସ୍କର୍ଯ୍ୟ କଳା ମାଧମରେ ସଚେତନତା ବାର୍ତ୍ତା ଦେଇଛନ୍ତି। ରାଜ୍ୟର ୨୫ଜଣ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ପ୍ରତିକୃତିରେ ମାସ୍କ ଲଗାଇ ଲୋକଙ୍କୁ ସଚେତନ କରାଉଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କଲେ କରୋନା ବିପକ୍ଷ ଲଢେଇକୁ ଜୟ କରାଯାଇପାରିବ ବୋଲି ଶିଳ୍ପୀ ରଥ କହିଛନ୍ତି। ଚିତ୍ର ଦ୍ୱାରା ସଚେତନତା ସୃଷ୍ଟି ପାଇଁ ସେ ୨୫ଜଣ ପ୍ରମୁଖ ବ୍ୟକ୍ତିତ୍ୱଙ୍କର ପ୍ରତିକୃତି ତିଆରି କରି ନିଜ ଘର ସମ୍ମୁଖରେ ପ୍ରଦର୍ଶନ କରିବା ସହ ଜନସାଧାରଣଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦେଉଛନ୍ତି।



ଧରିତ୍ରୀ
DHARITRI
ଶନିବାର, ୧୧ ଏପ୍ରିଲ, ୨୦୨୦



## ୧୭ ଗିରଫ, ଗାଡ଼ି ଜବତ

**ଅନୁଗୋଳ ଅଫିସ, ୧୦।୪:** ଅନୁଗୋଳ ଜିଲାରେ ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ୧୭ ଜଣଙ୍କୁ ଗିରଫ କରାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲଂଘନକାରୀଙ୍କ ପାଖରୁ ଗୋଟିଏ କାର୍, ୫ଟି ମୋଟର ସାଇକେଲ ଓ ମଦ ପୋଲିସ ଜବତ କରିଛି। ବଁଅରପାଳ ଥାନା ଅଞ୍ଚଳରେ ୨ ଜଣ, ଛେଣ୍ଡିପଦା ଅଞ୍ଚଳରେ ୩ ଜଣ, ତାଳଚେର ଥାନା ଅଞ୍ଚଳରେ ୩, ବିକ୍ରମପୁର ଥାନା ଅଞ୍ଚଳରେ ଜଣେ, ଆଠମଲ୍ଲିକ ଥାନା ଅଞ୍ଚଳରେ ଜଣେ, ଠାକୁରଗଡ଼ ଥାନା ଅଞ୍ଚଳରେ ଦୁଇଟି ମାମଲାରେ ଦୁଇ ଜଣ, ହଣ୍ଡପା ଥାନା ଅଞ୍ଚଳରେ ତିନୋଟି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି।

## ଖୋଲିଲା ଚାଷ ଉପକରଣ ଦୋକାନ

**ଅନୁଗୋଳ ଅଫିସ, ୧୦।୪:** ଲକ୍‌ଡାଉନ୍‌ରୁ ଚାଷ ଓ ଚାଷୀଙ୍କୁ ବାଦ୍ ଦିଆଯାଇଥିବା ବେଳେ ଶୁକ୍ରବାର ଅନୁଗୋଳରେ ଥିବା ଚାଷ ଉପକରଣ ଦୋକାନଗୁଡ଼ିକୁ ଖୋଲାଯାଇଛି। ବିଭିନ୍ନ ମଞ୍ଜି, କୀଟନାଶକ ମିଳୁଥିବା ଏହି ଦୋକାନଗୁଡ଼ିକୁ ପୋଲିସ ଉପସ୍ଥିତିରେ ଖୋଲାଯାଇଛି। ଚାଷୀଙ୍କ ସୁବିଧା ନିମନ୍ତେ ଏହି ପଦକ୍ଷେପ ନିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୨୬ ନମୁନା ନେଗେଟିଭ୍

**ଅନୁଗୋଳ ଅଫିସ, ୧୦।୪:** ଅନୁଗୋଳ ଜିଲାରୁ ପରୀକ୍ଷା ପାଇଁ ଯାଇଥିବା ରକ୍ତ ନମୁନା ଓ ସ୍ୱାବ ରିପୋର୍ଟ ଜିଲା ସ୍ୱାସ୍ଥ୍ୟ ବିଭାଗର ହସ୍ତଗତ ହୋଇଛି। ଜିଲାରୁ ଯାଇଥିବା ନମୁନା ମଧ୍ୟରୁ ୨୬ ନେଗେଟିଭ୍ ଥିବା ମେଡିକାଲ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବାକି ୫୭ଟିର ରିପୋର୍ଟ ଅଦ୍ୟାବଧି ମିଳି ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି।

## ଉଲ୍ଲଂଘନକାରୀଙ୍କୁ ମାଡ଼

**ବଇଣ୍ଡା, ୧୦।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ଶୁକ୍ରବାର ଲକ୍‌ଡାଉନ୍ ଉଲ୍ଲଂଘନକାରୀଙ୍କୁ ପୋଲିସ ମାଡ଼ ମାରିଛି। ହାଇସ୍କୁଲ ପଡ଼ିଆରେ ହୋଇଥିବା ସାପ୍ତାହିକ ହାଟରେ ଶତାଧିକ ଲୋକ ଗହଳି କରିଥିଲେ। ସାମାଜିକ ଦୂରତା ରକ୍ଷା କରାଯାଉ ନ ଥିବା ଖବରପାଇ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ ପହଞ୍ଚି ଦୋକାନୀଙ୍କୁ ତାଗିଦ କରିଥିଲେ। ଏଥିସହ କଟକଣା ଉଲ୍ଲଂଘନକାରୀଙ୍କୁ ପୋଲିସ ମାଡ଼ ମାରି ଘଉଡ଼ାଇ ଦେଇଥିଲା।

## ଗ୍ରାମାଞ୍ଚଳରେ ରହୁନି ସାମାଜିକ ଦୂରତ୍ୱ

**ଆଠମଲ୍ଲିକ, ୧୦।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଲୋକେ ଲକ୍‌ଡାଉନ୍ କଟକଣାର ଉଲ୍ଲଂଘନ କରୁଛନ୍ତି। ସେମାନେ ଘରୁ ବାହାରକୁ ଆସି କୋଠଘରେ, ଦାଣ୍ଡପିଣ୍ଡାରେ ଏକାଠି ହୋଇ ତାସ ଖେଳିବା ସହ ଖଟି ଜମାଉଥିବା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି ବାହାର ରାଜ୍ୟରେ କାମ କରୁଥିବା ୩୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ଗ୍ରାମକୁ ଚାଲିଆସି ବାହାରେ ବୁଲାବୁଲି କରୁଛନ୍ତି। ସହରର ଗ୍ୟାସ୍ ବିତରଣ କେନ୍ଦ୍ରରେ ମଧ୍ୟ ସାମାଜିକ ଦୂରତ୍ୱ ରହୁ ନ ଥିବା ଲକ୍ଷ୍ୟ କରାଯାଉଛି।

## ଅନ୍ତେବାସୀଙ୍କୁ ସହାୟତା

**ଢେଙ୍କାନାଳ ଅଫିସ, ୧୦।୪:** ଢେଙ୍କାନାଳ ସଦର ବ୍ଲକ ମହୁଲପଡ଼ାସ୍ଥିତ ବିଶ୍ୱ କୁନ୍ତଳ ଶିଶୁଗୃହର ଅନ୍ତେବାସୀଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଅନ୍ତେବାସୀଙ୍କୁ ରାଶନ ସାମଗ୍ରୀ, ପରିବା, ଶୁଖିଲା ଖାଦ୍ୟ ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା, ହାତଧୁଆ ବିଧି ସମ୍ପର୍କରେ ସଚେତନ କରାଯାଇଛି। ଅନୁଷ୍ଠାନର ଜିଲା ସଂଯୋଜିକା ଅଙ୍ଗୁର ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ସଚେତନ କରାଇଲେ ପର୍ଯ୍ୟବେକ୍ଷକ

**ଢେଙ୍କାନାଳ ଅଫିସ, ୧୦।୪:** ଢେଙ୍କାନାଳ ଜିଲାରେ ପ୍ରଥମ କରୋନା ରୋଗୀ ଚିହ୍ନଟ ପରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ତଥା ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ସହରବାସୀଙ୍କୁ ସଚେତନ କରାଇଛନ୍ତି। କୋଭିଡ୍-୧୯ ନିର୍ଦ୍ଦେଶାବଳୀ ପାଳନ, ଜରୁରୀ କାମ ନ ଥିଲେ ଘରୁ ନ ବାହାରିବା, ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତା ବଜାୟ ରଖିବାକୁ ସେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି।

# ଲକ୍‌ଡାଉନ୍‌ରୁ ଲାଭ

**ଅନୁଗୋଳ ଅଫିସ, ୧୦।୪**



ନିର୍ମାଣ କାର୍ଯ୍ୟ ପାଇଁ ଶ୍ରମିକମାନଙ୍କୁ ଟ୍ରାକ୍ଟରରେ ନିଆଯାଉଛି।

- ଚକ୍‌ମା ଦେଇ କରୁଛନ୍ତି ଘର ନିର୍ମାଣ
- ମାଲ୍ ଭଳି ବୁହାହେଉଛନ୍ତି ଶ୍ରମିକ
- କମ୍ ମଜୁରି ଦେଇ ଉଠାଉଛନ୍ତି ଫାଇଦା

କରୋନା ବିପତ୍ତିରୁ ବର୍ତ୍ତିବା ପାଇଁ ଦେଶକୁ ଲକ୍‌ଡାଉନ୍ କରାଯାଇଥିଲେ ବି ଅନୁଗୋଳ ସହର ଉପକଣ୍ଠରେ ଘର ନିର୍ମାଣ କରୁଥିବା କେତେଜଣ ଲୋକ ଏଥିରୁ ଫାଇଦା ଉଠାଇବାକୁ ଉଦ୍ୟମ କରୁଛନ୍ତି। ସେମାନେ ସମସ୍ତ କଟକଣା ଉଲ୍ଲଂଘନ କରି ଜିଲାରେ ଅଟକିଥିବା ରାଜ୍ୟ ବାହାରର ଶ୍ରମିକଙ୍କୁ କମ୍ ମଜୁରିରେ ନିର୍ମାଣ କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ହେଉଛି। ଏପରି କି ଶ୍ରମିକମାନଙ୍କୁ ଏକାଠି କରି ଗାଡ଼ିରେ ନିର୍ମାଣସ୍ଥଳକୁ ନିଆଯାଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। କିନ୍ତୁ ଏପରି ଅମାନିଆ ଲୋକଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଢେଙ୍କାନାଳକୁ କରୋନା ଭାଇରସ୍ ଛୁଇଁସାରିଥିବାରୁ ଅନୁଗୋଳ ଜିଲାବାସୀ ଓ ପ୍ରଶାସନ ଅଧିକ ସତର୍କ ହୋଇଯାଇଛନ୍ତି। ଏପରି ସମୟରେ ସର୍ବାଧିକ ସାବଧାନତା ଅବଲମ୍ବନ ଅତ୍ୟନ୍ତ ଜରୁରୀ। ସାଧାରଣ ଲୋକେ ଏହା ବୁଝୁଥିବା ବେଳେ ଅନୁଗୋଳ ଉପକଣ୍ଠର ଅନେକ ସ୍ଥାନରେ ଘର ନିର୍ମାଣ କରୁଥିବା ଲୋକମାନଙ୍କ ମାନସିକତାରେ କିନ୍ତୁ ପରିବର୍ତ୍ତନ ଆସୁନାହିଁ। ସେମାନେ ନିର୍ମାଣ କାମ ବନ୍ଦ ରଖିବା ପରିବର୍ତ୍ତେ ପରିସ୍ଥିତିରୁ ଫାଇଦା ଉଠାଇ ଶୀଘ୍ର ଓ କମ୍ ଅର୍ଥରେ କାର୍ଯ୍ୟ ସମ୍ପନ୍ନ କରିବାକୁ ଚାହୁଁଛନ୍ତି। ତେଣୁ ଜିଲାରେ ଅଟକିଥିବା ବାହାର ରାଜ୍ୟର ଶ୍ରମିକମାନଙ୍କୁ ସେମାନେ ଟାର୍ଗେଟ୍ କରୁଛନ୍ତି। ଲକ୍‌ଡାଉନ୍ ଯୋଗୁ ରୋଜଗାର ନ ପାଇ ପେଟ ଚିନ୍ତାରେ ଥିବା ଏହି ଶ୍ରମିକମାନେ ମଧ୍ୟ କମ୍ ମଜୁରିରେ ରାଜି ହୋଇଯାଉଛନ୍ତି। ଶ୍ରମିକ ଠିକ୍ ହୋଇଯିବା ପରେ ବାହାର ଅଞ୍ଚଳର ରାଜମିସ୍ତ୍ରିମାନେ ସେମାନଙ୍କୁ ଟ୍ରାକ୍ଟର ଯୋଗେ ନିର୍ମାଣସ୍ଥାନକୁ ନେବାଆଣିବା କରୁଛନ୍ତି। ଏପରି ପରିବହନରେ ସାମାଜିକ ଦୂରତ୍ୱ ରକ୍ଷା ହୋଇପାରୁ ନ ଥିବାବେଳେ ଶ୍ରମିକମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି। ତଥାପି ମଜୁରି ଆଶାରେ ଶ୍ରମିକମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ପୋଲିସ ଓ ପ୍ରଶାସନ ମଧ୍ୟ ଆଖିବୁଜି ଦେଇଛି। କାରଣ ସହରର ପ୍ରତି ଛକରେ ପୋଲିସ ଜଗି ରହିଥିବା ବେଳେ ମାଳ ମାଳ ପାଟ୍ରୋଲିଂ ଭ୍ୟାନ୍ ସହରରେ ପଇଁତରା ମାରୁଛି। ହେଲେ ଏପରି ବେଆଇନ କାର୍ଯ୍ୟ ପ୍ରତି କେମିତି କାହାର ଦୃଷ୍ଟି ପଡୁନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଲକ୍‌ଡାଉନ୍‌କୁ କଡ଼ାକଡ଼ି କରିବାକୁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ଅଞ୍ଚଳରେ ବୁଲୁଛନ୍ତି। ଯଦି ଏଭଳି କୌଣସି ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ନଜରକୁ ଆସୁଛି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଲୋକମାନେ ଏ ନେଇ ସୂଚନା ଦେଲେ ପ୍ରଶାସନ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତା।

## ଏନ୍‌ଟିପିସି ଆଇସୋଲେଶନ ୱାର୍ଡ ପ୍ରସ୍ତୁତ

**ତାଳଚେର, ୧୦।୪(ନି.ପ୍ର.):** କରୋନା ଭାଇରସ ସଂକ୍ରମଣ ରୋକିବାକୁ ଏନ୍‌ଟିପିସି କଣିହାଁ ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ତ୍ୱରିତ ପଦକ୍ଷେପମାନ ଗ୍ରହଣ କରାଯାଉଛି। ସ୍ଥାନୀୟ ଟାଉନଶିପ୍ ଓ ଆଖପାଖ ଅଞ୍ଚଳକୁ ସାଇନିଟାଇଜ କରାଯିବା, ମେଡିକାଲ ଉପକରଣ କିଣିବା ଓ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ମଧ୍ୟ ପ୍ରସ୍ତୁତ କରାଯାଇଛି। ସମସ୍ତ କର୍ମଚାରୀଙ୍କୁ ମାସ୍କ ବଣ୍ଟନ ସହ ସ୍ଥାନୀୟ ଅଞ୍ଚଳର ଗରିବ ଲୋକମାନଙ୍କ ନିମନ୍ତେ ସିଏଚ୍‌ସି କଣିହାଁ ଏବଂ ବ୍ଲକ ଅଫିସକୁ ମାସ୍କ ଯୋଗାଇ ଦିଆଯାଇଛି। ସ୍ଥାନୀୟ ଗଦାଶିଳା, ରଙ୍ଗବେଡ଼ା, ହରିହରପୁର ଆଦି ବିଭିନ୍ନ ଗ୍ରାମରେ କଟନ୍ ମାସ୍କ ବଣ୍ଟନ କରାଯାଉଛି। ଅଦ୍ୟାବଧି ଜିଲା ପ୍ରଶାସନ ଏବଂ ବିଭିନ୍ନ ଗ୍ରାମାଞ୍ଚଳରେ ୧୦ ହଜାର ମାସ୍କ ପ୍ରଦାନ କରାଯାଇଛି। ବିଭିନ୍ନ ଶ୍ରମିକ ଏବଂ ଗରିବ ପରିବାରଙ୍କୁ କର୍ମଚାରୀଙ୍କ ତରଫରୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି। ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ପୋଷ୍ଟରମାନ ଲଗାଯାଇଛି ବୋଲି ଏନଟିପିସି ପକ୍ଷରୁ ପ୍ରେସ୍ ଇସ୍ତାହାରରେ କୁହାଯାଇଛି।



ଏନ୍‌ଟିପିସି ପକ୍ଷରୁ ଥର୍ମାଲ ସ୍କ୍ରିନିଂ କରାଯାଉଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଖମାର, ୧୦।୪:** ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଖମାର ଥାନା କୁକୁରିଆ ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡି ପ୍ରମୋଦ ସାହୁ(୩୭)ଙ୍କ ମୃତ୍ୟୁ ଘଟିଛି। ସକାଳେ ପ୍ରମୋଦ ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ସେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୫/୨୦ରେ ମାମଲା ରୁଜୁ କରିଥିବା ଏଏସ୍‌ଆଇ ଗୌରାଙ୍ଗ ବେହେରା ସୂଚନା ଦେଇଛନ୍ତି।

## ପାଣ୍ଠି ଆଦାୟ କରୁଛନ୍ତି ବ୍ଲକ ଅଧ୍ୟକ୍ଷ



ଗ୍ରାମାଞ୍ଚଳରୁ ସହାୟତା ଆଦାୟ କରୁଛନ୍ତି ବ୍ଲକ ଅଧ୍ୟକ୍ଷ।

**ଭୁବନ, ୧୦।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ସୋମବାରଠାରୁ ଗାଁ ଗାଁ ବୁଲି କରୋନା ସହାୟତା ପାଣ୍ଠି ଆଦାୟ କରୁଛନ୍ତି। ବ୍ଲକ ଅଞ୍ଚଳରୁ ସେ ୪ ଲକ୍ଷ ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଅଦ୍ୟାବଧି ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରିସାରିଲେଣି। ଏ ନେଇ ବ୍ଲକ ଅଧ୍ୟକ୍ଷ କୁହନ୍ତି, ଏପରି ସଙ୍କଟ ସମୟରେ ପ୍ରତି ବ୍ୟକ୍ତି ନିଜର ସାମର୍ଥ୍ୟ ଅନୁଯାୟୀ ସହାୟତା କରିବାକୁ ଆଗେଇ ଆସିବା ଉଚିତ। ସେ ଯମୁନାକୋଟ ଗ୍ରାମରୁ ସହାୟତା ଭିକ୍ଷା ଆରମ୍ଭ କରିଥିଲେ। ଇତିମଧ୍ୟରେ ମାର୍ଥାପୁର, ଦିଘି ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ସାରିଲେଣି। ପଞ୍ଚାୟତ ପ୍ରତିନିଧିମାନେ ମଧ୍ୟ ଏଥିରେ ସହଯୋଗ କରୁଛନ୍ତି। ଆଦାୟ ଅର୍ଥକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ, ୧୦।୪:** ଢେଙ୍କାନାଳ ସହର ସିମିଳିଆ ନିକଟ ଯତନନଗର ରାସ୍ତାପାର୍ଶ୍ୱରୁ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ଟାଉନ ପ୍ଲାନିଂ ଅଞ୍ଚଳର ବିପିନ ବିହାରୀ ନାୟକ (୬୨)। ତେବେ ବିପିନଙ୍କ ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏସ୍‌ଆଇ ସାବିତ୍ରୀ ପଣ୍ଡା, ଅଭୟ ପ୍ରଧାନ ସଦଳବଳ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ନଂ. ୧୩/୨୦ରେ ଏକ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଚିନ୍ତା ବଢ଼ାଇଲା ବିନା ଲକ୍ଷଣରେ ସଂକ୍ରମଣ

**ଢେଙ୍କାନାଳ ଅଫିସ, ୧୦।୪**



ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା।

- କ୍ୱାରାଣ୍ଟାଇନ୍‌କୁ ଗଲେ ଆଉ ୬
- ସମସ୍ତଙ୍କର ହେବ ସ୍ୱାବ୍ ପରୀକ୍ଷା
- ଆହୁରି କଡ଼ାକଡ଼ି କରାଯିବ ଲକ୍‌ଡାଉନ୍: ଜିଲାପାଳ

ଢେଙ୍କାନାଳ ସହରର ଜଣେ ମହିଳା କରୋନା ଆକ୍ରାନ୍ତ ହେବା ପରେ ଜିଲା ପ୍ରଶାସନର ଚିନ୍ତା ବଢ଼ିବାରେ ଲାଗିଛି। ସହରରେ ସଂକ୍ରମଣ ପ୍ରତିରୋଧ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାରି ଏକ ଭିଡିଓ କ୍ଲିପ୍ ମାଧ୍ୟମରେ ସୂଚନା ଦେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି, ଏଣିକି ଲକ୍‌ଡାଉନ କଟକଣାକୁ ଅଧିକ କଡ଼ାକଡ଼ି କରାଯିବ। ପଜିଟିଭ୍ ବାହାରିଥିବା ମହିଳାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ତଥାପି ତାଙ୍କ ନିକଟରେ କରୋନାର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ଏଥିରୁ ଜଣାପଡୁଛି, ଏହି ରୋଗ ଯେ କୌଣସି ମୁହୂର୍ତ୍ତରେ ଜଣଙ୍କୁ ସଂକ୍ରମିତ କରିପାରେ।

ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଜିଲାପାଳ କହିଛନ୍ତି, ଆକ୍ରାନ୍ତ ମହିଳାଙ୍କ ବାସସ୍ଥାନ ସମେତ ସମସ୍ତ ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ସେ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେ ନେଇ ଯାଞ୍ଚ ଚାଲିଛି। ବର୍ତ୍ତମାନ ସୁଦ୍ଧା ମହିଳା ଜଣକ ୨୦ଜଣଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ତନ୍ମଧ୍ୟରୁ ୧୪ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେମାନଙ୍କ ସ୍ୱାବ୍ ପରୀକ୍ଷା କରାଯାଇଛି। ଅନ୍ୟ ୬ଜଣଙ୍କୁ ଶୁକ୍ରବାର କ୍ୱାରାଣ୍ଟାଇନ୍‌କୁ ନିଆଯାଇଛି। ସେମାନଙ୍କର ସ୍ୱାବ ପରୀକ୍ଷା କରାଯିବ। ମିନାବଜାର ଅଞ୍ଚଳରେ ଲକ୍‌ଡାଉନ୍‌କୁ ଅଧିକ କଡ଼ାକଡ଼ି କରାଯିବ। ବିଭିନ୍ନ ୱାର୍ଡରେ ଥିବା ଅଙ୍ଗନୱାଡି ସେଣ୍ଟର ଅନୁଯାୟୀ ସମସ୍ତଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଙ୍ଗନୱାଡି, ଆଶା କର୍ମୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି। କାହାରି ନିକଟରେ ରୋଗର ଲକ୍ଷଣ ଥିଲେ ମେଡିକାଲ ଟିମ୍‌କୁ ପଠାଯିବ। ଆକ୍ରାନ୍ତ ଏବଂ ତାଙ୍କ ଆଖପାଖରେ ରହୁଥିବା ଅଞ୍ଚଳକୁ ଅତ୍ୟାବଶ୍ୟକ ସାମଗ୍ରୀ ହୋମ୍ ଡେଲିଭରି କରାଯିବ। ଲୋକଙ୍କୁ ସଚେତନ କରିବାକୁ ସହରରେ ମାଇକ୍ ସହାୟତାରେ ପ୍ରଚାର କରାଯାଇଛି। ମସ୍‌ଜିଦର ମୌଲାନା ଅଞ୍ଚଳର ସମସ୍ତଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବା ଏବଂ ନାମ ପଞ୍ଜୀକରଣ କରିବା ପାଇଁ ଅନୁରୋଧ କରିଛନ୍ତି। ସାମାଜିକ ଦୂରତ୍ୱ ରଖିବା ସହ ନିୟମକୁ କଡ଼ାକଡ଼ି ଭାବେ ପାଳନ କଲେ ରୋଗର ମୁକାବିଲା କରିହେବ ବୋଲି ଜିଲାପାଳ କହିଛନ୍ତି।

## ସହଯୋଗ ପାଇଁ ନିବେଦନ କଲେ ମୌଲବୀ

**ଢେଙ୍କାନାଳ ଅଫିସ, ୧୦।୪:** ଢେଙ୍କାନାଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳା କୋଭିଡ୍-୧୯ର ଶିକାର ହେବାପରେ ସଂକ୍ରମଣ ରୋକିବା ଲାଗି ଜିଲା ପ୍ରଶାସନକୁ ଆବଶ୍ୟକ ସହଯୋଗ କରିବାକୁ ନିବେଦନ କରିଛନ୍ତି ମିନାବଜାରସ୍ଥିତ ଜାମା ମସ୍‌ଜିଦର ମୌଲାନା ଅବଦୁଲ ହାସାନ କାସିମ୍। ଏ ନେଇ ସେ ଏକ ଭିଡିଓ କ୍ଲିପ୍ ଜାରି କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଭିଡିଓ କ୍ଲିପ୍‌କୁ ଡାକବାଜି ଯନ୍ତ୍ର ସହାୟତାରେ ସହରରେ ପ୍ରଚାର କରାଯାଇଛି। ଗତ ମାର୍ଚ୍ଚ ୧୩ରେ ରାଜ୍ୟ ବାହାରୁ ଆସିଥିବା କେତେଜଣ ଧର୍ମ ପ୍ରଚାରକଙ୍କ ସଂସ୍ପର୍ଶରେ ଆସି ସମ୍ପୃକ୍ତ ମହିଳା ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ସଙ୍ଗରୋଧରେ ରହିବାକୁ ମୌଲାନା ନିବେଦନ କରିଛନ୍ତି। ଏଥିସହିତ ସେମାନେ ସ୍ୱେଚ୍ଛାକୃତ ଭାବରେ ନିଜ ନାମ ପଞ୍ଜୀକୃତ କରିବା ଲାଗି ମୌଲାନା ଅନୁରୋଧ କରିଛନ୍ତି।

## ଫଟୋରେ ଖବର



ଲକ୍‌ଡାଉନ୍ ଯୋଗୁ ଅନୁଗୋଳ ସହରର ଗାନ୍ଧୀମାର୍ଗ ରାସ୍ତା ଜନଶୂନ୍ୟ ହୋଇପଡ଼ିଛି।



ସହରର ଡିଆଇସି ଛକ ମଧ୍ୟ ଶୁନଶାନ।



ଅନୁଗୋଳ ବସ୍‌ଷ୍ଟାଣ୍ଡଠାରୁ ବଜାର ଛକକୁ ଯୋଡୁଥିବା ରାସ୍ତା।



ପାଲଲହଡ଼ା ସାମିଆପାଳିର ନିତାଇଗୌର ସ୍ୱୟଂସହାୟକ ଗୋଷ୍ଠୀ, ଉଦିତନଗରର ମା' ଶାରଳା ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି।




ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମର ଅମୀୟ ଭୂଷଣ ମହାଳିକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରୁଛନ୍ତି।




ଅନୁଗୋଳ ସହରରେ ଜଣେ ଯୁବକ ମାସ୍କ ବିକ୍ରି କରୁଛନ୍ତି। (ଫଟୋ- ବୁଲୁ)

ଧରିତ୍ରୀ
DHARITRI
ଶନିବାର, ୧୧ ଏପ୍ରିଲ, ୨୦୨୦



## ସଂକ୍ଷେପରେ

### କଳାକାରଙ୍କୁ ମିଳିଲା ଅଗ୍ରିମ ଭତ୍ତା

ବରଗଡ଼ ଅଫିସ୍,୧୦।୪: କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ବରଗଡ଼ ଜିଲାର ମୋଟ୍ ୧୫୨୩ଜଣ କଳାକାରଙ୍କୁ ମାସିକ ୧୨୦୦ ଟଙ୍କା ହିସାବରେ ଆଗାମୀ ଜୁନ୍-୨୦୨୦ ପର୍ଯ୍ୟନ୍ତ ଅଗ୍ରୀମ କଳାକାର ଭତ୍ତା ପ୍ରଦାନ କରାଯାଇଛି । ପ୍ରତ୍ୟେକ କଳାକାରଙ୍କ ଆକାଉଣ୍ଟରେ ଅନଲାଇନ୍ ପେମେଣ୍ଟ ପ୍ରଦାନ କରାଯାଇଛି । ଏହା ସହିତ ଜିଲା ସଂସ୍କୃତି ପରିଷଦ ପାଣ୍ଠିରୁ କଳକାରମାନେ କରିଥିବା ସମସ୍ତ କାର୍ଯ୍ୟକ୍ରମର ଦେୟ ମଧ୍ୟ ପଇଠ ହୋଇ ସାରିଛି ବୋଲି ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

### ହରଭଙ୍ଗାରୁ ପରୀକ୍ଷା ପାଇଁ ଗଲା ୭ ରକ୍ତ ନମୁନା

ବୌଦ୍ଧ,୧୦।୪(ସ୍ୱ.ପ୍ର): ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ଯୁବକମାନେ କରୋନା ସଂକ୍ରମଣ ଭୟରେ ଗ୍ରାମକୁ ଫେରୁଥିବାବେଳେ ସେମାନଙ୍କୁ ଗ୍ରାମବାସୀ ଗାଁରେ ପୂରାଇ ଦେଉନାହାନ୍ତି। ଅନେକ ଗ୍ରାମରେ ପ୍ରଶାସନ ପକ୍ଷରୁ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କୁ ନିକଟସ୍ଥ ବିଦ୍ୟାଳୟମାନଙ୍କରେ ଅସ୍ଥାୟୀ କ୍ୱାରାଣ୍ଟାଇନ ହୋମରେ ରଖାଯାଇଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଲୋକମାନେ ଦାବି କରୁଛନ୍ତି । ଏହି କ୍ରମରେ ଶୁକ୍ରବାର ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହରଭଙ୍ଗା ବ୍ଲକର ୭ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ସୂଚନା ଦେଇଛନ୍ତି ।

### ଦେଶୀ ବନ୍ଧୁକ ଜବତ, ଯୁବକ ଗିରଫ

ଲାଞ୍ଜିଗଡ,୧୦।୪(ଡି.ଏନ୍.ଏ): କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ପୋଲିସ ଶୁକ୍ରବାର ରେଙ୍ଗୋପାଲି ଗାଁର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ରେଙ୍ଗୋପାଲି ଗାଁର ଦୁତା ମାଝୀ(୪୦) । ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ସୂଚନା ଅନୁସାରେ, ଲାଞ୍ଜିଗଡ ଅଞ୍ଚଳବାସି ଲକ୍‌ଡାଉନ୍‌ରେ ଥିବା ବେଳେ ଶୂନଶାନ ରାସ୍ତାର ସୁଯୋଗ ନେଇ ଦୁତା ଗୁଳି ଭର୍ତ୍ତି ଥିବା ଏକ ଦେଶୀ ବନ୍ଧୁକକୁ ଏକ ଅଖାବସ୍ତାରେ ଧରି ନିୟମଗିରି ଅଞ୍ଚଳକୁ ଯାଉଥିଲେ। ଲାଞ୍ଜିଗଡ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ବାଇକ୍ (ନଂ.ଓଆର୦୮ ଏଫ୍/୩୦୮୩) ଯୋଗେ ଦୁତା ନିୟମଗିରି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଦେଖିବାକୁ ପାଇଥିଲେ । ପୋଲିସ ଉକ୍ତ ଯୁବକଙ୍କୁ ପିଛା କରି ଜଗନ୍ନାଥପୁର ନିକଟରେ ଅଟକାଇ ଯାଞ୍ଚ କରିବା ବେଳେ ଅଖାବସ୍ତା ଭିତରୁ ଏକ ଦେଶୀ ବନ୍ଧୁକ ମିଳିଥିଲା । ଏ ନେଇ ଲାଞ୍ଜିଗଡ ଥାନାରେ ଏକ ମାମଲା (ନଂ.୦୯/୨୦) ରୁଜୁ ହୋଇଛି ।

### ଜିଲାପାଳଙ୍କ ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ

ଭେଡ଼େନ,୧୦।୪ (ଡ଼ି.ଏନ.ଏ): ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଶୁକ୍ରବାର ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରେ କରୋନା ମୁକାବିଲା ପାଇଁ ପ୍ରସ୍ତୁତ ହୋଇଥିବା ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରିଥିଲେ। ସେ ମହୁଲପାଲି, ଦେଶଭଟଲି, ଡ଼ାଲବ ଆଦି ବିଭିନ୍ନ ଗ୍ରାମପଞ୍ଚାୟତର କେନ୍ଦ୍ରକୁ ଗସ୍ତ କରିଥିଲେ। ଏହି ସମୟରେ ବିଡ଼ିଓ ମୁରଲୀଧର ନାୟକ, ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତିଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ , ନିର୍ବାହୀ ଅଧିକାରୀ ଗଣ ଉପସ୍ଥିତ ଥିଲେ।

### ପୁରାତନ ଛାତ୍ର ବାଣ୍ଟିଲେ ରାଶନ ସାମଗ୍ରୀ

ବରଗଡ଼ ଅଫିସ୍,୧୦।୪: ଲକ୍ ଡାଉନ୍ ପରେ ଅନେକ ଗରିବ ପରିବାର ଅସହାୟ ହୋଇ ପଡ଼ିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଭୋକିଲା କିମ୍ବା ଅର୍ଦ୍ଧାହାରରେ ରହିବାକୁ ପଡୁଛି । ଏଭଳି ସ୍ଥିତିରେ ବରଗଡ଼ ଜର୍ଜ ହାଇସ୍କୁଲ ୧୯୯୧ ମାଟ୍ରିକ ବ୍ୟାଚ୍ର ଛାତ୍ରମାନେ ନିଜ ମଧ୍ୟରେ ପାଣ୍ଠି ସଂଗ୍ରହ କରି ଅସହାୟଙ୍କ ମୁହଁରେ ହସ ଫୁଟାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ବରଗଡ଼ ପୌର ପରିଷଦର ବିଭିନ୍ନ ଅଞ୍ଚଳକୁ ଯାଇ ସେମାନେ ସେଭଳି ପରିବାର ଲୋକଙ୍କୁ ଚାଉଳ, ଚିନି, ଡାଲି ଆଦି ରାଶନ ସାମଗ୍ରୀ ସହିତ ପରିବା ଯୋଗାଇ ଦେଉଛନ୍ତି ।

# ଉଜୁଡ଼ିଯିବ ରବିଧାନ ଫସଲ

ସମ୍ବଲପୁର,୧୦।୪(ବ୍ୟୁରୋ)

### ସମ୍ବଲପୁରରେ ରବିଚାଷ ପ୍ରଭାବିତ



- କରୋନା ପାଇଁ କାମକୁ ଆସୁନାହାନ୍ତି କୃଷି ଶ୍ରମିକ
- ରୋଗପୋକ ଲାଗିଲେଣି, ପ୍ରତିକାର କରିହେଉନି
- ଆବଶ୍ୟକ ଅନୁସାରେ ସାର, କୀଟନାଶକ ମିଳୁନି

କରୋନା ଭୂତାଣୁର ମୁକାବିଲା ପାଇଁ ସାରା ଦେଶକୁ କେନ୍ଦ୍ର ସରକାର ଲକ୍ ଡାଉନ୍ କରି କଟକଣା ଜାରି କରିଛନ୍ତି। ରାଜ୍ୟ ସରକାର ଏପ୍ରିଲ ୩୦ ପର୍ଯ୍ୟନ୍ତ ଏହାର ଅବଧି ବଢାଇ ଦେଇଛନ୍ତି। ଏହାର ପ୍ରଭାବ ଚାଷ କ୍ଷେତ୍ରରେ ପଡିଛି। ସାମାଜିକ ଦୂରତା ପାଳନ କରିବା ଓ କରୋନା ଭୟରେ ଆବଶ୍ୟକ ଅନୁସାରେ ଶ୍ରମିକ ମିଳୁ ନାହାନ୍ତି । ଫଳରେ ରବି ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି । ଚାଷୀଙ୍କ କହିବା ଅନୁସାରେ, ଏବେ ଧାନ ଫସଲ ଗର୍ଭିଣୀ ଅବସ୍ଥାରେ ରହିଛି। ଅନେକ ସ୍ଥାନରେ ଧାନ ଥୋଡ ଧରିଛି। ଧାନ ପାଚିଲା ପର୍ଯ୍ୟାୟରେ ପହଞ୍ଚିଗଲାଣି। ଏ ସମୟରେ ରୋଗପୋକ ଲକ୍ଷଣ ବଢି ଚାଲିଛି । ରୋଗ ପୋକ ନିୟନ୍ତ୍ରଣ ପାଇଁ ଶ୍ରମିକ ମିଳୁ ନାହାନ୍ତି । ଏକର ଏକର ଜମିରେ ନିଜେ କୀଟନାଶକ ଓ ସାର ଦେବା ସମ୍ଭବପର ନୁହେଁ। ଏ ସମୟରେ ଯଦି ଫସଲର ଯତ୍ନ ଠିକ୍ ଭାବେ ନିଆ ନ ଯାଏ ତାହା ହେଲେ ସବୁ ନଷ୍ଟ ହୋଇଯିବ। ଚାଷୀ କରିଥିବା ଖର୍ଚ୍ଚ ଓ ପରିଶ୍ରମର ଫଳ ପାଇବ ନାହିଁ । ଋଣ ପରିଶୋଧ ମଧ କରିପାରିବ ନାହିଁ । ଗ୍ରାମ ଗୁଡିକରେ ଲୋକମାନେ ଅଧିକ ଭୟଭୀତ ହୋଇ ରହୁଛନ୍ତି। କାମ କରିବାକୁ ଗଲେ ସଂକ୍ରମଣ ଭୟ ରହୁଛି। ତେଣୁ ସେମାନେ କାମ କରିବା ପାଇଁ ରାଜି ହେଉନାହାନ୍ତି । ପାଖ ଗ୍ରାମର ମଧ ଶ୍ରମିକମାନେ ଆସୁ ନାହାନ୍ତି । ପ୍ରାୟ ଗ୍ରାମର ମୁଖ୍ୟ ରାସ୍ତା ଗୁଡିକ ସିଲ୍ କରି ଦିଆଯାଇଛି । ତେଣୁ ଶ୍ରମିକମାନଙ୍କ ପାଖକୁ ଯାଇ ହେଉନାହିଁ କି ସେମାନେ ଆସି କାମ କରିପାରୁ ନାହାନ୍ତି। ଏପ୍ରିଲ ମାସ ଶେଷ ସୁଦ୍ଧା ଧାନ କାଟିବାକୁ ହୋଇଯିବ । ସେ ସମୟରେ ଅଧିକ ଶ୍ରମିକର ଆବଶ୍ୟକତା ରହିଥାଏ। ତେଣୁ ଆହୁରି ସମସ୍ୟା ହୋଇଯିବ। ବର୍ଷା, ଝଡ ତୋଫାନ ଧାନ ନଷ୍ଟ କରିଦେବ। କରୋନା ପାଇଁ ଚଳିତ ରବିରେ ଧାନ ଫସଲ ଉତ୍ପାଦନ ଓ ଧାନ ସଂଗ୍ରହରେ ସଙ୍କଟ ଦେଖାଦେବ ବୋଲି ଚାଷୀମାନେ କହିଛନ୍ତି । ଏହା ସହ ସବୁଠାରୁ ଆଉ ଏକ ବଡ ସମସ୍ୟା ହେଉଛି ସାର ଓ କୀଟନାଶକ ବଜାରରେ ଆବଶ୍ୟକ ଅନୁସାରେ ବିକ୍ରି ନ ହେବା । ଚାଷୀଙ୍କ ବାରମ୍ବାର ଦାବି ଅନୁସାରେ ଜିଲା ପ୍ରଶାସନ କୃଷି ବିଭାଗ ସହ ଆଲୋଚନା କରି ଦିନକୁ ଅଢେଇ ଘଣ୍ଟା ସାର ଓ କୀଟନାଶକ ଦୋକାନ ଖୋଲିବା ପାଇଁ ଅନୁମତି ଦେଇଥିଲା। ହେଲେ ଚାଷୀଙ୍କ ଆବଶ୍ୟକ ଅନୁସାରେ ଡିଲର ଓ ରିଟେଲରମାନଙ୍କ ପାଖରେ ଔଷଧ, ସାର ମିଳୁନାହିଁ । ଲକଡାଉନ ଯୋଗୁ ବାହାରୁ ମାଲ ପରିବହନ ହୋଇ ପାରୁନାହିଁ ବୋଲି ସେମାନେ ବାହାନା କରୁଛନ୍ତି। ମୋଟା ମୋଟି ଦେଖିବାକୁ ଗଲେ କରୋନା ଚାଷ ଓ ଚାଷୀ ଉପରେ ମଧ ପ୍ରଭାବ ପକାଇଛି ।



ପପଙ୍ଗା ପାହାଡ଼ ଉପରେ ପୂଜକ ବୁଢ଼ାରଜା ପୀଠରେ ପୂଜା କରୁଛନ୍ତି।

## ବୁଢ଼ାରଜାଙ୍କ ବନବିହାର ଯାତ୍ରା ବନ୍ଦ

### କରୋନା ପ୍ରଭାବ

- ପୋଲିସ ପ୍ରଶାସନ ଜଗି ରହିଲେ ଯାତ୍ରାସ୍ଥଳ
- ଏକାକୀ ପୂଜକ ସମ୍ପାଦନ କଲେ ନୀତିକାନ୍ତି

ଭେଡ଼େନ,୧୦।୪ (ଡ଼ି.ଏନ.ଏ)
ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗା ପାହାଡ଼ରେ ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣମୀ ପରଦିନ ହେବାକୁ ଥିବା ପ୍ରଭୁ ବୁଢ଼ାରଜା ଓ କ୍ଷେତ୍ରପାଳଙ୍କ ବନବିହାର ଯାତ୍ରାକୁ ଚଳିତବର୍ଷ କରୋନା ସଂକ୍ରମ ଆଶଙ୍କା କରି ବାତିଲ କରାଯାଇଛି। ଫଳରେ ଶୁକ୍ରବାର ହେବାକୁ ଥିବା ଏହି ଯାତ୍ରା ପାଇଁ ଜଣେ ହେଲେ ଭକ୍ତ ଆସି ନ ଥିଲେ। ପାହାଡ଼ ପାଦଦେଶରେ କେନାଲ ପୋଲ ମୁଖ୍ୟ ରାସ୍ତାରେ ଭେଡ଼େନ ତହସିଲଦାର ସୀମା ସବିତା କୁଲୁ , ଅତିରିକ୍ତ ତହସିଲଦାର ନାରାୟଣ ଡ଼ନସନା, ଥାନା ଆଇଆଇସି ହେମନ୍ତ ରାଓ, ଏସଆଇ ମନୋଜ ପ୍ରଧାନ, ପପଙ୍ଗା ସମିତିସଭ୍ୟ ମନୋଜ ପ୍ରଧାନ ପ୍ରମୁଖ ପୋଲିସ ଫୋର୍ସ ସହ ଲାଲ୍ ପତାକା ପୋତି ଜଗି ରହିଥିଲେ। ଅପରପକ୍ଷରେ ବୁଢ଼ାରଜା ମନ୍ଦିରର ମୁଖ୍ୟ ପୂଜକ ଭବାନୀ ଦେହେରୀ ତାଙ୍କର ତିନିଜଣ ସହଯୋଗୀ ପ୍ରଶାନ୍ତ ଦେହେରୀ, ଭୂବନେ ମହାକୁର ଓ ଦୀନବନ୍ଧୁ ବିଶିଙ୍କ ସହ ପାହାଡ଼ ଉପରକୁ ଯାଇ ପ୍ରଭୁ ବୁଢ଼ାରଜା ଓ ଦେବୀ କ୍ଷେତ୍ରପାଳଙ୍କ ବନବିହାର ସମୟରେ ଯେଉଁ ସ୍ଥାନରେ ପୂଜା ପାଉଥିଲେ ସେହି ପୀଠ ଗୁଡ଼ିକ ସହ ଅନ୍ୟାନ୍ୟ ପୀଠ ଘାଟି ତଲିଏନ, ନିସତ ଘାଟ, ବାଘ ବେହେରେନ, ବାଘ ଦୁଏଲ, ପାଏନ କୁଣ୍ଡ, ଉଷାକୁଠି ଆଦି ସ୍ଥାନରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ। ଏହି କଟକଣା ଯୋଗୁ ରୁଷୁଡ଼ାରୁ ଦେବୀ କ୍ଷେତ୍ରପାଳ ଓ ପପଙ୍ଗାର ବୁଢ଼ାରଜାଙ୍କ ବିଭିନ୍ନ ଗ୍ରାମ ପରିକ୍ରମା, ମନ୍ଦିରରେ ଏକତ୍ରପୂଜା ତଥା ପାହାଡ଼କୁ ଶୋଭାଯାତ୍ରାରେ ବନବିହାର ଆଦି ଯିବା କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି।

### ଫଟୋରେ ଖବର





ଶୁକ୍ରବାର ବେପାର ନ ହେବାରୁ ଜଣେ ତରଭୁଜ ବ୍ୟବସାୟୀ ସମ୍ବଲପୁର ଭିଏସଏସ ମାର୍ଗରେ ଘରକୁ ଫେରୁଛନ୍ତି (ବାମ)। ଜଣେ ମହିଳା ହୋମଗାର୍ଡ ପ୍ରଚଣ୍ଡ ଖରାରେ ଡ୍ୟୁଟି କରୁଛନ୍ତି ।

## ଦାଦନଙ୍କ ଶିଶୁକୁ ସ୍ୱାସ୍ଥ୍ୟସେବା ଯୋଗାଇଲେ ମହିଳା ଡାକ୍ତର

ବରଗଡ଼ ଅଫିସ୍,୧୦।୪

ଲକ୍ ଡାଉନ୍ ପରେ ଦାଦନ ଶ୍ରମିକଙ୍କ ସମସ୍ୟା ବଢ଼ି ଯାଇଛି । ସେମାନଙ୍କ ସାଥୀରେ ରହିଥିବା ପିଲାଛୁଆଙ୍କ ଅବସ୍ଥା ଆହୁରି ବିପନ୍ନ ହୋଇ ପଡ଼ିଛି। ଛତିଶଗଡ଼ରୁ ବରଗଡ଼କୁ ଦାଦନ ଖଟିବା ପାଇଁ ଆସିଥିବା ଜଣେ ମହିଳା ଶ୍ରମିକ ରଜନୀ ପଟେଲଙ୍କ ଏକବର୍ଷର ପୁଅ ସୌର୍ଯ୍ୟ ଅସୁସ୍ଥ ହୋଇ ପଡ଼ିଛନ୍ତି । ମା' କ୍ଷୀର ହେଉ ନ ଥିବା ଯୋଗୁ ରଜନୀ ତାଙ୍କୁ ଚିନି ପାଣି ପିଆଉଥିଲେ । ତେବେ ଶୁକ୍ରବାର ଶିଶୁର ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା । ଶ୍ରମିକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ଯାଇଥିବାବେଳେ ତାହା ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ ଏବଂ ଆଲୋକ ପ୍ରଧାନଙ୍କ ଦୃଷ୍ଟିରେ ପଡ଼ିଥିଲା। ଏହାପରେ ଉଭୟ ସ୍ୱେଚ୍ଛାସେବୀ ଅସୁସ୍ଥ ଶିଶୁକୁ ତାଙ୍କ ମା' ସହିତ ବରଗଡ଼ର ମହିଳା ଡାକ୍ତର ସୁସ୍ମିତା ଦାଶଙ୍କ ପାଖକୁ ଆଣିଥିଲେ । ଡା. ଦାଶ ମାଗଣାରେ ଚିକିତ୍ସା କରିବା ସହିତ ଶିଶୁକୁ ଔଷଧ ଆଦି ପ୍ରଦାନ କରିଥିଲେ । ଏହା ସହିତ ଶିଶୁର ମା'ଙ୍କୁ ମଧ୍ୟ ଡା. ଦାଶ ନଗଦ ୫୦୦ ଟଙ୍କା ପ୍ରଦାନ କରିଥିଲେ ଏବଂ ୩ ଦିନ ପରେ ପୁଣି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କ ପାଖକୁ ଆଣିବା ପାଇଁ ସେ କହିଥିଲେ ।



ମହିଳା ଡାକ୍ତର ସୁସ୍ମିତା ଦାଶ ଅସୁସ୍ଥ ଶିଶୁର ଚିକିତ୍ସା କରୁଛନ୍ତି ।

## କେଶାପାଲି ପଞ୍ଚାୟତରେ ହାତୀ ଆତଙ୍କ

ପଡିଆବାହାଲ,୧୦।୪(ଡି.ଏନ.ଏ.)
ସପ୍ତାହେ ନ ପୂରୁଣୁ ହାତୀ ପୁଣି ଆତଙ୍କ ଖେଳାଇଛି କେଶାପାଲି ପଞ୍ଚାୟତରେ। ଏହି ପଞ୍ଚାୟତର ଏଲବୋ ଗ୍ରାମର ଥୋମାସ ଟପ୍ପୋଙ୍କ ଘର ଭାଙ୍ଗି ୫୦ କିଲୋ ଚାଉଳ ଖାଇ ଦେଇଛି। କାନ୍ଥ ପଡି ତାଙ୍କ ଅଢ଼େଇ ବର୍ଷର ପୁଅ ସନ୍ତୋଷ ଓ ୭ ବର୍ଷର ଝିଅ ସୁକମନି ଆହତ ହୋଇଛନ୍ତି। ଏହା ସହ ଫାବିଆପଡାର ସୁବିନା ବୋରା, ବାଣିଝରଣଠାରେ ପଔଲସ ଏକ୍କା, ଗହିରପାଲିର ଅଭିରାମ ଲୁଗୁନ, ପ୍ରଭୁ ଧନୱାରଙ୍କ ମଧ ଘର ଭାଙ୍ଗି ଧାନ, ଚାଉଳ ଖାଇବା ସହ ନଷ୍ଟ କରିଛି । ଚଳିତ ସପ୍ତାହରେ ଏହି ହାତୀ ଉତ୍ପାତରେ କେଶାପାଲି ସରପଞ୍ଚଙ୍କ ମା', ବାପା ଓ ଭାଣଜିଙ୍କ ଜୀବନ ଯାଇଛି। ବନ ବିଭାଗ ହାତୀକୁ ଘଉଡାଇ ଦେଇଥିବା ଓ ନିରୀକ୍ଷଣରେ ରଖିଥିବା କହୁଥିଲେ ସୁଦ୍ଧା ପୁନର୍ବାର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଆତଙ୍କ ଖେଳାଇଥିବା ହାତୀ ଲୋକଙ୍କ ନିଦ ହଜାଇ ଦେଇଛି।

## ପ୍ରଶାସନ ଚାହିଁଲେ ଆୟୁର୍ବେଦ କଲେଜକୁ ବ୍ୟବହାର କରିପାରିବେ

ପାଇକମାଳ, ୧୦।୪ (ଡି.ଏନ.ଏ)
ପାଇକମାଳ ସ୍ଥିତ ନୃସିଂହନାଥ ଆୟୁର୍ବେଦ କଲେଜ ତରଫରୁ ଗୁରୁବାର ପାଇକମାଳ ତହସିଲଦାରଙ୍କୁ ୨ ହଜାର ମାସ୍କ ପ୍ରଦାନ କରାଯାଇଛି । ଏହି ସମୟରେ କମିଟି ତରଫରୁ ସଭାପତି ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ସମ୍ପାଦକ ମନୋଜ ତ୍ରିବେଦୀ, ସଭ୍ୟ ରାମରତନ ପୁରୋହିତ, ବିନୋଦ କାଲିଆ, ଡା. ସୁଶୀଲ ମହାପାତ୍ର ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟକର୍ମୀ ତଥା କରୋନା ପାଇଁ କାମ କରୁଥିବା ସଚେତନ ନାଗରିକଙ୍କ ପାଇଁ ଏହି ମାସ୍କ କାମରେ ଆସିବ ବୋଲି ତହସିଲଦାର ମନୋଜ କୁମାର ମେହେର ଜଣାଇଛନ୍ତି। ଏଥିସହିତ କଲେଜ ତରଫରୁ ୧୦୦ ଜଣ ଡାକ୍ତର ଓ ନର୍ସମାନଙ୍କୁ ରୋଗୀସେବା ପାଇଁ ବର୍ତ୍ତମାନ ତାଲିମ ପ୍ରଦାନ କରାଯାଉଛି । କଲେଜରେ ମଧ ୧୦୦ଟି ବେଡ୍ ବିଶିଷ୍ଟ ହସ୍‌ପିଟାଲ ରହିଛି । ସରକାର ଚାହିଁଲେ ଏହା ବ୍ୟବହାର କରିପାରିବେ ବୋଲି ସଭାପତି ସାହୁ ଜଣାଇଛନ୍ତି । ସେହିପରି ପାଇକମାଳର ଯୁବ ବ୍ୟବସାୟୀ ସୁମିତ କୁମାର ଅଗ୍ରୱାଲ ମାସ୍କ ବଣ୍ଟନ କରିଥିଲେ।



ପାଇକମାଳ ତହସିଲଦାରଙ୍କୁ ଆୟୁର୍ବେଦ କଲେଜ ପକ୍ଷରୁ ମାସ୍କ ପ୍ରଦାନ କରାଯାଉଛି ।

## ଘର ଘର ବୁଲି ତଥ୍ୟ ସଂଗ୍ରହ

ଲଇକେରା,୧୦।୪ (ଡି.ଏନ.ଏ)

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାର ଘର ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲ ଝାରସୁଗୁଡା ଜିଲା ମୁଖ୍ୟାଳୟ ସମେତ ଲଇକେରା ଓ ବ୍ରଜରାଜନଗର ସମସ୍ତ ଘର ଘର ବୁଲି ସ୍କ୍ରିନିଂ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଲଇକେରା ମୁଖ୍ୟାଳୟରେ ନୋଡାଲ ଅଫିସର ଆୟୁର୍ବେଦିକ ଚିକିତ୍ସାଧିକାରୀ ଡା. ଗୌତମ ବିଶ୍ୱାଳ, ଏଏନ୍‌ଏମ୍ ଯଶୋଦା ନାଏକ ସମେତ ଅଙ୍ଗନୱାଡି କର୍ମୀ ରୂପଲରାଣୀ ଦେଓ, ଜସ୍ମିତା ନାଏକ, ମାଣିକ୍ୟ ବେସନ, ଆଶା କର୍ମୀ ହେମଲତା ସାହୁ, ମନ୍ଦାକିନୀ ରକ୍ସା ଘର ଘର ବୁଲି ଲୋକଙ୍କୁ କରୋନା ବାବଦରେ ସଚେତନ କରିବା ସହିତ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ପଚାରି ଉଲ୍ଲେଖ କରୁଛନ୍ତି ।



ଲଇକେରାରେ ଅଙ୍ଗନୱାଡି ଓ ଆଶା କର୍ମୀ ଘର ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି ।

## ରାଶନ ବଣ୍ଟନରେ ରହୁନି ସାମାଜିକ ଦୂରତ୍ୱ

ବରଗଡ଼ ଅଫିସ୍,୧୦।୪

କରୋନାକୁ ପ୍ରତିହତ କରିବା ପାଇଁ ସାମାଜିକ ଦୂରତା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ମାତ୍ର ବିଭିନ୍ନ ସ୍ଥାନରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି । ପରିବା ବଜାର, ଡେଜରାତି, ମାଛ, ମାଂସ ଦୋକାନରେ ଏହା ସାଧାରଣରେ ପରିଣତ ହୋଇଥିବାବେଳେ ରାଶନ ବଣ୍ଟନ କେନ୍ଦ୍ର ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ। ଶୁକ୍ରବାର ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼-୧୩ସ୍ଥିତ ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ରାଶନ ବଣ୍ଟନ ସମୟରେ ତାହା ପରିଲକ୍ଷିତ ହୋଇଥିଲା। ଲୋକେ ଧାଡ଼ି ବାନ୍ଧି ରହିଥିଲେ ହେଁ ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ନ ଥିବା ଦେଖିବାକୁ ମିଳିଥିଲା। କେବଳ ଏହି ରାଶନ ବଣ୍ଟନ କେନ୍ଦ୍ର ନୁହେଁ, ଜିଲାର ଅନେକ ସ୍ଥାନରେ ଏଭଳି ସାମାଜିକ ଦୂରତାକୁ ଖୋଲାଖୋଲି ଉଲ୍ଲଂଘନ କରି ରାଶନ ବଣ୍ଟନ କରାଯାଉଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଥିବାବେଳେ ଏକକାଳୀନ ବଦଳରେ ପର୍ଯ୍ୟାୟକ୍ରମେ ଏକ କେନ୍ଦ୍ରରେ ହିତାଧିକାରୀଙ୍କୁ ତାହା ବିତରଣ କରାଗଲେ ବଣ୍ଟନ ସମୟରେ ସାମାଜିକ ଦୂରତା ରହିପାରିବ ବୋଲି ମତପ୍ରକାଶ ପାଇଛି ।



ସାମାଜିକ ଦୂରତ୍ୱ ନ ରଖି ରାଶନ ସାମଗ୍ରୀ ପାଇଁ ହିତାଧିକାରୀଙ୍କ ଲମ୍ବାଧାଡ଼ି ।

## ସଂକ୍ଷେପରେ

### ସୁକତେଲ ନଦୀରୁ ମୃତଦେହ ଉଦ୍ଧାର

ଖପ୍ରାଖୋଲ, ୯।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲରମ୍ବା ଥାନା ଯୁରିଆ ଗଉଡପାଲି ମଝି ସୁକତେଲ ନଦୀରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଯୁରିଆ ଗାଁର ଟଙ୍କଧର ବରିହା (୫୫)। ଟଙ୍କଧର ମଧ୍ୟାହ୍ନରେ ଗାଧୋଇବା ପାଇଁ ନଦୀକୁ ଯାଇ ଆଉ ଫେରି ନ ଥିଲେ। ଖୋଜାଖୋଜି ପରେ ନ ପାଇବାରୁ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଲରମ୍ବା ପୋଲିସ୍ ଅଗ୍ନିଶମ ବାହିନୀ ସହାୟତାରେ ନଦୀରୁ ମୃତଦେହ ଉଦ୍ଧାର କରିଥିଲେ।

### ସଙ୍ଗରୋଧ ଗୃହକୁ ଗଲେ ୮ ଶ୍ରମିକ

ଭବାନୀପାଟଣା/କୋକସରା,୧୦।୪(ସ୍ୱ.ପ୍ର/ଡି.ଏନ.ଏ.): ଢେଙ୍କାନାଳ ଜିଲାର ୮ଜଣ ଶ୍ରମିକ ନବରଙ୍ଗପୁର ଜିଲାରେ କାମ କରୁଥିଲେ। ଲକ୍‌ଡାଉନ ଯୋଗୁଁ ସେମାନେ ଘରକୁ ଫେରି ନ ପାରି ସେଠାରେ ରହିଯାଇଥିଲେ। ଏବେ ରାଜ୍ୟ ସରକାର ଲକଡାଉନକୁ ଏପ୍ରିଲ ୩୦ଯାଏ ବୃଦ୍ଧି କରିଥିବାରୁ ବାଧହୋଇ ସେମାନେ ଶୁକ୍ରବାର ନବରଙ୍ଗପୁରରୁ ସାଇକେଲ କିଣି ଘରକୁ ବାହାରି ଥିଲେ। ତେବେ କଳାହାଣ୍ଡି ସୀମାନ୍ତ ଆମପାଣି ଘାଟିରେ ସେମାନେ ପାଟ୍ରୋଲିଂ ପୋଲିସ ହାତରେ ଧରାପଡିଥିଲେ। ପରେ ଉକ୍ତ ଶ୍ରମିକମାନଙ୍କୁ ଆମପାଣି ପୋଲିସ ବ୍ଲକ ପ୍ରଶାସନ ପକ୍ଷରୁ ଆମପାଣି ଜନଜାତି ଆବାସିକ ବିଦ୍ୟାଳୟ ସଙ୍ଗରାଧ ଗୃହରେ ରଖିଥିଲା। ଏ ନେଇ ଆମପାଣି ଥାନ ଅଧିକାରୀ ପୁଷ୍ପାଞ୍ଜଳି ନିଙ୍ଗିଙ୍କୁ ପଚାରିବାରୁ ଲକ୍‌ଡାଉନ ନିୟମ ଅନୁଯାୟୀ ଶ୍ରମିକମାନଙ୍କୁ ସଙ୍ଗରୋଧ ଗୃହରେ ରଖାଯାଇଛି ବୋଲି କହିଥିଲେ।

### ସେଣ୍ଟ୍ରାଲ ଚର୍ଚ୍ଚ ବନ୍ଦ, ଘରେ ପାଳିଲେ ଗୁଡ ଫ୍ରାଇଡେ

**ବଲାଙ୍ଗୀର ଅଫିସ୍, ୧୦।୪:** କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶକୁ ଲକଡାଉନ କରିଛନ୍ତି କେନ୍ଦ୍ର ସରକାର। ଲକଡାଉନ ଯୋଗୁଁ, ମନ୍ଦିର, ମସଜିଦ, ଚର୍ଚ୍ଚ ଭଳି ଧର୍ମାନୁଷ୍ଠାନଗୁଡିକୁ ବନ୍ଦ କରି ଦିଆଯାଇଛି। ଏଭଳି ସମୟରେ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଶୁକ୍ରବାର ପବିତ୍ର ଗୁଡ ଫ୍ରାଇଡେ ଦିବସରେ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଭାଇଭଉଣୀମାନେ ଅତ୍ୟନ୍ତ ଶୃଙ୍ଖଳିତ ଭାବରେ କରୋନା ନିର୍ଦ୍ଦେଶାବଳୀକୁ ଅବଲମ୍ବନ କରି ଚର୍ଚ୍ଚକୁ ନ ଯାଇ ନିଜ ନିଜ ଘରେ ରହି ପାଳନ କରିଛନ୍ତି।

### ଆଇସୋଲେଶନ କେନ୍ଦ୍ର ପରିଦର୍ଶନ କଲେ ବିଧାୟକ

ଦେବଗଡ,୧୦।୪(ଡି.ଏନ.ଏ.):କରୋନା ଭୁତାଣୁ ସଂକ୍ରମଣ ରୋକିବା ପାଇଁ ଦେବଗଡ ଜିଲାର ବିଭିନ୍ନ ପଞ୍ଚାୟତରେ ଆଇସୋଲେସନ କେନ୍ଦ୍ର କରାଯାଇଛି। ଏହିକ୍ରମରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ରିଆମାଳ ବ୍ଲକ ଖିଲେଇ ପଞ୍ଚାୟତରେ ନିର୍ମିତ ୧୦ ଶଯ୍ୟା ବିଶିଷ୍ଟ ଆଇସୋଲେସନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି କେନ୍ଦ୍ରର ବିଦ୍ୟୁତ୍, ପାନୀୟ ଜଳ, ପରିମଳ ବ୍ୟବସ୍ଥା ସେ ତଦାରଖ କରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଭବାନୀ କାନ୍ତ ପ୍ରଧାନଙ୍କୁ ଅନ୍ୟାନ୍ୟ ଆବଶ୍ୟକତା ଉପରେ ପଚାରି ବୁଝିଥିଲେ।

# ବୟନ ଶିଳ୍ପକୁ କରୋନା ମାଡ଼

## ସହାୟତା ଶୂନ, ବୁଣାକାରଙ୍କ ଉପରେ ଚଡ଼କ

କରୋନା ସଂକ୍ରମଣ ଯୋଗୁଁ ଲକ୍‌ଡାଉନ୍ କଟକଣା ଜାରି ହୋଇଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉ ଥିବାରୁ ଲକ୍‌ଡାଉନ୍ ଅବଧି ଓଡିଶା ସରକାର ଏପ୍ରିଲ ୩୦ତାରିଖ ଯାଏ ବୃଦ୍ଧି କରିଛନ୍ତି। ଏଭଳି ସ୍ଥିତିରେ ଦେଶ ଓ ବିଦେଶରେ ପ୍ରସିଦ୍ଧି ଲାଭ କରିଥିବା ବୟନ ଶିଳ୍ପ ଅଧିକ ପ୍ରଭାବିତ ହୋଇଛି। ବଜାର ବନ୍ଦ ଯୋଗୁ ହସ୍ତତନ୍ତ ପାଇଁ କଞ୍ଚାମାଲ ଉପଲବ୍ଧ ନାହିଁ। ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଶାଢି ଓ ଅନ୍ୟ ସାମଗ୍ରୀ ବିକ୍ରି ହୋଇପାରୁନି। ମଜୁରି ମିଳୁ ନଥିବାରୁ ସେମାନଙ୍କ ଜୀବନଜୀବିକା ସଙ୍କଟରେ।

– ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ

### କେନ୍ଦ୍ର ଓ ରାଜ୍ୟ ସରକାର ବୁଣାକାରଙ୍କୁ ଭୁଲିଗଲେ



କେନ୍ଦ୍ର ସରକାର ଗରିବଙ୍କୁ କରୋନା ଜନିତ ଲକ୍‌ଡାଉନ୍ ସକାଶେ ୧ଲକ୍ଷ ୭୦ହଜାର କୋଟି ଟଙ୍କାର ରିଲିଫ୍ ପ୍ୟାକେଜ୍ ଘୋଷଣା କଲେ। ଗରିବ ପରିବାର ପ୍ରତି ଡାଲି, ଚାଉଳ/ଗହମ, କୃଷକ ସମ୍ମାନ ନିଧି ଯୋଜନା, ଜନଧନ ଖାତାଧାରୀ, ନିର୍ମାଣ ଶ୍ରମିକ, ବୁଲା ବିକାଳିଙ୍କୁ ସହାୟତା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୦୦ଟଙ୍କା ମଜୁରି, ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ଦେଲେ। ରାଜ୍ୟ ସରକାର ମଧ ଗରିବ ଅସହାୟଙ୍କୁ ରନ୍ଧାଖାଦ୍ୟଠାରୁ ଆରମ୍ଭ କରି ଓଡିଶା ଖାଦ୍ୟ ସୁରକ୍ଷା ଅଧିନରେ ହିତାଧିକାରୀଙ୍କୁ ସହାୟତା ଦେଉଛନ୍ତି। କିନ୍ତୁ ଲକ୍‌ଡାଉନ୍ ସମୟରେ ବୁଣାକାରଙ୍କୁ ସହାୟତା ପାଇଁ ଉଭୟ ସରକାର ଭୁଲିଗଲେ। ସେମାନେ କର୍ମସଂସ୍ଥାନ ହରାଇ ଭୋକ ଉପବାସରେ ଅଛନ୍ତି।

**– ସାନନ୍ଦ କୁମାର ମେହେର, ବୋର୍ଡ ଅଫ ଡାଇରେକ୍ଟର ବୟନିକା**

### କଞ୍ଚାମାଲ ଅଭାବ, ତନ୍ତ ଚାଲିପାରୁନ

ଲକ୍‌ଡାଉନ୍ ଯୋଗୁ ବଜାର ବନ୍ଦ ରହିଛି। ହସ୍ତତନ୍ତ ପାଇଁ କଞ୍ଚାମାଲ ଉପଲବ୍ଧ ହୋଇପାରୁନି। ରଙ୍ଗ, ସୂତା ନାହିଁ। କେବଳ ସୁବର୍ଣ୍ଣପୁର ଜିଲାରେ ୬ହଜାର ତନ୍ତ ବନ୍ଦ ରହିଛି। ବୁଣାକାର ସମବାୟ ସମିତିଗୁଡିକ କଞ୍ଚାମାଲ ଯୋଗାଇ



ପାରୁନାହାନ୍ତି। ବୁଣାକାର ପରିବାରଗୁଡିକ ଦୁଃଖରେ ସମୟ କାଟୁଛନ୍ତି। କଟକଣା କେବେ ହଟିବ କହି ହେଉନି। ଏଭଳି ସ୍ଥିତିରେ ବୟନ ଶିଳ୍ପ ପ୍ରଭାବିତ ହେବ। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

**– ସତ୍ୟ ମେହେର, ବୁଣାକାର, ସାଗରପାଲି**

### ସ୍ଥାନୀୟ ବଜାର ବନ୍ଦ, ବାହାରକୁ ଶାଢି ଯାଉନି



କୁଶଳୀ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସୂକ୍ଷ୍ମ କାରୁକାର୍ଯ୍ୟ ଭରା ପାଟଶାଢି, ବୋମକେଇ ଶାଢି, ବାନ୍ଧ ଶାଢିର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ଅଛି। ବମ୍ବେ, ଦିଲ୍ଲୀ, କଲିକତା, ଚେନ୍ନାଇ ଓ ଭୁବନେଶ୍ୱରରେ ଏହି ଶାଢୀ ଅଧିକ ବିକ୍ରି ହୋଇଥାଏ। କିନ୍ତୁ କଟକଣା ଯୋଗୁ ବାହାରକୁ ଶାଢୀ ଯାଇପାରୁନି। ସ୍ଥାନୀୟ ହାଟ ବଜାରଗୁଡିକ ବନ୍ଦ ଥିବାରୁ କମ୍‌ଦରରେ ବିକ୍ରି ହେଉଥିବା ଶାଢି ବିକ୍ରି ହୋଇପାରୁନି। ବୁଣାକାର, ମହାଜନ ଓ ସମବାୟ ସମିତି ପାଖରେ ସେଗୁଡିକ ପଡି ରହିଛି।

**–କେଶବ ମେହେର, ବୁଣାକାର, ସାଗରପାଲି**

### ରଙ୍ଗ, ସୂତା ମିଳୁନି ବୁଣାକାର ଘରେ ବସିଛି



ଶାଢି ପ୍ରସ୍ତୁତ ପାଇଁ ରଙ୍ଗ ଓ ସୂତା ଆବଶ୍ୟକ। ବୁଣାକାରଙ୍କୁ ରଙ୍ଗ ଓ ପାଟ/କଟନ ସୂତା ମହାଜନ ଏବଂ ବୁଣାକାର ସମବାୟ ସମିତି ଗୁଡିକ ଯୋଗାଇଥାନ୍ତି। ଶାଢି ବୁଣା ସରିଲା ପରେ ବୁଣାକାରମାନେ ମଜୁରି ପାଆନ୍ତି। ବୁଣାକାର ପରିବାରର ସଦସ୍ୟମାନେ ଏହି କାର୍ଯ୍ୟରେ ସହଯୋଗ କରନ୍ତି। ଲକ୍‌ଡାଉନ୍ ପାଇଁ କୌଣସି ବୁଣାକାର ସମବାୟ ସମିତି କିମ୍ବା ମହାଜନଙ୍କ ନିକଟରେ ସୂତା ଓ ରଙ୍ଗ ନାହିଁ। ସୁବର୍ଣ୍ଣପୁର ଜିଲାର ୧୫ହଜାରରୁ ଉର୍ଦ୍ଧ୍ୱ ବୁଣାକାର ପରିବାର ଏବେ କର୍ମସଂସ୍ଥାନ ହରାଇ ଘରେ ବସିଛନ୍ତି। ଲକ୍‌ଡାଉନ୍ ଅବଧି ବୃଦ୍ଧି ବୁଣାକାରଙ୍କ ଜୀବନକୁ ଦୁର୍ବିଷହ କରିବ।

**– ପ୍ରାଣବନ୍ଧୁ ମେହେର, ବୁଣାକାର ସୋନପୁର**

### ଲକ୍‌ଡାଉନ୍ ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ



ଧାନ ଚାଷ ପରେ ବୟନ ଶିଳ୍ପ ଦ୍ୱାରା ଅଧିକ ଲୋକ ରୋଜଗାର ପାଇଥାନ୍ତି। କିନ୍ତୁ କରୋନା ଭୂତାଣୁ ବୁଣାକାରଙ୍କ ନିଦ ହଜାଇ ଦେଇଛି। କରୋନା ଯେତିକି ଭୟ ସୃଷ୍ଟି କରିଛି, ସେତିକି ବୁଣାକାରଙ୍କ ମୁଣ୍ଡରେ ଚଡକ ପକାଇଛି। ଜିଲାରେ କୋଟିକୋଟି ଟଙ୍କାର ବୟନ ଶିଳ୍ପ ବେପାର ବନ୍ଦ। ପରମ୍ପରାଗତ ବୁଣା ଶୈଳୀ ପାଇଁ ଜୀବିକା ନିର୍ବାହ କରି ଆସୁଥିବା ପରିବାର ଗୁଡିକ ଚିନ୍ତାରେ ଅଛନ୍ତି। ବୁଣାକାର ଗାଁ ଗୁଡିକ ଏବେ ଖାଁ ଖାଁ ଲାଗୁଛି। ଆଉ ତନ୍ତ ଶବ୍ଦ ଶୁଭୁନି। ପୁଣି ଏପ୍ରିଲ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଅବଧି ବୃଦ୍ଧି ଆମ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ। **– ମହିନ୍ଦ୍ର ମେହେର, ବୁଣାକାର, ସୁବଳୟା**



ଯୁବଗୋଷ୍ଠୀ କରୋନା ସଚେତନତା ବାର୍ତ୍ତା ଦେବାସହ ମାସ୍କ ବଣ୍ଟନ କରୁଛନ୍ତି।

# ମାସ୍କ ବାଣ୍ଟିଲେ, ସଚେତନତା ବାର୍ତ୍ତା ଦେଲେ ଯୁବଗୋଷ୍ଠୀ

**ଦେଓଗାଁ,୧୦।୪(ଡି.ଏନ.ଏ.)**

ଦେଶରେ କରୋନା ମହାମାରୀ ରୂପ ଧାରଣ କରିଥିବା ବେଳେ ସରକାର ଲୋକଙ୍କୁ ସଚେତନ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଲକଡାଉନ ଯୋଗୁ ଯେଉଁମାନେ ବାହାରକୁ ବାହାରୁଛନ୍ତି ସେମାନେ ମୁହଁରେ ମାସ୍କ ପରିଧାନ କରିବା ବାଧ୍ୟତାମୂଳକ ବୋଲି ଘୋଷଣା କରାଯାଇଛି। ମାସ୍କରର ଚାହିଦାକୁ ଆଖିଆଗରେ ରଖି ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବରକାନୀ ଗାଁର କେତେକ ଯୁବକ ନିଜସ୍ୱ ଉଦ୍ୟମରେ ମାସ୍କ ତିଆରି କରି ଶୁକ୍ରବାର ଗାଁରେ ସମସ୍ତଙ୍କୁ ବଣ୍ଟନ କରି ସଚେତନବାର୍ତ୍ତା ଦେଇଛନ୍ତି। ସେମାନେ ଗାଁରେ ସଚେତନତା ପୋଷ୍ଟର ଲଗାଇବା ସହ ହାତଧୋଇ ଗାଁ ମଧ୍ୟକୁ ପଶିବାକୁ ଅନୁରୋଧ କରୁଛନ୍ତି। ପ୍ରଥମେ ବରକାନୀ ଓ ମାହାକୁରପାଲି ଗାଁରେ ରହୁଥିବା ୨ହଜାର ଜନସାଧାରଣଙ୍କୁ ମାସ୍କ ଯୋଗାଇ ଦେବା ନିଷ୍ପତ୍ତି ନେଇଛନ୍ତି। ଆଗକୁ ଆଖପାଖ ଗାଁରେ ମଧ ମାସ୍କ ଯୋଗାଇଦେବା ଲକ୍ଷ୍ୟ ରଖିଥିବା ଗାଁର ନୀଳାଞ୍ଚଳ ମେହେର, ଯୁଗେଶ୍ୱର ମେହେର, ମନୋଜ ମେହେର, ବୈଶାଖୁ ମେହେର, ରମେଶ ମେହେର, ଦିନେଶ ମେହେର ଓ ଭାରତ ମେହେର ପ୍ରମୁଖ କହିଛନ୍ତି।

# ସୋନପୁର ଆଇଟିଆଇ ହେଲା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

**ସୋନପୁର, ୧୦।୪(ନି.ପ୍ର.)**

**୧୦୦ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ୧୩ରେ କାର୍ଯ୍ୟକ୍ଷମ ହେବ**

ସୁବର୍ଣ୍ଣପୁର ଜିଲାରେ କରୋନା ପ୍ରତିରୋଧ ପାଇଁ ପ୍ରଥମ ପର୍ଯ୍ୟାୟରେ ସୋନପୁର ଆଇଟିଆଇକୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ଏହା ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ପ୍ରସାରିତ ଶାଖା ଭାବେ କାର୍ଯ୍ୟ କରିବ। ୧୦୦ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ସଂକ୍ରମିତଙ୍କୁ ରଖାଯିବାର ଯୋଜନା ରହିଛି। ସମସ୍ତ ପ୍ରସ୍ତୁତି ସରିଛି। ଆସନ୍ତା ୧୩ ତାରିଖରେ ଏହା କାର୍ଯ୍ୟକ୍ଷମ ହେବ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏହି କୋଭିଡ-୧୯ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାଧିକୃତ ଅଧିକାରୀ ଅଛନ୍ତି। ସେହିଭଳି ଡାକ୍ତର ପ୍ରଦୀପ କୁମାର ଗୁରୁ ପ୍ରାଧିକୃତ ଡାକ୍ତର ଓ ତାରିଣୀ ପାତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳକ ଦାୟିତ୍ୱରେ ଅଛନ୍ତି।

# ସାନିଟାଇଜର ତିଆରି କଲା ପ୍ରଶାସନ

**ସମ୍ବଲପୁର,୧୦।୪(ବ୍ୟୁରୋ)**

କରୋନା ଭୂତାଣୁ ମୁକାବିଲା ପାଇଁ ରାଜ୍ୟ ସରକାର ସବୁ ଦିଗରେ ଉଦ୍ୟମ କରୁଛନ୍ତି। ତଥାପି ରାଜ୍ୟରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ କରୋନା ଭୂତାଣୁରୁ ସୁରକ୍ଷା ପାଇବା ପାଇଁ ସାନିଟାଇଜରର ଆବଶ୍ୟକତା ରହିଛି। ତେଣୁ ସରକାର ପ୍ରତ୍ୟକ ଜିଲା ପ୍ରଶାସନକୁ ଜିଲାରେ ସାନିଟାଇଜର ତିଆରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଜିଲା ପ୍ରଶାସନ ସଦର ଥାନା ଅଧୀନ ଜୟନ୍ତପୁରରେ ଥିବା ହାଇଟେକ ବଟଲିଂ ପ୍ଲାଣ୍ଟରେ ସାନିଟାଇଜର ତିଆରି କରୁଛି। ଅବକାରୀ ବିଭାଗ ପକ୍ଷରୁ ଏହାର ପରିଚାଳନ କରାଯାଇଛି। ଏ ପର୍ଯ୍ୟନ୍ତ ଏଠାରୁ ୫ ହଜାର ଲିଟର ସାନିଟାଇଜର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯୋଗାଇ ଦିଆଯାଇଛି। ଆଉ ୫ ହଜାର ଲିଟର ଯୋଗାଇ ଦିଆଯିବ। ସେହିପରି ବିଭିନ୍ନ ସରକାରୀ ଅଫିସ, ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ ଯୋଗାଇ ଦିଆଯିବ ବୋଲି ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟନାରାୟଣ ମଲ୍ଲିକ କହିଛନ୍ତି। ତେବେ ବଜାରରେ ଏହା ବିକ୍ରି କରାଯିବ ନାହିଁ। ତେଣୁ ଏହାର ଦର ରଖା ଯାଇନାହିଁ। ନିଜେ ତିଆରି କଲେ ବଜାରରେ ମିଳୁଥିବା ସାନିଟିଜର ତୁଳନାରେ ବହୁତ କମ୍ ଖର୍ଚ୍ଚ ହେବ। ଏଥିରେ ସରକାରଙ୍କ ରାଜସ୍ୱ ମଧ ବେଶୀ କ୍ଷତି ହେବ ନାହିଁ। ଅନ୍ୟପକ୍ଷେ ସ୍ଥାନୀୟ ୧୫ ଜଣ ଶ୍ରମିକ ଏଠାରେ କାମ କରୁଛନ୍ତି। ପ୍ଲାଣ୍ଟକୁ ସାନିଟାଇଜ କରିବା ସହ ଶ୍ରମିକମାନଙ୍କ ମଧରେ ସାମାଜିକ ଦୂରତା ରଖି କାମ କରାଯାଉଛି ବୋଲି ସେ କହିଛନ୍ତି।

# ଲକ୍‌ଡାଉନ ସ୍ଥିତିର ସମୀକ୍ଷା କଲେ ଡିଜିପି

**ବଲାଙ୍ଗୀର ଅଫିସ, ୧୦।୪**

- ବଲାଙ୍ଗୀର ଗସ୍ତରେ ଅଭୟ
- ୩ ଥାନା, ଡ୍ୟୁଟି ପଏଣ୍ଟ ବୁଲିଲେ
- ଜିଲାବାସୀ, ପୋଲିସ କର୍ମଚାରୀଙ୍କୁ ଦେଲେ ସାବାସୀ




ପୋଲିସ ମହାନିର୍ଦ୍ଦେଶକ ଅଭୟ ବଲାଙ୍ଗୀର ରିଜର୍ଭ ପୋଲିସ ଗ୍ରାଉଣ୍ଡଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଉଛନ୍ତି।

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଅଭୟ ଶୁକ୍ରବାର ବଲାଙ୍ଗୀର ଗସ୍ତରେ ଆସି ଲକ୍‌ଡାଉନ୍ ସମୟରେ ବଲାଙ୍ଗୀରବାସୀଙ୍କ ଶୃଙ୍ଖଳା, ସହଯୋଗ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ମିଳିତ ଉଦ୍ୟମ ଓ ସମୟୋଚିତ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବଲାଙ୍ଗୀର ମନୋହରପୁର ପୋଲିସ ପଡିଆରେ ଓହ୍ଲାଇବା ପରେ ସେ ରିଜର୍ଭ ପୋଲିସ କାର୍ଯ୍ୟାଳୟକୁ ଆସିଥିଲେ। ତାଙ୍କ ସହ ଏଡିଜି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ଏସ୍‌ପି ସନ୍ଦୀପ ମାଡକର ଉପସ୍ଥିତ ଥିଲେ। ସେଠାରେ ଡିଜିପି ଅଭୟ ଉପସ୍ଥିତ ପୋଲିସ ଅଧିକାରୀଙ୍କ ଗହଣରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସହ ଲକ୍‌ଡାଉନ୍ ଓ ପୋଲିସ ଏନ୍‌ଫୋର୍ସମେଣ୍ଟ ଉପରେ ଆଲୋଚନା କରିଥିଲେ। ପରେ ବଲାଙ୍ଗୀର ସହର ପରିଦର୍ଶନରେ ବାହାରି ଟାଉନ୍ ଥାନା, ସଦର ଥାନା ଓ ପୁଇଁତଲା ଥାନା ପରିଦର୍ଶନ କରିଥିଲେ। ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିବା ପୋଲିସ କନ୍‌ଷ୍ଟେବଲ ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଡ୍ୟୁଟି ପଏଣ୍ଟରେ ସାକ୍ଷାତ କରି ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏହାପରେ ରିଜର୍ଭ ପୋଲିସ ବ୍ୟାରେକ୍ ପରିଦର୍ଶନ କରି କାର୍ଯ୍ୟାଳୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଥିଲେ। ଲକ୍‌ଡାଉନ୍ ସମୟରେ ସହରରେ ପୋଲିସ ଏନ୍‌ଫୋର୍ସମେଣ୍ଟ ଖୁବ୍ ଭଲ ଥିବା ସୂଚନା ଦେଇଥିଲେ। ସହରରେ ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ଯେଉଁଠାରେ ଅଳ୍ପ କେତେକ ଦୋକାନ ଖୋଲିଛି ସେଠାରେ ସାମାଜିକ ଦୂରତ୍ୱକୁ ଖୁବ୍ ଭଲ ଭାବେ ପାଳନ କରାଯାଉଥିବା କହିଥିଲେ। ପୋଲିସ ଓ ଜିଲା ପ୍ରଶାସନକୁ ବଲାଙ୍ଗୀରବାସୀ ସହଯୋଗ କରୁଥିବା କହି ଏଠାକାର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ।

# ରକ୍ତଦାନ କଲେ ୧୧ ସ୍ୱେଚ୍ଛାସେବୀ



ବଲାଙ୍ଗୀର ଭୀମଭୋଇ ମେଡିକାଲ ରକ୍ତଭଣ୍ଡାର ପରିସରରେ ଗୌରଗୋଠର ସ୍ୱେଚ୍ଛାସେବୀ ରକ୍ତଦାତାଙ୍କୁ ସମ୍ମାନୀତ କରାଯାଉଛି।

**ଦେଓଗାଁ,୧୦।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ଆଜାଦ ହିନ୍ଦ ୟୁଥ କ୍ଲବର ୧୧ ଜଣ ସ୍ୱେଚ୍ଛାସେବୀ ଶୁକ୍ରବାର ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଛନ୍ତି। ବର୍ତ୍ତମାନ ସାରାଦେଶରେ କରୋନା ମହାମାରୀ ପାଇଁ ଲକଡାଉନ ରହିଥିବାରୁ ରକ୍ତର ଅଭାବ ପରିଲକ୍ଷିତହୋଇଛି। ଭୀମଭୋଇ ମେଡିକାଲରେ ମଧ ରକ୍ତର ଘୋର ଅଭାବ ରହିଥିବା ଜାଣି ଗୌରଗୋଠ ଆଜାଦହିନ୍ଦ ୟୁଥ କ୍ଲବର ସଦସ୍ୟମାନେ ରକ୍ତ ଦାନ କରିବାପାଇଁ ସଂକଳ୍ପ ନେଇଥିଲେ। ପରେ ତୁଷୁରା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀଙ୍କୁ ଅବଗତ କରି ଶୁକ୍ରବାର ସାମାଜିକ କର୍ମୀ ପୁରନ୍ଦର ଭୋଇ ଓ କ୍ଲବ ସମ୍ପାଦକ ଜୟସିଂ କୁମ୍ଭାରଙ୍କ ନେତୃତ୍ୱରେ ପ୍ରତାପ କିଶୋର ମଲ୍ଲିକ, ପିଙ୍କୁ ଭୋଇ, ପିତାମ୍ବର ପଧାନ, କୋଣାର୍କ ସେଠ, କାଞ୍ଚନ ନାଗ, ବିବେକ ରଣା ପ୍ରମୁଖ ଭୀମଭୋଇ ମେଡିକାଲସ୍ଥିତ ରକ୍ତ ଭଣ୍ଡାରକୁଯାଇ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଗୌରଗୋଠ ସରପଞ୍ଚ ପ୍ରତିମା ନନ୍ଦ, ସାମାଜିକ କର୍ମୀ ମୟ ନନ୍ଦ, ଉପେନ୍ଦ୍ର ଧରୁଆ, ନବୀନ ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଭଣ୍ଡାର ତରଫରୁ ସମସ୍ତ ରକ୍ତଦାତାଙ୍କୁ ମାନପତ୍ରଦେଇ ସମ୍ମାନୀତ କରାଯାଇଥିଲା।

# ବାଳକ ହତ୍ୟା ଘଟଣାର ପର୍ଦ୍ଦାଫାଶ

## ହତ୍ୟା ଅଭିଯୋଗରେ ୧୧ ଜେଲଗଲେ
## ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ

**ଦେଓଗାଁ,୧୦।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବିଲାସପୁରର ରାଜେଶ ଓରଫ କ୍ଷୀରଧର ମଲ୍ଲିକ(୧୩)ଙ୍କ ମୃତଦେହ ନିଖୋଜର ଦିନକ ପରେ ସୋମବାର ଘାଟୁଲଡୁଙ୍ଗୁରୀ କେନ୍ଦୁନାଳରୁ ଉଦ୍ଧାର କରିଥିଲା ପୋଲିସ। ଏ ନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦)ରୁଜୁ କରି ପୋଲିସ ସନ୍ଦେହରେ କେତେକଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିଲା। ଅଷ୍ଟମ ଶ୍ରେଣୀରେ ପଢୁଥିବା ଏହି ବାଳକଙ୍କ ବାପା ରାମକୃଷ୍ଣ ମଲ୍ଲିକ ଭଞ୍ଜନଗରରୁ ଗାଁକୁ ଫେରିବା ପରେ ତାଙ୍କର ଏକମାତ୍ର ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏଥିପୂର୍ବରୁ ମୃତକଙ୍କ ଅଜା କରିଥିବା ନିଖୋଜ ମାମଲା(ନଂ ୮୬/୨୦) ହତ୍ୟା ମାମଲାରେ ପରିବର୍ତ୍ତିତ କରି ପୋଲିସ ତନାଘନା ଚଳାଇଥିଲା। ଶୁକ୍ରବାର ଉକ୍ତ ଘଟଣାର ପର୍ଦ୍ଦାଫାଶ କରିବା ସହ ୧୧ଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀର ଜିଲା ଉପକାରାଗାରକୁ ପଠାଇ ଦିଆଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ୪ଟି ଠେଙ୍ଗା ଜବତ କରାଯାଇଥିବା ଥାନା ଅଧିକାରୀ ରଞ୍ଜନ ବରିହା ସୂଚନା ଦେଇଛନ୍ତି। ଜେଲ ଯାଇଥିବା ଅଭିଯୁକ୍ତମାନେ ହେଲେ ଘାଟୁଲଡୁଙ୍ଗୁରୀର ଶାନ୍ତନୁ ମେର୍ଲ୍ଲି(୨୦), ଜୀବର୍ଦ୍ଧନ ମେର୍ଲ୍ଲି(୨୨), ଲୁକୁ ମାହାକୁଡ(୪୫), ବସନ୍ତ ଖମାରୀ(୩୨), ସେବକ ମଲ୍ଲିକ(୩୩), ଗୋବିନ୍ଦ ମଲ୍ଲିକ(୨୫), ସପନେ ପଧାନ(୩୦), ସରୋଜ ଧରୁଆ(୨୦), ଗୋବର୍ଦ୍ଧନ ପଧାନ(୪୫), ଚୈତନ ବାଗ(୩୦) ଓ ବୈଷାଖୁ ହରପାଲ(୫୦)। ପୋଲିସ ତଦନ୍ତ ଅନୁସାରେ ବିଲାସପୁର ଗାଁର କେତେକ ଯୁବକ ବିଲାସପୁର ଓ ଘଟୁଲଡୁଙ୍ଗୁରୀ ମଝିରେ ଥିବା ଏକ ନିଛାଟିଆ ସ୍ଥାନରେ ରବିବାର ସନ୍ଧ୍ୟାରେ ନିଶା ସେବନ କରୁଥିଲେ। ଏହି ସମୟରେ ସେଠାରୁ ୨ଜଣ ଯୁବକ ଘାଟୁଲଡୁଙ୍ଗୁରୀକୁ ସିଗାରେଟ କିଣିବା ପାଇଁ ଯାଇଥିଲେ। ରାତି ୯ଟା ହୋଇ ଯାଇଥିବା ଓ ଲକ୍‌ଡାଉନ ଯୋଗୁ ଦୀପ ଜାଳିବା କାର୍ଯ୍ୟକ୍ରମ ଥିବାରୁ ଦୋକାନ ଖୋଲି ସିଗାରେଟ ଦେବାକୁ ଦୋକାନୀ କହିଥିଲେ। ଏହାକୁ ନେଇ ସେମାନଙ୍କ ମଧରେ ବଚସା ହୋଇଥିଲା। ଅପରପକ୍ଷରେ ସିଗାରେଟ ଆଣିବାରେ ବିଳମ୍ବ ହେବାରୁ ଅନ୍ୟ ଜଣେ ଯୁବକ ପହଞ୍ଚିଥଇଲେ। ଏହି ସମୟରେ ଗାଁର କେତେକ ବ୍ୟକ୍ତି ଉକ୍ତ ୩ଜଣଙ୍କୁ ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ଉକ୍ତ ତିନିଜଣ ଗାଁକୁ ନ ଫେରିବାରୁ ମୃତକ ରାଜେଶଙ୍କ ସମେତ ଅନ୍ୟ ୫ରୁ ୭ ଯୁବକ ଘାଟୁଲଡୁଙ୍ଗୁରୀକୁ ଆସିଥିଲେ। ସେମାନେ ଗଣ୍ଡଗୋଳ କରିବାକୁ ଆସିଥିବା ମନେ କରି ଗାଁର କେତେକ ଲୋକ ଠେଙ୍ଗାଧରି ସମସ୍ତଙ୍କୁ ଗୋଡାଇଥିଲେ। ଅନ୍ୟମାନେ ଖସି ପଳାଇଥିବା ବେଳେ ରାଜେଶ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ସଂଘବଦ୍ଧ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝୀ ଗାଁରେ ପହଞ୍ଚି ଖୁଣ୍ଟରେ ବନ୍ଧା ହୋଇଥିବା ୩ ଜଣଙ୍କୁ ଉଦ୍ଧାର କରିଥିଲେ। ପରଦିନ ଅଜା ନାକା ଭୂଏ ରାଜେଶଙ୍କ ନିଖୋଜ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରି ନାଳରୁ ତାଙ୍କ ମୃତଦେହ ଜବତ କରିଥିଲା।

# ଶୀତଳାପଲ୍ଲୀରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ



କୋଭିଡ ହସ୍ପିଟାଲ।

■୧୫ ଆଇସିୟୁରେ ଭେଣ୍ଟିଲେଟର ସୁବିଧା
■ଏମ୍‌କେସିଜି ଡାକ୍ତର, ନର୍ସ କରିବେ ରୋଗୀସେବା

ଛତ୍ରପୁର,୧୦।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ଶୀତଳାପଲ୍ଲୀଠାରେ ଥିବା ଟାଟାଷ୍ଟିଲ ମେଡ଼ିକାଲ ହସ୍ପିଟାଲକୁ ଟାଟା ଗ୍ରୁପ ସହାୟତାରେ ଓଡିଶା ସରକାରଙ୍କ ପକ୍ଷରୁ କୋଭିଡ୍ ହସ୍ପିଟାଲରେ ପରିଣତ କରାଯାଇଛି। ଶୁକ୍ରବାର ଏହା କାର୍ଯ୍ୟକ୍ଷମ ହୋଇଛି। ଏଥିରେ ୨୦୦ ଶଯ୍ୟା ସହ ୧୫ ଆଇସିୟୁ ବେଡ୍ (ଭେଣ୍ଟିଲେଟର ସହିତ)ର ସୁବିଧା ଅଛି। ଆସନ୍ତା ୧୦ ଦିନ ମଧ୍ୟରେ ଆଉ ୫ ଆଇସିୟୁ ବେଡ୍ (ଭେଣ୍ଟିଲେଟର ସହିତ) କାର୍ଯ୍ୟକ୍ଷମ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଏଠାରେ ଏକ ସ୍ୱତନ୍ତ୍ର ଆଇସୋଲଶନ ୱାର୍ଡ ମଧ୍ୟ ରହିଛି। ଏଥିରେ ୪୦ଟି ବେଡ୍ ରହିଛି। ବ୍ରହ୍ମପୁରସ୍ଥିତ ଏମ୍‌କେସିଜିର ଡାକ୍ତର, ନର୍ସ ଓ ଟେକ୍ନିକାଲ ଷ୍ଟାଫ ଏହି କୋଭିଡ ହସ୍ପିଟାଲରେ ରୋଗୀ ସେବା କରିବେ। ୧୬ ଡାକ୍ତର, ୭୦ ନର୍ସ, ଆଟେଣ୍ଡାଣ୍ଟ ଏବଂ ସଫେଇ କର୍ମଚାରୀ ଏହି ଟିମ୍‌ରେ ଅଛନ୍ତି। ଏମାନଙ୍କ ରହିବା ବ୍ୟବସ୍ଥା ହସ୍ପିଟାଲ କ୍ୟାମ୍ପସରେ କରାଯାଇଛି। ଡାକ୍ତର ଉମା ଶଙ୍କର ମିଶ୍ର ଉକ୍ତ କୋଭିଡ ହସ୍ପିଟାଲର ମେଡିକାଲ ଅଫିସର ଇନ୍‌ଚାର୍ଜ ଥିବାବେଳେ ବିଡିଏ ସେକ୍ରେଟାରୀ ସମିତ ରାଉତ ପ୍ରଶାସନିକ ଅଧିକାରୀ ରହିଛନ୍ତି। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଅତିରିକ୍ତ ଜିଲାପାଳ କବୀନ୍ଦ୍ର ସାହୁ, ଏମ୍‌କେସିଜିର ଅଧୀକ୍ଷକ ଡାକ୍ତର ସନ୍ତୋଷ ମିଶ୍ର, ଏମ୍‌କେସିଜିର ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌କେସିଜିରେ ପୁଣି ୩ କରୋନା ସନ୍ଦିଗ୍ଧ ଭର୍ତ୍ତି

ବ୍ରହ୍ମପୁର ଅଫିସ,୧୦।୪

କରୋନା ଭୂତାଣୁ ଆତଙ୍କ ଏବେ ବିଶ୍ୱକୁ ଆତଙ୍କିତ କରିରଖିଛି। ସଂକ୍ରମଣକୁ ମୁକାବିଲା କରିବା ପାଇଁ ସରକାର ସାରା ଦେଶକୁ ଲକ୍‌ଡାଉନ କରିଛନ୍ତି। ଅନ୍ୟପଟେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ଏମ୍‌କେସିଜି ମେଡିକାଲରେ କରୋନା ସନ୍ଦିଗ୍ଧ ଦିନକୁ ଦିନ ଭର୍ତ୍ତି ହେଉଛନ୍ତି। ଶୁକ୍ରବାର ଭଞ୍ଜନଗର ଅଞ୍ଚଳର ଜଣେ, ଗଜପତି ଅଞ୍ଚଳର ଜଣେ ଓ ଅନ୍ୟଜଣେ ବ୍ୟକ୍ତି ଗୋଳନ୍ଥରା ଅଞ୍ଚଳର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କର ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଛି ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼.ସନ୍ତୋଷ କୁମାର ମିଶ୍ର କହିଛନ୍ତି। ସେହିପରି ପୂର୍ବରୁ ମେଡିକାଲର କରୋନା ୱାର୍ଡରେ ଚିକିତ୍ସିତ ହେଉଥିବା ୩ ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ଏବେ ସୁଦ୍ଧା ଆସିପାରିନାହିଁ ବୋଲି ସେ କହିଛନ୍ତି। ମାର୍ଚ୍ଚ ୧୩ ତାରିଖରୁ ଏମ୍‌କେସିଜି ମେଡିକାଲରେ କରୋନା ୱାର୍ଡରେ ଭର୍ତ୍ତି ହୋଇଥିବା ସମସ୍ତ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯାଇଛି ବୋଲି ଅଧୀକ୍ଷକ ମିଶ୍ର ସୂଚନା ଦେଇଛନ୍ତି। ଏବେ ମେଡିକାଲର କରୋନା ୱାର୍ଡରେ ୬ ଜଣ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି।

**କରୋନା ୱାର୍ଡରେ ୬ ବ୍ୟକ୍ତି ଚିକିତ୍ସିତ**

## ସଂକ୍ଷେପରେ

### ରିଲିଫ୍ ପାଣ୍ଠିକୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଙ୍କ ଦାନ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୦।୪:** କରୋନା ମୁକାବିଲା ପାଇଁ କନ୍ଧମାଳ ଜିଲାର ୪ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଜଣେ ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ଦାନ କରିଛନ୍ତି। ଶୁକ୍ରବାର ସେମାନେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କୁ ଭେଟି ମୋଟ ୨୭ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ପବିଙ୍ଗିଆ ୟୁପି ସ୍କୁଲ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଭୋଇ, ସାଇଟିଙ୍ଗିଆ ୟୁପି ସ୍କୁଲ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାତ୍ର, ସ୍ରାଡିମୁଣ୍ଡା ୟୁପି ସ୍କୁଲର ଶିକ୍ଷକ ଅନୀଲ କୁମାର ଦିଗାଲ, ମଣିପଦର ୟୁପି ସ୍କୁଲର ଶିକ୍ଷକ ଧରିତ୍ରୀ ପ୍ରଧାନ ଏବଂ ଫୁଲବାଣୀ ପବ୍ଲିକ ସ୍କୁଲର ଛାତ୍ରୀ ସୁଶ୍ରୀ ପ୍ରତୀକ୍ଷା ପାତ୍ର ଏହି ଅର୍ଥ ପ୍ରଦାନ କରିଥିଲେ।

### ଦିଗପହଣ୍ଡିରେ ସମୂହ ସ୍ୱାସ୍ଥ୍ୟ ଯାଞ୍ଚ

**ଦିଗପହଣ୍ଡି,୧୦।୪(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକର ସମସ୍ତ ପଞ୍ଚାୟତ ଓ ଏନ୍‌ଏସିର ସମସ୍ତ ୱାର୍ଡରେ ଘରକୁ ଘର ବୁଲି ସମୂହ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଛି। ଏଥିନିମନ୍ତେ ୨୬୭ ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଜଣେ ଶିକ୍ଷକ ଓ ସ୍ୱାସ୍ଥ୍ୟ ସୁପରଭାଇଜର ଅଛନ୍ତି। ସମସ୍ତ ପରିବାରର ତଥ୍ୟ ସଂଗ୍ରହ କରାଯିବ ବୋଲି ବିଡ଼ିଓ ହଳଧର ଶବର କହିଛନ୍ତି। ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ, ଅକ୍ଷୟ ମଲ୍ଲିକ ଓ ଭଗବାନ ପାତ୍ରଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଶୁକ୍ରବାର କୁଶପଡ଼ା, ଆଙ୍କୋରଡ଼ା, ସିଦ୍ଧେଶ୍ୱର, ବାସୁଦେବପୁର, ଗୋକର୍ଣ୍ଣପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ସମେତ ଦିଗପହଣ୍ଡି ସହରର ଅନେକ ୱାର୍ଡ ପରିଦର୍ଶନ କରି ସମୂହ ସ୍ୱାସ୍ଥ୍ୟ ଯାଞ୍ଚ ବ୍ୟବସ୍ଥା ତଦାରଖ କରିଥିଲେ।

### ୨୫ ପଞ୍ଚାୟତରେ ୪୫୦ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ୍ ଗୃହ

**ଦାରିଙ୍ଗବାଡ଼ି,୧୦।୪(ଡି.ଏନ.ଏ.):** ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅସ୍ଥାୟୀ କୋଭିଡ-୧୯ ହସ୍ପିଟାଲ କରାଯାଇଥିବାବେଳେ ସମସ୍ତ ୨୫ ପଞ୍ଚାୟତରେ ୪୫୦ ଶଯ୍ୟାର କ୍ୱାରାଣ୍ଟାଇନ ବ୍ୟବସ୍ଥା କରାଯାଇଛି। ବାହାର ରାଜ୍ୟ ଏବଂ ଜିଲାରୁ ଆସିଥିବା ଲୋକଙ୍କୁ ସେଠାରେ ରଖାଯାଉଛି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିପାଇଁ ସମସ୍ତ ପଞ୍ଚାୟତରେ କରାଯାଇଥିବା କ୍ୱାରାଣ୍ଟାଇନ କକ୍ଷରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସହ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ସମସ୍ତ ପଞ୍ଚାୟତରେ ନୋଡାଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ବିଡିଓ ଡ. ଜଗଦୀଶ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ କର୍ମଚାରୀ ଏଥିରେ ନିୟୋଜିତ ହୋଇଛନ୍ତି।

### ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମରେ ସଚେତନ କଲେ ବିଧାୟିକା

**ଆସିକା,୧୦।୪(ଡି.ଏନ୍.ଏ.):** ଆସିକା ବ୍ଲକ ହରିପଡ଼ାପଦର ପଞ୍ଚାୟତ ମଣ୍ଡାପଡା ଗ୍ରାମର ପ୍ରତ୍ୟେକ ଘରେ ଶୁକ୍ରବାର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଏହି କାର୍ଯ୍ୟରେ ନିୟୋଜିତ ଟିମ୍ ସହ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ସାମିଲ ହୋଇ ଲୋକଙ୍କୁ ସଚେତନ କରାଇଥିଲେ। ସମସ୍ତେ ମାସ୍କ ବ୍ୟବହାର କରିବା, ଆବଶ୍ୟକ ନ ହେଲେ ଘରୁ ନ ବାହାରିବା, ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ବାରମ୍ବାର ସାବୁନରେ ହାତ ଧୋଇବାକୁ ପରାମର୍ଶ ଦେଇଥିଲେ। ପରେ ବିଧାୟିକା ଜୟପୁର ଓ ବରଗାଁ ପଞ୍ଚାୟତକୁ ଯାଇ କରୋନା ପ୍ରତିହତ ନିବେଦନ କରିଥିଲେ। ସେ ବିଭିନ୍ନ ସ୍ଥାନରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ କରିଥିଲେ।

## ୧୪୮୧୬ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ୍ ଅବଧି ସରିଲା

ଛତ୍ରପୁର,୧୦।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ୧୪୮୧୬ ଜଣ ବିଦେଶ ଓ ଅନ୍ୟ ରାଜ୍ୟ ଫେରନ୍ତା ହୋମ୍ କ୍ୱାରାଣ୍ଟାଇନ ଅବଧି ସରିଛି। ଏଥିରେ ୭୨୮ ଜଣ ବିଦେଶ ଫେରନ୍ତା ଓ ୧୪୦୮୮ ଜଣ ରାଜ୍ୟ ବାହାରୁ ଆସିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମୋଟ ୭୬୧ଜଣ ବିଦେଶରୁ ଫେରିଥିବାବେଳେ ଆହୁରି ୩୩ ଜଣ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି। ସେହିପରି ୨୯,୨୦୯ ଅନ୍ୟରାଜ୍ୟରୁ ଘରକୁ ଫେରି ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ଏମାନଙ୍କ ମଧ୍ୟରୁ ୧୪,୧୨୧ ଜଣ ହୋମ କ୍ୱାରେଣ୍ଟାଇନରେ ଥିବା ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୩୧୧ ଜଣ କରୋନା ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା କରାଯାଇଥିଲା। ତେବେ କାହା ପାଖରେ ପଜିଟିଭ ମିଳି ନ ଥିବା ଜିଲାପାଳ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧ ଲକ୍ଷ ସହାୟତା

ଧରାକୋଟ,୧୦।୪(ଡି.ଏନ.ଏ.)

ଧରାକୋଟ ବ୍ଲକ ରାଇସ୍ ମିଲ ମାଲିକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ (କୋଭିଡ୍ ଫଣ୍ଡ)କୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସଂଘ ତରଫରୁ ଧରାକୋଟ ବିଡିଓ ବିବୁଧ ଗଡ଼ନାୟକଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସଂଘ ତରଫରୁ ଜଗନ୍ନାଥ ପାତ୍ର, ପି. ଅରକ୍ଷିତ ପାତ୍ର, ସତ୍ୟ ନାରାୟଣ ପାତ୍ର, ପ୍ରତାପ ଗୌଡ଼, ସୁଧାକର ସ୍ୱାଇଁ, ସନ୍ତୋଷ ପାଢ଼ୀ ପ୍ରମୁଖ ଏହି ଚେକ୍ ପ୍ରଦାନ କରିଥିଲେ।

## କ୍ୱାରାଣ୍ଟାଇନ୍‌ରେ ୫ ଭୁବନେଶ୍ୱର ଫେରନ୍ତା

ଭଞ୍ଜନଗର,୧୦।୪(ଡି.ଏନ.ଏ.)

**ଗାମୁଣ୍ଡିରେ ଯାତ୍ରା ପରିଚାଳକଙ୍କ ସମେତ ଦଣ୍ଡୁଆ ଅଟକ**

ଭୁବନେଶ୍ୱରରୁ ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ଗ୍ରାମକୁ ୫ ଜଣ ଚାଲିଚାଲି ଆସିଛନ୍ତି। ଶୁକ୍ରବାର ସେମାନେ ଗାଁରେ ପହଞ୍ଚିଥିବା ବ୍ଲକ ପ୍ରଶାସନ ସୂଚନା ପାଇଥିଲା। ପରେ ସମ୍ପୃକ୍ତ ୫ଜଣଙ୍କୁ ଏନ୍‌ଏସି ପକ୍ଷରୁ ଟାଉନ ହଲ୍‌ରେ ହୋଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି। ଅନ୍ୟପକ୍ଷରେ କରୋନା ପାଇଁ ଦଣ୍ଡନାଚରେ କଟକଣା ଲଗାଯାଇଛି। ଭଞ୍ଜନଗର ଥାନା ଅନ୍ତର୍ଗତ ଗାମୁଣ୍ଡିରେ ଶୁକ୍ରବାର ଦଣ୍ଡ ଉଠାଇବା ପାଇଁ ୩ ଦଣ୍ଡୁଆ ମନ୍ଦିରକୁ ଯାଉଥିଲେ। ଗାଁ ଦାଣ୍ଡରେ ଏଥିପାଇଁ ଭିଡ଼ ହୋଇଥିଲା। ଏହି ଖବର ମିଳିବା ପରେ ବିଡିଓ ଅନିଲ କୁମାର ସେଠୀ ପୋଲିସ ଫୋର୍ସ ସହ ଗ୍ରାମରେ ପହଞ୍ଚି ଦଣ୍ଡନାଚ ପରିଚାଳକ, ଗ୍ରାମର ଜଣେ ବ୍ୟକ୍ତି ଏବଂ ୩ ଦଣ୍ଡୁଆଙ୍କୁ ଥାନାକୁ ନେଇଥିଲେ। ଯେଉଁଠି ଦଣ୍ଡ ଉଠିବ, ସମ୍ପୃକ୍ତ ଗ୍ରାମ କାଳୀମନ୍ଦିର ପରିସରରେ କେବଳ ହାତଗଣତି କେତେଜଣ ଦଣ୍ଡୁଆଙ୍କୁ ପୂଜା କରିବା ପାଇଁ ଅନୁମତି ଦିଆଯାଉଛି। ବାହାରେ ଦଣ୍ଡୁଆ ଆଦୌ ବୁଲିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଶୁକ୍ରବାର ବ୍ଲକର ଆଦିବାସୀ ବହୁଳ ଉଲିଙ୍ଗିଆ, ଭାଲିଙ୍ଗିଆ ଗ୍ରାମକୁ ଯାଇ କରୋନା ପ୍ରତିହତ ପାଇଁ ଗ୍ରାମରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।

## ଶେରଗଡ଼ରେ ବିଶୋଧନ ପ୍ରକ୍ରିୟା ଆରମ୍ଭ


ମେଡିକାଲରେ ବିଶୋଧନ କରାଯାଉଛି।

ଶେରଗଡ଼,୧୦।୪(ଡି.ଏନ.ଏ.)

ଶେରଗଡ଼ରେ ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ବିଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଅଗ୍ନିଶମ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀମାନଙ୍କ ଉପସ୍ଥିତିରେ ଏହା ଆରମ୍ଭ କରାଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ଼. ଦୟାସିନ୍ଧୁ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମେ ଶେରଗଡ଼ ମେଡିକାଲ, ଏଟିଏମ୍ କାଉଣ୍ଟର, ବଜାରରେ ଥିବା ମୁଖ୍ୟଜାଗାଗୁଡିକୁ ବିଶୋଧନ କରାଯାଇଛି।

## ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲା ମହିଳା ସଂଘ

ବେଗୁନିଆପଡା,୧୦।୪(ଡି.ଏନ.ଏ.)

ବେଗୁନିଆପଡା ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଛି। ଦୋକାନ ବଜାରରେ ଚୋରା ମଦ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପାଉଚ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ବେଗୁନିଆପଡା ଫାଣ୍ଡି ଅନ୍ତର୍ଗତ ଚନ୍ଦନପୁର ଗ୍ରାମରେ ଚୋରା ମଦ ବିକ୍ରି ହେବା ଫଳରେ ଆଖପାଖ ଗ୍ରାମରୁ ଅନେକ ଲୋକ ଆସୁଛନ୍ତି। ମଦ ପାଇଁ ଗହଳି ହେବାରୁ ଗ୍ରାମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଗୁରୁବାର ଗାଁରେ ବିକ୍ରି କରୁଥିବା ଚୋରା ବେପାରୀଙ୍କ ଘରକୁ ଯାଇ ମଦ ବିକ୍ରି ବନ୍ଦ କରିବାକୁ କହିଥିଲେ। ଶୁକ୍ରବାର କେତେ ଜଣ ବେପାରୀ ପୁଣି ମଦ ବିକ୍ରି କରିବା ସହିତ ମହିଳାଙ୍କୁ ଧମକ ଦେଉଥିବା ଜଣାପଡିବା ପରେ ପୁଣି ମହିଳାମାନେ ବେଗୁନିଆପଡା ଫାଣ୍ଡିକୁ ଖବର ଦେବା ସହିତ ବେପାରୀଙ୍କ ଘରକୁ ଯାଇ ତାଗିଦ କରିଥିଲେ। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଦୀପ୍ତୀ ରଞ୍ଜନ ବେହେରାଙ୍କୁ ପଚାରିବାରୁ ମହିଳା ସଂଘ ଚୋରା ମଦ ବନ୍ଦ କରିବା ପାଇଁ ସହଯୋଗ ମାଗିଛନ୍ତି। ଆମେ ନିଶ୍ଚିତ ସେମାନଙ୍କୁ ସାହାଯ୍ୟ କରିବୁ।

## ଶିକାରୀ ଗୁଳିରେ ଆହତ ହରିଣ ଉଦ୍ଧାର

ସୋରଡା,୧୦।୪(ଡି.ଏନ୍.ଏ.)

ସୋରଡା ବ୍ଲକ ଅସୁରବନ୍ଧ ବନାଞ୍ଚଳ ଖାରିକୋଟି ଜଙ୍ଗଲରୁ ଶିକାରୀ ଗୁଳିରେ ଗୁରୁତର ହୋଇ ଦୌଡ଼ୁଥିବା ଏକ ମାଈ ହରିଣକୁ ବନ ବିଭାଗ କର୍ମଚାରୀ ଶୁକ୍ରବାର ଉଦ୍ଧାର କରିଛନ୍ତି। ସୋରଡା ପ୍ରାଣୀଧନ ଚିକିତ୍ସକ ଡାକ୍ତର ପ୍ରକାଶ ବିଶାଳ ୨ ଘଣ୍ଟା ଧରି ଆସ୍ତ୍ରୋପଚାର କରିଥିଲେ। ମାତ୍ର ହରିଣ ପେଟରେ ଗୁଳିଟି ରହିଯାଇଥିବା ଡାକ୍ତର ଅନୁମାନ କରିଛନ୍ତି। ତେଣୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ଓୟୁଏଟିକୁ ନେବାକୁ ବନବିଭାଗକୁ ପରାମର୍ଶ ଦେଇଛନ୍ତି। ବନାଧିକାରୀ ଭଗବାନ ବିଷୋୟୀ କହିଛନ୍ତି ଯେ, ଏବେ ହରିଣଟିକୁ ବିଭାଗର କଡା ନଜରରେ ରଖି ଚିକିତ୍ସା କରାଯିବ। ଗାଜଲବାଡ଼ି, ଅସୁରବନ୍ଧ ବନାଞ୍ଚଳର ଘଞ୍ଚ ଜଙ୍ଗଲରେ ବହୁ ସଂଖ୍ୟାରେ ହାତୀ, ସମ୍ବର, କୁଟୁରା, ହରିଣ ରହୁଥିବାବେଳେ ଏଠାରେ ଅବାଧ ଶିକାର ହେଉଛି।



## ମାସ୍କ ନାହିଁ ତ ରାଶନ ନାହିଁ

ରାଇକିଆ,୧୦।୪(ଡି.ଏନ୍.ଏ.)



ମାସ୍କ ବ୍ୟବହାରକୁ କଡାକଡି କରାଯିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏ ନେଇ ସଚେତନତା କରାଯାଉଛି। ମାସ୍କ ବଣ୍ଟନ ମଧ୍ୟ କରାଯାଉଛି। ଏକ୍ଷେତ୍ରରେ ରାଇକିଆ ବଣିକ ସଂଘ ଏକ ଅଭିନବ ପଦକ୍ଷେପ ନେଇଛି। ମାସ୍କ ନ ପିନ୍ଧି ଆସିଥିବା ଗ୍ରାହକଙ୍କୁ ସାମଗ୍ରୀ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ବଣିକ ସଂଘ ସମ୍ପାଦକ ବିଜୟ ପଣ୍ଡା କହିଛନ୍ତି ସୁରକ୍ଷା ଦୃଷ୍ଟିରୁ ଏହା ଉଭୟ ଗ୍ରାହକ ଏବଂ ଦୋକାନୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସମସ୍ତ ଦୋକାନୀ ମାସ୍କ ପିନ୍ଧିବାକୁ କୁହାଯାଇଥିବା ବେଳେ ଯେଉଁ ଗ୍ରାହକ ମାସ୍କ ନ ପିନ୍ଧି ଆସିବେ ସେମାନଙ୍କୁ ସାମଗ୍ରୀ ଯୋଗାଇ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ସମସ୍ତ ଦୋକାନରେ ପୋଷ୍ଟର ଲଗାଯାଇଛି।

## ଘରେ ପାଳନ ହେଲା ଗୁଡ୍ ଫ୍ରାଇଡେ

ବାଲିଗୁଡା,୧୦।୪(ଡି.ଏନ.ଏ.)

କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ୍। ଗାଡିମୋଟର ସହ ଧର୍ମାନୁଷ୍ଠାନ ବନ୍ଦ କରାଯାଇଛି। ଶୁକ୍ରବାର ଗୁଡ୍ ଫ୍ରାଇଡେ ଥିବାରୁ କନ୍ଧମାଳ ଜିଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳର ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଭଉଣୀଭାଇମାନେ ଚର୍ଚ୍ଚକୁ ନ ଯାଇ ନିଜ ନିଜ ଘରେ ଏହାକୁ ପାଳନ କରିଛନ୍ତି। ସେମାନେ ଘରେ ରହି ବାଇବେଲ ପାଠ ସହିତ ପ୍ରଭୁଙ୍କ ସପ୍ତବାଣୀ ପାଠ ଓ ପ୍ରାର୍ଥନା କରିଛନ୍ତି। ଯୀଶୁଙ୍କୁ ସମଗ୍ର ବିଶ୍ୱରୁ କରୋନା ମହାମାରୀକୁ ସମ୍ପୂର୍ଣ୍ଣ ଦୂରେଇବା ସହ ସମଗ୍ର ବିଶ୍ୱବାସୀଙ୍କୁ ସୁସ୍ଥ ରଖିବା ପାଇଁ ପ୍ରାର୍ଥନା କରିଥିଲେ।

## ବିଶୋଧନ ହେଲା ଆର.ଉଦୟଗିରି, ନୂଆଗଡ

ଆର.ଉଦୟଗିରି,୧୦।୪(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି, ନୂଆଗଡ, ଖଜୁରିପଦା ଓ ବଡପଦା ସହରରେ ପ୍ରଶାସନ ଏବଂ ଅଗ୍ନିଶମ ବିଭାଗ ଦ୍ୱାରା ବିଶୋଧନ କରାଯାଇଛି। ବ୍ଲକର ତହସିଲ, ବ୍ଲକ, ମେଡିକାଲ, ସାହିର ଗଳିକନ୍ଦି ଏବଂ ମୁଖ୍ୟ ରାସ୍ତା ଦୁଇ ପାଖରେ ଦମକଳ ଗାଡି କେମିକାଲ ମିଶା ପାଣି ସିଞ୍ଚନ କରି ବିଶୋଧନ କରିଛି। ଲକ୍‌ଡାଉନ କଟକଣା ମାନି ଓ ସମାଜିକ ଦୂରତ୍ୱ ରକ୍ଷା କଲେ ନିଶ୍ଚିତ ଭାବେ ଆମେ କୋଭିଡ-୧୯ ସହ ଲଢେଇ କରି ଜିତି ପାରିବା। ଏଥିସହ ସ୍ୱଚ୍ଛତା ଉପରେ ଧ୍ୟାନଦେବା ନିତ୍ୟାନ୍ତ ଆବଶ୍ୟକ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା ପଞ୍ଚାୟତ ପକ୍ଷରୁ ସଚେତନତା କରାଯାଉଛି। ପଞ୍ଚାୟତର ପିଇଓମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆର.ଉଦୟଗିରି ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ବିଡିଓ ପ୍ରଦୀପ କୁମାର ନାୟକ ଓ ନୂଆଗଡ ତହସିଲଦାର ପ୍ରଫୁଲ୍ଲ କୁମାର କୁଜୁରୁ ଓ ବିଡିଓ ଲାବନ୍ୟେନ୍ଦୁ ମାହାନ୍ତିଙ୍କ ଉପସ୍ଥିତରେ ବିଶୋଧନ ହୋଇଥିଲା।

## ଆରମ୍ଭ ହେଲା ହରିଣ ପାର୍କ ସ୍ଥାନାନ୍ତର ପ୍ରକ୍ରିୟା

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

■ପ୍ରଥମ ଦିନରେ ଲଖାରିକୁ ଗଲେ ୭ ହରିଣ

ବ୍ରହ୍ମପୁର ଅଫିସ,୧୦।୪

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ହରିଣ ଉଦ୍ୟାନ ସ୍ଥାନାନ୍ତର ପ୍ରକ୍ରିୟା ଶୁକ୍ରବାରରୁ ଆରମ୍ଭ ହୋଇଛି। ସେଣ୍ଟ୍ରାଲ ଜୁ ଅଥରିଟି ଅଫ ଇଣ୍ଡିଆ ନିର୍ଦ୍ଦେଶନାମାର ୯ ବର୍ଷ ପରେ ଏହି ପାର୍କକୁ ସ୍ଥାନାନ୍ତର ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଭୋରରୁ ସ୍ୱତନ୍ତ୍ର ଭ୍ୟାନଯୋଗେ ବନ ବିଭାଗ ପକ୍ଷରୁ ହରିଣଙ୍କୁ ପାରଳାଖେମୁଣ୍ଡିର ଲଖାରି ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଥିବା ହରିଣ ପାର୍କ ସ୍ଥାନାନ୍ତର ନେଇ ସେଣ୍ଟ୍ରାଲ ଜୁ ଅଥରିଟି ଅଫ ଇଣ୍ଡିଆର ନିର୍ଦ୍ଦେଶ ରହିଥିଲା। ଏହାପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ହରିଣ ପାର୍କ ସ୍ଥାନାନ୍ତର ନେଇ ବନବିଭାଗକୁ ଚିଠି କରାଯାଇଥିଲା। ଏପରିକି ୨୦୧୭ ମାର୍ଚ୍ଚ ୩୧ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥାନାନ୍ତର ଖର୍ଚ୍ଚ ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ବହୁବାର ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚିଠି କରାଯିବା ପରେ ବ୍ରହ୍ମପୁର ଡିଏଫଓଙ୍କ ପକ୍ଷରୁ ହରିଣଙ୍କ ସ୍ଥାନାନ୍ତର ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହରିଣଙ୍କୁ ପାରଳାଖେମୁଣ୍ଡିର ଲଖାରି ଅଞ୍ଚଳରେ ୨ ହେକ୍ଟର ଜମି ଚିହ୍ନଟ କରାଯିବା ସହ ମାର୍ଚ୍ଚ ୧୫ରେ ଉକ୍ତ ଅଞ୍ଚଳରେ ଏନ୍‌କ୍ଲୋଜର କାର୍ଯ୍ୟ ଶେଷ ହୋଇଥିଲା। ଅପରପକ୍ଷରେ ଡିସେମ୍ବରରେ ନନ୍ଦନକାନନର ଏକ ଦଳ ହରିଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସମସ୍ତେ ସୁସ୍ଥ ଥିବା ନେଇ ରିପୋର୍ଟ ପ୍ରଦାନ ପରେ ବନ ବିଭାଗ ପକ୍ଷରୁ ସ୍ଥାନାନ୍ତର ନେଇ ପଦକ୍ଷେପ ନିଆଯାଇଥିଲା। ତେବେ ଗତ କିଛିଦିନ ପୂର୍ବେ ରାଜ୍ୟ ସରକାରଙ୍କ ପକ୍ଷରୁ ହରିଣଙ୍କ ସ୍ଥାନାନ୍ତର ନିମନ୍ତେ ସ୍ୱତନ୍ତ୍ର ଭ୍ୟାନ ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ ଶୁକ୍ରବାରଠାରୁ ହରିଣଙ୍କ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମଦିନରେ ୭ ହରିଣଙ୍କୁ ଲଖାରି ଅଞ୍ଚଳକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ସମସ୍ତ ହରିଣଙ୍କୁ ସ୍ଥାନାନ୍ତର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟରେ ଉଭୟ ବ୍ରହ୍ମପୁର ଓ ପାରଳାଖେମୁଣ୍ଡି ବନଖଣ୍ଡ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଡିଏଫଓ ଅମ୍ଳାନ କୁମାର ନାୟକ ସୂଚାଇଛନ୍ତି।



ହରିଣଙ୍କୁ ସ୍ଥାନାନ୍ତରଣରେ ନିୟୋଜିତ ଭ୍ୟାନ ।

## ସଂକ୍ଷେପରେ

### ଅମାନିଆଙ୍କୁ ଛାଟ

ବାରିପଦା ଅଫିସ, ୧୦।୪- ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ଗୁରୁବାର ପାଟ୍ରୋଲିଂ ଓ ଯାଞ୍ଚ କରାଯାଉଥିବା ସମୟରେ ବିଭିନ୍ନ ଥାନାରେ ଲକ ଡାଉନ କଟକଣା ଉଲ୍ଲଂଘନ କାରଣରୁ ୨୨ଟି ମାମଲା ରୁଜୁ ହୋଇଛି। ୧୬ଟି ଲକ ଡାଉନ ନିୟମ ଉଲ୍ଲଂଘନ କରିବା, ୨ଟି ମାମଲା ଦୋକାନୀମାନେ ସାମାଜିକ ଦୂରତ୍ୱ ପାଳନ ନ କରିବା ଏବଂ ୪ଟି ମାମଲା ମାସ୍କ ନ ପିନ୍ଧିବା ନେଇ ରୁଜୁ ହୋଇଛି। ଏନେଇ ୨୯ ଜଣଙ୍କୁ ଗିରଫ ପରେ ଜାମିନରେ ଛାଡ଼ି ଦିଆଯାଇଛି। ସେହିଭଳି ୧୩୫ଟି ଗାଡ଼ି ଜବତ କରାଯିବା ସହିତ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ଦୋକାନୀଙ୍କୁ ଉଠାଇନେଲା ପୋଲିସ

ବସ୍ତା, ୧୦।୪ (ଡି.ଏନ.ଏ.)- ଲକ୍‌ଡାଉନ ନିର୍ଦ୍ଦେଶକୁ କଡାକଡି ମାନିବା ପାଇଁ ବାରମ୍ବାର ତାଗିଦ୍ କରାଯାଉଥିବା ସତ୍ତ୍ୱେ ବସ୍ତା ଥାନା ପତ୍ରଝଡା ପଞ୍ଚାୟତ କୁଶଡିହା ବଜାରରେ ଜଣେ ବ୍ୟବସାୟୀ ଦୋକାନ ଖୋଲି କାରବାର କରୁଥିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି। ଏହି ଦୋକାନୀ ବିରୋଧରେ ମାମଲା ରୁଜୁ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ଘରେ ଘରେ ଔଷଧ ପହଞ୍ଚାଉଛି ପୋଲିସ

ଆରଡି, ୧୦।୪(ଡି.ଏନ.ଏ.)- ଲକ୍‌ଡାଉନ ସମୟରେ ଭଦ୍ରକ ଜିଲା ଆରଡି ଫାଣ୍ଡିର କର୍ମଚାରୀମାନେ ଆରଡି, ନାନ୍ଦପୁର, ଓଲଗ, ସୁନ୍ଦରପୁର ଆଦି ପଞ୍ଚାୟତର ୨୩ଖଣ୍ଡ ଗାଁରେ ଔଷଧ ପହଞ୍ଚାଉଛନ୍ତି। ସୂଚନା ଅନୁସାରେ ଯେଉଁ ପରିବାରରେ ୬୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଥିବେ, ସେମାନଙ୍କ ମେଡିସିନ ଆଣିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବ, ସେମାନେ ନିଜର ପ୍ରେସକ୍ରିପଶନ ଓ ଆବଶ୍ୟକ ଅର୍ଥରାଶି ସକାଳେ ଆଣି ଫାଣ୍ଡିରେ ଦେଉଛନ୍ତି। ଫାଣ୍ଡି ପୋଲିସ ଭଦ୍ରକରୁ ଔଷଧ ମଗାଇ ଅପରାହ୍ନରେ ସେମାନଙ୍କ ଘରେ ଔଷଧ ପହଞ୍ଚାଇ ଦେଉଛନ୍ତି। ବୁଧବାରଠାରୁ ଏହି କାର୍ଯ୍ୟ ଚାଲୁ ରହିଛି। ଶୁକ୍ରବାର ପ୍ରାୟ ୧୫ଟି ପରିବାର ପାଇଁ ଔଷଧ ମଗାଯାଇଥିଲା ଓ ସମସ୍ତଙ୍କୁ ଔଷଧ ପ୍ରଦାନ କରିଥିବା ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ସୂଚନା ଦେଇଛନ୍ତି। ଫାଣ୍ଡି ପୋଲିସ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି।

### ଗରିବଙ୍କୁ ମାସ୍କ ବଣ୍ଟନ, ରିଲିଫ୍ ପାଣ୍ଠିକୁ ଦାନ

ଭୋଗରାଇ, ୧୦।୪(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଏକାଧିକ ସାମାଜିକ ସଙ୍ଗଠନ କରୋନା ମୁକାବିଲା ନିମନ୍ତେ ସହଯୋଗର ହାତ ବଢ଼ାଇଛନ୍ତି। ଭୋଗରାଇ ବିଧାୟକ ଅନନ୍ତ ଦାସ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିଜ ହାତପାଣ୍ଠିରୁ ୫୦ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥରେ ମାସ୍କ, ସାନିଟାଇଜର ଓ ଉନ୍ନତୀକରଣ ପାଇଁ କରାଯିବ ବୋଲି ବିଧାୟକ କହିଛନ୍ତି। ସେହିପରି ଜଳସୋରିଆ ପାନ ମାର୍କେଟ୍ ସଙ୍ଗଠନ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୯୮ହଜାର ଟଙ୍କା ଡ୍ରାଫ୍ଟ ଜରିଆରେ ଭୋଗରାଇ ବିଡ଼ିଓ ସତ୍ୟଜିତ୍ ରାଉତଙ୍କୁ ପ୍ରଦାନ କରାଯାଇଛି। ଏତଦ୍‌ଭିନ୍ନ ୨ହଜାର ଟଙ୍କାର ମାସ୍କ ଗ୍ରାମାଞ୍ଚଳରେ ଦାରିଦ୍ର ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କୁ ବଣ୍ଟନ କରି ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି। ପାନ ମାର୍କେଟ୍‌ର ସଭାପତି ବ୍ରଜଗୋପାଳ ଦାସ, ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଉପସଭାପତି ଦିଲୀପ କୁମାର ପାତ୍ର, ସହସମ୍ପାଦକ ହରିନାରାୟଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା ଓ ଜୟନ୍ତ ଆଧେକ ପ୍ରମୁଖ ଉପସ୍ଥିତ ଥିଲେ।

### ଉଜ୍ଜ୍ୱଳା ଯୋଜନାରେ ଉପଭୋକ୍ତାଙ୍କୁ ମିଳିଲା ଗ୍ୟାସ୍

ଚିତ୍ରଡା, ୧୦।୪(ଡି.ଏନ୍.ଏ.)- କରୋନା ମୁକାବିଲା ପାଇଁ ସାରା ଦେଶ ଲକ୍‌ଡାଉନ୍ ରହିଛି। ମୋରଡା ବ୍ଲକରେ ଗ୍ୟାସ ବିତରକଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଉପଭୋକ୍ତାଙ୍କୁ ୩ ମାସ ପାଇଁ ମାଗଣାରେ ଗ୍ୟାସ ଯୋଗାଣ ଆରମ୍ଭ ହୋଇଛି। ଉପଭୋକ୍ତା ବ୍ୟାଙ୍କ ଆକାଉଣ୍ଟକୁ ଆଗୁଆ ଟଙ୍କା ପଠାଯାଉଛି। ଟଙ୍କା ଆସିବା ପରେ ଉପଭୋକ୍ତାମାନେ ବିତରକଙ୍କ ଠାରୁ ଗ୍ୟାସ କିଣି ପାରିବେ। ଏପ୍ରିଲ ମାସର ଗ୍ୟାସ ପାଇବାର ୧୫ ଦିନ ପରେ ସେମାନେ ମେ' ମାସ ପାଇଁ ବୁକିଂ କରିପାରିବେ।

# ଦୁର୍ଦ୍ଦଶାରେ କ୍ୟାପ୍‌ସିକମ ଚାଷୀ

ବାରିପଦା ଅଫିସ, ୧୦।୪



**କରୋନା ବିପତ୍ତି ଦେଇଛି ଦୁଃଖ**
■ ପୂର୍ବରୁ ଥିଲା କିଲୋ ପ୍ରତି ୪୫, ଏବେ ୧୨ ଟଙ୍କା

ଜମିରେ ନଷ୍ଟ ହେଉଥିବା କ୍ୟାପସିକମ୍ ସହ ସର୍ବେଶ୍ୱର।

କରୋନା ସଂକ୍ରମଣକୁ ରୋକିବା ଲାଗି ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ଏଥିଯୋଗୁ ଜନଜୀବନ ପ୍ରଭାବିତ ହେଉଥିବା ବେଳେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଅଭାବୀ ବିକ୍ରି ସାଙ୍ଗକୁ ଫସଲ ନଷ୍ଟ ହେବା ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଏଭଳି ଦୁର୍ଦ୍ଦଶାର ଶିକାର ହୋଇଛନ୍ତି ମୟୂରଭଞ୍ଜ ଜିଲାର କ୍ୟାପିସିକମ୍ ଚାଷୀ।

ବିଶୋଇ ବ୍ଲକ ଅଧୀନ ମଣଦା ଗ୍ରାମର ସର୍ବେଶ୍ୱର ବେହେରା ୨.୫ ଏକର ଜମିରେ କ୍ୟାପସିକମ୍ ଚାଷ କରିଛନ୍ତି। ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ କ୍ୟାପସିକମ୍ ତୋଳା ହେଉଥିବା ବେଳେ ବିକ୍ରି ହୋଇ ନ ପାରି ତାହା ନଷ୍ଟ ହେଉଛି। ଟମାଟୋ, ବାଇଗଣ ଲଗାଇ ସାରିବା ପରେ ବାହାଘର ସିଜିନକୁ ଆଖି ଆଗରେ ରଖି ପ୍ରତିବର୍ଷ ସେ କ୍ୟାପସିକମ୍ ଚାଷ କରନ୍ତି। ମାର୍ଚ୍ଚ ମାସରେ କ୍ୟାପସିକମ ଫଳୁଥିବାରୁ ସର୍ବେଶ୍ୱର ସେଥିରୁ ଭଲ ଦି'ପଇସା ରୋଜଗାର କରନ୍ତି। ଏପରିକି ସେ ପ୍ରତିବର୍ଷ ଚାଷ ହେଉଥିବା ଆୟରେ ପରିବାର ପ୍ରତିପୋଷଣ କରିବା ସହ ରିଟର୍ଣ୍ଣ ଫାଇଲ ମଧ କରନ୍ତି। ଏବେ କରୋନାକୁ ନେଇ ଲକଡାଉନ କରାଯାଇଥିବାରୁ ଫସଲ ନଷ୍ଟ ହେଉଥିବା ସେ ପ୍ରକାଶ କରିଛନ୍ତି। ପୂର୍ବରୁ ସେ ପ୍ରତିଦିନ ହାରାହାରି ୧୦ କୁଇଣ୍ଟାଲ କ୍ୟାପସିକମ୍ ବାରିପଦା, ବାଲେଶ୍ୱର ଓ କଲିକତାକୁ ପଠାଇଥାନ୍ତି। ଏବେ କେବଳ ବାରିପଦାକୁ କ୍ୟାପସିକମ ପଠାଉଛନ୍ତି। ୨/୩ ଦିନରେ ଥରେ ୬ କୁଇଣ୍ଟାଲ କ୍ୟାପସିକମ୍ ସେ ବାରିପଦାକୁ ପଠାଉଥିବା ବେଳେ ବର୍ତ୍ତମାନ ଅଭାବୀ ବିକ୍ରି ଦେଖା ଦେଉଥିବାରୁ ଆଗ ଭଳି ବେପାର ହେଉ ନ ଥିବା କହିଛନ୍ତି। ଗଛରେ ଫଳ ଧରିଥିଲେ ମଧ କାହିଁକି ତୋଳି ଟଙ୍କା ଖର୍ଚ୍ଚ କରିବେ ଭାବି ନ ତୋଳି ଛାଡ଼ି ଦେଉଥିବାରୁ ତାହା ଗଛରେ ନଷ୍ଟ ହେଉଛି। ପୂର୍ବରୁ କ୍ୟାପସିକମ୍ କିଲୋ ୪୫ ଟଙ୍କାରେ ବିକ୍ରି କରୁଥିବା ବେଳେ ଏବେ ୧୨ଟଙ୍କାରେ ସେ ବେପାରୀମାନଙ୍କୁ ଦେଉଛନ୍ତି। ତୋଳିବା ଖର୍ଚ୍ଚ, ପ୍ୟାକିଂ, ଗାଡ଼ି ଭଡ଼ା ଆଦି ଖର୍ଚ୍ଚକୁ ବାଦ୍ ଦେଲେ ୧ କିଲୋ କ୍ୟାପସିକମ୍‌କୁ ମାତ୍ର ୫ରୁ ୬ଟଙ୍କାରେ ବିକ୍ରି କରୁଥିବା ସର୍ବେଶ୍ୱର କୁହନ୍ତି । ତେଣୁ ସରକାର ତାଙ୍କ ଭଳି ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସେ ଦାବି କରିଛନ୍ତି।

# ଯୋଡ଼ାରେ କୋଭିଡ୍-୧୯ ହସ୍ପିଟାଲ ଲୋକାର୍ପିତ

ଯୋଡ଼ା, ୧୦।୪ (ଡି.ଏନ.ଏ.)

■ ୫୦ଶଯ୍ୟା ବିଶିଷ୍ଟ
ଅତ୍ୟାଧୁନିକ ଆଇସିୟୁ
■ ଭେଣ୍ଟିଲେଟର ବ୍ୟବସ୍ଥା ଉପଲବ୍ଧ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

କେନ୍ଦୁଝର ଜିଲା ଯୋଡାର ଟାଟାଷ୍ଟିଲ ଡାକ୍ତରଖାନାରେ ଏକ ୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ – ୧୯ ହସ୍ପିଟାଲ ଲୋକାର୍ପିତ ହୋଇଛି। ଯୋଡା ପୌରପାଳିକାର ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଆଶିଷ ଠାକରେ ଏହି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଇଯୋଶୀ, ଟାଟାଷ୍ଟିଲ କମ୍ପାନୀର ଜେନେରାଲ ମ୍ୟାନେଜର ଅତୁଲ ଭଟ୍ଟନାଗର ଓ ଯୋଡା ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଟାଟାଷ୍ଟିଲ କମ୍ପାନୀର ଜେନେରାଲ ମ୍ୟାନେଜର ଭଟ୍ଟନାଗରଙ୍କ ସୂଚନାନୁଯାୟୀ ସମୁଦାୟ ୧୮ ଜଣ ଡାକ୍ତର ଏହି ହସ୍ପିଟାଲରେ ରୋଗୀମାନଙ୍କୁ ଚିକିତ୍ସା କରିବା ସହିତ ଡାକ୍ତରଖାନାରେ ଆଇସିୟୁ ଓ ୩ଟି ଭେଣ୍ଟିଲେଟରର ସୁବିଧା ରହିଛି। ଏଠାରେ ସମ୍ପୂର୍ଣ୍ଣ ନିଃଶୁଳ୍କ ସେବା ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଡାକ୍ତରମାନଙ୍କ ସୁରକ୍ଷା ପାଇଁ ପିପିଇ ପୋଷାକ ଓ ମାସ୍କ ଯୋଗାଇ ଦିଆଯାଇଛି। ଜିଲାପାଳ ଠାକରେଙ୍କ ସୂଚନାନୁଯାୟୀ, ବର୍ତ୍ତମାନ ସୁଦ୍ଧା କେନ୍ଦୁଝର ଜିଲାରେ ୩୭ ଜଣ ହୋମ୍ ଆଇସୋଲେଶନ୍‌ରେ ଅଛନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ରାଜ୍ୟରୁ ଆସୁଥିବା ୪୨୭୫ ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଜିଲାରୁ ଏପର୍ଯ୍ୟନ୍ତ ୨୦୦ କୋଭିଡ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏତଦବ୍ୟତୀତ ଗରିବ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କାର୍ଯ୍ୟ ଜାରି ରହିବ ବୋଲି ଜିଲାପାଳ କହିବା ସହିତ ସାମାଜିକ ଦୂରତା ପାଳନ ଏବଂ ମାସ୍କ ପିନ୍ଧିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିବା କହିଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଆନ୍ତଃରାଜ୍ୟ ସୀମାଞ୍ଚଳ ଗୁଡିକ ସିଲ୍ ରହିବ ବୋଲି ସେ ସୂଚନା ଦେଇଥିଲେ ।

# ୦ଟି ରୋଡ୍ ଦୁଇପଟେ ଖୋଲିଲା ଦୋକାନ

ବାଲେଶ୍ୱର ଅଫିସ, ୧୦।୪

କରୋନା ସଂକ୍ରମଣ ରୋକିବା ପାଇଁ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାରଠାରୁ ସହରର ୦ଟି ରୋଡ଼ର ଉଭୟପାର୍ଶ୍ୱରେ ନିର୍ଦ୍ଦିଷ୍ଟ ବ୍ୟବଧାନରେ ପରିବାର ଦୋକାନ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ଏପରିକି ଗ୍ରାହକମାନେ ସାମାଜିକ ଦୂରତ୍ୱ ରକ୍ଷା କରି ପନିପରିବା କିଣିବା ପାଇଁ ଚିହ୍ନଟ କରାଯାଇଛି।

ନୂଆବଜାର ପରିବା ମାର୍କେଟ୍‌ରେ ଉଠାଦୋକାନୀଙ୍କୁ ଅରଡ଼ବଜାର ଓ ଆନନ୍ଦବଜାରକୁ ସ୍ଥାନାନ୍ତର କରାଯାଇଛି। ତଥାପି ଲୋକଙ୍କ ଭିଡ଼ କମୁ ନାହିଁ। ଅନ୍ୟପକ୍ଷରେ ୦ଟିରୋଡ଼ ପ୍ରଶସ୍ତ ହୋଇଯାଇଥିବା ବେଳେ ରାସ୍ତା ପାର୍ଶ୍ୱରେ ଦୋକାନ ବସିବା ପାଇଁ ସ୍ଥାନ ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ସ୍ଥାନରେ ଦୋକାନୀ ସେମାନଙ୍କ ଦୋକାନ ଖୋଲିପାରିବେ ବୋଲି ପରାମର୍ଶ ଦିଆଯାଇଥିଲା। ସେଥିପାଇଁ ପ୍ରଶାସନ ରାସ୍ତାର ଦୁଇ ପାଖରେ ନିର୍ଦ୍ଦିଷ୍ଟ ସ୍ଥାନରେ ଦୋକାନ ପାଇଁ ସ୍ଥାନ ଚିହ୍ନଟ କରିଥିଲା। ପ୍ରତି ଦୋକାନ ମଧ୍ୟରେ ୩୦ ଫୁଟ୍ ଅନ୍ତର ରହିଥିଲା ବେଳେ ଦୋକାନଠାରୁ ସମ୍ମୁଖକୁ ୩ ଫୁଟ୍ ଅନ୍ତରରେ ଲୋକେ ଠିଆ ହେବା ପାଇଁ ଚାରିକୋଣିଆ ଚିହ୍ନ ଦିଆଯାଇଛି। ଯେଉଁଠି ଲୋକେ ଜଣେ ପରେ ଜଣେ ଠିଆ ହୋଇ ସାମଗ୍ରୀ କିଣିପାରିବେ। ଅନ୍ୟପକ୍ଷରେ ନୂଆବଜାର ଅଞ୍ଚଳରେ ଅଳ୍ପ ସ୍ଥାନରେ ଦୋକାନଗୁଡ଼ିକ ରହିଥିବାରୁ ସେଠାରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇପାରୁ ନାହିଁ। କେବଳ ୦ଟିରୋଡ଼ ନୁହେଁ, ଆନନ୍ଦବଜାର, ଅରଡ଼ବଜାର, ତହସିଲ ଅଫିସଠାରୁ ଚିଡ଼ିଆପୋଲ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଖରେ ଦୋକାନ ହେବା ପାଇଁ ଚିହ୍ନଟ କରାଯାଇଛି ବୋଲି ପୌର କାର୍ଯ୍ୟନିର୍ବାହୀ ଜେନା ସୂଚନା ଦେଇଛନ୍ତି। ଚିହ୍ନଟ ସ୍ଥାନରେ ସେହି ଅଞ୍ଚଳର ଦୋକାନୀ ବସିପାରିବେ ଓ ଫାଙ୍କା ସ୍ଥାନରେ ଅନ୍ୟ ଆଉ ଦୋକାନୀ ମଧ୍ୟ ବସିପାରିବେ। ଚିହ୍ନିତ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ଲୋକେ ବସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେନା କହିଛନ୍ତି।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

ବାରିପଦା ଅଫିସ, ୧୦।୪

ମୟୂରଭଞ୍ଜ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଅସହାୟ ଲୋକମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ସୁନିଲ କୁମାର ନାୟକଙ୍କ ନେତୃତ୍ୱରେ ବାରିପଦା ମ୍ୟୁନିସପାଲିଟିର ବିଭିନ୍ନ ୱାର୍ଡ଼ରେ ଲକ୍‌ଡାଉନ ବେଳେ ଅସହାୟ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ସେହିଭଳି ବୁଲା ପଶୁ ପକ୍ଷୀମାନଙ୍କୁ ମଧ ଖାଦ୍ୟ ଦିଆଯାଇଥିଲା। ଏହି ବଣ୍ଟନ କାର୍ଯ୍ୟ ସମୟରେ ସାମଜିକ ଦୂରତା ରକ୍ଷା କରାଯିବା ସହିତ ଲୋକଙ୍କୁ କରୋନା ଭୂତାଣୁରୁ ରକ୍ଷା ପାଇବା ଲାଗି ମାସ୍କ ବ୍ୟବହାର କରିବା ଓ ସାବୁନରେ ହାତ ଧୋଇବା ପାଇଁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରନେତା ଦୁର୍ଯ୍ୟୋଧନ ବେହେରା, ଶଙ୍କର୍ଷଣ ପଣ୍ଡା, ଅବିନାଶ ବେହେରା, ରବୀନ୍ ପାତ୍ର, ସିପୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ମହିଳାଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।

### ମା' ଭଦ୍ରକାଳୀଙ୍କ ଘୋଡ଼ା ମେଳଣ ବାତିଲ

ଭଦ୍ରକ ଅଫିସ, ୧୦।୪

ଶୁକ୍ରବାର ମା' ଭଦ୍ରକାଳୀଙ୍କ ଐତିହାସିକ ଘୋଡ଼ା ମେଳଣ ବାତିଲ ହୋଇଛି। ଆଖପାଖ ଗାଁର କୈବର୍ତ୍ତ ଲୋକମାନେ ଘୋଡ଼ାକୁ ଆଣି ପୂଜା କରନ୍ତି। ଏହି ପୂଜା ରୀତିନୀତି ଘୋଡ଼ା ମେଳଣ ନାମରେ ନାମିତ ହୋଇଆସୁଛି। ଚୈତ୍ର ମାସର ଶେଷରେ ଏହି ପୂଜା ମା' ଭଦ୍ରକାଳୀଙ୍କ ପୀଠରେ ପୌରାଣିକ ରୀତିନୀତିରେ ହୋଇ ଆସୁଥିଲା। କରୋନା ଭୟାବହତାକୁ ନେଇ ହୋଇଥିବା କଟକଣା କାରଣରୁ ଏହି ପରମ୍ପରା ବାତିଲ ହୋଇଛି। କେବଳ ମା'ଙ୍କ ପୀଠରେ ଯଜ୍ଞାଦି ପୂଜାର୍ଚ୍ଚନା କରାଯାଇ ଘୋଡ଼ା ମେଳଣ ପ୍ରକ୍ରିୟା ବାତିଲ କରାଯାଇଛି।

### କୂଅରେ ପଡି ଶିଶୁକନ୍ୟା ମୃତ

ଯୋଡା, ୧୦।୪(ଡି.ଏନ.ଏ.)–କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଜାମୁକୁଣ୍ଡିଆ ଗ୍ରାମର ଅଢେଇ ବର୍ଷର ଶିଶୁ କନ୍ୟା ଗୁରୁବାର କୂଅରେ ପଡି ପ୍ରାଣ ହରାଇଛନ୍ତି । ସେ ଖେଳୁଥିବା ବେଳେ କୂଅ ମଧ୍ୟକୁ ଖସି ପଡିଥିଲେ । ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବଡବିଲ ଡାକ୍ତରଖାନାକୁ ପଠାଇଛି।

### ଭାଲୁ ଅକ୍ରମଣରେ ଯୁବକ ଗୁରୁତର

ପାଟଣା,୧୦।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଉମାକାନ୍ତ ମହାନ୍ତ ଶୁକ୍ରବାର ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସକାଳେ ଉମାକାନ୍ତ ଗାଁ ନିକଟ ଜଙ୍ଗଲରେ ଗାଈ ଚରାଉଥିବା ବେଳେ ଭାଲୁଟି ଆସି ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ୨ ଉଦ୍ଧାର ହରିଣଙ୍କୁ ଜଙ୍ଗଲରେ ଛଡ଼ାଗଲା

ପାଟଣା,୧୦।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ଅସ୍ତଯୋଡି ଗ୍ରାମର ହରିହର ମହାନ୍ତଙ୍କ ଘର ବାଡ଼ି ମଧ୍ୟକୁ ଗୁରୁବାର ଏକ ମାଈ ହରିଣ ପଶି ଆସିଥିଲା। ଖବର ପାଇ ସାହାରପଡା ବନପାଳ ସୁକୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ପରେ ମୟୂରଭଞ୍ଜ ଜିଲା ଯଶିପୁର ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ସେହିପରି ଅନୁରୂପ ଭାବେ ଗୋରାଣ୍ଡି ଯୋଡି ବିଟ୍ ଚୁଆପାଣି ଗ୍ରାମର ରମେଶ ମହାନ୍ତଙ୍କ ବାଡ଼ିକୁ ଶୁକ୍ରବାର ଏକ ଅଣ୍ଡିରା ହରିଣ ପଶି ଆସିଥିଲା। ହରିଣକୁ ପରେ ବନ ବିଭାଗ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଛି।

### ଖବରଦାତାଙ୍କ ମାତୃ ବିୟୋଗ

ସଜନାଗଡ଼, ୧୦।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ କାଣ୍ଡଗରଡ଼ି ପଞ୍ଚାୟତ ବାରୁଦଖାନା ଗ୍ରାମର ଦୈନିକ 'ଧରିତ୍ରୀ'ର ଖବରଦାତା ସନାତନ ମହାନ୍ତିଙ୍କ ମାତା ପାର୍ବତୀ ମହାନ୍ତି (୭୮)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଜିହ୍ୱା କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ବାରୁଦଖାନା ତଥା ଆଖପାଖ ଅଞ୍ଚଳରେ ଧାଈ ଭାବେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗରେ ଅଗ୍ନିକାଣ୍ଡ

ବାଲେଶ୍ୱର ଅଫିସ,୧୦।୪

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଶିଶୁ ବିଭାଗର ଦ୍ୱିତୀୟ ମହଲାରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଅଗ୍ନିକାଣ୍ଡ ହୋଇଥିଲା। ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ପ୍ରଥମ ଓ ଦ୍ୱିତୀୟ ମହଲାରେ ଥିବା ରୋଗୀଙ୍କୁ ତୁରନ୍ତ ବାହାରକୁ କାଢ଼ି ନିଆଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗ ପକ୍ଷରୁ ୩ଟି ଗାଡ଼ି ପହଞ୍ଚି ଦୀର୍ଘ ୨ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କୌଣସି ଜୀବନହାନି ହୋଇ ନ ଥିବା ବେଳେ ଉପର ମହଲାରେ ଥିବା ଶିଶୁମାନଙ୍କ ପାଇଁ ବିଭିନ୍ନପ୍ରକାର ଖେଳନା, ଜରୁରୀ କାଗଜପତ୍ର ପ୍ରମୁଖ ପୋଡ଼ିଯାଇଥିବା ଜଣାପଡ଼ିଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳକିଶୋର, ଟାଉନ ଥାନାଧିକାରିଣୀ ସରୋଜିନୀ ନାୟକ, ସହଦେବଖୁଣ୍ଟା ଥାନାଧିକାରୀ କୃଷ୍ଣକୁମାର ପଲେଇ ପ୍ରମୁଖ ପହଞ୍ଚି ଘଟଣା ସମ୍ପର୍କରେ ତଦାରଖ କରି ପୁନଃ ନିର୍ମାଣ ପାଇଁ ଚେଷ୍ଟା କରାଯାଉଥିବା ଜଣାପଡ଼ିଛି।

# ଲକ୍‌ଡାଉନ୍ ସମୟରେ ଗ୍ରାମରକ୍ଷୀଙ୍କୁ ମାଡ଼: ଯୁବକ ଗିରଫ

ସଜନାଗଡ଼, ୧୦।୪(ଡି.ଏନ.ଏ.)



ଗିରଫ ଯୁବକ।

ବାଲେଶ୍ୱର ଜିଲା ନୀଳଗିରି ଅଧୀନ ରାଧାକିଶୋରପୁର ପଞ୍ଚାୟତ ପରିବା ମାର୍କେଟ୍‌ରେ ବିନା କାରଣରେ ଜଣେ ଯୁବକ ବାଇକ୍ ନେଇ ଯାଉଥିବାରୁ ପୋଲିସ ତାଙ୍କୁ ଅଟକାଇଥିଲା। ଉକ୍ତ ଯୁବକ ଏଥିରେ ଉତ୍ତେଜିତ ହୋଇ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଜଣାପଡିଛି।

ରାଧାକିଶୋରପୁର ପଞ୍ଚାୟତର ପରିବା ହାଟରେ ଗୁରୁବାର ପୂର୍ବାହ୍ନ ୭ଟା ବେଳେ ଗ୍ରାମରକ୍ଷୀ ହରିଶ୍ଚନ୍ଦ୍ର ପାତ୍ର ସାମାଜିକ ଦୂରତା ବଜାୟ ରଖିବା ଲାଗି ଲୋକଙ୍କୁ ତାଗିଦ୍ କରୁଥିଲେ। ଉକ୍ତ ପଞ୍ଚାୟତର ଶଶିଧର ରାଜ ନାମକ ଯୁବକ ବାଇକ୍ (ନଂ. ଓଡ଼ି୦୧କ୍ୟୁ-୩୭୦୫) ଯୋଗେ ହାଟ ଭିତରକୁ ପଶୁଥିବା ବେଳେ ଗ୍ରାମରକ୍ଷୀ ତାଙ୍କୁ ବାରଣ କରିଥିଲେ। ଏଥିରେ ଶଶିଧର ଉତ୍ୟକ୍ତ ହୋଇ ଗ୍ରାମରକ୍ଷୀଙ୍କୁ ଆକ୍ରମଣ କରିଥିଲେ। ପରେ ଗ୍ରାମରକ୍ଷୀ ପାତ୍ର ନୀଳଗିରି ଥାନାରେ ଶଶଧରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୧୨୨/୨୦) ରୁଜୁ ହେବା ସହ ଶଶଧରଙ୍କୁ ଗିରଫ କରାଯାଇଛି। ତାଙ୍କର ବାଇକ୍‌କୁ ଅଟକ ରଖାଯାଇଛି।

# ରକ୍ତଦାନ କଲେ ଜିଲାପାଳ

ବାରିପଦା ଅଫିସ, ୧୦।୪

କରୋନାକୁ ନେଇ ଲକଡାଉନ ହୋଇଥିବାରୁ ବିଭିନ୍ନ ସ୍ଥାନରେ ରକ୍ତଦାନ କାର୍ଯ୍ୟକ୍ରମ ହୋଇପାରୁ ନାହିଁ। ଫଳରେ ଜିଲାରେ ଥିବା ବ୍ଲଡ ବ୍ୟାଙ୍କରେ ରକ୍ତର ଅଭାବ ଦେଖାଦେଇଛି। ଏହାକୁ ଦୂର କରିବା ପାଇଁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନର ଶୁଭାରମ୍ଭ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ବିନୀତ ଭରଦ୍ୱାଜ, ଶିକ୍ଷାନବିଶ ଅଧିକାରୀ ଭୁବନେଶ ଦେବୀଦାସ ପାଟିଲଙ୍କ ସମେତ ୨୬ ଜଣ ଅଧିକାରୀ ରକ୍ତଦାନ କରିଥିଲେ। ଏହି ଭ୍ରାମ୍ୟମାଣ ଯାନ ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନ ବୁଲି ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିବ। ଜିଲାରେ ରକ୍ତର ଅଭାବ ଦେଖା ଦେଉଥିବାରୁ ସ୍ୱେଚ୍ଛାକୃତଭାବେ ଲୋକେ ଆସି ରକ୍ତଦାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।



ଜିଲାପାଳ ବିନୀତ ଭରଦ୍ୱାଜ ରକ୍ତଦାନ କରୁଛନ୍ତି।

# ୯ ବିଦେଶ ଫେରନ୍ତାଙ୍କ ରକ୍ତ ନମୁନା ସଂଗ୍ରହ

ସୋର,୧୦।୪(ଡି.ଏନ୍.ଏ.)– କରୋନା ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ ରାଜ୍ୟ ତଥା ବିଦେଶରୁ ବାଲେଶ୍ୱର ଜିଲା ସୋର ଅଞ୍ଚଳକୁ ଫେରିଥିବା ୩୭ ଜଣ କ୍ୱାରାଣ୍ଟାଇନରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏହି ୯ ଜଣଙ୍କ ମଧ୍ୟରେ ଦୁବାଇରୁ ୪ଜଣ, ହଂକଂରୁ ୨, ଜର୍ମାନରୁ ୧, ମାଲେସିଆରୁ ୧ ଓ ଦକ୍ଷିଣ କୋରିଆରୁ ଜଣେ ଫେରିଥିବା ଜଣାପଡ଼ିଛି। ବାଲେଶ୍ୱରଠାରେ ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି।

# ୯୦୯ କଳାକାରଙ୍କୁ ମିଳିଲା ଆଗୁଆ ଭତ୍ତା

କେନ୍ଦୁଝର,୧୦।୪(ଡି.ଏନ୍.ଏ.)

କରୋନା ଲାଗି ଲକ୍ ଡାଉନ୍ ଚାଲିଥିବା ବେଳେ କେନ୍ଦୁଝର ଜିଲାର ୯୦୯ କଳାକାରଙ୍କୁ ୪ମାସର ଅଗ୍ରୀମ ଭତ୍ତା ଦିଆଯାଇଛି। ସଂସ୍କୃତି ବିଭାଗ ପକ୍ଷରୁ ଜିଲାର ଏହି କଳାକାରମାନଙ୍କୁ ମାର୍ଚ୍ଚରୁ ଜୁନ୍ ମାସ ପର୍ଯ୍ୟନ୍ତ ମାସକୁ ୧୨୦୦ ଟଙ୍କା ହିସାବରେ ପ୍ରତ୍ୟେକ କଳାକାରଙ୍କୁ ୪୮୦୦ ଟଙ୍କା ଲେଖାଏଁ ସେମାନଙ୍କ ଆକାଉଣ୍ଟକୁ ଅନ୍‌ଲାଇନ୍ ଟ୍ରାନ୍ସଫର କରାଯାଇଛି। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏହି ସୂଚନା ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ନିର୍ବାହୀ ଅଧିକାରୀ ଗୁରୁତର

ଖଇରା, ୧୦।୪(ଡି.ଏନ.ଏ.)




ନିର୍ବାହୀ ଅଧିକାରୀଙ୍କୁ ଆମ୍ବୁଲାନ୍ସରେ ଭଦ୍ରକ ନିଆଯାଉଛି।

**ଥାନାରେ ଘଣ୍ଟାଏ ଅପେକ୍ଷା କରି ଫେରିଲେ ବିଡିଓ**

ବାଲେଶ୍ୱର ଜିଲା ଖଇରା ବ୍ଲକର ଜଣେ କର୍ମଚାରୀ ଟ୍ରକ ଧକ୍କାରେ ଗୁରୁତର ହେବା ଏବଂ ସମ୍ପୃକ୍ତ ଟ୍ରକ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ଯାଇଥିବା ଖଇରା ବିଡିଓ ହଟହଟା ହୋଇ ଫେରିବା ମୋ ସରକାରର ବିଫଳତାକୁ ପ୍ରମାଣ କରିଛି। ଖଇରା ବ୍ଲକ ରପେୟା ପଞ୍ଚାୟତରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ବିବେକ ମହାନ୍ତି ଶୁକ୍ରବାର ସମ୍ପୃକ୍ତ ପଞ୍ଚାୟତରେ ରାଶନକାର୍ଡଧାରୀମାନଙ୍କୁ ଟଙ୍କା ବାଣ୍ଟି ସାରି ରାଣିତାଲ-ଧୋବାଗଡିଆ ରାସ୍ତାରେ ଖଇରା ବ୍ଲକ କାର୍ଯ୍ୟାଳୟକୁ ଫେରୁଥିଲେ। ଡୁଙ୍ଗୁରା ବଜାର ନିକଟରେ ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେବାରୁ ସେ ଗୁରୁତର ହେବା ସହ ସଂଜ୍ଞାହୀନ ହୋଇପଡିଥିଲେ। ଖବରପାଇ ଖଇରା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇଁ ବିବେକଙ୍କୁ ଭଦ୍ରକ ପଠାଇଥିଲେ । ନିଜେ ବିଡିଓ ଅଧିକାରୀ ମହାନ୍ତିଙ୍କ ପୁଅଝିଅଙ୍କୁ ସାଙ୍ଗରେ ଧରି ଟ୍ରକ ବିରୋଧରେ ଏତଲା ଦେବାକୁ ଖଇରା ଥାନାକୁ ଯାଇ ୧ ଘଣ୍ଟା ଅପେକ୍ଷା କରିଥିଲେ ମଧ ଏତଲା ନେବାକୁ ସିଟ୍‌ରେ କେହି ନ ଥିଲେ ବା କେହି କ୍ୱାର୍ଟର୍ସରୁ ବାହାରି ନ ଥିଲେ। ବାଧ ହୋଇ ଗୁରୁତର ଅବସ୍ଥାରେ ଥିବା କର୍ମଚାରୀଙ୍କ କଥା ବୁଝିବାକୁ ସେ ପଳାଇଥିଲେ। ମହାନ୍ତିଙ୍କ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ସୁବ୍ରତ କୁମାର ବେହେରାଙ୍କୁ ପଚାରିବାରେ ଅପରାହ୍ନରେ ଦାୟିତ୍ୱରେ ଥିବା ଷ୍ଟାଫ୍ ଜଣକ ଅଳ୍ପ ସମୟ ପାଇଁ ବାହାରକୁ ଯାଇଥିଲେ। ବିଡିଓ ମାତ୍ର ୫ରୁ ୭ ମିନିଟ୍ ଅପେକ୍ଷା କରି ଫେରିଯାଇଛନ୍ତି। ଘଣ୍ଟାଏ ଅପେକ୍ଷା କରିବା କଥାକୁ ସେ ଅସ୍ୱୀକାର କରିଛନ୍ତି ।

# ଅନ୍ଧାରରେ ୬୫ ହଜାର କେନ୍ଦୁପତ୍ର ତୋଳାଳିଙ୍କ ଭାଗ୍ୟ

■ଲକ୍ ଡାଉନ ଯୋଗୁ ସଂଗ୍ରହ ହୋଇପାରୁନି ପତ୍ର
■କ୍ଷତି ସହିବ ଓଡ଼ିଶା ବନ ଉନ୍ନୟନ ନିଗମ

ଜୟପୁର,୧୦।୪(ନି.ପ୍ର.)



ଆଦିବାସୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଆୟର ମୁଖ୍ୟସ୍ରୋତ ଥିବା କେନ୍ଦୁପତ୍ର ବିଭିନ୍ନ କାରଣରୁ ଏବେ ପ୍ରଭାବିତ ହୋଇଛି । ଜୟପୁର ଡିଏଫ୍ଓ କେନ୍ଦୁପତ୍ର ବିଭାଗ ଅଧୀନରେ କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲା ରହିଛି। ଏହି ୩ଟି ଜିଲାରେ ୮ଟି ରେଞ୍ଜ ରହିଥିବା ବେଳେ ଏହା ଅଧୀନରେ ୬୫ ହଜାର କେନ୍ଦୁପତ୍ର ତୋଳାଳି ରହିଛନ୍ତି। ଲକ୍ ଡାଉନ ଯୋଗୁ ପତ୍ର ସଂଗ୍ରହ ହୋଇପାରୁ ନ ଥିବା ଯୋଗୁ ଏବେ ସେମାନଙ୍କ ଭାଗ୍ୟ ଅନ୍ଧାର ଆଡ଼କୁ ଠେଲିହୋଇ ଯାଇଛି।

ଅବିଭକ୍ତ କୋରାପୁଟ ଜିଲା ହେଉଛି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଚାଷ ପରେ ଜିଲାର ଶ୍ରମିକମାନେ ୩ ମାସ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ସେଥିରେ କେନ୍ଦୁପତ୍ର ସଂଗ୍ରହ ଅନ୍ୟତମ। କେନ୍ଦୁପତ୍ର ଖରିଦ ଓ ବିକ୍ରି ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । କେନ୍ଦୁପତ୍ର ବିଭାଗ ଗୋଛା କଟେଇରୁ ଆରମ୍ଭ କରି ପତ୍ର କିଣା ଓ ବିଡ଼ା ବନ୍ଧା ଯାଏ କାମ କରୁଥିବା ବେଳେ ଓଡ଼ିଶା ବନ ଉନ୍ନୟନ ନିଗମ ଏହାର ବିକ୍ରି କରିଥାଏ। ଆଦିବାସୀ କେନ୍ଦୁପତ୍ର ତୋଳାଳିଙ୍କଠାରୁ ଡିଭିଜନ ପତ୍ର ସଂଗ୍ରହ କରିବା ପରେ ଏହାକୁ ଓଏଫ୍‌ଡିସି ଟେଣ୍ଡର ମାଧ୍ୟମରେ ବିକେ। ପ୍ରତି ବର୍ଷ ୨୦ରୁ ୩୦ କୋଟି ଟଙ୍କାର କେନ୍ଦୁପତ୍ର ବେପାର ହୁଏ। ଗ୍ରୀଷ୍ମ ପୂର୍ବରୁ ଫେବୃୟାରୀ ଦ୍ୱିତୀୟ ସପ୍ତାହରୁ ଗୋଛାକଟା ଆରମ୍ଭ ହୋଇ ମାର୍ଚ୍ଚ ଯାଏ ଚଳେ। ଏପ୍ରିଲରୁ ମେ ଯାଏ କେନ୍ଦୁପତ୍ର ସଂଗ୍ରହ ହୁଏ। କିନ୍ତୁ ଚଳିତ ବର୍ଷ ପ୍ରଥମେ ଅଦିନିଆ ବର୍ଷା ଯୋଗୁ ଗୋଛକଟା ବିଳମ୍ବିତ ହୋଇଥିଲା। ମାର୍ଚ୍ଚ ମାସରୁ ଲକ୍ ଡାଉନ ଆରମ୍ଭ ହୋଇ ଏପ୍ରିଲ ଶେଷ ପର୍ଯ୍ୟନ୍ତ ରହିବ। ଏହି ଲକ୍ ଡାଉନ ଯୋଗୁ ପତ୍ର ସଂଗ୍ରହ ହୋଇପାରୁ ନାହିଁ। ଫଳରେ ୬୫ ହଜାର କେନ୍ଦୁପତ୍ର ତୋଳାଳିଙ୍କ ପରିବାର ଚିନ୍ତାରେ ରହିଛନ୍ତି। ଏହି ସମୟରେ ପ୍ରତ୍ୟେକ ପରିବାର ୧୫ ହଜାର ଟଙ୍କା ରୋଜଗାର କରନ୍ତି। କିନ୍ତୁ ଲକ୍ ଡାଉନ ଯୋଗୁ ସେମାନଙ୍କ ଜୀବିକା ବନ୍ଦ ହେବା ସହ ଜୀବନ ପ୍ରଭାବିତ ହୋଇଛି। କେନ୍ଦୁପତ୍ର କ୍ରେତାମାନେ ବାହାର ରାଜ୍ୟର ହୋଇଥିବାରୁ ସେମାନେ ମଧ୍ୟ ଆସିପାରୁ ନାହାନ୍ତି। କେନ୍ଦୁପତ୍ର ତୋଳିବା ଗୋଦାମରେ କାର୍ଯ୍ୟ କରିବା ବେଳେ ସାମାଜିକ ଦୂରତା ବଜାୟ ରହିବା ଅସମ୍ଭବ। କେନ୍ଦୁପତ୍ର ଲାଭକୁ ଦେଖି ସରକାର ତୋଳାଳିଙ୍କ ପାଇଁ ଜୋତା, ଛତା, ବୃତ୍ତି, ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା ଭଳି କଲ୍ୟାଣକାରୀ ଯୋଜନା କରିଛନ୍ତି। ଏବେ ଲାଭ କମିଲେ କଲ୍ୟାଣକାରୀ ଯୋଜନା ମଧ୍ୟ ପ୍ରତ୍ୟାହାର ହେବା ସହ ଓଏଫ୍‌ଡିସି ଆର୍ଥିକ କ୍ଷତି ସହିବ। ସରକାର ତୋଳାଳି ଓ ତାଙ୍କ ପରିବାରକୁ ସ୍ୱତନ୍ତ୍ର ସହାୟତା ଦେବା ସହ ବୀମା ପ୍ରଣୟନ କରିବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଚାଇଲ୍ଡ ଲାଇନର କରୋନା ମୁକାବିଲା ଅଭିଯାନ

ରାୟଗଡ଼ା ଅଫିସ,୧୦।୪-ରାୟଗଡ଼ାର କୁଲି ପଞ୍ଚାୟତ କୁଲିଗୁଡ଼ା ଗ୍ରାମରେ ବସବାସ କରୁଥିବା ଆଦିବାସୀଙ୍କୁ ସଚେତନ କରିବାକୁ ଶୁକ୍ରବାର ସ୍ୱତନ୍ତ୍ର ଅଭିଯାନ ଚଳାଇଛି ଚାଇଲ୍ଡ ଲାଇନ। ବିଶ୍ୱ ମହାମାରୀ କରୋନାର ମୁକାବିଲା ପାଇଁ ନିୟମିତ ହାତ ଧୋଇବା, ପରିବେଶ ସଫାସୁତୁରା ରଖିବା, ସାମାଜିକ ଦୂରତା ବଜାୟ ରଖିବା ପାଇଁ ଏହି ଅନୁଷ୍ଠାନ ପରାମର୍ଶ ଦେଇଛି। ଗ୍ରାମର ପ୍ରାୟ ୭୨ଟି ପରିବାରକୁ ମାସ୍କ ମଧ ବାଣ୍ଟିଛି। ଗୋଟିଏ ପରିବାରକୁ ୩ଟି ଲେଖାଏଁ ମାସ୍କ, ହ୍ୟାଣ୍ଡ ୱାଶ୍, ବିସ୍କୁଟ୍, ଶୁଖିଲା ଖାଦ୍ୟ ଦିଆଯାଇଛି। କାର୍ଯ୍ୟକ୍ରମରେ ଚାଇଲ୍ଡ ଲାଇନର ଟିମ୍ ମେମ୍ବର ବିଜୟ କେତନ ସାହୁ, ଚାଇଲ୍ଡ ଲାଇନ କୋର୍ଡିନେଟର କେ. ନୀଳିମା ସାମିଲ ଥିଲେ।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ କଲା ଭ୍ରାମ୍ୟମାଣ ଯାନ

ବୈପାରୀଗୁଡ଼ା,୧୦।୪(ଡି.ଏନ୍.ଏ.): ଶୁକ୍ରବାର ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ଟାଙ୍ଗିଣିଗୁଡ଼ାରେ ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ପକ୍ଷରୁ ଏକ ଭ୍ରାମ୍ୟମାଣ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଟାଙ୍ଗିଣିଗୁଡ଼ା ଯୁବସଂଘ, ଚକାଡୋଳା ରନ୍ଧନଗ୍ୟାସ ଗ୍ରାମୀଣ ବିତରକ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ଏହାକୁ ପରିଚାଳନା କରିଥିଲେ। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କୋରାପୁଟ ରକ୍ତ ଭଣ୍ଡାର ଅଧିକାରୀ ଡା. ମଧୁସୂଦନ ବଳିୟାର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମାଜିକ ଦୂରତା ରକ୍ଷାକରି ୫୦ ଜଣଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ସଭାପତି ଜି. ସଞ୍ଜୀବ କୁମାରଙ୍କ ସମେତ ବିତରକ ମଧୁ କୁମାରୀ ମହାନ୍ତି, ସ୍ୱେଚ୍ଛାସେବୀ ଘନଶ୍ୟାମ ମହାନ୍ତି, ଚନ୍ଦ୍ରଶେଖର ରଥ, ବିବେକାନନ୍ଦ ମହାନ୍ତି ସହଯୋଗ କରିଥିଲେ।

### ମାନସିକ ଅସୁସ୍ଥ ମହିଳା ପାଇଲେ ଭତ୍ତା, ବସ୍ ପାସ

ଝରିଗାଁ,୧୦।୪(ସ୍ୱ.ପ୍ର.): ଲକ୍ ଡାଉନ ଯୋଗୁ ମଧୁବାବୁ ପେନସନ ଯୋଜନାରେ ସାମିଲ ସମସ୍ତ ହିତାଧିକାରୀଙ୍କୁ ସରକାର ଅଗ୍ରୀମ ୪ ମାସର ପେନସନ ପ୍ରଦାନ କରୁଛନ୍ତି। ଏଥିରେ ଶୁକ୍ରବାର ଝରିଗାଁ ବ୍ଲକ ଧାମନଗୁଡା ପଞ୍ଚାୟତ ନଗଯୋଡି ଗ୍ରାମର ମାନସିକ ଅସୁସ୍ଥ ମହିଳା ରତମଣି ପନକାଙ୍କୁ ମାର୍ଚ୍ଚ ମାସ ସହ ଅଗ୍ରୀମ ଚାରି ମାସର ୩ ହଜାର ୫ ଶହ ଟଙ୍କା ଦିଆଯାଇଛି। ସ୍ଥାନୀୟ ବିଡିଓ



ଦେବେନ୍ଦ୍ର ବାହାଦୁରସିଂ ଧୁରୁଆ ଏହା ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ହିତାଧିକାରୀ ଜଣକ ୭୦ ପ୍ରତିଶତ ମାନସିକ ଅସୁସ୍ଥ ହୋଇଥିବା ଯୋଗୁ ବସ ରେ ଯାତାୟାତ କରିବା ପାଇଁ ପାସ ମଧ ଦିଆଯାଇଛି। ସେହିପରି ଡିଆରଆଇ ଋଣ ନିମନ୍ତେ ଆବେଦନ ଫର୍ମ ଗ୍ରହଣ କରାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ୍ ମଣ୍ଡଳ ସୂଚନା ଦେଇଛନ୍ତି।

### ବଜ୍ରପାତରେ ଯୁବକ ମୃତ

ନନ୍ଦପୁର,୧୦।୪(ଡି.ଏନ୍.ଏ.): କୋରାପୁଟ ଜିଲା ନନ୍ଦପୁର ବ୍ଲକ କସନ୍ଦୀ ଗ୍ରାମ ପଂଚାୟତ ଅନ୍ତର୍ଗତ ନୂଆପୁଟ ଗ୍ରାମର ଦୁଇ ଜଣ ଯୁବକ ଗାଈ ଚରାଇଲା ବେଳେ ବଜ୍ରପାତ ଘଟିଛି। ଏଥିରେ ଜଣେ ମୃତ ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଘନ ଖିଲ (୩୨) ଓ ଆହତ ବ୍ୟକ୍ତି ହେଲେ ବିଶ୍ୱନାଥ ବୈଜାଲୀ। ଶୁକ୍ରବାର ଅପରାହ୍ନରେ ଏହି ଦୁଇ ଜଣ ଗାଈ ଚରାଉଥିଲେ। ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହେଉଥିବା ଦେଖି ଘନ ଏକ ଗଛରେ ଚଢ଼ି ବସିଥିବା ବେଳେ ବିଶ୍ୱନାଥ ଗଛ ତଳେ ଛିଡ଼ା ହୋଇଥିଲେ। ଏତିକିବେଳେ ବଜ୍ରପାତ ହେବାରୁ ସେଥିରେ ଘନଙ୍କ ମୃତ୍ୟୁ ହୋଇଥିଲା। ଆହତ ବିଶ୍ୱନାଥଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କର ଚିକିତ୍ସା ପରେ ସେ ବିପଦମୁକ୍ତ ଥିବା ଡାକ୍ତର ସିଦ୍ଧାର୍ଥ ସିହ୍ନା କହିଛନ୍ତି। ଖବର ପାଇ ନନ୍ଦପୁର ତହସିଲଦାର ନରସିଂହ ଗାଦବା ପହଞ୍ଚିଥିଲେ। ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ଚାରି ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯିବା ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ସେ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଫସିଛନ୍ତି ବିହାରର ୨୧ ବିଦ୍ୟାର୍ଥୀ, ଅଧ୍ୟାପକ

**ବ୍ୟବସ୍ଥା କରି ଗାଁକୁ ପଠାଇବା ପାଇଁ ନବରଙ୍ଗପୁର ଜିଲାପାଳଙ୍କୁ ନିବେଦନ**

ନବରଙ୍ଗପୁର,୧୦।୪(ବି.ପ୍ର.)

ଅନେକ ଯନ୍ତ୍ରଣା ଦେଲାଣି କରୋନା। ସରକାର ଲକ୍ ଡାଉନ୍ ଘୋଷଣା କରିବା ପରେ ସବୁ ସ୍କୁଲ, କଲେଜ ବନ୍ଦ ହେଲା। ପିଲାମାନେ ଘରକୁ ଚାଲିଗଲେ। ହେଲେ ବସ୍ ଓ ଟ୍ରେନ୍ ଚଳାଚଳ ବନ୍ଦ ଯୋଗୁ ବାହାର ରାଜ୍ଯରୁ ଆସି ଏଠାରେ ପଢୁଥିବା ଅନେକ ଛାତ୍ରୀଛାତ୍ର ଘରକୁ ଯାଇ ନ ପାରି ପରିବାରକୁ ଝୁରୁଛନ୍ତି। ୧୪ ରେ ଲକ୍ ଡାଉନ ଶେଷ ହେବାପର ଘରକୁ ଯିବେ ବୋଲି ଅନାଇ ବସିଥିଲେ। ହେଲେ ଏବେ ପୁଣି ଅବଧି ୩୦ ତାରିଖକୁ ଘୁଞ୍ଚିବା ପରେ ମା' ବାପାଙ୍କୁ ମନେ ପକାଇ କାନ୍ଦୁଛନ୍ତି ପିଲାମାନେ। ନବରଙ୍ଗପୁର ଜିଲାରୁ ଆସିଛି ଏପରି ଖବର। ଲକ୍ ଡାଉନ ଯୋଗୁ ଜିଲାର ଖାତିଗୁଡ଼ାସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଅଟକି ରହିଛନ୍ତି ବିହାରର ମୁଙ୍ଗେର୍ ଜିଲା ଅଞ୍ଚଳର ୨୧ ଛାତ୍ରୀଛାତ୍ର ଓ ୩ ଅଧ୍ୟାପିକା, ଅଧ୍ୟାପକ। ପିଲାମାନେ ଏଠାରେ ରହି ପଢୁଥିବାବେଳେ ୬ମାସ ହେଲା ଘରକୁ ଯାଇନାହାନ୍ତି। ସେହିପରି ଏଠାରେ ଅଧ୍ୟାପନା କରୁଥିବା ୩ ଅଧ୍ୟାପିକା ଓ ଅଧ୍ୟାପକ ମଧ ଆବଶ୍ଯକ ଜିନିଷ ଆଣି ନ ଥିବାବେଳେ ଘରର ଅବସ୍ଥା ମଧ ଠିକ୍ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଏମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଗତ ୩ ତାରିଖରେ ନବରଙ୍ଗପୁର ଜିଲାପାଳ ଡ. ଅଜିତ୍ କୁମାର ମିଶ୍ର ବିଦ୍ୟାଳୟକୁ ଯାଇ ଆଲୋଚନା କରିଥିଲେ। ୧୪ ରେ ଲକ୍ ଡାଉନ୍ ହଟିବା ପରେ ଘରକୁ ପଠାଇବା ବ୍ଯବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ପୁଣି ନିରାଶ ହେବାକୁ ପଡ଼ିଛି। ସାଥୀ ପିଲାମାନେ ଘରକୁ ଚାଲିଯିବାପରେ ପିଲାମାନ ମଧ ଏକା ଅନୁଭବ କରୁଛନ୍ତି। ଏ ନେଇ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ଭି. କହିଛନ୍ତି, ଛାତ୍ରୀଛାତ୍ରଙ୍କୁ କରୋନାରୁ ରକ୍ଷା କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ସେମାନଙ୍କ ମନୋରଞ୍ଜନ ପାଇଁ ଟିଭିର ବ୍ଯବସ୍ଥା ମଧ କରାଯାଇଛି। ଅନ୍ଯ କୌଣସି ଉପାୟ ନାହିଁ। ଲକ୍ ଡାଉନ୍ ଉଠିବା ପରେ ପ୍ରତ୍ଯକ୍ଷ ତତ୍ୱାବଧାନରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କୁ ସୁରକ୍ଷିତଭାବ ପଠାଇବା ବ୍ଯବସ୍ଥା କରାଯିବ। ତେବେ ଶୀଘ୍ର କୌଣସି ବ୍ଯବସ୍ଥା କରି ଗାଁକୁ ପଠାଇବାକୁ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।



# କରୋନା ପାଇଁ ଗଛ କାଟି ରାସ୍ତାରୋକୋ

ନନ୍ଦପୁର,୧୦।୪(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତ ଅନ୍ତର୍ଗତ ସାତସେମିଳିରୁ ଲମତାପୁଟ ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ଗୁରୁବାରଠାରୁ ଅବରୋଧ ହୋଇ ରହିଛି। କରୋନା ଭୟରେ କେତେକ ଲୋକ ଗଛ କାଟି ରାସ୍ତାରେ ପକାଇଛନ୍ତି। ଫଳରେ ଏବେ ସେଠାକାର ଜନସାଧାରଣ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଛନ୍ତି। ଏହି ରାସ୍ତା ଉପରେ ଗୌଡ଼ପୁଟ, କୁକୁଡ଼ାପୁଟ, ଘାଗ, ଜନ୍ତାପୁଟ, ଶିଳପଣ୍ଡି, ଗୁଲପଣ୍ଡି, ବଦଳିପଣ୍ଡି, ଟାଙ୍କୁଆ ଗ୍ରାମ ସମେତ ଲମତାପୁଟ ଅଞ୍ଚଳର ଜନସାଧାରଣ ନିର୍ଭର କରୁଛନ୍ତି। ଲକ୍ ଡାଉନ ଯୋଗୁ ଗାଡ଼ି ମୋଟର ବନ୍ଦ ଥିବାବେଳେ ଜରୁରୀ ପରିସ୍ଥିତିରେ ଏହି ରାସ୍ତା ଦେଇ ସ୍ଥାନୀୟ ଗ୍ରାମାଞ୍ଚଳର ଲୋକେ ଯିବା ଆସିବା କରୁଛନ୍ତି। କିନ୍ତୁ ବର୍ତ୍ତମାନ ସାତସେମିଳି ଓ ପାତ୍ରପଣ୍ଡି ଗ୍ରାମ ମଝିରେ ଗଛ କାଟି ରାସ୍ତା ଅବରୋଧ କରାଯାଇ ଥିବାରୁ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା ପାଇଁ ଅସୁବିଧା ଭୋଗୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୨ ପିଲାଙ୍କ ସହ ଭୋକରେ ମଧ୍ୟପ୍ରଦେଶର ୨ ମହିଳା



ଥୁବାରେ ପହଞ୍ଚିଛନ୍ତି ମଧ୍ୟପ୍ରଦେଶର ଦୁଇ ମହିଳା ଓ ତାଙ୍କ ୨ ସନ୍ତାନ ।

■ଶିଶୁଙ୍କ ଝୁଲଣା ବିକିବାକୁ ଆସି ଫସିଛନ୍ତି
■ସହାୟ ହେଲେ ଥୁବାର ୨ ଯୁବକ

ନନ୍ଦପୁର,୧୦।୪(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବାଠାରେ ଶୁକ୍ରବାର ଦୁଇ ଜଣ ମହିଳା ଦୁଇ ଝିଅଙ୍କ ସହ ଆସି ପହଞ୍ଚିଛନ୍ତି। ସେମାନେ ଲକ୍ ଡାଉନ ପୂର୍ବରୁ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳ ନିକଟ ଇଟାରସି ସହରରୁ ଶିଶୁଙ୍କ ଝୁଲଣା ବିକ୍ରି କରିବା ପାଇଁ ଆସି ଏହି ଅଞ୍ଚଳରେ ପହଞ୍ଚିଥିଲେ। କିନ୍ତୁ ସେତିକି ବେଳେ ଲକ୍ ଡାଉନ ଜାରି ହୋଇଯିବା ଯୋଗୁ ସେମାନେ ପାଡୁଆଠାରେ ଅଟକିଥିଲେ। ସେଠାରେ ଏତେ ଦିନ ବହୁ କଷ୍ଟରେ ରହିବା ପରେ କୌଣସି ବ୍ୟବସ୍ଥା ହୋଇ ନ ପାରିବାରୁ ସେମାନେ ଥୁବା ଅଞ୍ଚଳକୁ ଚାଲିଆସିଛନ୍ତି। ସେମାନଙ୍କ ପାଖରେ ଏବେ ଖାଦ୍ୟ ଓ ଅର୍ଥର ଅଭାବ ସେମାନେ ନିଜ ଅସହାୟତା ପ୍ରକାଶ କରିବା ପରେ ଥୁବା ଗ୍ରାମର ଯୁବକ ଧନପତି ଖେମୁଣ୍ଡୁ ଓ ଶେଖ ଗଫୁର ତାଙ୍କ ସାହିରେ ଥିବା ଏକ ଚର୍ଚ୍ଚଘରେ ସେମାନଙ୍କ ରହିବା ଖାଇବା ବ୍ୟବସ୍ଥା କରିଛନ୍ତି।

# ତାରାଙ୍କ ନାଁରେ ସୋସିଆଲ ମିଡିଆରେ ମିଥ୍ୟା ତଥ୍ୟ

**ଏଆଇସିସି ସଦସ୍ୟଙ୍କ ନାଁରେ ଥାନାରେ ଏତଲା**

ଜୟପୁର,୧୦।୪(ଡି.ଏନ୍.ଏ.)

ଜୟପୁର ବିଧାୟକଙ୍କ ନାମରେ ସୋସିଆଲ ମିଡିଆରେ ଏଆଇସିସି ସଦସ୍ୟ ମିଥ୍ୟା ସୂଚନା ଦେଇଥିବା ପ୍ରସଙ୍ଗ ଭାଇରାଲ ହୋଇଛି। ଏନେଇ ଯୁବ କଂଗ୍ରେସ ବିଧାନସଭା ନିର୍ବାଚନ ମଣ୍ଡଳୀ ଉପସଭାପତି ଟାଉନଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାରା ରାଜ୍ୟରେ ଲକ ଡାଉନ ବେଳେ କେଉଁ ପରିସ୍ଥିତିରେ ବିଧାୟକ ତାରାପ୍ରସାଦ ବାହିନୀପତି ଜୟପୁର ନିଜ ଘରକୁ ଫେରିଛନ୍ତି ବୋଲି ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ସଦସ୍ୟ ରବୀନ୍ଦ୍ର ମହାପାତ୍ର ଫେସବୁକରେ ପ୍ରଶ୍ନ କରିଥିଲେ। ଭୁବନେଶ୍ୱରରେ କରୋନା ପଜିଟିଭଙ୍କ ସଂଖ୍ୟା ବଢୁଥିବାରୁ ଏହି ପରିସ୍ଥିତିରେ ବିଧାୟକ ଜଣେ ସଚେତନ ନାଗରିକ ହୋଇ ସେଠାରୁ କିପରି ଜୟପୁର ଫେରିଲେ ବୋଲି ପ୍ରଶ୍ନ କରିଛନ୍ତି ରବୀନ୍ଦ୍ର। ତାଙ୍କୁ ୧୪ ଦିନିଆ କ୍ୱାରାଣ୍ଟାଇନରେ ରଖିବାକୁ ଏଆଇସିସି ସଦସ୍ୟ ଅନୁରୋଧ କରିଥିଲେ। କିନ୍ତୁ ଭୁବନେଶ୍ୱରରୁ ବିଧାୟକ ବାହିନୀପତି ଜୟପୁର ଫେରି ନ ଥିବାବେଳେ ରବୀନ୍ଦ୍ର ଫେସ୍‌ବୁକ୍‌ରେ ନିଜ ପୋଷ୍ଟ ଦେଇ ଜୟପୁର ବାସିନ୍ଦାଙ୍କ ମଧ୍ୟରେ ଅଯଥା ଭୟ ସୃଷ୍ଟି କରିଥିବା ଅଭିଯୋଗ କରିଛନ୍ତି ଯୁବକଂଗ୍ରେସ ଉପସଭାପତି ବିଶ୍ୱଜିତ ଦଣ୍ଡସେନା। ଏନେଇ ସେ ଟାଉନଥାନାରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏନେଇ ଟାଉନଥାନା କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ ସେମାନେ କହିଛନ୍ତି, ଲିଖିତ ଅଭିଯୋଗ ହୋଇଛି, କିନ୍ତୁ ସନ୍ଧ୍ୟା ସୁଦ୍ଧା ମାମଲା ରୁଜୁ ହୋଇନାହିଁ। ତଦନ୍ତ ପରେ ପଦକ୍ଷେପ ନିଆଯିବ।

# ଲକ୍‌ଡାଉନ ବେଳେ ଥମୁନି ମଦ ବେପାର

ରାୟଗଡ଼ା ଅଫିସ,୧୦।୪

ଲକ୍ ଡାଉନ ପରିସ୍ଥିତିକୁ ସୁବର୍ଣ୍ଣ ସୁଯୋଗ ଭାବିନେଇଛନ୍ତି ମଦ ବେପାରୀ। ପୋଲିସ ଲକ୍ ଡାଉନ ବେଳେ ସଚେତନତା ସହ ପାଟ୍ରୋଲିଂରେ ବ୍ୟସ୍ତ ଥିବାର ସୁଯୋଗ ନେଇ ରାୟଗଡ଼ା ଜିଲାର ଅନେକ ସ୍ଥାନରେ ଅବାଧ ମଦ ବେପାର ଚାଲିଛି। ଜିଲାପାଳ ପ୍ରମୋଦ ବେହେରାଙ୍କ ନିର୍ଦ୍ଦେଶ ଓ ରାୟଗଡ଼ା ଅବକାରୀ ଏସ୍‌ପି ଦଣ୍ଡପାଣି ବେହେରାଙ୍କ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଦେଶୀମଦ ଭାଟିରେ ଚଢ଼ାଉ କରାଯାଇଛି । ଏଥିରେ ଘଟଣାସ୍ଥଳରୁ ୪ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବାରିଖୋଲା, କୋଟାପେଟା, ବିଷମକଟକ, ମୁନିଗୁଡ଼ା, ଗୁଡ଼ାରୀ ଅଞ୍ଚଳରୁ ୧୯୫୦ ଲିଟର ମହୁଲ ପୋଚ, ୧୬୫ ଲିଟର ଦେଶୀ ରନ୍ଧା ମଦ ନଷ୍ଟ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଲକ୍ ଡାଉନ ବେଳେ ଯେଉଁଠି ବି ଭାଟି ଚାଲିଛି, ସେଠାରେ ଦେଶୀ ରନ୍ଧା ମଦ, ମହୁଲ ପୋଚ ନଷ୍ଟ କରାଯାଉଛି।

# ଖାଦ୍ୟ, ଜଳ ପାଉନାହାନ୍ତି ବୁଲା ପଶୁ

ଜୟପୁର,୧୦।୪(ଡି.ଏନ୍.ଏ.)

କରୋନା ଭୂତାଣ ସଂକ୍ରମଣକୁ ନେଇ ସାରାଦେଶରେ ଆତଙ୍କର ପରସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ରାଜ୍ୟରେ ସମସ୍ତ ଜିଲା ଓ ସହର ଗତ ୧୭ଦିନ ହେଲା ଲକ୍ ଡାଉନରେ ରହିଛି। ବିଭିନ୍ନ ସରକାରୀ, ଧାର୍ମିକ ଓ ସାମାଜିକ ସଂଗଠନ ସାଧାରଣ ଲୋକଙ୍କ ପାଇଁ ଖାଦ୍ୟ, ପାନୀୟ ଓ ଅନ୍ୟ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ବୁଲା ଗୋରୁଗାଈ ଓ କୁକୁରଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ଅଭାବ ପଡ଼ିଛି। ଗୋଟିଏ କିମ୍ବା ଦୁଇଟି ସଂଗଠନ ସହରର ଅଳ୍ପ ସଂଖ୍ୟକ ଗାଈ ଓ କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି। କିନ୍ତୁ ପିଇବା ପାଣିର ବ୍ୟବସ୍ଥା ହୋଇପାରୁନାହିଁ । ଏପ୍ରିଲରେ ଖରା ଅଧିକ ହେବ। ଏହି ସମୟରେ ପିଇବା ପାଣିର ଆବଶ୍ୟକତା ବେଶୀ। କିନ୍ତୁ ଜୟପୁର ପୌରସଂସ୍ଥା ଏ ଦିଗରେ କିଛି ବ୍ୟବସ୍ଥା କଥା ଚିନ୍ତା କରି ନ ଥିବା ଜଣାପଡ଼ିଛି।

ବିଭିନ୍ନ ରାସ୍ତା ଓ ଛକରେ ଟ୍ୟାପଲଗା ପାଣିଟାଙ୍କି ସାଧାରଣ ଲୋକଙ୍କ ପାଇ ରହିଥିଲେ ମଧ ପଶୁପକ୍ଷୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ପୂର୍ବାହ୍ନରେ ୭ରୁ ୧୧ଟା ଯାଏ ପରିବା ଓ ଅନ୍ୟ ଅତ୍ୟାବଶ୍ୟକ ଦୋକାନ ଖୋଲୁଛି। ଦୈନିକ ବଜାର ବଦଳରେ ମୁଖ୍ୟରାସ୍ତାର ୧୨୦ ଷ୍ଟଲରେ ପନିପରିବା ବିକାଯାଉଛି। କିନ୍ତୁ ହୋଟେଲଗୁଡ଼ିକ ବନ୍ଦ ରହିଛି। ଗୁରୁବାରଠାରୁ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଗୋଟିଏ ରାସ୍ତା ବଦଳରେ ଅନ୍ୟ ୧୦ରୁ ୧୨ଟି ସଂଯୋଗ ରାସ୍ତାକୁ ସିଲ କରାଯାଇଛି। ଫଳରେ ଭିତରକୁ କମ ସଂଖ୍ୟକ ବୁଲା ଗୋରୁଗାଈ ପ୍ରବେଶ କରୁଛନ୍ତି। ସେମାନଙ୍କ ପାଇଁ ବଜାରରୁ ବର୍ଜ୍ୟ ପନିପରିବା ଆହାର ଭାବେ ମିଳୁଛି, କିନ୍ତୁ ସହରର ଅନ୍ୟ ଅଞ୍ଚଳରେ ବୁଲୁଥିବା ଗୋରୁଗାଈଙ୍କୁ ଖାଦ୍ୟ ମିଳୁନାହିଁ। ହୋଟେଲ ବନ୍ଦ ଓ କାଁ ଭାଁ ଆମିଷ ଦୋକାନ ଖୋଲା ରହୁଥିବା ଯୋଗୁ ବୁଲା କୁକୁରଙ୍କ ପାଇଁ ଖାଦ୍ୟର ଅଭାବ ଦେଖାଦେଇଛି। କିଛି ସଂଗଠନ କୁକୁରଙ୍କୁ ରନ୍ଧାଖାଦ୍ୟ ଦେଉଛନ୍ତି।

## ସାମାଜିକ ଦୂରତାକୁ ବେଖାତିର



ରାୟଗଡ଼ା ଜିଲା କରଣ ସାହିର ଏକ କେନ୍ଦ୍ରରେ ପିଡିଏସ୍ ଚାଉଳ ନେବା ପାଇଁ ସାମାଜିକ ଦୂରତା ରଖୁ ନ ଥିବାରୁ ପୋଲିସ ତାଗିଦ କରୁଛି।





ସେମିଳିଗୁଡ଼ା ବ୍ଲକ ମାଳିଗୁଞ୍ଜାରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଟଙ୍କା ନେବାବେଳେ ଲୋକେ ସାମାଜିକ ଦୂରତା ରଖୁନାହାନ୍ତି।

# ଘରେ ରହି କରୋନାକୁ ଜିତ: ଜିଲାପାଳ

ମାଲକାନଗିରି,୧୦।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ଉପଜିଲାପାଳ ରାମେଶ୍ୱର ପ୍ରଧାନ କହିଛନ୍ତି ଯେ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୯୯,୭୦୦ ପରିବାରଙ୍କୁ ୬୧୩୮୯ କୁଇଣ୍ଟାଲ ଚାଉଳ ପ୍ରଦାନ କରାଯାଇଛି। ଶୁକ୍ରବାର ସୁଦ୍ଧା ୪୯୦୬୪ ରାଶନକାର୍ଡଧାରୀଙ୍କୁ ୧ହଜାର ଟଙ୍କା ଲେଖାଏ ସହାୟତା ଦେବା ସହ ଜିଲାରେ ୭୮,୫୪୬ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ବାବଦକୁ କୁପନ ମାଧ୍ୟମରେ ଚାଉଳ ଯୋଗାଣ ହୋଇଛି। ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ୧୧,୬୦୦ଜଣ ଅସହାୟ ଓ ନିଃସ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ, ମାଲକାନଗିରି ପୌର ପରିଷଦ ଓ ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦରେ ରହୁଥିବା ୧୫୨ ଜଣ ଏବଂ ସମସ୍ତ ବ୍ଲକରେ ରହୁଥିବା ୩୪୭ ଗରିବ ଲୋକଙ୍କୁ ରାଶନ ସାମଗ୍ରୀ ମିଳିଛି। ଜିଲାରେ ରହୁଥିବା ବାହାର ରାଜ୍ୟର ୬୫୫ ଜଣଙ୍କୁ ମଧ୍ୟ ରାଶନ ସାମଗ୍ରୀ ଯୋଗାଣ ହୋଇଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଗ୍ରାମାଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବ୍ୟବସ୍ଥା ହୋଇଛି। ମାଲକାନଗିରି ପୌର ପରିଷଦ ଏବଂ ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦର ୩୭୫ଜଣ ସାହି ଭେଣ୍ଡରଙ୍କୁ ୩ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା, ଜିଲାରେ ୨୮,୧୨୩ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୨୧୫୦ ଜଣଙ୍କୁ ୧୫ ହଜାର ଲେଖାଏ ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଛି। ଜିଲାର ୭୯,୧୩୩ ଜଣଙ୍କୁ ୧୬କୋଟି ୨ ଲକ୍ଷ ୫୦ ହଜାର ଟଙ୍କା ପେନ୍‌ସନ ବାବଦରେ ପ୍ରଦାନ କରାଯାଇଛି। ଶୁକ୍ରବାରଠାରୁ ଜିଲାରେ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହୋଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାସ୍କ ତିଆରି ପାଇଁ କୁହାଯାଇଛି। ଯେଉଁମାନେ ଲକ୍‌ଡାଉନ ନିୟମର ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାରେ ୧୪୩ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ୫୫୫୫ଟି ଶଯ୍ୟା ପ୍ରସ୍ତୁତ କରାଯାଇଛି। ୨ଟି ପୌରାଞ୍ଚଳରେ ୬ଟି ଅସ୍ଥାୟୀ କେନ୍ଦ୍ରରେ ମଧ୍ୟ ୭୭୧ଟି ଶଯ୍ୟା ପ୍ରସ୍ତୁତ ହୋଇଛି। ଜିଲାରୁ ୬୯ ଜଣଙ୍କ ସାମ୍ପଲ ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ଶୁକ୍ରବାର ୬୦ଟି ରିପୋର୍ଟ ଆସିଛି। ସମସ୍ତ ରିପୋର୍ଟ ନେଗେଟିଭ୍ ଆସିଛି। ଆଉ ୯ଟି ରିପୋର୍ଟ ଖୁବ୍ ଶୀଘ୍ର ଆସିବ ବୋଲି ଜଣାପଡିଛି। ଆଇନକୁ ଉଲ୍ଲଂଘନ କରିଥିବା ଜିଲାର ୨୧୫ ଜଣଙ୍କୁ ବିଭିନ୍ନ କ୍ୟାମ୍ପରେ ରଖାଯାଇଛି। ଲକ୍‌ଡାଉନ ସମୟରେ ବାହାର ରାଜ୍ୟରୁ ଆସିଥିବା ୩୫୧ ଜଣଙ୍କୁ ସୀମା ସଙ୍ଗରୋଧ କ୍ୟାମ୍ପରେ ରଖାଯାଇଛି। ଜିଲାରେ ୧୧ଟି ମନିଟରିଂ ଟିମ୍, ୨ଟି ଆର୍‌ଆର୍ ଟିମ୍ ପ୍ରତିଦିନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି। ୩୦ ଜଣ ଡାକ୍ତରଙ୍କ ସହ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ୧୧ ଓ ୧୨ ଦୁଇଦିନ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା ହୋଇଛି। କୌଣସି ବ୍ୟକ୍ତିଙ୍କଠାରେ କରୋନା ଲକ୍ଷଣ ଦେଖାଦେଲେ ସ୍ଥାନୀୟ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ଏଏନ୍‌ଏମ୍‌ଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି ବୋଲି ଉପଜିଲାପାଳ ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି ଯେ, ଜନସାଧାରଣ ଯଦି ଘରୁ ନ ବାହାରି ନିୟମ ପାଳନ କରିବେ ତା'ହେଲେ ଆମେ ନିଶ୍ଚିତ କରୋନାକୁ ଜିତିପାରିବ।

- ୩୫୧ ସୀମା ସଙ୍ଗରୋଧ କ୍ୟାମ୍ପରେ ଅଛନ୍ତି
- ୬୯ରୁ ୬୦ ରିପୋର୍ଟ ଆସିଛି
- ୧୪୩ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୫୫୫ ଶଯ୍ୟା

## ପଞ୍ଜୀକୃତ ଶ୍ରମିକଙ୍କୁ ସହାୟତା

ପାରଳାଖେମୁଣ୍ଡି,୧୦।୪ (ସ୍ୱ.ପ୍ର.)–

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ଶ୍ରମିକ ମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ନିର୍ଦ୍ଦେଶରେ ପ୍ରତି ଶ୍ରମିକଙ୍କୁ ୧୫ଶହ ଲେଖାଏ ଟଙ୍କା ପ୍ରଦାନ କରାଯାଉଛି । ସହରର ବିଭିନ୍ନ ୱାର୍ଡରେ ଥିବା ସ୍କୁଲଗୁଡିକରେ ସକାଳ ସମୟରେ ୨୦ଜଣ ଓ ଅପରାହ୍ନ ସମୟରେ ୨୦ଜଣଙ୍କୁ ସାମାଜିକ ଦୂରତା ରକ୍ଷାକରି ବଣ୍ଟନ କରାଯାଉଛି। ମୋଟ ୩ହଜାର ୨୨୩ ଜଣ ପଞ୍ଜୀକୃତ ଶ୍ରମିକଙ୍କୁ ସହାୟତା ମିଳିବ ବୋଲି ଜଣାପଡିଛି। ସହରକାରୀ ଯନ୍ତ୍ରୀ ସଞ୍ଜୀବ ଚମ୍ପତି ମନୋଜ ଶତପଥୀ, ଗଙ୍ଗାଧର ଖଞ୍ଜା, ଇନ୍ଦିରା ଗୌଡ ସହାୟତା ପ୍ରଦାନରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ୧୮୪ ଆଶ୍ରମ-ସେବାଶ୍ରମ ବିଦ୍ୟାଳୟ ପକ୍ଷରୁ ସହାୟତା



ନବରଙ୍ଗପୁର,୧୦।୪(ବି.ପ୍ର.)- ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୧୮୪ ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟ ପକ୍ଷରୁ କୋଭିଡ-୧୯ ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୮ ଲକ୍ଷ ୫୦ହଜାର ୩ଶହ ଟଙ୍କା ପ୍ରଦାନ କରାଯାଇଛି। ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କୁ ଜିଲା ମଙ୍ଗଳ ଅଧିକାରୀ ଏହା ପ୍ରଦାନ କରିଛନ୍ତି।

### ପଞ୍ଜୀକୃତ ଶ୍ରମିକଙ୍କୁ ସହାୟତା

ପାରଳାଖେମୁଣ୍ଡି,୧୦।୪ (ସ୍ୱ.ପ୍ର.)- ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ଶ୍ରମିକ ମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି । ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ନିର୍ଦ୍ଦେଶରେ ପ୍ରତି ଶ୍ରମିକଙ୍କୁ ୧୫ଶହ ଲେଖାଏ ଟଙ୍କା ପ୍ରଦାନ କରାଯାଉଛି । ସହରର ବିଭିନ୍ନ ୱାର୍ଡରେ ଥିବା ସ୍କୁଲଗୁଡିକରେ ସକାଳ ସମୟରେ ୨୦ଜଣ ଓ ଅପରାହ୍ନ ସମୟରେ ୨୦ଜଣଙ୍କୁ ସାମାଜିକ ଦୂରତା ରକ୍ଷାକରି ବଣ୍ଟନ କରାଯାଉଛି। ମୋଟ ୩ହଜାର ୨୨୩ ଜଣ ପଞ୍ଜୀକୃତ ଶ୍ରମିକଙ୍କୁ ସହାୟତା ମିଳିବ ବୋଲି ଜଣାପଡିଛି। ସହରକାରୀ ଯନ୍ତ୍ରୀ ସଞ୍ଜୀବ ଚମ୍ପତି ମନୋଜ ଶତପଥୀ, ଗଙ୍ଗାଧର ଖଞ୍ଜା, ଇନ୍ଦିରା ଗୌଡ ସହାୟତା ପ୍ରଦାନରେ ସହଯୋଗ କରିଥିଲେ ।

### ଭାସିଯାଇଥିବା ନାବାଳକଙ୍କ ମୃତଦେହ ଉଦ୍ଧାର

ଏମଭି-୭୯,୧୦।୪(ଡି.ଏନ.ଏ.)- ପଟେରୁ ନଦୀକୁ ମାଛ ଧରିବାକୁ ଯାଇ ଗୁରୁବାର କାଲିମେଲା ବ୍ଲକ ଅନ୍ତର୍ଗତ ଗିନିପଲ୍ଲୀ ଗ୍ରାମର ଭାସିଯାଇଥିବା ଜଣେ ନାବାଳକଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ନାବାଳକଙ୍କ ମା' ଇର୍ମେ ମାଡକାମି ଏମଭି-୭୯ ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ହରିଶ୍ଚନ୍ଦ୍ର ଗୋଲରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗୁରୁବାର ଗିନିପଲ୍ଲୀ ଗ୍ରାମର ସମ୍ପୃକ୍ତ ନାବାଳକ ଜଣକ ଅନ୍ୟ ଦୁଇ ସାଙ୍ଗଙ୍କ ସହ ପଟେରୁ ନଦୀକୁ ମାଛ ଧରିବାକୁ ଯାଇ ହାତରେ ଜାଲ ଧରି ନଦୀ ପାର ହେଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବରପାଇ କାଲିମେଲା ଅଗ୍ନିଶମ ବିଭାଗ ପହଞ୍ଚି ନଦୀରେ ଦୀର୍ଘ ସମୟ ଧରି ଖୋଜାଖୋଜି କରି ନିରାଶ ହୋଇ ଫେରିଥିଲେ। ଗ୍ରାମବାସୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ଶୁକ୍ରବାର ଘଟଣା ସ୍ଥଳରୁ ପ୍ରାୟ ଏକ କିମି ଦୂରରେ ଗୋଟିଏ ପଥର ସନ୍ଧିରୁ ନାବାଳକଙ୍କ ମୃତଦେହ ଉଦ୍ଧାର କରାଯଇଥିଲା ।

### ଗ୍ରାମାଞ୍ଚଳକୁ ପଠାଯାଇଥିଲା ବିଦେଶୀ ମଦ

ମାଲକାନଗିରି,୧୦।୪ (ଡି.ଏନ୍.ଏ.)- ଲକ୍‌ଡାଉନ ଘୋଷଣା ପରେ ମାଲାକନଗିରି ଜିଲାର ପ୍ରତ୍ୟେକ ସହର ଓ ଅନ୍ୟାନ୍ୟ ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନ ଓ ବାର୍‌ଗୁଡିକୁ ଗତ ୨୪ତାରିଖରୁ ବନ୍ଦ କରାଯାଇଛି। ଯେଉଁଦିନ ଏହି ସବୁ ଦୋକାନ ବନ୍ଦ କରାଗଲା ସେ ସମୟରେ ସମ୍ପୃକ୍ତ ଦୋକାନ ଏବଂ ବାର୍‌ରେ କେତେ ବିଦେଶୀ ମଦ ଗଚ୍ଛିତ ଥିଲା ତା'ର ତଥ୍ୟ ସଂଗ୍ରହ କରାଯାଇ ନ ଥିଲା। ଫଳରେ ଏହାର ସୁଯୋଗ ନେଇ ସମ୍ପୃକ୍ତ ବାର୍ ଓ ମଦ ଦୋକାନ ମାଲିକମାନେ ରାତିଅଧିଆ ବିଦେଶୀ ମଦଗୁଡିକୁ ଗ୍ରାମାଞ୍ଚଳରେ ବିକ୍ରି ପାଇଁ ପଠାଇ ଦେଇଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ ଏହି ବିଦେଶୀ ମଦ ଶେଷ ହୋଇଯାଇଥିବାରୁ ଦେଶୀ ମଦର ଚାହିଦା ବୃଦ୍ଧି ପାଇଛି। ବିଭିନ୍ନ ଆଭ୍ୟନ୍ତରୀଣ ଗ୍ରାମଗୁଡିକରେ ଦେଶୀମଦ ତିଆରି ହୋଇ ବ୍ୟବସାୟୀଙ୍କ ନିକଟକୁ ଆସୁଛି। ଏହି ଖବର ପାଇବା ପରେ ଅବକାରୀ ବିଭାଗ ଗୁରୁବାର ବିଭିନ୍ନ ସ୍ଥାନରେ ଚଢାଉ କରି ଗୋଟିଏ ଦିନରେ ୮୫୦ କେଜି ମହୁଲ ପୋଚ ଓ ୨୫୦ ଲିଟର ମହୁଲ ମଦ ଜବତ କରିଛି।

## ସ୍ଲୋଗାନ ଜରିଆରେ ସଚେତନତା

କାଶୀନଗର,୧୦।୪(ଡି.ଏନ୍.ଏ.)




ସ୍କୁଲ କାନ୍ଥରେ ସ୍ଲୋଗାନ୍ ଲେଖୁଛନ୍ତି ଜଣେ କଳାକାର।

ଲକ୍ ଡାଉନ ସମୟରେ ଗଜପତି ଜିଲା କାଶୀନଗର ଇଣ୍ଟେଲେକ୍ଚୁଆଲ୍ ଭଏସ୍ (ଆଇଭି) ପକ୍ଷରୁ ଅଭିନବ ଉପାୟରେ ଲୋକଙ୍କୁ ସଚେତନ କରାଯାଉଛି। ସ୍ଥାନୀୟ ପୋଲିସର ଅନୁମତିକ୍ରମେ ଆଇଭିର ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ କଳାକାର କେ. ରାମବାବୁ, ପି. ଜଗଦିଶ ବାରାଣସୀ ସରକାରୀ ହାଇସ୍କୁଲ ପାଚେରିରେ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ୍ ଲେଖୁଛନ୍ତି। ଓଡ଼ିଆ, ଇଂଲିଶ ଓ ତେଲୁଗୁ ଭାଷାରେ ସ୍ଲୋଗାନ୍ ଲେଖି କରୋନାକୁ ଭୟ ନ କରି ସଚେତନ ରହିବାକୁ ବାର୍ତ୍ତା ଦେଉଛନ୍ତି। ଖୁବ୍ ଶୀଘ୍ର ବ୍ଲକ୍ ହସ୍ପିଟାଲ୍ ଛକ, ଫରେଷ୍ଟ ଛକ, ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଏଭଳି ସ୍ଲୋଗାନ୍ ଲେଖାଯିବ। ପୋଲିସର ବାର୍ତ୍ତା ମଧ୍ୟ ଏହା ଜରିଆରେ ଲୋକଙ୍କ ନିକଟରେ ପହଞ୍ଚାଇବା ଯୋଜନା ରହିଛି ବୋଲି ସଭାପତି ମିଶ୍ର କହିଛନ୍ତି।

## ମାସ୍କ ପିନ୍ଧି ନ ଥିଲେ ଜିନିଷ କ୍ରୟ ମନା

ମାଲକାନଗିରି,୧୦।୪ (ଡି.ଏନ୍‌ଏ.)

ମାଲକାନଗିରି ଜିଲାର ଉଇ କ୍ୟାନ୍ ଟିମ୍ ପକ୍ଷରୁ ଦୈନିକ ଅସ୍ଥାୟୀ ବଜାରରେ ବିଭିନ୍ନ ବ୍ୟବସାୟୀଙ୍କୁ ଶୁକ୍ରବାର ମାସ୍କ ବଣ୍ଟନ କରାଯାଇଛି। ଏଥିସହ କରୋନା ସମ୍ପର୍କରେ ସଚେତନ କରାଯାଇ ମାସ୍କ ପିନ୍ଧି ନିଜେ ନିରାପଦ ରହିବା ସହ ଅନ୍ୟମାନଙ୍କୁ ନିରାପଦରେ ରଖିବାକୁ ଟିମ୍ ପରାମର୍ଶ ଦେଇଛି। କୌଣସି ଗ୍ରାହକ ତାଙ୍କ ଦୋକାନକୁ ସାମଗ୍ରୀ ଖରିଦ କରିବାକୁ ଆସିଲେ ଯଦି ତାଙ୍କ ମୁହଁରେ ମାସ୍କ ନ ଥାଏ ତେବେ ସେମାନଙ୍କୁ କୌଣସି ସାମଗ୍ରୀ ନ ଦେବା ପାଇଁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ, ଆଇଆଇସି ରାମପ୍ରସାଦ ନାଗ, ଆଇନଜୀବୀ ରାମ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## ଲକ୍‌ଡାଉନ ଉଲ୍ଲଂଘନ କରି ୩ ଗିରଫ

ମାଲକାନଗିରି,୧୦।୪(ଡି.ଏନ୍.ଏ.)



ଗିରଫ ବ୍ୟବସାୟୀ ।

ସରକାରଙ୍କ ପକ୍ଷରୁ ଲକ୍‌ଡାଉନ ଘୋଷଣା ହୋଇ ସମସ୍ତ ଦୋକାନ ବନ୍ଦ ରହିଛି। କେବଳ ପନିପରିବା, ଗ୍ରସେରି, କ୍ଷୀର ଓ ଔଷଧ ଦୋକାନ ଖୋଲିବାକୁ ଅନୁମତି ମିଳିଛି। ଏପରି ସ୍ଥଳେ ଶୁକ୍ରବାର ମାଲକାନଗିରି ସଦର ମହକୁମାରେ ଜଣେ ଚା ଦୋକାନୀ ସୁଭାଷ ବୋଷ ଛକ ନିକଟରେ ଖୋଲିଥିବା ବେଳେ ଧରାପଡିଛନ୍ତି। ତାଙ୍କୁ ମାଲକାନଗିରି ପୋଲିସ ଗିରଫ କରିଛି। ମାଲକାନଗିରି ସଦରର ୨ଜଣ ଗୋମାଂସ ବ୍ୟବସାୟୀଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ମଙ୍ଗଳା ଖିଲ ଓ ଚୈତନ୍ୟ ବାଘ ନାମକ ଏହି ଦୁଇ ବ୍ୟକ୍ତି ଗୋମାଂସ ବିକ୍ରି କରିଥିବା ବେଳେ ପୋଲିସ ହାତରେ ଧରାପଡିଛନ୍ତି।

## ଉପଜିଲାପାଳଙ୍କୁ ମାଡ଼ ଘଟଣାରେ ୧୩ ଗିରଫ

ନବରଙ୍ଗପୁର,୧୦।୪(ବି.ପ୍ର.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଝାଡବନ୍ଧଗୁଡା ଗ୍ରାମରେ କରୋନା ମୁକାବିଲା ନେଇ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ଗୁରୁବାର ଉପ ଜିଲାପାଳଙ୍କୁ ମାଡ଼ ଘଟଣାରେ ଶୁକ୍ରବାର ୧୩ ଜଣ ଗିରଫ ହୋଇଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ରାଜ୍ୟ ସାମ୍ବାଦିକ ୟୁନିୟନ ନବରରଙ୍ଗପୁର ଶାଖା ପକ୍ଷରୁ ନିନ୍ଦା କରାଯାଇଛି। ଖବରରୁ ଜଣାପଡିଛି ଉପ ଜିଲାପାଳ ଭାସ୍କର ରଇତୋ ଝାଡବନ୍ଧଗୁଡା ଗ୍ରାମକୁ କରୋନା ମୁକାବିଲା ନେଇ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ବୈଠକ କରିବାକୁ ଯାଇଥିଲେ। ବୈଠକ ପରେ ଅଙ୍ଗନୱାଡି କର୍ମୀ ସୁନିତି କୁମାରୀ ବାଘଙ୍କ ବିରୋଧରେ ପୂର୍ବରୁ ଆସିଥିବା ଅଭିଯୋଗର ମଧ୍ୟ ତଦନ୍ତ ହୋଇଥାନ୍ତା। ବୈଠକ ଚାଲିଥିବା ବେଳେ କେତେକ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ର ନିକଟରେ ପହଞ୍ଚି ପାଟିତୁଣ୍ଡ କରିବା ସହ କର୍ମୀ ସୁନୀତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଉପ ଜିଲାପାଳ ସାମାଜିକ ଦୂରତ୍ୱ ରକ୍ଷା କରି ଅଭିଯୋଗ କରିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଜଣେ ଯୁବକ ସୁଶାନ୍ତ ହରିଜନ ଉପ ଜିଲାପାଳଙ୍କୁ ୨ ଚାପୁଡା ମାରିଥିଲେ। ସେଠାରେ ଉପସ୍ଥିତ ପୋଲିସ ଏହାକୁ ବିରୋଧ କରିବା ସହ ରଇତୋଙ୍କୁ ଉଦ୍ଧାର କରି ନେଇଥିଲା। ଏନେଇ ଉପଜିଲାପାଳ ଖାତିଗୁଡା ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାକୁ ଭିତ୍ତି କରି କେସ ନଂ.୨୧/୨୦ରେ ମାମଲା ରୁଜୁ କରିଥିଲା। ଏସପି ନିତୀନ କୁସଲକରଙ୍କ ତତ୍ତ୍ୱାବଧାନରେ ତଦନ୍ତ ହୋଇଥିଲା। ଏହି ଘଟଣାରେ ପୋଲିସ ୧୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଛି। ଉପଜିଲାପାଳଙ୍କୁ ଆକ୍ରମଣ ଘଟଣାରେ ରାଜ୍ୟ ସାମ୍ବାଦିକ ୟୁନିୟନ ଓଡିଶା, ନବରରଙ୍ଗପୁର ଶାଖା ପକ୍ଷରୁ ଆବାହକ ବିଭୂତି ପ୍ରସାଦ ପଣ୍ଡା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲାପାଳଙ୍କୁ ଆକ୍ରମଣ ଘଟଣାର ସେ ନିନ୍ଦା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଲୋକଙ୍କୁ ସଚେତନ କରୁଛନ୍ତି ତହସିଲଦାର

ଡାବୁଗାଁ,୧୦।୪(ଡି.ଏନ.ଏ.)

ମାସ୍କ ନ ପିନ୍ଧି ଘରୁ ବାହାରକୁ ବାହାରିବା ମନା,ମାତ୍ର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଅଧିକାଂଶ ସ୍ଥାନରେ ଲୋକେ ଏହାକୁ ମାନୁ ନ ଥିବା ଦେଖିବାକୁ ମିଳୁଛି। ଏନେଇ ଲୋକଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ଲାଗି ଉଦ୍ୟମ କରୁଛନ୍ତି ତହସିଲଦାର ସୁବାସ ଚନ୍ଦ୍ର ସିଂ। ବ୍ଲକ ସଦର ମହକୁମାସ୍ଥିତ ବିଭିନ୍ନ ରାଶନ ଦୋକାନ, ଚିକେନ ସେଣ୍ଟର, ପରିବା ଦୋକାନ ବୁଲି ସେ ଦୋକାନୀ ଏବଂ ସେଠାରେ ଉପସ୍ଥିତ ଥିବା ଗ୍ରାହକଙ୍କୁ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ରକ୍ଷା କରି ନିଜ ଜୀବନ ରକ୍ଷା କରିବା ଲାଗି ପରାମର୍ଶ ଦେଉଛନ୍ତି। ମାସ୍କ ଉପଲବ୍ଧ ନ ଥିଲେ ନିଜ ମୁହଁ ଓ ନାକକୁ ଘୋଡ଼ାଇବା ପାଇଁ ରୁମାଲ,ଗାମୁଛାକୁ ମୁହଁରେ ବାନ୍ଧି ପାରିବେ। ଆଗାମୀ ଦିନରେ ବିନା ମାସ୍କରେ ଘରୁ ବାହାରିଲେ ଜରିମାନା ମଧ୍ୟ ଆଦାୟ ହେବ ବୋଲି ସିଂ କହିଛନ୍ତି।କରୋନାକୁ ପ୍ରତିହତ କରିବାକୁ ହେଲେ ସାମାଜିକ ଦୂରତା ହିଁ ଏକମାତ୍ର ଉପାୟ। ତେଣୁ ଏହି ନିୟମ ପାଳିବା ନିତ୍ୟାନ୍ତ ଆବଶ୍ୟକ ବୋଲି ସିଂ ଲୋକଙ୍କୁ ବୁଝାଉଛନ୍ତି।

## ସହାୟତା କରିବାକୁ ପ୍ରତିଶ୍ରୁତି ଦେଇ ଶ୍ରମ ବିଭାଗ ଚୁପ୍

ତେନ୍ତୁଳିଖୁଣ୍ଟି,୧୦।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ଓ ଲମତାଗୁଡା ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ଲକ୍ ଡାଉନ ଯୋଗୁ ସେଠାରେ ଫସି କମ୍ପାନୀରେ ଚାକିରୀ କରୁଥିଲେ। ଲକ୍‌ଡାଉନ ଯୋଗୁ ସେମାନେ ଆଉ ଗ୍ରାମକୁ ଫେରି ପାରି ନ ଥିଲେ। ଏବେ ସେମାନଙ୍କ ନିକଟରେ ଥିବା ଟଙ୍କା ଚଳିବାରେ ଖର୍ଚ୍ଚ ହୋଇସାରିଲାଣି।

**ହାଇଦ୍ରାବାଦରେ ଫସି ରହିଛନ୍ତି ୪୦ ଶ୍ରମିକ**



ରହିଛନ୍ତି। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ଶ୍ରମ ବିଭାଗ ଅଧିକାରୀ ସମ୍ପୃକ୍ତ ଶ୍ରମିକମାନଙ୍କ ସହ ଯୋଗାଯୋଗ ପାଇଁ ଆମ ଖବରଦାତାଙ୍କୁ ଟେଲିଫୋନ ନମ୍ବର ମାଗିଥିଲେ। ଏହି ନମ୍ବର ପାଇବା ପରେ ଶ୍ରମ ବିଭାଗ ଏଯାବତ୍ କୌଣସି ପଦକ୍ଷେପ ନେଇନାହିଁ। ଏହି ଶ୍ରମିକମାନେ ହାଇଦ୍ରାବାଦର ମିଆପୁରସ୍ଥିତ ଏକ ଥଣ୍ଡାପାନୀୟ ଆଗକୁ କିପରି ଚଳିବେ ସେନେଇ ସେମାନେ ଚିନ୍ତାରେ ଅଛନ୍ତି। ସେମାନଙ୍କୁ ଗ୍ରାମକୁ ଫେରାଇ ଆଣିବା ଲାଗି ନିବେଦନ କରିଥିଲେ ମଧ୍ୟ ଶ୍ରମ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇ ଚୁପ୍ ହୋଇ ବସିଛି। ତୁରନ୍ତ ସେମାନଙ୍କୁ ସେଠାରୁ ଆଣିବା ଦିଗରେ ଜିଲାପାଳ ସହାୟତା କରିବା ଲାଗି ସମ୍ପୃକ୍ତ ଶ୍ରମିକଙ୍କ ସହ ସେମାନଙ୍କ ପରିବାର ନିବେଦନ କରିଛନ୍ତି।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବଜାରରେ ବାଇକ୍ ଭିଡ଼

ମାଲକାନଗିରି,୧୦।୪ (ଡି.ଏନ୍.ଏ.)



ଗୁରୁବାର ଓଡ଼ିଶା ହାଇକୋର୍ଟ କୌଣସି ଯାନବାହନ ଜବତ ନ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ମାଲକାନଗିରି ଜିଲାରେ ପୋଲିସ କୌଣସି ଗାଡ଼ିକୁ ଜବତ କରିନାହିଁ। ଫଳରେ ସହରର ଅସ୍ଥାୟୀ ଦୈନିକ ବଜାର ଏବଂ ଅନ୍ୟାନ୍ୟ ବଜାରରେ ପ୍ରବଳ ଜନଗହଳି ଓ ବାଇକ ଭିଡ଼ ଦେଖିବାକୁ ମିଳିଥିଲା। କେହି ସାମାଜିକ ଦୂରତା ମଧ୍ୟ ମାନିନାହାନ୍ତି। ପୋଲିସ ବାଇକ୍ ଚାଳକଙ୍କୁ ବାଇକ ନ ଆଣିବା ପାଇଁ ପରାମର୍ଶ ଦେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ।

## କରୋନା ସମୀକ୍ଷା କଲେ ବିଧାୟକ

କାଲିମେଲା,୧୦।୪(ଡି.ଏନ୍.ଏ.)

ସମଗ୍ର ବିଶ୍ୱରେ କରୋନା ଭୂତାଣୁକୁ ନେଇ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ମୁକାବିଲା ପାଇଁ ଲକ୍‌ଡାଉନ ଘୋଷଣା ହୋଇଛି। ଫଳରେ ସମଗ୍ର ରାଜ୍ୟରେ ଦୋକାନ ବଜାର, ସ୍କୁଲ କଲେଜ,ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି। ଗୁରୁବାର ଠାରୁ ସମସ୍ତେ ମାସ୍କ ବ୍ୟବହାର କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ତେବେ ମାଲକାନଗିରି ଜିଲା କାଲିମେଲା ବ୍ଲକ ଭଳି ଉପାନ୍ତ ଅଞ୍ଚଳରେ ମାସ୍କ ଅଭାବ ପରିଲକ୍ଷିତ ହେଉଛି। କରୋନା ମୁକାବିଲା ଲାଗି ବ୍ଲକ ପ୍ରଶାସନ କିଭଳି ପଦକ୍ଷେପ ଗ୍ରହଣ କରିଛି ଅନୁଧ୍ୟାନ କରିବାକୁ ବିଧାୟକ ଆଦିତ୍ୟ ମାଢି କାଲିମେଲା ଗସ୍ତକରି ସମୀକ୍ଷା କରିଛନ୍ତି। ତହସିଲଦାର ଆଲୋକ କୁମାର ଅନୁଗୁଳିଆ ବିଧାୟକଙ୍କୁ ଏନେଇ ସୂଚନା ଦେଇଥିଲେ। ବିଡିଓ ଉମାଶଙ୍କର ଦଳାଇଙ୍କୁ ବିଭିନ୍ନ ପଞ୍ଚାୟତରେ ଖୋଲିଥିବା ଆଇସୋଲୋଶନ କେନ୍ଦ୍ରରେ କି ବ୍ୟବସ୍ଥା ସବୁ ହୋଇଛି ପଚାରି ବୁଝିଥିଲେ। ଗରିବ ଲୋକମାନେ ଲକ୍‌ଡାଉନ ଯୋଗୁ ଯେପରି ଅସୁବିଧାରେ ନ ପଡ଼ନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ କହିବା ସହ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ସହ ନବଘନ ଲକେଇ ଓ ସଞ୍ଜୟ ସରକାର ଉପସ୍ଥିତ ଥିଲେ।

## ୨ ପଞ୍ଚାୟତରେ ଚାଉଳ,ଭତ୍ତା ବଣ୍ଟନ

ଖଇରପୁଟ,୧୦।୪(ଡି.ଏନ.ଏ.)– ମାଲକାନଗିରି ଜିଲା ଖାଇରପୁଟ ବ୍ଲକର ଆଦିମ ଜନଜାତି ବସବାସ କରୁଥିବା ମୁଦୁଲିପଡା ଓ ଅଣ୍ଡ୍ରାହାଲ୍ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଉଳ ଓ ଭତ୍ତା ବଣ୍ଟନ କରାଯାଇଛି। ବିଡିଓ ହୃଦାରଞ୍ଜନ ସାହୁ ନିଜେ ଉପସ୍ଥିତ ରହି ତଦାରଖ କରିଛନ୍ତି। ପିଇଓ, ଜିଆରଏସ୍ ଓ ଯୋଗାଣ ସହାୟକମାନେ ସାମାଜିକ ଦୂରତା ରକ୍ଷା କରି ଏହା ବଣ୍ଟନ କରିଥିବା ଜଣାପଡିଛି। ହିତାଧିକାରୀଙ୍କୁ ୩ ମାସର ଆଗୁଆ ଚାଉଳ, ଭତ୍ତା ଟଙ୍କା, ଛତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଚାଉଳ,ଶ୍ରମିକଙ୍କୁ ଆର୍ଥିକ ସହାୟତା ବଣ୍ଟନ କରାଯାଇଛି।

## ଲକ୍‌ଡାଉନ: ଜୀବିକା ହରାଇଛନ୍ତି ମହୁଲ ଗୋଟାଳି

କୋରୁକୋଣ୍ଡା, ୧୦।୪(ଡି.ଏନ.ଏ.)

ଜଙ୍ଗଲ ଉପରେ ନିର୍ଭରକରି ଚଳୁଥିବା ପରିବାର ଲକ୍‌ଡାଉନ ଯୋଗୁ ବେଶି ପ୍ରଭାବିତ ହୋଇଛନ୍ତି। ଲଘୁ ବନଜାତ ଦ୍ରବ୍ୟ ଭାବେ ପରିଚିତ ମହୁଲ ସଂଗ୍ରହକରି ପରିବାର ଚଳାଉଥିବା ଲୋକେ ହତାଶ ହୋଇଛନ୍ତି। ସାଧାରଣତଃ ମାର୍ଚ୍ଚରୁ ମେ ପର୍ଯ୍ୟନ୍ତ ମହୁଲ ସଂଗ୍ରହ ହୋଇଥାଏ। ଗଛରୁ ଝଡୁଥିବା ମହୁଲକୁ ବନବାସୀ ଗୋଟାଇ ଆଣି ଶୁଖାଇ ଶୁଖିଲା ମହୁଲକୁ ବଜାରରେ ବିକ୍ରି କରନ୍ତି। ଲକ୍‌ଡାଉନ ହେତୁ ମହୁଲ ଗୋଟାଳି କ୍ଷତିଗ୍ରସ୍ତ ହୋଇଛନ୍ତି। ଏବେ ବସ୍ତା ବସ୍ତା ମହୁଲ ଘରେ ନଷ୍ଟ ହେଉଥିବା କେତେଜଣ ମହୁଲ ଗୋଟାଳି ପ୍ରକାଶ କରିଛନ୍ତି। ଜୀବିକା ହରଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।



ଧରିତ୍ରୀ
DHARITRI
ଶନିବାର, ୧୧ ଏପ୍ରିଲ, ୨୦୨୦



# କାମ ନ ପାଇ ଚିନ୍ତାରେ ଜବ୍‌କାର୍ଡଧାରୀ

ଯାଜପୁର ଅଫିସ,୧୦।୪

କରୋନା ଭୂତାଣୁ ସଂକ୍ରମଣ(କୋଭିଡ-୧୯)ର ମୁକାବିଲା କରିବା ଲାଗି ଓଡ଼ିଶା ସମେତ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଛି। ଏହି କାରଣରୁ ରାଜ୍ୟରେ ପ୍ରାୟ ସମସ୍ତ ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବା ସହ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ କାମ ନ ପାଇ ଆର୍ଥିକ ଅନଟନର ଶିକାର ହେଉଛନ୍ତି। ଏହି କ୍ରମରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକମାନଙ୍କୁ କାମ ଯୋଗାଇଦେବାକୁ ନିଶ୍ଚିତ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏହାସହ ଏହି ଯୋଜନାର ଜବ୍‌କାର୍ଡଧାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଅଧିକ ଅର୍ଥ ବରାଦ ପାଇଁ ଦାବି କରିଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ବଦଳରେ ଅଧିକାଂଶ ପ୍ରକଳ୍ପ ମେଶିନରେ କାମ ହେଉଥିବାରୁ ଜବ୍‌କାର୍ଡଧାରୀମାନେ କାମ ନ ପାଇ ଭୋକ ଉପାସରେ କାଳ କାଟୁଥିବା ଅଭିଯୋଗ ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି ସାମାଜିକ କର୍ମୀ ଉଦୟନାଥ ସାହୁ କହିଛନ୍ତି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯାଜପୁର ଜିଲାର ଶ୍ରମିକମାନଙ୍କୁ ୧୦୦ଦିନ କାମ ଯୋଗାଇବାରେ ୨୦୧୯-୨୦ ଆର୍ଥିକ ବର୍ଷରେ ରେକର୍ଡ ସୃଷ୍ଟି ହୋଇଛି। ବିଗତ ୨୦୧୮-୧୯ ବର୍ଷ ତୁଳନାରେ ୬ ଗୁଣରୁ ଅଧିକ ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ଏଥିରେ ୨୦୧୮-୧୯ ବର୍ଷରେ ୩୬୭ ପରିବାର ରହିଥିବାବେଳେ ନିକଟରେ ଶେଷ ହୋଇଥିବା ୨୦୧୯-୨୦ ବର୍ଷରେ ୨୩୩୭ ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ତେବେ ଏହି ସରକାରୀ ରିପୋର୍ଟକୁ ନେଇ ସାଧାରଣରେ ସନ୍ଦେହ ପ୍ରକଟ କରାଯାଇଛି। ଜିଲାର ବିଭିନ୍ନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପରେ ମେଶିନ କାମ କରୁଥିବା ଦେଖିବାକୁ ମିଳିଥିବାବେଳେ ବିଭାଗୀୟ ଅଧିକାରୀ ବାହୁସ୍ଫୋଟ ମାରିବାକୁ ଯାଇ ଏଭଳି ମିଥ୍ୟା ରିପୋର୍ଟ ଦାଖଲ କରୁଥିବା ଆଲୋଚନା ହେଉଛି।



**ଏମ୍‌ଜିଏନ୍‌ଆର୍‌ଇଜିଏସ୍**

- ୨୦୨୦-୨୧ ବର୍ଷରେ ଯାଜପୁର ଜିଲାର ୧୩୦ ଶ୍ରମିକଙ୍କୁ ମିଳିଛି କାମ

ମିଳିଥିବା ତଥ୍ୟ ଅନୁସାରେ ୨୦୧୯-୨୦ ଆର୍ଥିକ ବର୍ଷ ସୁଦ୍ଧା ୨,୯୬,୭୭୩ ପରିବାରଙ୍କୁ ଜବକାର୍ଡ ବଣ୍ଟନ କରାଯାଇଛି। ୧୦୦ଦିନ ସମ୍ପୂର୍ଣ୍ଣ କରିଥିବା ପରିବାରଙ୍କ ମଧ୍ୟରେ ସର୍ବାଧିକ ବିଞ୍ଝାରପୁର ବ୍ଲକର ୬୫୬ ପରିବାର ରହିଛନ୍ତି। ଏଥିରେ ଦାନଗଦି, ରସୁଲପୁର ଓ ସୁକିନ୍ଦା ବ୍ଲକରେ ପରିବାର ସଂଖ୍ୟା ୩ ଅଙ୍କ ଛୁଇଁ ପାରିନାହିଁ। ଇତିମଧ୍ୟରେ ଚଳିତ ଆର୍ଥିକ ବର୍ଷର ୧୦ ଦିନ ଅତିକ୍ରାନ୍ତ ହୋଇ ସାରିଛି। ଇତିମଧ୍ୟରେ ୭୩୭ ପରିବାରର ୧୧୭୫ ଜଣ ଶ୍ରମିକ କାମ ପାଇଁ ଆବେଦନ କରି ସାରିଛନ୍ତି। ହେଲେ ସେଥିରୁ ମାତ୍ର ୭୮ ପରିବାରର ୧୩୦ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଜିଲାର ପଞ୍ଜୀକୃତ ୬,୬୪,୯୨୫ ଶ୍ରମିକଙ୍କ ମଧ୍ୟରୁ ମାତ୍ର ୧୩୦ ଜଣ ଶ୍ରମିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରୁଥିବାବେଳେ ବର୍ତ୍ତମାନର କରୋନା ବିପଦ ସମୟରେ ଶ୍ରମିକଙ୍କୁ କିଭଳି ଭାବେ କାମ ଯୋଗାଇ ଦିଆଯାଉଛି ତାହା ସହଜେ ଅନୁମେୟ। ଅନ୍ୟପକ୍ଷେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଟୁଣିଆ ପଞ୍ଚାୟତର ଶଙ୍ଖ ଓ ହାମଜାପୁର ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଏକ ନାଳ କାମ ହିତାଧିକାରୀଙ୍କ ବଦଳରେ ମେଶିନ ସାହାଯ୍ୟରେ ଚାଲିଥିବା ସାମାଜିକ କର୍ମୀ ସାହୁ ଅଭିଯୋଗ ଆଣିଥିଲେ। ଏଭଳି ଶତାଧିକ ପ୍ରକଳ୍ପରେ ଶ୍ରମିକ ବଦଳରେ ମେଶିନ କାମ କରୁଥିବାରୁ ବାସ୍ତବରେ ଶ୍ରମିକମାନେ ଉପକୃତ ନହୋଇ ଲକ୍‌ଡାଉନ୍ ସମୟରେ ଆର୍ଥିକ ଅନଟନର ଶିକାର ହେଉଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ନାୟକଙ୍କ ମତାମତ ନେବାକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନକଲ ଗ୍ରହଣ କରି ନଥିଲେ।

## ଆମ୍ବୁଲାନ୍ସ-ଟ୍ରକ୍ ଧକ୍କା: ୬ ଆହତ

ଧର୍ମଶାଳା,୧୦।୪(ଡି.ଏନ.ଏ.)

ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ଦେଉଳି ଗ୍ରାମ ନିକଟରେ ଶୁକ୍ରବାର ଆମ୍ବୁଲାନ୍ସ ସହ ଏକ ମାଲ୍‌ବୋଝେଇ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଆମ୍ବୁଲାନ୍ସ ଚାଳକଙ୍କ ସହ ମୋଟ୍ ୬ଜଣ ଆହତ ହୋଇଛନ୍ତି। ଧର୍ମଶାଳା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆମ୍ବୁଲାନ୍ସ ଡ୍ରାଇଭର ଓ ଅନ୍ୟ ୨ ଜଣଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଭଦ୍ରକ ଜିଲା ଦାଣ୍ଡପଲ୍ଲି ଗ୍ରାମର ନୃସିଂହ ବେହେରା, ମନୋଜ ପହି, ବଳରାମ ପହି, ଅରେଇକଣା ଗ୍ରାମର ଅନିରୁଦ୍ଧ ପହି, ସୁନ୍ଦରପୁର ଗ୍ରାମର ଅତୁଲ୍ୟ ରାଉତ ଓ ଆମ୍ବୁଲାନ୍ସ ଚାଳକ ଭଦ୍ରକ ନୂଆ ବଜାର ଅଞ୍ଚଳର ସୁନିଲ ମୁଖୀ ବୋଲି ଜଣାପଡିଛି। ଗୁରୁବାର ରାତିରେ ଏମାନେ ଏକ ମୃତଦେହ ନେଇ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ। ସେଠାରେ ମୃତଦେହ ସତ୍କାର କରି ଆମ୍ବୁଲାନ୍ସରେ ଭଦ୍ରକ ଫେରୁଥିଲେ। ଏହି ସମୟରେ ସମ୍ମୁଖରୁ ଆସୁଥିବା ଏକ ଗହମ ବୋଝେଇ ଟ୍ରକ ସହିତ ପୂର୍ବାହ୍ନ ସାଢ଼େ ୯ଟାରେ ଦେଉଳି ଗ୍ରମ ନିକଟରେ ଧକ୍କା ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଗ୍ରସ୍ତ ଗାଡି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ଟ୍ରକ୍ ଚାଳକ ଓ ହେଲ୍‌ପର ଫେରାର ହୋଇ ଯାଇଛନ୍ତି।



## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଧର୍ମଶାଳା,୧୦।୪(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ୧୬ ନଂ ଜାତୀୟ ରାଜପଥର କୁମାରୀ ଗ୍ରାମ ପଣ୍ଡା ଢାବା ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାରବାଟୀ ଗ୍ରାମର ଯୁଗଳ କିଶୋର ବେହେରାଙ୍କ ପୁଅ ଜିତେନ୍ଦ୍ର ବେହେରା(୨୫)। ସେ ଶୁକ୍ରବାର କୌଣସି କାମରେ ଘରୁ ଜାରକାକୁ ଆସୁଥିବାବେଳେ ଅଜଣାଗାଡି ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ଧର୍ମଶାଳା ପୋଲିସ ପହଞ୍ଚି ଜିତେନ୍ଦ୍ରଙ୍କୁ ଉଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ଲକ୍‌ଡାଉନ ଜାରି ରହିଥିବାରୁ ରାଜପଥରେ କାଁଭାଁ ଗାଡି ଚଳାଚଳ କରୁଛି। ଏପରିସ୍ଥଳେ ବେପରୁଆ ଗାଡି ଚଳାଚଳ କରୁଥିବାରୁ ୭ ଦିନ ମଧ୍ୟରେ ୫ରୁ ଅଧିକ ଦୁର୍ଘଟଣା ଘଟିଥିବା ଦେଖିବାକୁ ମିଳିଛି।

### କୁମ୍ପି ଭାଙ୍ଗି ଟଙ୍କା ଦାନ କଲେ ଭଉଣୀଭାଇ

**ଚଣ୍ଡିଖୋଲ,୧୦।୪(ଡି.ଏନ.ଏ):** କରୋନା ମୁକାବିଲା ପାଇଁ କୁମ୍ପିରେ ସଞ୍ଚିତ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି ଭଉଣୀଭାଇ। ବଡ଼ଚଣା ବ୍ଲକ ଶୁଖୁଆପଡ଼ା ଗ୍ରାମର ଏହି ଭାଇଭଉଣୀ କମ୍ ବୟସ ସତ୍ତ୍ୱେ ବଡ଼କାମ କରି ସାଧାରଣରେ ପ୍ରଶଂସାର ପାତ୍ର ପାଲଟିଛନ୍ତି। ଶୁଖୁଆପଡ଼ା ଗ୍ରାମର ରମଣୀ ରଞ୍ଜନ ମହାରଣାଙ୍କ ୬ଷ୍ଠ ଶ୍ରେଣୀରେ ପଢୁଥିବା ଝିଅ ଶୁଭସ୍ମିତା ଓ ୫ମ ଶ୍ରେଣୀରେ ପଢୁଥିବା ପୁଅ ସୁଶାନ୍ତ ଗତ କିଛିବର୍ଷ ଧରି ୨ଟି କୁମ୍ପିରେ ଅର୍ଥ ସଞ୍ଚୟ କରିଥିଲେ। ଶୁକ୍ରବାର କରୋନା ମୁକାବିଲା ପାଇଁ କୁମ୍ପି ଭାଙ୍ଗି ସେଥିରୁ ବାହାରିଥିବା ୫୧୨୦ ଟଙ୍କାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ବଡ଼ଚଣା ବିଡିଓ ଅଜିତ ପ୍ରସାଦ ନାରାୟଣ ଗିରିଙ୍କୁ ସେମାନେ ଏହି ଅର୍ଥରାଶି ପ୍ରଦାନ କରିଛନ୍ତି।

## ଲାଠି ମାଡ଼ ଭୟ: ଅଭାବ ହେଲାଣି ଅତ୍ୟାବଶ୍ୟକ ସାମଗ୍ରୀ

କାଳିଆପାଣି,୧୦।୪(ଡିଏନଏ)

କରୋନା ପାଇଁ ପୂର୍ବରୁ ୨୧ ଦିନିଆ ଲକ୍‌ଡାଉନ ଚାଲିଥିବାବେଳେ ଏବେ ଏହି ଲକ୍‌ଡାଉନକୁ ରାଜ୍ୟ ସରକାର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେବେ ଲକ୍‌ଡାଉନ କଟକଣା ଯୋଗୁ ଯାଜପୁର ଜିଲା କାଳିଆପାଣି, ସୁକିନ୍ଦା ଆଦି ଖଣି ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେବାରେ ଲାଗିଛି। ରାଶନ, ପରିବା, ଫଳମୂଳ ପରି ବହୁ ଅତ୍ୟାବଶ୍ୟକ ସାମଗ୍ରୀ ଆଣିବାକୁ ଯାଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଘରୁ ବାହାରିବାକୁ ଇଚ୍ଛା କରୁ ନାହାନ୍ତି। ବ୍ୟବସାୟୀଙ୍କଠାରୁ ମାଲ ଆଣିବା ଓ ଗୋଦାମରୁ ମାଲ ବାହାରକୁ ଆଣିବା ପାଇଁ ସେମାନଙ୍କ ନିକଟରେ କୌଣସି ପରିଚୟପତ୍ର ନ ଥିବାରୁ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଔଷଧ ଦୋକାନୀଙ୍କୁ ଛାଡ଼ିଦେଲେ ଖୁଚୁରା ବ୍ୟବସାୟୀ ନିକଟରେ କୌଣସି କାଗଜପତ୍ର ନ ଥିବାରୁ ଦୁଇଚକିଆ ଯାନରେ ବାହାରକୁ ଆସିଲେ ପୋଲିସର ଲାଠି ପାହାର ସହ ଗାଡ଼ି ଜବତ ଭୟ ଘାରିଛି। ଏପରିସ୍ଥଳେ ଅତ୍ୟାବଶ୍ୟକ ସାମଗ୍ରୀ ଗୋଦାମରେ ରହିଥିଲେ ମଧ୍ୟ ସାଇକେଲ କିମ୍ବା ମୋଟର ସାଇକେଲରେ ଆଣିବା ସମ୍ଭବ ହେଉନାହିଁ। ସକାଳ ୬ଟାରୁ ୧୦ଟା ଭିତରେ ଦୋକାନ ଖୋଲିବାକୁ ନିର୍ଦ୍ଧାରଣ ହୋଇଥିବାରୁ ଦୋକାନ ଖୋଲୁଖୋଲୁ ଲୋକଙ୍କ ଭିଡ଼ ଜମିବାରେ ଲାଗୁଛି।

ମୁଖ୍ୟତଃ ଯାଜପୁର, ଡୁବୁରୀ, ଭୁବନ ଅଞ୍ଚଳରେ ଗୋଦାମଗୁଡ଼ିକ ରହିଥିବାରୁ ସେଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଣିବାକୁ ବ୍ୟବସାୟୀମାନେ ଡରୁଛନ୍ତି। ଯାନବାହାନ ବନ୍ଦ ଯୋଗୁ ଗ୍ରାମାଞ୍ଚଳରୁ ପରିବା ଅଳ୍ପକିଛି ସାଇକେଲ ଯୋଗେ ଟାଟା ନିକଟସ୍ଥ ପରିବା ହାଟକୁ ଆସୁଥିବାବେଳେ ପରିବା ବ୍ୟବସାୟୀମାନେ ହାଟକୁ ଯାଇପାରୁ ନାହାନ୍ତି। ବ୍ୟବସାୟୀମାନେ ସାଇକେଲ ଯୋଗେ ୩୦ କି.ମି. ଦୂର ଭୁବନ ଓ କାମାକ୍ଷାନଗର ବ୍ଲକ ଅଞ୍ଚଳର ବେଢାପାଳ, ଜିରାଳରୁ ଅଧିକ ପରିବା ଆଣିବା ସମ୍ଭବପର ହେଉନାହିଁ। ତେବେ କିଛି ସାମଗ୍ରୀର ଅଭାବ ଦର୍ଶାଇ ଦର ବଢ଼ାଯାଇ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି। ଏଭଳି କଳାବଜାରୀ କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏନେଇ କାଳିଆପାଣି ଥାନାଧିକାରୀ ରମାକାନ୍ତ ମୁଦୁଲୀଙ୍କୁ ପଚାରିବାରେ, ପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀକୁ ଛଡ଼ାଯାଉଛି ଓ ଅଧିକ ଦରରେ ବିକ୍ରି କରୁଥିବାର ଅଭିଯୋଗ ମିଳିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ

ଯାଜପୁର ଅଫିସ/କଳିଙ୍ଗନଗର,୧୦।୪(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ଡୁବୁରୀ ସ୍ଥିତ ଟାଟା ମେଡିକା ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲ ଭାବେ ଶୁକ୍ରବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ୧୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରାଯିବ ଏବଂ ଏଥିରେ ୨୫ଟି ଆଇସିୟୁ ବେଡ୍‌ର ବ୍ୟବସ୍ଥା ରହିଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହାସହିତ ୧୦ଟି ଭେଣ୍ଟିଲେଟର ଓ ଆଇସୋଲେଶନ ୱାର୍ଡ ରହିଛି। କରୋନା ରୋଗୀଙ୍କ ପ୍ରାଥମିକ ଚିକିତ୍ସା ସହ ସାମ୍ପୁଲ ସଂଗ୍ରହ ମଧ୍ୟ କରାଯିବ। ଏଥିରେ ୨୬ ଜଣ ଡାକ୍ତର ଓ ୧୧୫ ଜଣ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ନିୟୋଜିତ କରାଯାଇଛି। ଟାଟା ଷ୍ଟିଲ ଓ ମେଡିକା କର୍ତ୍ତୃପକ୍ଷ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ୮ ଜଣ ଡାକ୍ତର ଓ ୨୦ ଜଣ ପାରାମେଡିକାଲ ଷ୍ଟାଫ ଯୋଗାଇ ଦେଇଛନ୍ତି। ଏହାକୁ ଜିଲା ପ୍ରଶାସନ ନିରନ୍ତର ତଦାରଖ କରିବ। ରୋଗୀମାନଙ୍କୁ ମାଗଣା ଚିକିତ୍ସା ସୁବିଧା ସହ ଖାଦ୍ୟ ଯୋଗାଇ ଦିଆଯିବ। ଡାକ୍ତର ଓ ଅନ୍ୟାନ୍ୟ ସହକାରୀ ସେବାକାରୀମାନଙ୍କୁ ସ୍ୱତନ୍ତ୍ର ଭାବେ 'ଜିଞ୍ଜର' ହୋଟେଲରେ ରଖାଯିବ। ଏମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, କେନ୍ଦ୍ର ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଗାଇଡ୍‌ଲାଇନ୍ ଆଧାରରେ ରୋଗୀସେବା ସହ ନିଜ ସୁରକ୍ଷା ପାଇଁ ଯତ୍ନବାନ ହେବେ। ସମସ୍ତ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ପିପିଇ ବା ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇ ଦିଆଯିବ ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ପଡ଼ୋଶୀ ଜିଲାଗୁଡ଼ିକର କରୋନା ସଂକ୍ରମିତଙ୍କୁ ମଧ୍ୟ ଏଠାରେ ଚିକିତ୍ସା କରାଯିବ। ଲୋକାର୍ପଣ କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଟାଟାର ଜେନେରାଲ ମ୍ୟାନେଜର ଆର.ଆର. ଶତପଥୀ, କର୍ପୋରେଟ୍ ସର୍ଭିସର ଜେନେରାଲ ମ୍ୟାନେଜର ଡା. ଅଭିଜିତ ଚକ୍ରବର୍ତ୍ତୀ, ମେଡିକାର ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧାଂଶୁ ଶେଖର ସୂତାର ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ୫ କୋଟି ଦେଲା ଜିନ୍ଦଲ ଷ୍ଟେନ୍‌ଲେସ୍

ଯାଜପୁର ଅଫିସ୍,୧୦।୪

କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ କୋଭିଡ-୧୯ ମହାମାରୀର ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ୫କୋଟି ଟଙ୍କା ପ୍ରଦାନ କରିଛି। ଏହାସହ କମ୍ପାନୀର ପ୍ରତ୍ୟେକ କର୍ମଚାରୀ ସେମାନଙ୍କର ୨ ଦିନର ଦରମା ଉକ୍ତ ଫଣ୍ଡକୁ ପ୍ରଦାନ କରିଛନ୍ତି। ହରିୟାନାର ହିସାରଠାରେ ଅବସ୍ଥିତ ୫୮୦ ଶଯ୍ୟା ବିଶିଷ୍ଟ ମଲ୍ଟିସୁପର ସ୍ପେଶାଲିଟି ଡାକ୍ତରଖାନାରେ ଜିନ୍ଦଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଜିମ୍ସ) ୧୫୦ ଶଯ୍ୟା ବିଶିଷ୍ଟ ଆଇସୋଲେଶନ ୱାର୍ଡ ବ୍ୟବସ୍ଥା ହୋଇଛି। ୧୫୦ ଆଇସିୟୁ ଶଯ୍ୟା, ୬୦ ଭେଣ୍ଟିଲେଟର, ୩୦୦ ସିରି ପମ୍ପ ପ୍ରସ୍ତୁତ ହୋଇରହିଛି। ଏହା ଭୂତାଣୁ ଆକ୍ରାନ୍ତଙ୍କ ତତ୍କାଳ ଚିକିତ୍ସା ପାଇଁ ସକ୍ଷମ। କମ୍ପାନୀର ଯାଜପୁର ଓ ହିସାର କାରଖାନାର ଆଖପାଖ ଅଞ୍ଚଳରେ ଦୈନିକ ପ୍ରାୟ ୫୦୦ରୁ ଅଧିକ ଗରିବ ପରିବାରଙ୍କୁ ଶୁଖିଲା ଖାଦ୍ୟ ପୁଡ଼ିଆ ଓ ରନ୍ଧାଖାଦ୍ୟ ବିତରଣ କରାଯାଉଛି। ଏହାସହ ଯାଜପୁରରୋଡ ସହରକୁ ସାନିଟାଇଜ୍ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବିଶ୍ୱର ଏହି ସଙ୍କଟ ସମୟରେ ଆମ୍ଭେମାନେ ସରକାରଙ୍କୁ ସହାୟତା କରିବା ଓ ଲୋକମାନଙ୍କର ଜୀବନ ବଞ୍ଚାଇବା ପାଇଁ ଏକଜୁଟ ହୋଇ ପ୍ରୟାସ କରିବାର ଆବଶ୍ୟକତା ରହିଛି।



ଜିନ୍ଦଲ ପକ୍ଷରୁ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଉଛି।

## ଖରସ୍ରୋତାରେ ବୃଦ୍ଧା ନିଖୋଜ

ରସୁଲପୁର,୧୦।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ଗ୍ରାମର ମଧୁସୂଦନ ସାହୁଙ୍କ ସ୍ତ୍ରୀ କଇଁଥା(୭୦) ଖରସ୍ରୋତା ନଦୀରେ ବୁଡି ନିଖୋଜ ହୋଇ ଯାଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ତାଙ୍କୁ ଖୋଜିବା ସମ୍ଭବ ନ ହେବାରୁ ରସୁଲପୁର ଦମକଳ ବାହିନୀ ପକ୍ଷରୁ ଶନିବାର ସକାଳେ ଖୋଜାଯିବ ବୋଲି ସୂଚନା ମିଳିଛି। ବୃଦ୍ଧା ଜଣକ ଶୁକ୍ରବାର ଅପରାହ୍ନରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ବୁଡି ଯାଇଥିବା ଲୋକେ ଦେଖିବାକୁ ପାଇଥିଲେ। ଏ ସଂପର୍କରେ ଗାଁରେ ଖବର ଦେବାରୁ ଗାଁ ଲୋକେ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ବୃଦ୍ଧାଙ୍କୁ ଠାବ କରିବାରେ ବିଫଳ ହୋଇଥିଲେ। ପରେ ଦମକଳ କେନ୍ଦ୍ରକୁ ସୂଚନା ଦିଆଯାଇଥିଲା। ତେବେ ଦମକଳବାହିନୀ କର୍ମଚାରୀ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇ ଯାଇଥିଲା। ଫଳରେ ଖୋଜାଖୋଜି କାର୍ଯ୍ୟ ହୋଇ ପାରି ନ ଥିଲା। ଖରାଦିନେ ଜଳଶୂନ୍ୟ ହୋଇପଡୁଥିବା ଖରସ୍ରୋତାରେ ଏବେ ଜଳସ୍ତର ବୃଦ୍ଧି ପାଇଛି। ବୃଦ୍ଧାଜଣକ ଜଳସ୍ତର ଆକଳନ କରି ନ ପାରିବାରୁ ବୁଡ଼ି ଯାଇ ଥାଇ ପାରନ୍ତି ବୋଲି କୁହାଯାଉଛି।

## ଦଳିତ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ

ରସୁଲପୁର,୧୦।୪(ଡିଏନଏ)

ରସୁଲପୁର ବ୍ଲକର ଅନ୍ତର୍ଗତ ରାହାମ୍ବା ପଞ୍ଚାୟତରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ଦଳିତ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଟ୍ରଷ୍ଟ ସମ୍ପାଦକ ହିମାଂଶୁ ଶେଖର ସାହୁ ଗାଁରେ ଦଳିତ ପରିବାରକୁ ଶୁଖିଲା ଖାଦ୍ୟ ଭାବେ ଆଳୁ, ଅଟା, ବିସ୍କୁଟ୍, ତେଲ, ଚୁଡା, ଚିନି ଆଦି ପ୍ରଦାନ କରିଥିଲେ। ଏଥିସହ ପରିବାର ଲୋକଙ୍କୁ କପଡାରେ ତିଆରି ମାସ୍କ ପ୍ରଦାନ କରିବା ସହ କରୋନାରୁ ସୁରକ୍ଷିତ ରହିବା ଦିଗରେ ସଚେତନ ରହିବା ପାଇଁ ଲିଖିତ ବାର୍ତ୍ତା ପ୍ରଦାନ କରିଥିଲେ। ରାଜ୍ୟରେ ଲକ୍‌ଡାଉନ ସ୍ଥିତି ଯୋଗୁ ଅଧିକାଂଶ ଗରିବ ଲୋକ ଖାଇବାକୁ ମୁଠାଏ ପାଉ ନ ଥିବା ଜାଣିବା ପରେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସ୍ଥାନରେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ଆଦି ପ୍ରଦାନ କରାଯାଉଛି। ଯେ ପର୍ଯ୍ୟନ୍ତ ଲକଡାଉନ ଚାଲିଥିବ ଏହି ଟ୍ରଷ୍ଟ ଜନସେବା କାର୍ଯ୍ୟ ଜାରି ରଖିବ ବୋଲି ସମ୍ପାଦକ ସାହୁ କହିଛନ୍ତି।

## ନମୁନା ସଂଗ୍ରହକୁ ସପ୍ତାହେ ବିତିଲା, ଆସିଲାନି ରିପୋର୍ଟ

ରସୁଲପୁର,୧୦।୪(ଡିଏନଏ)

- ଆଶଙ୍କାରେ ସନ୍ଦିଗ୍ଧ ପରିବାର
- ସଂଗ୍ରହ ହୋଇଥିଲା ୩୩ଜଣଙ୍କ ନମୁନା

ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ଅଞ୍ଚଳରୁ ପ୍ରଥମ କରୋନା ଆକ୍ରାନ୍ତ ଏପ୍ରିଲ ୩ରେ ଚିହ୍ନଟ ହୋଇଥିଲେ। ଏହାପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇ କରୋନା କଟକଣାକୁ କଡ଼ାକଡ଼ି କରାଯାଇଛି। ଏହି ଅଞ୍ଚଳରେ ୧୨ତାରିଖ ପର୍ଯ୍ୟନ୍ତ ସଟ୍‌ଡାଉନ ଲାଗୁ ହୋଇଛି। ବ୍ରହ୍ମବରଦା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନଭାବେ ଘୋଷଣା କରାଯାଇଛି। ସଟଡାଉନ ଅବଧି ମଧ୍ୟରେ ୩ଟି ଡାକ୍ତରୀ ଦଳ ନିୟୋଜନ କରାଯାଇ ମୌଲବୀ ପରିବାର ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ନମୁନା ଗତ ୪ ତାରିଖରୁ ସଂଗ୍ରହ କରାଯାଇଛି। ୬ତାରିଖ ମଧ୍ୟରେ ୩୩ଜଣଙ୍କ ନମୁନା ସଂଗ୍ରହ ହୋଇଥିଲେ ହେଁ ଏଯାବତ୍ ସେମାନଙ୍କ ରିପୋର୍ଟ ଆସିନାହିଁ। ନମୁନା ସଂଗ୍ରହକୁ ସପ୍ତାହେ ବିତିବାକୁ ବସିଲାଣି। ରିପୋର୍ଟ ଆସିବାରେ ଅହେତୁକ ବିଳମ୍ବ ହେଉଥିବାରୁ ସନ୍ଦିଗ୍ଧ ପରିବାର ମଧ୍ୟରେ ଆଶଙ୍କା ବଢିବାରେ ଲାଗିଛି। ନମୁନା ସଂଗ୍ରହର ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଅଭିଯୋଗକାରୀମାନେ ରିପୋର୍ଟ ଆସିବାକୁ ଅପେକ୍ଷା କରି ବସିଛନ୍ତି। ଘରୁ ବାହାରକୁ ଯିବାର ସୁବିଧା ନ ଥିବାରୁ ରିପୋର୍ଟରଙ୍କ ସ୍ଥିତିକୁ ନେଇ ସେମାନଙ୍କ ମଧ୍ୟରେ ବ୍ୟସ୍ତତା ବଢିଯାଇଛି। ଏହା କେବଳ ସନ୍ଦିଗ୍ଧ ବ୍ୟକ୍ତି ଓ ତାଙ୍କ ପରିବାର ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହି ଅଞ୍ଚଳରେ କରୋନାକୁ ପ୍ରତିହତ କରିବା ପାଇଁ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ରିପୋର୍ଟକୁ ଅପେକ୍ଷା କରି ରହିଛନ୍ତି। ହେଲେ ଏ ଦିଗରେ ଅହେତୁକ ବିଳମ୍ବ କରୋନାକୁ ପ୍ରତିହତ କରିବା ନେଇ ସରକାରୀ ବିଫଳତା ପଦାରେ ପଡ଼ିଛି। ଏହାଛଡ଼ା ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଲକଡାଉନ ଓ ସଟ୍‌ଡାଉନକୁ ଏକମାତ୍ର ବିକଳ୍ପଭାବେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହି ଅଞ୍ଚଳରେ କରୋନା ଟିମ୍, ସ୍ୱାସ୍ଥ୍ୟ ଟିମ୍ ଆଦିଗୁଡିକର ପରିଚାଳନା ଦାୟିତ୍ୱରେ ଥିବା ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧିର କୁମାର ସାହୁଙ୍କୁ ପଚାରିବାରୁ, ସେମାନେ ରିପୋର୍ଟକୁ ଅପେକ୍ଷା କରିଛନ୍ତି। ସାମ୍ପଲର ଗୁରୁତ୍ୱକୁ ନେଇ ପରୀକ୍ଷା କରାଯାଉଛି। ତେବେ ଏଠାରୁ ଯାଇଥିବା କେସ୍‌ଗୁଡିକ ସେକେଣ୍ଡାରୀ ହୋଇଥିବାରୁ ବିଳମ୍ବ ହୋଇଥାଇ ପାରେ ବୋଲି ପ୍ରକାଶ କରିଛନ୍ତି।

# ଭିତରକନିକାରେ ବଢୁଛି ବେଆଇନ କାର୍ଯ୍ୟ

କେନ୍ଦ୍ରାପଡ଼ା ଅଫିସ, ୧୦।୪

କରୋନା ଭୂତାଣୁ ସଂକ୍ରମଣ ପାଇଁ ସାରାଦେଶରେ ତାଲା ବନ୍ଦ ହୋଇଛି। ଯାତାୟାତ ଠପ ହୋଇଥିବାରୁ ଜାତୀୟ ଉଦ୍ୟାନ ଭିତରକନିକାକୁ ପର୍ଯ୍ୟଟକ ଆସୁନାହାନ୍ତି। ସେହିପରି ତାଲାବନ୍ଦ ଯୋଗୁ ଆଖପାଖ ଅଞ୍ଚଳବାସୀ ଘରେ ଆବଦ୍ଧ ଅଛନ୍ତି। ଏହାର ସୁବିଧା ଏବେ କେତେକ ଦୁର୍ବୃତ୍ତ ନେଉଥିବା ଜଣାପଡ଼ିଛି। ଜାତୀୟ ଉଦ୍ୟାନ ଭିତରକନିକା ନିଷିଦ୍ଧାଞ୍ଚଳ ହୋଇଥିଲେ ମଧ୍ୟ ଅବାଧରେ ଅନୈତିକ କାର୍ଯ୍ୟ ଚାଲୁଥିବା ଜଣାପଡ଼ିଛି। ଭିତରକନିକା ବନାଞ୍ଚଳରୁ ହରିଣ ଶିକାର କରିଥିବା ଅଭିଯୋଗରେ ଗୁପ୍ତି ଗ୍ରାମର ପତିତପାବନ ଦାସ ଓ ଦୀନବନ୍ଧୁ ଦାସଙ୍କୁ କେନ୍ଦ୍ରାପଡା ଜିଲା ରାଜନଗର ରେଞ୍ଜ ଅଫିସର ସୁଜିତ ସାହୁ ଓ ବନ ବିଭାଗ କର୍ମଚାରୀ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ତାଙ୍କ ନିକଟରୁ ୪୦ କି.ଗ୍ରା. ହରିଣ ମାଂସ ଜବତ ହୋଇଛି। ସେହିପରି ମାର୍ଚ୍ଚ ୨୫ ତାରିଖରେ ଏହି ନିଷିଦ୍ଧାଞ୍ଚଳରେ ଅଗ୍ନିକାଣ୍ଡ ଘଟି ହଜାରରୁ ଅଧିକ ଗଛ ପୋଡିଯାଇଛି। ଏ ସମ୍ପର୍କରେ ବନବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ମହୁ ସଂଗ୍ରହ ସମୟରେ ଦୁର୍ବୃତ୍ତମାନେ ଅଗ୍ନିର ସାହାରା ନେଇଥିବା ପ୍ରକାଶ କରିଛନ୍ତି। ତାଲାବନ୍ଦ ସମୟରେ ଭିତରକନିକା ନିଷିଦ୍ଧାଞ୍ଚଳରେ ପଶୁପକ୍ଷୀ ଶିକାର, ମହୁ ସଂଗ୍ରହ ସହିତ ବେଆଇନ କାଠ, କୋଇଲା ଚାଲାଣ, ଚିଙ୍ଗୁଡ଼ି ଚାଷ ସହିତ ଅବୈଧ ଭାବରେ ବସତି ଆରମ୍ଭ ହୋଇଥିବା ବହୁ ପରିବେଶବିତ ଉଦ୍‌ବେଗ ପ୍ରକାଶ କରିଛନ୍ତି।



ଭିତରକନିକା ଜାତୀୟ ଉଦ୍ୟାନର ମୁଖ୍ୟ ଫାଟକ।

## ସୁବିଧା ଦେଇଛି ଲକ୍‌ଡାଉନ୍

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ଜୈବବିବିଧତା, ଲୁଣା କୁମ୍ଭୀର, ବିରଳ ପଶୁପକ୍ଷୀଙ୍କ ସମାହାର, ବିରଳ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସ୍ଥଳ ଆଦି ପାଇଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏହାର ରକ୍ଷଣାବେକ୍ଷଣ ଦ୍ୱାରା ସୁନାମି, ଝଡ଼ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ମିଳିବ। ତେବେ କେତେଜଣ ଦୁର୍ବୃତ୍ତଙ୍କ ପାଇଁ ଏହା ଏବେ ବିପଦରେ ପଡିଛି। ଶିକାରୀମାନେ ଏଠାରେ ହରିଣ, କୁତ୍ରା ଆଦି ବନ୍ୟଜୀବ ଓ ପକ୍ଷୀଙ୍କୁ ଶିକାର କରୁଥିବା ବେଳେ ଜଙ୍ଗଲଜମିରୁ ଅବାଧରେ କାଠ କାଟି ନେଉଛନ୍ତି। ସେହିପରି ଗହୀରମଥାକୁ ଆସିଥିବା ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବରରୁ ମେ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ବନବିଭାଗ ପକ୍ଷରୁ କଟକଣା ଜାରି ହୋଇଛି। ଗତ ୫ ମାସ ମଧ୍ୟରେ ଏହି କଟକଣା ଉଲ୍ଲଂଘନ କରିବା ଅଭିଯୋଗରେ ୮୩ ବୋଟ୍, ଟ୍ରଲର ସମେତ ୪୫୦ରୁ ଅଧିକ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି। ନିଷିଦ୍ଧାଞ୍ଚଳ ଓ ତାଲାବନ୍ଦର ସୁଯୋଗ ନେଇ ଦୁର୍ବୃତ୍ତମାନେ ଭିତରକନିକା ବନାଞ୍ଚଳରେ ବେଆଇନ କାରବାର ବଢ଼ାଇଥିବା ସେ ମତ ଦେଇଛନ୍ତି। ସେହିପରି ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ କୁହନ୍ତି ଯେ, ଦୁର୍ବୃତ୍ତଙ୍କ ଅବୈଧ କାରବାର ବୃଦ୍ଧି ହେତୁ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ହ୍ରାସ ହେଉଥିବା ବେଳେ ସେମାନେ ବସା ବାନ୍ଧିବା ସ୍ଥାନ ବାରମ୍ବାର ପରିବର୍ତ୍ତନ କରୁଛନ୍ତି। ପ୍ରତିବର୍ଷ ଏଠାରେ ଡଲଫିନଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ଜମିକୁ ଜବରଦଖଲ କରି ବସତି ସ୍ଥାପନ କରୁଛନ୍ତି। ତାଲାବନ୍ଦ ପାଇଁ ଲୋକଙ୍କ ଯାତାୟାତ ବନ୍ଦ ରହୁଥିବାରୁ ଅବୈଧ କାରବାର ପ୍ରତି ନଜର ରହୁନି। ପର୍ଯ୍ୟାପ୍ତ ବନ କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ନିଯୁକ୍ତି ହିଁ ଏହାର ପ୍ରତିକାର ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାସ କହିଛନ୍ତି, କର୍ମଚାରୀମାନେ ବନାଞ୍ଚଳରେ ହେଉଥିବା ଅନୁପ୍ରବେଶକୁ ସତର୍କ ଦୃଷ୍ଟି ରଖିଛନ୍ତି। ବିଭିନ୍ନ ସମୟରେ ଅବୈଧ କାରବାରରେ ଲିପ୍ତ ବ୍ୟକ୍ତିମାନଙ୍କୁ ଗିରଫ ମଧ୍ୟ କରାଯାଉଛି।

# ୩ ଦିନରେ ମିଳିବ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତ ରିପୋର୍ଟ

କେନ୍ଦ୍ରାପଡା ଅଫିସ, ୧୦।୪

କରୋନା ଭୂତାଣୁ ସଂକ୍ରମଣ ରୋକିବା ଓ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଶୁକ୍ରବାରଠାରୁ ପ୍ରତ୍ୟେକ ପଡ଼ା ଓ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟ ପାଇବା ପାଇଁ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲିବା ଆରମ୍ଭ କରିଛନ୍ତି। ୩ ଦିନ ମଧ୍ୟରେ ଏ ସଂକ୍ରାନ୍ତ ରିପୋର୍ଟ ଜିଲା ପ୍ରଶାସନ ନିକଟରେ ପହଞ୍ଚିବ ବୋଲି ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ୍ ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି ଯେ, କରୋନା ଭୂତାଣୁ ସଂକ୍ରମଣ ପାଇଁ ସାରାଦେଶରେ ଲକ୍‌ଡାଉନ୍ କରାଯାଇଛି। ଏହି ସମୟରେ ସାଧାରଣ ରୋଗୀ କୌଣସି ଅସୁବିଧାରେ ନ ପଡିବା ପାଇଁ ଏହି ତଥ୍ୟର ଆବଶ୍ୟକତା ଥିଲା। ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ବର୍ମାଙ୍କ ନିର୍ଦ୍ଦେଶରେ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ତଥ୍ୟ ହାସଲ କରାଯାଉଥିବା ଡା. ବେଗ୍ ସୂଚନା ଦେଇଛନ୍ତି।

# ଅସହାୟଙ୍କୁ ମିଳୁନି ରନ୍ଧାଖାଦ୍ୟ

ମାର୍ଶାଘାଇ, ୧୦।୪ (ଡି.ଏନ୍.ଏ.)

ବିଶ୍ୱବ୍ୟାପୀ କରୋନା ମହାମାରୀ ରୂପ ନେଇଥିବା ବେଳେ ଏହାର ସଂକ୍ରମଣ ରୋକିବାକୁ ସାରା ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ ଜାରି କରାଯାଇଛି। ଏଥିସହ ରାଜ୍ୟ ସରକାର ଲକ୍‌ଡାଉନ୍ ଅବଧି ଏପ୍ରିଲ ୩୦କୁ ଘୁଞ୍ଚାଇଛନ୍ତି। ଏଥିଯୋଗୁ ଲୋକମାନଙ୍କୁ ଭତ୍ତା, ରାଶନ ସାମଗ୍ରୀ ଆଦି ଅଗ୍ରିମ ପ୍ରଦାନ କରାଯାଇଥିବା ବେଳେ ନିରାଶ୍ରୟ ଓ ଦିବ୍ୟାଙ୍ଗମାନମଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଦାୟିତ୍ୱ ଦିଆଯାଇଛି। ହେଲେ ମାର୍ଶାଘାଇ ବ୍ଲକ ଅଞ୍ଚଳର କେତେକ ସ୍ଥାନରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉ ନ ଥିବା ବେଳେ ଅନ୍ୟ କେତେକ ସ୍ଥାନରେ ବହୁ ଲୋକଙ୍କୁ ଏକାଠି କରାଯାଇ ଖାଦ୍ୟ ବିତରଣ କରାଯାଉଛି। ଏହାଫଳରେ ଅନେକ ନିରାଶ୍ରୟ ଓ ଭିନ୍ନକ୍ଷମ ରନ୍ଧାଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ପ୍ରତିବାଦ କରିବାର କ୍ଷମତା ସେମାନଙ୍କ ପାଖରେ ନ ଥିବାରୁ ସେମାନଙ୍କ ଅସୁବିଧା ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ଏବେ ବି ସେମାନେ ସ୍ୱେଚ୍ଛାସେବୀଙ୍କ ସହାୟତାକୁ ଅପେକ୍ଷା କରି ରହିଛନ୍ତି। ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯିବା ସହ ସମସ୍ତ ଅସହାୟ କିପରି ରନ୍ଧାଖାଦ୍ୟ ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ବାଲିକୁଦା, ୧୦।୪ (ସ୍ୱ.ପ୍ର.)

ବାଲିକୁଦା ବ୍ଲକ ବୋରିକିନା ଶାସନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଶରତ ମିଶ୍ରଙ୍କ ପୁଅ ଆଲୋକ(୪୬)। ଆଲୋକ ସକାଳୁ ମା'ଙ୍କ ମେଡିସିନ ପାଇଁ ବାଇକ୍‌ରେ ଯାଉଥିଲେ। ଡେଙ୍ଗାପୋଲ ଫକିର ପଡା ନିକଟରେ ଏକ ଅଜଣା ଗାଡ଼ି ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ଘଟଣାସ୍ଥଳରେ ଆଲୋକ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡମେଡିକାଲକୁ ପଠାଇଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

# ପାଟପୁରରେ ୩ ବଖରା ଜଳିଗଲା

ସାଲେପୁର, ୧୦।୪ (ଡି.ଏନ.ଏ.):

ସାଲେପୁର ବ୍ଲକ ଅଧୀନ ତେନ୍ତୋଳ ପଞ୍ଚାୟତ ପାଟପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ବିଷ୍ଣୁ ବେହେରାଙ୍କ ୨ ବଖରା ଓ ଟୁଲୁ ଦାସଙ୍କ ଏକ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଏଥିରେ ଉଭୟ ପରିବାରର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ମାତ୍ର ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସାଲେପୁର ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳେକୁ ସବୁକିଛି ଜଳି ସାରିଥିଲା। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ତ୍ରିସ୍ତରୀୟ ଚୁକ୍ତିନାମା


କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ହୋଇଥିବା ଚୁକ୍ତିନାମାକୁ ପ୍ରଦର୍ଶନ କରୁଛନ୍ତି ବନ୍ଦର ଅଧ୍ୟକ୍ଷ, ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ।

ଜଗତ୍‌ସିଂହପୁର ଅଫିସ, ୧୦।୪

କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ଜିଲା ପାଇଁ ପାରାଦୀପରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ଉତ୍ସର୍ଗୀକୃତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର (ଡେଡିକେଟେଡ୍ କୋଭିଡ୍ ହେଲ୍‌ଥ ସେଣ୍ଟର) ହେବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟକେନ୍ଦ୍ର ଆସନ୍ତା ୧୩ ତାରିଖରୁ କାର୍ଯ୍ୟକ୍ଷମ ହେବ। ବିଜୁ ଯାତ୍ରୀ ନିବାସ ପରିସରରେ ହେବାକୁ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଖର୍ଚ୍ଚ ପାରାଦୀପ ପୋର୍ଟ ବହନ କରିବ। ଏନେଇ ଶୁକ୍ରବାର ଅପରାହ୍ନରେ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ରାଜିନାମାରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପାରାଦୀପ ପୋର୍ଟ ଟ୍ରଷ୍ଟ ଅଧ୍ୟକ୍ଷ ରିଙ୍କେଶ ରାୟ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟା ପଣ୍ଡା ସ୍ୱାକ୍ଷର କରିଛନ୍ତି। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୋର୍ଟ ସଚିବ ସରୋଜ କୁମାର ଦାସ, ମୁଖ୍ୟ ଚିକିତ୍ସା ଅଧିକାରୀ ପାରାଦୀପ ପୋର୍ଟ ଟ୍ରଷ୍ଟ ଡ. ପ୍ରହ୍ଲାଦ ପଣ୍ଡା, ଏଡିଏମ୍‌ଓ ଡ. ବସନ୍ତ ବାରିକ, ଜିଲାପାଳଙ୍କ ଓଏସ୍‌ଡି ଡ. ଶଶାଙ୍କ ଶେଖର ଲେଙ୍କା, ସ୍ମୃତିରଞ୍ଜନ ମିଶ୍ର, ପାରାଦୀପ ବନ୍ଦର ଚିଫ ମ୍ୟାନେଜର, କର୍ପୋରେଟ୍ ରିଲେସନ୍ ଆଣ୍ଡ କମ୍ୟୁନିକେଶନ ରତିକାନ୍ତ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସୋସିଆଲ ମିଡିଆରେ ଅପପ୍ରଚାର ଯୁବକଙ୍କ ନାମରେ ମାମଲା

ନାଉଗାଁ, ୧୦।୪ (ସ୍ୱ.ପ୍ର.)

ନାଉଗାଁ ଥାନା ଅଧୀନ ଚାନ୍ଦପୁରା ଗ୍ରାମର ସୁଦର୍ଶନ ଗୋଛାୟତ ଓରଫ୍ ସୋନୁ ସୋସିଆଲ ମିଡିଆରେ ରାଜ୍ୟ ସରକାରଙ୍କ ନାମରେ ଅପପ୍ରଚାର କରିଥିବା ଜଣାପଡ଼ିଛି। ଏନେଇ ଥାନା ପକ୍ଷରୁ ଏସ୍‌ଆଇ ପ୍ରତାପ କୁମାର ଦାସ ତାଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏସଆଇ ଦାସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସମ୍ପୃକ୍ତ ଯୁବକ ସରକାରଙ୍କ କରୋନା ଭୂତାଣୁ ସଚେତନତା ଉପରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଅପପ୍ରଚାର କରୁଛନ୍ତି। ଏପରି କି ରାଜ୍ୟ ସରକାର ଲକ୍‌ଡାଉନ ବଢ଼େଇଥିବା ନେଇ ଯେଉଁ ଘୋଷଣା କରିଛନ୍ତି ତାହାକୁ ମଧ୍ୟ ସେ ଭିନ୍ନ ଢଙ୍ଗରେ ସୋସିଆଲ ମିଡିଆରେ ଉପସ୍ଥାପନ କରୁଛନ୍ତି। ଏହାଦ୍ୱାରା ଲୋକଙ୍କ ନିକଟକୁ ଭୁଲ୍ ତଥ୍ୟ ଯାଉଛି। ଅଭିଯୋଗକୁ ଭିତ୍ତିକରି ଦଫା ୧୮୮, ୨୯୨, ୨୯୪, ୧୫୩(ଏ) ଆଇପିସିରେ ମାମଲା ସଂଖ୍ୟା ୬୩/୨୦ରୁଜୁ କରାଯାଇଥିବା ଥାନାଧିକାରୀ ଗୋବର୍ଦ୍ଧନ ସାହୁ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଯୁବକ ରାଜ୍ୟ ବାହାରେ ରହୁଥିବାରୁ ପୋଲିସ ତାଙ୍କୁ ଗିରଫ କରି ପାରିନାହିଁ।

# କୋଭିଡ୍-୧୯ ହସ୍ପିଟାଲ ବୁଲିଲେ ବିଧାୟକ

ଆଲି, ୧୦।୪ (ଡି.ଏନ.ଏ.)

ଆଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା କୋଭିଡ-୧୯ ହସ୍ପିଟାଲକୁ ଶୁକ୍ରବାର ବୁଲି ଦେଖିଛନ୍ତି ବିଧାୟକ ପ୍ରତାପ କେଶରୀ ଦେବ। ସେ ଏହି ହସ୍‌ପିଟାଲ ସ୍ଥିତି ପରଖିବା ସହିତ ଅନ୍ୟ କିଛି ଆବଶ୍ୟକତା ରହିଛି କି ନାହିଁ ସେ ସମ୍ପର୍କରେ ସିଡିଏମଓଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରମୋଦ ପ୍ରହରାଜ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ବାରିକ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ନିରଞ୍ଜନ ସେନାପତି ଓ ମନୋଜ ମହାନ୍ତି ଉପସ୍ଥିତ ଥିଲେ। ପରେ ବିଧାୟକ ଆଳି ଧୋୟାଞ୍ଚଳର ସଂସିଧା, ପେଟପଡ଼ା, ଡିମିରିପାଳ, ଅରଗଳ ଓ ରାଜକନିକା ବ୍ଲକର ପଣଶଗଣ୍ଡ, ନମତରା ଆଦି ପଞ୍ଚାୟତରେ ପହଞ୍ଚି ସରପଞ୍ଚମାନଙ୍କ ସହ କରୋନା ମୁକାବିଲା ନିମନ୍ତେ ଥିବା ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଏହାପରେ ପ୍ରତ୍ୟେକ ପଞ୍ଚାୟତରେ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ର ବୁଲି ଦେଖିଥିଲେ। ଶେଷରେ ସରପଞ୍ଚଙ୍କ ମାଧ୍ୟମରେ ଲୋକଙ୍କ ନିକଟକୁ ମାସ୍କ ଓ ସାନିଟାଇଜର ପଠାଇଥିଲେ।


ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା କୋଭିଡ-୧୯ ହସ୍ପିଟାଲକୁ ବିଧାୟକ ବୁଲି ଦେଖୁଛନ୍ତି।

## ଜିଲାରେ ପ୍ରଥମ

# କେନ୍ଦ୍ରାପଡ଼ା ସହରରେ ବିଶୋଧନ କକ୍ଷ ସ୍ଥାପନ

କେନ୍ଦ୍ରାପଡା ଅଫିସ, ୧୦।୪

କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ଜିଲାର ପ୍ରଥମ ବିଶୋଧନ କକ୍ଷ ସହରସ୍ଥ ପୁରୁଣା ବସଷ୍ଟାଣ୍ଡଠାରେ ଶୁକ୍ରବାର ସ୍ଥାପନ କରାଯାଇଛି। ଏଥିସହିତ ଆସନ୍ତା ସପ୍ତାହ ମଧ୍ୟରେ ସହରର ୫ଟି ସ୍ଥାନରେ ଏହି ବିଶୋଧନ କକ୍ଷ ସ୍ଥାପନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜିଲାରେ ଜଣେ କରୋନା ଭୂତାଣୁ ସଂକ୍ରମିତ ଚିହ୍ନଟ ହେବାପରେ ବିଭିନ୍ନ ଅଞ୍ଚଳକୁ ବିଶୋଧିତ କରାଯାଉଛି। ତେବେ ସାଧାରଣ ଲୋକଙ୍କୁ ବିଶୋଧିତ କରିବା ପାଇଁ ଏହି ପ୍ରକଳ୍ପ ଆରମ୍ଭ କରାଯାଇଛି। ଜଣେ ବ୍ୟକ୍ତି ଏହି କକ୍ଷ ମଧ୍ୟକୁ ଗଲେ ସୋଡିୟମ ହାଇପୋ କ୍ଲୋରାଇଟ ପାଣି ସିଞ୍ଚନ ସହିତ ବଡ ଫ୍ୟାନରେ ଏହି ସିଞ୍ଚିତ ଜଳକୁ ଶୁଖାଯାଉଛି। ମାତ୍ର ୨ ମିନିଟ ମଧ୍ୟରେ ଜଣଙ୍କୁ ବିଶୋଧିତ କରାଯାଉଥିବାରୁ ସହରବାସୀ ଉପକୃତ ହେବେ। ପ୍ରତ୍ୟେକ ଦିନ ସକାଳ ୭ଟାରୁ ୧୧ଟା ମଧ୍ୟରେ ଲୋକେ ଏହି ସୁବିଧା ନେଇ ପାରିବେ।



କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବିଶୋଧନ କକ୍ଷ।।

# ୧୦୧ କରୋନା ରିପୋର୍ଟ ନେଗେଟିଭ୍

କେନ୍ଦ୍ରାପଡା ଅଫିସ୍, ୧୦।୪

କରୋନା ଟେଷ୍ଟ ପାଇଁ ଗତ ମାର୍ଚ୍ଚ ୨୮ରୁ ଅଦ୍ୟାବଧି ମୋଟ ୨୦୫ ଜଣଙ୍କ ରକ୍ତ ଓ ସ୍ୱାବ୍ ଟେଷ୍ଟିଂ ପାଇଁ ଲାବକୁ ପଠାଯାଇଛି। ସେଥିରୁ ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ୧୦୨ ରିପୋର୍ଟ ଆସିଛି। ସେଥିରୁ ଆଳି ଅଞ୍ଚଳରୁ ଜଣେ ବ୍ୟକ୍ତି କରୋନା ସଂକ୍ରମିତ ଥିବା ଜଣାପଡ଼ିଥିବା ବେଳେ ଅବଶିଷ୍ଟ ୧୦୧ ରିପୋର୍ଟ ନେଗେଟିଭ ବୋଲି ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ୍ ସୂଚନା ଦେଇଛନ୍ତି।

# ଜଳକଷ୍ଟ ଭୋଗୁଛନ୍ତି ୫୦ ପରିବାର

ବାଲିଆ, ୧୦।୪

କରୋନା ସଂକ୍ରମଣ ରୋକିବାକୁ ବିଭିନ୍ନ ସର୍ତକତାମୂଳକ ପଦକ୍ଷେପ ନିଆଯାଉଥିବା ବେଳେ ରାଜ୍ୟ ସରକାର ଆସନ୍ତା ଏପ୍ରିଲ ୩୦ ତାରିଖ ଯାଏ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଲକ୍‌ଡାଉନ୍ ସମୟରେ ନିହାତି ଆବଶ୍ୟ ନ ଥିଲେ ଲୋକମାନଙ୍କୁ ଘରୁ ବାହାରକୁ ନ ବାହାରିବା ପାଇଁ ନିୟମ ଜାରି କରାଯାଇଛି। କରୋନା ଭୟ ସାଙ୍ଗକୁ ଏବେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବାରୁ କେତେକ ସ୍ଥାନରେ ଲୋକମାନେ ଜଳକଷ୍ଟ ଭୋଗୁଛନ୍ତି। ବିରିଡି ବ୍ଲକ ହାଜିପୁର ପଞ୍ଚାୟତ ଅଧୀନ ଚାନ୍ଦପୁର ତଳସାହିର ୧୩ ନଂ. ୱାର୍ଡରେ ଗ୍ରୀଷ୍ମ ଆରମ୍ଭରୁ ହିଁ ଜଳସଙ୍କଟ ଦେଖାଦେଇଛି। ଗ୍ରାମ ଆରମ୍ଭରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଇଥିଲା। ହେଲେ ଦୀର୍ଘ ୪ମାସ ହେବ ୧୩ ନଂ. ୱାର୍ଡକୁ ଏଥିରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଲୋକମାନେ ଖରାଦିନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ଯୋଗାଣ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ ବି ଅଦ୍ୟାବଧି ଏହାର ସମାଧାନ କରାଯାଇପାରିନାହିଁ। ଫଳରେ ଉକ୍ତ ୱାର୍ଡରେ ବସବାସ କରୁଥିବା ୫୦ ପରିବାର ପାନୀୟ ଜଳ ପାଇଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବ୍ଲକ ଜଳ ଯୋଗାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସିଗମା ପ୍ରିୟଦର୍ଶିନୀଙ୍କୁ ପଚାରିବାରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରିଥିବା ସମ୍ପୃକ୍ତ ଠିକାଦାର ୫ବର୍ଷ ପର୍ଯ୍ୟନ୍ତ ଜଳ ଯୋଗାଣ ମେଣ୍ଟେନାନ୍ସ କରିବା ପାଇଁ କାର୍ଯ୍ୟାଦେଶରେ ଉଲ୍ଲେଖ ରହିଛି। ତେଣୁ ସେଠାରେ ବିଭାଗ କିମ୍ବା ପଞ୍ଚାୟତରୁ ଅର୍ଥ ଖର୍ଚ୍ଚ କରାଯିବ ନାହିଁ ଏବଂ ତୁରନ୍ତ ମରାମତି ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ଗ୍ରାମର ସଚ୍ଚିଦାନନ୍ଦ କର, ସନ୍ତୋଷ କର, ହେମନ୍ତ କୁମାର କର, ଜିତେନ୍ଦ୍ର କର, ପ୍ରଶାନ୍ତ ତ୍ରିପାଠୀ, ସୁବ୍ରତ କର, କୃଷ୍ଣଚନ୍ଦ୍ର କର, ପ୍ରଫୁଲ୍ଲ କର, ପଦ୍ମନାଭ କର, ଶିବାନୀ କର, ଶୈଳେନ୍ଦ୍ର କର, ଅରୁଣ କୁମାର କର, ଗିରିଜା ପ୍ରସାଦ କର, ଅଭିରାମ କର, ଶାକୁଳି କର ପ୍ରମୁଖ ସରପଞ୍ଚଙ୍କ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ଅଭିଯୋଗ କରିଥିଲେ। ତେବେ ତୁରନ୍ତ ଏହାର ସମାଧାନ କରାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଚାନ୍ଦପୁର ତଳସାହିର ୧୩ ନଂ. ୱାର୍ଡରେ ପହଞ୍ଚୁନି ପାନୀୟ ଜଳ

# ରାଇପଡ଼ାରେ ବଢୁଛି ତିକ୍ତତା

**ନୟାଗଡ ଅଫିସ/ରଣପୁର,୧୦।୪(ସ୍ୱ.ପ୍ର.)**

■୨୩ ବର୍ଷର ବିବାଦ ନେଲାଣି ୩ ମୁଣ୍ଡ
■ବାହାରିପାରୁନି ସମାଧାନର ବାଟ

ନୟାଗଡ଼ ଜିଲା ରଣପୁର ତହସିଲ ଚାନ୍ଦପୁର ଥାନାର ରାଇପଡା ଗାଁରେ ୧୪୪ ଏକର ଜମିରେ ଥିବା କାଜୁ ଜଙ୍ଗଲକୁ ନେଇ ଆଦିବାସୀ ସାହି ଓ ନୂଆସାହି ଲୋକଙ୍କ ମଧ୍ୟରେ ୨୩ବର୍ଷ ହେଲା ବିବାଦ ଲାଗିରହିଛି। ବିବାଦ ଥମିବା ପରିବର୍ତ୍ତେ ପରସ୍ପର ମଧ୍ୟରେ ତିକ୍ତତା ବଢ଼ାଇ ଚାଲିଛି। ଏ ନେଇ ଥାନାରେ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲେ ବି ସମାଧାନର ବାଟ ବାହାରିପାରିନି। ପ୍ରଶାସନ ଓ ପୋଲିସର ତାଳିପକା କାର୍ଯ୍ୟ ୩ଟି ମୁଣ୍ଡ ନେଇ ସାରିଲାଣି।

ରାଇପଡ଼ା କାଜୁ ଜଙ୍ଗଲକୁ ୧୯୯୨ ମସିହାରେ ରାଇପଡା ଗାଁ ଲୋକ ନିଲାମ ନେଇଥିଲେ। ରାଇପଡା ଆଦିବାସୀ ସାହି, ଜିରିପଡା, ବଳରାମପୁର, ରାଣିଗାଡିଆ ଓ ଆଖପାଖ ଆଦିବାସୀଙ୍କୁ ଜଙ୍ଗଲ ସୁରକ୍ଷା, କାଜୁ ତୋଳା ଦାୟିତ୍ୱ ଦିଆଯାଇଥିଲା। ଆଦିବାସୀଙ୍କୁ ସୁରକ୍ଷା ବାବଦ ଭାଗ ଦେଇ ଗାଁ ଲୋକ ଲାଭାଂଶ ନେଉଥିଲେ। ଏପରିସ୍ଥଳେ ୧୯୯୭ରେ ଆଦିବାସୀମାନେ ଆଉ ଗାଁ ଲୋକଙ୍କୁ ସହଯୋଗ କରି ନ ଥିଲେ। ସେମାନଙ୍କ ଯୁକ୍ତି ଥିଲା ଆମେ କାଜୁ ଜଙ୍ଗଲକୁ ସୁରକ୍ଷା ଦେବୁ। ପରିଶ୍ରମ କରି ଆମେ କମ ଅର୍ଥ ପାଇବୁ। ଗାଁଲୋକ ବିନା ପରିଶ୍ରମରେ ଅଧିକ ଅର୍ଥ ନେବେ। ଏଣୁ ଆଦିବାସୀମାନେ କାଜୁ ଜଙ୍ଗଲ ନିଲାମ ନେବାକୁ ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ନୂଆସାହି ଓ ଆଦିବାସୀ ସାହି ମଧ୍ୟରେ ବିବାଦ ହୋଇଥିଲା। ଏହି ବିବାଦ କାରଣରୁ ୧୯୯୯ରେ ଜିରିପଡାର ବାଉରିବନ୍ଧୁ ପ୍ରଧାନ (୪୫) ପ୍ରାଣ ହରାଇଥିଲେ। ସେ ସମୟରେ ରାଇପଡା ରଣପୁର ଥାନା ଅଧୀନରେ ଥିଲା। ଗୋଟିଏ ମୁଣ୍ଡ ଗଡିବା ପରେ ବିବାଦ ସମାଧାନ ହେବା ବଦଳରେ ବଢ଼ିଥିଲା। ଏପରି ସମୟରେ ଓଡିଶା କାଜୁ ଉନ୍ନୟନ ନିଗମ ଲିମିଟେଡ ପୁଣି ନିଲାମ କରିଥିଲା, ଯାହାକି ବିବାଦକୁ ଅଧିକ ଘନୀଭୂତ କରିଥିଲା। ୨୦୧୭ରେ ଜଣେ ଅଣଆଦିବାସୀ ୩ବର୍ଷ ପାଇଁ ୪୫ ଲକ୍ଷ ଟଙ୍କାରେ ନିଲାମ ନେଇଥିଲେ। ପ୍ରଥମବର୍ଷ ୧୫ ଲକ୍ଷ ଡିପୋଜିଟ୍ ପରେ ବି କାଜୁ ଜଙ୍ଗଲକୁ ନିଜ ହେପାଜତକୁ ନେଇପାରି ନ ଥିଲେ। ମୂଳ ଟଙ୍କା ନ ବାହାରିବାରୁ ନିଲାମ ନେଇଥିବା ବ୍ୟକ୍ତି ଆଉ ୨ବର୍ଷ ପାଇଁ ୩୦ ଲକ୍ଷ ଟଙ୍କା ଡିପୋଜିଟ କରି ନ ଥିଲେ। ୨୦୧୯ରେ ଗାଁର ଆଦିବାସୀ ବର୍ଗର ବେଣୁଧର ପ୍ରଧାନ ୩ବର୍ଷ ପାଇଁ ୧୬ ଲକ୍ଷ ୫୦ ହଜାରକୁ ନିଲାମ ନେଲେ। ପ୍ରଥମ ବର୍ଷ ପାଇଁ ସେ ୫ ଲକ୍ଷ ଡିପୋଜିଟ୍ କଲେ।


ରାଇପଡା କାଜୁ ଜଙ୍ଗଲ।

## ଲୋଭ ଛଡ଼ାଇଛି ଖୁସି

କାଜୁ ଲାଭର ଲୋଭ ଗ୍ରାମର ଆଦିବାସୀ ଓ ଅନ୍ୟ ବର୍ଗର ଲୋକଙ୍କ ଖୁସି ଛଡାଇନେଇଛି। ଏହି କାରଣରୁ ଗ୍ରାମରେ ଅଶାନ୍ତି ଲାଗିରହିଛି। ଗ୍ରାମର ଜଣେ ଲୋକଙ୍କ ସୂଚନା ଅନୁସାରେ ଗାଁଲୋକ ଓ ଆଦିବାସୀ ମିଳିମିଶି କାଜୁ ଜଙ୍ଗଲର ସୁରକ୍ଷା ଦେଉଥିଲେ। ହେଲେ ଆଦିବାସୀଙ୍କ ଅଧିକ ଲୋଭ ଗାଁରେ ୩ଟି ମୁଣ୍ଡ ଗଡାଇ ସାରିଲାଣି। ଆମେ ଟଙ୍କା ଖର୍ଚ୍ଚ କରି ନିଲାମ ଆଣିବୁ। ହେଲେ ଆଦିବାସୀମାନେ ସୁରକ୍ଷା ଦେଉଛନ୍ତି କହି ଆମ ଲାଭ ଟଙ୍କାରେ ଭାଗ ବସାଇବା ଠିକ୍ ହେଲା ନାହିଁ। ଆମେ ଆଣିଥିବା ନିଲାମ ଟଙ୍କା ପାଇଲୁ ନାହିଁ। ସେମାନେ ନିଲାମ ଆଣିଲେ ଆମେ କିପରି ନୀରବରେ ବସିଥାନ୍ତୁ। ଆମେ ବାଧ୍ୟହୋଇ ପ୍ରତିବାଦ କଲୁ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା। ଏଥିରେ ଶୁକ୍ରବାର ୨ଜଣ ପ୍ରାଣ ହରାଇଲେ। ହେଲେ ସେମାନଙ୍କର କିପରି ମୃତ୍ୟୁ ଘଟିଲା ଆମେ ଜାଣିନୁ। ଜଣେ ଆଦିବାସୀ ନିଜ ନାଁ ଗୋପନ ରଖି କହିଥିଲେ, ଆଦିବାସୀମାନେ କାଜୁ ଜଙ୍ଗଲକୁ ସୁରକ୍ଷା ଦେଲେ । ହେଲେ ସେମାନଙ୍କୁ କମ୍ ଅର୍ଥ ଦେବା ଠିକ୍ ନୁହେଁ। କାଜୁ ଜଙ୍ଗଲକୁ ନେଇ ବିବାଦ ପରେ ଆମେ ନିଲାମ ଆଣିଲୁ। ହେଲେ ଗାଁଲୋକ ପୂର୍ବରୁ ଜଣକୁ ମାରିଥିବାବେଳେ ଏବେ ପୁଣି ଆଉ ୨ଜଣଙ୍କୁ ମାରିଦେଲେ। ବିବାଦ ଲାଗିଛି ମାନେ କ'ଣ ଜଣକ ପରେ ଜଣଙ୍କୁ ମାରି ଚାଲିଥିବେ। ଆମର ୩ଟି ମୁଣ୍ଡ ଗଡି ସାରିଲାଣି। ଆମେ କେମିତି ଚୁପ୍ ରହିବୁ। ଏହା କି ପ୍ରକାର ନ୍ୟାୟ ବୋଲି ପ୍ରଶ୍ନ କରିଥିଲେ। ରାଇପଡା ଏବେ ଚାନ୍ଦପୁର ଥାନା ଅଧୀନରେ ଥିବାରୁ ଆଇଆଇସି ଧନେଶ୍ୱର ନାହାକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ରାଇପଡାରେ କାଜୁ ଜଙ୍ଗଲକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଦୀର୍ଘବର୍ଷର। ମୁଁ କାର୍ଯ୍ୟରେ ଯୋଗଦେବା ପରେ ତହସିଲଦାରଙ୍କ ସହାୟତାରେ ଉଭୟ ପକ୍ଷଙ୍କୁ ଡକାଇ ସମାଧାନ କରିବାକୁ ବାରମ୍ବାର ଚେଷ୍ଟା କରିଛି। ହେଲେ ଉଭୟ ପକ୍ଷ ଜିଦ୍‌ରେ ଅଟଳ ରହିବାରୁ ବିବାଦ ସମାଧାନ ନ ହୋଇ ଜଟିଳ ହେବାରେ ଲାଗିଛି।

## ତିନିଗୁଣା ଅଧିକ ଦାମ୍‌ରେ ମଦ ବିକ୍ରି
# ଅଚିହ୍ନାଙ୍କୁ ମନା, ଚିହ୍ନାଙ୍କୁ ଅଭାବ ନାହିଁ

**ନୟାଗଡ ଅଫିସ,୧୦।୪**

ସାରା ଦେଶରେ ଜାରିରହିଛି ଲକ୍‌ଡାଉନ୍। କେବଳ ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡିଦେଲେ ବାକି ସମସ୍ତ ଦୋକାନ ବନ୍ଦ ରହିଛି। ଲାଇସେନ୍ସ ପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ବନ୍ଦ ଥିବାବେଳେ ଜିଲାର ବିଭିନ୍ନ ଗାଁରେ ଦେଶୀ ଓ ବିଦେଶୀ ମଦ ୩ଗୁଣା ଅଧିକ ଦାମ୍‌ରେ ବିକ୍ରି ହେଉଛି। ଏ ନେଇ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ। ଇଟାମାଟି ଥାନାର ନାଟୁଗାଁ ଦେଶୀ ଓ ବିଦେଶୀ ମଦର ପେଣ୍ଠସ୍ଥଳୀ ପାଲଟିଛି। ଏଠାରୁ ଜିଲାର ବିଭିନ୍ନ ସ୍ଥାନକୁ ମଦ ଚାଲାଣ ହେଉଛି। ଏଠାରେ ୫ଜଣ ମଦ ବ୍ୟବସାୟୀ ସେମାନଙ୍କ କାରବାର ଚାଲୁ ରଖିଛନ୍ତି। ରାତି ହେଲେ ଲୋକେ ମଦ ପିଇବାକୁ ନାଟୁଗାଁ ଯାଉଛନ୍ତି। ଚିହ୍ନା ଲୋକଙ୍କୁ ମଦ ମିଳୁଥିବାବେଳେ ଅଚିହ୍ନା ଲୋକଙ୍କୁ ନାହିଁ କହି ଫେରାଇ ଦିଆଯାଉଛି।

ଏହି ବ୍ୟବସାୟରେ ଭଲ ଦି'ପଇସା ମିଳୁଥିବାରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଲାଭବାନ ହେଲେଣି। ତେବେ ଏହି ଗାଁକୁ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କ ପାଦ ପଡୁନି। ଏ ନେଇ ଜଣେ ଲୋକ ନିଜ ନାଁ ଗୋପନ ରଖି କହିଥିଲେ ମଦ ବିକ୍ରେତା ଧରାଧରି କରି କାରବାର ଚାଲୁ ରଖିଛନ୍ତି। ଧରପଗଡ ହେବାର ପ୍ରଶ୍ନ ଉଠୁନି। ଏଥିରେ ତଳରୁ ଉପରସ୍ତର କର୍ମଚାରୀ ଓ ଅଧିକାରୀଙ୍କ ସମେତ କିଛି ରାଜନେତା, ଖବରଦାତାଙ୍କ ଲାଭ ରହୁଥିବାରୁ ଚଢ଼ାଉ ହେଉ ନ ଥିବା କହିଥିଲେ। ଜଣେ ଗ୍ରାହକ କହିଥିଲେ ଲକ୍‌ଡାଉନ ସମୟରେ ମଦ ମିଳୁଛି ବଡ କଥା। ଦାମ୍ ୩ଗୁଣା କି ୪ଗୁଣା ହେଲେ ଆମର କିଛି ଅସୁବିଧା ନାହିଁ।



## ୨ ନାଗ ଉଦ୍ଧାର

**ଖଣ୍ଡପଡା,୧୦।୪(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ କଣ୍ଟିଲୋ ମଝିସାହିପାଟଣାର କେଳୁ ଚରଣ ସାହୁଙ୍କ ଘରୁ ଗୁରୁବାର ଏକ ୪ଫୁଟ ଲମ୍ବର କୋଳଥିଆ ନାଗ ସାପ ଉଦ୍ଧାର କରାଯାଇଛି। ସ୍ଥାନୀୟ ବାଉରୀ ସୁବୁଦ୍ଧିପାଟଣା ଗ୍ରାମର ସାପ ଧରାଳୀ ଦାଶରଥି ଦାସ ସାପଟିକୁ ଉଦ୍ଧାର କରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଛନ୍ତି। ସେହିପରି ଖଣ୍ଡପଡା ବ୍ଲକ ଖଳିସାହି ଗ୍ରାମ କୁମ୍ଭାରସାହିର ସାରଙ୍ଗ ସାଥୁଆଙ୍କ ବାସଗୃହରୁ ୫ ଫୁଟ ଲମ୍ବର ଅନ୍ୟ ଏକ କୋଳଥିଆ ନାଗସାପ ଉଦ୍ଧାର କରାଯାଇଛି। ସ୍ନେକ୍ ହେଲପ ଲାଇନର ସଦସ୍ୟ କହ୍ନେଇ ସାହୁ ସାପଟିକୁ ଉଦ୍ଧାର କରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଛନ୍ତି।

## ବଜାରରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ

**ଖଣ୍ଡପଡ଼ା,୧୦।୪(ସ୍ୱ.ପ୍ର.)**

ମହାମାରୀ କରୋନା ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ବ୍ୟବସ୍ଥା ସହ ସାମାଜିକ ଦୂରତ୍ୱ ଓ ମୁହଁରେ ମାସ୍କ ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି । ମାତ୍ର ଖଣ୍ଡପଡା ବ୍ଲକର ବିଭିନ୍ନ ବଜାରରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରାଯାଉଛି। ପନିପରିବା, ମାଛ, ମାଂସ ଓ ଡେଜରାତି ଦୋକାନଗୁଡିକ ସମ୍ମୁଖରେ ଜନଗହଳି ଦେଖିବାକୁ ମିଳୁଛି। କେତେକ ବ୍ୟବସାୟୀ ଦୋକାନ ସମ୍ମୁଖରେ ଗୋଲେଇ ଚିହ୍ନିତ କରିଥିଲେ ମଧ ସାମଗ୍ରୀ ବିକ୍ରିବଟା ବେଳେ ସାମାଜିକ ଦୂରତ୍ୱ ନିୟମ ପ୍ରତି ଆଦୌ ଧ୍ୟାନ ଦେଉ ନାହାନ୍ତି। ସେହିପରି ଅନେକ ବ୍ୟକ୍ତି ମୁହଁରେ ମାସ୍କ କିମ୍ବା ରୁମାଲ ନ ବାନ୍ଧି ସାମଗ୍ରୀ କ୍ରୟ କରୁଥିବା ଦେଖାଯାଉଛି। ଏଥିପ୍ରତି ବ୍ଲକ ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।


ଖଣ୍ଡପଡ଼ା ବଜାରରେ ଲୋକଙ୍କ ଭିଡ଼।

## ଭାଜପାର ପ୍ରତିଷ୍ଠା ଦିବସରେ ଶପଥ ଗ୍ରହଣ

**ଖଣ୍ଡପଡା,୧୦।୪(ସ୍ୱ.ପ୍ର.)**

ଖଣ୍ଡପଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାଜପାର ୪୦ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି । ଦଳୀୟ ନେତା ସିଦ୍ଧାର୍ଥ ଶେଖର ସିଂ, ତାଙ୍କ ସମର୍ଥକ ଓ ଶୁଭେଚ୍ଛୁମାନେ ସମ୍ପ୍ରତି କରୋନା ପାଇଁ ଲକ୍‌ଡାଉନ ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖି ଏହି ଦିବସ ପାଳନ କରିଥିଲେ। ଶେଷରେ କରୋନା ଭୂତାଣୁଠାରୁ ସମସ୍ତେ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ସମସ୍ତ ସଦସ୍ୟ ଶପଥ ନେଇଥିଲେ ।

## ଭାପୁରର ସମସ୍ତ ଅଫିସ ବିଶୋଧନ କରାଗଲା

**ଭାପୁର,୧୦।୪(ଡି.ଏନ.ଏ.)**

ଭାପୁର ବଜାରରେ ଥିବା ସମସ୍ତ ସରକାରୀ ଅଫିସ ବିଶୋଧନ କରାଯାଇଛି। ଭାପୁର ଦମକଳ କେନ୍ଦ୍ର ଅଧିକାରୀ ସୁରେନ୍ଦ୍ର ନାଥ ଗଡ଼ପଲ୍ଲାଙ୍କ ନେତୃତ୍ୱରେ କର୍ମଚାରୀମାନେ ବଜାରରେ ଥିବା ବିଭିନ୍ନ ବ୍ୟାଙ୍କ, ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟାଳୟ, ଫତେଗଡ ଥାନା, ବ୍ଲକ ଓ ତହସିଲ ଅଫିସକୁ ବ୍ଲିଚିଂ ପାଉଡର ମିଶ୍ରିତ ପାଣି ସିଞ୍ଚନ କରି ବିଶୋଧନ କରିଥିଲେ। ୨ଦିନ ପୂର୍ବରୁ ବଜାରର ମୁଖ୍ୟ ରାସ୍ତା, ଡାକ୍ତରଖାନା ପରିସର ସାନିଟାଇଜ କରାଯାଇଥିଲା ।

## ଯାଜପୁର

## ଶଟ୍‌ଡାଉନ ସ୍ଥିତି ପରଖିଲେ ଏସ୍‌ପି


ବ୍ରହ୍ମବରଦା ଅଞ୍ଚଳ ସ୍ଥିତି ଉପରେ ଆଲୋଚନା କରୁଛନ୍ତି ଏସ୍‌ପି।

**ରସୁଲପୁର,୧୦।୪(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳକୁ ୧୨ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି । ଏହି ସମୟରେ ଉକ୍ତ ଅଞ୍ଚଳରୁ କେହି ବାହାରକୁ ଯାଇପାରିବେ ନାହିଁ କି ବାହାରୁ କେହି ଭିତରକୁ ପ୍ରବେଶ କରିପାରିବେ ନାହିଁ । କିନ୍ତୁ ବାହାର ଅଞ୍ଚଳରୁ ଲୋକ ଆସୁଥିବା ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ଶୁକ୍ରବାର ଏସ୍‌ପି ମୀନାଙ୍କ ସହ ଏକ ପୋଲିସ ଦଳ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ । ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଏସ୍‌ପି ରସୁଲପୁର ତହସିଲଦାର ଭୁଜବଳ, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ, ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀଙ୍କ ସହ ଆଲୋଚନା କରିଥିଲେ । ଶଟ୍‌ଡାଉନ ନିୟମ କଡାକଡି ଭାବରେ ପାଳନ କରିବା ସହ ସିଲ୍ ଅଞ୍ଚଳରୁ କେହି ଯା'ଆସ କରିପାରିବେ ନାହିଁ । ସେ ଦିଗରେ ତୀକ୍ଷ୍ଣ ନଜର ଦେବାକୁ ପରାମର୍ଶ ଦେଇ ଫେରି ଯାଇଥିଲେ।

## ବ୍ରହ୍ମବରଦାକୁ ସାନିଟାଇଜ୍ କଲା ପ୍ରଶାସନ

**ରସୁଲପୁର,୧୦।୪(ଡି.ଏନ.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକର ବ୍ରହ୍ମବରଦା ଅଞ୍ଚଳକୁ ସରକାର କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି । ଏହି ସମୟରେ ପ୍ରଶାସନ ପକ୍ଷରୁ ବ୍ରହ୍ମବରଦା ଓ ୩କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଅଞ୍ଚଳକୁ ସିଲ୍ କରିଦିଆଯାଇଛି। ସିଲ୍ ଅଞ୍ଚଳକୁ ସାନିଟାଇଜ କରିବା କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । କରୋନାରେ ବିଶେଷ ପ୍ରଭାବିତ ଅଞ୍ଚଳ ଭାବେ ପରିଚିତ ବ୍ରହ୍ମବରଦା ଓ ମହେଶ୍ୱର ପଞ୍ଚାୟତ, ଡାକଘର, ବ୍ୟାଙ୍କଛକ ଆଦି ଅଞ୍ଚଳକୁ ପ୍ରଶାସନ ପକ୍ଷରୁ ସାନିଟାଇଜ୍ କରାଯାଉଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧୀର କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ସାଇନିଟାଇଜ କାର୍ଯ୍ୟକୁ ତଦାରଖ କରିଥିଲେ ।

## ସାଇକେଲରେ ବୁଲି ସଚେତନ କଲା ଧର୍ମଶାଳା ପୋଲିସ

**ଧର୍ମଶାଳା,୧୦।୪(ଡି.ଏନ.ଏ.)**

କରୋନା ମୁକାବିଲାକୁ ସଫଳ କରିବା ପାଇଁ ଧର୍ମଶାଳା ପୋଲିସ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ସାଇକେଲ ଯୋଗେ ତାଙ୍କ ସହକର୍ମୀଙ୍କ ସହିତ ଧର୍ମଶାଳା ବଜାର, ଶାନ୍ତି ବଜାର ଓ ଜାରକା ବଜାର ପରିଭ୍ରମଣ କରି ଲୋକଙ୍କୁ ସଚେତନ କରିଛନ୍ତି। ଲକ୍‌ଡାଉନ ସମୟରେ କିଛି ଅମାନିଆଙ୍କ ପାଇଁ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। ତଥାପି ସେମାନେ ଚେତୁନାହାନ୍ତି। ସେମାନଙ୍କୁ ସଚେତନ କରାଇବା ସହ ବାଟକୁ ଆଣିବା ପାଇଁ ଏଭଳି ପ୍ରୟାସ କରାଯାଇଛି। ଏହାଦ୍ୱାରା ଲୋକେ ଏହି ସମୟରେ ସାଇକେଲ ବ୍ୟବହାର କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ଆସିବା ସହ ଲକଡାଉନର କଟକଣାକୁ ମାନିବେ ବୋଲି ଥାନା ଅଧିକାରୀ ସାହୁ ଆଶା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ହାଇକୋର୍ଟଙ୍କ ରାୟ ଅନୁସାରେ ଶନିବାରଠାରୁ ଲକଡାଉନ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡା ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମରେ ଥାନାଧିକାରୀଙ୍କ ସହ ଜାରକା ବିଟ ହାଉସ ଅଧିକାରୀ ରାଜକିଶୋର ନାୟକ, ସୁଦାମ ଚରଣ ନନ୍ଦୀ, ପଞ୍ଚାନନ ଦାସ, ପ୍ରକାଶ ସେଠୀ, ନଳିନୀ ରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।


ଥାନା ଅଧିକାରୀ ଓ ଅନ୍ୟମାନେ ସଚେତନ କରିବାକୁ ଯାଉଛନ୍ତି।

## ନିଉ ପାର୍ବତୀ ଜୁଏଲର୍ସ ପକ୍ଷରୁ ୫୧ହଜାର ଟଙ୍କା ପ୍ରଦାନ


ଜିଲାପାଳଙ୍କୁ ସୁବାଦିତ୍ୟ ରାଣା ଚେକ୍ ପ୍ରଦାନ କରୁଛନ୍ତି।

**ରସୁଲପୁର,୧୦।୪(ଡିଏନଏ)**

କରୋନା ପୀଡ଼ିତଙ୍କ ପାଇଁ ସହାୟତାର ହାତ ବଢ଼ାଇଛି ନିଉ ପାର୍ବତୀ ଜୁଏଲର୍ସ। ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ବଜାରର ମଧୁବନ ରୋଡସ୍ଥିତ ନିଉ ପାର୍ବତୀ ଜୁଏଲର୍ସ (ବଙ୍ଗାଳି ଦାଦା)ପକ୍ଷରୁ ମାଲିକ ସୁବାଦିତ୍ୟ ରାଣା (ମୁନା ଭାଇ) ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡିକୁ ୫୧ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ମୁନା ଭାଇ ଗୁରୁବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଜରିଆରେ ଏହି ଚେକ୍ ପ୍ରଦାନ କରିଛନ୍ତି। ଏଥିସହ ତାଙ୍କ ଅଞ୍ଚଳରେ କରୋନା ପ୍ରଭାବିତ ନିରାଶ୍ରୟ ଲୋକଙ୍କୁ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି ବୋଲି ପରିଚାଳକ ଆଦିତ୍ୟ ରାଣା ପ୍ରକାଶ କରିଛନ୍ତି।



କରୋନା ପରେ ପୂର୍ବଭଳି ଭାରତ ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ରବିନ୍ଦୁ ହୋଇ ରହିବ। ବର୍ତ୍ତମାନ ସ୍ଥିତି ପ୍ରଭାବିତ ଥିବାରୁ ପେଟ୍ରୋଲିୟମ ସାମଗ୍ରୀର ଆବଶ୍ୟକତା କମିଥିଲେ ମଧ୍ୟ ଏଲପିଜି ଚାହିଦା ବଢ଼ିଛି।

– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ



ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ଏଫ୍‌ସିଆଇ କର୍ମଚାରୀଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ଏହି କ୍ଷେତ୍ରର ଅଧିକାରୀ, କର୍ମଚାରୀଙ୍କ ଲାଗି ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ସୁବିଧା ସରକାର ପ୍ରଦାନ କରିବେ।

– ରାମ ବିଳାସ ପାଶ୍ୱାନ, କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ

# ୫ ଲକ୍ଷ କୋଟି ଡଲାରର କ୍ଷତି ସହିବ ବିଶ୍ୱ

**ନୂଆଦିଲ୍ଲୀ,୧୦।୪:** କରୋନା ଭୂତାଣୁ ବ୍ୟାପିବା ଯୋଗୁ ଏବେ ସାରା ବିଶ୍ୱର ସ୍ଥିତି ବେହାଲ ହୋଇଯାଇଛି। ଏଥିରେ ଅନେକ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରିଥିବା ବେଳେ ଲକ୍ଷ ଲକ୍ଷ ସଂଖ୍ୟାରେ ଆକ୍ରାନ୍ତ ହୋଇଛନ୍ତି। ସାରା ବିଶ୍ୱରେ ବିଭିନ୍ନ ଦେଶ ଏହି ଭୂତାଣୁକୁ ନିୟନ୍ତ୍ରଣ କରିବା ଲାଗି ଲକ୍‌ଡାଉନ ଘୋଷଣା କରିଛନ୍ତି। କୋଭିଡ୍‌-୧୯ ଲାଗି ବିଶ୍ୱ ଅର୍ଥ ବ୍ୟବସ୍ଥା ପ୍ରାୟ ୫ ଲକ୍ଷ କୋଟି ଡଲାର କ୍ଷତି ସହିବ ବୋଲି ୱାଲ ଷ୍ଟ୍ରିଟ୍ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଆଗାମୀ ୨ ବର୍ଷ ଏଭଳି କ୍ଷତି ବିଶ୍ୱ ସହିବ ବୋଲି ପୂର୍ବାନୁମାନରେ କୁହାଯାଇଛି ଯାହା ଜାପାନର ବାର୍ଷିକ ଉତ୍ପାଦନଠାରୁ ବଡ଼। ବିଶ୍ୱ ସ୍ତରରେ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ଏବେ ଆର୍ଥିକ ପ୍ୟାକେଜ ଘୋଷଣା କରୁଛନ୍ତି। ହେଲେ ସ୍ଥିତି ଅନ୍ତତଃ ପକ୍ଷେ ଆସନ୍ତା ୨ ବର୍ଷ ଯାଏ ଟ୍ରାକ୍‌କୁ ଫେରିବନି ବୋଲି କୁହାଯାଇଛି। ବିଭିନ୍ନ ଦେଶ ଗ୍ରହଣ କରିଥିବା ପଦକ୍ଷେପ....





### ଆମେରିକାର ଦ୍ୱିତୀୟ ପ୍ରୋତ୍ସାହନ ପ୍ୟାକେଜ

ଆମେରିକା ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ସେଠାକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡରାଲ ରିଜର୍ଭ ୨.୩ ଲକ୍ଷ କୋଟି ଡଲାରର ଏକ ନୂଆ ପ୍ୟାକେଜ ଘୋଷଣା କରିଛି। ଏହା ମଧ୍ୟରେ ପ୍ରମୁଖ ଋଣ ସୁବିଧା ମଧ୍ୟରେ କ୍ଷୁଦ୍ର ବାଣିଜ୍ୟଗୁଡ଼ିକୁ ୬୦୦ ବିଲିୟନ ଡଲାରର ସହାୟତା ମଧ୍ୟ ସାମିଲ ରହିଛି। ସେହିଭଳି ୟୁଏସ୍‌ରେ ସୁରକ୍ଷା ଉପକରଣର ଏବେ ଅଧିକ ଆବଶ୍ୟକତା ରହିଛି। ଏନ୍‌୯୫ ରେସ୍ପିରେଟର, ସର୍ଜିକାଲ ମାସ୍କ, ଫେସ୍‌ସିଲ୍ଡ ଏବଂ ଅନ୍ୟାନ୍ୟ ମେଡିକାଲ ଷ୍ଟକ ଏବେ ଶେଷ ହୋଇ ଆସୁଛି। ପ୍ରାୟ ୯୦% ସୁରକ୍ଷା ଉପକରଣ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଛି। ଏଭଳି ସ୍ଥିତିରେ ଅଧିକ ଷ୍ଟକ ଆବଶ୍ୟକ ହେଉଥିବା ଆମେରିକାର ଡିପାର୍ଟମେଣ୍ଟ ଅଫ୍ ହେଲ୍‌ଥ ଆଣ୍ଡ ହ୍ୟୁମାନ ସର୍ଭିସେସ୍ ପକ୍ଷରୁ ସୂଚନା ରହିଛି।

### ରୋହିଙ୍ଗ୍ୟା ଜିଲା ଲକ୍‌ଡାଉନ କଲା ବାଂଲାଦେଶ

ବାଂଲାଦେଶ ଦକ୍ଷିଣ ଭାଗରେ ଥିବା ଏହାର କେତେକ ଜିଲାକୁ ଲକ୍‌ଡାଉନ କରିଦେଇଛି। ଏହି ଅଞ୍ଚଳରେ ପ୍ରାୟ ୧୦ ଲକ୍ଷ ରୋହିଙ୍ଗ୍ୟା ରହୁଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳଗୁଡ଼ିକରେ କରୋନାର କୌଣସି ମାମଲା ସାମ୍ନାକୁ ଆସିନାହିଁ। ମାତ୍ର ମେଡିକାଲ ସୁବିଧା ଉନ୍ନତ ନ ଥିବା ଯୋଗୁ କରୋନା ବ୍ୟାପିବା ଆଶଙ୍କା ବାଂଲାଦେଶ ସରକାରଙ୍କୁ ରହିଛି।

### ପ୍ୟାକେଜ ସପକ୍ଷରେ କ୍ରିଷ୍ଟିନ ଲେଗାର୍ଡ



ୟୁରୋପିଆନ ସେଣ୍ଟ୍ରାଲ ବ୍ୟାଙ୍କର ସଭାପତି ତଥା ପୂର୍ବତନ ଆଇଏମ୍‌ଏଫ୍ ମୁଖ୍ୟ କ୍ରିଷ୍ଟିନ ଲେଗାର୍ଡ କରୋନା ପ୍ରଭାବକୁ କମ୍ କରିବା ଦିଗରେ ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ ଉପରେ ମତ ରଖିଛନ୍ତି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ବିଶ୍ୱ ସ୍ତରର ସରକାରଗୁଡ଼ିକ ବିଭିନ୍ନ ନୀତି ନିର୍ଦ୍ଧାରଣ ଦ୍ୱାରା ସମସ୍ୟାକୁ କମ୍ କରିବା ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସେ କହିଛନ୍ତି ଯେ, ୟୁରୋପିଆନ ସେଣ୍ଟ୍ରାଲ ବ୍ୟାଙ୍କ ୩ ଟ୍ରିଲିୟନ ୟୁରୋ ସେଠାକାର ବ୍ୟାଙ୍କଗୁଡ଼ିକୁ ପ୍ରଦାନ କରିଛି। ବ୍ୟକ୍ତି ତଥା ଫାର୍ମଗୁଡ଼ିକୁ ଋଣ ସହାୟତା ପ୍ରଦା ଦିଗରେ ଏହା କାମରେ ଆସିପାରିବ। କ୍ଷୁଦ୍ର ବାଣିଜ୍ୟ, ନିଜସ୍ୱ ଉଦ୍ୟମରେ ବାଣିଜ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସହାୟତା କରିବା ଦିଗରେ ବ୍ୟାଙ୍କଗୁଡ଼ିକ ଏହା ଦ୍ୱାରା ସହାୟକ ବୋଲି ଲେଗାର୍ଡ କହିଛନ୍ତି।

### ଷ୍ଟକ୍ ବଜାରରେ ଉନ୍ନତି ଆଶା

କରୋନା ପ୍ରଭାବକୁ କମ୍ କରିବା ଲାଗି ବିଶ୍ୱ ସ୍ତରର ଅର୍ଥ ବ୍ୟବସ୍ଥାଗୁଡ଼ିକ ଅଧିକ ପଦକ୍ଷେପ ସହ ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କରିବେ ବୋଲି ଷ୍ଟକ୍ ବଜାର ନିବେଶକଙ୍କ ଆଶା ରହିଛି। ଏହାକୁ ଧ୍ୟାନରେ ରଖି ପୁଞ୍ଜିବଜାର କାରବାର ଗୁରୁବାର ଉନ୍ନତ ସ୍ଥିତିରେ ରହିଥିଲା। ଗତ ୪ ଦିନ ଧରି ୟୁରୋପର ଷ୍ଟକ୍ ବଜାର ଉନ୍ନତ ସ୍ଥିତିରେ ରହିଛି। ଆମେରିକା ଷ୍ଟକ୍‌ବଜାର ୧% ବଢ଼ିଥିବା ବେଳେ ଏସ୍ ଆଣ୍ଡ ପିର ୫୦୦ ୩.୪% ବୃଦ୍ଧି ଘଟିଛି। ସେହିଭଳି ଅଷ୍ଟ୍ରେଲିଆ ଶେୟାର ବଜାର ୨.୫୪% ବୃଦ୍ଧି ଘଟିଥିଲା।

### ୟୁରୋପିଆନ ୟୁନିୟନ ଆଣିବ ପ୍ୟାକେଜ

କରୋନା ପ୍ରଭାବକୁ କମ୍ କରିବା ଲାଗି ୟୁରୋପିଆନ ୟୁନିୟନ ମଧ୍ୟ ପ୍ୟାଜେକ ଆଣିବା ଲାଗି ପ୍ରସ୍ତୁତି ଚଳାଇଛି। ୫୦୦ ବିଲିୟନ ୟୁରୋ ବା ୫୪୩ ବିଲିୟନ ଡଲାରର ଏକ ପ୍ୟାଜେକ ଆଣିବା ନେଇ ଆଲୋଚନା ଜାରି ରହିଛି। ଏନେଇ ୟୁରୋପିଆନ ୟୁନିୟନ ଶୀଘ୍ର ପଦକ୍ଷେପ ଘୋଷଣା କରିବ ବୋଲି ଶୁଣାଯାଉଛି।

### ଅଷ୍ଟ୍ରେଲିଆ ଜାହାଜରେ ବୃହତ୍ ସଂକ୍ରମଣ

ଅଷ୍ଟ୍ରେଲିଆ ଏକ ବୃହତ୍ ସଂଖ୍ୟକ ସଂକ୍ରମଣ ଏକ ଜାହାଜରେ ପରିଲକ୍ଷିତ ହୋଇଛି। ଏହି ଜାହାଜରେ ପ୍ରାୟ ୨୭୦୦ଜଣ ଯାତ୍ରା କରୁଥିଲେ। ଏଠାରେ ୬୦୦ ଲୋକଙ୍କୁ ସଂକ୍ରମଣ ହୋଇଥିବା ବେଳେ ପ୍ରାୟ ଉକ୍ତ ମାମଲାରେ ୧୫ ଜଣ ଲୋକ ମୃତ୍ୟୁମୁଖରେ ପଡ଼ିଛନ୍ତି। ପ୍ରାୟ ୧୦୪୦ ଜଣ ମେଡିକାଲ ଟ୍ରିଟ୍‌ମେଣ୍ଟରେ ରହିଛନ୍ତି।

### ଦୁବାଇରେ ଆଲ୍‌କହଲ ହୋମ୍ ଡେଲିଭରି

କରୋନା ଯୋଗୁ ଦୁବାଇରେ ମଧ୍ୟ ଲକ୍‌ଡାଉନ ହୋଇଛି। ସେଠାରେ ଆଲ୍‌କହଲ ହୋମ ଡେଲିଭରି କରିବା ଲାଗି ସରକାର ଅନୁମତି ପ୍ରଦାନ କରିଛନ୍ତି।

### ଭିଡିଓ କନ୍‌ଫରେନ୍ସିଂ ପ୍ଲାଟ୍‌ଫର୍ମର ଚାହିଦା

ବର୍ତ୍ତମାନର ସମୟରେ ଭିଡିଓ କନଫରେନ୍ସିଂର ଚାହିଦା ବଢ଼ିଚାଲିଛି। ଜୁମ୍ ନାମକ ଭିଡିଓ କନଫରେନ୍ସି ଆପ୍‌ର ଏବେ ଅନେକ ମାତ୍ରାରେ ଲୋକପ୍ରିୟତା ହାସଲ କରିଛି। ଘରୁ କାମ କରିବା ଏବଂ ସହକର୍ମୀଙ୍କ ସହ ଭିଡିଓ କନଫରେନ୍ସିଂରେ ସମ୍ପର୍କ ରଖିବା ଦିଗରେ ଏହା ବେଶ୍ ସହାୟକ ହେଉଛି।

## ୨.୨ ବିଲିୟନ ସହାୟତା ଦେବ ଏଡିବି

**ନୂଆଦିଲ୍ଲୀ,୧୦।୪:** ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ଭାରତକୁ ୨.୨ (ପ୍ରାୟ ୧୬ ହଜାର କୋଟି) ବିଲିୟନ ଡଲାରର ଋଣ ସହାୟତା ପ୍ରଦାନ କରିବ। କୋଭିଡ୍‌-୧୯ ବିରୋଧୀ ଲଢ଼େଇ ଲାଗି ଏହି ଋଣ ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ଏଡିବି ସଭାପତି ମାସାତସୁଗୁ ଆସାକାୱା ଶୁକ୍ରବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଆସାକାୱା ନିକଟରେ ସୀତାରାମନଙ୍କ ସହ ଆଲୋଚନା କରିବା ସହ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। କରୋନା ଯୋଗୁ ଉପୁଜିଥିବା ସ୍ୱାସ୍ଥ୍ୟ ତଥା ଆର୍ଥିକ କ୍ଷେତ୍ରରେ ପ୍ରଭାବକୁ କମ୍ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଏହାବାଦ ଅଣ ସଙ୍ଗଠିତ କ୍ଷେତ୍ର, ଅଣୁ,କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି ବୋଲି ଆସାକାୱା କହିଛନ୍ତି।

## ରିଲିଫ ପାଣ୍ଠିକୁ ଫ୍ରିଡମ ଅଏଲର ୨୫ ଲକ୍ଷ



**ଭୁବନେଶ୍ୱର,୧୦।୪:** ଫ୍ରିଡମ ବ୍ରାଣ୍ଡର ମୂଳ କମ୍ପାନୀ ଜେମିନି ଏଡିବଲସ୍ ଆଣ୍ଡ ଫ୍ୟାଟ୍‌ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କୋଭିଡ୍‌-୧୯ ଲଢ଼େଇରେ ସରକାରଙ୍କ ସହ ଯୋଗଦାନ ଅନ୍ତର୍ଗତ କମ୍ପାନୀ ଏଭଳି ସହାୟତା ଯୋଗାଇ ଦେଇଥିବା କହିଛି। କମ୍ପାନୀ ମୋଟ ୨.୫ କୋଟି ଟଙ୍କା କୋଭିଡ୍ ଲାଗି ପ୍ରଦାନ କରିଛି। ଏହା ମଧ୍ୟରେ ପିଏମ୍ କେୟାର୍ସ ପାଣ୍ଠିକୁ ୫୦ ଲକ୍ଷ ଟଙ୍କା ଦିଆଯାଇଛି। ଏହାବାଦ ଓଡ଼ିଶା ସମେତ ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁ ସରକାରଙ୍କ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୨୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯାଇଛି ବୋଲି କମ୍ପାନୀର ଏମ୍‌ଡି ପ୍ରଦୀପ ଚୌଧରୀ ସୂଚନା ଦେଇଛନ୍ତି।

## ରାଉଣ୍ଡ ଟେବୁଲ ୫୩ ପକ୍ଷରୁ ସହାୟତା

**ଭୁବନେଶ୍ୱର,୧୦।୪:** କରୋନା ପାଇଁ ଘୋଷଣା ହୋଇଥିବା ଲକ୍‌ଡାଉନରେ ଅନେକ ଲୋକ ଫସି ରହିଛନ୍ତି। କଟକଣା ଯୋଗୁ ନିଷ୍ପେଷିତ ବର୍ଗର ଲୋକମାନେ ଏବେ ସମସ୍ୟା ସାମ୍ନା କରୁଥିବାରୁ ସେମାନଙ୍କୁ ସହାୟତା କରିବା ଲାଗି ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ ଆଗେଇ ଆସିଛି। ଅସହାୟ ଲୋକଙ୍କୁ ସହାୟତା କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟା କରାଯାଉଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ୪ଟି ସଂସ୍ଥା ସହ ମିଳିତ ହୋଇ ଏହା ଲୋକଙ୍କୁ ଖାଦ୍ୟ ଯୋଗାଇ ଦେଉଛି। କ୍ଷୁଧାମୁକ୍ତ ଓଡ଼ିଶା ଦ୍ୱାରା ଭୁବନେଶ୍ୱର ଓ ପୁରୀରେ ଦୈନିକ ୧୫୦୦ ଲୋକଙ୍କୁ ଖାଇବା ସୁବିଧା କରାଯାଇଛି। ପଶୁ ଏବଂ ପକ୍ଷୀଙ୍କ ଲାଗି ୨୦୦ କିଲୋ ଗ୍ରାମ ଖାଦ୍ୟଶସ୍ୟ ପ୍ରଦାନ କରାଯାଇଛି। କଟକରେ ୧୦୦୦ ଲୋକଙ୍କୁ ଖାଇବା ଯୋଗାଣ ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଇଛି। ରବିନ ହୁଡ୍ ଆର୍ମି ଦ୍ୱାରା ଭୁବନେଶ୍ୱର ଆଖପାଖର ୨୦୦ ଲୋକଙ୍କୁ ଖାଇବା ଯୋଗାଣ ଭଳି ଯୋଜନା ହାତକୁ ନିଆଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

## ୧.୫ କୋଟି ନିଯୁକ୍ତି ଉପରେ କଳାବାଦଲ



**ନୂଆଦିଲ୍ଲୀ,୧୦।୪:** କରୋନା ଯୋଗୁ ନିଯୁକ୍ତି କ୍ଷେତ୍ର ଉପରେ ଏବେ ନକାରାତ୍ମକ ପ୍ରଭାବ ରହିଛି। ବର୍ତ୍ତମାନ ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ରହିଥିବାରୁ ରପ୍ତାନି କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୧.୫ କୋଟି ନିଯୁକ୍ତି ଉପରେ ଏବେ କଳାବାଦଲ ଛାଇ ହୋଇ ରହିଛି। ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟର୍ସ ଅର୍ଗାନାଇଜେଶନ (ଏଫ୍‌ଆଇଇଓ) ମୁତାବକ ଦେଶର ରପ୍ତାନି କ୍ଷେତ୍ର ଉପରେ କରୋନାର ପ୍ରଭାବ ଏବେ କାରବାରକୁ କ୍ଷତିଗ୍ରସ୍ତ କରିଛି। ଏହି କ୍ଷେତ୍ରରେ ଅନାଦାୟ ଋଣ ବା ଏନ୍‌ପିଏ ବଢ଼ିବା ଆଶଙ୍କା କରାଯାଇଛି। ଏବେ ଅଧାରୁ ଅଧିକ ଅର୍ଡର ରଦ୍ଦ ହେଉଥିବା ସଂଘର ଅଧ୍ୟକ୍ଷ ଶରଦ କୁମାର ସରାଫ ସୂଚନା ଦେଇଛନ୍ତି। ଭାରତ ସମେତ ବିଶ୍ୱ ବଜାରର ସ୍ଥିତି ଏବେ ବିଗିଡ଼ିଥିବାରୁ ଅନେକ ଲୋକଙ୍କ ଚାକିରି ଉପରେ ଏହା ନକାରାତ୍ମକ ପ୍ରଭାବ ରହିଛି। ସରକାର ଏହି କ୍ଷେତ୍ର ଲାଗି ଆଶ୍ୱସ୍ତି ପ୍ୟାକେଜ ପ୍ରଦାନ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସରକାର ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କଲେ ଏହା କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ଦିଗରେ ସହାୟକ ହୋଇପାରିବ ବୋଲି ସରାଫ ମତବ୍ୟକ୍ତ କରିଛନ୍ତି। ଏବେ ୫୦% ଅର୍ଡର ବାତିଲ ହୋଇଛି। ଏଭଳି ସ୍ଥିତିରେ କପଡା ଏବଂ ଚମଡା ଉଦ୍ୟୋଗ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା ସେ ମତବ୍ୟକ୍ତ କରିଛନ୍ତି।

## ୧.୩୭ ଲକ୍ଷ ଇପିଏଫ୍ ଉଠାଣ ଆବେଦନର ଫଇସଲା

**ନୂଆଦିଲ୍ଲୀ,୧୦।୪:** କୋଭିଡ୍‌-୧୯ର ମୁକାବିଲା ଲାଗି ୧୦ ଦିନରୁ କମ୍ ସମୟ ମଧ୍ୟରେ ୧.୩୭ ଲକ୍ଷ ଇପିଏଫ୍ ଉଠାଣ ଆବେଦନର ଫଇସଲା କରାଯାଇଛି। କେୱାଇସି ଜରିଆରେ ୭୨ ଘଣ୍ଟାରେ ଆବେଦନ ପତ୍ରର ଫଇସଲ କରାଯାଉଥିବା ଜଣାପଡ଼ିଛି। କୋଭିଡ୍‌-୧୯ ମୁକାବିଲାକୁ ଧ୍ୟାନରେ ରଖି ଇପିଏଫ୍ ଯୋଜନାରେ ବିଶେଷ ସଂଶୋଧନ ଆଣି ସ୍ୱଳ୍ପ ସମୟ ମଧ୍ୟରେ ଲୋକଙ୍କୁ ଏଭଳି ସୁବିଧା ଯୋଗାଇ ଦିଆଯାଇଥିବା ସୂଚନା ରହିଛି। ଉଠାଣକାରୀଙ୍କ ଆବେଦନର ଫଇସଲ କରି ସେମାନଙ୍କୁ ୨୭୯.୬୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ଡେଲିଭରି ପାର୍ଟନରଙ୍କ ପାଇଁ ଆମାଜନର ପଦକ୍ଷେପ

**ନୂଆଦିଲ୍ଲୀ,୧୦।୪:** ବର୍ତ୍ତମାନର ଆହ୍ୱାନପୂର୍ଣ୍ଣ ସମୟରେ ଜରୁରୀ ସାମଗ୍ରୀ ଯୋଗାଣ କ୍ଷେତ୍ରରେ କାମ କରୁଥିବା ଡେଲିଭରି ପାର୍ଟନରଙ୍କ ପାଇଁ ଆମାଜନ ପକ୍ଷରୁ ପଦକ୍ଷେପ ଘୋଷଣା କରାଯାଇଛି। କମ୍ପାନୀ ଏହି କ୍ଷେତ୍ର କର୍ମଚାରୀଙ୍କ ଲାଗି ଏକ ରିଲିଫ ଫଣ୍ଡ ଘୋଷଣା କରିଛି। କୋଭିଡ-୧୯ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ଏହି ଅର୍ଥ ଗ୍ରାଣ୍ଟ ଭାବେ ପ୍ରଦାନ କରାଯିବ। ଏଥି ଲାଗି କମ୍ପାନୀ ୨୫ ନିୟୁତ ଡଲାରର ପାଣ୍ଠି ବ୍ୟବସ୍ଥା କରିଥିବା କହିଛି।

## ଟେଲିଗ୍ରାମ ଚ୍ୟାନେଲ ଆରମ୍ଭ କଲେ ସରକାର

**ନୂଆଦିଲ୍ଲୀ,୧୦।୪:** କୋଭିଡ-୧୯ ସମ୍ପର୍କିତ ସୂଚନା ପ୍ରଦାନ କରିବା ଲାଗି ସରକାର ଟେଲିଗ୍ରାମରେ ଏକ ଚ୍ୟାନେଲ ଆରମ୍ଭ କରିଛନ୍ତି। ଏଭଳି ପଦକ୍ଷେପ ମାଇଁଗଭ୍ ପକ୍ଷରୁ ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଭେରିଫାଏଡ ଚ୍ୟାନେଲ ମାଧ୍ୟମରେ କରୋନା ଭୂତାଣୁ ବ୍ୟାପିବା ସଂକ୍ରାନ୍ତରେ ପ୍ରକାଶ ପାଉଥିବା ତ୍ରୁଟିପୂର୍ଣ୍ଣ ତଥ୍ୟର ପ୍ରବାହକୁ ରୋକିବା ଦିଗରେ ଉଦ୍ୟମ କରାଯାଉଛି। ସୂଚନା ଏବଂ ଖବର ଲାଭ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଏହି ପ୍ଲାଟଫର୍ମରେ ଯୋଗ ଦେଇ ପାରିବେ। ସ୍ୱେଚ୍ଛାସେବୀ କିମ୍ବା ଦାନ ଲାଗି ଯୋଡି ହେବାକୁ ରାଜ୍ୟ ୱାରୀ ହେଲପ୍ ନମ୍ବର ଜାରି କରାଯାଇଛି।

## ଏବେ ଆରମ୍ଭ ହେବନି ଟ୍ରେନ ସେବା

**ନୂଆଦିଲ୍ଲୀ,୧୦।୪:** ଟ୍ରେନ ଯାତ୍ରୀଙ୍କ ଲାଗି ଯାତ୍ରା କାର୍ଯ୍ୟସୂଚୀ ଓ ପୁନର୍ବାର ଟ୍ରେନ ସେବା ଆରମ୍ଭ ନେଇ ଗତ ୨ ଦିନ ହେବ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏକ ନିର୍ଦ୍ଦିଷ୍ଟ ତାରିଖରୁ କେତେ ସଂଖ୍ୟକ ଟ୍ରେନ ଚଳାଚଳ କରିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟ ଉପରେ ରେଲୱେ ପକ୍ଷରୁ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି। ଟ୍ରେନ ସେବା ପୁଣି ଥରେ ଆରମ୍ଭ କରିବା ନେଇ କୌଣସି ନିଷ୍ପତ୍ତି ଏବେ ଯାଏ ଆସିନାହିଁ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଛି। ଟ୍ରେନ ଚଳାଚଳ ନେଇ ପ୍ରକାଶ ପାଉଥିବା ମିଥ୍ୟା ଖବର ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଲକ୍‌ଡାଉନ ଅବଧି ଶେଷ ହେବା ପରେ ଯାତ୍ରୀଙ୍କ ହିତକୁ ନଜରରେ ରଖି ଆଗାମୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ରେଲୱେ ସ୍ପଷ୍ଟ କରିଛି। କୌଣସି ନିଷ୍ପତ୍ତି ଆସିଲେ ସେ ନେଇ ଲୋକଙ୍କୁ ଜଣାଯିବ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି।



# ସଙ୍କଟରେ ଅଣ ସଙ୍ଗଠିତ କ୍ଷେତ୍ର ଶ୍ରମିକ



**ନୂଆଦିଲ୍ଲୀ,୧୦।୪:** ଲକ୍‌ଡାଉନ ଯୋଗୁ ସାରା ଦେଶରେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଛି। ଏଭଳି ସ୍ଥିତିରେ ଅଣ ସଙ୍ଗଠିତ କ୍ଷେତ୍ର ଶ୍ରମକ ଏବଂ ସାଧାରଣ ଲୋକମାନେ ଏବେ ଅନେକ ସାମ୍ନା କରୁଛନ୍ତି। ଏଭଳି ସ୍ଥିତିରେ ଲୋକମାନେ କ୍ଷୁଧା, ବେକାରି ଏବଂ ଘରୋଇ କ୍ଷେତ୍ରଗୁଡ଼ିକର ଚାପର ସମସ୍ୟା ସାମ୍ନା କରୁଛନ୍ତି। ଏଭଳି ସ୍ଥିତିରେ ଲୋକଙ୍କୁ ସୁବିଧା ଯୋଗାଇବା ଭଳି ଉନ୍ନତ ସ୍ଥିତିରେ ରାଜ୍ୟଗୁଡ଼ିକ ନ ଥିବା ବିଶେଷଜ୍ଞ କହିଛନ୍ତି। ଭାରତରେ ମୋଟ ଜିଡିପିକୁ ରାଜ୍ୟଗୁଡ଼ିକର ଟିକସ ଅନୁପାତ ମାତ୍ର ୧୩.୫% ରହିଛି। ଏହା ପାଶ୍ଚାତ୍ୟ ଦେଶଗୁଡ଼ିକରେ ପ୍ରାୟ ୨୫% ରହିଛି। ବର୍ତ୍ତମାନ କୋଭିଡ୍‌-୧୯ ଲାଗି ଟିକସ ସଂଗ୍ରହ ମଧ୍ୟ ପ୍ରଭାବିତ ସ୍ଥିତିରେ ରହିଛି।

### ସାମାଜିକ ନିରାପତ୍ତାରେ ଅସୁବିଧା

ବର୍ତ୍ତମାନ ବିତ୍ତୀୟ ସ୍ଥିତି ପ୍ରଭାବିତ ଥିବାରୁ ୭୦ରୁ ୮୦% ଗରିବ ଲୋକଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ଗୋଟିଏ ପଟେ କାଠିକର ପାଠ ହୋଇପଡୁଥିବା ବିଚାର କରାଯାଇଛି। ଲକ୍‌ଡାଉନ ଉଠିଗଲା ପରେ ବିଗିଡି ଥିବା ଅର୍ଥ ବ୍ୟବସ୍ଥାକୁ ମଧ୍ୟ ସମ୍ଭାଳିବାକୁ ପଦକ୍ଷେପ ନେବାକୁ ପଡ଼ିବ। ଏଠାରେ ଗୋଟିଏ କଥା ବିଚାରକୁ ନିଆଯାଉ। ସାଧାରଣତଃ ପାଶ୍ଚାତ୍ୟ ଦେଶଗୁଡ଼ିକରେ ପ୍ରାୟ ୭୦ରୁ ୮୦% ଲୋକ ସଙ୍ଗଠିତ କ୍ଷେତ୍ର ସହ ଜଡ଼ିତ। ସେମାନଙ୍କ ଲାଗି ସାମାଜିକ ସୁରକ୍ଷା ପର୍ଯ୍ୟାପ୍ତ ଥିବା ଯୋଗୁ ସାଧାରଣତଃ ମାସ ମାସ ଧରି ଲକ୍‌ଡାଉନ ସ୍ଥିତି ଲାଗି ରହିଲେ କୌଣସି ଅସୁବିଧା ସ୍ଥିତି ଉପୁଜିବ ନାହିଁ। ମାତ୍ର ଭାରତରେ ସ୍ଥିତି ଏହାର ସମ୍ପୂର୍ଣ୍ଣ ଓଲଟା।

### ଲକ୍‌ଡାଉନ ବଢ଼ିଲେ ବଜାର ସ୍ଥିତି ବିଗିଡ଼ିବ

ଭାରତରେ ଲକ୍‌ଡାଉନ ଅବଧି ବଢି ରହିଲେ ଏହା ଯୋଗୁ ଅର୍ଥ ବ୍ୟବସ୍ଥାର ସ୍ଥିତି ସମ୍ପୂର୍ଣ୍ଣ ବିଗିଡିଯିବ ବୋଲି ବିଶେଷଜ୍ଞ ଆଶଙ୍କା ପ୍ରକଟ କରିଛନ୍ତି। ଏଭଳି ସ୍ଥିତିରେ ଲୋକଙ୍କ ଚାକିରି ଚାଲିଯିବା ସେହି ପରିବାରଗୁଡ଼ିକରେ କାହାର ସ୍ୱାସ୍ଥ୍ୟ ବିଗିଡିଲେ ସମସ୍ୟାକୁ କେମିତି ଆୟତ୍ତକୁ ଅଣାଯିବ ତାହା ମଧ୍ୟ ଏକ ଚିନ୍ତାର ବିଷୟ।

### ଭାରତର ସ୍ଥିତି ଅପେକ୍ଷାକୃତ ଉନ୍ନତ

କରୋନା ବ୍ୟାପିଥିବା ଅନ୍ୟ ଦେଶଗୁଡ଼ିକୁ ବିଚାର କଲେ ଭାରତର ସ୍ଥିତି ଅପେକ୍ଷାକୃତ ଉନ୍ନତ ରହିଛି। ଭାରତରେ ସଂକ୍ରମଣର ମାତ୍ରା ଏତେ ଦ୍ରୁତ ହୋଇନାହିଁ। ସଂକ୍ରମଣର ସବୁ ମାମଲା ହସ୍ପିଟାଲକୁ ଆସୁଥିବା ବେଳେ ଏହା ଉପରେ ନଜର ରଖାଯାଉଛି। ପ୍ରାୟ ୮୫% କରୋନା ମାମଲା ୬୦%ରୁ କମ୍ ବୟସର। ଏହି ବୟସ ବର୍ଗର ଲୋକମାନେ ସଂକ୍ରମଣକୁ ସାମ୍ନା କରିବା ସହ ଠିକ୍ ହୋଇ ଯାଉଥିବା ଦେଖାଯାଉଛି। ତାପମାତ୍ରା ବଢୁଥିବାରୁ ସଂକ୍ରମଣ ବଢ଼ିବାକୁ ଏହା ହୁଏତ କମ୍ କରୁଛି। ଦେଶର ୭୦ ହଟ୍‌ସ୍ପଟ ଜିଲାକୁ ବାଦ ଦେଲେ ଅନ୍ୟ ୬୭୦ ଜିଲାରେ ସଂକ୍ରମଣ ଏତେ ବ୍ୟାପିନାହିଁ କିମ୍ବା ମାମଲା ବହୁତ କମ୍ ରହିଛି।

### ଦାଦନର ଦୁଃଖ

କୋଭିଡ୍ ବ୍ୟାପିବା ଯୋଗୁ ଦାଦନ ଶ୍ରମିକଙ୍କ ଦୁଃଖ ଏବେ ବଢ଼ିଯାଇଛି। ସେହିଭଳି ନିଜ ଉଦ୍ୟମରେ ଛୋଟ ଛୋଟ ବ୍ୟବସାୟ ଚଳାଉଥିବା ଲୋକଙ୍କ ସ୍ଥିତି ଏବେ ବିଗିଡ଼ିଛି। ଅନାହାର ମୃତ୍ୟୁ, ବେକାରି ଭଳି ସମସ୍ୟା ଏବେ ବଢ଼ିଛି। ସ୍ଥିତି ସୁଧୁରୁ ନ ଥିବାରୁ ଲକ୍‌ଡାଉନ ଏବେ ବଢ଼ିବ ବୋଲି ପ୍ରାୟ ନିଶ୍ଚିତ ହୋଇଛି। ଯଦି ଲକ୍‌ଡାଉନ ଖୋଲେ ତେବେ କିଭଳି ପଦକ୍ଷେପ ନିଆଯାଇ ପାରିବ ସେ ନେଇ ବିଶେଷଜ୍ଞ କିଛି ପରାମର୍ଶ ମଧ୍ୟ ଦେଇଛନ୍ତି।

### ଲକ୍‌ଡାଉନ ଉଠିବା ନେଇ କ'ଣ କୁହନ୍ତି ବିଶେଷଜ୍ଞ

- ଦେଶର ୪୫୦ ଜିଲାରେ କରୋନା ମାମଲା ନାହିଁ। ୨୧୦ ଜିଲାରେ କିଛି ମାମଲା ରହିଛି। ୬୭୦ ଜିଲାରେ ଲକ୍‌ଡାଉନ ସତର୍କତା ଭିତ୍ତିରେ ଉଠାଯାଇପାରେ।
- ଅମଳ ସମୟ ଯୋଗୁ ଶ୍ରମିକଙ୍କ ଆବଶ୍ୟକତା ରହିଛି। କିଛି ଟ୍ରେନ ଚଳାଚଳ ଦ୍ୱାରା ଶ୍ରମିକଙ୍କୁ କାର୍ଯ୍ୟକ୍ଷେତ୍ରକୁ ଫେରାଇ ଅଣାଯାଇପାରିବ। ମଣ୍ଡି ପରିଚାଳନା, ମାଲ ପରିବହନ, ବଜାର ସୁବିଧାକୁ ଦେଖିବାକୁ ହେବ।
- କ୍ଷୁଦ୍ର ସଂସ୍ଥାଗୁଡ଼ିକରେ କାମ କରୁଥିବା ସଙ୍ଗଠିତ ତଥା ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କୁ କାମ ଯୋଗଦେବାକୁ ଅନୁମତି ଦିଆଯାଇପାରେ। ଏମ୍‌ଏସ୍‌ଏମ୍‌ଇ ନ ଖୋଲିଲେ ବେକାରି ହାର ୩୦%କୁ ବଢିଯିବ।
- ହସ୍ପିଟାଲ ଏବଂ କ୍ଲିନିକଗୁଡ଼ିକରେ ଅଧିକ ନିରାପତ୍ତା ଗ୍ରହଣ
- ମେଡିକାଲ ଯନ୍ତ୍ରାଂଶ ଔଷଧ ଯୋଗାଉଥିବା କମ୍ପାନୀଙ୍କ ପରିଚାଳନା ସୁଗମ କରିବା
- ଭିଡ଼କୁ ବାଦ୍ ଦେଇ ପରିବହନ ସେବା ଆରମ୍ଭ କରାଯାଇପାରେ। ଅତିରିକ୍ତ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା।
- ବଡ ଉଦ୍ୟୋଗଗୁଡ଼ିକରେ ସାମାଜିକ ଦୂରତ୍ୱ ସହ ସିଫ୍ଟରେ କାମ ହେବା ଆବଶ୍ୟକ।
- ଭିଡକୁ ଅନୁମତି ନ ଦିଆଯିବା ଆବଶ୍ୟକ।
- ସବୁ ସ୍ଥାନରେ ମାସ୍କ ବ୍ୟବହାର ସହ ନିର୍ଦ୍ଦେଶ ମୁତାବକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ

# ନାଁ ଏକା ହୋଇଥିବାରୁ ସମ୍ମାନ...



କାର୍ଲ ଉଇଲିୟମ ଶିଲ

ପୌରାଣିକ କାହାଣୀଟିଏ ଅଛି। ଅଜାମିଳ ବୋଲି ଜଣେ ମହାପାପୀ ଥିଲେ। ତେବେ, ଈଶ୍ୱରଙ୍କ ନାମାନୁସାରେ ସେ ତାଙ୍କ ପୁଅର ନାଁ ରଖିଥିଲେ। ତାକୁ ବାରମ୍ବାର ସେହି ନାଁରେ ଡାକିବା ଫଳରେ ତାଙ୍କର ସମସ୍ତ ପାପ କ୍ଷୟ ହୋଇଯାଉଥିଲା। ତେଣୁ ମୃତ୍ୟୁପରେ ସେ ସ୍ୱର୍ଗକୁ ଗଲେ। ପୁଅର ନାଁକୁ ଈଶ୍ୱରଙ୍କ ନାଁ ସହିତ ସମାନ ରଖିଥିବାରୁ ତାଙ୍କୁ ଏ ସୁଫଳ ମିଳିଥିଲା ବିନା କିଛି ପୁଣ୍ୟ କର୍ମରେ। ଏହି କାଳ୍ପନିକ କାହାଣୀ ମଧ୍ୟ କେବେ କେମିତି ସତ ହୋଇଥାଏ।

ଅଷ୍ଟାଦଶ ଶତାବ୍ଦୀର କଥା। ସ୍ୱିଡେନରେ ଜଣେ ବିଖ୍ୟାତ ରସାୟନ ବିଜ୍ଞାନୀ ଥିଲେ। ତାଙ୍କ ନାଁ କାର୍ଲ ଉଇଲିୟମ ଶିଲ୍। ସେ ବଞ୍ଚିଥିଲେ ମାତ୍ର ୪୪ ବର୍ଷ। ତେବେ, ତାହାରି ଭିତରେ ସେ ଆବିଷ୍କାର କରିଯାଇଥିଲେ ଅନେକ ରାସାୟନିକ ପଦାର୍ଥ। ସେଥିପାଇଁ ସାରା ଦୁନିଆର ବୈଜ୍ଞାନିକଙ୍କ ମହଲରେ ତାଙ୍କ ନାଁ ବେଶ୍ ଜଣାଶୁଣା ଥିଲା।

ଥରେ ସ୍ୱିଡେନର ରାଜା ଗୁସ୍ତାଭ-୩ ପ୍ୟାରିସ ଆସିଥିଲେ। ସେଠାରେ କିଛି ଫରାସୀ ବୈଜ୍ଞାନିକ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ସେହି ଅବସରରେ ସେମାନେ ତାଙ୍କ ଆଗରେ ଶିଲଙ୍କର ଅନେକ ପ୍ରଶଂସା କରିବାକୁ ଲାଗିଲେ।

ରାଜା ଗୁସ୍ତାଭଙ୍କର ବିଜ୍ଞାନରେ କୌଣସି ରୁଚି ନ ଥିଲା। ତେଣୁ ସେ ଶିଲଙ୍କୁ ଜାଣିବି ନ ଥିଲେ। ତେବେ ତାଙ୍କ ଦେଶର ଜଣେ ବୈଜ୍ଞାନିକ ବିଦେଶରେ ଏତେ ସମ୍ମାନ ପାଇବା ଦେଖି ସେ ଅତ୍ୟନ୍ତ ଖୁସି ହୋଇଗଲେ। ଏଣୁ ସେଠାରୁ ଫେରିଲା ପରେ ତାଙ୍କୁ ଖୁବଶୀଘ୍ର ସମ୍ମାନଜନକ 'କାଉଣ୍ଟ' ଉପାଧିରେ ଭୂଷିତ କରିବାକୁ ସ୍ଥିର କଲେ।

ଏ ଦାୟିତ୍ୱ ମନ୍ତ୍ରୀଙ୍କୁ ଦିଆଗଲା। ସେ ମଧ୍ୟ ବୈଜ୍ଞାନିକ ଶିଲଙ୍କୁ ଜାଣି ନ ଥିଲେ। ତେଣୁ ସେ ତାଙ୍କର ଜଣେ ସହକର୍ମୀଙ୍କୁ କହିଲେ ତାଙ୍କୁ ଖୋଜି ବାହାର କରିବାକୁ। ଖୁବ୍‌ଶୀଘ୍ର ସହକର୍ମୀ ଜଣକ ତାଙ୍କ ସନ୍ଧାନ ପାଇବା କଥା ଜଣାଇଲେ ଏବଂ କହିଲେ – ସେ ହେଉଛନ୍ତି ଆମ ସୈନ୍ୟ ବିଭାଗର ଜଣେ ଦକ୍ଷ କମାଣ୍ଡର ଏବଂ ଅତି ଉଚ୍ଚକୋଟିର ବିଲିୟାର୍ଡ୍ସ ଖେଳାଳି।

ରାଜାଙ୍କ ଭଳି ମନ୍ତ୍ରୀଙ୍କର ବି ବିଜ୍ଞାନରେ ରୁଚି ନ ଥିଲା, ତେଣୁ ସେ ଅବା କିପରି ଜାଣିବେ ଯେ ରାଜା ବୈଜ୍ଞାନିକ ଶିଲଙ୍କୁ ସମ୍ମାନିତ କରିବାକୁ ଚାହୁଁଛନ୍ତି ବୋଲି? ଅତଏବ ସେ ସୈନ୍ୟବିଭାଗର ଶିଲଙ୍କୁ ଡାକି ''କାଉଣ୍ଟ'' ଉପାଧି ପ୍ରଦାନ କଲେ।

ଏକା ନାଁ ହୋଇଥିବାରୁ ସେ ହେଲେ ଏହି ବିଶେଷ ସମ୍ମାନର ଅଧିକାରୀ। ପ୍ରକୃତରେ ଯାହାଙ୍କୁ ତାହା ମିଳିବା କଥା ସେ ରହିଗଲେ ଆଢୁଆଳରେ। ହେଲେ ତାଙ୍କ ମୃତ୍ୟୁପରେ ଏହା ଜଣାପଡ଼ିଲା। ଫଳରେ ମନ୍ତ୍ରୀଙ୍କୁ ତାଙ୍କ ପଦ ହରାଇବାକୁ ପଡ଼ିଲା।

**–ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**
ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

## ଖିଲି ଖିଲି ହସ

ଥରେ କ୍ଲାସରେ ପଢ଼ାଉଥିବା ସମୟରେ ଶିକ୍ଷକ ପିଲାମାନଙ୍କୁ ପଚାରିଲେ, ଆଚ୍ଛା ପିଲାଏ, ତୁମ ସମସ୍ତଙ୍କ ମଧ୍ୟରେ କିଏ ସବୁଠୁ ସାହସୀ ? ସବୁ ପିଲା ହାତ ଉପରକୁ ଉଠାଇଲେ। ପିଲାମାନଙ୍କର ଉତ୍ସୁକତା ଦେଖି ଶିକ୍ଷକ ପୁଣି ଥରେ ପ୍ରଶ୍ନ କଲେ- ତୁମ ସ୍କୁଲ ଆଗରେ କେହି ଯଦି ବୋମା ରଖିଦିଏ ତମେ କ'ଣ କରିବ? –ପପୁ ଉତ୍ତର ଦେଲା, 'ସାର୍, ଏକ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରିବୁ, ଯଦି କେହି ନ ନେଲେ ତେବେ ତାକୁ ଷ୍ଟାଫ୍ ରୁମରେ ରଖିଦେବୁ।' *–ଅନନ୍ୟା ରାଉତ, କଟକ*

ଘରେ ପଢ଼ିବା ସମୟରେ ରାଜୁ ତଳକୁ ମୁଣ୍ଡପୋତି ଶୋଇଥିଲା। ତା' ବଡ ଭାଇ ପଚାରିଲେ, ଆରେ ରାଜୁ ତୁ ପଢ଼ିବା ବେଳେ କାହିଁକି ଶୋଇଛୁ ? ରାଜୁ ଉତ୍ତର ଦେଲା, ମାଧ୍ୟାକର୍ଷଣ ଶକ୍ତି ଯୋଗୁ ମୋ ମୁଣ୍ଡ ତଳକୁ ହୋଇଯାଉଛି।
*–ପ୍ରଭାକର ନାୟକ, ରେଢ଼ାଖୋଲ*

ଶିକ୍ଷକ- ଆଚ୍ଛା ପିଲାମାନେ ସିନିୟର୍ ଏବଂ ଜୁନିୟର ଭିତରେ ଫରକ କ'ଣ ?
ଛାତ୍ର- ସାର୍, ଯେଉଁମାନେ ସମୁଦ୍ର କୂଳରେ ରହନ୍ତି ସେମାନଙ୍କୁ ସି-ନିୟର କହନ୍ତି ଆଉ ଯେଉଁମାନେ ଚିଡ଼ିଆଖାନା (ଜୁ) ନିକଟରେ ରହନ୍ତି ସେମାନଙ୍କୁ ଜୁ-ନିୟର କହନ୍ତି।
*–ସୁନୀତା ମହାନ୍ତି, ପୁରୀ*

### ଗିନିଜ ୱାର୍ଲ୍ଡ ରେକର୍ଡ

## ସବୁଠୁ ଲମ୍ବା ସାଇକେଲ



ପିଲାଏ, ତମେମାନେ ତ ସାଇକେଲ ନିଶ୍ଚିତ ଦେଖିଥିବ। ଅନେକେ ମଧ୍ୟ ସାଇକେଲ ଚଲାଇବା ବି ଶିଖିଥିବ। ତା' ସହ ଆଜିକାଲି ବିଭିନ୍ନ ରଙ୍ଗ ଏବଂ ଡିଜାଇନ୍‌ର ସାଇକେଲ ବଜାରରେ ଉପଲବ୍ଧ। ସାଧାରଣତଃ ଗୋଟିଏ ସାଇକେଲର ଲମ୍ବା ଅତିବେଶିରେ ୨ ମିଟର। କିନ୍ତୁ ଗୋଟିଏ ସାଇକେଲ ୪୧ ମିଟରରୁ ଅଧିକ ଲମ୍ବା ହୋଇଥିବ ଏକଥାକୁ ତମେ କେହି ବିଶ୍ୱାସ କରିପାରୁଛ କି ? ନାହିଁ ନା..., ହେଲେ ଏମିତି ବି ଗୋଟେ ସାଇକେଲ୍ ଅଛି ଯାହା ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନ୍ତର୍ଭୁକ୍ତ ହୋଇପାରିଛି। ଏହି ସାଇକେଲଟି ଅଷ୍ଟ୍ରେଲିଆର ଆଡିଲେଡ୍‌ଠାରେ ଗ୍ୟାସ ଆଣ୍ଡ ଅଏଲ କମ୍ପାନୀ ସାଣ୍ଟୋ ସହିତ ଦକ୍ଷିଣ ଅଷ୍ଟ୍ରେଲିଆର ୟୁନିଭର୍ସିଟି ମିଳିତ ଉଦ୍ୟମରେ ତିଆରି କରାଯାଇଛି। ଏହାକୁ ତିଆରି କରିବା ପାଇଁ ପ୍ରାୟ ୯ ମାସ ସମୟ ଲାଗିଥିଲା। ଏହାର ଲମ୍ବା ହେଉଛି ୪୧.୪୨ ମିଟର ବା ୧୩୫ ଫୁଟରୁ ଅଧିକ। ଅଷ୍ଟ୍ରେଲିଆର ଏହି ସାଇକେଲଟିକୁ ଜଣେ ଚାହିଁଲେ ଚଲାଇ ପାରିବ ନାହିଁ। ଅତି କମରେ ଏହାକୁ ଚଲାଇବା ପାଇଁ ସାତ ଜଣରୁ ଅଧିକ ଲୋକଙ୍କର ଆବଶ୍ୟକତା ପଡ଼ିଥାଏ। ତେବେ ଏତେ ବଡ଼ ସାଇକେଲଟିକୁ ଦେଖିବା ଏକ ଭିନ୍ନ ଅନୁଭବ ନିଶ୍ଚୟ।

### କବିତା

## ବାଘମାମୁ ବାହାଘର

ବାଘ ମାମୁ ବାହାଘର
ହୁଏ ଧୁମଧାମରେ,
ବିଲେଇନାନୀର ମନ
ଲାଗୁନାହିଁ କାମରେ।
କହିଲା ସେ ଖୁସି ମନେ
ଗଧିଆକୁ ଚାହିଁକି,
ସମୟପା ହୋଇଗଲା
ଆରେ ଯିବୁ ନାହିଁକି?
ଗଧିଆ କହିଲା ମୋର
ଦେହ ଅଛି ଖରାପ,
ଯାଇ ପାରିବିନି ମୁହିଁ
ଖାଉଅଛି ସିରପ।
ପୁଣି ବେଗି ଯାଇ ସିଏ
ଠେକୁଆକୁ ଡାକିଲା,
ଫେରିବା ବାଟରେ ବିଲୁ
ନନା ଟାକୁ ଦେଖିଲା।
ଆସ ବିଲୁ ନନା ସାଥେ
ଭୋଜି ଗୋଟେ ଖାଇବ,
ବାଘ ମାମୁ ବାହାଘର
ଦେଖି ଖୁସି ହୋଇବ।
ଢୋଲ ବଜାଇବ ହନୁ
ଭାଲୁ ନାଚ କରିବ,
ଗୀତ ଗାଇ କୋଇଲିଟି
ଆମ ମନ ମୋହିବ।
ବରଯାତ୍ରୀ ଯିବା ଲାଗି
ବେଗି ପଡ଼ ବାହାରି,
ଅଥୟ ହେଲାଣି ମନ
ଯିବି ବୋଲି ମୋହରି।
ପେଟ ପୂରା ଖାଇବି ମୁଁ
ଭୋଜିଭାତ ଖୁସିରେ,
ମାଛ ମାଂସ ଭାତ ଡାଲି
ଚେକା ମାଡି ବସିରେ।
ଫେରି ଆସି ବାହାଘରୁ
ଆରାମରେ ଶୋଇବି,
ବାଘର ଭାଣିଜୀ ବୋଲି
ସଭିଙ୍କ ଠି କହିବି।
*–ଧୀରେନ୍ଦ୍ର ମଲ୍ଲିକ, ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର*

## କାହାଠୁ କ'ଣ ଶିଖିବା



କୁକୁରଠାରୁ ଶିଖିବା ଆମେ
ଅଳପ ନିଦେ ଶୁଆ
ଅଳ୍ପ ଆବାଜେ ନିଦକୁ ଭାଙ୍ଗି
ହୋଇବା ଆମେ ଠିଆ।
ଗାଧୋଇବାର ଶିକ୍ଷା ଶିଖିବା
କୁଆ ପାଖରୁ ଆମେ
ଶୀଘ୍ର ଗାଧୁଆ ସାରିକି ପିଲେ
ଲାଗିରେ ଯିବା କାମେ।
ବଗ ଯେମିତି ଧ୍ୟାନେ ବସଇ
ଆହାର ପାଇଁ ତୁଠେ
ଆମେ ସେମିତି ଦେବାରେ ଧ୍ୟାନ
ମନ ଲଗାଇ ପାଠେ।
ପିମ୍ପୁଡ଼ିଠାରୁ ଶିଖିବା ଆମେ
ଚିନ୍ତା ଭବିଷ୍ୟ ପାଇଁ
ବିପଦ ବେଳେ ଆସିବ କାମେ
ଦୁଃଖ ରହିବ ନାହିଁ।
*– ବିବର୍ଣ୍ଣ ବିଚିତ୍ର, ସେଣ୍ଟଡିରା, ବନ୍ତ, ଭଦ୍ରକ*

## ଆଇନା




## କହିଲ ଦେଖି

ଜଳରେ ସ୍ଥଳରେ କରେ ବାସ,
ଦଶାବତାରରେ ତା'ର ପ୍ରକାଶ।
ଶରୀରକୁ ରଖି ପାରେ ଲୁଚାଇ,
ଶତ୍ରୁ ଆକ୍ରମଣ ସୂଚନା ପାଇ।
ଗତି ଧୀର ଧୀର ବିଜୟ ସ୍ଥିର,
ଠେକୁଆ ମାନଇ ତା ପାଖେ ହାର।
ଠୋଲାକୁ ଯେତେ ଦେଲେ ପାହାର
ନ କାଟେ ଅଙ୍ଗକୁ ତିଳେ ମାତର।
**ଉତ୍ତର : କଇଁଛ**

ମଲା ଜିଇଁଲା ସଭିଙ୍କ ମାଂସ,
ଖାଇବା ମୋହ ଅଛି ଅବଶ୍ୟ।
ଉଡ଼େ ଡେଣା ମେଲି ମେଲି ଆକାଶେ,
ଆଉ ଆଗପରି ଏବେ ନ ଦିଶେ।
ଯେବେଠାରୁ ସଂଖ୍ୟା କମିଲା ଧୀରେ,
ଗନ୍ଧ ପ୍ରସରିଲା ତୀବ୍ର ଧାରାରେ।
ସ୍ୱଚ୍ଛତା ରଖିବାରେ ନିପୁଣ ପ୍ରାଣୀ,
କହିବ ଦେଖି ଯେବେ ପାରିଲ ଜାଣି।
**ଉତ୍ତର : ଶାଗୁଣା**

**–ରମାକାନ୍ତ ପୁରୋହିତ,**
ନିରାକାରପୁର, ଖୋର୍ଦ୍ଧା

# ସଙ୍ଗରୋଧ

ଜୁନ୍ ମାସ ୧୯୧୮ ବେଳର କଥା । କେତେକ ସୈନିକଙ୍କୁ ବୋହିଆଣି ଜାହାଜଟିଏ ଆସି ଲାଗିଲା ବମ୍ବେର ସମୁଦ୍ର କୂଳରେ । ସେଠୁ ସେମାନେ ସହସା ଜାହାଜରୁ ଓହ୍ଲାଇପଡିଲେ । ଦୁର୍ଯୋଗକୁ ଭୂତାଣୁଟିଏ ଘେନି ଆସିଥିଲେ ସାଙ୍ଗରେ । ଜାହାଜଟି ତିନିମାସ କାଳ ଦକ୍ଷିଣ ଭାରତ ସମୁଦ୍ର ତଟ ଅଞ୍ଚଳ ଦେଇ ଶେଷରେ ପହଞ୍ଚିଗଲା ଗୁଜରାଟରେ । ସେ ନିଜକୁ କ୍ୱାରାଣ୍ଟାଇନରେ ରଖିଥିଲେ । ଖୋଦ ଖିଆପିଆ ବନ୍ଦ କରିଦେଲେ । ଖାଲି ସେତିକି ନୁହେଁ, ଆରମ୍ଭରୁ ଲୋକଙ୍କ ସହିତ ମିଳାମିଶା ବି କରି ନ ଥିଲେ । ଖାଲି ତରଳ ଖିଆଦରବ ଓ ସଫାପାଣି ପିଇକରି ଏକାନ୍ତରେ ଦିନ ବିତେଇଲେ ଗାନ୍ଧିଜୀ । ଏଇମିତି ଭାବେ ସଙ୍ଗରୋଧର ନିୟମ କଡାକଡି ଭାବରେ ପାଳନ କରି ସିଏ ନିଜ ଜୀବନକୁ ବଞ୍ଚାଇ ଦେଇଥିଲେ ।




ସେ ସମୟରେ ବାପୁ ଅବସ୍ଥାନ କରୁଥିଲେ ସାବରମତୀ ଆଶ୍ରମରେ। ଭୂତାଣୁ ଆକ୍ରାନ୍ତ ସୈନିକମାନେ ଯେତେବେଳେ ତାଙ୍କୁ ଭେଟିବାକୁ ଗଲେ ସେତେବେଳକୁ ଗାନ୍ଧିଜୀ ଗୁରୁତର ରୋଗରେ ପୀଡିତ ଥିଲେ। ସେବେଳରେ ଏକମାତ୍ର ଭଗବାନଙ୍କ ଇଚ୍ଛା ହିଁ ସେଇ ଭୂତାଣୁ ସଂକ୍ରମିତ ଲୋକଙ୍କୁ ରକ୍ଷା କରିବ ବୋଲି ଧାରଣା ଲୋକଙ୍କ ମନରେ ସୃଷ୍ଟି ହୋଇଥିଲା । ଗାନ୍ଧିଜୀଙ୍କର ବି ସେଇ ଏକା ଧାରଣା ଥାଇପାରେ ବୋଲି ଲୋକେ ମନେ ମନେ ବିଚାରିଲେ।

ରୋଗୀଙ୍କ ଚିକିତ୍ସା ପାଇଁ ସେ କାଳରେ ଆଣ୍ଟିବାଓଟିକ ମଧ୍ୟ ମିଳୁ ନ ଥିଲା। ସାଧାରଣତଃ ବେମାରରେ ପଡିଥିବା ଲୋକେ ଉପଚାର ପାଇଁ ଅଫିମ ଓ ବଇଦଙ୍କ ଉପରେ ଭରସା ରଖୁଥିଲେ । ଗାନ୍ଧିଜୀଙ୍କ ଆଡୁ ରୋଗୀଙ୍କୁ ଉପବାସ ବ୍ରତ ପାଳନ କରି ରହିବାପାଇଁ କୁହାଗଲା । ସେମିତି ଜ୍ୱରରେ ପୀଡିତ ରୋଗୀଙ୍କୁ କିଛି ଖାଦ୍ୟ ଖାଇବାକୁ ମନ ବଳୁ ନ ଥିଲା । ସେ ପର୍ଯ୍ୟନ୍ତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନରେ ଏହା ଥିଲା ସବୁଠାରୁ ଲମ୍ବା ଦିନର ରୋଗ । ନିଜର ଦେହପା ପରୀକ୍ଷା ଚିକିତ୍ସା ପାଇଁ ଏଥିସହ ଆଶ୍ରମବାସୀଙ୍କୁ ମଧ୍ୟ ଭୂତାଣୁ ସଂକ୍ରମଣରୁ ରକ୍ଷା କରିପାରିଥିଲେ । ସେ କାଳରେ ଏମିତି ଏକ ସଙ୍କଟାପନ୍ନ ସମୟ ଥିଲା, ଯେତେବେଳେ ଏହି ଘାତକ ଭୂତାଣୁ ପ୍ରସିଦ୍ଧ ହିନ୍ଦୀ କବି ସୂର୍ଯ୍ୟକାନ୍ତ ତ୍ରିପାଠୀଙ୍କ ସ୍ତ୍ରୀ , ବଡଭାଉଜ, ବଡଭାଇ ଓ ଦାଦାଙ୍କ ସମେତ ଭାରତବର୍ଷରେ ପାଖାପାଖି ଦି' କୋଟି ଲୋକଙ୍କ ମୁଣ୍ଡ ନେଇସାରିଥିଲା । ଏଇ ସଂକ୍ରାମକ ଭୂତାଣୁ ପରେ 'ସ୍ପାନିସ ଫ୍ଲୁ' ନାମରେ ଜଣାପଡିଥିଲା । ଏହି ଭୂତାଣୁ ସଂକ୍ରମଣ ମହାମାରୀ ରୂପ ନେବାବେଳେ ୟାର ସମୁଚିତ ଚିକିତ୍ସା ପାଇଁ ଫିରିଙ୍ଗମାନେ କୌଣସି ବ୍ୟବସ୍ଥା କରି ନ ଥିଲେ। ଭୂତାଣୁ ଆକ୍ରାନ୍ତ ରୋଗୀଙ୍କୁ ଉତ୍ପୀଡନ କରିବା ଓ ସ୍ୱେଚ୍ଛାସେବୀଙ୍କୁ ଅପମାନ କରିବା କାରଣରୁ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିବା ପାଇଁ ଲୋକେ ଗାନ୍ଧିଜୀଙ୍କ ବଳିଷ୍ଠ ନେତୃତ୍ୱରେ ଏକଜୁଟ ହୋଇଗଲେ । ଏହିପରି ଭାବରେ ଏହି ଭୟଙ୍କର ମହାମାରୀ ସ୍ୱାଧୀନତା ସଂଗ୍ରାମରେ ଲୋକଙ୍କୁ ଏକଜୁଟ କରିବାରେ ବିଶେଷ ଭାବେ ସହାୟକ ହୋଇଥିଲା।

**–ନଗେନ୍ଦ୍ର ନାଥ ପଟ୍ଟନାୟକ**
*ପ୍ଲଟ ନଂ.– ୯୯୯/୩, ଜଗମୋହନ ନଗର, ଜାଗମରା, ଭୁବନେଶ୍ୱର*

## ତୁମ ତୂଳୀରୁ






ତ୍ରିନାଥ ନନ୍ଦୀ, ୮ମ, ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଜଳେଶ୍ୱର, ବାଲେଶ୍ୱର




ସୋମନାଥ ଚାଟାର୍ଜୀ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ମଧୁବନ, ପୁରୀ



ଭାସ୍ୱତୀ ବିଶୋଇ, ୪ର୍ଥ, କେନ୍ଦ୍ରୀୟ ବିଦ୍ୟାଳୟ-୩, ଭୁବନେଶ୍ୱର



## ଅଲିମ୍ପିକ୍ସ ଘୁଞ୍ଚିବା ପରେ ପ୍ରସ୍ତୁତି ପାଇଁ ସମୟ ମିଳିଛି: ଇର୍ଫାନ

**ମୁମ୍ବାଇ, ୧୦।୪ (ପି.ଟି.):** କୋଭିଡ୍-୧୯ ମହାମାରୀ କାରଣରୁ ୨୦୨୦ ଅଲିମ୍ପିକ୍‌କୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। ତେବେ ଏ ନେଇ ରେସ୍ ୱାକର କେ.ଟି. ଇର୍ଫାନଙ୍କ କୌଣସି ଅଭିଯୋଗ ନାହିଁ। ବରଂ ଏହା ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ୩୦ ବର୍ଷୀୟ ଇର୍ଫାନ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଗତବର୍ଷ ଅନୁଷ୍ଠିତ ଏସିଆନ ରେସ୍ ୱାକିଂ ଚାମ୍ପିୟନଶିପ୍‌ରେ ସେ ଚତୁର୍ଥ ସ୍ଥାନ ଅଧିକାର କରି ଟୋକିଓ ଅଲିମ୍ପିକ୍ସକୁ କ୍ୱାଲିଫାଏ କରିଥିଲେ। ଅଲିମ୍ପିକ୍ସ ଘୁଞ୍ଚିଯାଇଥିବାରୁ ଆମ ପାଇଁ ପର୍ଯ୍ୟାପ୍ତ ସମୟ ସୃଷ୍ଟି ହୋଇଛି। ଏହି ସମୟରେ ଆମେ ଅଧିକରୁ ଅଧିକ ଟ୍ରେନିଂ ନେବା ସହ ଅଭ୍ୟାସ କରିପାରିବୁ ଓ ଏହା ପଦକ ହାସଲ ପାଇଁ ସମ୍ଭାବନା ସୃଷ୍ଟି କରିଛି। ରେସ୍ ୱାକିଂ ଏକ ଟେକ୍‌ନିକାଲ ଇଭେଣ୍ଟ। ତେଣୁ ପ୍ରସ୍ତୁତିରେ ଅଧିକ ମନୋନିବେଶ କରିବାକୁ ସମୟ ପାଇବି। ଏହା ଦ୍ୱାରା ଆସନ୍ତାବର୍ଷ ଆମେ ଆହୁରି ଅଧିକ ଭଲ ପ୍ରଦର୍ଶନ କରିପାରିବୁ ବୋଲି ଏକ ସାକ୍ଷାତ୍‌କାର ଅବସରରେ ଇର୍ଫାନ କହିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ପଦକ ହାସଲ କରିବାର ମୋର ସବୁଠାରୁ ବଡ଼ ଲକ୍ଷ୍ୟ ରହିଛି। ଗତ ରିଓ ଅଲିମ୍ପିକ୍ସରେ ଆହତ ହୋଇଥିଲି। ଲଣ୍ଡନ ଅଲିମ୍ପିକ୍ସରେ କିନ୍ତୁ ପଦକ ଜିତିବାର ସମ୍ଭାବନା ସୃଷ୍ଟି କରିଥିଲି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଇର୍ଫାନ ୧ ଘଣ୍ଟା ୨୦ ମିନିଟ ଓ ୨୧ ସେକେଣ୍ଡ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିବା ସହ ୧୦ମ ସ୍ଥାନ ଅଧିକାର କରିଥିଲେ। ଯଦି ଆହୁରି ଅଧିକ ପରିଶ୍ରମ କରେ ତାହାଲେ ପଦକ ଜିତିବାର ସମ୍ଭାବନା ସୃଷ୍ଟି କରିବି। ପଦକ ଜିତିବା ପାଇଁ ସବୁମତେ ଚେଷ୍ଟା କରିବି ବୋଲି ସେ କହିଛନ୍ତି। କୋଭିଡ୍-୧୯ କାରଣରୁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଥିବା ବେଳେ ଅନ୍ୟ ଆଥ୍‌ଲେଟଙ୍କ ଭଳି ଇର୍ଫାନ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟର ହଷ୍ଟେଲରେ ରହୁଛନ୍ତି ଓ ବାହାରକୁ ବାହାରିବାର ଅନୁମତି ପାଇ ନାହାନ୍ତି। ଏବେ ଅନୁମତି ମିଳୁ ନ ଥିବାରୁ ଆମକୁ କ୍ୟାମ୍ପସ ବାହାରେ ଅଭ୍ୟାସ କରିବାକୁ ଅନୁମତି ଦିଆଯାଉ ନାହିଁ ବୋଲି କେରଳର ଏହି ଆଥ୍‌ଲେଟ କହିଛନ୍ତି। ଗ୍ରୁପ୍‌ରେ ନୁହଁ ଏକା ଏକା ଅଭ୍ୟାସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରୁମ୍‌ରେ ସ୍କିପିଂ କରୁଛୁ। ବେଳେବେଳେ ମଧ୍ୟ କ୍ୟାମ୍ପସ ବାହାରକୁ ଯାଉଛୁ ବୋଲି ସେ କହିଛନ୍ତି। ରେସ୍ ୱାକ ଏକ କ୍ରୀଡ଼ା ବୋଲି ମୋ ପରିବାର ଲୋକେ ଜାଣି ନ ଥିଲେ। ଆମ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହଁ। ଏବେ ଅବଶ୍ୟ ମୋ ପରିବାର ମୋତେ ସମର୍ଥନ କରୁଛନ୍ତି। ଆଦାନୀ ଗ୍ରୁପ୍ ମୋତେ ସମର୍ଥନ ଜଣାଇଛନ୍ତି ଓ ଏଥିପାଇଁ କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି। ମୋତେ ଏବେ ଆଦାନୀ ଗ୍ରୁପ୍ ସବୁ ପ୍ରକାର ସାହାଯ୍ୟ କରୁଛି। ତେବେ ପୂର୍ବରୁ ମୋତେ କେହି ସାହାଯ୍ୟ କରିବାକୁ ଆଗେଇ ଆସି ନ ଥିଲେ ବୋଲି ଇର୍ଫାନ କହିଛନ୍ତି।




# ଅନ୍‌ଲାଇନ୍‌ରେ ବ୍ଲିଜ୍ ଖେଳି ମନ ବୁଝାଉଛନ୍ତି ସାଇନା

**ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି):** କରୋନା ଭାଇରସ୍ ସଂକ୍ରମଣ ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଥିବାବେଳେ ଖେଳ ଆରମ୍ଭ କରିବାକୁ ନେଇ ଆଶଙ୍କାରେ ରହିଛନ୍ତି ଓଡ଼ିଶା କ୍ରୀଡ଼ାବିତ୍। ଏବେ ସମଗ୍ର ବିଶ୍ୱରେ ଖେଳ ବନ୍ଦ। ଏହି ପରିସ୍ଥିତିରେ ଖେଳକୁ ଜୀବନ କରିଥିବା କ୍ରୀଡ଼ାବିତ୍‌ଙ୍କ କଥା କହିଲେ ନ ସରେ। କେବେ ଖେଳ ଆରମ୍ଭ ହେବ ତାହାକୁ ନେଇ ସେମାନେ ସନ୍ଦିହାନ। ସିନିୟର ଖେଳାଳିଙ୍କ ଅଲିମ୍ପିକ୍ସ ସ୍ୱପ୍ନ ଏକବର୍ଷ ପାଇଁ ଘୁଞ୍ଚିଯାଇଛି। ଅନ୍ୟପକ୍ଷରେ ପାଠ ପଢ଼ା ସହିତ ଖେଳ ଜାରିରଖି କିଛି ହାସଲ କରିବାକୁ ଯୋଜନା କରିଥିବା ଯୁବ ଖେଳାଳିମାନେ ଏବେ ହାତବାନ୍ଧି ଘରେ ରହିବାକୁ ବାଧ୍ୟ। ସାରା ଦେଶ ଲକ୍‌ଡାଉନ୍ ଥିବାରୁ ସେମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛନ୍ତି ରାଜ୍ୟର ପ୍ରତିଭା ସମ୍ପନ୍ନ ଚେସ୍ ଖେଳାଳି ସାଇନା ସାଲୋନିକା। ସମ୍ପ୍ରତି କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଦ୍ୱାଦଶ ଷ୍ଟାଣ୍ଡାର୍ଡରେ ପହଞ୍ଚିଥିବାରୁ ସେ ବର୍ଷ ପ୍ରାରମ୍ଭରେ କିଛି ଟୁର୍ନାମେଣ୍ଟ ଖେଳି ପରେ ପଢ଼ାରେ ମନୋନିବେଶ କରିବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ଠିକ୍ ସମୟରେ ଖେଳ ବନ୍ଦ। ଛୋଟ ବେଳରୁ ଖେଳରେ ଲିପ୍ତ ଥିବାରୁ ମନକୁ ବୁଝାଇ ହେଉନି। ତେଣୁ ଅନ୍‌ଲାଇନ୍‌ରେ ବ୍ଲିଜ୍ ଟୁର୍ନାମେଣ୍ଟ ଖେଳି ମନକୁ ବୁଝାଉଛନ୍ତି ଓଡ଼ିଶାର ଭବିଷ୍ୟତ କୁହାଯାଉଥିବା ଏହି ଚେସ୍ ପ୍ରତିଭା। ଦ୍ୱାଦଶ ଷ୍ଟାଣ୍ଡାର୍ଡ ପଢ଼ା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏପ୍ରିଲରୁ ଜୁନ୍-ଜୁଲାଇ ପର୍ଯ୍ୟନ୍ତ ବିଶ୍ୱର ବିଭିନ୍ନ ସ୍ଥାନରେ ହେଉଥିବା ଟୁର୍ନାମେଣ୍ଟ ଖେଳିବା ଲକ୍ଷ୍ୟରେ ରହିଥିଲେ ବବିତା ଓ ଗଣେଶ୍ୱର ଜେନାଙ୍କ ଦ୍ୱିତୀୟ କନ୍ୟା ସାଇନା। ଜୁଲାଇରୁ ବର୍ଷ ଶେଷ ପର୍ଯ୍ୟନ୍ତ ସେ ପଢ଼ାପ୍ରତି ସିରିୟସ ହେବାକୁ ଯୋଜନା କରିଥିଲେ। ମାତ୍ର କରୋନା ଭାଇରସ ସଂକ୍ରମଣ ଜନିତ ସ୍ଥିତି ତାଙ୍କର ସବୁ ଯୋଜନାକୁ ବିଗାଡ଼ି ଦେଇଛି। ଖେଳିବା ସମୟରେ ହିଁ ତାଙ୍କୁ ଘରେ ବସିବାକୁ ପଡୁଛି । କୋଚିଂ ମଧ୍ୟ ବନ୍ଦ। ବାପା ଗଣେଶ୍ୱରଙ୍କ କହିବା ଅନୁସାରେ "ସାଇନା ଏବେ ୟୁରୋପିଆନ ଦେଶକୁ ଯାଇ ବିଭିନ୍ନ ଟୁର୍ନାମେଣ୍ଟରେ ଭାଗ ନେବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହା ବ୍ୟତୀତ ଭାରତରେ ଗୋଆ ଇଣ୍ଟରନ୍ୟାଶନାଲ, ମୁମ୍ବାଇ ଇଣ୍ଟରନ୍ୟାଶନାଲ, ଭୁବନେଶ୍ୱରରେ କିଟ୍ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଭାଗ ନେଇଥାନ୍ତେ । ମାତ୍ର ଏହା ସବୁ ବନ୍ଦ ହୋଇଯିବାରୁ ଚିନ୍ତା ସ୍ୱାଭାବିକଭାବେ ବଢ଼ି ଯାଇଛି। ଅଗଷ୍ଟରେ ଆବୁଧାବିରେ ହେଉଥିବା ଟୁର୍ନାମେଣ୍ଟରେ ଭାଗ ନେଇଥାନ୍ତା କି ନାହିଁ ତାହା ପାଠପଢ଼ାର ଅଗ୍ରଗତି ଉପରେ ନିର୍ଭର କରିଥାନ୍ତା। ମାତ୍ର ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ସବୁ ଟୁର୍ନାମେଣ୍ଟ ସ୍ୱାଭାବିକଭାବେ ବନ୍ଦ ହୋଇଥିବାରୁ ନିଜେ ଅଭ୍ୟାସ କରୁଛନ୍ତି"। ଚେସ୍ ଡଟ୍ କମ୍ ଏବଂ ଅନ୍ୟ କିଛି ସଫ୍ଟଓୟାର ଜରିଆରେ ମଝିରେ ମଝିରେ ବ୍ଲିଜ୍ ଟୁର୍ନାମେଣ୍ଟ ହେଉଛି। ସେଥିରେ ନାଁ ପଞ୍ଜୀକରଣ କରି ସେ ଭାଗ ନେଉଛନ୍ତି। ନିକଟରେ ହୋଇଥିବା ଏକ ଟୁର୍ନାମେଣ୍ଟରେ ବିଶ୍ୱର ବହୁତ ନାମୀ ଗ୍ରାଣ୍ଡମାଷ୍ଟର(ଜିଏମ୍), ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ଓ ଅନ୍ୟ ଟାଇଟଲଧାରୀମାନେ ଖେଳୁଥିଲେ । ସେଥିରେ ଭାଗନେଇ ସାଇନା ଶ୍ରେଷ୍ଠ ମହିଳା କାଟେଗୋରିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନର ସ୍ଥିତି ଏବଂ ନୀତି ନିୟମକୁ ନେଇ ପିଲା ସ୍ୱାଭାବିକଭାବେ ଚିନ୍ତିତ ଏବଂ ଆଶଙ୍କା ମଧ୍ୟରେ ରହୁଛନ୍ତି ବୋଲି ଗଣେଶ୍ୱର ପ୍ରକାଶ କରିଛନ୍ତି। ଚେସ୍ ସହିତ ମଡେଲିଂ ଓ ଆଙ୍କରିଂରେ ରୁଚି ରଖୁଥିବା ସାଇନା ଅନ୍‌ଲାଇନ୍‌ରେ ପାଠ ପଢୁଥିବାବେଳେ ବ୍ଲିଜ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଗତବର୍ଷ ସେ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ)ର ୨ଟି ନର୍ମ ହାସଲ କରିଥିଲେ। ଆବଶ୍ୟକ ରେଟିଂ ପଏଣ୍ଟ ହୋଇ ସାରିଥିବାରୁ କେବଳ ଆଉ ଗୋଟିଏ ନର୍ମ ହାସଲ କଲେ ସେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିବେ। ଚଳିତ ବର୍ଷ ପ୍ରାରମ୍ଭରେ ସେ ଟୁର୍ନାମେଣ୍ଟ ଖେଳି ଏହି ନର୍ମ ହାସଲ କରିବେ ବୋଲି ଚିନ୍ତା କରିଥିଲେ। ମାତ୍ର ତାହା ସ୍ୱାଭାବିକଭାବେ ବିଳମ୍ବିତ ହୋଇଛି। ସ୍ଥିତି ସ୍ୱାଭାବିକ ହେବାପରେ ଯାଇ ଯାହାକିଛି ଯୋଜନା କରିହେବ ବୋଲି ଗଣେଶ୍ୱର ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ବୟସ ବର୍ଗରେ ଅନେକ ପଦକ ଓ ଟାଇଟଲ ହାସଲ କରି ସାରିଥିବା ସାଇନା ଗତବର୍ଷ ୧୭ରୁ ୨୫ ପର୍ଯ୍ୟନ୍ତ ଆୟୋଜିତ ଗୋଆ ଅନ୍ତଜାତୀୟ ଚେସ୍ ଫେଷ୍ଟିଭାଲରେ ପ୍ରଥମ ଡବ୍ଲ୍ୟୁଆଇଏମ ନର୍ମ ହାସଲ କରିଥିଲେ। ୨୦୧୯ ଡିସେମ୍ବର ୪ରୁ ୧୦ ପର୍ଯ୍ୟନ୍ତ ସର୍ବିଆର ପାରାସିନରେ ଆୟୋଜିତ ଓର୍ବସ-୩ ଆଇଏମ୍ ରାଉଣ୍ଡ ରବିନ ଚେସ ଟୁର୍ନାମେଣ୍ଟରେ ସେ ଦ୍ୱିତୀୟ ନର୍ମ ହାସଲ କରିଥିଲେ । ଚଳିତ ବର୍ଷ ଏପ୍ରିଲ ୫ରେ ଅନ୍‌ଲାଇନ୍ ବ୍ଲିଜ୍ ଟୁର୍ନାମେଣ୍ଟରେ ଭାଗନେଇ ସେ ଦ୍ୱିତୀୟ ଶ୍ରେଷ୍ଠ ମହିଳା ପୁରସ୍କାର ଜିତିଥିଲେ । ଚେସ୍ ସମ୍ପର୍କିତ ପ୍ରଶ୍ନକୁ ନେଇ ସେ ୨୦୨୦ ଏପ୍ରିଲ ୮ରେ ଅନୁଷ୍ଠିତ ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତାରେ ସେ ଅନ୍ୟତମ ବିଜେତା ଘୋଷିତ ହୋଇଥିଲେ । ୨୦୧୬ ସେପ୍ଟେମ୍ବର ୫ରେ ସେ ମହିଳା ଫିଡେ ମାଷ୍ଟର ଟାଇଟଲ ହାସଲ କରିଥିଲେ।



### କରୋନା ଯୋଗୁ ବିଳମ୍ବିତ ହୋଇଛି ଡବ୍ଲ୍ୟୁଆଇଏମ୍ ଟାଇଟଲ

## ହଙ୍ଗେରୀରେ ଅଟକିଛନ୍ତି ଚେସ୍ ଖେଳାଳି ଲିଓନ୍

**ଚେନ୍ନାଇ, ୧୦।୪ (ପି.ଟି.):** କରୋନା ଭାଇରସ୍ ଯୋଗୁ ଯାତାୟାତ କଟକଣା ପାଇଁ ହଙ୍ଗେରୀରେ ବାଧ୍ୟତାମୂଳକ ଅଟକି ଯାଇଛନ୍ତି ଜଣେ ଭାରତୀୟ ଚେସ୍ ଖେଳାଳି। ସେ ହେଉଛନ୍ତି ୧୪ ବର୍ଷୀୟ ଲିଓନ ମେନ୍‌ଡୋନ୍‌କା। ବୁଦାପେଷ୍ଟସ୍ଥିତ ଏକ ଆପାର୍ଟମେଣ୍ଟରେ ସେ ତାଙ୍କ ବାପାଙ୍କ ସହ ରହୁଛନ୍ତି। ବହି ପଢ଼ା ଓ ଚେସ୍ ଖେଳି ସେ ସମୟ ବିତାଉଛନ୍ତି। ଏହି ଇଣ୍ଟରନ୍ୟାଶନାଲ ମାଷ୍ଟରଙ୍କ ଏଲୋ ରେଟିଂ ୨୪୫୨ ରହିଛି। ଏକ ପ୍ରତିଯୋଗିତାରେ ଭାଗନେବା ଲାଗି ସେ ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟ ଯାଇଥିଲେ। ପ୍ରତିଯୋଗିତା ମାର୍ଚ୍ଚ ୧୭ରେ ଶେଷ ହୋଇଥିଲା। ମାତ୍ର କୋଭିଡ୍-୧୯ ପାଇଁ ଭାରତ ୟୁରୋପରୁ ଆସୁଥିବା ଯାତ୍ରୀବାହୀ ବିମାନ ଉପରେ କଟକଣା ଜାରି କରିବାରୁ । ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସମ୍ଭବ ହେଉ ନାହିଁ। ଭାରତରେ କେବେ ଲକ୍‌ଡାଉନ୍ ଉଠିବ ତାହାକୁ ମୁଁ ଅପେକ୍ଷା କରି ରହିଛି ବୋଲି ଲିଓନ କହିଛନ୍ତି।



## ନେଟ୍‌ୱର୍କ ପାଇଁ ଗଛ ଚଢ଼ିଲେ ଅମ୍ପାୟର

**ନୂଆଦିଲ୍ଲୀ, ୧୦।୪ (ପି.ଟି.):** ମୋବାଇଲ୍ ନେଟ୍‌ୱର୍କ ପାଇବା ପାଇଁ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅମ୍ପାୟର ଅନିଲ ଚୌଧୁରୀଙ୍କୁ ଗଛରେ ଚଢ଼ିବାକୁ ପଡ଼ିଛି। ଉତ୍ତର ପ୍ରଦେଶ ରାଜ୍ୟର ବାସିନ୍ଦା ଚୌଧୁରୀ ଇତିମଧ୍ୟରେ ୨୦ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ୨୭ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ପରିଚାଳନା କରିସାରିଲେଣି। କରୋନା ଭାଇରସ ପାଇଁ ବାତିଲ ହୋଇଥିବା ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜରେ ସେ ଅମ୍ପାୟରିଂ କରିଥାନ୍ତେ। ୫୫ ବର୍ଷୀୟ ଚୌଧୁରୀ ବହୁଦିନ ବ୍ୟବଧାନରେ ତାଙ୍କ ଦୁଇ ପୁଅଙ୍କୁ ନେଇ ଗତ ମାର୍ଚ୍ଚ ୧୬ରେ ତାଙ୍କ ଜନ୍ମସ୍ଥାନ ଉତ୍ତରପ୍ରଦେଶ ରାଜ୍ୟ ଶାମ୍‌ଲୀ ଜିଲା ଅନ୍ତର୍ଗତ ଡାଙ୍ଗ୍ରୋଲ ଗ୍ରାମକୁ ଯାଇଥିଲେ। ନିଜ ଗ୍ରାମରେ ସେ ଏକ ସପ୍ତାହ ଧରି ରହିବା ଯୋଜନା କରିଥିଲେ। ମାତ୍ର ଲକ୍‌ଡାଉନ୍ ଘୋଷଣା ହେବାଦ୍ୱାରା ସେ ଅଟକିଯାଇଛନ୍ତି। ତାଙ୍କ ମା ଓ ସ୍ତ୍ରୀ ବର୍ତ୍ତମାନ ଦିଲ୍ଲୀରେ ଅଛନ୍ତି। ଗାଁରେ ବଡ଼ ସମସ୍ୟା ହେଲା ନେଟ୍‌ୱର୍କ। ମୁଁ କାହାରି ସହିତ ଚାହିଁଲେ ତୁରନ୍ତ କଥା ହୋଇ ପାରୁନାହିଁ। ଗ୍ରାମ ବାହାରକୁ ଯାଇ ଏକ ଗଛ ଉପରେ ଚଢ଼ି ଫୋନ୍ କରିବାକୁ ହେଉଛି ଅବା ଛାତ ଉପରକୁ ଯିବାକୁ ପଡୁଛି। ଛାତ ଉପରେ ସବୁବେଳେ ନେଟ୍‌ୱର୍କ ସୁବିଧା ଉପଲବ୍ଧ ହୁଏନି। ଚୌଧୁରୀ କହିଛନ୍ତି, ଅମ୍ପାୟରମାନଙ୍କ ଲାଗି ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ତରଫରୁ ଅନ୍‌ଲାଇନ୍ ପ୍ରୋଗ୍ରାମ ଚାଲିଛି। ଏଥିରେ ସାମିଲ ହେବାକୁ ହେଲେ ଇଣ୍ଟରନେଟ ଅପରିହାର୍ଯ୍ୟ।



## ୫ହଜାର ଲୋକଙ୍କୁ ଖୁଆଇବେ ତେନ୍ଦୁଲକର

**ମୁମ୍ବାଇ, ୧୦।୪ (ପି.ଟି.):** କୋଭିଡ୍-୧୯ ବିରୋଧରେ ଚାଲିଥିବା ଲଢେଇ ପାଇଁ ପୁଣି ସହାୟତାର ହାତ ବଢ଼ାଇଛନ୍ତି କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର। ପୂର୍ବରୁ ସେ ରିଲିଫ ପାଣ୍ଠିକୁ ୫୦ ଲକ୍ଷ ଟଙ୍କା ଦାନ ଦେଇ ସାରିଛନ୍ତି। ଏବେ ସେ ୫,୦୦୦ ଲୋକଙ୍କୁ ଏକ ମାସ ପାଇଁ ଖାଇବାକୁ ଦେବାଲାଗି ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ଅର୍ପଣାଳୟ ନାମକ ଏକ ଅଣଲାଭକାରୀ ସଂସ୍ଥା ଉଚ୍ଚ ପ୍ରଶଂସା କରିଛି।



## ସନ୍‌ରାଇଜ୍ କ୍ଲବର ସହାୟତା

**କଟକ ଅଫିସ,୧୦।୪:** ସହରର ପ୍ରମୁଖ କ୍ରୀଡ଼ା କ୍ଲବ ସନ୍‌ରାଇଜ ମଧ୍ୟ କରୋନା ମୁକାବିଲା ନିମନ୍ତେ ସହାୟତାର ହାତ ବଢ଼ାଇଛି। କ୍ଲବ ପକ୍ଷରୁ ୨୫ହଜାର ଟଙ୍କାର ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି । କ୍ଲବ ସମ୍ପାଦକ ତଡ଼ିତ କୁମାର ରାଉତ ଓ ସଭାପତି ଦେବେନ୍ଦ୍ରନାଥ ସାହୁ ଏହି ଅର୍ଥ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଜରିଆରେ ପ୍ରଦାନ କରିଥିଲେ।

### ହକି ପ୍ରୋ ଲିଗ୍ ଉପରେ କରୋନା ପ୍ରଭାବ

## ଭୁବନେଶ୍ୱର ଆସିବନି ନ୍ୟୁଜିଲାଣ୍ଡ

**ଭୁବନେଶ୍ୱର, ୧୦।୪(କ୍ରୀଡ଼ା ପ୍ରତିନିଧି):** ଏଫଆଇଏଚ୍ ହକି ପ୍ରୋ ଲିଗ୍-୨୦୨୦ କରୋନା ଭାଇରସ ସଂକ୍ରମଣ ପାଇଁ ଗୁରୁତର ପ୍ରଭାବିତ ହୋଇଛି। ମୋଟ ୨୪ଟି ମ୍ୟାଚ ସ୍ଥଗିତ ରହିଥିବାବେଳେ ଆଗକୁ ଏହି ସଂଖ୍ୟା ବଢ଼ିବା ନିଶ୍ଚିତ ହୋଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ମେ ୨୩ ଓ ୨୪ ତାରିଖରେ ହେବାକୁଥିବା ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ମଧ୍ୟ ସ୍ଥଗିତ ରହିବ ବୋଲି ସ୍ପଷ୍ଟ ହୋଇଛି । ନ୍ୟୁଜିଲାଣ୍ଡ ଦଳ ଭାରତ ଆସିବା ସମ୍ଭବ ନୁହେଁ ବୋଲି ହକି ନ୍ୟୁଜିଲାଣ୍ଡ ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। "ନ୍ୟୁଜିଲାଣ୍ଡ ସରକାର ଏବେ ଭ୍ରମଣ ଉପରେ କଟକଣା ଲଗାଇଛନ୍ତି । ଲକ୍‌ଡାଉନ୍ ବ୍ୟବସ୍ଥା ମଧ୍ୟରେ ଥିବାରୁ ଖେଳାଳିଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଟିମ୍ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହକି ନ୍ୟୁଜିଲାଣ୍ଡ ଆମର ଭାରତ ଗସ୍ତକୁ ବାତିଲ କରିଛି। ବର୍ତ୍ତମାନ ପରିସ୍ଥିତିରେ ନ୍ୟୁଜିଲାଣ୍ଡ ପୁରୁଷ ଦଳ ଭାରତ ଏବଂ ମହିଳା ଦଳ ଚାଇନା ଯିବା ସମ୍ଭବ ନୁହେଁ" ବୋଲି ହକି ନ୍ୟୁଜିଲାଣ୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଇଆନ ଫ୍ରାନ୍ସିସ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ଖେଳିଥିବା ୬ ମ୍ୟାଚରୁ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ, ୨ ପରାଜୟ ସହ ୧୦ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ବ୍ଲାକ୍‌ଷ୍ଟିକ୍ସ ନ୍ୟୁଜିଲାଣ୍ଡ ଦଳ ୮ ମ୍ୟାଚ ଖେଳି ସାରିଥିବାବେଳେ ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୫ ପରାଜୟ ସହିତ ୮ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି । ବିଶ୍ୱ ଚାମ୍ପିୟନ ବେଲଜିୟମ ୬ ମ୍ୟାଚରୁ ୪ ବିଜୟ, ୧ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହିତ ୧୪ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଓ ନେଦରଲାଣ୍ଡ୍ସ ତୃତୀୟ ସ୍ଥାନରେ ରହିଛି। କଷ୍ଟସାଧ୍ୟ ସମୟରେ ହକି ନ୍ୟୁଜିଲାଣ୍ଡ ନିଷ୍ପତ୍ତିକୁ ଗ୍ରହଣ କରିବା ଏବଂ ସମର୍ଥନ କରିବାକୁ ପଡ଼ିବ ବୋଲି ହକି ଇଣ୍ଡିଆ ମୁଖ୍ୟ କାଯର୍ୟନିର୍ବାହୀ ଏଲିନା ନର୍ମାନ ପ୍ରକାଶ କରିଛନ୍ତି। "ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ବାତିଲ ହେବା ନୈରାଶ୍ୟଜନକ। ତେବେ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟ ଉପାୟ ମଧ୍ୟ ନାହିଁ। ତେଣୁ ଆମେ ହକି ନ୍ୟୁଜିଲାଣ୍ଡ ନିଷ୍ପତ୍ତିକୁ ଗ୍ରହଣ କରୁଛୁ। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାଠାରୁ ବଡ଼ କିଛି ନାହିଁ। ସ୍ଥିତି ସ୍ୱାଭାବିକ ହେଲେ ଏହି ମ୍ୟାଚକୁ ପୁଣି ଆୟୋଜନ କରାଯାଇ ପାରିବ ବୋଲି ଆଶା ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ପାଇଁ ଅନ୍‌ଲାଇନ୍ କିମ୍ବା ଅଫ୍ ଲାଇନ୍ ଟିକେଟ କରିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ କରାଯିବ" ବୋଲି ନର୍ମାନ କହିଛନ୍ତି।

## ଖେଳାଳିଙ୍କୁ ପାଉଣା ଦେଲା ବିସିସିଆଇ

**ନୂଆଦିଲ୍ଲୀ, ୧୦।୪ (ପି.ଟି.):** କୋଭିଡ୍-୧୯ ମହାମାରୀର ଆତଙ୍କ ଜାରି ରହିଥିବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କିନ୍ତୁ ଦାୟିତ୍ୱରେ ହେଳା କରିନାହିଁ। କେନ୍ଦ୍ରୀୟ ଚୁକ୍ତିଭୁକ୍ତ ସବୁ ଖେଳାଳିଙ୍କୁ ବିସିସିଆଇ କ୍ୱାର୍ଟର୍ଲି ବା ତ୍ରୟମାସିକ ପାଉଣା ପ୍ରଦାନ କରିଛି। କେବଳ ସେତିକି ନୁହଁ, କଷ୍ଟକର ସମୟରେ କୌଣସି ଖେଳାଳିଙ୍କୁ ଅଣଦେଖା କରିହେବ ନାହିଁ ବୋଲି ବୋର୍ଡ ତରଫରୁ ସ୍ପଷ୍ଟ କରାଯାଇଛି। କରୋନା ଭାଇରସ କାରଣରୁ ସାରା ବିଶ୍ୱର ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡ ଖେଳାଳିମାନଙ୍କ ପାଉଣା କାଟିବା ନେଇ ସୂଚନା ଦେଇଥିବା ବେଳେ ବିସିସିଆଇ କିନ୍ତୁ ଖେଳାଳିମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ପାଉଣା ପ୍ରଦାନ କରିଛି। ମାର୍ଚ୍ଚ ୨୪ ତାରିଖରୁ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଛି। ତଥାପି ସବୁ ପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ଆମେ ପ୍ରସ୍ତୁତ ଅଛୁ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ସମୟରେ ଯେଉଁ ଖେଳାଳିମାନେ ଭାରତ ପାଇଁ ଓ ଭାରତ ଏ ପାଇଁ ଖେଳିଛନ୍ତି ସେମାନଙ୍କ ପାଉଣା ମଧ୍ୟ ପ୍ରଦାନ କରାଯାଇଛି। ଆର୍ଥିକବର୍ଷ ଶେଷରେ ସମସ୍ତଙ୍କୁ ପାଉଣା ପ୍ରଦାନ କରାଯାଇଛି ବୋଲି ଅଧିକାରୀ ଜଣକ କହିଛନ୍ତି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ କ୍ରିକେଟରମାନେ ସେମାନଙ୍କ ପାଉଣା କଟାଯିବା ନେଇ ସୂଚନା ପାଇଛନ୍ତି ବୋଲି କହିଛନ୍ତି। ଅଷ୍ଟ୍ରେଲିଆରେ କେନ୍ଦ୍ରୀୟ ଚୁକ୍ତି ନେଇ ଘୋଷଣାକୁ ସ୍ଥଗିତ ରଖାଯାଇଛି। ସେହିପରି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ତାଙ୍କ ୟର୍କସାୟର ଦଳୀୟ ସାଥୀମାନଙ୍କ ସହ କିଛି ଦିନର ଛୁଟି ପାଇଁ ଆବେଦନ କରିଛନ୍ତି। ଅନ୍ୟ ଦେଶର ବୋର୍ଡମାନେ ଏହି ପରିସ୍ଥିତିରେ ସଂଘର୍ଷ କରୁଥିବା ବେଳେ ବିସିସିଆଇ ତା'ର ଆର୍ଥିକ ସ୍ଥିରତା ପାଇଁ ନିଜ ଖେଳାଳିଙ୍କ କଷ୍ଟକର ପରିସ୍ଥିତିରେ ମଧ୍ୟ ସାହାଯ୍ୟ କରିବାର କ୍ଷମତା ରଖୁଛି ବୋଲି ବୋର୍ଡର ଜଣେ ଅଧିକାରୀ କହିଛନ୍ତି। ସବୁଆଡେ ଏବେ ପାଉଣା କାଟିବା ନେଇ ଆଲୋଚନା ଚାଲିଥିବା ବେଳେ ବିସିସିଆଇ କିନ୍ତୁ ନିଜ ଖେଳାଳିଙ୍କୁ ଉଚିତ ପ୍ରାପ୍ୟ ଦେବାକୁ ସକ୍ଷମ। ଅନ୍ତର୍ଜାତୀୟ ଖେଳାଳିଙ୍କ ସମେତ ଘରୋଇ ଖେଳାଳି ମଧ୍ୟ ଯେପରି ସମସ୍ୟାରେ ନ ପଡିବେ ସେ ନେଇ ଧ୍ୟାନ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କରୋନା ଭାଇରସ ସଂକ୍ରମଣ କାରଣରୁ ଆର୍ଥିକ କ୍ଷତି ହୋଇଛି। ଏହାର ଭରଣା ପାଇଁ ଚଳିତବର୍ଷ ଶେଷ ଆଡକୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଆୟୋଜନ ହେବା ଜରୁରୀ ହୋଇପଡିଛି ବୋଲି ସେ ସ୍ୱୀକାର କରିଛନ୍ତି। ଏସିଆ କପ୍ ଓ ଇଂଲଣ୍ଡ ବିପକ୍ଷ ସିରିଜ ଅକ୍ଟୋବରରେ ଓ ଆଗକୁ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ଆଇପିଏଲ କେବେ ଆୟୋଜନ ହେବ ସେ ନେଇ କହିବା କଷ୍ଟକର ବୋଲି ସେ କହିଛନ୍ତି। ପରିସ୍ଥିତି କେବେ ସ୍ୱାଭାବିକ ହେବ ସେ ନେଇ କହିହେବ ନାହିଁ। ତେଣୁ ଆଇପିଏଲର କାର୍ଯ୍ୟସୂଚୀ ନେଇ କହିବା ମଧ୍ୟ ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଣି ଘରୋଇ କାର୍ଯ୍ୟସୂଚୀ ନେଇ ମଧ୍ୟ ବୋର୍ଡ ଚିନ୍ତିତ ଅଛି। କାରଣ ନିୟମ ଅନୁସାରେ ଘରୋଇ କ୍ରିକେଟ ଓ ଆଇପିଏଲ ଏକା ସମୟରେ ଆୟୋଜିତ ହେବ ନାହିଁ। ଯଦି ଆଇପିଏଲ ଅକ୍ଟୋବର ଓ ନଭେମ୍ବରରେ ଆୟୋଜନ ହୁଏ, ତେବେ ଘରୋଇ କ୍ରିକେଟର କାର୍ଯ୍ୟସୂଚୀରେ ପରିବର୍ତ୍ତନ ହେବା ନିଶ୍ଚିତ। ବିସିସିଆଇର ଘରୋଇ କ୍ରିକେଟ ସାଧାରଣତଃ ଅଗଷ୍ଟରେ ଆରମ୍ଭ ହୋଇଥାଏ। ତେବେ ଆଇପିଏଲ୍ କାର୍ଯ୍ୟସୂଚୀ ଉପରେ ସବୁ କିଛି ନିର୍ଭର କରୁଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି।

### କଷ୍ଟକର ସମୟରେ କାହାକୁ ଅଣଦେଖା କରାଯିବନି

# ସଚିନ, କୋହଲିଙ୍କୁ କ୍ଲାର୍କଙ୍କ ପ୍ରଶଂସା

**ମେଲବୋର୍ନ,୧୦।୪ (ପି.ଟି.):** ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ମାଇକେଲ କ୍ଲାର୍କ। ସେହିପରି ଭାରତୀୟ ଅଧିନାୟକ ବିରାଟ କୋହଲି ମଧ୍ୟ ସଚିନ୍‌ଙ୍କ ଭଳି ଜଣେ ମହାନ୍ ବ୍ୟାଟ୍ସମ୍ୟାନ ବୋଲି କ୍ଲାର୍କ କହିଛନ୍ତି। ଏହି ଦୁଇ ଖେଳାଳିଙ୍କ ଟେକ୍‌ନିକ୍ ଅସାଧାରଣ। ତେଣୁ ଏହି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ବେଶ୍ କଷ୍ଟକର ବୋଲି ସେ ସ୍ୱୀକାର କରିଛନ୍ତି। ତେନ୍ଦୁଲକରଙ୍କ ଭଳି ଜଣେ ସୟଂସମ୍ପନ୍ନ ବ୍ୟାଟ୍ସମ୍ୟାନ ବିଶ୍ୱରେ ବିରଳ। ମୋ ସମୟରେ ସେ ନିର୍ବିବାଦରେ ଶ୍ରେଷ୍ଠ ବୋଲି କ୍ଲାର୍କ କହିଛନ୍ତି।

ବୈଷୟିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ତେନ୍ଦୁଲକରଙ୍କ କୌଣସି ତ୍ରୁଟି ଥିବା ପରି ମନେହୁଏ ନାହିଁ ବୋଲି 'ବିଗ୍ ସ୍ପୋର୍ଟ୍ସ ବ୍ରେକ୍‌ଫାଷ୍ଟ' ନାମକ ଏକ ରେଡିଓ ଶୋ'କୁ ସାକ୍ଷାତ୍‌କାର ଦେଇ କ୍ଲାର୍କ ଏହି କଥା କହିଛନ୍ତି। ତେବେ ବର୍ତ୍ତମାନ ପିଢିକୁ ବିଚାର କଲେ କୋହଲି ସବୁ ଫର୍ମାଟରେ ଶ୍ରେଷ୍ଠ ବୋଲି ସେ କହିଛନ୍ତି। ଦିନିକିଆ ଓ ଟି୨୦ ଫର୍ମାଟରେ କୋହଲି ହାସଲ କରିଥିବା ରେକର୍ଡ ଦୃଷ୍ଟାନ୍ତମୂଳକ। ଟେଷ୍ଟ କ୍ରିକେଟରେ ମଧ୍ୟ ସେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ବଡ଼ ବଡ଼ ଶତକ ହାସଲ କରିବାରେ କୋହଲି ଓ ସଚିନଙ୍କ ମଧ୍ୟରେ ସାମଞ୍ଜସ୍ୟ ରହିଛି। ବିଶ୍ୱର ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ତେନ୍ଦୁଲକର ୨୦୦ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି ଓ ମୋଟ ଉପରେ ୧୦୦ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ଟେଷ୍ଟରେ ସେ ୫୧ଟି ଶତକ ଓ ଦିନିକିଆରେ ୪୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଟେଷ୍ଟରେ ସେ ସର୍ବାଧିକ ମୋଟ ୧୫,୯୨୧ ଓ ଦିନିକିଆରେ ସେ ୪୬୩ଟି ମ୍ୟାଚ୍ ଖେଳି ସର୍ବାଧିକ ୧୮, ୪୨୬ ରନ ସଂଗ୍ରହ କରିଛନ୍ତି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ